# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୩୦/୨୦୧୯ (୧୬ ପୃଷ୍ଠା) Sambalpur, Monday, September 30 / 2019 ★★

୧୫ଶ ଭାଗ ୨୮୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ପ୍ରମୋଦଙ୍କୁ ୨ ସ୍ୱର୍ଣ୍ଣ ପଦକ**

ଚାଇନାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ୧୫

୦୨ **ଅଭିନୟ କଲେ ସୁହାନା ଖାନ୍**

ଶାହରୁଖ୍ ଖାନ୍‌ଙ୍କ ଝିଅ ସୁହାନା ଅଭିନୟ ଜଗତରେ ପାଦ ଥାପିଛନ୍ତି। ତାଙ୍କ ପ୍ରଥମ ଫିଲ୍ମ 'ଦି ଗ୍ରେ ପାର୍ଟ ଅଫ୍ ବ୍ଲୁ'ର ଟିଜର୍ ରବିବାର ରିଲିଜ୍ ହୋଇଛି।



# ବିହାରରେ ପ୍ରବଳ ବର୍ଷା: ୨୫ ମୃତ

- ପାଟନା ସମେତ ବିଭିନ୍ନ ଅଞ୍ଚଳରେ ବନ୍ୟା
- ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍, ଯବାନ ମୁତୟନ
- ୧୨ ଟ୍ରେନ୍ ବାତିଲ, ସ୍କୁଲ ବନ୍ଦ



ପାଟନା ସହରତଳି ଅଞ୍ଚଳରୁ ଏନ୍‌ଡିଆରଏଫ୍ ଟିମ୍ ଲୋକଙ୍କୁ ଉଦ୍ଧାର କରୁଛନ୍ତି।

ପାଟନା,୨୯।୯

ବିହାରରେ କ୍ରମାଗତ ୩ ଦିନ ଲଗାଣ ବର୍ଷା ଫଳରେ ରାଜଧାନୀ ପାଟନା ସମେତ ବିଭିନ୍ନ ଜଲାରେ ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଯୋଗୁ ଗତ ୨୪ ଘଣ୍ଟା ମଧ୍ୟରେ ୨୫ ଜଣଙ୍କ ମୃତ୍ୟୁ ଘଟିଛି। ଭାଗଲପୁର ଓ ଗୟା ଜିଲାରେ ୬ ଜଣ ଲେଖାଏ, ପାଟନାରେ ୫, କୈମୁର, ବେଗୁସରାଇ, ଜାମୁଇ, ସୀତାମଢ଼ି ଓ ସମସ୍ତିପୁର ଜିଲାରେ ୪ ଜଣ ଲେଖାଏ ପ୍ରାଣ ହରାଇଛନ୍ତି। ବର୍ଷା ଯୋଗୁ ରେଳ ଚଳାଚଳ ଓ ସଡ଼କ ପରିବହନ ବାଧାପ୍ରାପ୍ତ ହୋଇଛି। ୧୨ଟି ଟ୍ରେନ୍‌କୁ ସମ୍ପୂର୍ଣ୍ଣ ବାତିଲ କରାଯାଇଥିବାବେଳେ ୭ଟିକୁ ଅଧାରୁ ବାତିଲ ଓ ୨୦ଟି ଟ୍ରେନ୍‌ର ରୁଟ୍‌ରେ ପରିବର୍ତ୍ତନ କରାଯାଇଛି। ମୁଜାଫରପୁର, ପଶ୍ଚିମ ଚମ୍ପାରନ, ପୂର୍ବ ଚମ୍ପାରନ, ଦରଭଙ୍ଗା, ଗୟା, ଭୋଜପୁର ଓ ଭାଗଲପୁର ଜିଲାର ଅନେକ ଗ୍ରାମ ଜଳାର୍ଣ୍ଣବ ହୋଇଛି।

ରାସ୍ତାଘାଟ ପାଣିରେ ବୁଡ଼ି ରହିଥିବାବେଳେ କେତେକ ସ୍ଥାନରେ ରାସ୍ତା ଉପରେ ଡଙ୍ଗା ଚାଲୁଥିବା ଦେଖାଯାଇଛି। ତଳିଆ ଅଞ୍ଚଳ ଲୋକଙ୍କ ଘରେ ପାଣି ପଶିଯିବାରୁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପାଟନା ଓ ଅନ୍ୟ ଜିଲାରେ ରେଳଧାରଣା ପାଣିରେ ବୁଡ଼ି ରହିଛି। ଏନ୍‌ଡିଆର୍‌ଏଫ୍‌ର ୧୮ଟି ଟିମ୍‌କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ପାଟନା ସହରର ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇଥିବାବେଳେ ଉଦ୍ଧାର କାର୍ଯ୍ୟରେ ଯବାନଙ୍କୁ ମୁତୟନ କରାଯାଇଛି। ନାଳନ୍ଦା ମେଡିକାଲ କଲେଜ ହସ୍ପିଟାଲ, ଗାର୍ଡନିବାଗ ହସ୍ପିଟାଲ ସମେତ ଅନେକ ସରକାରୀ ଡାକ୍ତରଖାନାରେ ପାଣି ପଶିଯାଇଛି। ଫଳରେ ଜରୁରୀ ସେବା ବାଧାପ୍ରାପ୍ତ ହୋଇଛି। ବିହାରରେ ଗଙ୍ଗାନଦୀ ଓ ଏହାର ଉପନଦୀଗୁଡ଼ିକ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସୋମବାର ପର୍ଯ୍ୟନ୍ତ ବର୍ଷା ଲାଗିରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବିଭିନ୍ନ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ଥିବାରୁ ରେଡ୍ ଆଲର୍ଟ ଜାରି କରାଯାଇଛି।

ପାଟନାରେ ମଙ୍ଗଳବାର ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରଖିବାକୁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ସହରର ବନ୍ୟାପ୍ଲାବିତ ଅଞ୍ଚଳରୁ ଲୋକଙ୍କୁ ଖାଲି କରିବା ପାଇଁ ୩୨ଟି ବୋଟକୁ ନିୟୋଜିତ କରାଯାଇଛି। ରାସ୍ତାଘାଟ ଜଳାର୍ଣ୍ଣବ ହୋଇଥିବାରୁ ଟ୍ରାଫିକ ଜାମ୍ ସମସ୍ୟା ସୃଷ୍ଟି କରିଛି।

## ୟୁପିରେ ୨୪ ଘଣ୍ଟାରେ ୩୫ ମୃତ

ଲକ୍ଷ୍ନୌ,୨୯।୯(ଆଇଏଏନ୍‌ଏସ୍)

ଉତ୍ତରପ୍ରଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ବର୍ଷାଜନିତ ଦୁର୍ବିପାକରେ ଆଉ ୩୫ ଜଣଙ୍କ ମୃତ୍ୟୁ ଘଟିଛି। ଆଜମଗଡ ଓ ମିର୍ଜାପୁର ଜିଲାରେ ୪ ଜଣ ଲେଖାଏଁ ଏବଂ ଗାଜିପୁର ଓ ଆମ୍ବେଡ୍‌କରନଗରରେ ୩ଜଣ ଲେଖାଏ ପ୍ରାଣ ହରାଇଛନ୍ତି। ଏହାବ୍ୟତୀତ ଗୋରଖପୁର, ଫିରୋଜାବାଦ, ଉନ୍ନାଓ, ବଣ୍ଡା, ବାଲିଆ ଓ ସୀତାପୁର ଜିଲାରେ ୨ ଜଣ ଲେଖାଏ ଏବଂ ବୁଲନ୍ଦସହର, ଅମେଠି, ଶାହରନପୁର, ଲକ୍ଷ୍ମୀପୁର, ଫତେପୁର, ପ୍ରୟାଗରାଜ, ଚିତ୍ରକୂଟ, ସୁଲତାନପୁର ଓ ଦେଓରିଆରେ ଜଣେ ଲେଖାଏ ମୃତ୍ୟୁମୁଖରେ ପଡିଛନ୍ତି। ଅଧିକାଂଶ ମୃତ୍ୟୁ ଘର ଭୁଶୁଡିବା କାରଣରୁ ହୋଇଛି। ଗତ ଗୁରୁବାର ଓ ଶୁକ୍ରବାର ୪୭ ଜଣଙ୍କ ମୃତ୍ୟୁ ଘଟିଥିଲା।

# ରାଉରକେଲାରେ ନାବାଳିକାଙ୍କୁ ଗଣବଳାତ୍କାର, ୩ ଗିରଫ

ରାଉରକେଲା ଅଫିସ, ୨୯।୯

ରାଉରକେଲା ସହରରେ ପୁଣି ଏକ ଗଣବଳାତ୍କାର ମାମଲା ପଦାକୁ ଆସିଛି। ଚଳିତ ମାସରେ ପ୍ଲାଣ୍ଟସାଇଟ ଥାନା, ରଘୁନାଥପାଲି, ଟାଙ୍ଗରପାଲି ଓ ବିଶ୍ରା ଥାନା ଅଞ୍ଚଳରେ ବଳାତ୍କାର ପରେ ଏବେ ପୁଣି ଏହି ଗଣବଳାତ୍କାର ଘଟଣା ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ତେବେ ଏ ନେଇ ସେକ୍ଟର-୭ ଥାନାରେ ଅଭିଯୋଗ ହେବା ପରେ ପୋଲିସ ସେକ୍ଟର-୬ ଅଞ୍ଚଳରେ ରବିବାର ଚଢ଼ାଉ କରି ୩ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ୩ ଜଣ ଯୁବକ ହେଲେ ସେକ୍ଟର-୬ସ୍ଥିତ ଆନନ୍ଦମାର୍ଗ ବସ୍ତିର ନାରାୟଣ ନାଏକ(୨୨), ମହିମା ଆଶ୍ରମର ଅମର ସିଂ ଓରଫ ବଣ୍ଟି(୨୧) ଓ ସୁବାସ ପାଲି ବସ୍ତିର ଭୋଲା ଯାଦବ। ସୋମବାର ଏମାନଙ୍କ ଡାକ୍ତରୀମାଇନା ପରେ କୋର୍ଟ ଚାଲାଣ କରାଯିବ । ସେହିଭଳି ନାବାଳିକାଙ୍କର ମଧ୍ୟ ପୋଲିସ ଡାକ୍ତରୀ ମାଇନା କରାଯିବ। ଗଣବଳାତ୍କାରର ଶିକାର ହୋଇଥିବା ନାବାଳିକାଙ୍କ ଏତଲାକୁ ଭିତ୍ତିକରି ଆଇପିସିର ଧାରା ୩୭୬, ଡି (ଏ) ଓ ପୋକ୍‌ସୋ ଆଇନ ଅନୁସାରେ ପୋଲିସ ଏକ ମାମଲା (ନଂ-୧୧୮/୧୯) ରୁଜୁ କରିଛି।

ପୋଲିସ କହିଛି ଯେ, ନାବାଳିକା ଜଣକ ସେକ୍ଟର-୬ରେ ନିଜ ପରିବାର ସହ ରହୁଛନ୍ତି। ଗତ ୨୨ ତାରିଖ ରାତି ପ୍ରାୟ ସାଢେ ୧୨ଟାରୁ ୨ଟା ମଧ୍ୟରେ ଅଭିଯୁକ୍ତ ନାରାୟଣ, ଭୋଲା ଓ ଅମର ତାଙ୍କୁ ଟେକି ନେଇ ଗଣବଳାତ୍କାର କରିଥିଲେ। କାହାକୁ ଏ ବିଷୟରେ ନ କହିବା ପାଇଁ ଭୟଭୀତ କରିଥିଲେ। ଫଳରେ ନାବାଳିକା ଜଣକ ପରିବାରରେ କାହାକୁ କିଛି ଜଣାଇ ନ ଥିଲେ। ହେଲେ ପୁଣିଥରେ ଅଭିଯୁକ୍ତମାନେ ଧମକ ଚମକ ଦେବାରୁ ନାବାଳିକା ଜଣକ ଶନିବାର ସେକ୍ଟର-୭ ଥାନାରେ ଗଣବାଳାତ୍କାରର ଶିକାର ହୋଇଥିବା ନେଇ ଲିଖିତ ଏତାଲା ଦେଇଥିଲେ। ଏହି ଏତାଲାରେ ସେ ୩ଜଣ ଅଭିଯୁକ୍ତଙ୍କ ନାମ ଉଲ୍ଲେଖ କରିଥିଲେ।

**ଆଜିର ସମ୍ପାଦକୀୟ**

**ଓଲଟା ସଂରକ୍ଷଣ**

**ଆଜିର ମନ୍ତବ୍ୟ**

"୧୯୪୮ରେ ନେହେରୁ କଶ୍ମୀର ପ୍ରସଙ୍ଗକୁ ଜାତିସଂଘକୁ ନେବା ଏକ ବିରାଟ ଭୁଲ ଥିଲା।

-ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ

**କିଛି ତଥ୍ୟ**

ଦେଶର ମୋଟ ଅଶୋଧିତ ତେଲର ୧୭%ରୁ ଊର୍ଦ୍ଧ୍ୱ ଏବଂ ଏଲ୍‌ପିଜିର ୩୨% ସୌଦି ଆରବରୁ ଆମଦାନୀ ହେଉଛି।

- ପେଟ୍ରୋଲିୟମ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 28.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 64 | 111 | 121 |
| DKL | 63 | 110 | 120 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 64 | 111 | 121 |
| BHM | 58 | 103 | 113 |

*Conditions Apply

Eggs Retail Price- 51/-Dozen

Issued in the Interest of Consumers


# ପିଆଜ ରପ୍ତାନି ଉପରେ ରୋକ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୯।୯(ବ୍ୟୁରୋ)



ଦେଶର ବିଭିନ୍ନ ପ୍ରାନ୍ତରେ ପିଆଜ ଦର ଆକାଶଛୁଆଁ ହୋଇଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ଲାଗି କେନ୍ଦ୍ର ସରକାର ତ୍ୱରିତ ପଦକ୍ଷେପ ନେଇଛନ୍ତି। ଦର ବୃଦ୍ଧିକୁ ରୋକିବା ଲାଗି ରବିବାର ଦେଶରୁ ପିଆଜ ରପ୍ତାନିକୁ ନିଷେଧ କରାଯାଇଛି। ସେହିଭଳି ଉଭୟ ପାଇକାରି ଏବଂ ଖୁଚୁରା ବ୍ୟବସାୟୀଙ୍କ ଲାଗି ମହଜୁଦ ସୀମା ନିର୍ଦ୍ଧାରଣ କରାଯାଇଛି। କେନ୍ଦ୍ରର ନିର୍ଦ୍ଦେଶ ଅନୁଯାୟୀ ପାଇକାରି ବ୍ୟବସାୟୀମାନେ ବର୍ତ୍ତମାନ ୫୦୦ କୁଇଣ୍ଟାଲ ପର୍ଯ୍ୟନ୍ତ ଏବଂ ଖୁଚୁରା ବ୍ୟବସାୟୀମାନେ ୧୦୦ କୁଇଣ୍ଟାଲ ପର୍ଯ୍ୟନ୍ତ ଷ୍ଟକ ରଖି ପାରିବେ ବୋଲି ଜଣାପଡିଛି।

ପୁନର୍ବାର ରପ୍ତାନି ନେଇ ନିର୍ଦ୍ଦେଶନାମା ଜାରି ନ ହେଲା ଯାଏ ଏହି ନିୟମ ବଳବତ୍ତର ରହିବ ବୋଲି ବିଦେଶୀ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) ବିଜ୍ଞପ୍ତିରେ ପ୍ରକାଶ ପାଇଛି। ଦେଶ ମଧ୍ୟରେ ପିଆଜର ଉପଲବ୍ଧତା ବଢାଇବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଥିବା ଖାଉଟି ବ୍ୟାପାର ମନ୍ତ୍ରଣାଳୟ କହିଛି। ପିଆଜ ଦର ବୃଦ୍ଧି ଯୋଗୁ ସମସ୍ୟା ଉତ୍କଟ ହେବାରୁ ଏହାର ସମାଧାନ ଲାଗି ରବିବାର ଖାଉଟି ବ୍ୟାପାର ସଚିବ ଅବିନାଶ କେ. ଶ୍ରୀବାସ୍ତବ ଡିଜିଏଫ୍‌ଟିକୁ ଏକ ଚିଠି ଲେଖିଥିଲେ। ଏହା ପରେ ତ୍ୱରିତ ଭାବେ ପିଆଜ ରପ୍ତାନି ଉପରେ କଟକଣା ଲଗାଯାଇଥିବା ଜଣାପଡିଛି।

ସାରା ଦେଶରେ ପିଆଜ ଦର ବୃଦ୍ଧିର ପ୍ରଭାବ ଓଡ଼ିଶାରେ ମଧ୍ୟ ଦେଖିବାକୁ ମିଳିଛି। ଦର ନିୟନ୍ତ୍ରଣ କରିବାକୁ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ବିଭାଗ ସମସ୍ତ ଚେଷ୍ଟା ଜାରି ରଖିଥିବା କୁହାଯାଇଛି। ଏ ନେଇ ରବିବାର ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ, ନାସିକ ଏବଂ ଅନ୍ୟାନ୍ୟ ସ୍ଥାନରେ ପିଆଜ ଉତ୍ପାଦନ ହୋଇଥାଏ। ସେଠାରେ ବନ୍ୟା ହୋଇଥିବାରୁ ଏପରି ଦର ବୃଦ୍ଧି ହୋଇଛି। ତେଣୁ ରାଜ୍ୟ ପକ୍ଷରୁ କେନ୍ଦ୍ରକୁ ଉତ୍ପାଦିତ ହେଉଥିବା ସ୍ଥାନରେ ହସ୍ତକ୍ଷେପ କରିବାକୁ କୁହାଯାଇଥିଲା। କ୍ଷତି ସହିଥିବା ତୃଣମୂଳର ଚାଷୀ ତଥା ଉତ୍ପାଦକମାନଙ୍କୁ ସବ୍‌ସିଡି ଦିଆଯିବା ଉଚିତ। ଏପରି ହୋଇ ପାରିଲେ ପିଆଜ ଦରକୁ ନିୟନ୍ତ୍ରଣ କରାଯାଇ ପାରିବ। ରାଜ୍ୟରେ ପିଆଜ କଳାବଜାର ଯେପରି ନ ହେବ, ସେଥିପ୍ରତି ବ୍ୟାପକ ଦୃଷ୍ଟି ଦିଆଯାଉଛି ବୋଲି ରଣେନ୍ଦ୍ର କହିଛନ୍ତି। ସେହିପରି ପିଆଜ ରପ୍ତାନି ଉପରେ ଅଙ୍କୁଶ ଲଗାଇବାକୁ କେନ୍ଦ୍ର ଦେଇଥିବା ନିର୍ଦ୍ଦେଶକୁ ରାଜ୍ୟର ବ୍ୟବସାୟୀ ସଂଘମାନେ ସ୍ୱାଗତ କରିଥିବା ଜଣାପଡିଛି। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ପିଆଜ ଆବଶ୍ୟକତା ଅନୁଯାୟୀ କମ୍ ରହିଛି। ସାଧାରଣତଃ କିଲୋ ପିଛା ୨୦ରୁ ୩୦ ଟଙ୍କା ରହୁଥିବା ପିଆଜ ଦର ବର୍ତ୍ତମାନ ୬୦ ଟଙ୍କାରେ ପହଞ୍ଚିଛି। ଏହାର ସିଧାସଳଖ ପ୍ରଭାବ ଖାଉଟି ଏବଂ ରୋଷେଇ ଭିତ୍ତିକ ବ୍ୟବସାୟ ଉପରେ ପଡ଼ିଛି।

**ବିଜେପୁର ଉପନିର୍ବାଚନ**

# ସନତ୍ ଭାଜପା ପ୍ରାର୍ଥୀ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ବିଜେପୁର ଉପନିର୍ବାଚନ ପାଇଁ ପୁନର୍ବାର ସନତ୍ ଗଡତିଆଙ୍କୁ ଭାଜପା ପକ୍ଷରୁ ପ୍ରାର୍ଥୀ କରାଯାଇଛି। ଗତ ସାଧାରଣ ନିର୍ବାଚନରେ ମଧ୍ୟ ସନତ୍‌ଙ୍କୁ ପ୍ରାର୍ଥୀ କରାଯାଇଥିଲା। ରବିବାର ନୂଆଦିଲ୍ଲୀଠାରେ ଭାଜପାର କେନ୍ଦ୍ରୀୟ ନିର୍ବାଚନ କମିଟିର ନିଷ୍ପତ୍ତିକ୍ରମେ ସୁପାରିସ କରାଯାଇଥିବା ସନତ ଗଡତିଆଙ୍କ ନାମରେ ମୋହର ମରାଯାଇଥିଲା। ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଭାପତି ଜେ.ପି.ନଡ୍ଡା ସନତଙ୍କ ପ୍ରାର୍ଥିତ୍ୱ ନେଇ ଘୋଷଣା କରିଥିଲେ। ଏହା ପରେ କେନ୍ଦ୍ରୀୟ ଭାଜପା ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସନତଙ୍କ ସମେତ ବିଜେପୁର ଉପନିର୍ବାଚନ ପାଇଁ ପଦ୍ମପୁରର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଥିଲା। ହେଲେ ସ୍ଥାନୀୟ ସାଙ୍ଗଠନିକ ଦୃଷ୍ଟିକୋଣରୁ ସନତଙ୍କ ଉପରେ ପୁନର୍ବାର ଭରସା କରାଯାଇଥିବା ଜଣାପଡିଛି। ଦଳପକ୍ଷରୁ ତାଙ୍କୁ ପ୍ରାର୍ଥୀ କରାଯିବା ପରେ ଦେଶ ତଥା ରାଜ୍ୟ ☞ପୃଷ୍ଠା-୪






# ପିଲା ଯିବେ କୁଆଡ଼େ

ସୁନୀତ ମିଶ୍ର

ଭୁବନେଶ୍ୱର,୨୯।୯

ରାଜ୍ୟରେ ଭୁଶୁଡି ପଡିଥିବା ଶିକ୍ଷା ବ୍ୟବସ୍ଥାକୁ ସଜାଡ଼ିବା ଲାଗି ଗୋଟିଏ ପଟେ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଉଥିବା କହୁଛନ୍ତି। ଅନ୍ୟପଟେ ସରକାରଙ୍କ ତ୍ରୁଟି ଯୋଗୁ ଅନେକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ୨ ନାମଲେଖା କ୍ଷେତ୍ରରେ ବଡ଼ଧରଣର ତ୍ରୁଟି ଘଟିଥିବା ଧରିତ୍ରୀ ଦୃଷ୍ଟିକୁ ଆସିଛି। ଖବର ନେବାରେ ଜଣାପଡ଼ିଛି ଯେ, ରାଜ୍ୟବ୍ୟାପୀ ପ୍ରାୟ ୨୦ ହଜାରରୁ ଅଧିକ ଛାତ୍ରୀଛାତ୍ର ଏହାଦ୍ୱାରା କ୍ଷତିଗ୍ରସ୍ତ ହୋଇଛନ୍ତି।

ଉଦାହରଣ ସ୍ୱରୂପ ଗତ ୧୯ ତାରିଖରେ ବର୍ଷା ପ୍ରିୟଦର୍ଶିନୀ ସାହୁ ନାମ୍ନୀ ଜଣେ ଛାତ୍ରୀ ପୁରୀ ଜିଲା ସୁରଜମଲ ସାହା କଲେଜରେ ଯୁକ୍ତ୨ରେ ନାମ ଲେଖାଇଥିଲେ। ଏଥିପାଇଁ ତାଙ୍କ ନିକଟକୁ ମେସେଜ ଯୋଗେ ଇଣ୍ଟିମେଶନ ଆସିଥିଲା। କଲେଜରେ ନାମଲେଖା ମଧ୍ୟ ସରିଗଲା। ଏଥିପାଇଁ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦସ୍ତଖତ ଥିବା ଆଡ୍‌ମିଶନ ରସିଦ ଧରି ଘରକୁ ଫେରିଲେ, ଯେଉଁଥିରେ କଲେଜ ରୋଲ୍ ନମ୍ବର ମଧ୍ୟ ରହିଥିଲା। ଏଥିପାଇଁ ତାଙ୍କୁ ୩ହଜାର ୭୦୦ ଟଙ୍କା ଦାଖଲ କରିବାକୁ ପଡ଼ିଥିଲା। ମାତ୍ର ଦୁଇଦିନ ପରେ ପୁଣିଥରେ ତାଙ୍କୁ ଏକ ଫୋନ୍ ଆସିଲା ଯେ, ୧୯ ତାରିଖରେ ଯେଉଁମାନଙ୍କ ନାମ ଲେଖାଯାଇଛି ତାହା ବୈଧନୁହେଁ, ଟଙ୍କା ଫେରସ୍ତ କରିନିଅନ୍ତୁ। ଏତିକିରେ ବର୍ଷାଙ୍କ ସମେତ ଯେଉଁ ଛାତ୍ରୀଛାତ୍ରମାନେ ସେଦିନ ନାମ ଲେଖାଇଥିଲେ ସେମାନେ ବ୍ୟସ୍ତ ହୋଇଯାଇଛନ୍ତି। ଏହାପରଠାରୁ ୧୦ଦିନ ହେଲାଣି ସେହି ପିଲାମାନେ କଲେଜ କର୍ତ୍ତୃପକ୍ଷଙ୍କ ନିକଟକୁ ଦୌଡୁଛନ୍ତି। ପିଲାମାନଙ୍କ ସମ୍ପୂର୍ଣ୍ଣ ତାଲିକା ଧରିତ୍ରୀ ପାଖରେ ରହିଛି। ଏନେଇ ବର୍ଷା ପ୍ରିୟଦର୍ଶିନୀଙ୍କୁ ପଚରାଯିବାରୁ ବର୍ତ୍ତମାନ ସେ କ'ଣ କରିବେ ଜାଣିପାରୁନାହାନ୍ତି। କଲେଜ ଯିବାକୁ ଡ୍ରେସ୍ ଆଉ ବହି ମଧ୍ୟ କିଣି ଦେଇଛନ୍ତି। ଏପରି ଖବର ପାଇବା ପରେ ବର୍ତ୍ତମାନ ସେ ମାନସିକ ସ୍ତରରେ ଡରିଯାଇଥିବା କହିଛନ୍ତି।

ରବିବାର ଥିବା ସତ୍ତ୍ୱେ ସୁରଜମଲ ସାହା କଲେଜରେ କିଛି କାମ ଚାଲିଥିବାରୁ ସେଠାରେ ଅଧକ୍ଷ ଅଶ୍ୱିନୀ କୁମାର ଦାସ ଏବଂ ଯୁକ୍ତ୨ ନାମଲେଖା ଦାୟିତ୍ୱରେ ଥିବା ସୁଶାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ସେମାନଙ୍କୁ ଭେଟି ଉପରୋକ୍ତ ବିଷୟରେ ଆମେ ଆଲୋଚନା କରିଥିଲୁ। ହେଲେ ସୁଶାନ୍ତ ମହାପାତ୍ର ଯାହା କହିଲେ ତାହା ଆଶ୍ଚର୍ଯ୍ୟଜନକ। ସେ କହିଛନ୍ତି, କେବଳ ଆମ କଲେଜ ନୁହେଁ ବରଂ ଇଣ୍ଟିମେଶନ ପଠାଯାଉଥିବା ସ୍ଥାନରୁ ଭୁଲ୍‌ରେ ବହୁ କଲେଜକୁ ଏପରି ଭୁଲ ତାଲିକା ଯାଇଛି। ଏପରି କି ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାବିଦ୍ୟାଳୟ(ବିଜେବି) ଏବଂ ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ମଧ୍ୟ ଭୁଲ୍ ପିଲାଙ୍କ ତାଲିକା ଚାଲିଯାଇଥିଲା। ସେହିପରି ଆମ କଲେଜକୁ ସ୍ପଟ୍ ସିଲେକ୍ସନର ତାଲିକା ୧୯ ତାରିଖରେ ଆସିଥିଲା। ସେହି ପିଲାମାନଙ୍କ ରେଜିଷ୍ଟ୍ରେଶନ କରି ଆଡ୍‌ମିଶନ ଆରମ୍ଭ କଲୁ। ଏହାର ଦିନକ ପରେ ୨୦ ତାରିଖରେ ଏକ ମେସେଜ ପହଞ୍ଚିଲା ଯେ, ୨୧ ତାରିଖରେ ଆଉ ଏକ ଛାତ୍ରୀଛାତ୍ରଙ୍କ ତାଲିକା ପହଞ୍ଚିବ, ୧୯ ତାରିଖରେ ଯେଉଁ ତାଲିକା ଯାଇଛି ତାହା ଭୁଲ୍। ଏହି ତ୍ରୁଟି ଯୋଗୁ ଉଚ୍ଚ ମାର୍କ ରଖିଥିବା ପିଲାମାନଙ୍କ ତାଲିକା ବାଦ୍ ପଡ଼ିଯାଇଛି। କିନ୍ତୁ ୨୧ ତାରିଖରେ ଯେଉଁ ତାଲିକା ଆସିଥିଲା ସେଥିରେ ୧୯ ତାରିଖ ତାଲିକାରେ ଥିବା ପିଲାଙ୍କ ନାମ ନ ଥିଲା। ☞ପୃଷ୍ଠା-୪



Surajmal Saha Mahavidyalaya, Puri

FEE RECEIPT FOR +2 No. 59206

Received from Sri/Miss Barsha Priyadarsini

Roll No. 4115-383 of the +2 ...

the sum of Rs. ... Rupees ...

Paisa 3706/- for the Month (s) of ...

as detailed below.

| DESCRIPTION | AMOUNT Rs. | P. |
|---|---|---|
| College Fee | | |
| Tution Fees for the Month (Current) | | |
| Ditto Arrear/Advance | | |
| Fines for the Payment | | |
| Other Fines | | |
| Re-entry Fee | | |
| Admission or Re-Admission Fee | 3706 | - |
| Late Admission Fee | | |
| Transfer Fee | | |
| Medical Attendance Charges | | |
| Abstract Attendance Charges | | |
| Students Union Fee | | |
| Dramatic Society | | |
| Common Room Subscription | | |
| Teacher's Welfare Fund | | |
| Atheletic Club Subscription | | |
| Literary Society Subscription | | |
| College Magazine Subscription | | |
| College Examination Fee | | |
| S.S.G | | |
| Library Caution Money | | |
| D.S.A | | |
| Puja Celebration Fee | | |
| Monogram Fee | | |
| Identity Card | | |
| College Calenders Fee | | |
| Red Cross | | |
| N.S.S. | | |
| HONS. Fee | | |
| CHSE/University Registration Fee | | |
| CHSE/University Recognition Fee | | |
| CHSE/University Examination Fee | | |
| CHSE/University Sports | | |
| CHSE/University Aid Fund | | |
| Original Certificate & Migration | | |
| Course Leaving Certificate | | |
| College Foundation Fee | | |
| College Improvement Fund | | |
| TOTAL | 3706 | - |

କଲେଜରୁ ମିଳିଥିବା ରସିଦ୍।



“ଏକ ପଡ଼ୋଶୀ ଦେଶ ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ଷଡ଼ଯନ୍ତ୍ର ରଚୁଥିବାରୁ ଆତଙ୍କବାଦୀମାନେ ସମୁଦ୍ରପଥ ଦେଇ ଆକ୍ରମଣ କରିପାରନ୍ତି ।
-ରାଜନାଥ ସିଂ,
ପ୍ରତିରକ୍ଷାମନ୍ତ୍ରୀ

# ତାଲିବାନକୁ ଚ୍ୟାଲେଞ୍ଜ, ଭୋଟ ଦେଲେ ସୈଫୁଲ୍ଲା

**କାବୁଲ,୨୯।୯:** ଆତଙ୍କବାଦୀଙ୍କ ଧମକକୁ ଖାତିର ନ କରି ଆଫଗାନିସ୍ତାନର ରାଷ୍ଟ୍ରପତି ନିର୍ବାଚନରେ ବ୍ୟବସାୟୀ ସୈଫୁଲ୍ଲା ସାଫି ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଛନ୍ତି। ୩୮ ବର୍ଷୀୟ ସୈଫୁଲ୍ଲା ୫ ବର୍ଷ ପରେ ପୁଣିଥରେ ଭୋଟଦେଇ ଜଣେ ପ୍ରକୃତ ନାଗରିକର ପରିଚୟ ଦେଇଛନ୍ତି। ଏହାସହ ସେ ନିଜ ବାମ ଅଙ୍ଗୁଳିର ଅଲିଭା କାଳିଚିହ୍ନ ଦେଖାଉଥିବା ଫଟୋ ଟୁଇଟରରେ ଶେୟାର କରିଛନ୍ତି। ସୋସିଆଲ ମିଡିଆରେ ଏହି ଫଟୋ ଭାଇରାଲ ହେବା ସହ ସାହସୀ ସୈଫୁଲ୍ଲାଙ୍କୁ ସବୁ ମହଲରେ ପ୍ରଶଂସା କରାଯାଉଛି।

ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରେ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ତାଲିବାନର ତାଣ୍ଡବଲୀଳା ଜାରି ରହିଛି। ରାଷ୍ଟ୍ରପତି ନିର୍ବାଚନକୁ ବର୍ଜନ କରିବା ପାଇଁ ଆତଙ୍କବାଦୀ ପ୍ରଥମେ ଧମକ ଦେଇଥିଲେ। ପରେ ନିର୍ବାଚନ ଭଣ୍ଡୁର କରିବା ଲାଗି ଗୋଟିଏ ପରେ ଗୋଟିଏ ଆକ୍ରମଣ କରିଚାଲିଥିଲେ। ଇତିମଧ୍ୟରେ ଶନିବାର କେତେକ ସ୍ଥାନରେ ହିଂସା ଓ ଆକ୍ରମଣ ଘଟିଥିବାବେଳେ ନିର୍ବାଚନ ଶେଷ ହୋଇଛି। ୨୦୧୪ ନିର୍ବାଚନରେ ତାଲିବାନ ଆତଙ୍କବାଦୀମାନେ ବ୍ୟାପକ ହିଂସାକାଣ୍ଡ ଘଟାଇଥିଲେ। ସେମାନେ ବିଭିନ୍ନ ସ୍ଥାନରେ ଆକ୍ରମଣ କରି ଧାରୁଆ ଅସ୍ତ୍ରରେ ୬ ଜଣ ଭୋଟରଙ୍କ ଅଙ୍ଗୁଳି କାଟି ଦେଇଥିଲେ। ଅଙ୍ଗୁଳି ହରାଇଥିବା ମତଦାତାଙ୍କ ମଧ୍ୟରେ ଥିଲେ ରାଜଧାନୀ କାବୁଲର ବ୍ୟବସାୟୀ ସୈଫୁଲ୍ଲା ସାଫି। ସେ କାବୁଲରୁ କୋସ୍ତ ସହରକୁ ଯାଉଥିବାବେଳେ ଆତଙ୍କବାଦୀମାନେ ତାଙ୍କ ଡାହାଣ ଅଙ୍ଗୁଳିର କାଳିଚିହ୍ନ ଦେଖି ଛେଦି ଦେଇଥିଲେ। ଏଥର ମଧ୍ୟ ଭୋଟ ନ



ଦେବାକୁ ତାଲିବାନ ପକ୍ଷରୁ ତାଙ୍କୁ ଧମକ ଦିଆଯାଇଥିଲା। ହେଲେ ସୈଫୁଲ୍ଲା ଏହାକୁ ଖାତିର ନ କରି ବୁଥ୍‌କୁ ଯାଇ ଭୋଟ ଦେଇଥିଲେ। କେବଳ ଏତିକି ନୁହେଁ, ସେ ନିଜ ପରିବାରର ଅନ୍ୟ ସାବାଳକ ସଦସ୍ୟଙ୍କୁ ମଧ୍ୟ ମତଦାନ

**୨୦୧୪ ନିର୍ବାଚନରେ ଡାହାଣ ଅଙ୍ଗୁଳି ଛେଦିଥିଲେ ଆତଙ୍କବାଦୀ**

କେନ୍ଦ୍ରକୁ ନେଇ ଏହି ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ କରିଛନ୍ତି। ମତଦାନ ପରେ ନିଜ ଅଙ୍ଗୁଳିର କାଳିଚିହ୍ନକୁ ଦେଖାଇ ନିର୍ଭୀକ ସୈଫୁଲ୍ଲା କହିଛନ୍ତି, ଯେତେବେଳେ ମୋ ଦେଶ ଓ ପିଲାଛୁଆଙ୍କ ଭବିଷ୍ୟତ କଥା ଉଠୁଛି ମୁଁ ନୀରବ ବସିଯିବି ନାହିଁ। ଆତଙ୍କବାଦୀମାନେ ଏହାକୁ ନେଇ ମୋ ସବୁ ଅଙ୍ଗୁଳି କି ଦୁଇହାତ କାଟିଦେଲେ ବି ଖାତିର କରିବିନି। ଉଭୟ ହାତର ଅଙ୍ଗୁଳି ଦେଖାଉଥିବା ତାଙ୍କର ଫଟୋକୁ ଟୁଇଟ୍ କରିବା ପରେ ସୈଫୁଲ୍ଲାଙ୍କ ନିକଟକୁ ଚାରିଆଡୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।

୨୦୧୪ରେ ଆଫଗାନିସ୍ତାନର ମୋଟ ଭୋଟରଙ୍କ ସଂଖ୍ୟା ୧୨ ନିୟୁତ ଥିଲା। ସେତେବେଳେ ସେମାନଙ୍କ ମଧ୍ୟରୁ ୬୦% ମତଦାତା ଭୋଟ ଦେଇଥିବାବେଳେ ଏଥର ମାତ୍ର ୨୦% ମତାଧିକାର ସାବ୍ୟସ୍ତ କରିଛନ୍ତି। ଏହାସହ ରାଷ୍ଟ୍ରପତି ଅଶ୍ରଫ୍ ଗନି ଓ ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅବ୍‌ଦୁଲ୍ଲା ଅବ୍‌ଦୁଲ୍ଲାଙ୍କ ସମେତ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କ ଭାଗ୍ୟ ଝୁଲି ରହିଛି। କାରଣ ଦୁଇ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରୁ କେହି ଜଣେ ୫୧%ରୁ ଅଧିକ ଭୋଟ ନ ପାଇଲେ ଉଭୟଙ୍କ ମଧ୍ୟରେ ଦ୍ୱିତୀୟ ରାଉଣ୍ଡ ମତଦାନ କରାଯିବ।

## ନେହେରୁଙ୍କ ଉପରେ ବର୍ଷିଲେ ଶାହ

# କଶ୍ମୀର ପାଇଁ ଜାତିସଂଘ ଯିବା ବଡ଼ ଭୁଲ୍

ନୂଆଦିଲ୍ଲୀ,୨୯।୯(ପି.ଟି.)



୧୯୪୮ରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ କଶ୍ମୀର ପ୍ରସଙ୍ଗକୁ ନେଇ ଜାତିସଂଘ ଯିବା ହିମାଳୟ ଭଳି ବଡ଼ ଭୁଲ୍ ଥିଲା ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ସମାଲୋଚନା କରିଛନ୍ତି। କଶ୍ମୀର ଉପତ୍ୟକାରେ ଆଉ କଟକଣା ନାହିଁ। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ସାରା ବିଶ୍ୱ ସମର୍ଥନ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଅଗଷ୍ଟ ୫ର ଏହି ବଳିଷ୍ଠ ପଦକ୍ଷେପ ଯୋଗୁ ଆଗାମୀ ୧୦ ବର୍ଷରେ ଜମ୍ମୁ-କଶ୍ମୀର ଦେଶର ସବୁଠୁ ବିକଶିତ ଅଞ୍ଚଳରେ ପରିଣତ ହେବାକୁ ଯାଉଛି ବୋଲି ଶାହ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

୧୯୪୭ରେ ଦେଶ ସ୍ୱାଧୀନ ହେଲାବେଳେ ୬୩୧ଟି ଦେଶୀୟ ରାଜ୍ୟ ଥିଲା। ସେଥିରୁ ୬୩୦ଟିକୁ ତତ୍କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଭାରତରେ ମିଶାଇଥିବାବେଳେ ନେହେରୁ ମାତ୍ର ଗୋଟିଏ ଦେଶୀୟ ରାଜ୍ୟକୁ ଫେରାଇଆଣିବାରେ ସକ୍ଷମ ହୋଇଥିଲେ। କେବଳ ଜମ୍ମୁ-କଶ୍ମୀରକୁ ଛାଡ଼ିଲେ ଅନ୍ୟ ୬୩୦ ଦେଶୀୟ ରାଜ୍ୟ ଭାରତରେ ସମ୍ପୂର୍ଣ୍ଣ ମିଶ୍ରଣ ହୋଇଥିଲା। ୧୯୪୭ ଅକ୍ଟୋବର ୨୭ରେ ଭାରତୀୟ ସେନା କଶ୍ମୀରରେ ପହଞ୍ଚି ପାକିସ୍ତାନୀ ଆକ୍ରମଣକାରୀଙ୍କୁ ପରାସ୍ତ କରିଥିଲେ। ସେମାନେ ପାକ୍ ଅଧିକୃତ କଶ୍ମୀର (ପିଓକେ) ଆଡ଼େ ମାଡ଼ିଚାଲିଥିଲେ ଓ ଏହାକୁ ଦଖଲ କରିବାର ନିକଟବର୍ତ୍ତୀ ହୋଇଥିଲେ। କିନ୍ତୁ ବିଡ଼ମ୍ବନା, ତତ୍କାଳୀନ କେନ୍ଦ୍ର ସରକାର ହଠାତ୍ ଅସ୍ତ୍ରବିରତି ଘୋଷଣା କଲେ। ଆମେ ଯୁଦ୍ଧ ଜିତିବାକୁ ଗଲାବେଳେ ଅସ୍ତ୍ରବିରତି ଘୋଷଣା କରିବାର କ’ଣ ଆବଶ୍ୟକ ଥିଲା ବୋଲି ଶାହ ପ୍ରଶ୍ନ କରିଛନ୍ତି। ଯଦି ସେତେବେଳେ ଅସ୍ତ୍ରବିରତି ଘୋଷଣା ହୋଇ ନ ଥାନ୍ତା ତେବେ ପିଓକେ ଆମର ହୋଇଥାନ୍ତା ବୋଲି ସେ କହିଛନ୍ତି। ନେହେରୁ ନିଜ ଭୁଲ୍ ବୁଝିବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶେଖ୍ ଅବଦୁଲ୍ଲାଙ୍କୁ ୧୧ ବର୍ଷ ଜେଲ୍‌ରେ ରଖିଥିଲେ। ତେବେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ସ୍ୱାକ୍ଷରିତ ସିମଲା ରାଜିନାମାକୁ ଶାହ ପ୍ରଶଂସା କରିଛନ୍ତି। ଏହି ରାଜିନାମା ଯୋଗୁ ଜମ୍ମୁ-କଶ୍ମୀର ଦ୍ୱିପାକ୍ଷିକ ପ୍ରସଙ୍ଗରେ ପରିଣତ ହୋଇଥିଲା।

ଉପତ୍ୟକାରେ କଟକଣା ଜାରି ରହିଥିବା ନେଇ ବିରୋଧୀ ଦଳ ଭୁଲ୍ ତଥ୍ୟ ପ୍ରସାର କରାଉଛନ୍ତି। ପ୍ରକୃତରେ ସେଠାରେ କୌଣସି କଟକଣା ନାହିଁ, ତାହା କେବଳ ବିରୋଧୀ ନେତାମାନଙ୍କ ମାନସିକତାରେ

**୩୭୦ ଉଚ୍ଛେଦ ସପକ୍ଷରେ ସାରା ବିଶ୍ୱ**

ରହିଛି ବୋଲି ରବିବାର ସଂକଳ୍ପ ପୂର୍ବତନ ପ୍ରଶାସନିକ ଅଧିକାରୀ ଫୋରମ୍ ପକ୍ଷରୁ ଜାତୀୟ ସୁରକ୍ଷା ଉପରେ ଆୟୋଜିତ ସେମିନାରରେ ଉଦ୍‌ବୋଧନ ଦେଇ ଶାହ କହିଥିଲେ। କଶ୍ମୀରର ସମସ୍ତ ୧୯୬ ଥାନା ଅଞ୍ଚଳରୁ କର୍ଫ୍ୟୁ ଉଠାଇଦିଆଯାଇଛି। କେବଳ ୮ଟି ଥାନା ଅଞ୍ଚଳରେ ୧୪୪ ଧାରା ବଳବତ୍ତର ରହିଛି ଓ ସେଠାରେ ୫ କିମ୍ବା ଅଧିକ ଲୋକଙ୍କୁ ଏକାଠି ହେବାକୁ ବାରଣ କରାଯାଇଛି। କଶ୍ମୀର ଜନସାଧାରଣ ଅବାଧରେ ଯେକୌଣସି ସ୍ଥାନକୁ ଯାଇପାରୁଛନ୍ତି। ବିଭିନ୍ନ ରାଜ୍ୟରୁ ଖବରଦାତାମାନେ ଉପତ୍ୟକାକୁ ନିୟମିତ ଯାଉଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ସୂଚନା ଦେଇଛନ୍ତି।

ନିକଟରେ ଶେଷ ହୋଇଥିବା ଜାତିସଂଘ ସାଧାରଣ ସଭା ଅଧିବେଶନ ସମ୍ପର୍କରେ ଉଲ୍ଲେଖ କରି ସାରା ବିଶ୍ୱର ନେତା ଭାରତର ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ସମର୍ଥନ କରିଥିବା ଶାହ କହିଛନ୍ତି। ସେଠାରେ ଉପସ୍ଥିତ କୌଣସି ଜଣେ ହେଲେ ନେତା ଭାରତର ନିଷ୍ପତ୍ତି ବିରୋଧରେ ସ୍ୱର ଉଠାଇନାହାନ୍ତି। ଏହା ପ୍ରଧାନମନ୍ତ୍ରୀଙ୍କର ବଡ଼ କୂଟନୈତିକ ବିଜୟ। ଜମ୍ମୁ-କଶ୍ମୀରରେ ବର୍ଷ ବର୍ଷ ଧରି ଆତଙ୍କବାଦୀ ଆକ୍ରମଣରେ ୪୧,୮୦୦ ଲୋକ ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରେ ଅନେକ ଯବାନ ଅଛନ୍ତି। ତେବେ ଶହୀଦ ଯବାନ, ସେମାନଙ୍କ ବିଧବା ପତ୍ନୀ ଓ ପିଲାମାନଙ୍କ ମାନବାଧିକାର ଉଲ୍ଲଂଘନ ନେଇ କେହି ଜଣେ ହେଲେ ପ୍ରଶ୍ନ ଉଠାଇନାହାନ୍ତି। କିନ୍ତୁ କିଛିଦିନ ମୋବାଇଲ ଫୋନ୍ ସଂଯୋଗ ବନ୍ଦ ରହିବାରୁ ଏହାର ଜୋରଦାର ପ୍ରତିବାଦ କରାଯାଉଛି। ଫୋନ ସଂଯୋଗ ବନ୍ଦ ହେବା ମାନବାଧିକାର ଉଲ୍ଲଂଘନ ନୁହେଁ। ସେଠାରେ ୧୦ ହଜାର ନୂଆ ଲ୍ୟାଣ୍ଡଲାଇନ ସଂଯୋଗ ଦିଆସରିଲାଣି ଓ ୬୦୦୦ ପିସିଓ କାର୍ଯ୍ୟ କରୁଛି ବୋଲି ଶାହ କହିଥିଲେ। ଅନୁଚ୍ଛେଦ ୩୭୦ ଉଚ୍ଛେଦ ନିଷ୍ପତ୍ତି ଭାରତର ଏକତା ଓ ଅଖଣ୍ଡତାକୁ ସୁଦୃଢ଼ କରିବ ଏବଂ ଜମ୍ମୁ-କଶ୍ମୀର ସ୍ଥିତି ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇଯିବ ବୋଲି ଶାହ ଦୃଢ଼ୋକ୍ତି କରିଛନ୍ତି।

### ‘କଶ୍ମୀରକୁ ଦଖଲ କରିଛି ଭାରତ’

ନ୍ୟୁୟର୍କ,୨୯।୯(ଆଇଏଏନ୍‌ଏସ୍)

ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ରେ କଶ୍ମୀର ପ୍ରସଙ୍ଗକୁ ନେଇ ଭାରତ ବିରୋଧୀ ଅଭିଯାନରେ ଚାଇନା ଓ ତୁର୍କୀ ସହ ମାଲେସିଆ ଯୋଗଦେଇଛି। କଶ୍ମୀରକୁ ଭାରତ ଆକ୍ରମଣ ଓ ଦଖଲ କରିଛି ବୋଲି ମାଲେସିଆ ପ୍ରଧାନମନ୍ତ୍ରୀ ମାହାଥିର ମହମ୍ମଦ ଅଭିଯୋଗ ଆଣିଛନ୍ତି।



ମାହାଥିର ମହମ୍ମଦ

ୟୁଏନ୍‌ଜିଏର ୭୪ତମ ଅଧିବେଶନରେ ମାହାଥିର ଅଭିଭାଷଣ ଦେଇ କହିଥିଲେ, ଜାତିସଂଘ ସଂକଳ୍ପନାମା ସତ୍ତ୍ୱେ ଭାରତ କଶ୍ମୀରକୁ ଆକ୍ରମଣ କରି ଦଖଲରେ ରଖିଛି। ଏହି କାର୍ଯ୍ୟାନୁଷ୍ଠାନ ପାଇଁ କାରଣ ଥାଇପାରେ। କିନ୍ତୁ ଏହା ଏକ ଭୁଲ ପଦକ୍ଷେପ। ଶାନ୍ତିପୂର୍ଣ୍ଣ ଉପାୟରେ ଏହି ସମସ୍ୟାର ସମାଧାନ ଜରୁରୀ। ପାକିସ୍ତାନ ସହ ମିଶି ଭାରତ ଏହାର ସମାଧାନ କରିବା ଉଚିତ। ଜାତିସଂଘକୁ ଅଣଦେଖା କରିବା ଏହାର ଆଇନକୁ ଅସମ୍ମାନ ବୋଲି ସେ କହିଥିଲେ। ମାଲେସିଆ ଗଣମାଧ୍ୟମ ଅନୁସାରେ ଗତ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମାହାଥିରଙ୍କ ମଧ୍ୟରେ ସାକ୍ଷାତ ବେଳେ କଶ୍ମୀର ମୁଖ୍ୟ ପ୍ରସଙ୍ଗ ଥିଲା।

# ଗାନ୍ଧୀ ଜୟନ୍ତୀରେ ଫିଟ୍ ଇଣ୍ଡିଆ ପ୍ଲଗିଙ୍ଗ୍ ରନ୍



**ମନ୍ କୀ ବାତ୍**

ନୂଆଦିଲ୍ଲୀ,୨୯।୯(ପି.ଟି.)

ସ୍ୱଚ୍ଛ ଭାରତ ଅଭିଯାନ, ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଭାରତରେ ପ୍ଲଗିଙ୍ଗ୍ ଅଭିଯାନ ଆରମ୍ଭ କରିବା ଲାଗି ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ ‘ମନ୍ କୀ ବାତ୍’ରେ କହିଛନ୍ତି। ଭାରତର ପ୍ରଥମ ପ୍ଲଗର ରିପୁଦମନ ବେଲ୍‌ଭି ଏହି ପ୍ଲଗିଙ୍ଗ୍ କ୍ୟାମ୍ପେନ୍‌ର ଶୁଭାରମ୍ଭ କରିଥିବାରୁ ପ୍ରଧାନମନ୍ତ୍ରୀ ତାଙ୍କର ପ୍ରଶଂସା କରିଛନ୍ତି। ପ୍ଲଗିଙ୍ଗ୍ ହେଉଛି ରାସ୍ତାରେ ଜଗିଙ୍ଗ୍ କରିବା ସହିତ ଅଳିଆ ଉଠାଇବା। ଏହା ଆମକୁ ଫିଟ୍ ରଖିବା ସହ ପ୍ରଦୂଷଣ ରୋକିବାରେ ସହାୟକ ହୋଇପାରିବ। ୨୦୧୬ରେ ସ୍ୱିଡେନ୍‌ରେ ପ୍ରଥମେ ଏଭଳି ଏକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଗୋଟିଏ ଥର ବ୍ୟବହୃତ ପ୍ଲାଷ୍ଟିକ ନିଷିଦ୍ଧ ଅଭିଯାନ ହେଉଥିବାବେଳେ ଏଥିରୁ ମୁକ୍ତି ପାଇଁ ୧୩୦ କୋଟି ଦେଶବାସୀଙ୍କୁ ଶପଥ ନେବାକୁ ହେବ। ଅକ୍ଟୋବର ୨ରେ କ୍ରୀଡ଼ା ମନ୍ତ୍ରଣାଳୟ ‘ଫିଟ୍ ଇଣ୍ଡିଆ ପ୍ଲଗିଙ୍ଗ୍ ରନ୍’ ଆୟୋଜନ କରିବ। ଏଥିରେ ସାରା ଦେଶରୁ ଲୋକେ ଭାଗ ନେଇ ୨ କିଲୋମିଟର ଦୌଡ଼ିବା ସହ ଅଳିଆ ସଂଗ୍ରହ କରିବେ। ତମାଖୁ ବର୍ଜନ ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେବା ସହ ଇ-ସିଗାରେଟ ନିଷିଦ୍ଧ କରାଯାଇଥିବାରୁ ଏହା ଯୁବସମାଜକୁ ନୂଆ ବଦଭ୍ୟାସରେ ପଡ଼ିବାରୁ ରୋକିପାରିବ ବୋଲି କହିଛନ୍ତି। କ୍ୟାନସର, ମଧୁମେହ ଓ ରକ୍ତଚାପ ଭଳି ତମାଖୁ ସେବନ ଅତ୍ୟନ୍ତ ହାନିକାରକ। ଇ-ସିଗାରେଟ ମଧ୍ୟ ଅନୁରୂପ କ୍ଷତିକାରକ ହୋଇଥିବାରୁ ଏହାର ଉତ୍ପାଦନ ଓ ବିକ୍ରିକୁ ବନ୍ଦ କରିବା ଲାଗି ସରକାର ଅଧ୍ୟାଦେଶ ଆଣିଛନ୍ତି। ଆଗାମୀ ପାର୍ଲାମେଣ୍ଟ ଅଧିବେଶନରେ ଏହି ଅଧ୍ୟାଦେଶ ଆଇନରେ ପରିଣତ ହେବାକୁ ଯାଉଛି।

ପାର୍ବଣ ଋତୁ ଆରମ୍ଭ ହେବାକୁ ଯାଉଥିବାବେଳେ ଜନସାଧାରଣ ପରସ୍ପର ମଧ୍ୟରେ ଆନନ୍ଦ ବାଣ୍ଟିବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ନବରାତ୍ର ଉତ୍ସବ ଆରମ୍ଭ ହୋଇଥିବାବେଳେ ଏହା ଲୋକଙ୍କ ମଧ୍ୟରେ ନୂତନ ଉତ୍ସାହ ଭରିଦେବ। ଏଥର ଦିୱାଲି ପାଳନ ବେଳେ ରାଷ୍ଟ୍ର ନାରୀଶକ୍ତିର ଦକ୍ଷତା ଓ ସାମର୍ଥ୍ୟର ପାଳନ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଝିଅମାନଙ୍କୁ ସମ୍ବର୍ଦ୍ଧିତ କରିବା ଲାଗି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିବା ନିମନ୍ତେ ସେ ପରାମର୍ଶ ଦେଇଛନ୍ତି।

### [ଇତିହାସର ଆଇନାରେ] ସେପ୍ଟେମ୍ବର ୩୦ର ପ୍ରମୁଖ ଘଟଣା

୧ ୧୯୪୭ ସେପ୍ଟେମ୍ବର ୩୦ରେ ପାକିସ୍ତାନ ଆନୁଷ୍ଠାନିକ ଭାବେ ଜାତିସଂଘରେ ଯୋଗଦେଇଥିଲା। ଏବେ ଏହା ଏକ ଚାର୍ଟର ସଦସ୍ୟ। ପାକିସ୍ତାନ ଜାତିସଂଘ ସୁରକ୍ଷା ପରିଷଦକୁ ୭ ଥର ନିର୍ବାଚିତ ହୋଇଛି। ଏହାର କୂଟନୀତିଜ୍ଞ ମହମ୍ମଦ ଜାଫରୁଲ୍ଲା ଖାନ୍ ଜାତିସଂଘ ସାଧାରଣ ସଭାରେ ଅଧ୍ୟକ୍ଷ ଥିଲେ ।

୨ ୨୦୦୯ ସେପ୍ଟେମ୍ବର ୩୦ରେ ସୁମାତ୍ରାରେ ଭୂକମ୍ପରେ ୧୧୧୫ ଜଣଙ୍କ ମୃତ୍ୟୁ ଘଟିଥିଲା ଓ ୧୨୧୪ ଜଣ ଗୁରୁତର ଆହତ ହୋଇଥିଲେ। ରିକ୍ଟର ସ୍କେଲ୍‌ରେ ଭୂକମ୍ପର ତୀବ୍ରତା ଥିଲା ୭.୬। ଭୂମିକମ୍ପରେ ୨,୫୦,୦୦୦ ପରିବାର ପ୍ରଭାବିତ ହୋଇଥିଲେ। ୧.୩୫ ଲକ୍ଷ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା।

# ଭାରତରେ ୧୦୦ ବିଲିୟନ ଡଲାର ନିବେଶ କରିବ ସୌଦି

ନୂଆଦିଲ୍ଲୀ,୨୯।୯(ପି.ଟି.)

ବିଶ୍ୱର ସର୍ବବୃହତ ତୈଳ ରପ୍ତାନିକାରୀ ରାଷ୍ଟ୍ର ସୌଦି ଆରବ ଭାରତର ପେଟ୍ରୋକେମିକାଲ, ଭିତ୍ତିଭୂମି ଓ ଖଣି ସେକ୍ଟରରେ ୧୦୦ ବିଲିୟନ ଡଲାର ପୁଞ୍ଜିନିବେଶ କରିବାକୁ ମନସ୍ଥ କରିଛି। ସୌଦି ପାଇଁ ଭାରତ ପୁଞ୍ଜି ବିନିଯୋଗର ଆକର୍ଷଣୀୟ ସ୍ଥାନ ବୋଲି ସୌଦି ରାଷ୍ଟ୍ରଦୂତ ଡ. ସୌଦ ବିନ୍ ମହମ୍ମଦ ଅଲ୍ ସାଟି କହିଛନ୍ତି। ତୈଳ, ଗ୍ୟାସ, ମାଇନିଂ ଭଳି ପ୍ରମୁଖ ସେକ୍ଟରରେ ସୌଦି ଆରବ ନୂଆଦିଲ୍ଲୀ ସହ ଦୀର୍ଘମିଆଦୀ ଭାଗିଦାରିତାରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛି।

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିଃ ସହ ସୌଦିର ବୃହତ୍ ତୈଳ କମ୍ପାନୀ ଆରାମକୋ ଅଂଶିଦାର ହେବାକୁ ପ୍ରସ୍ତାବ ଦେଇଥିବା ଅଲ୍ ସାଟି କହିଛନ୍ତି। ଆରାମକୋ ପଶ୍ଚିମ ଉପକୂଳରେ ଥିବା ରିଲାଏନ୍ସର ତୈଳ ବିଶୋଧନାଗାର ଓ ପେଟ୍ରୋକେମିକାଲ ପ୍ରୋଜେକ୍ଟରେ ୪୪ ବିଲିୟନ ଡଲାର ନିବେଶ କରିବ।

# ଚାଇନାରେ ଦୁର୍ଘଟଣା: ୩୬ ମୃତ

ବେଜିଂ,୨୯।୯(ପି.ଟି.)

ଚାଇନାର ଜିଆଙ୍ଗସୁ ପ୍ରଦେଶରେ ସଡ଼କ ଦୁର୍ଘଟଣାରେ ୩୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୬ ଆହତ ହୋଇଛନ୍ତି। ୬୯ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ କୋଚ ସହ ଟ୍ରକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। କୋଚ୍‌ର ଫ୍ଲାଟ ଟାୟାର ପାଇଁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି।

# ସୁହାନାଙ୍କ ଡେବ୍ୟୁ ଫିଲ୍ମର ଟିଜର୍ ରିଲିଜ୍



**ମୁମ୍ବାଇ:** ପ୍ରତୀକ୍ଷାର ଅନ୍ତ ଘଟିଛି। ଆଉ ଜଣେ ଷ୍ଟାର୍ କିଡ୍ସ ବଲିଉଡରେ ପାଦ ଥାପିବାକୁ ଯାଉଛନ୍ତି। ବଲିଉଡ ବାଦଶାହ ଶାହରୁଖ ଖାନ୍‌ଙ୍କ ଝିଅ ସୁହାନା ଶେଷରେ ବଲିଉଡ୍‌ରେ ଏଣ୍ଟ୍ରି ମାରିଛନ୍ତି। ତାଙ୍କ ଡେବ୍ୟୁ ଫିଲ୍ମ ‘ଦି ଗ୍ରେ ପାର୍ଟ ଅଫ୍ ବ୍ଲୁ’ର ଟିଜର୍ ରବିବାର ରିଲିଜ୍ ହୋଇଛି। ଟିଜର୍‌ରେ ସୁହାନା ଅଭିନୟ ବେଶ ଦମଦାର୍ ହୋଇଛି। ତାଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ ମଧ୍ୟ କରିଛନ୍ତି। ଆଗକୁ ବଲିଉଡର ଆଗଧାଡ଼ିର ଅଭିନେତ୍ରୀମାନଙ୍କୁ ଟକ୍କର ଦେବାର କ୍ଷମତା ତାଙ୍କ ପାଖରେ ରହିଛି ବୋଲି ଚଳଚ୍ଚିତ୍ର ସମୀକ୍ଷକମାନେ ମତ ଦେଇଛନ୍ତି। ସ୍କୁଲରେ ପଢୁଥିବାବେଳେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଭିନୟ କରି ବହୁ ପୁରସ୍କାର ମଧ୍ୟ ଜିତିଛନ୍ତି ସୁହାନା। ଲଣ୍ଡନରେ ପଢ଼ା ଶେଷ କରିବା ପରେ ସେ ଏବେ ନ୍ୟୁୟର୍କରେ ଆକ୍ଟିଂ କୋର୍ସ କରୁଛନ୍ତି।

## ଭାଜପା ସହ ମେଣ୍ଟ ପରେ ଇସିଙ୍କ ଶୁଭଦୃଷ୍ଟି

# ନିର୍ବାଚନ ଲଢ଼ିପାରିବେ ସିକିମ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୨୯।୯(ପି.ଟି.)



- ଅଯୋଗ୍ୟତା ଅବଧି ୫ ବର୍ଷ କମିଲା
- ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ

ଉପନିର୍ବାଚନ ପୂର୍ବରୁ ସିକିମ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂ ତମାଙ୍ଗଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ନିର୍ବାଚନ କମିଶନ (ଇସି) ରବିବାର ତାଙ୍କର ଅଯୋଗ୍ୟତା ଅବଧିକୁ ୫ ବର୍ଷ କମାଇ ଦେଇଛନ୍ତି। ଫଳରେ ସେ ଏବେ ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିବା ପାଇଁ ନିର୍ବାଚନ ଲଢ଼ିପାରିବେ।

ପ୍ରେମ୍ ସିଂ ତମାଙ୍ଗ୍ ୧୯୯୦ ଦଶକରେ ପ୍ରାଣୀ ସମ୍ପଦ ମନ୍ତ୍ରୀ ଥିବାବେଳେ ଗାଈ ବଣ୍ଟନ ଯୋଜନାରେ ବଡ଼ ଧରଣର ଦୁର୍ନୀତି ହୋଇଥିଲା। ତାଙ୍କ ବିରୋଧରେ ସରକାରୀ ଅର୍ଥ ହଡ଼ପ ଅଭିଯୋଗ ହୋଇଥିଲା। ଏହି ମାମଲାରେ ତମାଙ୍ଗ୍ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏଥିପାଇଁ ତାଙ୍କୁ ୨୦୧୭ରୁ ୨୦୧୮ ପର୍ଯ୍ୟନ୍ତ ବର୍ଷକ ପାଇଁ ଜେଲ୍‌ରେ ରହିବାକୁ ପଡ଼ିଥିଲା। ତମାଙ୍ଗ୍ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଅଯୋଗ୍ୟ ଥିଲେ। ଏହି କଟକଣା ହଟାଇବା ପାଇଁ ସେ ଗତ ଜୁଲାଇରେ ନିର୍ବାଚନ କମିଶନଙ୍କୁ ଅନୁରୋଧ କରିଥିଲେ। ଶାସକ ସିକିମ କ୍ରାନ୍ତିକାରୀ ମୋର୍ଚ୍ଚା (ଏସ୍‌କେଏମ୍) ସହ ଶନିବାର ଭାଜପା ମେଣ୍ଟ ଘୋଷଣା କରିଥିଲା। ଏହାର ଦିନକ ପରେ ତାଙ୍କ ଉପରେ ଇସିଙ୍କ ଶୁଭଦୃଷ୍ଟି ପଡ଼ିଛି। ତମାଙ୍ଗ୍‌ଙ୍କ ଅଯୋଗ୍ୟତା ଅବଧିକୁ ୫ ବର୍ଷ କମାଇ ଦିଆଯାଇଛି। ଫଳରେ ସେ ଏବେ ଉପନିର୍ବାଚନ ଲଢ଼ି ପାରିବେ। ତମାଙ୍ଗ୍ ୨୦୧୮ ଅଗଷ୍ଟ ୧୦ରେ ଜେଲରୁ ମୁକୁଳି ଗତ ମେ ୨୭ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ଲୋକ ପ୍ରତିନିଧି ଆଇନ, ୧୯୫୧ ଅନୁସାରେ ଦୋଷୀ ସାବ୍ୟସ୍ତ ହୋଇଥିବା ନେତା ଜେଲରୁ ମୁକୁଳିବାର ୬ ବର୍ଷ ପର୍ଯ୍ୟନ୍ତ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ନିୟମ ରହିଛି। ଏଭଳି ସ୍ଥଳେ ବିଧାୟକ ନ ହୋଇ ମୁଖ୍ୟମନ୍ତ୍ରୀ ପଦରେ ଆସୀନ ଥିବା ତମାଙ୍ଗଙ୍କ ପାଇଁ ପଦ ବଜାୟ ରଖିବା ଲାଗି ୬ ମାସ ମଧ୍ୟରେ ବିଧାନସଭା ନିର୍ବାଚନରେ ବିଜୟୀ ହେବା ଜରୁରୀ। ତମାଙ୍ଗ୍‌ଙ୍କ ଅଯୋଗ୍ୟତା ଅବଧି ୨୦୨୪ ଅଗଷ୍ଟ ୧୦ରେ ଶେଷ ହେବାକୁ ଥିବାବେଳେ ଇସି ଲୋକ ପ୍ରତିନିଧି ଆଇନର ଧାରା ୧୧ ଅନୁସାରେ ତାଙ୍କ ପ୍ରତିଦ୍ୱନ୍ଦ୍ୱିତା କଟକଣାକୁ ୫ ବର୍ଷ ହ୍ରାସ କରିଦେଇଛନ୍ତି। ଫଳରେ ଜେଲ୍‌ରୁ ମୁକୁଳିବାର ୧୧ ମାସ ପରେ ସେ ନିର୍ବାଚନ ଲଢ଼ିପାରିବେ।

ପ୍ରକାଶ ଯେ, ସିକିମର ଭାଜପା ପ୍ରଭାରୀ ନୀତିନ ନବୀନ ଶାସକ ଏସ୍‌କେଏମ୍ ସହ ମିଶି ନିର୍ବାଚନ ଲଢ଼ିବା ପାଇଁ ଘୋଷଣା କରିଥିଲେ। ଭାଜପା ଗ୍ୟାଙ୍ଗ୍‌ଟକ ଓ ମାର୍ଟମ-ରୁମଟେକ୍ ଆସନରୁ ଲଢ଼ିବାକୁ ଥିବାବେଳେ ଏସ୍‌କେଏମ୍ ଭାଗରେ ପୋକ୍‌ଲୋକ-କାମରଙ୍ଗ ଆସନ ପଡ଼ିଛି। ଅକ୍ଟୋବର ୨୧ରେ ଏହି ୩ ଆସନରେ ଉପନିର୍ବାଚନ ହେବ ବୋଲି ନିକଟରେ ଇସି ଘୋଷଣା କରିଛନ୍ତି।

TVS

# ଏକ ରୁ ବଳି ଆରେକ ଫେଷ୍ଟିଭ୍ ଧମାକା ଅଫର୍ସ

₹2500 ପର୍ଯ୍ୟନ୍ତ ଡିସ୍କାଉଣ୍ଟ ବା ₹6000 ପର୍ଯ୍ୟନ୍ତ ସଞ୍ଚୟ ଫାଇନାନ୍ସରେ ।



କମ୍ୟୁଟର ମୋଟରସାଇକଲ୍ ଅଫ ଦ ଇୟର୍

ଜେ.ଡି. ପାୱର 2019 2W APEAL ରେ

ଭାରତର ମାଇଲେଜ୍ ଚମ୍ପିଅନ

INDIA BOOK OF RECORDS

ASIA BOOK OF RECORDS

3 କନ୍‌ଜିକ୍ୟୁଟିଭ୍ ୱିନର୍ ଅଫ୍ ଜେ.ଡି. ପାୱାର୍ ଆୱାର୍ଡ –ଇନିସିଆଲ୍ କ୍ୱାଲିଟୀ

TVS Radeon | TVS Victor | TVS Sport | StaR City+

₹4,999/-** ର ନ୍ୟୁନ ଡାଉନ୍ ପେମେଣ୍ଟ

₹41,663/-# ରୁ ମୂଲ୍ୟ ଆରମ୍ଭ

Paytm Cashback ₹7,000^ ପର୍ଯ୍ୟନ୍ତର ଲାଭ

**Finance at the sole discretion of the financier. Schemes cannot be clubbed. #Ex-showroom price Odisha of TVS Sport KS Spoke BS IV variant. ^JD Power APEAL Award 2019 for Economy Motorcycle - TVS Victor and TVS StaR City+. IBR and ABR for TVS Sport, Commuter motorcycle of the year for TVS Radeon. For more details on the award, please visit https://india.jdpower.com. ^Paytm offer valid till 30th Sep 2019. Offers applicable on select models only. Terms & conditions apply.

TVS 5 YEAR WARRANTY ^

ବଢ଼ିଆ ମାଇଲେଜ୍

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR:** Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628. BHAWANIPATNA: Barun TVS, Ph: 8260430746; ROURKELA: Unique TVS, Ph : 8114372182, 8114372181, Gurugobind TVS, Ph: 9776280601, 9437203299 ; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700732. Authorised Dealers: Rengali, Ph.: 9437052831; Deogarh, Ph : 9437392892; Charbahal, Ph.: 9853406294; Junagarh, Ph.: 9437092284, 9437939586; Nuapara, Ph.: 9937653638; Raj Khariar, Ph : 9439144433; Muniguda, Ph : 9583860028; Dharmagarh, Ph : 9938883405; Kutra, Ph : 6370312667, 7796501441; Belpahar, Ph.: 9238581791; Binka, Ph : 7894255589; Attabira, Ph : 9853157276; Barpali, Ph.: 9777703149; Patnagarh, Ph.: 9938621078; Dungripally, Ph.: 9937926986; Sundergarh, Ph.: 06622-274361, 9437139011; Rajgangpur, Ph : 9861265188 ; San Balichuan, Ph : 8658502167; Khariar Road, Ph.: 9938098888; Sohela, Ph.: 9938739550; Thuvapali, Ph : 9937452169 ; Bhatli, Ph : 9090140103; Titlagarh, Ph : 9438096285; Boudh, Ph.: 9439238768; Kantabanji, Ph : 9437210599; Gaisilat, Ph : 9937408645; Jaipatna, Ph : 9178280401;Padampur, Ph : 9938110070; Sambalpur, Ph : 9337016000; Bamra, Ph : 9437535172; Kuchinda, Ph : 9437058129; Tarbha : Ph : 9439135679 ; Redhakhol : Ph : 7978349822; Saintala : Ph : 9853781372; Gaisilat, Ph: 7683848645, Kantapali, Ph: 8342939695; Paikmal, Ph : 9938119999, 9777822622; Laikera, Ph : 9938465363 Bheden, Ph : 7008024042, 7008822177; Godbhaga, Ph : 6372444931, 6372445813; Bangamunda, Ph : 9937526500; Tusura, Ph : 9437890955, 9439581200; Bandhabahal, Ph : 6371909005 ; Bagdehi, Ph : 7008977491; Udanbandh, Ph : 7326042333, 7326042335; Lathor, Ph : 7008086417.



MARUTI SUZUKI ARENA

# ଏ ବର୍ଷର ସବୁଠାରୁ ଭଲ ଅଫର୍ସ ।

ଏହି ଦଶହରାରେ, ଘରକୁ ଆଣନ୍ତୁ ଖୁସି ନୂତନ ମାରୁତି ସୁଜୁକୀ କାର ସହିତ ।



## ₹1,00,000 ପର୍ଯ୍ୟନ୍ତ ସଞ୍ଚୟ କରନ୍ତୁ

— ସୀମିତ ସମୟ ପାଇଁ କେବଳ —

ଅଫର୍ସ 30 ସେପ୍ଟେମ୍ବର ପର୍ଯ୍ୟନ୍ତ ବୈଧ

| | ALTO (P) | ALTO K10 (P) | SWIFT (P) | SWIFT (D) | VITARA BREZZA (D) | DZIRE (P) | DZIRE (D) | CELERIO (P) | EECO (7 SEATER) | EECO (5 SEATER) |
|---|---|---|---|---|---|---|---|---|---|---|
| କଞ୍ଜୁମର ଅଫର୍* | ₹40,000 | ₹40,000 | ₹25,000 | ₹30,000 + 5 Yr. Warranty | ₹50,000 + 5 Yr. Warranty | ₹30,000 | ₹35,000 + 5 Yr. Warranty | ₹40,000 | ₹25,000 | ₹15,000 |
| ଏକ୍ସଚେଞ୍ଜ୍ ଅଫର୍* | ₹20,000 | ₹20,000 | ₹20,000 | ₹20,000 | ₹20,000 | ₹20,000 | ₹20,000 | ₹20,000 | ₹20,000 | ₹20,000 |
| କର୍ପୋରେଟ୍ ଅଫର୍* | ₹5,000 | ₹5,000 | ₹5,000 | ₹10,000 | ₹10,000 | ₹5,000 | ₹10,000 | ₹5,000 | ₹5,000 | ₹5,000 |
| ମୋଟ ସଞ୍ଚୟ* | ₹65,000 | ₹65,000 | ₹50,000 | ₹77,700 | ₹1,01,200 | ₹55,000 | ₹84,100 | ₹65,000 | ₹50,000 | ₹40,000 |

ALTO | ALTO K10 | SWIFT | VITARA BREZZA | DZIRE | CELERIO | EECO

**LEGEND CARS**
JEYPORE: CALL: 7894442915.
BHAWANIPATNA: CALL: 7894442907.

**SKY AUTOMOBILES**
BERHAMPUR: CALL: 7381261000.

**ODYSSEY MOTORS**
SAMBALPUR: CALL: 9439018805. BOLANGIR: CALL: 9438068327.
BARGARH: CALL: 8895094616. NUAPADA: CALL: 8895094633. SONEPUR: CALL: 9437421356.
JHARSUGUDA: CALL: 9439892153. BOUDH: CALL: 8594908009.

**ORBIT MOTORS**
ROURKELA: CALL: 9040404444, 9040404333. SUNDARGARH: CALL: 9437049161.
DEOGARH: CALL: 9437492369.

*Terms and Conditions apply. All offers are brought to you by Maruti Suzuki dealers. Offers may vary from city to city, and variant to variant for all models. Corporate offer value is maximum offer value, and same is applicable to selected corporates only. For diesel variants, warranty amount calculated is of the highest variant. Offer valid till stock lasts. Exchange offer valid at True Value outlets only. Accessories shown may not be part of standard equipment. For more details, contact your nearest Maruti Suzuki dealer. E-book today at www.marutisuzuki.com or visit your nearest Maruti Suzuki dealership.



"ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର




## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ....................................



ସାନ୍ୱି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ଜଙ୍ଗଲରେ ଅସୁସ୍ଥ ମାଈ ହାତୀ ଠାବ

# ଶିମିଳିପାଳରୁ ବିଶେଷଜ୍ଞଦଳ ଆସି ଚିକିତ୍ସା କଲେ



ଅସୁସ୍ଥ ମାଈ ହାତୀକୁ ଚିକିତ୍ସା କରାଯାଉଛି।

**କେନ୍ଦୁଝର,୨୯।୯ (ସ୍ୱ.ପ୍ର.)**

ଭୂୟାଁ ଓ ଜୁଆଙ୍ଗ ପୀଢ଼ ରେଞ୍ଜ ଅନ୍ତର୍ଗତ ଉପର ସୁମଠ ଗ୍ରାମ ଜଙ୍ଗଲରେ ଅସୁସ୍ଥ ହୋଇପଡିଥିବା ଏକ ମାଈ ହାତୀକୁ ଶନିବାର ଠାବ କରାଯାଇଛି। ଏହାକୁ ଚିକିତ୍ସା କରିବା ଲାଗି ମୟୂରଭଞ୍ଜ ଜିଲା ଶିମିଳିପାଳରୁ ଡକ୍ଟର ନନ୍ଦିତା ମିଶ୍ରଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଦଳ ରବିବାର ପହଞ୍ଚି ଚିକିତ୍ସା କାର୍ଯ୍ୟ ଆରମ୍ଭ କରିଛନ୍ତି। କେଉଁ କାରଣରୁ ମାଈ ହାତୀ ଅସୁସ୍ଥ ହୋଇପଡିଛି, ଜାଣିବା ଲାଗି ଡାକ୍ତରୀଦଳ ଯାଞ୍ଚ କରୁଥିବା ସ୍ଥାନୀୟ ରେଞ୍ଜ ଅଧିକାରୀ ମୁକ୍ତିକାନ୍ତ ପରିଡ଼ା ସୂଚନା ଦେଇଛନ୍ତି।

କେନ୍ଦୁଝରଠାରୁ ପ୍ରାୟ ୩୦ କି.ମି. ଦୂର ଜଙ୍ଗଲରେ ମାଈ ହାତୀଟି ଅସୁସ୍ଥ ହୋଇ ଗୋଟିଏ ସ୍ଥାନରେ ପଡି ରହିଥିବା ସୂଚନା ମିଳିବା ପରେ ଶନିବାର ବନକର୍ମଚାରୀ ଘଟଣାସ୍ଥଳକୁ ଯାଇଥିଲେ। ସ୍ଥାନୀୟ ପ୍ରାଣୀଧନ ଚିକିତ୍ସକ ସେଠଶକୁ ଯାଇ ହାତୀକୁ ପରୀକ୍ଷା କରିଥିଲେ। ଏହାପରେ ମୟୂରଭଞ୍ଜ ଜିଲା ଶିମିଳିପାଳରୁ ବିଶେଷଜ୍ଞ ଦଳ ଡକାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ତଦନୁଯାୟୀ ବିଶେଷଜ୍ଞ ଦଳ ରବିବାର ଆସି ପହଞ୍ଚିବା ପରେ ଅସୁସ୍ଥ ହାତୀକୁ ଚିକିତ୍ସା କରିବା ଆରମ୍ଭ କରିଛନ୍ତି। ଏହାର ରକ୍ତ ନମୁନା ସଂଗ୍ରହ କରି ଯାଞ୍ଚ କରାଯାଉଛି। ହାତୀଟି ଉଠିବାକୁ ଚେଷ୍ଟା କରୁଥିଲେ ମଧ ଉଠି ପାରୁ ନ ଥିବା କୁହାଯାଉଛି। ଏହି ଅସୁସ୍ଥ ହାତୀର ବୟସ ପାଖାପାଖି ୨୫ ବର୍ଷ ହେବ ବୋଲି ବନ କର୍ମଚାରୀଙ୍କ ସୂତ୍ରରୁ ଜଣାପଡିଛି। ଜଙ୍ଗଲ ଘେରରେ ଥିବା ଏହି ଅଞ୍ଚଳରେ ଏବେ ଅନ୍ୟ ୫ ଟି ହାତୀ ଘୂରି ବୁଲୁଛନ୍ତି । ପେଟରେ କୌଣସି ସଂକ୍ରମଣ ହେବା କାରଣରୁ ମାଈ ହାତୀଟି ଅସୁସ୍ଥ ହୋଇପଡିଥିବା ଚିକିତ୍ସକ ଦଳ ଆଶଙ୍କା ପ୍ରକାଶ କରିଛନ୍ତି । ନନ୍ଦନକାନନ ଓ ଚନ୍ଦକା ଜଙ୍ଗଲରେ ସଂକ୍ରମଣଜନିତ ହାତୀ ମୃତ୍ୟୁ ଘଟଣା ପରେ ଏହି ମାଈହାତୀର ଅସୁସ୍ଥତା ପରିବେଶବିତ୍‌ଙ୍କୁ ଚିନ୍ତିତ କରିଛି।

### ଆର୍‌ଏସ୍‌ପି ଜମିରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ଥଇଥାନ ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ପ୍ରସ୍ତାବ

# 'ଦେଢ଼ବର୍ଷରେ ରାଉରକେଲା ଅର୍ଥନୀତି ୨ଗୁଣା ହେବ'




କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ପ୍ରମୁଖ ମଞ୍ଚାସୀନ।

**ରାଉରକେଲା ଅଫିସ, ୨୯।୯**

କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୩ ଦିନିଆ ରାଉରକେଲା ଗସ୍ତରେ ଆସି ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, କେନ୍ଦ୍ର କର୍ମଚାରୀ, ରାଜ୍ୟ କର୍ମଚାରୀ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧିଙ୍କ ସହିତ ଆଲୋଚନା କରିଛନ୍ତି। ରବିବାର ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ରାଉରକେଲା ଇସ୍ପାତ କାରଖାନା ନିକଟରେ ୩୨ଶହ ଏକର ଜମି ରହିଥିବା ସୂଚନା ଦେଇଥିଲେ। ଏହା ସହ ଏହି କାରଖାନାର ସମ୍ପ୍ରସାରଣ ପାଇଁ ଆହୁରି ଜମିର ଆବଶ୍ୟକତା ରହିଥିବା କହିଥିଲେ। ରାଉରକେଲା ସହରରେ ଅନେକ ଗୁଡ଼ିଏ ବସ୍ତି ରହିଛି। ଏହି ବସ୍ତିରେ ଦୀର୍ଘ ବର୍ଷରୁ ରହି ଆସିଥିବା ପ୍ରାୟ ୧ଲକ୍ଷରୁ ଊର୍ଦ୍ଧ୍ୱ ବାସିନ୍ଦାଙ୍କୁ ଉଚିତ ଥଇଥାନ ପାଇଁ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦିଆଯାଇଥିବା କହିଛନ୍ତି। ଏପରିକି ରାଜ୍ୟ ସରକାରଙ୍କ ବିଭାଗୀୟ ଅଧିକାରୀ, କେନ୍ଦ୍ର ସରକାରଙ୍କ ଅଧିକାରୀ, ଆର୍‌ଏସ୍‌ପି ମିଳିତ ଭାବେ ଏହାକୁ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ଦେଇଥିଲେ। ଉକ୍ତ ବସ୍ତିବାସିନ୍ଦାଙ୍କୁ ଜମି ପଟ୍ଟା ପ୍ରଦାନ ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି କିପରି ଏନବିଏଫ୍‌ସିରୁ ଋଣ ଦିଆଯାଇ ପାରିବ। ସେ ନେଇ ଉଦ୍ୟମ କରାଯିବା ଆବଶ୍ୟକ ବୋଲି ମତ ରଖିଥିଲେ। ଏଥିପାଇଁ ଆର୍‌ଏସ୍‌ପି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭାଗୀୟ ଅଧିକାରୀ ମିଳିତ ଭାବେ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରସ୍ତାବ ଦେଇଥିଲେ। ଦେଶର ଅର୍ଥନୈତିକ ବଜାରକୁ ୫ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାକୁ ହେଲେ ଷ୍ଟିଲ ଉତ୍ପାଦନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ (ସେଲ୍) ଏହାକୁ ପୂରଣ କରିବା ଜରୁରୀ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବହୁଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ସେଲ ପାଇଥିବା ଖଣିରୁ ଲୁହାପଥର ଉତ୍ତୋଳନ କରି ନିଜ କାରଖାନାରେ ବ୍ୟବହାର କରୁଥିଲା। ତେବେ ୨୦୧୬ରେ ଶାହା କମିଶନଙ୍କ ରିପୋର୍ଟ ପରେ ଖଣି ଆଇନରେ କେତେକ ପରିବର୍ତ୍ତନ କରାଯାଇଥିଲା। ଏହି ନିୟମ ଅନୁଯାୟୀ ୨୦୨୦ ମସିହା ପର୍ଯ୍ୟନ୍ତ ଏହା ଚାଲିଥିବ। ତେବେ ସେଲ ୨୫ ପ୍ରତିଶତ ଅଧିକ ଉତ୍ପାଦନ ପାଇଁ ସରକାରଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଛି। ଏହାସହ ସେଲ ବର୍ଷକୁ ୭୦ ମିଲିୟନ ଟନ୍ ଲୋ -ଗ୍ରେଡ ଲୁହାପଥର ଉତ୍ତୋଳନ କରି ନିଜ କାରଖାନାରେ ବ୍ୟବହାର କରିବା ସହ ବଜାରରେ ଏହାକୁ ବିକ୍ରି କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଥିବା ସୂଚନା ଦେଇଥିଲେ। ଫଳରେ ଆର୍‌ଏସ୍‌ପିର ଉତ୍ପାଦନ କ୍ଷମତାରେ ବୃଦ୍ଧି ପାଇବ। ବର୍ତ୍ତମାନ କ୍ରୁଡ ଷ୍ଟିଲର ଚାହିଦା ରହିଛି। କ୍ରୁଡ ଷ୍ଟିଲର ଚାହିଦା ବର୍ଷକୁ ୩୦୦ ମିଲିୟନ ଟନ ଥିବା ବେଳେ ବର୍ତ୍ତମାନ ୧୪୦ ମିଲିୟନ ଟନ ଉତ୍ପାଦନ ହେଉଛି ବୋଲି କହିଥିଲେ। ତେବେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଫଳରେ ଆର୍‌ଏସ୍‌ପିର ଉତ୍ପାଦନରେ ଅଭିବୃଦ୍ଧି ଘଟିବ ବୋଲି କହିଥିଲେ। ଏହାସହ ରାଉରକେଲା ଇସ୍ପାତ କାରଖାନା ସହିତ ଆଖପାଖରେ ଥିବା ବିଭିନ୍ନ କଳ କାରଖାନାରେ ବର୍ଷକୁ ୪ଲକ୍ଷ ମେଟ୍ରିକ ଟନ ଲୁହାପଥର ବ୍ୟବହାର ହେଉଛି। ଆସନ୍ତା ଦେଢ଼ ବର୍ଷ ଭିତରେ ଏହାକୁ ୧୦ଲକ୍ଷ ମେଟ୍ରିକ ଟନରେ ପହଞ୍ଚାଇବା ସହ ଏହାର ଉପଯୋଗ କଲେ ରାଉରକେଲା ସହରର ଅର୍ଥନୀତି ୨ଗୁଣା ବୃଦ୍ଧି ହେବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ଏପରିକି ଏଥିପାଇଁ ରାଉରକେଲାରେ ଏକ ଅତ୍ୟାଧୁନିକ ଷ୍ଟିଲ କ୍ଲଷ୍ଟର ଖୋଲିବା ଉପରେ ବିଚାର ପାଇଁ ପ୍ରସ୍ତାବ ଦେଇଛି ବୋଲି କହିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା, ଚ୍ୟାମ୍ବର ଅଫ କମର୍ସ ସହ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କୁ ଭେଟିଥିଲେ। ସପ୍ତମ ବେତନ କମିଶନ ଲାଗୁ ହୋଇଥିବା ବେଳେ ଆର୍‌ଏସ୍‌ପିରେ ବର୍ତ୍ତମାନ ଯାଏ ୱେଜ ବୋର୍ଡ ବୈଠକ ବସିନାହିଁ। ଯାହାଫଳରେ ଶ୍ରମିକ ସଙ୍ଗଠନ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯିବା ସହ ଏ ନେଇ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ମନ୍ତ୍ରୀ ପ୍ରଧାନ ଆର୍‌ଏସ୍‌ପି ଖୁବଶୀଘ୍ର ୱେଜ ବୋର୍ଡ ବୈଠକ ଡାକି ଆଲୋଚନା କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଏହି ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ଅନୁଷ୍ଠିତ ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଓ ସେଲ ଅଧକ୍ଷ ଅନୀଲ ଚୌଧୁରୀ ମଞ୍ଚାସୀନ ଥିଲେ।

# ଦଶହରାକୁ ଫିକା କରିବନି ବର୍ଷା

**ଭୁବନେଶ୍ୱର, ୨୯।୯(ବ୍ୟୁରୋ)**

ରାଜ୍ୟରେ ବର୍ତ୍ତମାନ ମୌସୁମୀ ସକ୍ରିୟ ଥିବାରୁ ଆଗକୁ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, କଟକ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଡ୍ୟୁଟି ଅଫିସର ଲକ୍ଷ୍ମୀକାନ୍ତ ଗିରି ସୂଚନା ଦେଇଛନ୍ତି। ଆଗକୁ ଦଶହରା ସମୟରେ ରାଜ୍ୟରେ ଅଳ୍ପ ବର୍ଷା ହୋଇପାରେ। ସେପ୍ଟେମ୍ବର ଶେଷ ସୁଦ୍ଧା ସକ୍ରିୟ ଥିବା ମୌସୁମୀ ପୂଜାକୁ ଫିକା ପକାଇବ ନାହିଁ। ଦଶହରାର ଷଷ୍ଠୀ, ସପ୍ତମୀ ଓ ଅଷ୍ଟମୀ ପୂଜା ସମୟରେ ଅପରାହ୍ଣରେ ସ୍ୱଳ୍ପ ବର୍ଷା ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ଅନ୍ୟପକ୍ଷରେ ଅକ୍ଟୋବର ୨ ଓ ୩ରେ ରାଜ୍ୟର ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨ ତାରିଖରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ସହିତ ଆଉ କିଛି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହେବ।

**୨,୩ରେ ୟେଲୋ ୱାର୍ନିଂ**

ସେଦିନ ବରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ସୁବର୍ଣ୍ଣପୁର, ଢେଙ୍କାନାଳ, ଅନୁଗୋଳ ଓ କେନ୍ଦୁଝର ଆଦି ୭ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ଏସବୁ ଜିଲାରେ ଝଡ଼ତୋଫାନ ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ସେହିପରି ୩ ତାରିଖ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ନୟାଗଡ଼ ଓ ଗଞ୍ଜାମ ଆଦି ୯ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ତୋଫାନ ସହ ବଜ୍ରପାତ ହେବ ବୋଲି ଆଶଙ୍କା କରିଛି ପାଣିପାଗ କେନ୍ଦ୍ର। ସୂଚନା ଯେ, ରବିବାର ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷା ହୋଇଛି। ବଲାଙ୍ଗୀରରେ ସର୍ବାଧିକ ୫୬.୪ମିଲିମିଟର ବର୍ଷା ହୋଇଥିବାବେଳେ ଝାରସୁଗୁଡ଼ାରେ ୩୦.୨ମିମି, ଭବାନୀପାଟଣାରେ ୧୩ମିମି, ସୁନ୍ଦରଗଡ଼ରେ ୧୦.୪ମିମି, ଫୁଲବାଣୀ ୬.୨ମିମି, ହୀରାକୁଦରେ ୬ମିମି ଓ ଦାରିଙ୍ଗବାଡ଼ିରେ ୫ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ପିଲା ଯିବେ...

ସାମସ୍ (ଷ୍ଟୁଡେଣ୍ଟ ଏକାଡେମିକ ମ୍ୟାନେଜମେଣ୍ଟ ସିଷ୍ଟମ)ରେ ଯେପର୍ଯ୍ୟନ୍ତ ଆଡ୍‌ମିଶନ ପାଇଥିବା ପିଲାଙ୍କ ନାଁ ଅପଡେଟ ନ ହୋଇଛି କିଛି କରାଯାଇପାରିବ ନାହିଁ ଆମକୁ ନିର୍ଦ୍ଦିଷ୍ଟ ଭାବେ ଏ ପର୍ଯ୍ୟନ୍ତ ଉପରୁ ନିର୍ଦ୍ଦେଶ ମଧ ଦିଆଯାଇନାହିଁ। ଆମେ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍(ପିଏମ୍‌ୟୁ) ଅଫିସର ଇନ୍‌ଚାର୍ଜ (ଓଆଇସି) ଭାଗୀରଥି କାଣ୍ଡିଙ୍କୁ ଫୋନ୍ କରିବାରୁ ତାହା ଏକ ବଡ଼ ଭୁଲ୍ ବୋଲି ଉତ୍ତର ମିଳିଲା। ଏନେଇ ବିଜେବି ଏବଂ ରେଭେନ୍‌ଶାରୁ ଖବର ମିଳିବାପରେ ଘଟଣା ସମ୍ପର୍କରେ ଜଣାପଡ଼ିଥିବା କାଣ୍ଡି କହିଥିଲେ ବୋଲି ସୁଶାନ୍ତ କହିଛନ୍ତି। ମାତ୍ର କଲେଜ ପକ୍ଷରୁ ଯାହା କୁହାଯାଇଛି, ତାହାର ଓଲଟା ଜବାବ ପିଏମ୍‌ୟୁ ଓଆଇସି ଭାଗୀରଥି କାଣ୍ଡିଙ୍କ ନିକଟରୁ ଶୁଣିବାକୁ ମିଳିଛି। ଏଥିପାଇଁ ସବୁ କଲେଜଗୁଡିକ ଦାୟୀ ବୋଲି କହିଦେଇ ସେ ସିଧାସଳଖ ନିଜ ଦୋଷ ଗ୍ରହଣ କରି ନ ଥିଲେ। ଘଟଣା ସମ୍ପର୍କରେ ଧରିତ୍ରୀ ତରଫରୁ ଭାଗୀରଥି କାଣ୍ଡିଙ୍କୁ ମୋବାଇଲ ଫୋନ ନମ୍ବର(୭୦୦୮୨୫୧୯୫୦)କୁ ଏକାଧିକ ବାର ଯୋଗାଯୋଗ କରିବାପରେ ସେ ତାଙ୍କ ଆଡୁ ଟେଲିଫୋନ୍ କରି କହିଛନ୍ତି, କଲେଜ ସ୍ତରରେ ଏହି ଭୁଲ୍ ହୋଇଛି। ଆମେ ଯାହା ତାଲିକା ପଠାଇଥିଲୁ ସେହିଦିନ ତାହାକୁ ସଂଶୋଧନ କରି ଆଉ ଏକ ଚିଠି କରିଥିଲୁ। ସେସବୁ ଗୋଟିଏ ଦିନରେ ହୋଇଥିଲା। ମାତ୍ର ସଂଶୋଧିତ ତାଲିକାକୁ କଲେଜଗୁଡ଼ିକ ଦେଖିନାହାନ୍ତି ବୋଲି ସେ କହିଛନ୍ତି। କିନ୍ତୁ ତାଙ୍କ ତରଫରୁ ହୋଇଥିବା ତ୍ରୁଟି ସମ୍ପର୍କରେ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଆଉ କିଛି ଅଧାପକ କହିଛନ୍ତି, ଘଟଣାକୁ ୧୦ଦିନ ବିତିଯିବା ସତ୍ତ୍ୱେ ସରକାର କୌଣସି ପଦକ୍ଷେପ ନ ନେଇ ଚୁପ୍ ବସିଛନ୍ତି। ଘଟଣାକୁ ଚାପିଦେବାକୁ ମଧ ଉପରୁ କୁହାଯାଉଛି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକ ସୁନ୍ଦରଲାଲ୍ ସିଲ୍‌ଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ସେ କିଛି ପଦକ୍ଷେପ ନେଇନାହାନ୍ତି। ଏଭଳି ଗୋଳିଆ ପରିସ୍ଥିତିରେ ଅନ୍ୟ ଏକ ପ୍ରଶ୍ନ କେତେଜଣ ଅଧାପକଙ୍କ ଦ୍ୱାରା ଉଠାଯାଉଛି। ସେମାନଙ୍କ କହିବାନୁଯାୟୀ, ଯେଉଁ ପିଲାମାନଙ୍କୁ ନାମଲେଖା ଯାଇ ପରେ ଏଥିରୁ ବଞ୍ଚିତ କରାଗଲା ତାହା ପଛରେ କିଛି ମନ୍ଦ ଉଦ୍ଦେଶ୍ୟ ରହିଥାଇପାରେ। ଏଇ କେତେକ ପିଲାଙ୍କୁ ବାଦ୍ ପକାଇ ଅଧିକ ମାର୍କ ପାଇଥିବା ପିଲାଙ୍କ ନାମ ଦିଆଯାଇଥିବା ଯାହା କୁହାଯାଉଛି, ତାହା କେତେଦୂର ସତ୍ୟ ସେ ସମ୍ପର୍କରେ ପ୍ରଶ୍ନ ଉଠିଲାଣି। ଏହି ଅଧାପକମାନଙ୍କ ସନ୍ଦେହ ହେଉଛି ଯେ, କେତେକ ମୁଷ୍ଟିମେୟ ଶକ୍ତିଶାଳୀ ପିଲାଙ୍କୁ ଏଭଳି ତ୍ରୁଟି ଘଟାଇ ବେଆଇନ ଭାବେ ନାମ ଲେଖାଇବାର ସୁଯୋଗ ଦିଆଯାଇଥାଇପାରେ। ସେହିପରି ଘଟଣା ସମ୍ପର୍କରେ ନିର୍ଦ୍ଦେଶକ ସୁନ୍ଦରଲାଲ୍ ସିଲ୍‌ଙ୍କ ମୋବାଇଲ ଫୋନ ନମ୍ବର(୯୪୩୭୫୬୭୯୧୦୧)କୁ ଏକାଧିକ ବାର ଯୋଗାଯୋଗ ପାଇଁ ପ୍ରୟାସ କରାଯାଇଥିଲା। ହେଲେ ସେ ଉତ୍ତର ଦେଇନାହାନ୍ତି।

## ସନତ୍ ଭାଜପା...

ଭାଜପା ପ୍ରତି ସନତ କୃତଜ୍ଞତା ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁରରୁ ପ୍ରାର୍ଥୀ ହୋଇଥିଲେ। ଏକାଧିକ ପ୍ରାର୍ଥୀ ତାଙ୍କ ବିରୋଧରେ ଛିଡା ହୋଇଥିଲେ। ହେଲେ ଭାଜପା ପ୍ରାର୍ଥୀ ସନତ ହିଁ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ସାଜିଥିଲେ। ସନତ ସେ ସମୟରେ ପ୍ରାୟ ୫୩,୪୮୨ ଖଣ୍ଡ ଭୋଟ ପାଇଥିଲେ। ଏହା ବିଜୟୀ ପ୍ରାର୍ଥୀ ନବୀନ ପଟ୍ଟନାୟକଙ୍କ ଭୋଟଠାରୁ ୫୭,୧୨୨ ଖଣ୍ଡ କମ୍ ରହିଥିଲା।

## ଭିନ୍ନକ୍ଷମଙ୍କୁ ମିଳିବ ଏକତ୍ରୀକରଣ ସାର୍ଟିଫିକେଟ୍

**ଭୁବନେଶ୍ୱର, ୨୯।୯(ବ୍ୟୁରୋ)**

ମାନସିକ ଭିନ୍ନକ୍ଷମ ଅଭିଭାବକ ସଂଘର ୧୫ତମ ସାଧାରଣ ସଭା ରବିବାର ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ହୋଇଛି। ରାଜ୍ୟ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଭିନ୍ନକ୍ଷମଙ୍କୁ ସାରା ଦେଶରେ ଗ୍ରହଣଯୋଗ୍ୟ ଭିନ୍ନକ୍ଷମ ଏକତ୍ରୀକରଣ ସାର୍ଟିଫିକେଟ୍ ତୁରନ୍ତ ଯୋଗାଇ ଦିଆଯିବ ବୋଲି ଘୋଷଣା କରିଛନ୍ତି। ମାନସିକ ଭିନ୍ନକ୍ଷମଙ୍କ ପାଇଁ ଆବାସିକ ଗୃହ ନିର୍ମାଣ କରିବାକୁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ୫ ହଜାର ରେଳ ଷ୍ଟେଶନରେ ମାଗଣା ୱାଇଫାଇ ସେବା

**ଭୁବନେଶ୍ୱର, ୨୯।୯(ବ୍ୟୁରୋ)**

ଭାରତୀୟ ରେଳପଥ ଦେଶର ୫ ହଜାର ଷ୍ଟେଶନରେ ମାଗଣା ୱାଇଫାଇ ସେବାକୁ ଉପଲବ୍ଧ କରାଇଛି। ଶନିବାର ଦକ୍ଷିଣ-ପୂର୍ବ ରେଳପଥ ଅନ୍ତର୍ଗତ ପଶ୍ଚିମବଙ୍ଗର ମିଦନାପୁର ରେଳ ଷ୍ଟେଶନରେ ମାଗଣା ୱାଇଫାଇ ବ୍ୟବସ୍ଥା ହେବା ପରେ ଏହା ତାଲିକାର ଶେଷତମ ସ୍ଥାନରେ ରହିଛି। ଏ ସମ୍ପର୍କରେ ରେଳ ମନ୍ତ୍ରୀ ପୀୟୁଷ ଗୋୟଲ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ୨୦୧୬ ଜାନୁୟାରୀରେ ଆରମ୍ଭ ହୋଇଥିବା ଏହି ଯୋଜନା ତିନିବର୍ଷ ଭିତରେ ଦେଶର ୫ ହଜାର ଷ୍ଟେଶନକୁ ଛୁଇଁପାରିଛି ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମୁମ୍ବାଇ ସେଣ୍ଟ୍ରାଲ ରେଲ୍‌ୱେ ଷ୍ଟେଶନରୁ ଶୁଭାରମ୍ଭ ହୋଇଥିଲା ମାଗଣା ୱାଇଫାଇ ସେବା। ରେଲ୍‌ୱେ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଓଡ଼ିଶାର ୧୬୩ରୁ ଊର୍ଦ୍ଧ୍ୱ ଷ୍ଟେଶନରେ ମାଗଣା ୱାଇଫାଇ ସୁବିଧା ଉପଲବ୍ଧ କରାଯାଇଛି। ଏଥିରେ କାଟେଗୋରୀ-ବି, ସି, ଡି, ଇ ଷ୍ଟେଶନଗୁଡ଼ିକ ମଧ ଅନ୍ତର୍ଭୁକ୍ତ ହୋଇଛି। ଯାତ୍ରୀମାନେ ଷ୍ଟେଶନରେ ଅଧଘଣ୍ଟା ପର୍ଯ୍ୟନ୍ତ ଏହି ୱାଇଫାଇ ସେବାକୁ ବ୍ୟବହାର କରିପାରିବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି କେତେକାଂଶରେ ବ୍ୟାହତ ହେବ। କର୍ମକ୍ଷେତ୍ର, ବ୍ୟବସାୟ, ପରିବହନ, ରାଜନୀତି, ସଭାସମିତି ଓ କଳା, କ୍ରୀଡ଼ା ପାଇଁ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ନିକଟ ସମ୍ପର୍କୀୟମାନଙ୍କ ମିଥ୍ୟା ଅଭିଯୋଗ ସକାଶେ ନିଜ ଲୋକମାନଙ୍କୁ ଦାୟୀ କରିବେ।

**ବୃଷ** – ପରୋକ୍ଷ ଶତ୍ରୁତା କାରଣରୁ ନିଜେ କୌଣସି ପ୍ରକାରର ଭୁଲ୍ ନ କରି ମଧ ଦୋଷୀ ରୂପେ ପରିଗଣିତ ହେବେ। କେତେକ ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ଏହା ଘଟିବାର ସମ୍ଭାବନା ଅଧିକ ରହିଛି। ଅର୍ଥ କିମ୍ବା ଆବଶ୍ୟକତା ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ସାଧାରଣ ପରିସ୍ଥିତିରେ ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ।

**ମିଥୁନ** – ସ୍ୱାସ୍ଥ୍ୟରେ ଉନ୍ନତି, ଗୃହରେ ଶାନ୍ତି, ଜମିଜମା ବିବାଦର ସମାଧାନ କାରଣରୁ ଆନନ୍ଦ ଅନୁଭବ କରିବେ। ସଭାସମିତି, ବନ୍ଧୁ ସମ୍ପର୍କ ଓ ପାରିବାରିକ ଦିଗରୁ ଅନୁକୂଳ ଫଳ ପାଇବେ। ପ୍ରେସ୍ ପବ୍ଲିକେଶନ,ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ଶିଳ୍ପ, ବାଣିଜ୍ୟରେ ବିଭିନ୍ନ ପ୍ରକାରର ଚାପର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ** – ନୂତନ କର୍ମାରମ୍ଭର ପ୍ରାଥମିକ ସ୍ତରରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ। ଭ୍ରମଣ ସୁଯୋଗ, ସତ୍‌ସଙ୍ଗ, ବନ୍ଧୁଙ୍କ ନିମନ୍ତ୍ରଣ, ଦୂରଯାତ୍ରା ଓ ବନ୍ଧୁମିଳନ ଜନିତ ମନ ଏକପ୍ରକାର ଖୁସି ରହିବ। ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ କେତେକ ମାନସିକ ଦ୍ୱନ୍ଦ୍ୱ ଭିତରେ ସମୟ କଟାଇବେ।

**ସିଂହ** – ପରିସ୍ଥିତି କେତେକାଂଶରେ ଭଲ ହେଲେ ମଧ ପ୍ରତ୍ୟେକ କାମରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। ସଦାବେଳେ ହାତଖାଲି ରହିବାରୁ ମନରେ ସରସତା ରହିବ ନାହିଁ। ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ।

**କନ୍ୟା** – ହଠାତ୍ ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ ନେଇ ବିବାଦ ଦେଖାଦେଇପାରେ। ଚିତ୍ରା ନକ୍ଷତ୍ରର ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରଯତ୍ନ କରିପାରନ୍ତି। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ଭଲ ସମ୍ପର୍କ ନ ଥିବା ଆତ୍ମୀୟମାନେ ପଛରେ ବିଭିନ୍ନ ପ୍ରକାରର କଟୁ କଥା କହିବେ।

**ତୁଳା** – ନିଜର ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ ଓ ବନ୍ଧୁ ମିଳନ ଘଟିବ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ବକେୟା ଟଙ୍କା ପାଇଁ ସମସ୍ୟା ଉପୁଜିବା ସହ ପରିବହନରେ ଝଗଡ଼ା ଲାଗିପାରେ।

**ବିଛା** – ନିଜର ପ୍ରାଧାନ୍ୟ ରକ୍ଷା କରିବାକୁ ଯାଇ ବନ୍ଧୁମାନଙ୍କ ସହ ମତାନ୍ତରର ସମ୍ଭାବନା ରହିଛି। ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ ଓ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପ୍ରିୟଜନମାନଙ୍କ ସାହାଯ୍ୟରୁ ଅପରାହ୍ନେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିବ। ଯେ କୌଣସି କାମ ଆରମ୍ଭ ପୂର୍ବରୁ ସରଳ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଶାରୀରିକ ସୁସ୍ଥତା ଫେରିପାଇବେ କିନ୍ତୁ ବହୁତ ହଇରାଣ, ହରକତ ହେବାକୁ ପଡ଼ିପାରେ। ଲେଖାପଢ଼ା ତଥା ପ୍ରକାଶନ, ପ୍ରଶାସନ, ଯୋଗାଯୋଗ କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର** – କୌଣସି ପ୍ରିୟଜନଙ୍କ ସମ୍ପର୍କରେ ଚିନ୍ତା କରି ମନଟା ଭଲ ଲାଗି ନ ପାରେ ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ସ୍ତ୍ରୀ ସମ୍ପର୍କ, ବିବାଦୀୟ ଘଟଣା ନିର୍ମାଣ ଓ ପରିବହନରେ ସମସ୍ୟା ଏହାର କାରଣ ହେବ। ନିଜ ଅବହେଳାରୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହେବେ। ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ।

**କୁମ୍ଭ** – ନୂତନ ଗୃହ, ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ। ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆର୍ଥିକ ସମସ୍ୟା, ମାମଲା, ଜମିଜମା ପିଲାମାନଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ।

**ମୀନ** – ଆଜି ଯେଉଁ କାମରେ ହାତଦେବେ ସେଥିରେ ନିଶ୍ଚିତ ସଫଳତା ହାସଲ କରିବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହେବେ।

ଆଜି ଆଶ୍ୱିନ ଶୁକ୍ଳ ଦ୍ୱିତୀୟା ସୋମବାର, ସେପ୍ଟେମ୍ବର ୩୦ ତାରିଖ, ରାଶି ନକ୍ଷତ୍ର-ଚିତ୍ରା/ତୁଳା, ମିଥୁନ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ,ଦିବା ଘ୬।୧୬ମି. ମଧ୍ୟେ, ଘ୮।୫୦ମି. ଗତେ ଘ୧୧।୧୦ମି. ମଧ୍ୟେ ଅମୃତବେଳା। ସକାଳ ଘ୮।୪୪ମି. ଗତେ ଘ୧୦।୧୮ମି. ମଧ୍ୟେ, ଘ୧୧।୪୮ମି. ଗତେ ଘ୧।୧୦ମି. ମଧ୍ୟେ, ଘ୨।୩୬ମି. ଗତେ ଘ୪।୦୧ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୦୯ମି. ଗତେ ଘ୮।୩୮ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି 9090963952. D-66774

ଭୁବନେଶ୍ୱର IIT ଅରଗୁଳ ରେଲୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

Yellowzone sthitiban gharabari plot sale at AIIMS Hospital, Bhubaneswar. 7381809172. D-66791

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

Gharabari boundary plot near Kalinganagar DAV School, Sum hospital (Nuagoan) (size-2024) sqft. 1950/-, Patrapada 600mtr distance from NH- sqft. 2200/- . 9937044887, 8249240653. D-66790

213 decml gharabari sthitiban plot, yellow zone on 60ft road @ Sundarpur, Bhubaneswar, adjacent to 200ft road. Contact Owner: 9338342502. D-68104

1500sqft. gharabari plots with 30ft road 8k.m from Airport 2km before OEC, Bhubaneswar for sale. 9937162220. D-66194




2RK semifurnished flat at mainroad, Unit-8, Soubhagyanagar, 9000004523. D-67710

**PACKERS & MOVERS**

India's No.1 Packers- Leo Packers & Movers since 1975, Nationwide Network- 9438133699. D-14426




Refresh your mind and soul with best therapy at Orchid Salon/ Spa. 9937287222. D-66970

Newly open fullbody massage ladies and gents full service: 7682913255. D-38563




୧ ଘଣ୍ଟାରେ AtoZ ସମସ୍ୟାର ୧୦୦% ସମାଧାନ। ବଶୀକରଣ, ପ୍ରେମବିବାହ, ଶତ୍ରୁଦମନ ଇତ୍ୟାଦି ମାତ୍ର ୫୦୦ଟଙ୍କା ବିନିମୟରେ ଯୋଗାଯୋଗ କରନ୍ତୁ। 7683887544. D-59939

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ-ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14392

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଲୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

Your Classified Advertisement published in Dharitri will be listed free in Dharitri Online Edition: www.dharitri.com


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

2 to 6 October 2019

# 39th WORLD CONGRESS OF POETS

## Organized by: Kalinga Institute of Industrial Technology (KIIT)

### Deemed to be University, Bhubaneswar, Odisha, India

### Theme: Compassion through Poetry

World Congress of Poets is one of a kind festival in which, poets from all over the world congregate under one roof to discuss, read and critically appreciate the poetry written by fellow poets. Established in 1969, the World Congress of Poets (WCP), affiliated with the World Academy of Arts and Culture (WAAC), registered in the USA and recognized by UNESCO, is a venerable and prestigious international poetry organization, with thousands of members from five continents. Poetry reading by eminent poets and book releases by eminent writers will mark the event. WCP's founding objective is to promote world brotherhood and peace through poetry. The 39th World Congress of Poets (WCP) will be hosted by Kalinga Institute of Industrial Technology (KIIT) Deemed to be University, Bhubaneswar from October 2-6, 2019. This is the third time it is being hosted in India. On both the previous occasions, the meet was held in Chennai in 1986 & 2007. Over 1,000 poets and writers from India and 82 countries, including Noble Laureates and young poets, and another 500 poets and writers from Odisha, would participate in this Congress. It will be held in English, Spanish, Chinese and regional languages. Coincidentally, WCP will be celebrating its golden jubilee year in this edition. It is a matter of pride for Odisha and India to be hosting such a coveted Congress. It will surely help promote the art, culture, heritage, literature, tradition and tourism of India and Odisha at international level.

**Inaugural Ceremony** | October 2, 2019 | Venue: Convention Centre KIIT Deemed to be University, Bhubaneswar

*To be graced by*



**Shri Naveen Patnaik**
Hon'ble Chief Minister of Odisha

*In the august presence of*



**Shri Jyoti Prakash Panigrahi**
Hon'ble Minister of Tourism & Odia Language, Literature & Culture, Govt. of Odisha



**Shri Akhilesh Mishra**
Director General, Indian Council for Cultural Relations

**Dr. Yu Hsi**, Patron, World Congress of Poets and President, World Academy of Arts and Culture
**Dr. Maurus Young**, President, World Congress of Poets
**Prof. Ernesto Kahan**, 1st Vice President, World Academy of Arts and Culture
**Dr. María Eugenia Soberanis**, General Secretary, World Academy of Arts and Culture, and
**Prof. Achyuta Samanta**, President, The 39th World Congress of Poets will grace the Sessions on all days.

**Wisdom Poetry** | October 3, 2019 | Venue: Convention Centre KIIT Deemed to be University, Bhubaneswar

*To be graced by*



**Shri Prahlad Singh Patel**
Hon'ble Minister of State (Ind.) for Culture and Tourism, Govt. of India

*In the august presence of*



**Smt. Aparajita Sarangi**
Hon'ble Member of Parliament (L.S.), Bhubaneswar



**Shri S. K. Rout**
Hon'ble MLA, Bhubaneswar North



**Shri Shyam Jaju**
National Vice President, Bharatiya Janata Party

**Tourism Poetry** | October 4, 2019 | Venue: Konark Sun Temple

*Special Lecture by*
**Shri R. Balakrishnan**
Chief Advisor, Chief Minister's Office, Odisha

**Topic** - Konark: The Known and the Unknown

**Spiritual Poetry** | October 5, 2019 | Venue: Puri Sea Beach

*To be graced by*
**Shri H. N. Dikshit**
Hon'ble Speaker, Uttar Pradesh Legislative Assembly

*Special Lecture by*
**Prabhu Gaur Gopal Das**
Life Coach, Monk, Spiritual & Motivational Speaker

*Talk by*
**Dr. Dilip Naik**
Professor, English & Foreign Language University, Hyderabad

**Valedictory Ceremony** | October 6, 2019 | Venue: Convention Centre KIIT Deemed to be University, Bhubaneswar

*To be graced by*



**Shri M. Venkaiah Naidu**
Hon'ble Vice President of India

*In the august presence of*



**Prof. Ganeshi Lal**
Hon'ble Governor of Odisha



**Shri P. C. Sarangi**
Hon'ble Minister of State for Animal Husbandry, Dairying & Fisheries and MSME, Govt. of India

## AWARDS

Presentation of the highest award of WCP, *Golden Gabel* to
**Prof. Achyuta Samanta**
President, the 39th World Congress of Poets

Presentation of *Gandhi Prize for Literature* to
**Shri Acharya Bhabananda**
Professor of Anthropology (Retd.), Hartford Seminary Foundation, USA

Presentation of *Honorary D.Litt. Degrees* to:

**Prof. Ganeshi Lal**
His Excellency the Governor of Odisha

**Dr. Prasanna Kumar Patasani**
Former Member of Parliament, Poet and Writer

**Padma Bhushan Shri Ruskin Bond**
Eminent Writer and Poet, Mussoorie

**Shri Ganesh Haloi**
Eminent artist, Kolkata

**Dr. Liviu Pendefunda**
Noted Neurologist and Writer, Romania

**Shri Santanu Kumar Acharya**
Eminent Odia Writer, Odisha

Presentation of *Honorary Diploma* to:

**Shri Bhabani Charan Pattnayak**, Former Member of Parliament (Rajya Sabha) and Freedom Fighter

**Smt. Pravasini Mahakud**, Eminent Odia Poet & Writer

**Shri Souvagya Kumar Mohapatra**, Executive Director, Mayfair Hotels and Resorts

**Dr. Rita Malhotra**, President, Poetry Across Cultures

**Ms. Dutee Chand**, Olympian & Ace Sprinter



**Poetry Reading Parallel Sessions - English, Chinese, Spanish, Hindi & Odia**

**HIGHLIGHTS**

Representation from **82** countries & **5** continents
**1000** poets from India & abroad, including young poets
**500** poets & writers from Odisha

**SCHEDULE IN BRIEF**

**Compassion Poetry** : Date & Time: October 2, 2019; 3.00 pm I Venue: KIIT, Bhubaneswar
**Wisdom Poetry** : Date & Time: October 3, 2019; 11.00 am I Venue: KIIT, Bhubaneswar
**Tourism Poetry** : Date & Time: October 4, 2019; 10.00 am I Venue: Konark Sun Temple
**Spiritual Poetry** : Date & Time: October 5, 2019; 9.30 am I Venue: Puri Sea Beach
**Reflection Poetry** : Date & Time: October 6, 2019; 9.30 am I Venue: KIIT, Bhubaneswar

Kalinga Institute of Industrial Technology (KIIT)Bhubaneswar, Odisha, India | For more details, Visit www.kiit.ac.in | +91 674 2725113 | Find us on /KIITUniversity/

Watch live on KalingaTV October 2, 3 & 6, 2019

ଆମେ ନିଜକୁ ଭାଗ୍ୟବାନ ମନେକରିବା ଉଚିତ। କାରଣ, ଭଗବାନ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି। ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ– ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା। –ଶ୍ରୀମା

# ଓଲଟା ସଂରକ୍ଷଣ

ବ୍ରିଟେନଭିତ୍ତିକ ଟାଇମ୍ସ ହାୟର ଏଜୁକେଶନ (ଟିଏଚ୍ଇ) ପକ୍ଷରୁ ନିକଟରେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ଏଥିରେ ୩୦୦ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ଭାରତର କୌଣସି ବିଶ୍ୱବିଦ୍ୟାଳୟ ସ୍ଥାନ ପାଇପାରି ନାହିଁ। ଉଚ୍ଚଶିକ୍ଷା କ୍ଷେତ୍ରରେ ଭାରତ କିଭଳି ସ୍ତରରେ ରହିଛି ଏଥିରୁ ସ୍ପଷ୍ଟ ଅନୁମେୟ। ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ କରିବାର ଅର୍ଥ ନୁହେଁ ବଡ଼ କ୍ୟାମ୍ପସ ଓ କୋଠାବାଡ଼ି ସ୍ଥାପନ କରିବା। ଗବେଷଣା ଓ ନୂଆ ଅଧ୍ୟୟନ ଜରିଆରେ ଇନୋଭେଶନ ବା ଅଭିନବତ୍ୱ ଆଣିପାରୁଥିବା ଶିକ୍ଷା ଦେଶକୁ ସମୃଦ୍ଧ କରିଥାଏ। ବିଗତ ବର୍ଷଗୁଡ଼ିକୁ ଦେଖିଲେ ଭାରତର ପ୍ରତିଷ୍ଠିତ ବୈଷୟିକ, ଡାକ୍ତରୀ କିମ୍ବା ବୈଜ୍ଞାନିକ ଚିନ୍ତାଧାରା ସୃଷ୍ଟି କରିପାରୁଥିବା ଶିକ୍ଷାନୁଷ୍ଠାନରୁ ସେଭଳି ଗବେଷଣାଲବ୍ଧ ବିଷୟ ବାହାରି ନାହିଁ, ଯାହାକି ବିଶ୍ୱ ସମୁଦାୟକୁ ନୂତନ ଦିଗ୍‌ଦର୍ଶନ ଦେଇଥାଆନ୍ତା। ଏଠାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ବ୍ୟୟ ହେଉଥିବା ଅର୍ଥ ବଡ଼ ଚାକିରି କରିବା ଲାଗି ଛାତ୍ରୀଛାତ୍ରଙ୍କୁ ପ୍ରବର୍ତ୍ତାଉଛି। ଫଳରେ ଚାକିରିଆ ମାନସିକତା ଉଚ୍ଚଶିକ୍ଷାକୁ ପଙ୍ଗୁ କରିଦେଉଛି। ଯେହେତୁ ମୋଟା ଅଙ୍କର ଅର୍ଥ ରୋଜଗାର ସକାଶେ କୌଶଳ ଶିଖାଯାଉଛି, କର୍ତ୍ତୃପକ୍ଷ ସେଥିଲାଗି ଛାତ୍ରୀଛାତ୍ରଙ୍କ ଉପରେ ଆର୍ଥିକ ବୋଝ ଲଦିବାକୁ ପ୍ରୟାସ କରୁଛନ୍ତି। 'ଭାତ ହାଣ୍ଡିରୁ ଗୋଟିଏ ଚିପିଲା' ଭଳି ଉଦାହରଣ ଦେଖିଲେ ଇଞ୍ଜିନିୟରିଂର ସ୍ନାତକୋତ୍ତର ଡିଗ୍ରୀ ଏମ୍‌ଟେକ୍ ପାଠ୍ୟକ୍ରମରେ ଅତ୍ୟଧିକ ଫି ବୃଦ୍ଧି ବିଷୟ ଆଲୋଚନାକୁ ଆସୁଛି। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲଜି (ଆଇଆଇଟି) କାଉନ୍‌ସିଲ ଗତ ସପ୍ତାହରେ ଏମ୍‌ଟେକ୍ ଶିକ୍ଷା ହାସଲ କରିବା ଲାଗି ଏହାର ଫି ପାଖାପାଖି ୯୦୦ ପ୍ରତିଶତ ବା ୯ ଗୁଣା ବୃଦ୍ଧି କରିଛନ୍ତି। ଏଥିସହିତ ଗ୍ରାଜୁଏଟ୍ ଆପ୍ଟିଚ୍ୟୁଡ୍ ଟେଷ୍ଟ ଇନ୍ ଇଞ୍ଜିନିୟରିଂ (ଗେଟ୍) ସ୍କୋର ଆଧାରରେ ଏମ୍‌ଟେକ୍ ଛାତ୍ରୀଛାତ୍ରଙ୍କୁ ମିଳୁଥିବା ୧୨,୪୦୦ ଟଙ୍କା ଷ୍ଟାଇପେଣ୍ଡକୁ ମଧ୍ୟ ଆଇଆଇଟି କାଉନ୍‌ସିଲ ବନ୍ଦ କରିଦେଇଛି। ଏଭଳି ନିଷ୍ପତ୍ତି ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କ ଉପରେ 'ବୋଝ ଉପରେ ନଳିତା ବିଡ଼ା' ସଦୃଶ ହୋଇଛି। ଏହି ନିଷ୍ପତ୍ତି ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିଆଲଙ୍କ ଅଧ୍ୟକ୍ଷତାରେ ନିଆଯାଇଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, କେବଳ ଧନୀ ପରିବାର ପିଲାଙ୍କ ପାଇଁ ଏଭଳି ଉଚ୍ଚଶିକ୍ଷା ଲାଭ କରିବାର ବ୍ୟବସ୍ଥା ସୃଷ୍ଟି କରାଯାଉଛି। ଗୋଟିଏ ପଟେ ଗରିବଙ୍କ ବୋଝ ଉପରେ ନଳିତା ବିଡ଼ା ଲଦା ଯାଉଥିବା ବେଳକୁ ଅନ୍ୟପଟେ 'ତେଲିଆ ମୁଣ୍ଡରେ ତେଲ' ଢଳାଯାଉଛି। ଅର୍ଥାତ୍ ଧନୀ ପିଲାଙ୍କୁ ଉଚ୍ଚଶିକ୍ଷାର ସୁବିଧା ଯଚାଯାଉଛି। ଏହା ଏକ ପ୍ରକାର ଓଲଟା ସଂରକ୍ଷଣ ବୋଲି କୁହାଯାଇପାରେ।

ଆଇଆଇଟି କାଉନ୍‌ସିଲର ନିଷ୍ପତ୍ତିକୁ ତର୍ଜମା କଲେ ମନେହେଉଛି ଯେପରି ସରକାର ଚାହୁଁ ନାହାନ୍ତି ଗରିବ ମେଧାବୀ ଛାତ୍ରୀଛାତ୍ର ଉଚ୍ଚଶିକ୍ଷାରେ ଉତ୍କର୍ଷ ହାସଲ କରନ୍ତୁ। ଆଜିର ଶିକ୍ଷା ପରିବେଶକୁ ଦେଖିଲେ ପ୍ରଥମ ଶ୍ରେଣୀରୁ ଶିକ୍ଷା ଶେଷ ସ୍ତର ଯାଏ ଘରୋଇ ବା କର୍ପୋରେଟ୍ ବ୍ୟକ୍ତିଙ୍କ ଦ୍ୱାରା ଏହା ନିୟନ୍ତ୍ରିତ ହେଉଛି। ଥିଲାବାଲା ଘରର ପିଲାମାନେ ସରକାରୀ ସ୍କୁଲ ବା କଲେଜରେ ପଢ଼ିବାକୁ ଅମଙ୍ଗ। କାରଣ ସେହିସବୁ ସ୍ଥାନରେ ଉଚ୍ଚମାନର ଭିତ୍ତିଭୂମି, ପ୍ରଯୁକ୍ତିବିଦ୍ୟା ଅନୁକୂଳ ପାଠାଗାର ସୁବିଧା, ପାଠ ଓ ଭାବର ଆଦାନପ୍ରଦାନ ଲାଗି ବିଦେଶୀ ଶିକ୍ଷାନୁଷ୍ଠାନ ସହ ଯୋଗାଯୋଗର ବ୍ୟବସ୍ଥା ନାହିଁ। ଆଜିର ପରିସ୍ଥିତି ଦେଖିଲେ ସରକାରୀ ଶିକ୍ଷାନୁଷ୍ଠାନରେ ଭର୍ତ୍ତି ହେଉଥିବା ପିଲାମାନେ ଗରିବ କିମ୍ବା ନିମ୍ନ ବଧବିତ୍ତ ବର୍ଗର ରହୁଥିବା ଲକ୍ଷ୍ୟ କରାଯାଉଛି। ସେମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ରହିଲେ ମଧ୍ୟ କୌଣସି ପ୍ରତିବାଦ ବା ଆପତ୍ତି ଉଠାଇ ନ ଥାଆନ୍ତି। ତେବେ ଆଇଆଇଟି, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍), ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (ଆଇଆଇଏସ୍‌ସି) ଭଳି ରାଷ୍ଟ୍ରୀୟ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ ଯଦି ଅର୍ଥକୁ ଗୁରୁତ୍ୱ ଦିଆଯାଇ ଛାତ୍ରୀଛାତ୍ରଙ୍କ ଉପରେ ଅନାବଶ୍ୟକ ବୋଝ ଲଦିଦିଆଯାଏ, ତାହା ହେଲେ ଉଚ୍ଚଶିକ୍ଷା କେବଳ ଧନିକ ଗୋଷ୍ଠୀର ପିଲାମାନେ ପାଇପାରିବେ। ଏକ ଜନମଙ୍ଗଳ ରାଷ୍ଟ୍ରରେ ଡାକ୍ତରୀ, ଇଞ୍ଜିନିୟରିଂ, ବୈଜ୍ଞାନିକ ଗବେଷଣାରେ ନିୟୋଜିତ ଅନୁଷ୍ଠାନରେ ମେଧାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା କଥା। ତାହା କରା ନ ଯାଇ ଗରିବ ମେଧାବୀଙ୍କ ଉପରେ ଆର୍ଥିକ ବୋଝ ଲଦି ଦିଆଗଲେ ସେମାନେ ଉପରଲିଖିତ ପ୍ରତିଷ୍ଠିତ ପ୍ରତିଷ୍ଠାନରେ ନାମ ଲେଖାଇବାକୁ ଡରିବେ। ସାଧାରଣତଃ ଜଣେ ଛାତ୍ରଙ୍କୁ ଉଚ୍ଚଶିକ୍ଷାରେ ନାମ ଲେଖାଇବା ପାଇଁ ବ୍ୟାଙ୍କ ପକ୍ଷରୁ ଶିକ୍ଷା ଋଣ ସହଜରେ ମିଳି ନ ଥାଏ। ଏବେ ଆଇଆଇଟିରେ ଏମ୍‌ଟେକ୍ ପଢ଼ିବା ପାଇଁ ଯଦି ପୂର୍ବ ଅର୍ଥ ରାଶିର ୯ ଗୁଣା ଅଧିକ ଦେବାକୁ ପଡ଼ିବ, ତାହା ହେଲେ ବ୍ୟାଙ୍କଗୁଡ଼ିକ ଅଧିକ କୁଣ୍ଠକୁଣ୍ଠ ହେବା ସ୍ୱାଭାବିକ।

ଭାରତର ସମୁଦାୟ ଘରୋଇ ଉତ୍ପାଦ (ଜିଡିପି)ର ୪.୬ ପ୍ରତିଶତ ଶିକ୍ଷାରେ ଖର୍ଚ୍ଚ କରାଯାଉଛି। ୨୦୧୯–୨୦ ବଜେଟକୁ ଦେଖିଲେ ଶିକ୍ଷା ସକାଶେ ବ୍ୟୟବରାଦ ହୋଇଥିବା ସମୁଦାୟ ୯୪,୮୫୩. ୬୪ କୋଟି ଟଙ୍କା ମଧ୍ୟରୁ ସ୍କୁଲ ସ୍ତରରେ ୫୬, ୫୩୬.୬୩ କୋଟି ଖର୍ଚ୍ଚ ପାଇଁ ଅଟକଳ କରାଯାଇଥିଲା ବେଳେ ଉଚ୍ଚଶିକ୍ଷା ସକାଶେ ମାତ୍ର ୩୮,୩୧୭.୦୧ କୋଟି ଟଙ୍କା ରଖାଯାଇଥିଲା। ଏଥିରୁ ଯେ କେହି ଅନୁମାନ କରିପାରିବେ ଯେ ଭାରତ ସରକାର ଗବେଷଣା ଦିଗରେ କେତେ କମ୍ ଅର୍ଥ ଖର୍ଚ୍ଚ କରୁଛନ୍ତି। ସମ୍ଭବତଃ ଏହିଭଳି ଶିକ୍ଷା ପ୍ରତି ଭାରତୀୟ ସମାଜରେ କୌଣସି ଆଦର ରହୁ ନ ଥିବାରୁ ସରକାର ମଧ୍ୟ ନିଜର ଦାୟିତ୍ୱରୁ ଓହରିଯାଉଛନ୍ତି। ଦେଖିବାକୁ ଗଲେ, ଗବେଷଣା ହେଉଛି ଉଚ୍ଚଶିକ୍ଷାର ପ୍ରମୁଖ ଅଂଶବିଶେଷ। ତେଣୁ ସରକାର ଏହାକୁ ଗୁରୁତ୍ୱ ଦେଇ ଗବେଷଣା ଦିଗରେ ବ୍ରତୀ ଅନୁଷ୍ଠାନଗୁଡ଼ିକୁ ସ୍ୱତନ୍ତ୍ର ଅନୁଦାନ ଦେବା ଉଚିତ। ଆଇଆଇଟି କଥା ଦେଖିଲେ ଜଣେ ଗରିବ ମେଧାବୀ ଛାତ୍ର ଯଦି ଏମ୍‌ଟେକ୍ କରିବା ଲାଗି ଶିକ୍ଷାନୁଷ୍ଠାନକୁ ବର୍ଷକୁ ୨ ଲକ୍ଷ ଟଙ୍କା ଦେବେ, ତାହା ହେଲେ ତାଙ୍କ ରହିବା, ଖାଇବା, ପଢ଼ାବହି କିଣିବା ଆଦି ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇବା ପାଇଁ ପରିସ୍ଥିତି ତାଙ୍କ ସକାଶେ ଅସମ୍ଭାଳ ହୋଇପଡ଼ିବ। ବ୍ୟାଙ୍କ ଯଦି ଆବଶ୍ୟକ ଶିକ୍ଷା ଋଣ ନ ଦିଏ, ତେବେ ଉକ୍ତ ଛାତ୍ର ଗବେଷଣାରୁ ନିବୃତ୍ତ ରହି ଛୋଟକାଟିଆ ଚାକିରି ଖୋଜିବେ। ଏହାଦ୍ୱାରା ଜଣେ ଉଦୀୟମାନ ଛାତ୍ରଙ୍କଠାରୁ ଭବିଷ୍ୟତରେ ଦେଶ ପାଇବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ସେବାରୁ ବଞ୍ଚିତ ହେଲା ବୋଲି କହିବାକୁ ହେବ। ବିଶ୍ୱସ୍ତରରେ ବିଭିନ୍ନ କ୍ଷେତ୍ରରେ ଦେଖାଦେଉଥିବା ପରିବର୍ତ୍ତନକୁ ଦେଖିଲେ ଆଜି ଗବେଷଣା ଓ ବିକାଶ (ଆର୍ ଆଣ୍ଡ୍ ଡି)କୁ ଯେଉଁ ରାଷ୍ଟ୍ର ଯେତେ ଗୁରୁତ୍ୱ ଦେଉଛି, ସେହି ଦେଶ ସେତେ ଉନ୍ନତି କରୁଥିବା ଲକ୍ଷ୍ୟ କରାଯାଉଛି। ଭାରତରେ କେବଳ 'ବିକାଶ' କଥା ବାରମ୍ବାର କୁହାଯାଉଛି, କିନ୍ତୁ ମୂଳଦୁଆକୁ ସୁଦୃଢ଼ କରାଯିବା ପରିବର୍ତ୍ତେ ଦୁର୍ବଳ କରାଯାଉଛି।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 2 | | A | | | | | 1 | | 9 | 5 | | 6 | |
| | C | | | B | | | | | 0 | | 4 | | | |
| 9 | B | | | | | | 4 | | C | | | | | 0 |
| 4 | | | E | 6 | | | | | | D | | 3 | | 7 |
| | | | | | | | 3 | | A | 2 | | | 9 | |
| | 4 | | | | 0 | 6 | B | | | A | D | | C | |
| | | 7 | 2 | | | 9 | | | | | 8 | | | |
| | | 1 | 8 | E | | 4 | | | | | | 5 | | |
| | 6 | 5 | 3 | 4 | | | | | | 0 | | | | B |
| | | | 5 | 7 | 6 | D | | | | | | | 3 | |
| | 5 | B | 0 | | | | | D | 8 | | | | | 6 |
| E | | 0 | 6 | | C | | 9 | 2 | 1 | | 3 | | A | |
| C | | | | | E | | | | | | 9 | | | |
| | | D | | A | | | 7 | | | | | | 8 | 5 |
| | | | | 3 | | B | | | 5 | | | | D | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 5 | 0 | 6 | E | A | B | D | 3 | 9 | 4 | 1 | 8 | 2 | 7 |
| 4 | 8 | D | 2 | 5 | 1 | 0 | E | 7 | A | B | 3 | C | 6 | 9 |
| 6 | A | 7 | 3 | B | 4 | C | 5 | 9 | 8 | 0 | 2 | E | 1 | D |
| 1 | E | 3 | 9 | 0 | 7 | 8 | A | 2 | 6 | D | C | 4 | 5 | B |
| B | 2 | 9 | C | 8 | D | 1 | 4 | 6 | E | 7 | 5 | 3 | A | 0 |
| 3 | C | 5 | A | 4 | B | 7 | 9 | E | 0 | 1 | 8 | 6 | D | 2 |
| 9 | B | 4 | 1 | 2 | C | D | 8 | 5 | 7 | 6 | E | 0 | 3 | A |
| D | 0 | 8 | E | 3 | 9 | 2 | 6 | 4 | C | A | B | 1 | 7 | 5 |
| A | 6 | 2 | D | 7 | 8 | 3 | 0 | 1 | 5 | 9 | 4 | B | E | C |
| E | 7 | 1 | 0 | 6 | 5 | A | B | C | 2 | 3 | D | 9 | 4 | 8 |
| 8 | D | E | B | 9 | 3 | 6 | 7 | A | 4 | 5 | 0 | 2 | C | 1 |
| 5 | 1 | B | 4 | A | 2 | E | 3 | 0 | D | C | 9 | 7 | 8 | 6 |
| 7 | 9 | C | 8 | 1 | 6 | 5 | 2 | B | 3 | E | A | D | 0 | 4 |
| 2 | 3 | A | 7 | C | 0 | 4 | 1 | D | B | 8 | 6 | 5 | 9 | E |
| 0 | 4 | 6 | 5 | D | E | 9 | C | 8 | 1 | 2 | 7 | A | B | 3 |

ଗତକାଲିର ଉତ୍ତର

# ମୃତ୍ୟୁଶଯ୍ୟାରେ ସତ୍ୟ ଉପଲବ୍ଧି



ଡ. ଛାୟାକାନ୍ତ ଷଡ଼ଙ୍ଗୀ

"ଯୌବନ, ଧନସମ୍ପଦ, ପ୍ରଭୁତ୍ୱ ଓ ଅବିବେକିତା ଏକକ ଭାବରେ ମଧ୍ୟ ଅନର୍ଥ ଘଟାନ୍ତି। ଯେତେବେଳେ ଏହି ଚାରୋଟି ଏକତ୍ର ମିଶିଯାନ୍ତି ପରିଣାମ ଆହୁରି ଭୟାବହ ହେବା ସ୍ୱାଭାବିକ– ଯୌବନଂ ଧନସମ୍ପତ୍ତିଃ ପ୍ରଭୁତ୍ୱମବିବେକିତା। ଏକୈକମପ୍ୟନର୍ଥାୟ କିମୁ ଯତ୍ର ଚତୁଷ୍ଟୟମ୍॥ ଅତୀତରେ ରାଜାମାନେ ଏହିସବୁର ଅଧିକାରୀ ହୋଇ ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ। ସେମାନେ ଯୌବନ, ଧନସମ୍ପଦ ଓ ପ୍ରଭୁତ୍ୱରେ ସୁଖ ଖୋଜୁଥିଲେ। ଅପର୍ଯ୍ୟାପ୍ତ ଧନ ଓ କ୍ଷମତାର ଅଧିକାରୀ ହୋଇ ସେମାନେ ନିଜକୁ ସୁଖୀ ମଣୁଥିଲେ। ମାତ୍ର ତାହା ଯେ ପ୍ରକୃତରେ ସୁଖ ନ ଥିଲା ତାହା ଉପଲବ୍ଧି କରୁଥିଲେ ମୃତ୍ୟୁର ଠିକ୍ ଅବ୍ୟବହିତ ପୂର୍ବରୁ। ଜୀବନର ଶେଷଭାଗରେ ନ ପହଞ୍ଚିଲେ ମଣିଷ ସତ୍ୟ ଉପଲବ୍ଧି କରିପାରେ ନାହିଁ। ଜୀବନକାଳ ମଧ୍ୟରେ ମଣିଷ ସୁଖ ଅନ୍ୱେଷଣ କରି ମୃତ୍ୟୁକୁ ଭୁଲିଯାଏ। ମାତ୍ର ଯେତେବେଳେ ମୃତ୍ୟୁ ପାଖେଇଆସେ ସେତେବେଳେ ସେ ବୁଝେ ଜୀବନର ତାତ୍ପର୍ଯ୍ୟ। ପୃଥିବୀର ଅନେକ ପ୍ରତାପୀ ରାଜା ମୃତ୍ୟୁ ପୂର୍ବରୁ ଯୌବନ, ଧନସମ୍ପଦ, କ୍ଷମତା ଓ ପ୍ରଭୁତ୍ୱର ଅସାରତା ଉପଲବ୍ଧି କରିଥିଲେ ହେଁ ଆଜିର ଅହଂକାରୀ ଓ କ୍ଷମତାଧାରୀ ଶାସକମାନେ ସେହି ଉପଲବ୍ଧିରୁ କିଛି ଶିକ୍ଷାଲାଭ କରିଛନ୍ତି ବୋଲି ହୃଦ୍‌ବୋଧ ହୁଏନାହିଁ। କାରଣ ସମଗ୍ର ଜୀବନକାଳରେ ସେମାନେ ଏହିସବୁର ଅପବ୍ୟବହାର କରି ଚାଲିଛନ୍ତି। ଏହା ହିଁ ବିଡମ୍ବନା।

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀର କଥା। ସେତେବେଳେ ଲିଡିଆର ଶାସକ ଥାଆନ୍ତି କ୍ରୋସାସ୍। ସେ ଥିଲେ ଜଣେ ଧନପିପାସୁ ରାଜା। ସେ ନିଜର ସାମ୍ରାଜ୍ୟ ବିସ୍ତାର କରିବାକୁ ଯାଇ ପାରସ୍ୟ ଆକ୍ରମଣ କରିବା ପାଇଁ ମନସ୍ଥ କଲେ। ସେତେବେଳେ ପାରସ୍ୟ ନରପତି ଥାଆନ୍ତି ସାଇରସ୍। ସେ ତାଙ୍କ ଅଭିଯାନର ଭବିଷ୍ୟତ ପରିଣତି ସମ୍ପର୍କରେ ଜାଣିବାକୁ ଚାହାନ୍ତେ ଭବିଷ୍ୟତ୍ ବକ୍ତା (ଅରେକଲ୍) କହିଲେ, ସେ ଯଦି ଯୁଦ୍ଧ କରିବେ ଗୋଟିଏ ଦେଶ ଧ୍ୱଂସ ହୋଇଯିବ। କ୍ରୋସାସ୍‌ଙ୍କ ନିଜ ଶକ୍ତି ଓ ସାମର୍ଥ୍ୟ ଉପରେ ଏତେ ଆସ୍ଥା ଥିଲା ଯେ ସେ ଭାବିନେଲେ ତାଙ୍କ ଅକ୍ରମଣରେ ପାରସ୍ୟ ନାରଖାର ହୋଇଯିବ। ଆରମ୍ଭ କଲେ ଆକ୍ରମଣ। ମାତ୍ର ସାଇରସ ମଧ୍ୟ କମ୍ ଯୋଦ୍ଧା ନ ଥିଲେ। ସେ ଯୁଦ୍ଧରେ କ୍ରୋସାସ୍‌ଙ୍କୁ ପରାଜିତ କଲେ ଓ ଲିଡିଆକୁ କବ୍‌ଜା କରି କ୍ରୋସାସ୍‌ଙ୍କୁ ବନ୍ଦୀ କଲେ। ସାଇରସ ଥିଲେ ଜଣେ କ୍ରୁର ଦୁର୍ଦ୍ଦାନ୍ତ ରାଜା। ସେ ବନ୍ଦୀ ରାଜା କ୍ରୋସାସ୍‌ଙ୍କୁ ଜୀବନ୍ତ ପୋଡ଼ି ମାରିବା ପାଇଁ ଆୟୋଜନ କଲେ। ରାଜା କ୍ରୋସାସ୍‌ଙ୍କୁ ଆକଣ୍ଠ କାଠଗଦାରେ ପୋତି ଦିଆଗଲା। ଯେତେବେଳେ ସେହି କାଠଗଦାରେ ଅଗ୍ନି ସଂଯୋଗ କରିବାର ମୁହୂର୍ତ୍ତ ଆସିଲା, ସେତେବେଳେ କ୍ରୋସାସ୍‌ଙ୍କ କଣ୍ଠରୁ ବାହାରି ଆସିଲା ଗୋଟିଏ ଶବ୍ଦର ପୁନରାବୃତ୍ତି। ଶବ୍ଦଟି ଥିଲା 'ସଲୋନ୍'। ସେ ଥିଲେ ଜଣେ ଗ୍ରୀକ୍ ଦାର୍ଶନିକ ଓ ସନ୍ଥ। ଜଣେ ସନ୍ଥଙ୍କର ନାମ ଉଚ୍ଚାରିତ ହୋଇଥିବାରୁ ସାଇରସ୍ ଅଟକିଗଲେ। ଚିତା ଭିତରୁ କ୍ରୋସାସ୍‌ଙ୍କୁ ବାହାର କରି ଆଣିବା ପାଇଁ ସେ ନିର୍ଦ୍ଦେଶ ଦେଲେ। ସେଠୁ ବାହାର କରାଯିବା ପରେ ସାଇରସ୍ କ୍ରୋସାସ୍‌ଙ୍କ ପାଖରୁ ଜାଣିବାକୁ ଚାହିଁଲେ 'ସଲୋନ୍'ଙ୍କୁ ସ୍ମରଣ କରିବାର କାରଣ। ମୃତ୍ୟୁର ସମ୍ମୁଖୀନ ହେବା ସମୟରେ ହିଁ ସେ ଉପଲବ୍ଧି କରିଥିଲେ ଜୀବନର ସତ୍ୟ। ସେ କହିଲେ, ସେ ଦିନେ କ୍ଷମତା, ପ୍ରତିପତ୍ତି, ଧନସମ୍ପଦରେ ଅନ୍ଧ ହୋଇ ରାଜସଭାରେ ଘୋଷଣା କରିଥିଲେ ତାଙ୍କ ଜୀବନ ଅତ୍ୟନ୍ତ ସୁଖମୟ। ତାଙ୍କଠାରୁ ବଳି ସୁଖୀ ରାଜା ଆଉ କେହିନାହାନ୍ତି। ସମସ୍ତ ସଭାସଦ୍‌ବର୍ଗ ସମସ୍ୱରରେ ତାଙ୍କୁ ସମର୍ଥନ କରିଥିଲେ ହେଁ ଦାର୍ଶନିକ ସଲୋନ୍ ନୀରବ ରହିଥିଲେ। ରାଜା ତାଙ୍କୁ ନୀରବତାର କାରଣ ପଚାରନ୍ତେ ସଲୋନ୍ ଉତ୍ତର ଦେଇଥିଲେ, ଜଣେ ନ ମରିବା ପର୍ଯ୍ୟନ୍ତ ମୁଁ ତା'ର ଜୀବନ ସୁଖମୟ ବୋଲି କହିପାରିବି ନାହିଁ। ଆଜି କ୍ରୋସାସ୍ ପରାଜିତ ଓ ଦୁର୍ଦ୍ଦଶାଗ୍ରସ୍ତ ହୋଇ ମୃତ୍ୟୁର ସାମ୍ନା କଲାବେଳେ ସେ ବୁଝିପାରିଛନ୍ତି ଜୀବନର ସେହି ନିଷ୍ଠୁର ସତ୍ୟ। ଧନ, ଯୌବନ, କ୍ଷମତା, ପ୍ରଭୁତ୍ୱ ଏ ସବୁ ଅସାର। ମୃତ୍ୟୁ ହିଁ ସର୍ବଶେଷ ସତ୍ୟ। ଅବଶ୍ୟ ଏହା ଶୁଣି ସାଇରସ୍ କ୍ରୋସାସ୍‌ଙ୍କୁ ମୁକ୍ତ କରିଥିଲେ।

ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡାରଙ୍କ କଥା। ବିଶ୍ୱବିଜୟୀ ହେବା ଥିଲା ତାଙ୍କର ସ୍ୱପ୍ନ। ଯୁବକ ଅବସ୍ଥାରେ ସେ ମାସିଡନ୍‌ର ସିଂହାସନ ଆରୋହଣ କଲେ। ଆରମ୍ଭ କଲେ ପ୍ରାଚ୍ୟ ଅଭିଯାନ। ଦେଶ ପରେ ଦେଶର ସୀମା ଅତିକ୍ରମ କରି ତାଙ୍କର ଦୁର୍ଦ୍ଧର୍ଷ ସୈନ୍ୟବାହିନୀ ଆଗେଇ ଚାଲିଲେ। ଦୁର୍ବାର ବିଜୟ ଲାଳସାରେ ସେ ହେଲେ ଉନ୍ମତ୍ତ। ଏସିଆ ମାଇନର ସିରିଆ, ଗାଜା, ମିଶର, ମେସୋପଟାମିଆ, ପାରସ୍ୟ ଆଦି ଦେଶ ତାଙ୍କ ଅଧୀନକୁ ଆସିଲା। ଆଲେକଜାଣ୍ଡାରଙ୍କର ବଢ଼ି ଚାଲିଥାଏ ଔଦ୍ଧତ୍ୟ, ଅହଂକାର ଓ ଖ୍ୟାତିଲିପ୍ସା। ଶେଷରେ ସେ ଆକ୍ରମଣ କଲେ ସ୍ୱର୍ଣ୍ଣପ୍ରସୂ ଭାରତବର୍ଷ। ଝେଲମ୍ ନଦୀକୂଳରେ ରାଜା ପୁରୁଙ୍କୁ ସେ ପରାସ୍ତ କଲେ। ମାତ୍ର ପୁରୁଙ୍କ ଅଦମ୍ୟ ସାହସ ଓ ପରାକ୍ରମରେ ମୁଗ୍ଧହୋଇ ସେ ତାଙ୍କୁ ତାଙ୍କ ରାଜ୍ୟ ଫେରାଇଦେଇ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପାଇଁ ମନସ୍ଥ କଲେ। ପହଞ୍ଚିଲେ ବେବିଲୋନ୍ ନଗରୀରେ। ସେତେବେଳକୁ ସେ ଥାନ୍ତି କ୍ଲାନ୍ତ ଶ୍ରାନ୍ତ। ତଥାପି ତାଙ୍କର ପାଶ୍ଚାତ୍ୟ ଜୟ କରିବାର ଇଚ୍ଛା ଥାଏ। ମାତ୍ର ସେ ହଠାତ୍ ଭୀଷଣ ଅସୁସ୍ଥ ହୋଇପଡ଼ିଲେ। ଆରମ୍ଭ କଲେ ପ୍ରଳାପ। କହି ଚାଲିଲେ ରାଜ୍ୟ ପରେ ରାଜ୍ୟ ଜୟ କରି ବିଶ୍ୱର ବୃହତ୍ତମ ସାମ୍ରାଜ୍ୟର ଅଧୀଶ୍ୱର ହୋଇ ସେ ପିତାଙ୍କ ଇଚ୍ଛା ପୂରଣ କଲେ। ମାତ୍ର ମୃତ୍ୟୁ ପାଖରେ ପହଞ୍ଚି ସେ ଉପଲବ୍ଧି କରୁଥିଲେ ଯେ ତାଙ୍କର ସେହି ବୀରତ୍ୱ, ଧନସମ୍ପଦ, ଅହଂକାର ସବୁ କିଛି ମୂଲ୍ୟହୀନ ଓ ଅସାର। କ୍ରମେ ତାଙ୍କ ବାକ୍‌ଶକ୍ତି ଲୋପ ପାଇବାକୁ ବସିଲା। ସେତେବେଳେ କ୍ରୋସାସ୍‌ଙ୍କ କଣ୍ଠରୁ 'ସଲୋନ୍' ଶବ୍ଦ ନିଃସୃତ ହେବା ଭଳି ଆଲେକଜାଣ୍ଡାରଙ୍କ କଣ୍ଠରୁ ନିଃସୃତ ହେଲା ଦୁଇଟି ଶବ୍ଦ, ଡାୟୋଜିନିସ ଓ କାଲାନୋସ୍।

ଡାୟୋଜିନିସ୍ ଥିଲେ ଜଣେ ମହାମନୀଷୀ। ତାଙ୍କର ଘରସଂସାର, ଧନସମ୍ପଦ କିଛି ନ ଥିଲା। ରାସ୍ତାକଡ଼ରେ ପରିତ୍ୟକ୍ତ ଏକ ଟବ୍ ଥିଲା ତାଙ୍କ ରହିବା ସ୍ଥାନ। ଖଣ୍ଡିଏ ସାଧାରଣ ଲୁଗା ଥିଲା ତାଙ୍କର ପରିଧେୟ ବସ୍ତ୍ର। ତଥାପି ସେ ଥିଲେ ସୁଖୀ। ସେ କହୁଥିଲେ, ମୁଁ ହେଉଛି ବିଶ୍ୱର ଜଣେ ନାଗରିକ। ମୋର ନିଜର କିଛି ନାହିଁ, ତେଣୁ ବିଶ୍ୱ ମୋର ପ୍ରିୟ। ଜୀବନର ଅନ୍ତିମକାଳରେ ଡାୟୋଜିନିସ୍‌ଙ୍କୁ ସ୍ମରଣ କରି ଆଲେକଜାଣ୍ଡାର ଅନୁଭବ କରୁଥିଲେ ସୁଖ ବହିର୍ଜଗତରେ ନ ଥାଏ, ଏହା ଥାଏ ମନରେ। ପ୍ରାଚ୍ୟ ଜୟ କରି ନିଜ ଦେଶକୁ ଫେରିବା ବେଳେ ଭାରତୀୟ ଦର୍ଶନ ଶିକ୍ଷା ଦେବା ପାଇଁ ଆଲେକଜାଣ୍ଡାରଙ୍କ ସାଙ୍ଗରେ ଯାଇଥିଲେ ସାଧକ କଲ୍ୟାଣ। ପାରସ୍ୟ ଅତିକ୍ରମ କଲାପରେ କୌଣସି ଏକ ସ୍ଥାନରେ ଭାରତୀୟ ଦର୍ଶନ ତତ୍ତ୍ୱ ଜାଣିବା ପାଇଁ ଆଲେକଜାଣ୍ଡାରଙ୍କ ପ୍ରବଳ ଉତ୍କଣ୍ଠା ପ୍ରକାଶ ପାଇଲା। କଲ୍ୟାଣ ଚାହିଁଲେ ସେ କଥାରେ ନୁହେଁ, କାର୍ଯ୍ୟରେ ଭାରତୀୟ ଦର୍ଶନ ଶିକ୍ଷା ଦେବେ। ସେ କେତେଖଣ୍ଡ ଶୁଷ୍କ କାଠ ଓ କିଛି ଘୃତ ଆଣିବାକୁ ଅନୁରୋଧ କଲେ। ତିଆରି କଲେ ଏକ ଚିତା। ସେଥିରେ ସେ ଅଗ୍ନି ସଂଯୋଗ କଲେ। ଚିତାଟି ହୁ ହୁ ଜଳିଉଠିଲା। ସାଧକ କଲ୍ୟାଣ ହସି ହସି ସେହି ଚିତା ମଧ୍ୟରେ ପ୍ରବେଶ କଲେ। କ୍ଷଣକ ମଧ୍ୟରେ ତାଙ୍କ ନଶ୍ୱର ଶରୀର ଭସ୍ମୀଭୂତ ହେଲା। ଆଲେକଜାଣ୍ଡାର ବୁଝିଲେ ଯେଉଁ ଶରୀରର ସୁଖ ପାଇଁ ମଣିଷ ଧନ, କ୍ଷମତା ଓ ସମ୍ଭୋଗ ପଛରେ ଅନୁଧାବନ କରେ, ସେହି ଶରୀର ନଶ୍ୱର। ଅବ୍ୟବହିତ ପୂର୍ବରୁ ଆଲେକଜାଣ୍ଡାର ସ୍ମରଣ କରିଥିଲେ କଲ୍ୟାଣଙ୍କୁ। କାରଣ ଚିତାରେ ଶରୀର ବିସର୍ଜନ ଦେଇ କଲ୍ୟାଣ ଜୀବନର ନିଷ୍ଠୁର ସତ୍ୟକୁ ଶିକ୍ଷା ଦେଇଥିଲେ। ଏଣୁ ସେ ଅସ୍ପଷ୍ଟ ଭାବରେ କଲ୍ୟାଣ ନାମଟିକୁ ଉଚ୍ଚାରଣ କରିଥିଲେ 'କାଲାନୋସ୍'। ଏଣୁ ସେ ଇଚ୍ଛା ପ୍ରକାଶ କରିଥିଲେ– ମୋର ମୃତ୍ୟୁ ପରେ ଶବାଧାର ତଳକୁ ମୋ ହାତ ଦୁଇଟି ଝୁଲାଇ ରଖିବ। ସମସ୍ତେ ଦେଖିବେ ଆଲେକ୍‌ଜାଣ୍ଡାର ଫେରୁଛି ଶୂନ୍ୟ ହାତରେ।

ଅତୀତର ପ୍ରତାପୀ ରାଜାମାନଙ୍କର ଏହିଭଳି ଉପଲବ୍ଧି ସତ୍ତ୍ୱେ ଆଜିର ଶାସକମାନଙ୍କର ଚେତା ପଶିନାହିଁ। ପ୍ରଭୁତ୍ୱ ଓ ଧନସମ୍ପଦକୁ ନେଇ ଅହଂକାର କବଳିତ ହେଉଛନ୍ତି ଓ ତାରି ଭିତରେ ସେମାନେ ଖୋଜୁଛନ୍ତି ସୁଖ। ବୋଧହୁଏ ଅପେକ୍ଷା କରିବାକୁ ହେବ ସେମାନଙ୍କ ଜୀବନର ଅନ୍ତିମ ମୁହୂର୍ତ୍ତକୁ ଯେତେବେଳେ ସେମାନେ ମଧ୍ୟ ମୃତ୍ୟୁଶଯ୍ୟାରେ ରାଜା କ୍ରୋସାସ୍ ଓ ଆଲେକଜାଣ୍ଡରଙ୍କ ଭଳି ଜୀବନର ସତ୍ୟକୁ ଉପଲବ୍ଧି କରିବେ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼,
ମୋ–୯୪୩୭୩୨୯୨୬୩

# ଚାଷୀଙ୍କୁ ଟଙ୍କା ନୁହେଁ, ଚାଷକୁ ଜଳ



ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ

ଗଣତନ୍ତ୍ର ଶାସନର ଆଭିମୁଖ୍ୟ ହେଲା ଜନକଲ୍ୟାଣ। ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି, ସେମାନଙ୍କ ଧନଜୀବନ ରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟସେବା ଆଦି ବ୍ୟକ୍ତିଗତ ଉଦ୍ୟମରେ କରିହେବନି। ସେଥିପାଇଁ ଯୋଜନା କରି ରାଜକୋଷରୁ ଅର୍ଥ ବ୍ୟୟ କରି ସରକାର ସେସବୁ କରନ୍ତି। ଏବେ ଦେଖାଯାଉଛି ସରକାର ଯୋଜନା ବଦଳରେ ଅଣଯୋଜନା ଖର୍ଚ୍ଚ ବଢାଇ ଚାଲିଛନ୍ତି ଓ ସେଥିରେ କିଛି ମୁଷ୍ଟିମେୟ ଲୋକଙ୍କୁ ତୁଷ୍ଟ କରୁଛନ୍ତି, ଯେପରି କିଛି ଲୋକଙ୍କୁ ଆର୍ଥିକ ଉନ୍ନତି ନାମରେ ଅର୍ଥ ବାଣ୍ଟିବା, ଋଣଛାଡ କରିବା, ମାଗଣା ମୋବାଇଲ ଫୋନ୍, ଟିଭି, ଛତା, ଜୋତା ବାଣ୍ଟିବା ଇତ୍ୟାଦି। ଏସବୁ ଖର୍ଚ୍ଚ ବଢିଚାଲିଲା ୨୦୧୮ ନିର୍ବାଚନ ସମୟରେ। ଏହି ନିର୍ବାଚନରେ ୫ଟି ରାଜ୍ୟରେ ଯେଉଁ ରାଜନୈତିକ ଦଳ ଶାସନ ଗାଦି ଅକ୍ତିଆର କଲେ, ସେମାନେ ଚାଷୀଙ୍କ ଋଣଛାଡ କରି ଭୋଟ ହାତେଇଲେ ବୋଲି ଚର୍ଚ୍ଚାହେଲା। ରାଜନୈତିକ ଦଳମାନେ ଗରିବ ଚାଷୀଙ୍କୁ ଅର୍ଥ ବାଣ୍ଟିବାକୁ ନିର୍ବାଚନରେ ପ୍ରଚାର କଲେ ଓ ରାଜକୋଷରୁ ଅର୍ଥ ବ୍ୟୟ ମଧ୍ୟ କଲେ। ଆମ ରାଜ୍ୟ ସରକାର କାଳିଆ ଯୋଜନାରେ ଚାଷୀକୁ ଦୁଇଟି କିସ୍ତିରେ ୫୦୦୦ ଟଙ୍କା ଲେଖାଏ ବାର୍ଷିକ ୧୦,୦୦୦ଟଙ୍କା ଦେବାର ବ୍ୟବସ୍ଥା କଲେ। କେନ୍ଦ୍ର ସରକାର କିଷାନ ସମ୍ମାନ ନିଧି ନାମକ ଯୋଜନା କରି ଗରିବ କୃଷକଙ୍କୁ ବାର୍ଷିକ ୬,୦୦୦ ଟଙ୍କା ଦେବାକୁ ବ୍ୟବସ୍ଥା କଲେ। ସେତେବେଳେ ଆଭ୍ୟନ୍ତରୀଣ ବଜେଟରେ କେନ୍ଦ୍ର ସରକାର ଏଥିପାଇଁ ୭୫,୦୦୦ କୋଟି ଟଙ୍କାର ବ୍ୟବସ୍ଥା କଲେ ଓ ଆମ ରାଜ୍ୟ ସରକାର ମଧ୍ୟ ୧୦,୦୦୦ କୋଟି ଟଙ୍କା ବଜେଟ କଲେ। ଅବଶ୍ୟ ୨୦୧୯–୨୦ ବଜେଟରେ କାଳିଆ ଯୋଜନାରେ ରାଜ୍ୟ ସରକାର ୫,୬୧୧ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି, ଯେଉଁଥିରେ ରାଜ୍ୟ ଜଳସେଚନ ପାଇଁ ମାତ୍ର ୯୭୧୩ କୋଟି ଟଙ୍କା ରଖାଯାଇଛି। ନିର୍ବାଚନ ପ୍ରଚାର ବେଳେ କଂଗ୍ରେସ ପ୍ରତିଶ୍ରୁତି ଦେଲା ଯେ ଦେଶର ଅତି ଗରିବ ଚାଷୀଙ୍କୁ ବାର୍ଷିକ ୭୫ ହଜାର ଟଙ୍କା ଦେବ।

ଏ ଯେଉଁ ଅର୍ଥ ବଣ୍ଟାଗଲା, ତାହା ଚାଷ ଓ ଚାଷୀକୁଳର ଉନ୍ନତି ଘଟାଇଲା ନା ଗରିବୀ ବଢ଼ାଇଲା, ତାହା ଚିନ୍ତା କରିବାର କଥା। ଆମ ରାଜ୍ୟର ଚାଷୀଙ୍କ ଆୟ ଅନ୍ୟ ରାଜ୍ୟ ତୁଳନାରେ ବହୁତ କମ୍। ଗରିବ ଚାଷୀର ଅବସ୍ଥା 'ଦାଣ୍ଡରୁ ଆସେ, ହାଣ୍ଡିରେ ପଶେ' ଭଳି। ଅଭାବ ଅନଟନରେ ଜର୍ଜରିତ ଚାଷୀକୁ ଏ ଅର୍ଥ ପ୍ରଦାନ, ତତଲା କଡେଇରେ ପାଣି ଟିକେ ଛିଞ୍ଚିଲେ ବାଷ୍ପ ହୋଇ ଉଡିଗଲା ପରି। ଅନ୍ୟ ରାଜ୍ୟ ପରି ଆମ ଚାଷୀଙ୍କ ଆର୍ଥିକ ସ୍ଥିତି ଭଲ ହୋଇଥିଲେ, ସେ ପାଇଥିବା ଟଙ୍କାକୁ ଚାଷର ଉନ୍ନତିରେ ଲଗାନ୍ତା। କିନ୍ତୁ ଏ ଟଙ୍କା ମାଗି ଆଣିଲା ତିଅଣ ପରି ସୁଡୁକାଏ। ବଣ୍ଟା ଯାଇଥିବା କାଳିଆ ଟଙ୍କାକୁ କିଛି ସ୍ୱଚ୍ଛଳ ଚାଷୀ ମଧ୍ୟ ନିଜକୁ ଗରିବ କହି ହାତେଇ ନେଲେ। ସରକାର ୫୨ ଲକ୍ଷ ଚାଷୀଙ୍କୁ ଟଙ୍କା ବାଣ୍ଟିଥିବାର କହିଲେ। ସରକାର ଯେତେବେଳେ ଜାଣିଲେ କାଳିଆ ଯୋଜନାରେ ଅନେକ ସ୍ୱଚ୍ଛଳ ଚାଷୀ ଅର୍ଥ ମାରି ନେଇଛନ୍ତି, ଏବେ ୧୩ ଲକ୍ଷ ହିତାଧିକାରୀଙ୍କୁ ଯାଞ୍ଚ କଲାବେଳକୁ ଜଣାଗଲା ସେଥିରେ ୭୦,୦୦୦ ସ୍ୱଚ୍ଛଳ ବର୍ଗ ଅଛନ୍ତି। ଠାକୁ ଠା ୫ ଟଙ୍କାରେ ଭୋଜନ ମିଳୁଛି। ଟଙ୍କାକରେ କେଜିଏ ଚାଉଳ ମିଳିଗଲେ, ପଖାଳ ଓ କାଞ୍ଜିରେ ଅନ୍ନ ଚିନ୍ତା ଦୂର ହେଉଛି। ଚାଷଜମିରେ ପରିଶ୍ରମ କରିବା କି ଦରକାର? ତେଣୁ ଚାଷୀ ଚାଷ ପ୍ରତି ବିମୁଖ ହେଉଛନ୍ତି।

ଦେଶ ତଥା ଅନ୍ୟ ରାଜ୍ୟର ଚାଷୀଙ୍କ ମାସିକ ଆୟ ତୁଳନାରେ ଆମ ଚାଷୀଙ୍କ ଆୟ ବହୁତ କମ୍। ଜାତୀୟ ସର୍ବେକ୍ଷଣ ସଂସ୍ଥାର ହିସାବ ଅନୁସାରେ ଓଡ଼ିଶାରେ ଚାଷୀ ମାସିକ ୪,୯୭୬ ଟଙ୍କା ପାଉଥିଲା ବେଳେ ଦେଶରେ ଚାଷୀଙ୍କ ମାସିକ ହାରାହାରି ଆୟ ୬,୪୨୬ ଟଙ୍କା। ଚାଷୀଙ୍କ ମାସିକ ଆୟ ପଞ୍ଜାବରେ ୧୮,୦୫୯, ହରିୟାଣାରେ ୧୪,୪୩୯, କେରଳରେ ୧୧,୮୮୯ ହୋଇଥିବା ସ୍ଥଳେ ଆନ୍ଧ୍ରପ୍ରଦେଶ, ଆସାମ, ଛତିଶଗଡ, ଗୁଜରାଟ, କର୍ନାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ ଭଳି ରାଜ୍ୟଗୁଡ଼ିକର ଚାଷୀଙ୍କ ଆୟ ଓଡ଼ିଶାଠାରୁ ଅଧିକ। ଅନ୍ୟ ଏକ ଅନୁଧ୍ୟାନରୁ ଜଣାଯାଏ, ଯେଉଁ ରାଜ୍ୟରେ ଜଳସେଚିତ ଜମିରୁ ଉତ୍ପାଦିତ ଶସ୍ୟର ଭାଗ ଯେତେ ଅଧିକ, ସେ ରାଜ୍ୟରେ ଚାଷୀ ପରିବାରର ଆୟ ସେତେ ଅଧିକ। ପଞ୍ଜାବ, ହରିୟାଣା ଓ କେରଳରେ ଜଳସେଚିତ ଜମିରୁ ଉତ୍ପାଦିତ ଶସ୍ୟର ଭାଗ ଶତକଡା ଯଥାକ୍ରମେ ୯୮.୪, ୮୯ ଓ ୮୦। ଏ କ୍ଷେତ୍ରରେ ଓଡ଼ିଶାରେ ଜଳସେଚିତ ଜମିରୁ ଉତ୍ପାଦିତ ଶସ୍ୟର ଭାଗ ମାତ୍ର ୨୯.୫ ପ୍ରତିଶତ। ରଘୁରାଜନ କମିଟି କେନ୍ଦ୍ର ସରକାରଙ୍କୁ ଯେଉଁ ରିପୋର୍ଟ ପ୍ରଦାନ କରିଛନ୍ତି ସେଥିରେ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ସବୁଠାରୁ ଅନଗ୍ରସର ବୋଲି ୨୦୧୭ ବିଧାନସଭାରେ ସରକାର ପ୍ରକାଶ କରିଥିବା ତଥ୍ୟରୁ ଜଣାପଡେ। ଲୋକଙ୍କ ମାସିକ ଆୟ ବ୍ୟୟ ସାଙ୍ଗକୁ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ, ଦାରିଦ୍ର୍ୟ ହାର, ମହିଳା ସାକ୍ଷରତା ହାର, ସଡକ, ଯୋଗାଯୋଗ ଓ ଜନଜାତି ଲୋକଙ୍କ ଶତକଡା ହାର ଇତ୍ୟାଦି ଦିଗ ରଘୁରାଜନ କମିଟି ଅନୁଧ୍ୟାନ କରିଥିଲେ।

ରାଜ୍ୟଗୁଡ଼ିକର ଚାଷୀ ପରିବାରର ଆୟ ଓ ଜଳସେଚିତ ଜମିରୁ ଉତ୍ପାଦିତ ଶସ୍ୟର ହାରକୁ ଗ୍ରାଫିକାଲି ଅନୁଧ୍ୟାନ କଲେ ଜଣାଯିବ ଯେ, ଚାଷୀଙ୍କ ଆୟବୃଦ୍ଧି ପ୍ରତ୍ୟକ୍ଷ ଭାବରେ ଜଳସେଚନ ଉପରେ ନିର୍ଭର କରେ। ଆମ ରାଜ୍ୟ ପ୍ରଚୁର ଜଳସମ୍ପଦ ଓ ନଦନଦୀରେ ଭରପୂର। ଦେଶରେ ହାରାହାରି ବାର୍ଷିକ ବୃଷ୍ଟିପାତ ୧୧୦୦ ମିଲିମିଟର ସ୍ଥଳେ, ଆମ ରାଜ୍ୟର ବାର୍ଷିକ ବୃଷ୍ଟିପାତ ୧୫୦୦ ମିଲିମିଟର। ଜଳସେଚନର ସ୍ୱାଣୁତା ରାଜ୍ୟର ଚାଷୀ ଓ ରାଜ୍ୟ ଅନଗ୍ରସତାର ପ୍ରମୁଖ କାରଣ ବୋଲି ହୃଦୟଙ୍ଗମ କରିବାକୁ ହେବ। ଗରିବ ଚାଷୀଙ୍କୁ ଟଙ୍କା ନ ବାଣ୍ଟି ସେ ଟଙ୍କାରେ ଜମିରେ କୂପ ଖନନ, ପୁରାତନ ଜଳାଶୟ ଖନନ, ଆଡିବନ୍ଧ ନିର୍ମାଣ, ବର୍ଷାଜଳ ସଂରକ୍ଷଣ, ମାଗଣାରେ ପମ୍ପ ଓ ବିଦ୍ୟୁତ୍ ଯୋଗାଣ ଇତ୍ୟାଦି କଲେ ରାଜ୍ୟ ପାଇଁ ଅଧିକ କଲ୍ୟାଣକାରୀ ହୋଇପାରିବ।

ଭୁବନେଶ୍ୱର, ମୋ–୭୦୦୮୮୪୬୨୭୨

## ଏଇ ଭାରତରେ

ଭାରତରେ ଧାର୍ମିକ ପରମ୍ପରାରେ ଏବେ ବି ଯନ୍ତ୍ରଣାଦାୟକ ବିଧି ଜମିରହିଛି। ଏମିତିକି ଆଧୁନିକତାର ସ୍ରୋତରେ ସାମିଲ ହୋଇଥିବା ରାଜପରିବାରରେ ମଧ୍ୟ ଏଭଳି କିଛି ବିଧି ଉପରେ ବିଶ୍ୱାସ ରହିଥିବା ଦେଖିବାକୁ ମିଳିଛି ଛତିଶଗଡ଼ରେ। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ବସ୍ତର ରାଜପରିବାର ଦଶହରା ପାଳନ କରିବା ପୂର୍ବରୁ ଏହି କଷ୍ଟଦାୟକ ବିଧି ପାଳନ କରିଛନ୍ତି। ରାଜପରିବାରର ସମସ୍ତ ସଦସ୍ୟ ଏକ ଶୋଭାଯାତ୍ରାରେ ବାହାରି କାଞ୍ଚନଗୁଡିର ମା'ରଣଦେବୀଙ୍କ ନିକଟରେ ପହଞ୍ଚିବା ପରେ ଗର୍ଭଗୃହରେ ବସି ମା'ଙ୍କ ଆରାଧନା କରିଛନ୍ତି। ପରେ ଦେବୀଙ୍କୁ ସେମାନେ ଦଶହରା ପାଳନ କରିବା ପାଇଁ ଅନୁମତି ଭିକ୍ଷା କରିଥିଲେ। ପରମ୍ପରା ଅନୁଯାୟୀ ମନ୍ଦିର ସାମ୍ନାରେ ବେଲକଣ୍ଟା ବିଛାଯାଇଥିବା ଏକ ଝୁଲା ନିର୍ମାଣ କରାଯାଇ ସେହି ଝୁଲା ଚାରିପାଖରେ ଦେବୀଙ୍କ ପ୍ରତିରୂପ ଭାବେ ଜଣେ ବାଳିକାଙ୍କୁ ପରିକ୍ରମା କରାଯାଇଥିଲା। ଏହାପରେ ବାଳିକା ଜଣଙ୍କୁ ବେଲକଣ୍ଟା ଝୁଲାରେ ଶୁଆଇ ଝୁଲାଯାଇଥିଲା। ଏହା ଶେଷ ହେବା ପରେ ମନ୍ଦିରରେ ରଣଦେବୀ ଓ ବସ୍ତର ମହାରାଜାଙ୍କ ମଧ୍ୟରେ ସାଙ୍କେତିକ ଯୁଦ୍ଧ ହୋଇଥିଲା। ଏହି ଅବସରରେ ମହିଳାମାନେ ଧନକୁଳ ବାଦ୍ୟ ସହ କାଞ୍ଚନ ଯାତ୍ରା ସଙ୍ଗୀତ ପରିବେଷଣ କରିଥିଲେ। ଏହାପରେ ଦଶହରା ପାଳନ କରିବା ପାଇଁ ରାଜପରିବାରକୁ ରଣଦେବୀ ଅନୁମତି ଦେବା ପରେ ତାହାକୁ ନେଇ ରାଜପରିବାର ଦଶହରା ପାଳନର ଆୟୋଜନ କରିଛନ୍ତି।

## ଚିରନ୍ତନୀ

ଆବାସେ ଆବାସେ ଅଶ୍ରୁର ଅଭିଷେକ
ଆବାସେ ଆବାସେ ବ୍ୟର୍ଥତା ଲଭି ଟେକ,
ରହିଅଛି ଉଭା ବିରଚି ବିରାଟ ଭୟ
ବିଶ୍ୱର ସେ କି ଅବିନଶ୍ୱର ଜୟ! (ଜୀବନର ସ୍ୱର୍ଶ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩୦ ସେପ୍ଟେମ୍ବର ୧୯୯୪

- ଅଧିକ ଅଣୁଅସ୍ତ୍ର ହ୍ରାସ ପାଇଁ ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଏବଂ ରୁଷିଆର ରାଷ୍ଟ୍ରପତି ବୋରିସ ୟେଲଟସିନଙ୍କ ମଧ୍ୟରେ ସହମତି।
- ପଞ୍ଚାୟତିରାଜ ବିଭାଗକୁ ଦୁଇ ଭାଗରେ ବିଭକ୍ତ କରାଯାଇ ମହିଳା ଓ ଶିଶୁ କଲ୍ୟାଣ ନାମରେ ଏକ ନୂତନ ବିଭାଗ ସୃଷ୍ଟି କରାଯାଇଛି।

## ଆମ ସମସ୍ୟା

### ରାସ୍ତାରେ ଶହ ଶହ ପୋଖରୀ

ମହାଶୟ,

ବିରିଡି ବ୍ଲକ ଅନ୍ତର୍ଗତ ହାଜିପୁର–ଅଷ୍ଟଶମ୍ଭୁ ରାସ୍ତା ଯାତାୟାତ ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ। ଦୁଇ କିମି ରାସ୍ତାରେ ଶହ ଶହ ଖାଲଖମା ସୃଷ୍ଟି ହୋଇ ବର୍ଷା ସମୟରେ ପୋଖରୀର ଭ୍ରମ ସୃଷ୍ଟି କରୁଛି। ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଗତ ତିନିମାସ ଧରି ଏହି ଅବସ୍ଥା ଲାଗିରହିଛି। ଏହା ଏକ ଜନଗହଳିପୂର୍ଣ୍ଣ ରାସ୍ତା। ଚାରୋଟି ପଞ୍ଚାୟତର ଲୋକ ଏହା ଉପରେ ନିର୍ଭର କରନ୍ତି। ଦୁଇଟି ଧର୍ମପୀଠ ଅଷ୍ଟଶମ୍ଭୁ ଓ ଧ୍ୟାନକୁଦ ଜଗନ୍ନାଥ ମନ୍ଦିରକୁ ଏହା ମୁଖ୍ୟ ସଂଯୋଗ ରାସ୍ତା। ରାସ୍ତାର ଦୁରବସ୍ଥା ସମ୍ପର୍କରେ ଗଣମାଧ୍ୟମରେ ଏକାଧିକ ରିପୋର୍ଟ ବାହାରିଥିଲେ ମଧ୍ୟ ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। ଆଗାମୀ ପୂଜାରରୁ ପୂର୍ବରୁ ଏହାର ମରାମତି କରାଯାଉ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ଝୋଟ ଗବେଷଣା କେନ୍ଦ୍ର ପୁନଃକ୍ଷମ ହେଉ

କେନ୍ଦ୍ରାପଡ଼ା ଜିଲାର ଜଜାଙ୍ଗଠାରେ ୧୯୭୪ ମସିହାରେ ଝୋଟଚାଷର ଉନ୍ନତି ପାଇଁ ନଳିତା ବିହନ ତଥା ଧାନବିହନ ଉତ୍ପନ୍ନ କରାଯାଉଥିଲା। ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁ କାଳକ୍ରମେ ଏହି ଗବେଷଣା ରୁଗ୍ଣ ଅବସ୍ଥାରେ ପହଞ୍ଚିଛି। ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ପୁନଃ କାର୍ଯ୍ୟକ୍ଷମ କରାଗଲେ ନଳିତା ବିହନ କରି ଚାଷୀ ଲାଭବାନ ହୋଇପାରନ୍ତେ। ଏଥିରେ କାର୍ଯ୍ୟରତ କର୍ମଚାରୀମାନଙ୍କର ମଧ୍ୟ ସ୍ୱାର୍ଥସାଧନ ହୋଇପାରନ୍ତା। ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ଉପରେ କଟକଣା ଲଗାଯିବା ପରେ ଝୋଟର ଚାହିଦା ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ଥିବାରୁ ଏହାକୁ ବାହାର ରାଜ୍ୟକୁ ମଧ୍ୟ ପଠାଇ ହୁଅନ୍ତା।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

ସେପ୍ଟେମ୍ବର ୨୨– ଗାନ୍ଧୀବାଦୀ ସର୍ବୋଦୟ ନେତ୍ରୀ ସୁମିତ୍ରା ଚୌଧୁରୀଙ୍କ ୯୫ ବର୍ଷ ବୟସରେ ପରଲୋକ।
୨୪– ପିଓକେରେ ଶକ୍ତିଶାଳୀ ଭୂକମ୍ପ: ୨୬ ମୃତ, ୩୦୦ରୁ ଊର୍ଦ୍ଧ୍ୱ ଆହତ।
* ମେଗାଷ୍ଟାର ଅମିତାଭ ବଚ୍ଚନଙ୍କୁ ଚଳିତବର୍ଷର ଦାଦାସାହେବ ଫାଲ୍‌କେ ପୁରସ୍କାର ପାଇଁ ମନୋନୀତ କରାଯାଇଛି।
୨୫– ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମେରିକାରେ ବିଲ୍ ଓ ମିଲିଣ୍ଡା ଗେଟ୍‌ସ ଫାଉଣ୍ଡେଶନ ପକ୍ଷରୁ 'ଗ୍ଲୋବାଲ ଗୋଲକିପର' ପୁରସ୍କାରରେ ସମ୍ମାନିତ କରାଯଇଛି।
୨୬– ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଜାକ୍ ଶିରାକଙ୍କ ୮୬ ବର୍ଷ ବୟସରେ ପରଲୋକ।
୨୭– ଜାତିସଂଘ ସାଧାରଣ ସଭାର ୭୪ତମ ଅଧିବେଶନରେ ଉଦ୍‌ବୋଧନ ଦେବା ଅବସରରେ ଆତଙ୍କବାଦ ବିରୋଧରେ ଏକଜୁଟ ହେବା ପାଇଁ ବିଶ୍ୱବାସୀଙ୍କୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍‌ଟାୟାର



## ସଂକ୍ଷେପରେ

### ସାଇ ପୁନର୍ନିବାସ କାର୍ଯ୍ୟକ୍ରମ

ସମ୍ବଲପୁର, ୨୯।୯ (ବ୍ୟୁରୋ)- ସାଇ ପୁର୍ନଃ ନିବାସ କାର୍ଯ୍ୟକ୍ରମ ରବିବାର ସମ୍ବଲପୁର ଭୁତାପଡା ଛକସ୍ଥିତ ପ୍ରଶାନ୍ତି ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ସତ୍ୟସାଇ ସେବା ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମ ହୋଇଥିଲା । ଶ୍ରୀ ସତ୍ୟସାଇ ଡାକ୍ତରଖାନା ପ୍ରଶାନ୍ତି ନିଳୟମ୍‌ର ହୃଦ୍‌ରୋଗ ବିଶେଷଜ୍ଞମାନେ ଯୋଗଦେଇ ୪୮ ଜଣଙ୍କ ମାଗଣାରେ ଇସିଜି ଓ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସମ୍ବଲପୁର ପୂର୍ବତନ ବିଧାୟକ ରାସେଶ୍ୱରୀ ପାଣିଗ୍ରାହୀ, ସଂଗଠନ ରାଜ୍ୟ ଉପସଭାପତି ଡା. ସତ୍ୟସ୍ୱରୂପ ପଟ୍ଟନାୟକ, ଚନ୍ଦନ ଦାଶ, ଡା. କମଳକାନ୍ତ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସତ୍ୟସାଇ ସେବା ସଂଗଠନ ଜିଲା ସଭାପତି ଯୁବରାଜ ମୁନା, ସଭ୍ୟ ବାବୁଲି ବେହେରା, ଜି ସାଇକ୍ରିଷ୍ଣା, ମୋତିଲାଲ ଦୋରା, ସୁନୀଲ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କଫସିରପ କାରବାରରେ ଜଣେ ଗିରଫ

ସମ୍ବଲପୁର,୨୯।୯ (ବ୍ୟୁରୋ) ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ପୋଲିସ କଫ ସିରଫ ବିକ୍ରି କରୁଥିବା ଅଭିଯୋଗରେ ଅମରିପଡାର ଶକ୍ତି ସିଂଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କ ନିକଟରୁ ନିଶା ବଟିକା, କଫସିରପ ଓ ୨୨୦ ଟଙ୍କା ଜବତ ହୋଇଛି। ଏ ନେଇ ଥାନାରେ ୨୪୫/୧୯ରେ ଏକ ମାମଲା ରୁଜୁ କରାଯାଇଛି । ଅଭିଯୁକ୍ତଙ୍କ ନାମରେ ପୂର୍ବରୁ କ୍ଷେତରାଜପୁର ଥାନାରେ ୪ଟ ମାମଲା ରହିଛି ବୋଲି ପୋଲିସ ସୂଚନା ଦେଇଛି।

### ହୀରାକୁଦ ଡ୍ୟାମର ୧୬ ଗେଟ୍ ଖୋଲା

ସମ୍ବଲପୁର, ୨୯।୯ (ବ୍ୟୁରୋ) ହୀରାକୁଦ ଡ୍ୟାମର ଉପରମୁଣ୍ଡରେ ବର୍ଷା ହେବା ଫଳରେ ରବିବାର ଆଉ ୨ଟି ଗେଟ ଖୋଲା ଯାଇଛି। ଶନିବାର ୧୪ ଗେଟ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିବା ବେଳେ ରବିବାର ୧୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ସନ୍ଧ୍ୟାରେ ମିଳିଥିବା ରିପୋର୍ଟ ଅନୁସାରେ ଡ୍ୟାମରେ ଜଳସ୍ତର ୬୨୯.୯୭ ଫୁଟ ରହିଛି । ଡ୍ୟାମର ବାମପାର୍ଶ୍ୱର ୧୧ଟି ଓ ଡାହାଣପାର୍ଶ୍ୱର ୫ଟି ଗେଟ୍ ଖୋଲା ଯାଇଛି । ଡ୍ୟାମ୍ ଭିତରକୁ ପ୍ରତି ସେକେଣ୍ଡରେ ୨ଲକ୍ଷ ୮୨ ହଜାର ୪୦୦ କ୍ୟୁସେକ ଜଳ ପ୍ରବେଶ କରୁଛି। ସମାନ ପରିମାଣର ପାଣି ନିଷ୍କାସିତ ହେଉଛି। ୧୬ଟି ସ୍ଲୁଇସ୍ ଗେଟ ଦେଇ ୨ ଲକ୍ଷ ୬୨ ହଜାର ୯୯୨, ପାୱାର ଚ୍ୟାନାଲରେ ୧୫ ହଜାର ୯୨୩, ବିଭିନ୍ନ କେନାଲରେ ୩ହଜାର ୩୧୫ ଓ ଶିଳ୍ପକୁ ୧୭୦ କ୍ୟୁସେକ ଜଳ ଛଡା ଯାଉଛି। ଡ୍ୟାମ୍‌ର ଉପର ମୁଣ୍ଡରେ ୩୧.୯୧ ଓ ତଳମୁଣ୍ଡରେ ୧୪.୮୦ ଘନଫୁଟ ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ବେଲଗାଁରେ ରେକର୍ଡ ହୋଇ ନ ଥିବା ବେଳେ ପର୍ଥଲାରେ ୩୪.୯୦୬ହଜାର, ଖଇରମାଲରେ ୩ ଲକ୍ଷ ୩୫ ହଜାର, ବଡମୂଳରେ ୨ ଲକ୍ଷ ୮୩ ହଜାର ଓ ମୁଣ୍ଡଳିରେ ୨ ଲକ୍ଷ ୬୧ ହଜାର ୫୦୦ କୁସେକ ଜଳ ପ୍ରବାହିତ ହେଉଥିବା ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ଇଷ୍ଟ ସେଣ୍ଟ୍ରାଲ ଜୋନ୍ ଜୀବନବୀମା କର୍ମଚାରୀ ସଂଘ ପଞ୍ଚମ ତ୍ରୈୟବାର୍ଷିକ ସାଧାରଣ ସମ୍ମିଳନୀ

# ୩ ରାଜ୍ୟର ୬ଶହ କର୍ମଚାରୀଙ୍କ ଶୋଭାଯାତ୍ରା

ସମ୍ବଲପୁର, ୨୯।୯ (ବ୍ୟୁରୋ)

ଇଷ୍ଟ ସେଣ୍ଟ୍ରାଲ ଜୋନ୍ ଜୀବନ ବୀମା କର୍ମଚାରୀ ସଂଘର ପଞ୍ଚମ ତ୍ରୈୟବାର୍ଷିକ ସାଧାରଣ ସମ୍ମିଳନୀ ରବିବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିହାର, ଝାଡଖଣ୍ଡ ଓ ଓଡିଶା ରାଜ୍ୟର ପ୍ରତିନିଧି ଯୋଗ ଦେଇଥିଲେ । ସମ୍ମିଳନୀ ପୂର୍ବରୁ ୬ଶହ କର୍ମଚାରୀମାନେ ଶୋଭାଯାତ୍ରାରେ ବାହାରି ଜିଲାସ୍କୁଲ ଛକ, ବୀର ସୁରେନ୍ଦ୍ର ସାଏ ମାର୍ଗ, ଲକ୍ଷ୍ମୀ ଟକିଜ ଛକ ପରିକ୍ରମା କରି ସଭା ସ୍ଥଳରେ ପହଞ୍ଚିଥିଲେ । ଅଖିଳ ଭାରତୀୟ ଜୀବନ ବୀମା କର୍ମଚାରୀ ସଂଘ ସଭାପତି ଅମାନୁଲ୍ଲା ଖାନ୍ ଖୋଲା ଅଧିବେଶନକୁ ଉଦ୍‌ଘାଟନ କରିଥିଲେ । ଦେଶର ସାଂପ୍ରତିକ, ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ



ରବିବାର ସମ୍ବଲପୁର ଇଷ୍ଟ ସେଣ୍ଟ୍ରାଲ ଜୋନ୍ ଜୀବନ ବୀମା କର୍ମଚାରୀ ସଂଘର ପଞ୍ଚମ ତ୍ରୈୟବାର୍ଷିକ ସାଧାରଣ ସମ୍ମିଳନୀ ପୂର୍ବରୁ ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ବିଶ୍ଳେଷଣ କରିବା ସହ ଜନସାଧାରଣଙ୍କ ମୌଳିକ ଅଧିକାର ଉପରେ ସେ ବକ୍ତବ୍ୟ ପ୍ରଦାନ କରିଥିଲେ । ସଂପ୍ରତି ଆର୍ଥିକ ମାନ୍ଦାବସ୍ଥା ଲାଗି ସରକାରଙ୍କ ବିମୁଦ୍ରାୟନ ଓ ଜିଏସଟିକୁ ଦାୟୀ କରିବା ସହ ଟ୍ୟାକ୍ସ ନୀତିକୁ ସମାଲୋଚନା କରିଥିଲେ । ଜନସାଧାରଣଙ୍କ କ୍ରୟ ଶକ୍ତି ବୃଦ୍ଧି ହେବା ସହିତ ଆୟର ବୈଷମ୍ୟକୁ ଆୟତ୍ତ କରା ନ ଗଲେ ସାଧାରଣ ଜନତାର ଜୀବନ ଉନ୍ନତ ହୋଇପାରିବ ନାହିଁ ବୋଲି ବକ୍ତାମାନେ ଆହ୍ୱାନ ଦେଇଥିଲେ । ଅଭ୍ୟର୍ଥନା ସମିତି ଅଧ୍ୟକ୍ଷ ଡ. ଦିଲୀପ କୁମାର ପଣ୍ଡା ବର୍ତ୍ତମାନର ସାଂପ୍ରଦାୟିକ, ରାଜନୀତି ଓ ଶ୍ରମିକ ବିରୋଧୀ ନବ୍ୟଉଦାର ବାଦି ନୀତି ବରୋଧରେ ଏକଜୁଟ ହେବାକୁ ଗୁରୁତ୍ୱାରୋପ କରିଥିଲେ। ସଂଗଠନ ସଭାପତି ପ୍ରଦୀପ ମୁଖାର୍ଜୀଙ୍କ ଅଧ୍ୟକ୍ଷତାରେ ଅଧିବେଶନ ହୋଇଥିଲା । ଏଲଆଇସି ସମ୍ବଲପୁର ଡିଭିଜନ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ମନୋଜ କୁମାର ପଣ୍ଡା ଉପସ୍ଥିତ ଥିଲେ । ଅଭ୍ୟର୍ଥନା କମିଟି ସମ୍ପାଦକ ମୀନରଞ୍ଜନ ବିଶି ସୂଚନା ପ୍ରଦାନ କରିଥିଲେ ।

## ହୀରାକୁଦରେ ଯାତ୍ରୀନିବାସ ନିର୍ମାଣ ଦାବି

ସମ୍ବଲପୁର,୨୯।୯(ବ୍ୟୁରୋ)

ହୀରାକୁଦ ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଏହା ପର୍ଯ୍ୟଟନସ୍ଥଳ ଭାବେ ଜଣାଶୁଣା। ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଦୈନଦିନ ପର୍ଯ୍ୟଟକମାନେ ଆସିଥାନ୍ତି । କିନ୍ତୁ ପରିତାପର ବିଷୟ ଯେ, ଏହି ପର୍ଯ୍ୟଟନସ୍ଥଳରେ ଯାତ୍ରୀନିବାସ, ଶୌଚାଳୟ ନାହିଁ। ଏଣୁ ପର୍ଯ୍ୟଟକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ ଏଠାରେ ଯାତ୍ରୀ ନିବାସ, ଶୌଚାଳୟ ସହ ଇଂରାଜୀ ମାଧ୍ୟମ ସ୍କୁଲ ନିର୍ମାଣ କରିବାକୁ ବିଜୁ ଜନତା ଦଳ ହୀରାକୁଦ ନଗର ସଭାପତି ଶାନ୍ତନୁ କୁମାର ବଡପଣ୍ଡା ଦାବି କରିଛନ୍ତି। ରବିବାର ସେ ସମ୍ବଲପୁରଠାରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାଷ ଚୌହାନଙ୍କୁ ଭେଟି ଦାବି ଜଣାଇଛନ୍ତି।

# ଓଡ଼ିଶା ସାଂସ୍କୃତିକ ସମାଜର ନୂଆ କର୍ମକର୍ତ୍ତା

## – ପ୍ରଫୁଲ୍ଲ ସଭାପତି, ସରୋଜ ସମ୍ପାଦକ



ରବିବାର ସମ୍ବଲପୁର ଓଡିଶା ସାଂସ୍କୃତିକ ସମାଜର ନୂତନ କର୍ମକର୍ତ୍ତା ।

ସମ୍ବଲପୁର, ୨୯।୯ (ବ୍ୟୁରୋ)

ଓଡିଶା ସାଂସ୍କୃତିକ ସମାଜ ନୂତନ କର୍ମକର୍ତ୍ତା ରବିବାର ସ୍ୱାଧିନତା ସଂଗ୍ରାମୀ ସ୍ମୃତି ଭବନଠାରେ ଚୟନ କରାଯାଇଛି। ପୂର୍ବତନ ସଭାପତି ପ୍ରଫେସର ଶଙ୍କରପ୍ରସାଦ ପତି ସମସ୍ତ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ । ଏହାପରେ ବରିଷ୍ଠ ସଭ୍ୟ ଡା. ଶ୍ୟାମସୁନ୍ଦର ଧରଙ୍କ ତତ୍ତ୍ୱାବଧାନରେ ଚୟନ ପକ୍ରିୟା ହୋଇଥିଲା । ଏଥିରେ ସଞ୍ଜୀବ ମିଶ୍ର ସହଯୋଗ କରିଥିଲେ । ପ୍ରଫୁଲ୍ଲ ହୋତା ନୂତନ ସଭାପତି, ଡ. ହରିଶଙ୍କର ପଣ୍ଡା ଓ ଅଶୋକ ପ୍ରଧାନ ଉପସଭାପତି, ସରୋଜ ଦାଶ ସମ୍ପାଦକ, ଲଳିତ ବେବର୍ତ୍ତା ଓ ପ୍ରଶାନ୍ତ ମିଶ୍ର ଯୁଗ୍ମ ସମ୍ପାଦକ, ଲୋକନାଥ ପାଣ୍ଡେ କୋଷାଧ୍ୟକ୍ଷ, ଦେବେନ୍ଦ୍ର ପଟେଲ କାର୍ଯ୍ୟାଳୟ ସମ୍ପାଦକ ଭାବେ ଚୟନ ହୋଇଛନ୍ତି । ସେହିପରି ପାଠାଗାର ଓ ଶିକ୍ଷା ଉପସମିତି ଆବାହକ ଡ. ସିଦ୍ଧାର୍ଥ ପଣ୍ଡା, ପରିବେଶ ଆବାହକ ସତ୍ୟନାରାୟଣ ଠାକୁର ଓ ଖାଉଟି ଆବାହକ ଭାବେ ବିଶ୍ୱମ୍ବର ବହିଦାରଙ୍କୁ ମନୋନୀତ କରାଯାଇଛି । କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସୁବାଷ ପାଣିଗ୍ରାହୀ, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଭାଗବତ ପ୍ରସାଦ ନନ୍ଦ, ଅରବିନ୍ଦ ମହାପାତ୍ର, ଶଶିଭୂଷଣ ତ୍ରିପାଠୀ, ଡ. ପରେଶ ଦାନୀ, ରଘୁନାଥ ମିଶ୍ର, ରାଜେନ୍ଦ୍ର ପଣ୍ଡା, ସୁରଞ୍ଜନ ମହାପାତ୍ର, ସୁକାନ୍ତ କର, ରାଜେଶ୍ୱରୀ ଜେନା, ଡ. ସଞ୍ଜିବ ମିଶ୍ର, ଡ. ଗୌରିଦାସ ପ୍ରଧାନ, ରାମାନୁସ ପଣ୍ଡା, ଭାରତୀ ମିଶ୍ର, ବୀଣାପାଣି ପତି, ଡ. ସନ୍ତୋଷ ଦାଶ, ପ୍ରଶାନ୍ତ ପାଟଯୋଶୀ, ସୂଯର୍ୟ ପାଣିଗ୍ରାହୀ, ନରେନ୍ଦ୍ର ପାଣିଗ୍ରାହୀ, ଲଳିତ କୁମାର ଜେନା, କବିତା ପୁରୋହିତ, ପ୍ରଫେସର ଶଙ୍କର ପ୍ରସାଦ ପତି, ବୋଧରାମ ଦାସ, ଡ. ଶ୍ୟାମସୁନ୍ଦର ଧର, ସଞ୍ଜିବ ମିଶ୍ର, ଅଶୋକ କୁମାର ମିଶ୍ରଙ୍କୁ ମନୋନୀତ କରାଯାଇଛି ।

## ଗୋଡଭଗା ସାରସ୍ୱତ ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର

ଚିପିଲିମା, ୨୯।୯ (ଡି.ଏନ.ଏ.) ଗୋଡଭଗା ସାରସ୍ୱତ ମହାବିଦ୍ୟାଳୟ ପରିସରରେ ଗୋଡଭଗା ଲାୟନ୍ସ କ୍ଲବ ରୋୟାଲ ଓ ବୀରମହାରାଜପୁରସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଲାୟନ୍ସ କ୍ଲବ ସଭାପତି ବାଳକୃଷ୍ଣ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ ଯୋଗ ଦେଇ ଶିବିରର ଉଦ୍‌ଘାଟନ କରିଥିଲେ । ସମ୍ମାନୀୟ ଅତିଥି ଭାବରେ ଜିଲାପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ବ୍ଲକ ଅଧ୍ୟକ୍ଷା ସୀତା ଛୁରିଆ, ଉପାଧ୍ୟକ୍ଷା ସୁଷମା ସାହୁ, ଜିଲାପରିଷଦ ସଂଯୁକ୍ତା ପ୍ରଧାନ ଯୋଗ ଦେଇଥିଲେ । ଶିବିରରେ ୧୫୦ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୩୫ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ ହୋଇଛି। ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ଦିଆଯାଇଛି । ଡା. ସନ୍ଦୀପ ତ୍ରିପାଠୀ, ଡା. ବିଷ୍ଣୁ ଦାସ, ଡା. ପ୍ରଶାନ୍ତ ପଣ୍ଡା ଚକ୍ଷୁ ପରୀକ୍ଷା କରିଥିବା ବେଳେ ଡା. ସୁଜିତ ଥପା, ଧର୍ମରାଜ ନାୟକ, ଦିଳେଶ୍ୱର ପ୍ରଧାନ, ଦେବାଶିଷ ମେହେର, ଜଗମୋହନ ସେଠ, ନିମାଇଁଚରଣ ବେହେରା, ଭାଗବତ ପାଣ୍ଡେ, ସୁଦର୍ଶନ ଜଗଦଲା, ନିବେଦିତା କର୍ଣ୍ଣ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଲାୟନ୍ସ କ୍ଲବ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।



ଚିପିଲିମା ଗୋଡଭଗା ସାରସ୍ୱତ ମହାବିଦ୍ୟାଳୟରେ ଅନୁଷ୍ଠିତ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ।

## ଅକ୍ଟୋବର ୧୦ରେ ଡୁମାଲ ପରିଷଦର ନୂଆଁଖାଇ ଭେଟଘାଟ

ନାକଟିଦେଉଲ,୨୯।୯(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲିଠାରେ ଡୁମାଲ ପରିଷଦ ସରାପାଲି କେନ୍ଦ୍ର ପକ୍ଷରୁ ନୂଆଁଖାଇ ଭେଟଘାଟ ପାଳନ ପାଇଁ ଶନିବାର ସରାପାଲି ମାହେଶ୍ୱରୀ ଗୁଡ଼ି ପରିସରରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି । ଗୌରୀଶଙ୍କର ପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଅକ୍ଟୋବର ୧୦ତାରିଖରେ ସରାପାଲି ପଞ୍ଚାୟତର କତରାପାଲି ନିକଟସ୍ଥ କୁଞ୍ଜବନ ଆଶ୍ରମଠାରେ ଡୁମାଲ ପରିଷଦର ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେଦିନ ସକାଳେ ସରାପାଲି ମାହେଶ୍ୱରୀ ଗୁଡ଼ିରେ ପୂଜାର୍ଚ୍ଚନା ପରେ ସେଠାରୁ ଏକ ବିରାଟ କଳସ ଶୋଭାଯାତ୍ରା ବାହାରିବ। କୁଞ୍ଜବନ ଆଶ୍ରମ ପର୍ଯ୍ୟନ୍ତ ଏହା ଯାଇ କଳସ ସ୍ଥାପନ ପରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବାସୁଦେବ ମହାକୁଡ଼, ପ୍ରଫୁଲ୍ଲ ପ୍ରଧାନ, ଅବନୀକାନ୍ତ ମହାକୁଡ଼, ଧନଞ୍ଜୟ ମହାକୁଡ଼, ଶଡ଼ାନନ କର୍ମୀ, ବିଦ୍ୟାଧର ମହାକୁଡ଼, ବଲ୍ଲଭ ଗଡ଼ତ୍ୟା, ସନ୍ତୋଷ ଗଡ଼ତ୍ୟା, ସତ୍ୟନାରାୟଣ ପ୍ରଧାନ, ଟିକୁନୁ ପାତ୍ର, ବାମନ ଗଡ଼ତ୍ୟା, ବଳରାମ ମହାକୁଡ଼, ଶ୍ରୀପତି ମହାକୁଡ଼, ଅରୁଣ ମହାକୁଡ଼ ପ୍ରମୁଖ ଯୋଗ ଦେଇ ଆଲୋଚନା କରିଥିଲେ।

## ରେଙ୍ଗାଲି ଦୁର୍ଗା ମନ୍ଦିରରେ ନବରାତ୍ର ପୂଜା ପାଇଁ କଳସଯାତ୍ରା

ରେଙ୍ଗାଲି, ୨୯।୯ (ଡି.ଏନ.ଏ) ସମ୍ବଲପୁର ଜିଲା ରେଙ୍ଗାଲି ରେଲୱେ ଷ୍ଟେଶନ ସ୍ଥିତ ଦୁର୍ଗା ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ ହୋଇଛି । ରବିବାର କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଶତାଧିକ ମହିଳା ଓ ପୁରୁଷ କଳସ ଧରି ଦୁର୍ଗା ମନ୍ଦିରରୁ ବାହାରି ରାମସାଗର ପୋଖରୀ ପର୍ଯ୍ୟନ୍ତ ଆସିଥିଲେ । ସେଠାରୁ କଳସରେ ପାଣି ଧରି ମନ୍ଦିରକୁ ଆଣି କଳସ ସ୍ଥାପନ କରିଥିଲେ । ନବରାତ୍ର ପୂଜାରେ ମାଁ ଦୁର୍ଗା ନଅ ଦିନ ପର୍ଯ୍ୟନ୍ତ ୯ଟି ରୂପରେ ଭକ୍ତଙ୍କୁ ଦର୍ଶନ ଦେବେ । ନବରାତ୍ର ପୂଜା ପାଇଁ ରେଙ୍ଗାଲି ଉତ୍ସବ ମୁଖର ହୋଇ ଉଠିଛି।

## ଡା. ସନାତମ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ମେହେର ଆସୋସିଏଶନ୍‌କୁ ହରାଇ ଜମାଦାରପାଲି ୯ ଗୋଲରେ ବିଜୟୀ

ସମ୍ବଲପୁର, ୨୯।୯ (ବ୍ୟୁରୋ)

ସମ୍ବଲପୁର ଜିଲା କ୍ରୀଡା ସଂଘ ଦ୍ୱାରା ଡା. ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ରବିବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି । ଉଦଘାଟନୀ ମ୍ୟାଚ ଜମାଦାରପାଲି ଇଲେଭେନ୍ ଷ୍ଟାର ବନାମ ମେହେର ଆସୋସିଏଶନ୍ ମଧ୍ୟରେ ଏକ ତରଫା ହୋଇଥିଲା। ଏଥିବରେ ଜମାଦାରପାଲି ୯-୦ ଗୋଲରେ ବିଜୟୀ ହୋଇଥିଲା । ଖେଳ ଆରମ୍ଭରୁ ଜମାଦାରପାଲି ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଫଳସ୍ୱରୂପ ମ୍ୟାଚର ୧୦ମ ମିନିଟରେ ଜମାଦାରପାଲି ଜର୍ସି ନଂ ୧୩ ଅଶୋକ ଖଡିଆ ଏକ ଦର୍ଶନୀୟ ଗୋଲ ସ୍କୋର କରିଥିଲେ। ମ୍ୟାଚର ୧୭ତମ ମିନିଟରେ ଦଳର ସୁକଦର ଓରାମ, ୨୪ତମ ମିନିଟରେ ଗୁରୁଦେବ ଓରାମ, ୩୫ତମ ମିନିଟରେ କାରୋ ଓରାମ, ୩୬ ମିନିଟରେ ମାତ୍ରୁ ଓରାମ, ୪୦ତମ ମିନିଟରେ ଅଭିନ ଓରାମ, ୪୨ତମ



ରବିବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଡା. ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଖେଳାଳିମାନେ ।

ମିନିଟରେ ଗୋବିନ୍ଦ ଓରାମ, ୫୦ତମ ମିନିଟରେ ଗୁରୁ ଓରାମ ଓ ୪୯ତମ ମିନିଟରେ ପୁଣି ଗୋବିନ୍ଦ ଓରାମ ଗୋଟିଏ ଲେଖାଏଁ ଗୋଲସ୍କୋର କରିଥିଲେ । ରେଫରି କର୍ଣ୍ଣ ବେହେରା, ପଦ୍ମ ନାୟକ, ବଳରାମ ମଟାରୀ ଓ ଲକ୍ଷ୍ମଣ ନାଥ ମ୍ୟାଚ ପରିଚାଳନା କରିଥିଲେ । ଜଗବନ୍ଧୁ ବେହେରା ମ୍ୟାଚ କମିଶନର ଥିଲେ । ଜିଲା କ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା । ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି, କ୍ରୀଡା ସଂଗଠନ ବିଶ୍ୱମ୍ବର ବହିଦାର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲଚନ୍ଦ୍ର ପ୍ରଧାନ, ଉପସଭାପତି ଦିଲୀପ କୁମାର ବିଶି, କାଉନସିଲ ସଭ୍ୟ ଅମୂଲ୍ୟ କୁମାର ମିଶ୍ର, ସୁନୀଲ କୁମାର ସାହୁ, ବିକାଶ ମିଶ୍ର, ସୁବୋଧ ସାହୁ, ସୟଦ ଜିନ୍ଦାଙ୍କ ସମେତ ମେହେର ଆସୋସିଏଶନ୍ ସମ୍ପାଦକ ବିରଜା ଶଙ୍କର ହୋତା, କ୍ରୀଡା ସଂଗଠକ ମହମ୍ମଦ ପରଭେଜ୍, ମହମ୍ମଦ ଆସିଫ୍ ଅତିଥି ଭାବେ ଯୋଗ ଦେଇଥିଲେ । ମନୋରଞ୍ଜନ ପାଢ଼ୀ ଉତ୍ସବ ସଂଯୋଜନା କରିଥିଲେ । ଜମାଦାରପାଲି ଖେଳାଳି ଗୋବିନ୍ଦ ଓରାମଙ୍କୁ ମ୍ୟାନଅଫ୍ ଦି ମ୍ୟାଚ ପ୍ରଦାନ କରାଯାଇଥିଲା ।

## ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

ସମ୍ବଲପୁର, ୨୯।୯ (ବ୍ୟୁରୋ)

ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜାତୀୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୦ ଓ ୧୬ ବର୍ଷରୁ କମ୍ ମାନସିକ ଓ ଶାରୀରିକ ଅନଗ୍ରସର ବର୍ଗର ପ୍ରତିଯୋଗୀମାନେ ଭାଗ ନେଇଥିଲେ । ଖୁସି ସାହା, ଜସଶ୍ରୀ ପ୍ରଧାନ, ସଦାନନ୍ଦ କିଶାନ, ଶ୍ରୀୟା ସାହା, ନିତେଶ ଓରାମ, ଲିପି ସିନ୍ଧା, ସୁଷମା ସିଂଙ୍କୁ ଶ୍ରେଷ୍ଠ ଚିତ୍ରକର ଭାବେ ବିବେଚିତ କରାଯାଇଛି । ମହେଶ ପାଣ୍ଡେ, ଗୋପାଳ ଦାଶ,



ରବିବାର ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ ଠାରେ ଚିତ୍ରାଙ୍କନ ପ୍ରତିଯୋଗିତା ।

ନୃସିଂହ ନାୟକ ବିଚାରକ ଥିଲେ । ସୂଚନାଯୋଗ୍ୟ ଯେ, ରାଜ୍ୟ ଶିଶୁ କଲ୍ୟାଣ ପରିଷଦକୁ ଚିତ୍ର ଗୁଡିକ ପ୍ରେରଣ କରାଯିବ । ସେଠାରେ ବିଚାରକମାନେ ରାଜ୍ୟସ୍ତରୀୟ ବିଜେତାଙ୍କୁ ବିବେଚିତ କରିବେ ।

## ଡବ୍ଲୁଓଡିସି ଅଧ୍ୟକ୍ଷଙ୍କୁ ନାଗରିକ ସମ୍ବର୍ଦ୍ଧନା

ସମ୍ବଲପୁର, ୨୯।୯ (ବ୍ୟୁରୋ)

ପଶ୍ଚିମ ଓଡିଶା ବିକାଶ ପରିଷଦ (ଡବ୍ଲୁଓଡିସି) ଅଧ୍ୟକ୍ଷ ସୁବାଷ ଚୌହାନଙ୍କୁ ରବିବାର ସମ୍ବଲପୁରରେ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଛି । ବୁଢ଼ାରଜାସ୍ଥିତ ହୋଟେଲ ଗ୍ରାଣ୍ଡ ଶିବାଠାରେ ନିଶାନ ଦୀକ୍ଷିତଙ୍କ ସଂଯୋଜନାରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ସ୍ୱୀକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ଓ ବିଜେଡି ପୂର୍ବତନ ଜିଲା ସଭାପତି ଆର୍ତ୍ତତ୍ରାଣ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସହରର ବିଭିନ୍ନ ଅଞ୍ଚଳରୁ ବରିଷ୍ଠ ନାଗରିକ, ଶିକ୍ଷାବିତ, କବି, ଲେଖକ, ରାଜନୈତିକ କର୍ମୀମାନେ ସୁବାଷଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ବ୍ୟବସାୟିକ, ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ କ୍ରୀଡା ସଂଗଠନ କର୍ମକର୍ତ୍ତା ସାମିଲ ଥିଲେ ।



ରବିବାର ସମ୍ବଲପୁରରେ ଡବ୍ଲୁଓଡିସି ଅଧ୍ୟକ୍ଷ ସୁବାସ ଚୌହାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।



ଅକ୍ଟୋବର ୨୫ରେ ରିଲିଜ୍ ହେବାକୁ ଥିବା 'ହାଉସ୍‌ଫୁଲ ୪'ର ଟ୍ରେଲର୍ ଲଞ୍ଚ୍ ବେଳର ଏକ ଫଟୋକୁ ଅଭିନେତା ଚଙ୍କି ପାଣ୍ଡେ ଟୁଇଟର୍‌ରେ ଶେୟାର କରି ଅକ୍ଷୟ କୁମାରଙ୍କୁ ବ୍ୟଙ୍ଗ କରିଥିଲେ। ଏହି 'ବ୍ୟାଟ୍‌ମ୍ୟାନ୍ ଆଣ୍ଡ ଜୋକର୍' ଟୁଇଟ୍‌କୁ ନେଇ ଖିଲାଡ଼ି ଷ୍ଟାର ଅକ୍ଷୟ ତାଙ୍କୁ ଟ୍ରୋଲ୍ କରିଛନ୍ତି।



## ବିବାହ ପୂର୍ବରୁ ମା' ହେବାକୁ ଯାଉଛନ୍ତି କଲ୍‌କୀ କୋଚଲିନ୍

### ୫ ମାସର ଗର୍ଭବତୀ ଥିବା ସ୍ୱୀକାର କଲେ

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ କଲ୍‌କୀ କୋଚଲିନ୍ ବିବାହ ପୂର୍ବରୁ ମା' ହେବାକୁ ଯାଉଛନ୍ତି। ଏହା ସେ ନିଜେ ସ୍ୱୀକାର କରିଛନ୍ତି। ଏବେ ସେ ୫ ମାସର ଗର୍ଭବତୀ ବୋଲି ସୂଚନା ଦେଇଛନ୍ତି। ତାଙ୍କ ବୟଫ୍ରେଣ୍ଡ ଗେ ହେର୍ସବର୍ଗ ଇସ୍ରାଏଲର ଜଣେ କ୍ଲାସିକାଲ ପିୟାନିଷ୍ଟ। ନିଜର ପ୍ରଥମ ସନ୍ତାନକୁ କୋଚଲିନ ୱାଟର ବାର୍ଥ ଦେବାକୁ ଚାହୁଁଛନ୍ତି। ସୂଚନାଯୋଗ୍ୟ, କୋଚଲିନ ୨୦୧୧ରେ ଫିଲ୍ମ ନିର୍ମାତା ଅନୁରାଗ କଶ୍ୟପଙ୍କୁ ବିବାହ କରିଥିଲେ। ତେବେ ୨୦୧୩ରେ ଦୁହେଁ ପରସ୍ପରଠାରୁ ଅଲଗା ରହୁଥିଲେ। ଏହାପରେ ୨୦୧୫ରେ ସେ ଅନୁରାଗଙ୍କଠାରୁ ଛାଡ଼ପତ୍ର ନେଇଥିଲେ।

## ରନ୍‌ୱେରେ ପ୍ରଥମ ଦିବ୍ୟାଙ୍ଗ ନାବାଳିକା

### ପ୍ୟାରିସ୍ ଫ୍ୟାଶନ ୱିକ୍




**ପ୍ୟାରିସ୍:** ପ୍ୟାରିସ୍ ଫ୍ୟାଶନ ୱିକ୍‌ରେ ରନ୍‌ୱେରେ ଚାଲିଛନ୍ତି ପ୍ରଥମ ଦିବ୍ୟାଙ୍ଗ ନାବାଳିକା ଡେଜି ମେ ଡେମିଟ୍ରି। ଆଇଫିଲ୍ ଟାୱାରରେ ଶୁକ୍ରବାର ପିଲାମାନଙ୍କ ପୋଷାକ ପ୍ରଦର୍ଶନ ପାଇଁ ଆୟୋଜିତ ଲେବଲ ଲୁଲୁ ଲିଟି ଏଟ୍ ଗିଗିରେ ୯ ବର୍ଷୀୟା ଡେଜି ମେ ମଡେଲ୍ ଭାବେ ରନ୍‌ୱେରେ ଚାଲିଛନ୍ତି। ବ୍ରିଟେନ୍‌ର ବର୍ମିଂହାମ୍‌ରେ ଜନ୍ମିତ ଡେଜି ମେ ଜନ୍ମରୁ ଦିବ୍ୟାଙ୍ଗ। ତାଙ୍କର ଦୁଇଟି ଯାକ ଗୋଡ଼ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଯେତେବେଳେ ସେ ମାତ୍ର ୧୮ ମାସର ହୋଇଥିଲେ ଫାଇବ୍ୟୁଲର ହେମିମେଲିୟା କିମ୍ବା କାଫ୍ ବୋନ୍ କମ୍ ପଡ଼ିବା ଯୋଗୁ ତାଙ୍କ ଦୁଇ ଗୋଡର ତଳପାର୍ଶ୍ୱ ନଷ୍ଟ ହୋଇଯାଇଥିଲା। ସେ ବର୍ଷକ ପୂର୍ବରୁ ବ୍ରିଟେନ୍‌ର ଏକ କପଡ଼ା ବ୍ରାଣ୍ଡ ପାଇଁ ମଡେଲିଂ ଆରମ୍ଭ କରିଥିଲେ। ଏଥିସହ ଗତ ଫେବୃୟାରୀରେ ଆୟୋଜିତ ଲଣ୍ଡନ କିଡ୍‌ସ୍ ଫେଶନ ଉଇକ୍ ଓ ଚଳିତ ମାସ ଆରମ୍ଭରେ ନ୍ୟୁୟର୍କ ଫେଶନ ୱିକ୍‌ରେ ର୍‌ୟାମ୍ପରେ ଚାଲିଥିଲେ। କ୍ୟାଟ୍ ୱାକ୍ କିମ୍ବା ଦୌଡ଼ିବା ପାଇଁ ଡେଜି ମେ କାର୍ବନ ପେପର ବ୍ୟବହାର କରିଥାନ୍ତି। ଲଣ୍ଡନରେ ସେ କ୍ୟାଟ୍‌ହ୍ୱିଲ୍ ମଧ୍ୟ କରିଥିଲେ। କିନ୍ତୁ ସ୍କୁଲ ଯିବାବେଳେ ସେ କୃତ୍ରିମ ଗୋଡ଼ର ବ୍ୟବହାର କରନ୍ତି। ସୁନ୍ଦର ଡ୍ରେସ୍ ପିନ୍ଧି କ୍ୟାମେରା ଆଗରେ ପୋଜ୍ ଦେବା କୁ ଭଲ ଲାଗେ ବୋଲି ଡେଜି ମେ କୁହନ୍ତି। ସେ ଆହୁରି କହିଛନ୍ତି, ମୁଁ ଚୁଟି ସଜାଏ, ମେକ୍‌ଅପ୍ ନିଏ, ଡ୍ରେସ୍ ଓ ନକଲି ଗୋଡ଼ ପିନ୍ଧି କ୍ୟାଟୱାକ କରେ। ମୁଁ କେବେ ନିଜକୁ ଅନ୍ୟମାନଙ୍କଠୁ ଭିନ୍ନ ବୋଲି ଭାବେନି। ଫ୍ୟାଶନ ଉପରେ ହେଉଥିବା ଏକ ଟିଭି ଶୋ' ଦେଖିବା ପରେ ମଡେଲିଂ କରିବା ପାଇଁ ସେ ମନ ବଳାଇଥିଲେ। ଏ ପର୍ଯ୍ୟନ୍ତ ସେ ବ୍ରିଟେନ୍‌ର ଅନେକ ବ୍ରାଣ୍ଡରେ ମଡେଲ ଭାବେ କାମ କରିଥିବାବେଳେ ସ୍ପୋର୍ଟ୍ସ କମ୍ପାନୀ 'ନାଇକ୍ ଆଇଏନ୍‌ସି' ସହ ମଧ୍ୟ କାମ କରିଛନ୍ତି। ଡେଜି ମେଙ୍କ ସମ୍ପର୍କରେ ତାଙ୍କ ବାପା କୁହନ୍ତି, ତାଙ୍କ ଶାରୀରିକ ଅସାମର୍ଥ୍ୟ କେବେ ବି ତାଙ୍କ ସଫଳତାର ରାସ୍ତାରେ ଆସିନି। ସେ ନିଜ ଦୁର୍ବଳତାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ସଫଳତାର ସୋପାନ ଅତିକ୍ରମ କରିବାରେ ଲାଗିଛନ୍ତି।

## ଆନ୍ତର୍ଜାତିକ ଅନୁବାଦ ଦିବସ

# ବିକାଶ ଓ ସମ୍ପର୍କର ସେତୁ

ପ୍ରତିବର୍ଷ ସେପ୍ଟେମ୍ବର ୩୦ରେ ଆନ୍ତର୍ଜାତିକ ଅନୁବାଦ ଦିବସ ପବିତ୍ର ଗ୍ରନ୍ଥ ବାଇବେଲ୍‌ର ଅନୁବାଦକ ସେଣ୍ଟ ଜେରୋମ୍‌ଙ୍କ ସ୍ମୃତିରେ ପାଳନ କରାଯାଉଛି। ସେଣ୍ଟ ଜେରୋମ୍‌ଙ୍କୁ ଅନୁବାଦକର ସଂରକ୍ଷଣ ସନ୍ଥ ବୋଲି କୁହାଯାଏ ଓ ୩୦ ସେପ୍ଟେମ୍ବରରେ ଜେରୋମଙ୍କ ଜନ୍ମ ସମାରୋହ ମଧ୍ୟ ପାଳନ କରାଯାଏ। ୧୯୫୩ରେ ପ୍ରତିଷ୍ଠା ହୋଇଥିବା ଏଫ୍‌ଆଇଟି ବା ଆନ୍ତର୍ଜାତିକ ଅନୁବାଦକ ସଂଘ ଦ୍ୱାରା ଏହି ଦିବସ ପାଳନ କରାଯାଉଛି। ଏପରିକି ବିଶ୍ୱରେ ଅନୁବାଦକ ସମୁଦାୟକୁ ଏକାଠି କରିବା ଓ ବିଭିନ୍ନ ଦେଶରେ ଅନୁବାଦକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ୧୯୯୧ରେ ଏଫ୍‌ଆଇଟି ଆଧିକାରିକ ସ୍ତରରେ ଆନ୍ତର୍ଜାତିକ ଅନୁବାଦ ଦିବସକୁ ସ୍ୱୀକୃତି ଦେବାକୁ ବିଚାର କରିଥିଲା। ପରେ ୨୦୧୭ ମସିହା ମେ ୨୪ରେ ଜାତିସଂଘ ସାଧାରଣ ପରିଷଦ ଆନ୍ତର୍ଜାତିକ ଅନୁବାଦ ଦିବସ ପାଳନ କରିବାକୁ ଘୋଷଣା କରିବା ପରେ ପ୍ରତିବର୍ଷ ସେପ୍ଟେମ୍ବର ୩୦ରେ ଏହା ପାଳନ କରାଯାଉଛି। ଏହାକୁ ଏଫ୍‌ଆଇଟି ଓ ବିଭିନ୍ନ ଆନ୍ତର୍ଜାତିକ ସଂଗଠନ ମଧ୍ୟ ସମର୍ଥନ କରିବା ଦ୍ୱାରା ଅନୁବାଦକଙ୍କୁ ଏକ ପ୍ରକାର ପ୍ରୋତ୍ସାହନ ମିଳିଛି ଓ ସେମାନେ ଅନୁବାଦ ପ୍ରତି ଉତ୍ସାହିତ ହୋଇପାରିଛନ୍ତି।

ବିଭିନ୍ନ ଦେଶରେ ଅନୁବାଦର ମହତ୍ତ୍ୱ ପ୍ରଦର୍ଶନ କରିବା ପାଇଁ ଏହି ଦିବସ ପାଳନ କରାଯାଉଛି। ଜଗତୀକରଣର ପ୍ରଗତି ଯୁଗରେ ଅନୁବାଦର ଭୂମିକା ବି ରହିଛି ଓ ଏହି କାର୍ଯ୍ୟ ମଧ୍ୟ ଦ୍ରୁତଗତିରେ ଆଗକୁ ବଢୁଛି। ଅନୁବାଦକୁ ଆୟୁଧ କରି ସମାଜିକ,ସାଂସ୍କୃତିକ ଓ ପାରସ୍ପରିକ ସମ୍ପର୍କରେ ଅନେକ ପରିବର୍ତ୍ତନ ଆଣାଯାଇପାରୁଛି। ଅନୁବାଦକ, ଉପସ୍ଥାପକ ତଥା ଭାଷାଗତ ସେବାରେ ଜଡିତ ବ୍ୟକ୍ତିଙ୍କର ଭାଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସେବାକୁ ଲୋକଲୋଚନକୁ ଆଣିବାରେ ଏହା




ଏକ ସୁଯୋଗ ବୋଲି ବିଚାର କରାଯାଏ। ଅନୁବାଦକମାନେ ଭାଷା କ୍ଷେତ୍ରରେ ରହିଥିବା ବାଧା ଦୂରକରି ବିଶ୍ୱକୁ ଏକାଠି କରିବାକୁ ସକ୍ଷମ ହେଉଛନ୍ତି । ଶାନ୍ତି, ବୁଝାମଣା ଓ ବିକାଶରେ ଏହାର ଯୋଗଦାନ ମଧ୍ୟ ଉଲ୍ଲେଖନୀୟ। ଉପସ୍ଥାପକ ଓ ଅନୁବାଦକ ଏହି ଦୁଇ ବୃତ୍ତିଧାରୀ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି କରିବା ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି। ବ୍ୟବସାୟ,ବିଜ୍ଞାନ,ଚିକିତ୍ସା,ଜ୍ଞାନକୌଶଳ, ଆଇନ ,ରାଜନୀତି ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ବିକାଶରେ ଏହାର ସକାରାତ୍ମକ ପ୍ରଭାବ ରହିଛି। ଏହାଦ୍ୱାରା ବିଶ୍ୱର ସବୁ ଅଞ୍ଚଳର ଲୋକମାନେ ପରସ୍ପରକୁ ଜାଣିବାରେ ସକ୍ଷମ ହୋଇପାରୁଛନ୍ତି। ଭାରତ ଯେଉଁଠାରେ ବିଭିନ୍ନ ଭାଷା ଓ ବର୍ଗର ଲୋକେ ବସବାସ କରୁଛନ୍ତି ସେମାନଙ୍କ ମଧ୍ୟରେ ଭାଷାଗତ ବିଭେଦତା ଦୂର କରିବାରେ ଅନୁବାଦକମାନେ ମୁଖ୍ୟ ଭୂମିକା ନିଭାଉଛନ୍ତି। ପରିବର୍ତ୍ତିତ ବିଶ୍ୱରେ ଏହି ଦିବସ ବିଶ୍ୱ ଲାଗି ଯେତିକି ଗୁରୁତ୍ୱ ବହନ କରେ ଆମ ଦେଶରେ ଏହାର ଆବଶ୍ୟକତା ତା'ଠାରୁ ଅଧିକ ବୋଲି କୁହାଯାଇପାରେ। ଅନୁବାଦକଙ୍କ ବିନା ଯୁଦ୍ଧ ଓ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟାର ସମାଧାନ ମଧ୍ୟ ଅସମ୍ଭବ ମନେହୁଏ। ଏଣୁ ଏହି ଦିବସର ତାତ୍ପର୍ଯ୍ୟ ତଥା ଅନୁବାଦର ଗୁରୁତ୍ୱକୁ ଉପଲବ୍ଧି କରିବା ପାଇଁ ବିଭିନ୍ନ ସଂଗଠନ, ଶିକ୍ଷାନୁଷ୍ଠାନରେ କାର୍ଯ୍ୟକ୍ରମ ଓ ସେମିନାର ଅନୁଷ୍ଠିତ ହୋଇଥାଏ।

## ମା' ଚାମୁଣ୍ଡାଙ୍କ ଆଖିରେ ଲୁହ



**ଭୋପାଳ:**

ମଧ୍ୟପ୍ରଦେଶରେ ଏକ ଅଲୌକିକ ଘଟଣା ଦେଖିବାକୁ ମିଳିଛି। ମଧ୍ୟପ୍ରଦେଶର ନିମୁଚ ଜିଲାର ବନ୍ୟା ପ୍ରଭାବିତ ଧାନମଣ୍ଡିରେ ଥିବା ମା' ଚାମୁଣ୍ଡାଙ୍କ ଆଖିରୁ ଲୁହ ବାହାରୁଛି। ଏହାକୁ ଦେଖିବା ପାଇଁ ସେଠାରେ ପ୍ରବଳ ଭକ୍ତଙ୍କ ଭିଡ ଜମିଛି। କିଛି ଭକ୍ତ ମା'ଙ୍କ ଆଖିରେ ଲୁହ ଆସିବା ଦେଶ ପାଇଁ ବିପଦ ବୋଲି ମତ ଦେଉଛନ୍ତି। ଗତ କିଛିଦିନ ହେବା ଏଠାରେ ପ୍ରବଳ ବନ୍ୟା ସୃଷ୍ଟି ହୋଇଛି। ଅଧିକାଂଶ ଲୋକଙ୍କ ଘରେ ବନ୍ୟା ପାଣି ପଶିଯିବାରୁ ସେମାନେ ରିଲିଫ ସେଣ୍ଟରରେ ବାସ କରୁଛନ୍ତି। ଏପରିସ୍ଥଳରେ ମା'ଙ୍କ ଆଖିରୁ ଲୁହ ବୋହିବା ସ୍ଥାନୀୟ ଅଞ୍ଚଳ ପାଇଁ ଆହୁରି ଅନିଷ୍ଟ ହେବାର ସୂଚନା ଦେଉଛି ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ସୂଚନାଯୋଗ୍ୟ, ଗତ ଶନିବାର ମା' ଚାମୁଣ୍ଡାଙ୍କ ଆଖିରୁ ଲୁହ ବାହାରିଥିବା ପୂଜକମାନେ କହିଥିଲେ। ଏହାପରେ ସେଠାକୁ ଭକ୍ତଙ୍କ ସୁଅ ଛୁଟିଥିଲା। କିଛି ମହିଳା ଭଜନ କୀର୍ତ୍ତନ କରି ମନ୍ଦିରରେ ପହଞ୍ଚିଥିଲେ।


CLASSIFIED DISPLAY

ALL EDITION - B/W (Everyday)

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

!! ରଣ ରଣ ରଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ରଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ରଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add :- 41/14, Sec-1 Pushp Vihar, Delhi

ନବରାତ୍ରିର ଶୁଭ ଅବସରରେ ରଣ ଧମାକା
ଭାରତର Govt. Regd. ନଂ.1 କମ୍ପାନୀ
DURGA FINANCE LTD.
Reg. No. U6519TN198PLC008555
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଓ ସମସ୍ତ ରଣ 3-4 ଦିନରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ବ୍ୟବସାୟିକ ସୁଯୋଗ ପାଇଁ ଯୋଗାଯୋଗ କରନ୍ତୁ
9499218733
7302958798
H.No. 12, Sohana, Distt. Mohali

ରଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ରଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ରଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

BUSINESS

ASTROLOGY

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
ମହାଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ Reg No. MH32820D788
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ରଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7894582823
H.No. 10, Mandi Road, Bathinda Punjab.

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଆପଣଙ୍କ ଅତି ନିଜର ଭାଇ ଆପଣଙ୍କ ସେବାରେ
ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ରଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9450741373
B-34/7 A Block Vijay Enclave, Burari, New Delhi

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

SUCCESS
DHARITRI Career appointment Every Wednesday and Saturday

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ 90 ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

## ସଂକ୍ଷେପରେ

### ସରକାରୀ ହସ୍ପିଟାଲ, ଆର୍‌ଟିଓରେ ଚଢ଼ାଉ

ଭୁବନେଶ୍ୱର,୨୭।୯(ବ୍ୟୁରୋ)ସରକାରୀ ହସ୍ପିଟାଲ ଓ ପରିବହନ କାର୍ଯ୍ୟାଳୟକୁ ଦଲାଲଙ୍କ କବଳରୁ ମୁକ୍ତ କରିବା ପାଇଁ ଆରମ୍ଭ ହୋଇଛି ସ୍ପେଶାଲ ଡ୍ରାଇଭ୍। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ପକ୍ଷରୁ ରାଜ୍ୟର ବିଭିନ୍ନ ଡାକ୍ତରଖାନା, ମେଡିକାଲ କଲେଜ, ରକ୍ତ ଭଣ୍ଡାର ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ରେ ଚଢ଼ାଉ ଜାରି ରହିଛି। ଶନିବାର ସୁଦ୍ଧା ୧୫୪ ଦଲାଲ ଧରାପଡିଥିବାବେଳେ ରବିବାର ୮ ଜିଲାରୁ ଆଉ ୧୬ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଯାଜପୁର ଆର୍‌ଟିଓରୁ ୨ଜଣ ଓ ନୂଆପଡ଼ା ଆର୍‌ଟିଓରୁ ୨ଜଣ, ନୟାଗଡ଼ ହସ୍ପିଟାଲରୁ ୧, ବୌଦ୍ଧରୁ ୧, କଳାହାଣ୍ଡିରୁ ୨, କେନ୍ଦୁଝରରୁ ୨, ମୟୂରଭଞ୍ଜରୁ ୧ ଓ ମେଡିକାଲ କଲେଜ ପରିସରରୁ ୫ଜଣ ଦଲାଲଙ୍କୁ ଗିରଫ କରାଯାଇଛି। ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯିବା ସହ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଚଢ଼ାଉ ଓ ପଦକ୍ଷେପକୁ ଜୋର୍‌ଦାର କରିବା ପାଇଁ ଡିଜିପି ବି.କେ. ଶର୍ମା ସମସ୍ତ ଏସ୍‌ପି ଓ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିଦିନର ସ୍ଥିତି ସମ୍ପର୍କରେ ପୋଲିସ ମୁଖ୍ୟାଳୟକୁ ରିପୋର୍ଟ ଦେବାକୁ କୁହାଯାଇଛି।

# ଏସ୍ଏଚ୍‌ଜିଙ୍କୁ ଅଗ୍ରାଧିକାର ମିଳିବା ନେଇ ପ୍ରଶ୍ନବାଚୀ

**ସୁନୀତ୍ ମିଶ୍ର**
**ଭୁବନେଶ୍ୱର,୨୯।୯**

ପିଡିଏସ୍ (ସାଧାରଣ ବଣ୍ଟନ ବ୍ୟବସ୍ଥା)ରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍ଏଚ୍‌ଜି)କୁ ଲାଇସେନ୍ସ ଦେବା କ୍ଷେତ୍ରରେ ଅଗ୍ରାଧିକାର ମିଳିବ। ଏହାପରେ ଗ୍ରାମପଞ୍ଚାୟତ ଏବଂ ପୌରାଞ୍ଚଳ ସଂସ୍ଥାଗୁଡ଼ିକୁ ଅଗ୍ରାଧିକାର ଦିଆଯିବ। ପୂର୍ବରୁ ଓଡ଼ିଶା ସାଧାରଣ ବଣ୍ଟନ ବ୍ୟବସ୍ଥା(ନିୟନ୍ତ୍ରଣ) ଆଦେଶ ୨୦୧୬ର ଧାରା-୪(୩) ଅନୁସାରେ ଗ୍ରାମପଞ୍ଚାୟତ, ପୌରାଞ୍ଚଳ ସଂସ୍ଥା ଏବଂ ଶେଷରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଲାଇସେନ୍ସ ପ୍ରାପ୍ତି ପାଇଁ ଅଗ୍ରାଧିକାର ଦିଆଯାଉଥିଲା। ରାଜ୍ୟ ସରକାର ବର୍ତ୍ତମାନ ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛନ୍ତି। ଯେଉଁ ମହିଳା ଗ୍ରୁପ ବ୍ୟାଙ୍କରୁ ଋଣ ନେଇ ଠିକ୍ ଭାବରେ କାର୍ଯ୍ୟ ଚଳାଇଥିବେ ସେମାନଙ୍କୁ ବିଶେଷ ପ୍ରାଧାନ୍ୟ ମିଳିବ। ଏହାଛଡ଼ା ଯଦି ପିଡିଏସ୍ ଲାଇସେନ୍ସ ପାଇଁ ଆବେଦନ କରୁଥିବା କୌଣସି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭଲ ବାଣିଜ୍ୟ ବେପାର କରୁଥିବ ସେଠାରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଏଭଳି ପ୍ରସ୍ତାବ ଉପରେ ମୁଖ୍ୟମନ୍ତ୍ରୀ

**ପିଡିଏସ୍ ଲାଇସେନ୍ସ**

ନବୀନ ପଟ୍ଟନାୟକ ଗତ ସେପ୍ଟେମ୍ବର ୨୧ ତାରିଖରେ ମୋହର ମାରିଛନ୍ତି। ମହିଳାମାନଙ୍କୁ ସ୍ୱାବଲମ୍ବୀ ଏବଂ ନାରୀ ସଶକ୍ତୀକରଣକୁ ଗୁରୁତ୍ୱ ଦେଇ ସରକାରଙ୍କ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ଏପରିକି ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ପ୍ରଦାନ କରିବା ଦିନ ହିଁ ସବୁ ଜିଲାପାଳଙ୍କ ନିକଟକୁ ନିର୍ଦ୍ଦେଶ ପଠାଇ ଦିଆଯାଇଛି। କିନ୍ତୁ ପ୍ରାୟତଃ ରାଜ୍ୟର ସବୁ ସ୍ଥାନରେ ଅର୍ଥାତ୍ ୫ ହଜାର ସରକାରୀ କିମ୍ବା ୭ ହଜାର ଘରୋଇ ଡିଲର ରହିଛନ୍ତି। ଏଭଳି ସ୍ଥିତିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କେଉଁ ସ୍ଥାନରେ ପ୍ରାଧାନ୍ୟ ମିଳିବ ସେନେଇ କୌଣସି ବିଧିବଦ୍ଧ ବ୍ୟବସ୍ଥା କରାଯାଇନାହିଁ। ଜଣେ ସରକାରୀ ଅଧିକାରୀଙ୍କ କହିବା କଥା, ଯଦି କୌଣସି ସ୍ଥାନରେ ଡିଲର ନ ଥିବେ ସେହି ସ୍ଥାନରେ ଏହି ବ୍ୟବସ୍ଥା ଲାଗୁ କରାଯିବ। ଅନ୍ୟପଟେ ଯଦି କୌଣସି ଡିଲର ବିରୋଧରେ ଅନିୟମିତତା ଅଭିଯୋଗ ପ୍ରମାଣିତ ହୁଏ, ସେହି ସ୍ଥାନରେ ମଧ୍ୟ ଅଗ୍ରାଧିକାର ମିଳିବ। କିନ୍ତୁ ଯାହା ମନେ ହେଉଛି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅଗ୍ରାଧିକାର ମିଳିବା ଭଳି ଦେଖାଯାଉନାହିଁ। କାରଣ ଦୁର୍ନୀତି ଅଭିଯୋଗ ସତ୍ତ୍ୱେ ସରକାର ଘରୋଇ ଡିଲରଙ୍କୁ ନ ହଟାଇ ସେମାନଙ୍କ କାର୍ଯ୍ୟ ଅବଧି ବଢ଼ାଇ ଚାଲିଥିବାରୁ ଉପରୋକ୍ତ ନିଷ୍ପତ୍ତି କିପରି କାର୍ଯ୍ୟକାରୀ ହେବ ତାହା ସରକାରୀ ମହଲରେ ଆଲୋଚନା ହେଉଛି।

ସୂଚନାଯୋଗ୍ୟ ପିଡିଏସ୍ ଖୁଚୁରା ବିକ୍ରୟ କେନ୍ଦ୍ରଗୁଡ଼ିକରେ ନିମ୍ନମାନର ଚାଉଳ ପ୍ରଦାନ କରାଯାଉଥିବା ଅଭିଯୋଗ କ୍ରମେ ଘରୋଇ ଡିଲରମାନଙ୍କୁ ହଟାଇବା ପାଇଁ ଫେବୃୟାରୀ ୨୦୧୮ରେ ସବୁ ଜିଲାପାଳଙ୍କୁ ତତ୍କାଳୀନ ରାଜ୍ୟ ଖାଦ୍ୟ କମିଶନର ରଙ୍ଗଲାଲ ଜାମୁଡା ଚିଠି କରିଥିଲେ। ହେଲେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଖୋଦ୍ ସରକାର ରାଜି ହେଲେନାହିଁ। ଘରୋଇ ଡିଲରଙ୍କୁ ହଟାଇବା ଲାଗି ୨୦୧୮ ମାର୍ଚ୍ଚ ୧୫ ଶେଷ ତାରିଖ ଥିଲା। କିନ୍ତୁ ଠିକ୍ ଏହାର ଦିନକ ଆଗରୁ ଅର୍ଥାତ୍ ୧୪ ମାର୍ଚ୍ଚ ୨୦୧୮ରେ ସରକାର କ୍ୟାବିନେଟ୍ ବୈଠକ ଡକାଇ ଘରୋଇ ଡିଲରଙ୍କ ସମୟ ଅବଧି ଗୋଟିଏ ବର୍ଷ ବଢାଇ ଦେଇଥିଲେ। ତଦନୁଯାୟୀ ୧୫ ମାର୍ଚ୍ଚ ୨୦୧୯ ଶେଷ ତାରିଖ ହୋଇଥିବାବେଳେ ସାଧାରଣ ନିର୍ବାଚନ ନିକଟତର ଥିଲା। ତେଣୁ ଦୁଇମାସ ପୂର୍ବରୁ ଅର୍ଥାତ୍ ୫ ଜାନୁୟାରୀ ୨୦୧୯ରେ ସରକାରଙ୍କ ପକ୍ଷରୁ ପୁଣି କ୍ୟାବିନେଟ୍ ବୈଠକ ବସି ଉକ୍ତ ସମୟ ଅବଧିକୁ ୧୫ ମାର୍ଚ୍ଚ ୨୦୨୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ତେଣୁ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ସମାଲୋଚନା କରିଥିଲେ। ପ୍ରାୟତଃ ଶାସକ ଦଳର କର୍ମୀମାନେ ଘରୋଇ ଡିଲର ହୋଇଥିବାରୁ ସେମାନଙ୍କୁ କାଢ଼ି ଅସନ୍ତୁଷ୍ଟ କରିବାକୁ ସରକାର ଚାହୁଁ ନ ଥିବା କଂଗ୍ରେସ ନେତା ଶରତ ରାଉତ କହିଛନ୍ତି।

ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ଯଦି ଘରୋଇ ଡିଲରମାନେ ଦୁର୍ନୀତି କରୁଥିବା ଖୋଦ୍ ଖାଦ୍ୟ କମିଶନର ଅଭିଯୋଗ କରିଛନ୍ତି, ତେବେ ରାଜ୍ୟ ସରକାର ଏହାକୁ କାହିଁକି ପ୍ରୋତ୍ସାହନ ଯୋଗାଉଛନ୍ତି। ଏହି ସଂସ୍ଥାଗୁଡ଼ିକ ସାଧାରଣ ଲୋକଙ୍କ ସହିତ ଜଡ଼ିତ। ତେଣୁ ଏଠାରେ କାହିଁକି ସରକାର ଦୁର୍ନୀତିଖୋର୍ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଇ ସେମାନଙ୍କୁ ସୁଯୋଗ ଦେଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।



ଦେଖନ୍ତୁ ଭିଡିଓ
YouTube /dharitrilive

### ଜିଏମ୍‌ୟୁ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବାୟୋମେଟ୍ରିକ୍ସରେ ନିଆଯିବ

**ସମ୍ବଲପୁର,୨୯।୯(ବ୍ୟୁରୋ)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ (ଜିଏମ୍‌ୟୁ)ରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ପାଇଁ ବାୟୋମେଟ୍ରିକ୍ସ ମେଶିନ ବ୍ୟବହାର କରାଯିବ। ଅକ୍ଟୋବର ୧୫ ତାରିଖଠାରୁ ଏହା ଆରମ୍ଭ କରାଯିବ । ଛାତ୍ରୀଛାତ୍ରଙ୍କ ୭୫ ପ୍ରତିଶତ ଉପସ୍ଥାନ ରହୁଛି କି ନାହିଁ ତାହା ସହଜେ ଜଣାପଡିବ। ୨୬ଟି ବିଭାଗରେ ମୋଟ ୫୫ଟି ବାୟୋମେଟ୍ରିକ୍ସ ମେଶିନ ଖଞ୍ଜା ସରିଛି। ପ୍ରାୟ ୫ହଜାର ୫ ଶହ ଛାତ୍ରୀଛାତ୍ର ଏଣିକି ଏହି ମେଶିନରେ ନିଜର ଉପସ୍ଥାନ ଦେବେ। ତେବେ ଦଶହରା ଛୁଟି ପରେ ଏହାକୁ କାର୍ଯ୍ୟକାରୀ କରାଯିବ। ପ୍ରତି ମାସରେ ଥରେ ଏହା ମନିଟରିଂ କରାଯିବ । ଛାତ୍ରୀଛାତ୍ର ଚାହିଁଲେ ମଧ୍ୟ ଅଫିସକୁ ଯାଇ ଜାଣି ପାରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

## ■ ମମତା ବାନାର୍ଜୀଙ୍କୁ ଶ୍ରୀଜଗନ୍ନାଥ ସେନାର ଦାବିପତ୍ର

# ଓଡ଼ିଶା ଆସୁ ଡାକୋଟା ବିମାନ

**ପୁରୀ ଅଫିସ, ୨୯।୯**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସାକ୍ଷାତ୍ କରି ଦୁଇଟି ଦାବି ଜଣାଇଛି ପୁରୀର ଶ୍ରୀଜଗନ୍ନାଥ ସେନା। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗତ ୨୧ ତାରିଖରେ ମମତାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ମୃତି ସହ ଜଡ଼ିତ ଡାକୋଟା ବିମାନକୁ ଓଡ଼ିଶା ଫେରାଇ ଆଣିବାରେ ସହଯୋଗ କରିବା ଏବଂ ଗଙ୍ଗାନଦୀର ଜଗନ୍ନାଥ ଘାଟରେ ଜଗନ୍ନାଥ ମନ୍ଦିର ନିର୍ମାଣ କରାଇବା ଲାଗି ମମତାଙ୍କୁ ଅନୁରୋଧ କରାଯାଇଛି।

ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ବିଜୁ ପଟ୍ଟନାୟକଙ୍କ ସ୍ମୃତି ସହ ଜଡ଼ିତ ଡାକୋଟା ବିମାନ। କଲିକତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନ ବନ୍ଦର ପରିସରରେ ଏହା ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ବିଜୁବାବୁଙ୍କ ପ୍ରିୟ ଡାକୋଟା-

**ଜଗନ୍ନାଥ ଘାଟରେ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଜଣାଇଲେ**



ଡିସି-୩କୁ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ ସ୍କ୍ରାପ୍ ଦରରେ ବିକ୍ରି କରିବାକୁ ଯୋଜନା କରୁଛନ୍ତି, ଯାହାକି ପ୍ରତିଟି ଓଡ଼ିଆଙ୍କ ପାଇଁ ଯନ୍ତ୍ରଣାଦାୟକ। ଏହି ବିମାନରେ ଦୁଃସାହସିକତାର ସହ ଉଡ଼ି ଓଡ଼ିଆ ପୁଅ ବିଜୁବାବୁ ଦିନେ ବିଶ୍ୱବାସୀଙ୍କୁ ଚମକାଇ ଦେଇଥିଲେ। ଡାକୋଟା ବିମାନ ମାଧ୍ୟମରେ ଅତ୍ୟନ୍ତ ଦୁଃସାହସିକ ଅଭିଯାନ ଚଳାଇ ୧୯୪୭ ଜୁଲାଇ ୨୨ ତାରିଖରେ ଇଣ୍ଡୋନେସିଆର ତତ୍କାଳୀନ ପ୍ରଧାନମନ୍ତ୍ରୀ ସୁଲତାନ ସାହରିରଙ୍କୁ ଜାଭା ଦ୍ୱୀପରୁ ଡଚ୍ ସେନା କବଳରୁ ମୁକ୍ତ କରି ନେଇଆସିଥିଲେ। ତେଣୁ ବିଜୁବାବୁଙ୍କ ସ୍ମୃତି ସହ ଜଡ଼ିତ ଏହି ଡାକୋଟା ବିମାନକୁ ଓଡ଼ିଶା ଫେରାଇ ନେବାରେ ସହଯୋଗ କରିବା ଲାଗି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଓଡ଼ିଶା ସରକାର ଯଦି ଏହି ବିମାନ ଆଣିବାରେ ଆଗ୍ରହ ନ ରଖନ୍ତି ତେବେ ଜଗନ୍ନାଥ ସେନା ଏହାକୁ ଆଣିବାକୁ ଚେଷ୍ଟା କରିବ। ଏଥିପାଇଁ ଆସନ୍ତା ୩ ତାରିଖରେ ଦିଲ୍ଲୀରେ ବିଭାଗୀୟ ମନ୍ତ୍ରୀଙ୍କୁ ସାକ୍ଷାତ୍ କରି ଅନୁରୋଧ କରାଯିବ ବୋଲି ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ କଳାପାହାଡ ଦାରୁବିଗ୍ରହମାନଙ୍କୁ ନେଇ ପଶ୍ଚିମବଙ୍ଗ ହୁଗୁଳି (ବର୍ତ୍ତମାନର ଗଙ୍ଗାନଦୀ) କୂଳରେ ପୋଡିଦେବାକୁ ତାଙ୍କ ସୈନ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିଆଁ ଲଗାଇବା ପରେ ତିନିଠାକୁରଙ୍କୁ ସେଠାରେ ପକାଇ ସୈନ୍ୟମାନେ ଚାଲି ଯାଇଥିଲେ। ତେବେ ଅଧାପୋଡ଼ା ଠାକୁରଙ୍କୁ ପାଣିରେ ବୁଡ଼ାଇ ବ୍ରହ୍ମଗୁଡ଼ିକୁ ଉଦ୍ଧାର କରିଥିଲେ ବିଶର ମହାନ୍ତି। ସେଠାରୁ ମୃଦଙ୍ଗରେ ବ୍ରହ୍ମଙ୍କୁ ଧରି ଓଡ଼ିଶା ଫେରିଥିଲେ। ବିଶର ମହାନ୍ତି ଯେଉଁ ସ୍ଥାନରୁ ବ୍ରହ୍ମ ଉଦ୍ଧାର କରିଥିଲେ ତାହା ଏବେ ଜଗନ୍ନାଥ ଘାଟ ଭାବେ ପରିଚିତ। ତେଣୁ ଏଠାରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରିବାକୁ ସେନା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛି। ୧୫ ଦିନ ମଧ୍ୟରେ ମମତା ଦାବିଦ୍ୱୟ ସମ୍ପର୍କରେ ନିଷ୍ପତ୍ତି ନେଇ ଅବଗତ କରାଇବେ ବୋଲି ଆଶ୍ୱାସନା ଦେଇଥିବା ସେନାର ଆବାହକ ପଟ୍ଟନାୟକ କହିଛନ୍ତି।

## ଅଘରିଆ ଭାଷାରେ ପ୍ରଥମ ସଙ୍ଗୀତ ଆଲବମ୍ ଉନ୍ମୋଚିତ



ସୁନ୍ଦରଗଡ଼ରେ ଅଘରିଆ ଭାଷାରେ ପ୍ରସ୍ତୁତ ପ୍ରଥମ ସଙ୍ଗୀତଭିତ୍ତିକ ଆଲବମ୍ ଉନ୍ମୋଚନ ସମାରୋହରେ ମଞ୍ଚାସୀନ ଅତିଥିମାନେ।

**ସୁନ୍ଦରଗଡ, ୨୯।୯ (ଡି.ଏନ୍.ଏ.)**

ରାଜ୍ୟର ସୁନ୍ଦରଗଡ ,ବଲାଙ୍ଗୀର ଓ ସମ୍ବଲପୁର ଜିଲାର କୁଚିଣ୍ଡା ସମେତ ପଡୋଶୀ ଛତିଶଗଡ଼ ଅଞ୍ଚଳରେ ବସବାସ କରୁଛନ୍ତି ଅଘରିଆ ସମାଜର ଲୋକେ। ଏହି ସମାଜର ଲୋକଙ୍କର ଏକ ସ୍ୱତନ୍ତ୍ର କଥିତ ଭାଷା ରହିଛି। ପଶ୍ଚିମ ଓଡ଼ିଶାର ଭାଷା ସହିତ ତାଳମେଳ ରହୁଥିବା ଏହି ଅଘରିଆଙ୍କ କଥିତ ଭାଷାର ମଧୁରତା ମଧ୍ୟ ରହିଛି। ଅଘରିଆ ସମାଜର ଲୋକେ ଜିଲା ହେଉ ବା ଦେଶ ଅବା ବିଦେଶରେ ଯେଉଁଠି ନିଜ ସମାଜର ଲୋକଙ୍କ ସହ ସାକ୍ଷାତ ହୁଏ, ସେମାନେ ଅଘରିଆ ଭାଷାରେ ଭାବର ଆଦାନ ପ୍ରଦାନ କରିବାକୁ ପଛେଇ ନ ଥାଆନ୍ତି। ଏହି ଅଘରିଆ ଭାଷାରେ ପ୍ରଥମ କରି ଏକ ଭିଡିଓ ଆଲବମ୍ ସଙ୍ଗୀତ ଶନିବାର ସନ୍ଧ୍ୟାରେ ସୁନ୍ଦରଗଡ଼ରେ ଉନ୍ମୋଚିତ ହୋଇଛି। ଭିକାରିଚରଣ ଚୌଧୁରୀଙ୍କ ଦ୍ୱାରା ରଚିତ ଅଘରିଆ ସମାଜରେ ଝିଅ ବିବାହର ପାରମ୍ପରିକ ରୀତିନୀତି ଉପରେ ଆଧାରିତ ଏହି ସଙ୍ଗୀତଭିତ୍ତିକ ଭିଡିଓ ଆଲବମ୍ ‘ନନି ଓ ଯାଉଁ ଦିଦିକେ ବିହା ଦେଖେଲ୍ ଯାବୋ’ (ଏ ଝିଅ ବଡ଼ଭଉଣୀର ବାହାଘର ଦେଖିବା ଚାଲ) ରେ କଣ୍ଠଦାନ କରିଛନ୍ତି ସୁନ୍ଦରଗଡ଼ର କଣ୍ଠଶିଳ୍ପୀ ମଧୁସ୍ମିତା ନାଏକ। ଉନ୍ମୋଚନ ସମାରୋହରେ ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ଅମାତ, ହାସ୍ୟକବି ତଥା ଗୀତିକାର ଦୁର୍ଗାମାଧବ ପଣ୍ଡା, ସଙ୍ଗୀତଜ୍ଞ ପ୍ରମୋଦ ବେହେରା, ଜୟଦେବ ତନ୍ତୀ ଅତିଥି ଭାବେ ଯୋଗଦେଇ ଏହି ଭିଡିଓ ଆଲବମକୁ ଉନ୍ମୋଚନ କରିଥିଲେ। ଅଘରିଆ ଭାଷାରେ ଏହି ସଙ୍ଗୀତଭିତ୍ତିକ ଆଲବମ୍ ପ୍ରଥମ କରି ପ୍ରସ୍ତୁତ ହୋଇଥିବା ପ୍ରୟାସକୁ ଅତିଥିମାନେ ପ୍ରଶଂସା କରିଥିଲେ। ମଧୁସ୍ମିତାଙ୍କ ମନଛୁଆଁ କଣ୍ଠରେ ପ୍ରସ୍ତୁତ ଏହି ଭିଡିଓରେ ସ୍ୱର ସଂଯୋଜନା କରିଛନ୍ତି ଜୟଦେବ ତନ୍ତୀ। ରମେଶ ମହାନନ୍ଦ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ସଙ୍ଗୀତ ଶିକ୍ଷକ ପ୍ରମୋଦ ବେହେରାଙ୍କ ପ୍ରେରଣାରେ ସଙ୍ଗୀତ ଶିକ୍ଷା ଲାଭ କରି ପ୍ରଥମ କରି ଏହି ଭିଡିଓରେ କଣ୍ଠଦାନ କରିଥିବା ମଧୁସ୍ମିତାଙ୍କ ଭିଡିଓ ଆଲବମ୍ ସାଧାରଣରେ ମନଛୁଆଁ ହୋଇପାରିବ ବୋଲି ଆଶା କରାଯାଉଛି।



## ଜିଲା ଚିଠି
### ଢେଙ୍କାନାଳ

### ଆବାହନ ପୂର୍ବରୁ ବିସର୍ଜନ ଚିନ୍ତା

ଢେଙ୍କାନାଳ ଲକ୍ଷ୍ମୀପୂଜାକୁ ଆଉ ଦିନ କେଇଟା ବାକି। ପରମ୍ପରା, ଐତିହ୍ୟକୁ ଜାବୁଡ଼ି ଧରିଥିବା ଏହି ଗଣପର୍ବ ରାଜ୍ୟ ତଥା ଦେଶରେ ସୃଷ୍ଟି କରିଛି ସ୍ୱତନ୍ତ୍ର ପରିଚୟ। ଏସବୁ ଭିତରେ ଚଳିତବର୍ଷ ପୂଜା ଉତ୍ସବକୁ ରାଜ୍ୟସ୍ତରୀୟ ମାନ୍ୟତା ଦେବାକୁ ବିଭିନ୍ନସ୍ତରରେ ଆରମ୍ଭ ହୋଇଛି ଉଦ୍ୟମ। ହେଲେ ୭୬ବର୍ଷର ଏହି ପୁରୁଣା ଲକ୍ଷ୍ମୀପୂଜାର ଗୁରୁତ୍ୱକୁ ଉପଲବ୍ଧି କରିପାରି ନାହାନ୍ତି ପ୍ରଶାସନିକ ଅଧିକାରୀ, ଯାହା ବାରି ହୋଇପଡ଼ିଛି ପ୍ରାରମ୍ଭିକ ପ୍ରସ୍ତୁତିରୁ। ଚଳିତବର୍ଷ ଅକ୍ଟୋବର ୧୩ରୁ ୨୪ ତାରିଖ ଯାଏ ଧନଦାତ୍ରୀଙ୍କ ଆବାହନ କରାଯିବ। ଏଥିଲାଗି ଗତ ୧୯ ତାରିଖରେ ଜିଲା ପ୍ରଶାସନ, ପୂଜା ପ୍ରତିଷ୍ଠାନ ଏବଂ ସହରର ବୁଦ୍ଧିଜୀବୀଙ୍କୁ ନେଇ ଶେଷ ହୋଇଛି ପ୍ରସ୍ତୁତି ବୈଠକ। ପରମ୍ପରାକୁ ସମ୍ମାନ ଦେବା, ଶୃଙ୍ଖଳିତ ଭାବେ ପୂଜା ସମ୍ପନ୍ନ କରିବାକୁ ଏଥିରେ ଦିଆଯାଇଛି ଗୁରୁତ୍ୱ। ହେଲେ ପ୍ରସ୍ତୁତି ବୈଠକରୁ ହିଁ ଝୁଣ୍ଟିଛନ୍ତି ପ୍ରଶାସନିକ ଅଧିକାରୀ। ନୂତନ ଭାବେ ଦାୟିତ୍ୱଗ୍ରହଣ କରିଥିବା ଜିଲାପାଳ, ଏସ୍‌ପିଙ୍କ ସମେତ ବିଭିନ୍ନ ପଦସ୍ଥ ଅଧିକାରୀଙ୍କ ପାଇଁ ଚଳିତ ଲକ୍ଷ୍ମୀପୂଜା ସମ୍ପୂର୍ଣ୍ଣ ନୂଆ ଅନୁଭୂତି। ସେହି ଦୃଷ୍ଟିରୁ ପୂଜାକୁ ସରସ ସୁନ୍ଦର ଭାବେ ପାଳନ କରିବାକୁ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହେବାକୁ ଯାଉଛି। ସବୁବର୍ଷ ପୂଜା ସମୟରେ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ସମାଲୋଚନାର ଶିକାର ହୁଏ ପ୍ରଶାସନ। ବେଳ ଥାଉ ଥାଉ ଏହାର ସମାଧାନ ଚିନ୍ତା ନ କଲେ ପରିସ୍ଥିତି ଜଟିଳ ହୋଇପଡ଼ିବା ଆଶଙ୍କା ଅଧିକ। ହେଲେ ପ୍ରସ୍ତୁତି ବୈଠକରେ ଏଥିରୁ କାଣିଚାଏ ମଧ ଦେଖିବାକୁ ମିଳିନାହିଁ। ପୂଜାକୁ କିପରି ସରସ ସୁନ୍ଦର କରାଯିବ ସେ ସମ୍ପର୍କରେ ସର୍ବାଧିକ ଗୁରୁତ୍ୱ ଦେଇ ଆଲୋଚନା କରିବା ବଦଳରେ ଓଲଟି ପ୍ରଶାସନିକ ଅଧିକାରୀମାନେ ଭସାଣି ଚିନ୍ତା କରିଥିଲେ, ଯାହା ବୈଠକରେ ଉପସ୍ଥିତ ପୂଜା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ମୃଦୁ ଗୁଞ୍ଜରଣ ସୃଷ୍ଟି କରିଥିଲା। ଆବାହନ ପୂର୍ବରୁ ବିସର୍ଜନ ଚିନ୍ତା ପଡ଼ିଛି ବୋଲି ଅନେକେ ଖୋଲାଖୋଲି ମତ ରଖିଥିଲେ। ପୂଜା ଆୟୋଜନ ସମ୍ପର୍କରେ ନିଜକୁ ଠିକ୍ ଭାବେ ପ୍ରସ୍ତୁତ କରି ନ ଥିବାରୁ ପ୍ରଶାସନିକସ୍ତରରେ ଏପରି ଅବ୍ୟବସ୍ଥା ଦେଖାଦେଇଥିବା ଚର୍ଚ୍ଚା ହେଉଛି। ବୈଠକରେ ପୂଜା ପୂର୍ବରୁ ରାସ୍ତାଘାଟ ମରାମତି, ବିଦ୍ୟୁତ୍, ପାନୀୟ ଜଳଯୋଗାଣ ବ୍ୟବସ୍ଥା, ଖାଉଟି ସାମଗ୍ରୀ ଦର ନିୟନ୍ତ୍ରଣ ବିଷୟ ସେତେଟା ଗୁରୁତ୍ୱ ଦିଆଯାଇ ନ ଥିଲା। କେବଳ ଅଧିକାରୀଙ୍କୁ ମରାମତି ଦାୟିତ୍ୱ ଦେଇ ବୈଠକ ସାରିଦିଆଯାଇଥିଲା। ଅନ୍ୟପଟେ ଭସାଣିକୁ ଶୃଙ୍ଖଳିତ କରିବା, ଶବ୍ଦ ପ୍ରଦୂଷଣକୁ ରୋକିବା, ମଦ ଦୋକାନ ବନ୍ଦ କରାଯିବା ଉପରେ ସରଗରମ ଆଲୋଚନା ହୋଇଥିଲା। ପୂଜା ଉପଲକ୍ଷେ ଆୟୋଜିତ ହେବାକୁ ଥିବା ‘ସରସ ମେଳା’ ପ୍ରସ୍ତୁତି ବିଷୟରେ ଅଧିକ ଆଲୋଚନା ହୋଇଥିଲା, ହେଲେ ମା’ଙ୍କ ଆବାହନକୁ ଆକର୍ଷଣୀୟ କରିବା ପାଇଁ ସେତିକି ତତ୍ପରତା ଦେଖିବାକୁ ମିଳି ନ ଥିଲା, ଯାହାକୁ ନାପସନ୍ଦ କରିଛନ୍ତି ବୁଦ୍ଧିଜୀବୀ।

– ରତନ ନାୟାର

# କୁତ୍ରା ଅଞ୍ଚଳରେ ହାତୀପଲ ଆତଙ୍କ, ଜଣେ ମୃତ

**ସୁନ୍ଦରଗଡ଼/କୁତ୍ରା, ୨୯।୯ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ରେଞ୍ଜ କୁତ୍ରା ବ୍ଲକ ଗଙ୍ଗାଜଳ ଓ ଆଖପାଖ ଅଞ୍ଚଳରେ ରବିବାର ହାତୀପଲର ଉପଦ୍ରବ ଯୋଗୁ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ଏହି ହାତୀପଲ ବିଭିନ୍ନ ଗାଁ ବୁଲି ଚାଷ ଜମିରେ ଧାନଫସଲ ଖାଇ ମାଡିଦଳି ନଷ୍ଟ କରିଛନ୍ତି। ଏହା ସହ କୁଲଙ୍ଗା ଗ୍ରାମ ଗୌଣ୍ଡିଆପଡ଼ାଠାରେ ଜଣେ ଯୁବକଙ୍କୁ ଦଳି ମାରି ଦେଇଛନ୍ତି। ମୃତକ ହେଲେ କୁତ୍ରା ବ୍ଲକ ଟେଙ୍ଗରାବାହାଲ ଗ୍ରାମର କିଶୋର ପ୍ରଧାନ (୩୫)। ସେ ଅପରାହ୍ନ ୩ଟାରେ ନିକଟସ୍ଥ ମୁଣ୍ଡିଆପଡ଼ା ଗାଁକୁ ଫୁଟବଲ ଖେଳ ଦେଖିବାକୁ ଯାଉଥିବାବେଳେ ହାତୀପଲ ଆସିଥିବା ଶୁଣି ଅଟକିଯାଇଥିଲେ। ହାତୀପଲ ଦେଖିବାକୁ ଯାଇ ସେଲଫି ନେଉଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ଆକ୍ରମଣରେ ଗୁରୁତର ହୋଇଥିଲେ। ଉଦ୍ଧାର କରି ବଡ଼ଗାଁ ଡାକ୍ତରଖାନା ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୁନ୍ଦରଗଡ ବଡ଼ଖଣ୍ଡ ଓ ବଡଗାଁ ରେଞ୍ଜର ବନବିଭାଗ କର୍ମଚାରୀମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ରବିବାର ସକାଳଠାରୁ ଏହି ହାତୀପଲଙ୍କୁ ଘଉଡାଇବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ଏହି ହାତୀପଲ ଯାଇ ନ ଥିଲେ। ସକାଳ ୮ଟାରେ ହାତୀପଲ ରାଉରକେଲା

**ରାଉରକେଲା-ସମ୍ବଲପୁର ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ**



କୁତ୍ରା ବ୍ଲକ ଅଞ୍ଚଳରେ ଥିବା ହାତୀପଲ।

-ସମ୍ବଲପୁର ବିଜୁ ଏକ୍ସପ୍ରେସ ୱେର ଗଙ୍ଗାଜଳ ପାଖକୁ ଚାଲିଆସିଥିଲେ। ହାତୀକୁ ସୁରକ୍ଷିତ ଭାବେ ଘଉଡାଇବା ସହ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ବନବିଭାଗ କର୍ମଚାରୀମାନେ ରାସ୍ତା ବନ୍ଦ କରିଥିଲେ। ଫଳରେ ଘଣ୍ଟାଏ ଧରି ଏକ୍ସପ୍ରେସ ୱେରେ ଯାନବାହନ ଚଳାଚଳ ବନ୍ଦ ହୋଇଥିଲା।

ପ୍ରକାଶ ଯେ, ବଡ଼ଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳରେ ଝାଡ଼ଖଣ୍ଡରୁ ଆସିଥିବା ୪୦ଟି ହାତୀ ୩ ଭାଗରେ ବିଭକ୍ତ ହୋଇ ମାସେ ହେଲା ରହିଆସୁଛନ୍ତି। ୧୯ଟି ହାତୀ ଥିବା ଗୋଟିଏ ପଲରେ ୪ଟି ଶାବକ ଅଛନ୍ତି। ଏହି ହାତୀପଲ ପଞ୍ଚରା ଆଖପାଖ ଜଙ୍ଗଲରେ ରହୁଥିଲେ। ଏହି ହାତୀପଲଙ୍କୁ ବନକର୍ମଚାରୀ ଝାଡ଼ଖଣ୍ଡ ରାଜ୍ୟ ଜଙ୍ଗଲକୁ ତଡ଼ିବା ପାଇଁ ଉଦ୍ୟମ କରୁଥିଲେ। କିନ୍ତୁ ତରକରା ନିକଟରେ ନଦୀର ଜଳସ୍ତର ବଢ଼ିଥିବାରୁ ପଛଘୁଞ୍ଚା ଦେଇ ରବିବାର ସକାଳେ କୁତ୍ରା ବ୍ଲକର ଗଙ୍ଗାଜଳ ଗାଁ ପାର୍ଶ୍ୱକୁ ଚାଲିଆସିଥିଲେ। ସେତେବେଳେ ସକାଳ ହୋଇଯାଇଥିବାରୁ ଲୋକେ ଘଉଡ଼ାଇବାରୁ ହାତୀପଲ ଇତସ୍ତତଃ ହୋଇଯାଇଥିଲେ। ଫଳରେ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ବଡ଼ଗାଁ ରେଞ୍ଜର ବିଜୟ ମହାପାତ୍ର ସଦଳବଳ ଉପସ୍ଥିତ ରହି ହାତୀପଲ ଉପରେ ନଜର ରଖିଛନ୍ତି। ଶାବକ ଥିବାରୁ ହାତୀପଲ ଅଞ୍ଚଳ ଛାଡୁନାହାନ୍ତି।

# ଭୋଟ ପୂର୍ବରୁ ଚାଲିଲାଣି ବାକ୍‌ଯୁଦ୍ଧ

**ଭୁବନେଶ୍ୱର,୨୯।୯(ବ୍ୟୁରୋ)**

ବିଜେପୁର ଉପନିର୍ବାଚନ ନେଇ ୩ ପ୍ରମୁଖ ଦଳର ପ୍ରାର୍ଥୀ ଚୂଡ଼ାନ୍ତ ହୋଇଛି। ଶନିବାର ବିଜେଡି ପକ୍ଷରୁ ପୂର୍ବତନ ବିଧାୟିକା ରୀତା ସାହୁଙ୍କୁ ପ୍ରାର୍ଥୀ କରାଯାଇଥିଲା। ଏହାର ଦିନକ ପରେ ସ୍ଥାନୀୟ ନେତା ସନତ ଗଡତିଆଙ୍କୁ ଭାଜପା ପ୍ରାର୍ଥୀ କରିଛି। ସେହିପରି ଯଥେଷ୍ଟ ପୂର୍ବରୁ କଂଗ୍ରେସ ଦିଲୀପ ପଣ୍ଡାଙ୍କୁ ପ୍ରାର୍ଥୀ ଘୋଷଣା କରିସାରିଛି। ସୋମବାର ନାମାଙ୍କନପତ୍ର ଦାଖଲର ଶେଷଦିନ ହୋଇଥିବାରୁ ଉପରୋକ୍ତ ୩ ଦଳର ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି। ଲଢେଇରେ ମୋଟ ପ୍ରାର୍ଥୀଙ୍କ ସଂଖ୍ୟା ଏଯାବତ୍ ଜଣାପଡ଼ି ନାହିଁ। ହେଲେ ଉପନିର୍ବାଚନରେ ମୁଖ୍ୟ ଲଢେଇ ଭାଜପା ଏବଂ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ ହେବ ବୋଲି ସମୀକ୍ଷକମାନେ

**ବିଜେପୁର ଉପନିର୍ବାଚନ**



■ ଆଜି ନାମାଙ୍କନପତ୍ର ଦାଖଲ କରିବେ ପ୍ରମୁଖ ପ୍ରାର୍ଥୀ
■ ମୁଖ୍ୟ ଲଢ଼େଇରେ ରୀତା-ସନତ
■ ସୁରେଶ ପଚାରିଲେ ୫ ପ୍ରଶ୍ନ

ମତ ରଖିଛନ୍ତି। ଏହି ନିର୍ବାଚନରେ ଆସନ ବଜାୟ ରଖିବା ବିଜେଡି ପାଇଁ ଚ୍ୟାଲେଞ୍ଜ ହୋଇଛି। ଅନୁରୂପ ଭାବେ ପଶ୍ଚିମ ଓଡ଼ିଶାର ସଂସଦୀୟ ଆସନରେ ଦଳ ପାଇଥିବା ସଫଳତା ବିଧାନସଭା ଆସନରେ ପ୍ରତିଫଳିତ କରିବାକୁ ଭାଜପା ଚେଷ୍ଟା କରିବ। କଂଗ୍ରେସ ସ୍ଥିତି ସୁଧାରି ଅଧିକରୁ ଅଧିକ ଭୋଟ୍ ହାତେଇବାକୁ ଚେଷ୍ଟା କରିବ ବୋଲି କୁହାଯାଉଛି।

ନିର୍ବାଚନ ରାଜନୀତିରେ କିଏ ବିଜୟ ମୁକୁଟ ପିନ୍ଧିବ, ସେ କଥା ଫଳାଫଳ ପରେ ଜଣାପଡ଼ିବ। ହେଲେ ତା’ପୂର୍ବରୁ ପ୍ରମୁଖ ଦଳ ବରିଷ୍ଠ ନେତାମାନଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଦେଖିବାକୁ ମିଳିଛି। ବରଗଡ ଭାଜପା ଏମ୍‌ପି ସୁରେଶ ପୂଜାରୀ ବିଜେଡି ଏବଂ ଏହାର ସଭାପତି ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରିଛନ୍ତି। ରବିବାର ଗଣମାଧ୍ୟମକୁ ସୁରେଶ କହିଛନ୍ତି ଯେ, ନବୀନ ବାବୁ ବିଜେପୁର ଆସନରୁ ଲଢି ପୁଣି ଛାଡିଲେ କାହିଁକି। ନିଜେ ବିଜେପୁର ଦାୟିତ୍ୱ ନେଇଥିଲେ, ଏହି ସମୟରେ ସେହି ଅଞ୍ଚଳର କେତେ ବିକାଶ ହୋଇଛି। ପ୍ରାୟ ବହୁ କୋଟି ଟଙ୍କା ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପର ସ୍ଥିତି କ’ଣ। ଚାଷୀଙ୍କ ଧାନ କୁଇଣ୍ଟାଲ ପିଛା ୧୦୦ ଟଙ୍କା ବୋନସ୍ ଦେବା ପ୍ରତିଶ୍ରୁତି କୁଆଡେ ଗଲା। ଗତ ନିର୍ବାଚନ ସମୟରେ ପୂରଣ ହୋଇଥିବା ବିଜେପୁରରେ ସବୁ ଡାକ୍ତର/ଶିକ୍ଷକ ପଦବୀ ବର୍ତ୍ତମାନ ଖାଲି କ’ଣ ପାଇଁ ବୋଲି ପୂଜାରୀ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି ଯେ, ପୂଜାରୀ ମହୋଦୟ ସ୍ଥାନୀୟ ଅଞ୍ଚଳର ଏମ୍‌ପି ଅଛନ୍ତି। ଗଙ୍ଗାଧର ଜଳସେଚନ ପ୍ରକଳ୍ପ ଅଗ୍ରଗତି ନେଇ ନିଜେ ସମୀକ୍ଷା କରିପାରିବେ। ଏକାଧିକ ଆସନରେ ଲଢିବା ପରମ୍ପରା କ’ଣ ଭାଜପାରେ ନାହିଁ। ବିଗତ ଦୁଇ ବର୍ଷରେ ବିଜେପୁର ବିକାଶଧାରା ଦ୍ରୁତଗତିରେ ହୋଇଛି। ତେଣୁ ଭୋଟ ସମୟରେ ବାକ୍ୟ ଆକ୍ରମଣରୁ ଭାଜପା ନେତାମାନେ ଦୂରେଇ ରୁହନ୍ତୁ ବୋଲି ଦେବେଶ କହିଛନ୍ତି। ଅପରପକ୍ଷରେ କଂଗ୍ରେସ ନେତା ସୁର ରାଉତରାୟ ବିଜେଡି, ଭାଜପାକୁ ସମାଲୋଚନା କରିଛନ୍ତି। ସୁରେଶ କହିଛନ୍ତି ଯେ, ବିଜେପୁରବାସୀଙ୍କୁ ବିଜେଡି ପ୍ରତାରିତ କରିବା ଛଡା ଆଉ କିଛି ଦେଇନାହିଁ। ଦୀର୍ଘଦିନର ଶାସନ ସତ୍ତ୍ୱେ ସେଠାକାର ବିକାଶ ହୋଇନାହିଁ। ସେହିଭଳି ଭାଜପା ନେତାମାନେ ବଡ ବଡ କଥା କହୁଛନ୍ତି, ହେଲେ ସ୍ଥାନୀୟ ଅଞ୍ଚଳରେ କୌଣସି ଉଲ୍ଲେଖନୀୟ ଅବଦାନ ନାହିଁ। ତେଣୁ ବିଜେଡି-ଭାଜପାର କଂଗ୍ରେସ ହିଁ ପ୍ରକୃତ ବିକଳ୍ପ ବୋଲି ସୁରେଶ କହିଛନ୍ତି।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ

## ସଂକ୍ଷେପରେ

କୁଦୋପାଲି ଫୁଟବଲ ଟୁର୍ନାମେଣ୍ଟ

### ସେମିଫାଇନାଲରେ ଟାଙ୍ଗରପାଲି ଦଳ

ସମ୍ବଲପୁର,୨୯।୯(ବ୍ୟୁରୋ) ମାଣ୍ଡେର ବ୍ଲକ ପରମାଣପୁର ମାଁ ବୀଣାପାଣି ଯୁବକ ସଂଘ ପକ୍ଷରୁ ୩୧ ତମ ଫୁଟବଲ ଟୁର୍ନାମେଣ୍ଟର ରବିବାର ମ୍ୟାଚରେ ଟାଙ୍ଗରପାଲି ଓ ଲରପଙ୍କ ଦଳ ମଧ୍ୟରେ ମ୍ୟାଚ ହୋଇଥିଲା । ଏହି ମ୍ୟାଚରେ ଲରପଙ୍କ ଦଳକୁ ୨-୧ ଗୋଲରେ ହରାଇ ଟାଙ୍ଗରପାଲି ଦଳ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ ପଟୁଆମୋହନ ଓ କୁରେଟୁଲା ଦଳ ମଧ୍ୟରେ ହାଇଥିଲା। ଏଥିରେ କୁରେଟୁଲା ଦଳ ୩-୧ରେ ବିଜୟୀ ହୋଇଥିଲା। ପରେ କ୍ୱାର୍ଟର ଫାଇନାଲ ମ୍ୟାଚ କୁରେଟୁଲା ଓ ଟାଙ୍ଗରପାଲି ଦଳ ମଧ୍ୟରେ ହୋଇଥିଲା। ଟାଇବ୍ରେକରରେ ଟାଙ୍ଗରପାଲି ଦଳ ୪-୩ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ପୂର୍ବରୁ ଧୁଚୁରାପଡା ଦଳ ସେମି ଫାଇନାଲରେ ପ୍ରବେଶ କରିଛି । ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଦିନ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । କିଶୋର ପଣ୍ଡା, ଜୟଲାଲ ମୁଣ୍ଡା, କୃଷ୍ଣ ତ୍ରିପାଠୀ ମ୍ୟାଚ ପରିଚାଳନା କରିଥିଲେ ସୂଚନାଯୋଗ୍ୟ, ଏହି ଟୁର୍ନାମେଣ୍ଟରେ ଜିଲା ତଥା ଜିଲା ବାହାରର ମୋଟ ୧୬ଟି ଦଳ ଭାଗ ନେଇଛନ୍ତି।

ଇନ୍‌ସ୍ୟୁରାନ୍ସ, ଫାଇନାନ୍ସ କିସ୍ତି ଫାଙ୍କିବାକୁ ଚଞ୍ଚକତା

# ଦୁଇ ବୋଲେରୋ, ଗୋଟିଏ ନମ୍ବର



■ରେଲୱେ ମୁଖ୍ୟାଳୟରେ ଭଡ଼ାରେ ଲାଗିଥିଲା ଗାଡ଼ି
■ଧରାଇଦେଲା ଠାକୁରଙ୍କ ଭିନ୍ନ ଭିନ୍ନ ଷ୍ଟିକର
■ମାଲିକ, ଡ୍ରାଇଭର ଅଟକ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ଦୁଇଟି ବୋଲେରୋ, ହେଲେ ଲାଗିଥିଲା ଗୋଟିଏ ନମ୍ବର (ଓଡ଼ି୩୪ଇ୫୫୭୮)। ଗାଡ଼ିର ରଙ୍ଗ ଓ ସମ୍ମୁଖ ଭାଗରେ ସମାନ ଭାବେ 'ସୁବର୍ଣ୍ଣମୁଖୀ' ଲେଖାଥିଲା। କେହି ବି ଅଲଗା ଅଲଗା ଗାଡ଼ି ବୋଲି ଜାଣିବା କଷ୍ଟକର ଥିଲା। ଏଭଳି ଚଞ୍ଚକତା କରି ଇନ୍‌ସ୍ୟୁରାନ୍ସ, ଫାଇନାନ୍ସ କିସ୍ତି ଫାଙ୍କି ଚାଲିଥିଲେ ଗାଡ଼ି ମାଲିକ। ଏପରି କି ଚନ୍ଦ୍ରଶେଖରପୁରସ୍ଥିତ ଇଷ୍ଟକୋଷ୍ଟ ରେଲ୍‌ୱେ ମୁଖ୍ୟାଳୟରେ ମଧ୍ୟ ଦୁଇ ଗାଡ଼ିକୁ ଦୀର୍ଘଦିନ ହେବ ଭଡ଼ାରେ ଲଗାଇଥିଲେ। ଶେଷରେ ଗାଡ଼ି ପଛପାର୍ଶ୍ୱ କାଚରେ ଲାଗିଥିବା ହନୁମାନ ଓ ଜଗନ୍ନାଥଙ୍କ ଦୁଇ ଭିନ୍ନ ଷ୍ଟିକର ଯୋଗୁ କାର୍‌ସାଦି ଧରାପଡିଗଲା। ଏବେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଦୁଇ ଗାଡ଼ିକୁ ଜବତ କରିବା ସହ ଗାଡିର କାଗଜପତ୍ର ଯାଞ୍ଚ କରିଛି। ମାଲିକ କୃଷ୍ଣଚନ୍ଦ୍ର ବାରିକ ଓ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି। ମିଳିଥିବା ସୂଚନାନୁଯାୟୀ, କୃଷ୍ଣଚନ୍ଦ୍ରଙ୍କ ଗୋଟିଏ ବୋଲୋରୋ ଥିଲା। ପରେ ଆଉଗୋଟିଏ ଗାଡ଼ିକୁ ଫାଇନାନ୍ସରେ କିଣିଥିଲେ। ମାସିକିଆ ଭଡ଼ାରେ ଲଗାଇଥିଲେ ମଧ୍ୟ ଫାଇନାନ୍ସ କିସ୍ତି ଦେଉନଥିଲେ। ଠକିବା ପାଇଁ ପୂର୍ବରୁ ରହିଥିବା ଗାଡ଼ି ନମ୍ବରକୁ ଫାଇନାନ୍ସରେ ଆଣିଥିବା ବାଲେରୋରେ ବ୍ୟବହାର କରୁଥିଲେ। ଏନେଇ ଫାଇନାନ୍ସ ସଂସ୍ଥା ବାରମ୍ବାର ନୋଟିସ କରି ବିଫଳ ହେବା ପରେ ଗାଡ଼ି ଜବତ ପାଇଁ ଉଦ୍ୟମ ହୋଇଥିଲା। କର୍ମଚାରୀମାନେ ଗାଡ଼ିକୁ ଖୋଜି ଖୋଜି କରି ଶେଷରେ ରବିବାର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଉକ୍ତ ଗାଡ଼ିକୁ ପିଛା କରିଥିଲେ। ଗାଡ଼ିଟି ରେଲ୍‌ୱେ କାର୍ଯ୍ୟାଳୟ ଅଭିମୁଖେ ଯିବାର ଆଉ କିଛି ସମୟ ପରେ ସମାନ ନମ୍ବର ଓ ରଙ୍ଗର ଆଉ ଏକ ବୋଲେରୋ ସେହିବାଟେ ପ୍ରବେଶ କରିଥିଲା। ଫଳରେ ଫାଇନାନ୍ସ କର୍ମଚାରୀମାନେ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ। କିନ୍ତୁ ଉଭୟ ଗାଡି ପଛ କାଚରେ ଲାଗିଥିବା ଠାକୁରଙ୍କ ଷ୍ଟିକରରୁ ସେମାନେ ଜାଲିଆତି ନେଇ ସ୍ପଷ୍ଟ ହୋଇଥିଲେ। ଏହାପରେ ରେଲ୍‌ୱେ କାର୍ଯ୍ୟାଳୟ ନିକଟରେ ଦୁଇ ଗାଡ଼ିକୁ ଅଟକାଇ ସେମାନେ ପୋଲିସକୁ ଫୋନ୍ କରିଥିଲେ।

ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି ଯେ, ଗାଡ଼ି ମାଲିକ ଫାଇନାନ୍ସ ସଂସ୍ଥାକୁ କିସ୍ତି ଟଙ୍କା ନ ଦେଇ ଏଭଳି ଗୋଟିଏ ନମ୍ବର ପ୍ଲେଟ ବ୍ୟବହାର କରିଛନ୍ତି। ତଦନ୍ତ ଚାଲିଛି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ମା' କନକ ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରାଯାଉଛି।

## ମା' କନକ ଦୁର୍ଗା ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ

ଦେବଗଡ,୨୯।୯(ଡି.ଏନ.ଏ.)

ଦେବଗଡ଼ ପୌରାଞ୍ଚଳ ସ୍ଥିତ ମଠସାହି ମା' କନକ ଦୁର୍ଗା ମନ୍ଦିରରେ ମା'ଙ୍କ ନବରାତ୍ର ପୂଜା ରବିବାର ଆରମ୍ଭ ହୋଇଯାଇଛି । ମନୋରମା କ୍ଲବ ଏବଂ ମା' କନକ ଦୁର୍ଗା କମିଟି ପକ୍ଷରୁ ଆୟୋଜିତ ପୂଜାରେ ୯ ଦିନ ଧରି ମା'ଙ୍କୁ ବିଭିନ୍ନ ବେଶରେ ସଜାଯିବ। ଏପରି କି ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରାଯିବ। ଭକ୍ତମାନଙ୍କ ପାଇଁ କମିଟି ପକ୍ଷରୁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଛି। ସେହିପରି ପୂଜାରେ ଚଣ୍ଡିପାଠ ସହ ଅଖଣ୍ଡ ଦୀପ ପ୍ରଜ୍ୱଳନ ଆଦି କାର୍ଯ୍ୟକ୍ରମ ରଖାଯାଇଛି। ପୂଜାକାର୍ଯ୍ୟରେ ଦୀନବନ୍ଧୁ ଶତପଥୀ ଦାୟିତ୍ୱ ନେଇଥିବା ବେଳେ କମିଟିର ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟ ସହଯୋଗ କରୁଛନ୍ତି ।

## ଦଶହରା ପାଇଁ ପୋଲିସର ଧରପଗଡ, ୯ ଅପରାଧୀ ଗିରଫ

ସମ୍ବଲପୁର,୨୯।୯(ବ୍ୟୁରୋ)

ସମ୍ବଲପୁରରେ ଅଇଁଠାପାଲି, ଟାଉନ ଓ ଧନୁପାଲି ଥାନା ପୋଲିସ ଶନିବାର ବିଭିନ୍ନ ସ୍ଥାନରୁ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଧନୁପାଲି ଥାନା ବୋଲିସ ମହମ୍ମଦ ସମୀର, ମହମ୍ମଦ କାଲୋ, ମହମ୍ମଦ ଚାନ୍ଦଙ୍କୁ ଗିରଫ କରିଛି। ଏହି ୩ ଅଭିଯୁକ୍ତଙ୍କ ନିକଟରୁ ଦେଶୀ ପିସ୍ତଲ, ଛୁରି, ଚାପଡ, ଲଙ୍କାଗୁଣ୍ଡ, ୨ଟି ମୋବାଇଲ ଫୋନ୍ ଏବଂ ଏକ କାର (ନଂ ଓଡି-୧୫-ଏ-୯୪୩୧ ) ଜବତ ହୋଇଛି। ଟାଉନ ଥାନା ପୋଲିସ ସାହୁ କଲୋନୀର ଶିବ ପ୍ରଧାନ, ଟିଙ୍କୁ ଗଣ୍ଡ, କୁମ୍ଭାର ପଡାର ମହମ୍ମଦ ଜୁମନଙ୍କୁ ଗିରଫ କରିଛି। ଏହି ୩ ଅଭିଯୁକ୍ତଙ୍କ ନିକଟରୁ ଲୁହା ଛଡ, ଲଙ୍କା ଗୁଣ୍ଡ, ଟର୍ଚ୍ଚ ଲାଇଟ, ହାଣ୍ଡ ଗ୍ଲୋବ, ଗାମୁଛା ଜବତ ହୋଇଛି। ସେହିପରି ଅଇଁଠାପାଲି ଥାନା ପୋଲିସ ନିଖିଲ ମୁଣ୍ଡା, ମହାଦେବ ମୁଣ୍ଡା, ରଞ୍ଜନ ପାତ୍ରଙ୍କୁ ଗିରଫ କରିଛି। ଏମାନଙ୍କ ନିକଟରୁ ଏକ ଦେଶୀ ପିସ୍ତଲ, ଛୁରି, ଖେଳଣା ପିସ୍ତଲ ଜବତ ହୋଇଛି। ତେବେ ଏହି ଅଭିଯୁକ୍ତମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଦଶହରା ପାଇଁ ଅଭିଯୁକ୍ତମାନେ ଲୁଟ୍ ଓ ଡକାୟତି କରିବା ପାଇଁ ଯୋଜନା କରୁଛନ୍ତି। ତେଣୁ ପୋଲିସ ମଧ୍ୟ ସତର୍କ ରହିଛି । ବିଭିନ୍ନ ସ୍ଥାନରେ ସାଧା ପୋଷକରେ ପୋଲିସ ନିୟୋଜିତ ରହିଛି। ଅପରାଧିକ କାର୍ଯ୍ୟକଳାପ ରୋକିବାକୁ ପୋଲିସ ପୂରା ପ୍ରସ୍ତୁତ ରହିଛି। ରବିବାର ଟାଉନ ଥାନା ପରିସରରେ ଅତିରିକ୍ତ ଏସ୍‌ପି ପି.କେ. ମହାପାତ୍ର ଖବରଦାତାଙ୍କୁ ଏହି ସୂଚନା ଦେଇ କହିଛନ୍ତି। ସେ କହିଛନ୍ତି ଯେ, ପୂଜା ପାଇଁ ପୋଲିସ ଅପରାଧ ନିୟନ୍ତ୍ରଣକୁ ଗୁରୁତ୍ୱ ଦେଇଛି। ଆଗକୁ ଦଶହରା ପୂଜା ରହି ଥିବାରୁ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରୁଛି । ୧୨ ଜଣଙ୍କୁ ୧୧୦ରେ ନୋଟିସ ଜାରି କରାଯିବ। ଏନ୍‌ଏସ୍‌ଏ (ଜାତୀୟ ନିରାପତ୍ତା ଆଇନ) ବଳରେ କେତେକ ଅପରାଧୀଙ୍କୁ ମଧ୍ୟ ଗିରଫ କରାଯିବାକୁ ପ୍ରସ୍ତୁତି ଶେଷ ହୋଇଛି ବୋଲି ସେ କହିଛନ୍ତି।

## ୱାର୍ଡମେମ୍ବରଙ୍କୁ ଭୁଜାଲିରେ ହାଣି ହତ୍ୟା

ଛେଣ୍ଡିପଦା/ବନ୍ତଲା,୨୯।୯(ସ୍ୱ.ପ୍ର) (ଡି.ଏନ.ଏ.)

ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଅନ୍ତୁଳିଆ ଗ୍ରାମରେ ରବିବାର ଏକ ହତ୍ୟାକାଣ୍ଡ ଘଟିଛି। ସାତକୋଶିଆ ଭାଜପା ମଣ୍ଡଳ ଆଦିବାସୀ ହରିଜନ ମୋର୍ଚ୍ଚା ସଭାପତି ତଥା ଅନ୍ତୁଳିଆ ପଞ୍ଚାୟତ ୭ ନଂ. ୱାର୍ଡର ୱାର୍ଡମେମ୍ବର ଜଗବନ୍ଧୁ ବେହେରା(୬୦)ଙ୍କୁ ସେହି ଗ୍ରାମର ସଦାନନ୍ଦ ଗଡ଼ନାଏକ (୫୦) ଭୁଜାଲିରେ ହାଣି ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ଜଗବନ୍ଧୁ ଓ ସଦାନନ୍ଦଙ୍କ ଘର ମଧ୍ୟରେ ପୂର୍ବରୁ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ସନ୍ଧ୍ୟାରେ ଜଗବନ୍ଧୁ ଗାଁ ଛକରେ ଛିଡା ହୋଇଥିବାବେଳେ ହଠାତ ସଦାନନ୍ଦ ଏକ ଭୁଜାଲିରେ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ଜଗବନ୍ଧୁଙ୍କ ମୃତ୍ୟୁ ଘଟିଥିଲା।



ସମ୍ବଲପୁର ଅମ୍ବିରାନଗର ପରିସରରେ ନୂଆଁଖାଇ ଭେଟରେ ଅତିଥିମାନେ ।

## ଅମ୍ବିରାସୋସିଓ ପକ୍ଷରୁ ନୂଆଁଖାଇ ମହତ୍ତ୍ୱ ଉପରେ ଆଲୋଚନା

ସମ୍ବଲପୁର,୨୯।୯(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅଇଁଠାପାଲିରେ ଥିବା ଅମ୍ବିରାନଗର ପରିସରରେ ନୂଆଁଖାଇ ଭେଟଘାଟ ପାଳିତ ହୋଇଛି। ଅନୁଷ୍ଠାନ ସଭାପତି ଜୟଲାଲ ବେହେରାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାଶ ଚୌହାନ, ସମ୍ମାନୀୟ ଅତିଥି ଭାବେ ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ବିଜେଡି ଜିଲା ସଭାପତି ଆର୍ତ୍ତତ୍ରାଣ ମିଶ୍ର, ଟ୍ରଷ୍ଟ ଉପଦେଷ୍ଟା ଶିକ୍ଷାବିତ ଭକ୍ତପ୍ରସାଦ ନନ୍ଦ ଯୋଗ ଦେଇଥିଲେ। ଅତିଥିମାନେ ନୂଆଁଖାଇ ପାଳନ ଓ ଏହାର ମହତ୍ତ୍ୱ ଉପରେ ବ୍ୟକ୍ତବ୍ୟ ରଖିଥିଲେ । ଏହା କୃଷି ଭିତ୍ତିକ ପର୍ବ। ଗ୍ରାମାଞ୍ଚଳରୁ ସହର ଯାଏ ସଭିଏଁ ପାଳନ କରନ୍ତି । ଏବେ ଦେଶ ବାହାରେ ମଧ୍ୟ ଏହାକୁ ଧୁମ୍‌ଧାମ୍‌ରେ ପାଳନ କରାଯାଉଛି ବୋଲି ସେ କହିଥିଲେ । ସାହାସପୁର ପୂର୍ବତନ ସରପଞ୍ଚ ଶିବ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରାହାସ ଯାତ୍ରା ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ରାହାସ ଯାତ୍ରା ପ୍ରସ୍ତୁତି ବୈଠକ

ଦେବଗଡ଼,୨୯।୯(ଡି.ଏନ.ଏ.)

ଦେବଗଡ଼ ପୌରାଞ୍ଚଳ ଗୋପୀକିଶୋର ଆସୋସିଏଶନ୍ ପକ୍ଷରୁ ୨୦୧୯ ରାହାସ ଯାତ୍ରା ପାଇଁ ସ୍ଥାନୀୟ ବସନ୍ତ ନିବାସ ଡ଼ାକ ବଙ୍ଗଳାରେ ବରିଷ୍ଠ ସଭ୍ୟ ବିରେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗତ ବର୍ଷର ଆୟବ୍ୟୟ ସମୀକ୍ଷା କରାଯାଇ ଚଳିତ ବର୍ଷରେ ରାହାସ ଯାତ୍ରାକୁ କିପରି ସୁନ୍ଦର ଭାବେ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ଚଳିତ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସଭାପତି ଭାବେ ବିବେକା ନନ୍ଦ ଦାସ, ଉପ ସଭାପତି ସୁଶାନ୍ତ କୁମାର ନାୟକ, ସମ୍ପାଦକ ବିକାଶ କୁମାର ନାୟକ, ସହସମ୍ପାଦକ ବାଦଲ ଦାସ୍, କୋଷାଧ୍ୟକ୍ଷ ଚନ୍ଦନ କୁମାର ନାୟକ, ସହକୋଷାଧ୍ୟକ୍ଷ ହିମାଂଶୁ ନାୟକ, ସାଂସ୍କୃତିକ ସମ୍ପାଦକ ବୁଲୁ ଦାସ୍ ଓ ସତ୍ୟ ନାୟକ ଏବଂ ପୂଜା ମଣ୍ଡପ ଦାୟିତ୍ୱରେ ଅଜିତ ମୋଦି ଓ ବାଦଲ ନାୟକ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ବୈଠକରେ କ୍ଲବର ବରିଷ୍ଠ ସଦସ୍ୟ କିଶୋର ଚନ୍ଦ୍ର ଦାସ, ଶମ୍ଭୁନାଥ ଗୋଏଲ, ପ୍ରଦୀପ ଛତ୍ରୀଆ, ପୂର୍ଣ୍ଣ ଚନ୍ଦ୍ର ସାହୁ, ପ୍ରଫୁଲ ନାୟକ, ଗଜେନ୍ଦ୍ର ନାୟକ, ଗିରୀନ୍ଦ୍ର ନାୟକ, ଚିତ୍ତରଞ୍ଜନ ଦାସ, ସୁଶିଲ ଭୋଇ, ଭୋଲା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ୟାନ୍‌ସରରେ ୬୮ ଜଣଙ୍କ ପ୍ରତିଦିନ ମୃତ୍ୟୁ ଘଟୁଛି

**ସମ୍ବଲପୁର,୨୯।୯ (ବ୍ୟୁରୋ):** ଭାରତରେ କ୍ୟାନସର ରୋଗୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ରାଜ୍ୟରେ ମଧ୍ୟ ପ୍ରତିଦିନ ଏହି ରୋଗରେ ୬୮ ଜଣ ରୋଗୀଙ୍କ ମୃତ୍ୟୁ ଘଟୁଛି । ଏହାର ଚିକିତ୍ସା ମଧ୍ୟ ସମ୍ଭବ । ହେଲେ ପ୍ରଥମରୁ ଚିହ୍ନଟ କରି ଚିକିତ୍ସା କରାଗଲେ ରୋଗୀ ଭଲ ହୋଇ ପାରିବ । ଏ ଦିଗରେ ସଚେତନତା କରିବା ଆବଶ୍ୟକ ରହିଛି । ରବିବାର ସମ୍ବଲପୁର ବୁଢ଼ାରଜାସ୍ଥିତ ହୋଟେଲ ଗ୍ରାଣ୍ଡ ଶିବା ସଭା କକ୍ଷରେ ଏଚସିଜି ପଣ୍ଡା ମେଡିକାଲର କ୍ୟାନସର ରୋଗ ବିଶେଷଜ୍ଞ ଡା. ରଞ୍ଜିତ କର ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି । ଦେଶର ଅନ୍ୟ ରାଜ୍ୟ ତୁଳନାରେ ଓଡିଶାରେ ପ୍ରତିବର୍ଷ ରୋଗୀ ସଂଖ୍ୟାରେ ବୃଦ୍ଧି ହେଉଛି । ଖାଦ୍ୟ ଗିଳିବାରେ କଷ୍ଟ ହେବା, ମୁତ୍ରାଶୟ ଓ ଅନଃନଳୀରେ ଅଭ୍ୟାସଗତ ପରିବର୍ତ୍ତନ ହେବା, ଓଜନରେ ଅହେତୁକ ହ୍ରାସ ହେବା, ଶରୀରରେ ଅସାଧାରଣ ରକ୍ତସ୍ରାବ ଅଥବା କୌଣସି ସ୍ଥାନରେ ଦାଗ ହେଲେ କ୍ୟାନସର ଲଣ ଧରାଯାଏ ବୋଲି ଡାକ୍ତର ରଣଜିତ କର କହିଛନ୍ତି।

## ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ଦେବଗଡ଼,୨୯।୯(ଡ଼ି.ଏନ.ଏ.)

ଦେବଗଡ଼ ଜିଲା ପ୍ରଶାସନ ଓ ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଇନ୍‌ଡ଼ୋର ଷ୍ଟାଡ଼ିୟମ୍‌ଠାରେ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ୪ଟି ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ୫ରୁ ୯ ବର୍ଷର ପ୍ରତିଯୋଗୀ ପାଇଁ ସବୁଜ ବର୍ଗ, ୧୦ରୁ ୧୬ ବର୍ଷ ପ୍ରତିଯୋଗୀଙ୍କ ପାଇଁ ଧଳା ବର୍ଗ ଏବଂ ଦିବ୍ୟାଙ୍ଗ ପ୍ରତିଯୋଗୀଙ୍କ ପାଇଁ ଲାଲ ଓ ହଳଦିଆ ବର୍ଗକୁ ନେଇ ମୋଟ ୩୦୫ଜଣ ଶିଶୁ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସବୁଜ ବର୍ଗରେ ଚିନ୍ମୟ ବିଦ୍ୟାଳୟର ହିତେଶ ପଣ୍ଡା ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟର ତିଶା ତନିଷ୍କା ପ୍ରଧାନ ଦ୍ୱିତୀୟ, ଶ୍ରେୟା ସାହୁ ତୃତୀୟ, ପୀୟୂଷ ପଟେଲ ଚତୁର୍ଥ, ମନସ୍ୱୀ ପ୍ରଧାନ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ସେହିପରି ଧଳାବର୍ଗରେ ନବୋଦୟ ବିଦ୍ୟାଳୟର ନାରାୟଣ ରାଉତ ପ୍ରଥମ, ଦେବଗଡ଼ ଜୁନିୟର ମହାବିଦ୍ୟାଳୟର ପ୍ରିୟଙ୍କା ପାତ୍ର ଦ୍ୱିତୀୟ, ସରକାରୀ ବାଳିକା ବିଦ୍ୟାଳୟର ଜ୍ୟୋତି ମହାନ୍ତି ତୃତୀୟ, ଦେବକୀ ଭୁକ୍ତା ଚତୁର୍ଥ, ଦୁଧିଆନାଳୀ ଉଚ୍ଚବିଦ୍ୟାଳୟର ଅଲିଭ୍ ଧାରୁଆ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ହଳଦିଆ ବର୍ଗରେ ରେଙ୍ଗାଲୀ କଲୋନୀ ବିଦ୍ୟାଳୟର ପ୍ରୟାଠଶୁ ନାଗ ପ୍ରଥମ, ଲାଲ ବର୍ଗରେ ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟର ରେଶ୍ମା ରାଣୀ ଚିନ୍ନାରା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର, ଚିତ୍ର ଶିଳ୍ପୀ ପ୍ରଦୀପ ପାତ୍ର, ସମୀର ପ୍ରଧାନ, ଦେବବ୍ରତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ମୂଲ୍ୟାଙ୍କନ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ, ପ୍ରମୋଦ ପୂଜାରୀ, ରଜନୀକାନ୍ତ ମହନ୍ତ, ଗୌରବ ବେହେରା, ଚାଇଲ୍ଡ ଲାଇନ୍‌ର ଉପେନ୍ଦ୍ର ଭଞ୍ଜ, ରମାକାନ୍ତ ସାହୁ, ସାଲିମ୍ ତିର୍କୀ, ବିଭୂତି କଷାନ, ଅନୁ ଥପା, ସୋର୍ପଟ ଅନୁଷ୍ଠାନର ସ୍ୱାଗତିକ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସେହିପରି ଅତିରିକ୍ତ ଜିଲାପାଳ ଧରମ ହାସଦା ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କୃତୀ ପ୍ରତିଯୋଗୀଙ୍କ ଚିତ୍ରଗୁଡ଼ିକ ରାଜ୍ୟସ୍ତରକୁ ପଠାଯିବ ଓ ରାଜ୍ୟସ୍ତରରୁ ଶ୍ରେଷ୍ଠ ବିବେଚିତ କୃତୀଙ୍କୁ ଜାତୀୟସ୍ତରକୁ ପଠାଯିବ। ଜିଲାସ୍ତରରେ କୃତି ପ୍ରତିଯୋଗୀଙ୍କୁ ଆସନ୍ତା ଶିଶୁ ଦିବସରେ ପୁରସ୍କୃତ କରାଯିବ ବୋଲି ଶିଶୁ ସୁରକ୍ଷା ଅଧିକାରୀ ମହାପାତ୍ର ସୂଚନା ଦେଇଛନ୍ତି।



ଇନ୍ଦିରା ଗାନ୍ଧୀ ଇନ୍‌ଡ଼ୋର ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

## ଫଟୋରେ ଖବର








ରବିବାର ସମ୍ବଲପୁର ଧନୁପାଲିଠାରେ ରୋଟାରୀ କ୍ଲବ ବୀରଭୂମି ଦ୍ୱାରା ଆୟୋଜିତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର(ବାମ)। ସମ୍ବଲପୁର ବଡବଜାର ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା ପାଇଁ କଳସ ଯାତ୍ରା(ମଝି) । ସମ୍ବଲପୁର ଜିଲା ସ୍କୁଲ ସମ୍ମିଳନୀ କକ୍ଷରେ ରବିବାର ଆୟୋଜିତ ଆମ ପୋଲିସ ସମିତି କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍ସାଇଟ୍
www.dharitri.com/category/selfie



ନରେଶ



ରାଜୀବ



ସୁବାଷ



ଟିକୁନ୍



ଲିପୁନ୍

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ୨ ଦିନର ଶିଶୁକନ୍ୟା ବିକ୍ରି ଉଦ୍ୟମ

■ ଶିଶୁକନ୍ୟା ସହ ମା' ଉଦ୍ଧାର
■ ସଖୀ ୱାନ୍ ଷ୍ଟପ୍ ସେଣ୍ଟରକୁ ଅଣାହେଲା

**ସଇଁତଲା/ବଲାଙ୍ଗୀର ଅଫିସ, ୨୯।୯ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସଇଁତଲା ଥାନା ଫପସି ଡୁଙ୍ଗୁରୀପଡ଼ାଠାରେ ରବିବାର ଏକ ଦୁଇଦିନର ଶିଶୁକନ୍ୟାକୁ ବିକ୍ରି ଉଦ୍ୟମ ହୋଇଥିଲା। ଖବର ପାଇ ଚାଇଲ୍ଡ ଲାଇନ୍ ଓ ସଇଁତଲା ପୋଲିସ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରି ଉକ୍ତ ଶିଶୁକନ୍ୟା ଓ ତାଙ୍କ ମା'କୁ ଉଦ୍ଧାର କରିଛି। ଉଦ୍ଧାର ଶିଶୁକନ୍ୟାକୁ ବଲାଙ୍ଗୀର ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)ରେ ହାଜର କରିବା ପରେ ଉଭୟ ଶିଶୁ ଓ ତାଙ୍କ ମା' ସରୋଜିନୀ ମହାକୁଡଙ୍କୁ ସଖୀ ୱାନ୍ ଷ୍ଟପ ସେଣ୍ଟରକୁ ନିଆଯାଇଛି । ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ନିଜ ଜିଲା ତଥା ନିଜ ନିର୍ବାଚନ ମଣ୍ଡଳୀରେ ଏଭଳି ଶିଶୁବିକ୍ରି ଉଦ୍ୟମ ହୋଇଥିବାରୁ ଘଟଣାଟି ଚର୍ଚ୍ଚାର ବିଷୟ ହେଇଛି । ବଲାଙ୍ଗୀର ସହର ରାଧାରାଣୀପଡ଼ାର ସରୋଜିନୀ ମହାକୁଡ଼ (୩୬) ଦୁଇଦିନ ତଳେ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ଦ୍ୱିତୀୟ ଝିଅ ଜନ୍ମ ହେବା ପରେ ଚିନ୍ତିତ ସରୋଜିନୀ ଏହି ଝିଅକୁ ଅନ୍ୟକୁ ଟେକିଦେବେ ଭାବି ସଇଁତଲା ଫପସି ଡୁଙ୍ଗୁରୀପଡ଼ାର ମଧୁ ମହାନନ୍ଦଙ୍କ ଘରେ ପହଞ୍ଚିଥିଲେ। ଉକ୍ତ ଘରେ ଶିଶୁକନ୍ୟାକୁ ନେବା ପାଇଁ ଟିଟିଲାଗଡ଼ ବ୍ଲକ ଅର୍ନ୍ତଗତ ବାଙ୍ଗିପଦର ପଞ୍ଚାୟତର ଶିଶାକାନୀ ଗାଁର ଘନଶ୍ୟାମ ସୁନା ଏବଂ ତାଙ୍କ ସ୍ତ୍ରୀ ବାଲମତୀ ସୁନା ପ୍ରସ୍ତୁତ ଥିଲେ । ଏ ନେଇ କେହି ପୋଲିସକୁ ଶିଶୁକନ୍ୟା ବିକ୍ରି ଚାଲିଥିବା ଖବର ଦେବା ପରେ ଚାଇଲ୍ଡ ଲାଇନ୍ ଓ ପୋଲିସ ଟିମ୍ ସେଠାରେ ପହଞ୍ଚି ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ । ପରେ ବଲାଙ୍ଗୀର ସିଡବ୍ଲ୍ୟୁସିର ତ୍ରିଲୋଚନ ନାଗ ଓ ଉର୍ବସୀ ପଧାନ ସେଠାରେ ପହଞ୍ଚି ଉଦ୍ଧାର ଶିଶୁକନ୍ୟାକୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ପରେ ବଲାଙ୍ଗୀର ୱାନ୍ ଷ୍ଟପ୍ ସେଣ୍ଟରକୁ ଶିଶୁକନ୍ୟା ଓ ତାଙ୍କ ମାଁଙ୍କୁ ନିଆଯାଇଛି । ଏନେଇ ଟିଟିଲାଗଡ଼ ଏସଡ଼ିପିଓ ସୁରେନ୍ଦ୍ରନାଥ ଶତପଥୀଙ୍କୁ ପଚରାଯିବାରୁ ଶିଶୁ ବିକ୍ରି ଘଟଣାକୁ ଅସ୍ୱୀକାର କରିଥିଲେ। ସରୋଜିନୀ ଓ ଶିଶୁ କନ୍ୟାକୁ ଫପସି ଡୁଙ୍ଗୁରିପଡା ଗାଁରୁ ଉଦ୍ଧାର କରାଯାଇଥିବା ସ୍ୱୀକାର କରିଛନ୍ତି । ଏନେଇ ସିଡବ୍ଲ୍ୟୁସି ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତିଙ୍କୁ ପଚରାଯିବାରୁ ଶିଶୁକନ୍ୟା ବିକ୍ରି ଉଦ୍ୟମ ଚାଲିଥିବା ଖବର ପାଇ ଚାଇଲ୍ଡଲାଇନ୍ ଓ ପୋଲିସ ଟିମ୍ ଫପ୍ସି ଗାଁରେ ଚଢ଼ାଉ କରି ଶିଶୁକନ୍ୟା ଓ ତାଙ୍କ ମା'ଙ୍କୁ ଉଦ୍ଧାର କରିଥିବା ସୂଚନା ଦେଇଛନ୍ତି । ତେବେ ବାସ୍ତବରେ ଏହା ଶିଶୁବିକ୍ରି କି ନା ସେ ଉପରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି । ପ୍ରକାଶ ଯେ, ୮ ବର୍ଷତଳେ ସରୋଜିନୀ ଦିଲ୍ଲୀର ସିୟାରାମ ନାମକ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ସିୟାରାମଙ୍କ ସହ ସରୋଜିନୀ ଦିଲ୍ଲୀରେ ରହୁଥିଲେ। ସେଠାରେ ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା । ତେବେ ସିୟାରାମ ସରୋଜିନୀକୁ ମାରପିଟ ଓ ନିର୍ଯାତନା ଦେବାରୁ ଗର୍ଭବତୀ ସରୋଜିନୀ ଦିଲ୍ଲୀରୁ ବଲାଙ୍ଗୀର ଫେରିଆସି ରେଳ ଷ୍ଟେଶନ ନିକଟରେ ରହି ଭିକମାଗି ଚଳୁଥିଲେ। ଦୁଇଦିନ ତଳେ ସରୋଜିନୀ ପୁଣି ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ।



ଫପସି ଗାଁରୁ ଉଦ୍ଧାର ହୋଇଥିବା ଶିଶୁକନ୍ୟା।

## ନଦୀରେ ଭାସିଗଲେ ୨ ବୃଦ୍ଧା ଭଉଣୀ

**ଦଶମନ୍ତପୁର, ୨୯।୯(ଡି.ଏନ୍.ଏ.)**

ଦୁଇଦିନ ତଳେ ଡଙ୍ଗରରୁ ବାଉଁଶ କରଡ଼ି ସଂଗ୍ରହ କରିବାକୁ ଯାଇଥିବା ୨ ଜଣ ବୃଦ୍ଧା ଭଉଣୀ ନଦୀ ପାର ହେବା ବେଳେ ଭାସିଯାଇଛନ୍ତି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତ ତାଳଗୁଡ଼ ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ରବିବାର ଉଭୟଙ୍କ ମୃତଦେହ ନଦୀରୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ତାଳଗୁଡ଼ ଗାଁର ବୃଦ୍ଧା କୋପେ ମାଝି ଓ ମନ୍ତ୍ରୀ ମାଝୀଙ୍କ ସ୍ତ୍ରୀ ଦଇମ ଦୁଇ ଭଉଣୀ ଅଟନ୍ତି। ଉଭୟ ବୟସ ୬୦ରୁ ଅଧିକ ହେବ। ଦୁହେଁ ଗତ ଶୁକ୍ରବାର ସକାଳେ ଗାଁ ନିକଟସ୍ଥ ଡଙ୍ଗରକୁ ବାଉଁଶ କରଡ଼ି ସଂଗ୍ରହ କରିବା ପାଇଁ ପୋଡ଼ଗାଡ଼ ନଦୀ ଡେଇଁ ଯାଇଥିଲେ। କିନ୍ତୁ ସନ୍ଧ୍ୟା ସୁଦ୍ଧା ସେମାନେ ଫେରି ନଥିଲେ। ଦୁଇଦିନ ପରେ ମଧ ସେମାନଙ୍କ ପତା ନ ମିଳିବାରୁ ରବିବାର ପରିବାର ଓ ଗାଁଲୋକେ ଉଭୟଙ୍କୁ ଖୋଜିବା ପାଇଁ ନଦୀପାଖକୁ ଯାଇଥିଲେ। ପୋଡ଼ଗାଡ଼ ନଦୀର ଚାଅଁଡ଼ା ନିକଟରୁ କୋପେଙ୍କ ମୃତଦେହ ମିଳିଥିବା ବେଳେ ସେଠାରୁ ଅଳ୍ପଦୂରରେ ଦଇମଙ୍କ ମୃତଦେହ ସନ୍ଧ୍ୟାରେ ଠାବ କରାଯାଇଛି।

## ରାଉରକେଲା ଡେଭଲପମେଣ୍ଟ ଷ୍ଟିୟରିଂ କମିଟି ବୈଠକ

**ରାଉରକେଲା ଅଫିସ, ୨୯।୯**

ଷ୍ଟିଲ ସିଟିର ବିଭିନ୍ନ ସମସ୍ୟା ନେଇ ଅନେକ ସମୟରେ ଆକ୍ଷେପ ପ୍ରତ୍ୟାକ୍ଷେପ ଲାଗି ରହିଛି। ବିଭିନ୍ନ ସଂଘ ସଂଗଠନ ପକ୍ଷରୁ ଦାବି ପତ୍ର, ଆନ୍ଦୋଳନ, ବିକ୍ଷୋଭ ମଧ ଜାରି ରହିଛି। ଏରାଉରକେଲା ଷ୍ଟିୟରିଂ କମିଟି ବୈଠକରେ ଅନୁରୂପ ମତ ପ୍ରକାଶ ପାଇଛି। ବ୍ରାହ୍ମଣୀ କ୍ଲବ ଠାରେ ଶୁଭ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସହରବାସୀଙ୍କ ବହୁ ଦିନର ଦାବି ଉପେକ୍ଷିତ ହୋଇ ରହିଛି ବୋଲି ମତ ପ୍ରକାଶ ପାଇଛି। ରାଉରକେଲାରୁ ବାଲେଶ୍ୱର-ଭଦ୍ରକ ଇଣ୍ଟରସିଟି, ଭୁବନଶ୍ୱରକୁ କଟକ ଦେଇ ଦ୍ୱିତୀୟ ଇଣ୍ଟରସିଟି, ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ, ଭୁବନେଶ୍ୱର ଆନନ୍ଦ ବିହାର ଏକ୍ସପ୍ରେସକୁ ସପ୍ତାହରେ ୨ ଦିନ ରାଉରକେଲା ଦେଇ ଚଳାଇବା ଭଳି ବହୁ ଦାବି ପ୍ରତି ସରକାର ଅଣଦେଖା କରୁଛନ୍ତି ବୋଲି ଏଥିରେ ଅଭିଯୋଗ କରାଯାଇଛି। ଏହା ବ୍ୟତୀତ ଗରିବ ରଥକୁ ରାଂଚିରୁ ରାଉରକେଲା ଓ ହାୱଡା ପୁନେ ଦୂରନ୍ତ ଏକ୍ସପ୍ରେସକୁ ରାଉରକେଲାରେ ରହଣୀ ବ୍ୟବସ୍ଥା କରିବାକୁ ଦାବି ଉଠିଥିଲା। କେବଳ ଏତିକି ନୁହେଁ ହାଇଦ୍ରାବାଦ ନାଗାବଲୀ ଏକ୍ସପ୍ରେସକୁ ରାଉରକେଲା ଯାଏ ସଂପ୍ରସାରଣ କରାଯାଉନି ବୋଲି ଏଥିରେ ଅଭିଯୋଗ କରାଯାଇ ଥିଲା। ବାରମ୍ବାର ଦାବି ସତ୍ୱେ ରାଉରକେଲା ଷ୍ଟେଶନର ଆଧୁନିକୀକରଣ ଓ ସଂପ୍ରସାର ପ୍ରତି ଦୃଷ୍ଟି ଦିଆଯାଉନି। ଅଧିକ ପ୍ଲାଟଫର୍ମ ନିର୍ମାଣ ସହ ଲେଡିଜ ୱେଟିଂ ହଲ ସହ ବେବି ଫିଡିଂ କ୍ୟାବିନ, ସାନିଟାରୀ ନାପକିନର ଭେଣ୍ଡିଂ ମେସିନ ଆଦି ବ୍ୟବସ୍ଥା କରିବାକୁ ଏଥିରେ ଦାବି କରାଯାଇ ଥିଲା। ରେଳ ଷ୍ଟେଶନର ଦ୍ୱିତୀୟ ପ୍ରବେଶ ପଥ ମଧ ବହେଳିତ ହୋଇ ରହିଛି। ଏଠାରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରାଯାଇନି। ଟୟଲେଟ, ଏକ୍ସାଲେଟର ସହ ରାମ୍ପ ମାଧ୍ୟମରେ ସବୁ ପ୍ଲାଟର୍ମକୁ ଯୋଡା ଯାଉନି। ହୁଇଲ ଚେୟାର ନେଇ ଏକାଧିକ ସମୟରେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଏହା ସମାଧାନ ହୋଇ ପାରିନି। ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ଯାତାୟତ ସୁବିଧା ନେଇ କର୍ତ୍ତୃପକ୍ଷଙ୍କ ଧ୍ୟାନ ନାହିଁ। ଏ ନେଇ କେନ୍ଦ୍ର ରେଳବାଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସତ୍ୟପ୍ରିୟ ମହାନ୍ତି, ରମେଶ ବଳ, ସଦାନନ୍ଦ ସାହୁ, ପ୍ରଦୋଷ ମହାନ୍ତି, ଗୁରମିତ ସିଂ, ଶ୍ରୀମନ୍ତ ବେହେରା, ବେଦପ୍ରକାଶ ତିୱାରୀ, ପ୍ରମୋଦ ସାମଲ, ଏକେ ସିଂ, ଅରିନ୍ଦମ ଦତ୍ତ ଓ ମେହେନ୍ଦ୍ର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ଧରାପଡ଼ିଲେ ଚୋର ଗ୍ୟାଙ୍ଗ, ୪ ଗିରଫ

### ମାଷ୍ଟର ମାଇଣ୍ଡ ଅଟୋ ଡ୍ରାଇଭର ଫେରାର, ଅଟୋ ଜବତ୍

**ବଲାଙ୍ଗୀର ଅଫିସ, ୨୯।୯**

ବଲାଙ୍ଗୀର ଟାଉନ ଥାନା ପୋଲିସ ଶନିବାର ରାତିରେ ପାଟ୍ରୋଲିଂ କରୁଥିବାବେଳେ ଏକ ଚୋର ଗ୍ୟାଙ୍ଗ୍ର ୪ ଜଣ ସଦସ୍ୟଙ୍କୁ ଗିରଫ କରିଛି । ତେବେ ଏହି ଗ୍ୟାଙ୍ଗ୍ର ମାଷ୍ଟର ମାଇଣ୍ଡ ଜଣେ ଅଟୋ ଡ୍ରାଇଭର ଅଟୋ ଛାଡି ଫେରାର ହୋଇଯାଇଛନ୍ତି। ଉକ୍ତ ଗ୍ୟାଙ୍ଗଠାରୁ ପୋଲିସ ଏକ ଲୁହାରଡ୍ ସହ ଏକ ନମ୍ବରବିହୀନ ଅଟୋ ଜବତ୍ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ସହର ମାଲଗୋଦାମପଡାର ସୁଶାନ୍ତ ଛତ୍ରିଆ (୨୦), ମୁକେଶ ହରିପାଲ (୧୮), ସୁଦ୍ପଡାର ଗୋପାଳ ପୁଟେଲ (୨୦) ଓ ହାତୀଶାଳପଡାରେ ରହୁଥିବା ସୋନପୁର ବୀରମହାରାଜପୁର ଥାନା ଅନ୍ତର୍ଗତ ବଙ୍କିଆ ଗାଁର ସୁଶାନ୍ତ ସେଠୀ (୨୦) । ଏହି ଅଭିଯୁକ୍ତମାନେ ଏକାଧିକ ମାମଲାରେ ଜଡିତ ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। କିଛିଦିନ ହେଲା ସହରର ବିଭିନ୍ନ ସ୍ଥାନରେ ଚୋରି ହୋଇଥିବା ଅଭିଯୋଗ ହୋଇଛି । ବିଶେଷ କରି ମାଳପଡା, ଉଦୟନଗର, ରେଲୱେ ଷ୍ଟେଶନ୍ ରୋଡ ଅଞ୍ଚଳରେ ଚୋରି ଅଭିଯୋଗ ହୋଇଥିଲା। ମାଳପଡାର ସନ୍ତୋଷ କୁମାର ଦାଶ ଗତ ୨୬ ତାରିଖରେ ତାଙ୍କ ଘରେ ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ କରିଥିଲେ। ଏହାପୂର୍ବରୁ ଉଦୟନଗରରେ ମଧ ଏକାଧିକ ଚୋରି ଅଭିଯୋଗ ହୋଇଥିଲା । ଏଭଳି ଚୋରି ଘଟଣା ବୃଦ୍ଧି ପାଇବା ପରେ ପୋଲିସ ଟିମ୍ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ ବଢାଇଥିଲା। ଶନିବାର ରାତିରେ ପାଟୋଲିଂ ଚାଲିଥିବାବେଳେ ମାଳପଡା ଅଞ୍ଚଳରେ ଚୋରି ଉଦ୍ୟମ କରୁଥିବା ଏକ ଗ୍ୟାଙ୍ଗ ପୋଲିସ ହାବୁଡରେ ପଡିଥିଲା। ପୋଲିସ ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରି ଥିବାବେଳେ ଅଟୋରିକ୍ସାରେ ଥିବା ମାଷ୍ଟରମାଇଣ୍ଡ ଫେରାର ହୋଇଯାଇଥିଲା। ଏହି ମାଷ୍ଟରମାଇଣ୍ଡଙ୍କୁ ପୋଲିସ ଖୋଜୁଛି । ଅଟୋରିକ୍ସାରେ ବସି ଏହି ଚୋରଗ୍ୟାଙ୍ଗ ରାତିରେ ଏକାଧିକ ଚୋରି କରୁଥିବା ସ୍ୱୀକାର କରି ଛନ୍ତି ।



ଗିରଫ ୪ ଅଭିଯୁକ୍ତ ।

## ଜିଲାସ୍ତରୀୟ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା

**ସୁନ୍ଦରଗଡ, ୨୯।୯ (ଡି.ଏନ୍.ଏ)**

ଜିଲା ଶିଶୁ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ରାଣୀ ଜାନକୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଜିଲାସ୍ତରୀୟ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟ, ଭିନ୍ନକ୍ଷମ ବିଦ୍ୟାଳୟ ଓ ଶିଶୁଯତ୍ନକାରୀ ଅନୁଷ୍ଠାନର ୧୨୧ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଚିତ୍ରାଙ୍କନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା ଆନୁଷ୍ଠାନିକ ଯତ୍ନ ସୁରକ୍ଷା ଅଧିକାରୀ ଅନନ୍ତ ପେରୁଆ, ଧନଞ୍ଜୟ ନୀନା, ମୀନାକ୍ଷୀ ବିଶୋଇଙ୍କ ସମେତ ବିଭାଗର କର୍ମଚାରୀ ଓ ରାଣୀ ଜାନକୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ।



ଜିଲାସ୍ତରୀୟ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତାର ପ୍ରତିଯୋଗୀ ଓ ଅତିଥି।

## ଆଜି କ'ଣ କେଉଁଠି

**ଲୋଇସିଂହା**
■ ଆଚାର୍ଯ୍ୟ ବିକାଶ ଦିବସ, ଲୋଇସିଂହା ଶିଶୁ ମନ୍ଦିର ପରିସର, ସକାଳ ୭ଟା।

**ଦେବଗଡ**
■ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର, ଟାଉନ ହାଇସ୍କୁଲ, ପୂର୍ବାହ୍ନ ୧୦ଟା।

**ବରଗଡ**
■ ସମଲେଶ୍ୱରୀଙ୍କ ବ୍ରହ୍ମଚାରିଣୀ ବେଶ, ସମଲେଶ୍ୱରୀ ମନ୍ଦିର, ସକାଳ ୫ଟା।
■ ତ୍ରିରଙ୍ଗା କପ୍ ଫୁଟବଲ (ମ୍ୟାଚ-ଧାଙ୍ଗେର ବନାମ ସାହାଜବାହାଲ, ବରଡୋଲ ବନାମ ଲୁହୁରାଚଟି) ଖୁଣ୍ଟୁପାଲି ପଡିଆ, ଦିନ ୧ଟା।

**ଅମରପାଲି**
■ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର, ବ୍ଲକ ସଭାଗୃହ ବୀରମହାରାଜପୁର, ପୂର୍ବାହ୍ନ ୧୦ଟା।

**ରାଉରକେଲା**
■ ଯୋଗୀ ଲାହିରୀଙ୍କ ଜନ୍ମ ଉତ୍ସବ, ଜଗଦା କ୍ରିୟାଯୋଗ ଧ୍ୟାନ କେନ୍ଦ୍ର, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
■ ସମଲେଇଙ୍କ ଧବଳମୁଖୀ ଦର୍ଶନ, ସମଲେଇ ମନ୍ଦିର, ସକାଳ ୫ଟାରୁ ଅପରାହ୍ନ ୨ଟା ।
■ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବିରେ ଧାରଣା ଓ ବିକ୍ଷୋଭ, କଚେରି ଛକ, ପୂର୍ବାହ୍ନ ୧୦ଟା।
■ ଭାରତୀୟ ଜୀବନ ବିମା କର୍ମଚାରୀ ସଂଘର ସମ୍ମିଳନୀ ଦ୍ୱିତୀୟ ଦିବସ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ସାଢ଼େ ୧୦ଟା ।
■ ଗୁପ୍ତେଶ୍ୱରୀଙ୍କ ବ୍ରହ୍ମଚାରିଣୀ ବେଶ, ଲମ୍ବଡୁଙ୍ଗୁରୀ ପାହାଡ ଗୁପ୍ତେଶ୍ୱରୀଙ୍କ ପୀଠ, ପୂର୍ବାହ୍ନ ସାଢ଼େ ୧୦ଟା ।
■ ଡା. ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ୨ଟା।
■ ମା' ମଙ୍ଗଳାଙ୍କ ଦଶହରା ପୂଜା ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ବଡବଜାର ରାଧାମାଧବ ମନ୍ଦିର, ସନ୍ଧ୍ୟା ୬ଟା।

**ବଲାଙ୍ଗୀର**
■ କୋସଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୦ଟା।

**ନୂଆପଡ଼ା**
■ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ, ଖରିଆର ରୋଡ ନୋଡ଼ାଲ ହାଇସ୍କୁଲ, ଅପରାହ୍ନ ୩ଟା।
■ ଗୁରୁ ନାନକ ଜୟନ୍ତୀ ସମାରୋହ, ଖରିଆର ରୋଡ ଗୁରୁଦ୍ୱାରା, ସନ୍ଧ୍ୟା ୭ଟା
■ କ୍ରାନ୍ତି ଦିବସ, ସାଲିଆ, ପୂର୍ବାହ୍ନ ୧୦ଟା।

## ରାମଦୋଳି ବାନ୍ଧିବା ବେଳେ ନାବାଳକ ଆହତ

**ରାଉରକେଲା ଅଫିସ, ୨୯।୯**

ରାଉରକେଲା ସେକ୍ଟର-୧୬ ଅଞ୍ଚଳରେ ଦୁର୍ଗା ପୂଜା ପାଇଁ ବନ୍ଧା ଯାଉଥିବା ରାମଦୋଳିରୁ ଖସି ରବିବାର ଜଣେ ନାବାଳକ ଆହତ ହୋଇଛନ୍ତି। ଏହି ନାବାଳକ ଜଣକ ଛତିଶଗଡ ଅମ୍ବିକାପୁର ଅଞ୍ଚଳର ମୂଳ ବାସିନ୍ଦା। ତାଙ୍କୁ ଚିକିତ୍ସା ନିମନ୍ତେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସକାଳ ୧୦ଟାବେଳେ ୩ଜଣ କର୍ମଚାରୀ ଏହି ରାମଦୋଳି ବାନ୍ଧୁଥିବା ବେଳେ ଭାରସାମ୍ୟ ହରାଇ ସେ ତଳକୁ ଖସି ପଡିଥିବା କୁହାଯାଇଛି। ତେବେ ଏହି ଅଘଟଣକୁ ପୂଜା କମିଟି କର୍ମକର୍ତ୍ତା ଅସ୍ୱୀକାର କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବ୍ରାହ୍ମଣ ଚାରି ବର୍ଣ୍ଣରେ ରଜା**
**ବାଳିଆ ମାଛ ଥାଇ ବୋଇଲା**
**ମୁଁ ମାଛଙ୍କ ଭିତରେ ରଜା ।**

ଜ୍ୟୋତିଷ ଶାସ୍ତ୍ରରେ ୧୨ଗୋଟି ରାଶିକୁ ୪ଟି ବର୍ଣ୍ଣ ଯଥା ବିପ୍ର, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ବର୍ଣ୍ଣରେ ବିଭକ୍ତ କରାଯାଇଛି। ତନ୍ମଧ୍ୟରୁ ବିପ୍ର ବର୍ଣ୍ଣକୁ ପ୍ରଥମ ବର୍ଣ୍ଣର ମାନ୍ୟତା ପ୍ରଦାନ କରାଯାଇଛି। ସେହିପରି ବାଳିଆ ମାଛର ଆକାର ଅନ୍ୟ ମାଛ ତୁଳନାରେ ବହୁତ ବଡ଼ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାଇଗଣ ଝଟେଇ**
**ଏଠା କଥା ସେଠେଇ କହେ**
**ନାଲ୍‌ବାଇ ଖେଣ୍ଟେଇ ।**

କେତେକ ମହିଳା କଳିହା ପ୍ରକୃତିର ହୋଇଥାନ୍ତି। ଖେଣ୍ଟେଇ କରି କଥା କହି ଅଯଥା ଦ୍ୱନ୍ଦ୍ୱ ତଥା କଳହ ସୃଷ୍ଟି କରାଇବା ସେମାନଙ୍କ ମନ୍ଦପ୍ରକୃତି ହୋଇଥାଏ। ଯା'କଥା ତା' ଆଗରେ ତା'କଥା ଯା' ଆଗରେ କହି ଅପ୍ରିୟତା ସୃଷ୍ଟି କରୁଥିବା ମହିଳାଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପୃଥୁଳତା ଓ ବ୍ୟାକ୍ଟେରିଆ



ପୃଥୁଳତା ବା ମେଦ ବୃଦ୍ଧି ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି । ଅଧିକ ତେଲଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍ ଖାଇଲେ ତାହା ଓଜନ ବଢ଼ାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । କିନ୍ତୁ ଏହି ତାଲିକାରେ ଆଉ ଏକ କାରଣକୁ ନିକଟରେ ଯୋଡ଼ାଯାଇଛି । ଏକ ବ୍ୟାକ୍ଟେରିଆକୁ ନେଇ ଗବେଷଣା କରିବା ସମୟରେ ଏଭଳି ଚାଞ୍ଚଲ୍ୟକର କଥା ଜଣାପଡ଼ିଛି । 'ଫ୍ଲୋରା' ନାମକ ବ୍ୟାକ୍ଟେରିଆ ପୃଥୁଳତା ପାଇଁ ଦାୟୀ । ଏହି ବ୍ୟାକ୍ଟେରିଆର କାର୍ଯ୍ୟ ଉପରେ ପରୀକ୍ଷା କରିବା ସମୟରେ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଜାଣିପାରିଥିଲେ ଯେ ପୃଥୁଳତା ବଢ଼ାଇବାର କେତେକ ତତ୍ତ୍ୱ ଏଥିରେ ଲୁଚି ରହିଛି । ତେବେ ଏଭଳି ତଥ୍ୟ ପଛରେ ସତ୍ୟତା ନାହିଁ ବୋଲି କେତେକ ଦେଶର ବିଶେଷଜ୍ଞ ଯୁକ୍ତି ବାଢ଼ିଥିବା ବେଳେ ନିଜ ଉକ୍ତି ଠିକ୍ ବୋଲି ପ୍ରମାଣିତ କରିବାକୁ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଗବେଷଣା ଜାରି ରଖିଛନ୍ତି ।

## ସ୍ୱାସ୍ଥ୍ୟ ସୂଚନା



- ଯଦି ଅସୁସ୍ଥ ଅଛନ୍ତି, ତେବେ ବ୍ୟାୟାମରୁ କିଛି ଦିନ ବିରତି ନିଅନ୍ତୁ । କାରଣ ଅସୁସ୍ଥତାରେ ବ୍ୟାୟାମ କଲେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ ।
- କେତେକ ବ୍ୟକ୍ତି ଏକାଥରେ ପୁଳାଏ ଖାଇବାକୁ ଅଭ୍ୟାସରେ ପରିଣତ କରିଥାଆନ୍ତି । ଏପରି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ । ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ ।
- ଯେତେ କାର୍ଯ୍ୟବ୍ୟସ୍ତ ରହିଲେ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ ।
- ବ୍ଲଡ ପ୍ରେସର, ଡାଇବେଟିସ୍ ପରି ସମସ୍ୟା ସହ ଜଡିତ ଥିଲେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।
- ନିଜକୁ ସୁସ୍ଥ ରଖିବା ପଛରେ ଖାଦ୍ୟପେୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ସୁଷମ ତଥା ସୁପାଚ୍ୟ ଖାଦ୍ୟ ପ୍ରତିଦିନ ଖାଆନ୍ତୁ ।
- ନିଜର ଦକ୍ଷତା ଅନୁସାରେ ହିଁ କାମ କରନ୍ତୁ । ନ ହେଲେ ଏହାଦ୍ୱାରା ଟେନସନଗ୍ରସ୍ତ ହେବାର ଆଶଙ୍କା ରହିଛି ।

# ନୀରବ ବିକ୍ରମ




"ବିକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଚନ୍ଦ୍ରର ଦକ୍ଷିଣ ମେରୁଠାରେ ବରଫ ଅବସ୍ଥାରେ ଥିବା ଜଳର ସନ୍ଧାନ କରିବା । ବିଗତ ଅଭିଯାନ ସବୁରୁ ସୂଚନା ମିଳେ ଯେ, ଚନ୍ଦ୍ରର ଦକ୍ଷିଣ ମେରୁଠାରେ ଏଭଳି କିଛି ଗହ୍ୱରମାନ ଅଛି ଯେଉଁଠି ସୂର୍ଯ୍ୟାଲୋକ ଆଦୌ ପଡ଼ି ନ ପାରି ସର୍ବଦା ଛାୟାଚ୍ଛନ୍ନ ରହିଥାଏ। ବିକ୍ରମ ଚନ୍ଦ୍ରପୃଷ୍ଠର ଏଭଳି ଅଭାବନୀୟ ଅଞ୍ଚଳରେ ଅବତରଣ କରି ସେଠାକାର ଗଠନ ଅନୁଧ୍ୟାନ କରିବା ସହିତ ବରଫ ଅବସ୍ଥାରେ ଗଚ୍ଛିତ ଜଳର ପରିମାଣ ଆକଳନ କରିବ ବୋଲି ବୈଜ୍ଞାନିକମାନେ ଆଶା ବାନ୍ଧିଥିଲେ।"



ନିକୁଞ୍ଜ ବିହାରୀ ସାହୁ

ସେପ୍ଟେମ୍ବର ୭ ତାରିଖ ମଧ୍ୟରାତ୍ର । ବେଙ୍ଗାଲୁରୁ ସ୍ଥିତ ଇସ୍ରୋର ନିୟନ୍ତ୍ରଣ କକ୍ଷରେ ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ । ଭାରତୀୟ ସମୟ ରାତି ୧ଟା ୩୦ରୁ ୨ଟା ୩୦ ମଧ୍ୟରେ ଚନ୍ଦ୍ରଯାନ-୨ରେ ସ୍ଥାନିତ ବିକ୍ରମ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ ଆଉ ସେଥିରୁ ବାହାରି ଚନ୍ଦ୍ରପୃଷ୍ଠରେ ଗଡ଼ିଯିବ ଏକ ପରିଭ୍ରମଣଶୀଳ ଯନ୍ତ୍ରଯାନ ପ୍ରଜ୍ଞା । ଏହି ଦୃଶ୍ୟକୁ ଉପଭୋଗ କରିବା ପାଇଁ ଇସ୍ରୋର ଟେଲିମେଟ୍ରି ଟ୍ରାକିଂ ଆଣ୍ଡ କମାଣ୍ଡ ନେଟ୍ୱର୍କ କେନ୍ଦ୍ରଠାରେ ଦେଶର ବଛାବଛା ୬୦ଜଣ ସ୍କୁଲ ଛାତ୍ରୀଛାତ୍ରଙ୍କ ସହ ଉପସ୍ଥିତ ଥାନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଅବତରଣ ସମୟ ପାଖେଇ ଆସୁଥାଏ ଏବଂ ବୈଜ୍ଞାନିକମାନେ ଅପଲକ ନୟନରେ କମ୍ପ୍ୟୁଟରର ପର୍ଦ୍ଦାକୁ ଚାହିଁ ରହିଥାନ୍ତି । ବିକ୍ରମ ଧୀର ମନ୍ଥର ଗତିରେ ଚନ୍ଦ୍ର ଆଡକୁ ଖସି ଯାଉଥାଏ । ବେଳେବେଳେ ନିର୍ଦ୍ଧାରିତ ପଥରୁ ସାମାନ୍ୟ ବିଚ୍ୟୁତ ହୋଇ ପୁଣି ଠିକ୍ ରାସ୍ତାକୁ ଫେରି ଆସୁଥାଏ । ୧୫ ମିନିଟ୍ କାଳର ଏହି ଅବତରଣର ପ୍ରଥମ ଦୁଇଟି ପର୍ଯ୍ୟାୟ ବିକ୍ରମ ସଫଳତାର ସହିତ ସମାପ୍ତ କରି ତୃତୀୟ ଓ ଶେଷ ପର୍ଯ୍ୟାୟରେ ପ୍ରବେଶ କରିଗଲା । ଅବତରଣ ପାଇଁ ବାକି ମାତ୍ର କେଇ ମିନିଟ୍ । ଏହା ସମ୍ଭବ ହେଲେ ଭାରତ ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ ଓ ଚାଇନା ପରେ ବିଶ୍ୱର ଚତୁର୍ଥ ରାଷ୍ଟ୍ର ହେବ । ମାତ୍ର ହାୟ ! ହଠାତ୍ ବିକ୍ରମରୁ ଆସୁଥିବା ସଙ୍କେତ ବନ୍ଦ ହୋଇଯାଇ ବିକ୍ରମ ସବୁଦିନ ପାଇଁ ନୀରବ ହୋଇଗଲା । ସମସ୍ତଙ୍କ ହୃଦୟରେ ସତେ ଯେପରି ବଜ୍ରପାତ ହେଲା ।

ଚନ୍ଦ୍ରଯାନ-୨ ଭାରତର ଦ୍ୱିତୀୟ ଚନ୍ଦ୍ର ଅଭିଯାନ । ଏଥିରେ ନିଜସ୍ୱ ଜ୍ଞାନକୌଶଳରେ ବିକଶିତ ସମୁଦାୟ ତିନୋଟି ଅଂଶ ସ୍ଥାନିତ ଥିଲା । ସେଗୁଡ଼ିକ ହେଲା: ଚନ୍ଦ୍ର ପରିକ୍ରମାକାରୀ ଯାନ, ବିକ୍ରମ ଅବତରକ ଏବଂ ପ୍ରଜ୍ଞା ପରିଭ୍ରମଣଶୀଳ ଯାନ । ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ଥିଲା ଚନ୍ଦ୍ରପୃଷ୍ଠର ଗଠନ ଅନୁଧ୍ୟାନ କରି ବରଫ ଅବସ୍ଥାରେ ଗଚ୍ଛିତ ଜଳର ସନ୍ଧାନ କରିବା ।

ଏହି ଅଭିଯାନ ଗତ ଜୁଲାଇ ୨୨ ତାରିଖ ଦିନ ସତୀଶ ଧାବନ ଅନ୍ତରୀକ୍ଷ କେନ୍ଦ୍ରରୁ ଜିଏସ୍ଏଲ୍ଭି ଏମ୍କେ-୩ ରକେଟ୍ ଦ୍ୱାରା ଅନ୍ତରୀକ୍ଷକୁ ଉତ୍କ୍ଷେପଣ ହୋଇଥିଲା । ଏହା ଅଗଷ୍ଟ ୨୦ ତାରିଖରେ ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରି ବିକ୍ରମ ଅବତରକର ଚନ୍ଦ୍ରପୃଷ୍ଠରେ ଅବତରଣ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଥିଲା । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ, 'ବିକ୍ରମ' ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରି ଗୋଟିଏ ଚାନ୍ଦ୍ର ଦିନ (ପୃଥିବୀର ଦୁଇ ସପ୍ତାହ) ପାଇଁ କାର୍ଯ୍ୟ କରିବା କଥା । ମାତ୍ର ମୂଳଯାନରୁ ଅଲଗା ହୋଇ ବିକ୍ରମ ଚନ୍ଦ୍ରପୃଷ୍ଠ ଆଡ଼କୁ ଯୋଜନା ମତେ ଆଗେଇ ଯାଉଥିଲା ବେଳେ ଚନ୍ଦ୍ରପୃଷ୍ଠରୁ ୨.୧ କି.ମି. ଉଚ୍ଚତାରେ ଅକସ୍ମାତ ଅବତରଣର କେଇ ମିନିଟ୍ ପୂର୍ବରୁ ନିଜ ଗତିପଥରୁ ବିଚ୍ୟୁତ ହୋଇ ନିୟନ୍ତ୍ରଣ କକ୍ଷ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା ।

ବିକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଚନ୍ଦ୍ରର ଦକ୍ଷିଣ ମେରୁଠାରେ ବରଫ ଅବସ୍ଥାରେ ଥିବା ଜଳର ସନ୍ଧାନ କରିବା । ବିଗତ ଅଭିଯାନ ସବୁରୁ ସୂଚନା ମିଳେ ଯେ, ଚନ୍ଦ୍ରର ଦକ୍ଷିଣ ମେରୁଠାରେ ଏଭଳି କିଛି ଗହ୍ୱରମାନ ଅଛି ଯେଉଁଠି ସୂର୍ଯ୍ୟାଲୋକ ଆଦୌ ପଡ଼ି ନ ପାରି ସର୍ବଦା ଛାୟାଚ୍ଛନ୍ନ ରହିଥାଏ । ବିକ୍ରମ ଚନ୍ଦ୍ରପୃଷ୍ଠର ଏଭଳି ଅଭାବନୀୟ ଅଞ୍ଚଳରେ ଅବତରଣ କରି ସେଠାକାର ଗଠନ ଅନୁଧ୍ୟାନ କରିବା ସହିତ ବରଫ ଅବସ୍ଥାରେ ଗଚ୍ଛିତ ଜଳର ପରିମାଣ ଆକଳନ କରିବ ବୋଲି ବୈଜ୍ଞାନିକମାନେ ଆଶା ବାନ୍ଧିଥିଲେ ।

ଚନ୍ଦ୍ରପୃଷ୍ଠରେ ବିକ୍ରମର ସ୍ଥିତି ସମ୍ପର୍କରେ ଘୋର ସନ୍ଦେହ ପ୍ରକାଶ ପାଇଥିଲାବେଳେ ଚନ୍ଦ୍ରଯାନ-୨ର ଚନ୍ଦ୍ର ପରିକ୍ରମାକାରୀ ଯାନ ବିକ୍ରମକୁ ଚନ୍ଦ୍ରପୃଷ୍ଠରେ ଠାବ କରିବାକୁ ସକ୍ଷମ ହୋଇଛି । ବିକ୍ରମ ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଭୂମିରେ ଅଣେଇ ହୋଇ ପଡ଼ିଥିବାର ସନ୍ଧାନ ମିଳିଛି । ଇସ୍ରୋ ନିଜର ପ୍ରଚେଷ୍ଟା ସତ୍ତ୍ୱେ ବିକ୍ରମ ସହିତ ଯୋଗାଯୋଗ ସ୍ଥାପନ କରିବାକୁ ସକ୍ଷମ ହୋଇନାହିଁ ।

ବିକ୍ରମର ଆୟୁଷ ମାତ୍ର ୧ ଚାନ୍ଦ୍ର ଦିନ ଅର୍ଥାତ୍ ପୃଥିବୀର ଦୁଇ ସପ୍ତାହ ହୋଇଥିବାରୁ ଇସ୍ରୋ ନିକଟରେ ବିକ୍ରମ ସହିତ ସମ୍ପର୍କ ସ୍ଥାପନ କରିବା ପାଇଁ ସମୟ ସୀମିତ ଥିଲା । ଚଳିତ ଚାନ୍ଦ୍ର ଦିନ ସେପ୍ଟେମ୍ବର ୨୧ ତାରିଖରେ ସମାପ୍ତ ହୋଇଥିବାରୁ ତା'ପରେ ଚନ୍ଦ୍ରପୃଷ୍ଠରେ ରାତି ଘୋଟି ଆସିଛି ଏବଂ ସୂର୍ଯ୍ୟାଲୋକର ଅନୁପସ୍ଥିତିରେ ବିକ୍ରମର ସୌରଫଳକର ଶକ୍ତି ଆହରଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ସୁତରାଂ ସେପ୍ଟେମ୍ବର ୨୧ ତାରଖ ପରେ ବିକ୍ରମ ସହିତ ଯୋଗାଯୋଗ ସ୍ଥାପନ ଅସମ୍ଭବ ହୋଇପଡ଼ିଛି ।

ଚନ୍ଦ୍ରପୃଷ୍ଠରେ ବିକ୍ରମ ଅଣେଇ ହୋଇ ପଡ଼ିଥିବା ଘଟଣାରୁ ସୂଚନା ମିଳୁଛି ଯେ, ଯାନଟି ଧୀର ଅବତରଣ ପରିବର୍ତ୍ତେ ଗତିଶୀଳ ଅବସ୍ଥାରେ ଖସିଛି । ଫଳରେ ଏହା ଚନ୍ଦ୍ରପୃଷ୍ଠରେ ପିଟି ହୋଇ ସଂଲଗ୍ନ ଯୋଗାଯୋଗ ବ୍ୟବସ୍ଥା ନଷ୍ଟ ହୋଇଯାଇଛି ବୋଲି ବିଶ୍ୱାସ କରାଯାଏ ।

ଯଦିଓ ୧୯୬୦ ମସିହା ପରଠାରୁ ବିଶ୍ୱର ବିଭିନ୍ନ ରାଷ୍ଟ୍ର ଦ୍ୱାରା ଚନ୍ଦ୍ରପୃଷ୍ଠକୁ ଅନେକ ଅଭିଯାନ ପ୍ରେରଣ କରାଯାଇଛି । ଚନ୍ଦ୍ରପୃଷ୍ଠରେ ଅବତରଣ ଏକ କଷ୍ଟକର କାର୍ଯ୍ୟ ରୂପେ ସାବ୍ୟସ୍ତ ହୋଇଛି । ଅବତରଣ ସମୟରେ ଯାନରେ ଖଞ୍ଜାଥିବା ପ୍ରତି ରକେଟ୍ ସବୁ ଠିକ୍ ସମୟରେ କାର୍ଯ୍ୟ କରି ଗତିଶୀଳ ଯାନର ଅଗ୍ରଗାମୀ ଗତିକୁ ଯଥେଷ୍ଟ ମନ୍ଦିତ କଲେ ଯାଇ ଯାନଟି ନିରାପଦ ଅବସ୍ଥାରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିପାରିବ । ଏକ ମତବାଦ ଅନୁଯାୟୀ, ବିକ୍ରମ ଅବତରଣ ସମୟରେ ଭାରସାମ୍ୟ ହରେଇ ହଠାତ୍ ଓଲଟି ପଡ଼ିବାରୁ ଏହାର ପ୍ରତି ରକେଟ ସବୁର ଦିଗ ଉପରକୁ ହୋଇଯାଇଥିଲା । ଫଳରେ ଯାନର ବେଗ ହ୍ରାସ ପାଇବା ପରିବର୍ତ୍ତେ ବୃଦ୍ଧି ପାଇବାରୁ ତାହା ଚନ୍ଦ୍ରପୃଷ୍ଠରେ ଧୀର ଅବତରଣ କରିବାକୁ ସକ୍ଷମ ହୋଇ ନ ଥିଲା ।

ବିକ୍ରମର ଏଭଳି ନୈରାଶ୍ୟଜନକ ପ୍ରଦର୍ଶନ ସତ୍ତ୍ୱେ ଅଭିଯାନର ଅଧିକାଂଶ ଯନ୍ତ୍ରପାତି ବହନ କରୁଥିବା ଚନ୍ଦ୍ର ପରିକ୍ରମାକାରୀ ଯାନ ଏବେ ବି ସକ୍ରିୟ ଅବସ୍ଥାରେ ଅଛି । ଏହା ଚନ୍ଦ୍ର ଚାରିପଟେ ଘୂରି ଘୂରି ପୃଷ୍ଠଦେଶର ତ୍ରିବିମୀୟ ନକ୍ସା ପ୍ରସ୍ତୁତ କରିବା ସହିତ ବିଭିନ୍ନ ଖଣିଜ ପଦାର୍ଥ ଏବଂ ବିଶେଷକରି ବରଫ ଅବସ୍ଥାରେ ଥିବା ଜଳର ସନ୍ଧାନ ଦେବ । ପୁନଶ୍ଚ ଉତ୍କ୍ଷେପଣ ସମୟରେ କିଛି ଇନ୍ଧନ ସଞ୍ଚୟ ହୋଇପାରିଥିବାରୁ ଏହି ପରିକ୍ରମାକାରୀ ଯାନର କାର୍ଯ୍ୟକାଳକୁ ଅଧିକ ଅନୁସନ୍ଧାନ ନିମନ୍ତେ ୧ ବର୍ଷରୁ ବଢ଼ାଇ ୭ ବର୍ଷ କରାଯାଇଛି ।

ଆଗାମୀ ଦିନରେ ଇସ୍ରୋ ସୂର୍ଯ୍ୟ ଓ ଶୁକ୍ରକୁ ଯାନ ପଠାଇବା ସହିତ ଅନ୍ତରୀକ୍ଷରେ ଏକ ସ୍ଥାୟୀ ଷ୍ଟେଶନ ସ୍ଥାପନ କରିବାକୁ ଯୋଜନା ରଖିଛି । ଇସ୍ରୋ ମଧ୍ୟ ଆଗାମୀ ୨୦୨୨ ମସିହା ବେଳକୁ ନିଜର ଗଗନଯାନ ଅଭିଯାନ ଜରିଆରେ ମହାକାଶକୁ ମନୁଷ୍ୟ ପ୍ରେରଣ କରିବାକୁ ଆଶା ବାନ୍ଧିଛି । ଚନ୍ଦ୍ରଯାନ-୨ର ଅନେକ ସଫଳତା ସତ୍ତ୍ୱେ ବିକ୍ରମର ଧୀର ଅବତରଣ କ୍ଷେତ୍ରରେ ବିଫଳତା ଏବଂ ପ୍ରଜ୍ଞା ପରିଭ୍ରମଣଶୀଳ ଯାନ କାର୍ଯ୍ୟକାରୀ ନ ହୋଇ ପାରିବା ଘଟଣା ଇସ୍ରୋର ଅନ୍ତରୀକ୍ଷରେ ପରାକାଷ୍ଠା ପ୍ରଦର୍ଶନ କ୍ଷେତ୍ରରେ କିଛିଟା ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ । ମାତ୍ର ଆଗାମୀ ଦିନରେ ଆମର ବୈଜ୍ଞାନିକମାନେ ଏହି ପ୍ରତିବନ୍ଧକକୁ ଅତିକ୍ରମ କରି ଅନ୍ତରୀକ୍ଷରେ ନିଜର ଜୟଯାତ୍ରା ଅବ୍ୟାହତ ରଖିବେ ବୋଲି ଆଶା ।

*-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ*
*ମୋ: ୮୦୧୮୭୦୮୮୫୮*

# ମଳକଣ୍ଟକର ହୋମିଓ ଉପଚାର




**ଡା. ବସୁଦେବ ମହାନ୍ତି**

ମଳଦ୍ୱାର ସହିତ ସଂଲଗ୍ନ ଥିବା ଶିରାର ପ୍ରସାରଣ ହେତୁ କିମ୍ବା ତାହା କ୍ଷତ ହେବା କାରଣରୁ ମଳଦ୍ୱାର ଦେଇ ରକ୍ତସ୍ରାବ ହେବାକୁ ଅର୍ଶ କୁହାଯାଏ । ସେହିଭଳି ମଳଦ୍ୱାରରେ କଣ୍ଟା ଫୋଡ଼ିହେବା ଭଳି କଷ୍ଟ ଅନୁଭବ କରିବା ଓ ମଳଦ୍ୱାର କାଟି ହେବା ଭଳି ଅସହ୍ୟ ଯନ୍ତ୍ରଣା ଅନୁଭବ କରିବା ମଧ୍ୟ ମଳଦ୍ୱାର ସମ୍ପର୍କିତ ଆଉ ଏକ ସମସ୍ୟା, ଯାହାକୁ ମଳକଣ୍ଟକ(ଫିସର) କୁହାଯାଏ । ସେହିଭଳି ଅର୍ଶ ବା ମଳକଣ୍ଟକ କ୍ଷତଯୁକ୍ତ ହୋଇ ଦୀର୍ଘଦିନ ରହିବା ପରେ ସେହି ସ୍ଥାନରୁ ପୂଜ, ରକ୍ତ ମିଶ୍ରିତ ଅଠାଳିଆସ୍ରାବ ହେଲେ ଏହାକୁ ଭଗନ୍ଦର(ଫିଷ୍ଟୁଲା) ବୋଲି କୁହାଯାଏ । ଏହି ଭଗନ୍ଦର ସବୁଠୁ ଭୟାନକ । କାରଣ ପରବର୍ତ୍ତୀ ସମୟରେ ଏହା କ୍ୟାନସର ଆଡକୁ ଗତି କରିଥାଏ । ତେଣୁ ଅର୍ଶ ବା ମଳକଣ୍ଟକ ହେଲେ ଆଦୌ ଅବହେଳା ନ କରି ଠିକ୍ ଚିକିତ୍ସା କରାଇନେବା ଉଚିତ । ମଳତ୍ୟାଗ ସମୟରେ ମଳ କଠିନ ହେଲେ ଶିରା ଉପରେ ଚାପପଡ଼ି ମଳଦ୍ୱାର ଫାଟିଯାଏ ଏବଂ ଏଥିରେ ସାମାନ୍ୟ ରକ୍ତ ମଳ ସହିତ ସୂତାଭଳି କିମ୍ବା ଟୋପା ଟୋପା ମଧ୍ୟ ପଡ଼ିଥାଏ । ପ୍ରଥମେ ପ୍ରଥମେ ମଳଦ୍ୱାରରେ ଫାଟ ହେବା ଦ୍ୱାରା ବେଶି କଷ୍ଟଦାୟକ ହୋଇ ନ ଥାଏ । ପରମୁହୂର୍ତ୍ତରେ ଯଦି ମଳ ନରମ ହୋଇଯାଏ ତେବେ ଏହି ଫାଟ କୌଣସି ସମସ୍ୟା ସୃଷ୍ଟି କରି ନ ଥାଏ । କିନ୍ତୁ ଯଦି ଏହା ବୃଦ୍ଧି ପାଇ କ୍ଷତ ଗଭୀର ହୁଏ, ତେବେ ଯନ୍ତ୍ରଣା ଆରମ୍ଭ ହୋଇଥାଏ । ଏହିଭଳି ଯନ୍ତ୍ରଣା ଲାଗିରହିଲେ ଶିରା ଉପରେ ଚାପ ବୃଦ୍ଧି ପାଇ ମଳଦ୍ୱାର କଡରେ କଣ୍ଟା ସଦୃଶ ବଳି ସୃଷ୍ଟି ହୁଏ ଏବଂ ଏହା ବାରମ୍ବାର ପୋଡ଼ି ହେଲାଭଳି କଷ୍ଟ ଦେଇଥାଏ । ଏହାକୁ ସେଣ୍ଟିନାଲ ପାଇଲ୍ସ କୁହାଯାଏ । ସାଧାରଣତଃ ଏହାକୁ ଅର୍ଶ ବୋଲି କୁହାଯାଇଥାଏ । ମାତ୍ର ଏହା ଅର୍ଶଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏଥିରେ ମଳଦ୍ୱାରରେ ଥିବା ଶିରାର ବୃଦ୍ଧି ନ ହୋଇ କେବଳ ବାହ୍ୟ ପତଳା ଚର୍ମର ବୃଦ୍ଧି ହେତୁ ଖୁବ୍ କମ୍ ରକ୍ତସ୍ରାବ ହୋଇଥାଏ କିମ୍ବା ରକ୍ତ ପଡ଼ି ନଥାଏ । କିନ୍ତୁ ରକ୍ତସ୍ରାବୀ ମଳକଣ୍ଟକ ଅଧିକ କ୍ଷତିକାରକ ହୋଇଥାଏ ।

**କାରଣ:** ପୁରାତନ କୋଷ୍ଠବଦ୍ଧତା ସହ କୁନ୍ଥନ, ଅଧିକ ସମୟ ଧରି ବାଇକ୍ ଚାଳନା, ଗୁରୁପାକ ଖାଦ୍ୟ ଯଥା- ମାଂସ, ମାଛ, ମଦ, ମସଲା, ରାଗ, ଅମ୍ଳଜାତୀୟ ଖାଦ୍ୟ ସେବନ, ଯକୃତ୍ ଦୋଷ, ଅତ୍ୟଧିକ ଆଳସ୍ୟପୂର୍ଣ୍ଣ ଜୀବନଯାପନ, ମେଦବୃଦ୍ଧି, ବଂଶଗତ ରୋଗ ଆଦି ମଳକଣ୍ଟକ ଓ ଅର୍ଶର କାରଣ । ଏଥିସହିତ ଅର୍ଶର ଭୁଲ ଅସ୍ତ୍ରୋପଚାର ଫଳରେ ମଳଦ୍ୱାର ଛୋଟ ହୋଇ ଅଧିକ ଫାଟ ସୃଷ୍ଟି ହେବା, ସ୍ତ୍ରୀ ଲୋକମାନଙ୍କର ଗର୍ଭାବସ୍ଥା ଜନିତ କୁନ୍ଥନ, ସିଫିଲିସ୍ ଦୋଷ, ମଳାଶୟ କର୍କଟ ଏବଂ କ୍ରନିକ କୋଲାଇଟିସ୍ ଆଦି ମଧ୍ୟ ଅର୍ଶ ଓ ମଳକଣ୍ଟକର କାରଣ ହୋଇଥାଏ ।

**ଲକ୍ଷଣ:** କୁନ୍ଥନ ସହ ମଳଦ୍ୱାର ପୀଡ଼ା ଲାଗିବା, ଲାଲ୍ ବର୍ଣ୍ଣର କିମ୍ବା କଳା ରଙ୍ଗର ରକ୍ତସ୍ରାବ ହେବା, ବିନା କଷ୍ଟରେ ରକ୍ତସ୍ରାବ, ମଳଦ୍ୱାର ଜଳାପୋଡ଼ା ହେବା, କଣ୍ଡୁୟନ, ଅର୍ଶର ବଳି ଫୁଲିବା, ମଳଦ୍ୱାରରେ ଛୋଟ ଫାଟ ସହ ଛୁଞ୍ଚି ଫୋଡ଼ିଲା ପରି ବେଦନା ହେବା, ଅଣ୍ଟା ବିନ୍ଧାହେବା, ରକ୍ତସ୍ରାବୀ ବଳି ଅଙ୍ଗୁର ଭଳି ତଳକୁ ବାହାରି ଆସିବା, ମଳଦ୍ୱାର (ଅର୍ଶପିଣ୍ଡ) ବାହାରକୁ ବାହାରି ପଡ଼ିବା (Prolapse of rectum), ମଳଦ୍ୱାର ଓଦା ରହି ଅଠାଳିଆ ଲାଗିବା ଏବଂ ପୂଜ ଆସିବା, ମଳତ୍ୟାଗ ପରେ ବହୁ ସମୟ ଧରି ଯନ୍ତ୍ରଣାହେବା, ପରିସ୍ରା କରିବାରେ ଯନ୍ତ୍ରଣା ଅନୁଭୂତ ହେବା ଇତ୍ୟାଦି ।

**ଚିକିତ୍ସା:** ଅର୍ଶ, ମଳକଣ୍ଟକ ଏବଂ ଭଗନ୍ଦର ଆଦି ରୋଗର ହୋମିଓପ୍ୟାଥିକ୍ ଚିକିତ୍ସା କରାଯାଇ ରୋଗୀକୁ ସଂପୂର୍ଣ୍ଣ ସ୍ଥାୟୀଭାବେ ଯନ୍ତ୍ରଣାମୁକ୍ତ କରାଯାଇପାରୁଛି । ଏଥିରେ ରୋଗର ଲକ୍ଷଣ ଅନୁସାରେ, ରୋଗର କାରଣ, ହ୍ରାସବୃଦ୍ଧି, ଆବଶ୍ୟକମତେ ରକ୍ତପରୀକ୍ଷା ଆଦି କରାଯାଇ ଔଷଧ ନିର୍ଦ୍ଦିଷ୍ଟ ଅନୁପାତରେ ଶକ୍ତିଯୁକ୍ତ ଅଥବା ମୂଳ ଅର୍କ କିମ୍ବା ବାୟୋକେମିକ୍ ଔଷଧ ମଧ୍ୟ ପ୍ରଦାନ କରାଯାଇଥାଏ । ହାମାମେଲିସ୍, ମିଲିଫୋଲିୟମ୍, ଆଣ୍ଟିସକ୍ରୁଡ୍, ଏସିଡ୍ ନାଇଟ୍ରିକ୍, ପାଓନିଆ, ଏଲୋସ୍, କଷ୍ଟିକମ୍, ଥୁଜା, ହାଇପେରିକମ୍, ଏସିଡ୍ ଫ୍ଲୋର୍, ପ୍ଲାଣ୍ଟାଗୋ, କ୍ୟାପ୍ସିକମ୍, ନିଗୁଣ୍ଡିୟମ୍ ଆମେରିକାନମ୍, ଜେରାନିୟମ୍ ମାକ୍ ଏବଂ ବାୟୋକେମିକ୍-୧୭, ୪ ସହିତ ବାହ୍ୟ ଔଷଧର ପ୍ରୟୋଗ କରାଯାଇପାରିବ । ଏଥିସହିତ ରୋଗୀ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସମ୍ପୂର୍ଣ୍ଣ ପଥ୍ୟରେ ରହିବାକୁ ପଡ଼େ । ମଳଦ୍ୱାରକୁ ସର୍ବଦା ପରିଷ୍କାର ରଖିବାକୁ ପଡ଼ିଥାଏ । ଏଥିସହିତ ଖାଦ୍ୟଶୈଳୀରେ ପରିବର୍ତ୍ତନ ଦରକାର ପଡ଼ିଥାଏ । ଯେପରି ମଳ ସର୍ବଦା ନରମ ରହିବ ସେଥିପ୍ରତି ଦୃଷ୍ଟି ଦେଇ ଖାଦ୍ୟ ଖାଇବାକୁ ପଡ଼ିଥାଏ । ରୋଗ ବହୁ ପୁରୁଣା ହେଲେ ଆବଶ୍ୟକସ୍ଥଳେ ଶଲ୍ୟ ଚିକିତ୍ସା ମଧ୍ୟ କରାଯାଇଥାଏ । ତେଣୁ ପ୍ରଥମରୁ ସଚେତନ ରହି ଠିକ୍ ଚିକିତ୍ସା କରାଇନେଲେ ଭବିଷ୍ୟତରେ ଶଲ୍ୟ ଚିକିତ୍ସାର ଆଶ୍ରୟ ନେବାକୁ ପଡ଼େନାହିଁ । ଶଲ୍ୟ ଚିକିତ୍ସା ପରେ ମଧ୍ୟ ପୁନଃ ରୋଗ ହେଉଥିବାର ଦେଖିବାକୁ ମିଳିଥାଏ । କେବଳ ହୋମିଓପ୍ୟାଥିକ୍ ଚିକିତ୍ସା ଦ୍ୱାରା ହିଁ ରୋଗ ମୂଳରୁ ମରିଯାଏ ।



*-କଳିଙ୍ଗ ହୋମିଓ, ନୟାଗଡ଼*
*ମୋ: ୯୩୪୮୫୮୨୮୩୪*

## ସ୍ମରଣ ଶକ୍ତି ବଢ଼ାଇବାର ସହଜ ଉପାୟ



ସ୍ମରଣ ଶକ୍ତି ବଢ଼ାଇବାର ଏକ ସରଳ ତଥା ସହଜ ଉପାୟ ରହିଛି । ଏହାକୁ ଆପଣେଇ ପାରିଲେ ସ୍ମରଣ ଶକ୍ତି ପୂର୍ବାପେକ୍ଷା ପ୍ରଖର ହୋଇଥାଏ । ଲଣ୍ଡନ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନଙ୍କ ଦ୍ୱାରା ସଦ୍ୟ ସମାପିତ ଗବେଷଣାରୁ ଏ ସମ୍ପର୍କରେ ସୂଚନା ମିଳିଛି । ତାହା କ'ଣ ଜାଣନ୍ତି ? ସୁନିଦ୍ରା । ଆଜିକାଲିର ବ୍ୟସ୍ତମୟ ଜୀବନରେ ଅନେକ ଆବଶ୍ୟକ ମୁତାବକ ବିଶ୍ରାମ ନେଇ ପାରୁନାହାନ୍ତି । ଜଣେ ବ୍ୟକ୍ତି ପ୍ରତିଦିନ ଅତିକମ୍‌ରେ ୭-୮ଘଣ୍ଟା ଶୋଇବା ଆବଶ୍ୟକ । ଭଲ ନିଦ ହେବା ଦ୍ୱାରା ତାହାର ପ୍ରଭାବ ମସ୍ତିଷ୍କ ଉପରେ ପଡିଥାଏ । ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ପୂର୍ବାପେକ୍ଷା ପ୍ରଖର ହୋଇଥାଏ ବୋଲି ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ହୃଦ୍‌ରୋଗରୁ ଉପଶମ ଦେବ ଯୋଗ



ପ୍ରତିଦିନ ଯୋଗ, ପ୍ରାଣାୟମ କଲେ ତାହାର ସୁଫଳ କେତେ ମିଳେ ତାହା ଅନୁଭବୀ ହିଁ ଜାଣେ । ଏହାର ଉପକାରୀ ତାଲିକାରେ ଆଉ ଏକ କଥାକୁ ସାମିଲ କରାଯାଇଛି । ଦୀର୍ଘ ଦିନର ଗବେଷଣା ପରେ ଏପରି ତଥ୍ୟ ଜାଣିବାକୁ ପାଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ । ନିୟମିତ ଯୋଗ କରିବା ଦ୍ୱାରା ଜଣେ ହୃଦରୋଗୀ ଏପରି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିଥାଏ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡିଛି । ଏହି ସମୟରେ ସେମାନେ କେତେକ ହୃଦରୋଗୀଙ୍କୁ ଏହି ସର୍ଭେରେ ସାମିଲ କରିଥିଲେ । ସେମାନଙ୍କୁ ପ୍ରତିଦିନ ଯୋଗ କରିବାକୁ ପରାମର୍ଶ ଦିଆଯାଇ ଥିଲା । ଅପରପକ୍ଷରେ ନିୟମିତ ସମୟ ଅନ୍ତରାଳରେ ଏହାର କି ପ୍ରକାର ପ୍ରଭାବ ହାର୍ଟ ଉପରେ ପଡୁଛି ତାହାକୁ ସେମାନେ ଲକ୍ଷ୍ୟ କରିଥିଲେ । ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ କେତେକ ରୋଗୀ ଯୋଗ କରିବା ଦ୍ୱାରା ହୃଦରୋଗରୁ କେତେକାଂଶରେ ଉପଶମ ଲାଭ କରୁଥିବାର ଜଣାପଡି ଥିଲା । ହେଲେ ଯୋଗ କରିବା ପୂର୍ବରୁ ଏବଂ ପରେ ସହ ଏହି ରୋଗୀ ନିୟମିତ ସମୟ ବ୍ୟବଧାନରେ ହୃଦ୍‌ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ପରାମର୍ଶ ଦେଇଛନ୍ତି ।

“ଚଳିତ ବର୍ଷ ପାର୍ବଣରେ ଟିଭି ସେଗମେଣ୍ଟରେ ଦୃଢ ଏବଂ ୨ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ଆଶା ନେଇ ଆଶାବାଦୀ।
– ରାଜୁ ପୁଲାନ, ସାମସଙ୍ଗ ଇଣ୍ଡିଆ ବରିଷ୍ଠ ଉପସଭାପତି



“ମାନ୍ଦାବସ୍ଥା ସତ୍ତ୍ୱେ ଗୁଣବତ୍ତା ପ୍ରଡକ୍ଟ ଦ୍ୱାରା ବଜାରରେ ସ୍ଥିତି ମଜଭୁତ କରିବାକୁ ସକ୍ଷମ ହୋଇଛୁ। ଆଗାମୀ ୨ ବର୍ଷରେ ନେଟ୍ ଋଣ ପରିମାଣ ହ୍ରାସ କରିବା ଲାଗି ବିସ୍ତୃତ ଯୋଜନା ରହିଛି।
– ନବୀନ ଜିନ୍ଦଲ, ଜେଏସ୍‌ପିଏଲ୍ ଅଧ୍ୟକ୍ଷ



## ସଂକ୍ଷେପରେ

### ବିପିସିଏଲ୍‌ର ଘରୋଇକରଣ ନେଇ ସରକାରଙ୍କ ଯୋଜନା

**ନୂଆଦିଲ୍ଲୀ,୨୯-୯:** ଦେଶର ଦ୍ୱିତୀୟ ବୃହତ୍ତ ତୈଳ ବିପଣନ କମ୍ପାନୀ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ବିପିସିଏଲ୍)ର ଘରୋଇକରଣ ନେଇ ସରକାର ଯୋଜନା ରଖିଛନ୍ତି। ଏହି ପ୍ରସ୍ତାବ ଉପରେ ସରକାର ବର୍ତ୍ତମାନ ବିଚାର କରୁଛନ୍ତି। ବିଦେଶୀ ଏବଂ ଘରୋଇ ଫାର୍ମଗୁଡିକୁ ଏହାର ବିକ୍ରି ନେଇ ଯୋଜନା ରହିଥିବା ବେଳେ ଏଥି ଲାଗି ସଂସଦର ମଞ୍ଜୁରୀ ଆବଶ୍ୟକତା ରହିଥିବା ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଦେଶର ତୈଳ ବିପଣନ କ୍ଷେତ୍ରରେ ବିଦେଶୀ ସଂସ୍ଥାଙ୍କୁ ସୁଯୋଗ ପ୍ରଦାନ ଏବଂ ପ୍ରତିଦ୍ୱନ୍ଦ୍ୱିତାକୁ ପ୍ରୋତ୍ସାହନ ଦେବାକୁ ସରକାର ବିପିସିଏଲ୍‌ର ଥିବା ତାଙ୍କର ୫୩.୩% ଅଂଶଧନକୁ ଷ୍ଟ୍ରାଟେଜିକ ପାର୍ଟନରଶିପ ଦ୍ୱାରା ବିକ୍ରି କରିବାକୁ ଯୋଜନା ରଖିଛନ୍ତି। ସେହିଭଳି ପୁଞ୍ଜି ପ୍ରତ୍ୟାହାର ଧାର୍ଯ୍ୟ ଲକ୍ଷ୍ୟର ଏକ ତୃତୀୟାଂଶ ଏଭଳି ଯୋଜନାରୁ ଲାଭ କରିବାକୁ ସରକାର ବିଚାର କରୁଛନ୍ତି।

### ଏଫ୍‌ପିଆଇ ନିବେଶରେ ଉନ୍ନତି



**ନୂଆଦିଲ୍ଲୀ,୨୯-୯:** ଲଗାତର ଭାବେ ଗତ ୨ ମାସ ଧରି ପୁଞ୍ଜିବଜାରରୁ ଫରେନ ପୋର୍ଟଫୋଲିଓ ଇନଭେଷ୍ଟର (ଏଫ୍‌ପିଆଇ)ମାନେ ପୁଞ୍ଜି ପ୍ରତ୍ୟାହାର କରିଥିବାବେଳେ ସେପ୍ଟେମ୍ବରରେ ଏଥିରେ ସୁଧାର ଆସିଛି। ବିଦେଶୀ ନିବେଶମାନେ ସେପ୍ଟେମ୍ବର ମାସରେ ୭,୭୧୪ କୋଟି ଟଙ୍କାର ନେଟ୍ ନିବେଶ କରିଛନ୍ତି। ସରକାରଙ୍କ ଆର୍ଥିକ ସଂସ୍କାର ପରେ ପୁଞ୍ଜିବଜାରକୁ ଏଭଳି ନିବେଶ ଆସିଥିବା ଜଣାପଡ଼ିଛି। ସରକାର ଗତ ସପ୍ତାହରେ କର୍ପୋରେଟଗୁଡିକ ଉପରୁ ଟିକସ ହ୍ରାସ କରିଥିଲେ। ସେହିଭଳି ପୁଞ୍ଜିବଜାରର ସିକ୍ୟୁରିଟି ଏବଂ ଡେରିଭେଟିଭ୍‌ସ ବିକ୍ରିରୁ ବିଦେଶୀ ନିବେଶକମାନଙ୍କ କ୍ୟାପିଟାଲ ଗେନ୍ସ ଉପରେ ସରଚାର୍ଜ ଲାଗୁହେବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଏହାବାଦ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ(ସେବି) ମଧ୍ୟ ବିଦେଶୀ ନିବେଶକଙ୍କ ଲାଗି କେଓ୍ୱାଇସି ନିୟମକୁ କୋହଳ କରିଛି। ଡିପୋଜିଟୋରୀ ତଥ୍ୟ ମୁତାବକ ବିଦେଶୀ ନିବେଶକମାନେ ୭,୮୪୯ କୋଟି ଟଙ୍କା ନେଟ୍ ନିବେଶ କରିଥିବା ବେଳେ ୧୩୫ କୋଟି ଟଙ୍କା ଉଠାଣ କରିଛନ୍ତି। ଏହା ପୂର୍ବରୁ ଅଗଷ୍ଟରେ ସେମାନେ ୫,୨୨୦ କୋଟି ଏବଂ ଜୁଲାଇରେ ୨,୯୮୫ କୋଟି ଟଙ୍କା କାଢି ନେଇଥିଲେ। ଏଫ୍‌ପିଆଇକୁ ବଜାର ସହ ଜଡିତ କରି ରଖିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଫ୍‌ପିଆଇଙ୍କ ଲାଗି ନିୟମ କୋହଳ ଯୋଗୁ ଏହାର ପ୍ରଭାବ ବଜାର ଉପରେ ସକାରାତ୍ମକ ରହିବ ବୋଲି ଜିଓଜିତ ଫାଇନାନ୍‌ସିଆଲ ସର୍ଭିସେସର ମୁଖ୍ୟ ନିବେଶ ବିଶେଷଜ୍ଞ ଭି.କେ. ବିଜୟ କୁମାର କହିଛନ୍ତି।

### କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଗେଜେଟେଡ ଅଫିସର ସଂଘ ସମ୍ମିଳନୀ

**ଭୁବନେଶ୍ୱର,୨୯-୯:** ଅଲ୍ ଇଣ୍ଡିଆ ଆସୋସିଏଶନ ଅଫ୍ ସେଣ୍ଟ୍ରାଲ ଏକ୍ସାଇଜ ଗେଜେଟେଡ ଏକଜିକ୍ୟୁଟିଭ ଅଫିସର୍ସ ଭୁବନେଶ୍ୱର ୟୁନିଟ ପକ୍ଷରୁ ୨୪ତମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଏସ୍‌ଟି ଏବଂ ସୀମା ଶୁଳ୍କରେ ହୋଇଥିବା ପରିବର୍ତ୍ତନ ଏବଂ ଜିଏସ୍‌ଟି ପ୍ରଭାବ ଉପରେ ଆଲୋଚନା ହୋଇଥିଲା। କ୍ୟାଡର ଉପରେ ଏହାର ସମସ୍ୟା ଏବଂ ପ୍ରଭାବ ଉପରେ ମଧ୍ୟ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଏଥି ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗ ଉପରେ ମାନସ ମନ୍ଥନ, ଆଲୋଚନା ଏବଂ ନିଷ୍କର୍ଷକୁ ଉପଯୁକ୍ତ ମଞ୍ଚରେ ଉପସ୍ଥାପନା ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜୋନର କମିଶନର ନରେଶ ପେନୁମାକା, ପ୍ରିନ୍ସପାଲ କମିଶନର ବିଜୟ କୁମାର କର ଏବଂ କଷ୍ଟମ କମିଶନର ଦେବାଶିଷ ସାହୁ ପ୍ରମୁଖ ଯୋଗଦେଇଥିଲେ। ସର୍ବଭାରତୀୟ ସଂଘର ସାଧାରଣ ସମ୍ପାଦକ ଆର୍.ମହିମୋହନ, ସଭାପତି ଶିଶିର ଅଗ୍ନିହୋତ୍ରୀ ଯୋଗଦେଇ ଓଡ଼ିଶା ୟୁନିଟର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମାଧାନ ଲାଗି ପଦକ୍ଷେପ ନେବା ଉପରେ ଏଠାରେ ମତ ପ୍ରକାଶ ପାଇଛି। ସାଧାରଣ ସମ୍ପାଦକ କେ.କେ. ଲେଙ୍କା, ସଭାପତି ଡି.କେ. ସାମନ୍ତରାୟ କ୍ୟାଡର ସମସ୍ୟା ଉପରେ ମତ ରଖିଥିଲେ। ଏଥିରେ ସଂଯୋଜକ ଜି.ସି. ନାଥ,କେନ୍ଦ୍ରୀୟ କମିଟି ସଦସ୍ୟ ଏସ୍.କେ. ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରପ୍ତାନି କଟକଣା ସତ୍ତ୍ୱେ ଖସିବନି ପିଆଜ ଦର

**ନୂଆଦିଲ୍ଲୀ,୨୯-୯**

- ପ୍ରଭାବିତ ସ୍ଥିତିରେ ଉତ୍ପାଦନ,ଯୋଗାଣ
- ଦର ନିୟନ୍ତ୍ରଣ ଲାଗି ଆଉ କିଛିଦିନ ଲାଗିବ
- ମହଜୁଦକାରୀଙ୍କ ଉପରେ ନଜର ରଖିବାକୁ ସରକାରଙ୍କୁ ପରାମର୍ଶ
- ବ୍ୟବସାୟୀଙ୍କ ମହଜୁଦ ସୀମା ନିର୍ଦ୍ଧାରଣ



ପିଆଜ ଦର ବୃଦ୍ଧି ଉପରେ ନିୟନ୍ତ୍ରଣ ଜାରି କରିବା ଲାଗି ସରକାର ରବିବାର ରପ୍ତାନି ଉପରେ ନିଷେଧାଦେଶ ଜାରି କରିଥିଲେ ମଧ୍ୟ ପିଆଜ ଦର ଏତେ ଶୀଘ୍ର ଖସିବନି ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ଆଗାମୀ କିଛିଦିନ ଲାଗି ପିଆଜ ଦର ଉଚ୍ଚରେ ରହିବ। ଯୋଗାଣ ପ୍ରଭାବିତ ହୋଇଥିବାରୁ ଏଭଳି ସ୍ଥିତି ଆଉ କିଛିଦିନ ଲାଗି ରହିବ। ମହାରାଷ୍ଟ୍ର ଏବଂ କର୍ନାଟକ ଭଳି ପିଆଜ ଉତ୍ପାଦନକାରୀ ରାଜ୍ୟଗୁଡିକରେ ବନ୍ୟା ଯୋଗୁ ଉତ୍ପାଦନ ଏବଂ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହା ଯୋଗୁ ଦରରେ ଏଭଳ ସ୍ଥିତି ଲାଗି ରହିବ ଜଣାପଡ଼ିଛି। ଗତ କିଛି ସପ୍ତାହ ହେଲା ଦେଶର ପ୍ରମୁଖ ସହରଗୁଡିକରେ ପନିପରିବା ଦର ମାତ୍ରାଧିକ ବୃଦ୍ଧି ଘଟିଛି। ଏହାକୁ ଧ୍ୟାନରେ ରଖି ସରକାର ପିଆଜ ଦର ନିୟନ୍ତ୍ରଣରେ ରଖିବା ଲାଗି ପଦକ୍ଷେପ ନେଇଛନ୍ତି। ସେହିଭଳି ଚଳିତବର୍ଷ କିଛି ରାଜ୍ୟରେ ନିର୍ବାଚନ ହେବାକୁ ଥିବାରୁ ଦରଦାମ ଉପରେ ସରକାର ନିୟନ୍ତ୍ରଣ ରଖିବା ଲାଗି ପ୍ରୟାସ ଜାରି ରଖିଛନ୍ତି। ପିଆଜ ଦର ବଢିବାରୁ ଜୁନରେ ସରକାର ରପ୍ତାନି ପ୍ରୋତ୍ସାହନକୁ ବାଦ ଦେଇଥିଲେ। ରପ୍ତାନି ଉପରେ ନିଷେଧ ଲଗାଇବା ଲାଗି ଖାଉଟି ବ୍ୟାପାର ସଚିବ ଅବିନାଶ କେ. ଶ୍ରୀବାସ୍ତବ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ସେପ୍ଟେମ୍ବର ୧୩ରେ ପିଆଜ କ୍ୱିଣ୍ଟାଲ ପିଛା ରପ୍ତାନି ଉପରେ ସରକାର ନ୍ୟୂନତମ ରପ୍ତାନି ମୂଲ୍ୟ (ଏମ୍‌ଇପି) ଲାଗୁ କରିଥିଲେ। ଏହା ପରେ ରପ୍ତାନିରେ କିଛିଟା ହ୍ରାସ ଘଟିଛି। ମାତ୍ର ଲାଗୁ ହୋଇଥିବା ମୂଲ୍ୟଠାରୁ ଶ୍ରୀଲଙ୍କା ଏବଂ ବାଂଲାଦେଶରେ ମୂଲ୍ୟ ଅଧିକ ରହିଥିବାରୁ ସେହିସ୍ଥାନଗୁଡିକୁ ପିଆଜ ଏବେ ମଧ୍ୟ ରପ୍ତାନି ହେଉଛି। ଏଭଳି ବିଭିନ୍ନ ପ୍ରସଙ୍ଗକୁ ଧ୍ୟାନରେ ରଖି ମନ୍ତ୍ରଣାଳୟ ପକ୍ଷରୁ ତୁରନ୍ତ ଭିତ୍ତିରେ ରପ୍ତାନି ଉପରେ ରୋକ ଲଗାଯିବାକୁ ନିଷ୍ପତ୍ତି ହୋଇଛି। ଉକ୍ତ ପଦକ୍ଷେପ ଦ୍ୱାରା ଦେଶ ମଧ୍ୟରେ ପିଆଜ ଯୋଗାଣ ବଢିବା ସହ ଦର ମଧ୍ୟ ହ୍ରାସ ହେବା ନେଇ ଆଶା କରାଯାଉଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଏହାବାଦ୍ ଯେଉଁ ବ୍ୟବସାୟୀମାନେ ପିଆଜ ମହଜୁଦ କରି ଦର ବୃଦ୍ଧିକୁ ପ୍ରୋତ୍ସାହିତ କରୁଛନ୍ତି ସେମାନଙ୍କ ଉପରେ ଚଢାଉ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ସରକାରଙ୍କୁ କୁହାଯାଇଛି। ସାରା ଦେଶରେ ଯୋଗାଣକୁ ତ୍ୱରାନ୍ୱିତ କରିବା ଲାଗି ତୁରନ୍ତ ଭିତ୍ତିରେ ମହଜୁଦ ଥିବା ଷ୍ଟକ ମଧ୍ୟରୁ ୫୦ ହଜାର ଟନ୍ ପ୍ରଦାନ ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଦିଲ୍ଲୀ, ହରିୟାଣା, ଆନ୍ଧ୍ରପ୍ରଦେଶ ଭଳି ଅନ୍ୟ ସ୍ଥାନଗୁଡିକରେ ଏହି ଷ୍ଟକ ଉପଲବ୍ଧ ହେବ। ଏହାକୁ ନିୟନ୍ତ୍ରିତ ଦରରେ ବିକ୍ରି କରାଯିବାକୁ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ ନୂଆଦିଲ୍ଲୀରେ ରାଷ୍ଟ୍ରାୟତ୍ତ ମଦର ଡେରୀ, ନାଫେଡ ଏବଂ ଏନ୍‌ସିସିଏଫ୍ ପକ୍ଷରୁ ବଫର ଷ୍ଟକ ମଧ୍ୟରେ ଲୋକଙ୍କୁ ୨୩.୯୦ ଟଙ୍କାରେ ପିଆଜ ଯୋଗାଣ ହେଉଛି।

ଦେଶ ମଧ୍ୟରେ ପିଆଜ ଯୋଗାଣକୁ ତ୍ୱରାନ୍ୱିତ କରିବାକୁ ଏକ ଟିମ୍ ମହାରାଷ୍ଟ୍ର ପଠାଯାଇଥିବା କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାସ ପାଶ୍ୱାନ କହିଛନ୍ତି। ଏହି ଟିମ୍‌ରେ ୨ ଯୁଗ୍ମ ସଚିବ ସ୍ତରର ଅଧିକାରୀ ରହିଛନ୍ତି। ଏମାନେ ମହାରାଷ୍ଟ୍ରରେ କୃଷକ, ପରିବହନକରୀ ଏବଂ ବ୍ୟବସାୟୀଙ୍କ ସହ ଆଲୋଚନା କରିବେ। ପିଆଜର ଉପଲବ୍ଧତା ବୃଦ୍ଧି ସହ ବଜାରକୁ ଅଧିକ ପିଆଜ ଯୋଗାଣ ନେଇ ସେମାନଙ୍କୁ ପରାମର୍ଶ ଦେବେ ବୋଲି ପାଶ୍ୱାନ କହିଛନ୍ତି। ସୂଚନାଯୋଗ୍ୟ କେନ୍ଦ୍ର ସରକାର ଗତ ସପ୍ତାହରେ ମହଜୁଦକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବେ ବୋଲି ନିର୍ଦ୍ଦେଶ ଦେଇଥିଲେ।



## ତନିଷ୍କର ପାର୍ବଣ ଅଫର

**ଭୁବନେଶ୍ୱର,୨୯-୯**

ପାର୍ବଣ ଅବସରରେ ତନିଷ୍କ ପକ୍ଷରୁ ଅଫର ଘୋଷଣା କରାଯାଇଛି। ଏହି ସମୟରେ ସୁନା ଗହଣା ଗଢା ମୂଲ୍ୟ ଉପରେ ଗ୍ରାହକ ୨୫% ପର୍ଯ୍ୟନ୍ତ ରିହାତି ପାଇ ପାରିବେ। ଏହାବାଦ ହୀରା ଗହଣା ମୋଟ୍ ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ମିଳିପାରିବ। ଏହି ଅଫର ରାଜ୍ୟରେ ଥିବା କମ୍ପାନୀର ସମସ୍ତ ଷ୍ଟୋରରେ ଗ୍ରାହକ ପାଇ ପାରିବେ। ଅକ୍ଟୋବର ୭ ପର୍ଯ୍ୟନ୍ତ ଅଫରର ସୁବିଧା ଗ୍ରାହକ ନେଇ ପାରିବେ ବୋଲି ଶୋ'ରୁମ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଗ୍ରାହକଙ୍କ ଲାଗି ଐଶାନି ଗହଣା ସମ୍ଭାର ଆରମ୍ଭ ହୋଇଛି। ପ୍ରଗତିଶୀଳ ଓଡିଆ ମହିଳାଙ୍କ ଦୃଢତା, ଭବନା ଏବଂ ଉଜ୍ଜ୍ୱଳତାକୁ ଏହି ନୂଆ ଗହଣା କଲେକ୍ସନ ପରିପ୍ରକାଶ କରୁଛି। କଲେକ୍ସନଗୁଡିକ ୧୦,୦୦୦ ଟଙ୍କାରୁ ଆରମ୍ଭ ହେଉଛି। ଅସଲପଣ ଏବଂ ଟାଟା ଗ୍ରୁପର ପ୍ରତିଶ୍ରୁତି ସହ ଗ୍ରାହକଙ୍କୁ ଶୁଦ୍ଧତା ବିଶିଷ୍ଟ ଗହଣା ପ୍ରଦାନ ଦିଗରେ କମ୍ପାନୀ କାର୍ଯ୍ୟ କରୁଛି। ପ୍ରତିଟି କାରବାରରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖୁଥିବା ଏହା ପ୍ରକାଶ କରିଛି। ନିୟୁତାଧିକ ଗ୍ରାହକଙ୍କ ବିଶ୍ୱାସ ସହ ଦେଶର ପ୍ରମୁଖ ଲୋକପ୍ରିୟ ଗହଣା ବ୍ରାଣ୍ଡ ହୋଇ ପାରିଥିବା ଏହା ସୂଚନା ଦେଇଛି। କମ୍ପାନୀ ପକ୍ଷରୁ ୫ ହଜାରରୁ ଅଧିକ ପାରମ୍ପରିକ, ପାଶ୍ଚାତ୍ୟ ଏବଂ ଫ୍ୟୁଜନ ଲୁକର ଗହଣା ସମ୍ଭାର ଗ୍ରାହକଙ୍କ ଲାଗି ଉପଲବ୍ଧ ରହିଛି।



## ଆମ୍ରି ପକ୍ଷରୁ ବିଶ୍ୱ ହୃଦୟ ଦିବସ ପାଳନ

**ଭୁବନେଶ୍ୱର,୨୯-୯(ବ୍ୟୁରୋ)**

ଆମ୍ରି ହସ୍ପିଟାଲ୍ସ ଭୁବନେଶ୍ୱର ପକ୍ଷରୁ ବିଶ୍ୱ ହୃଦୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୋ ସାଇକେଲ ସହଯୋଗରେ ଏକ ସାଇକ୍ଲୋଥନ ଫିଟନେସ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୮୦୦ରୁ ଅଧିକ ଉତ୍ସାହୀ ସାଇକେଲ ଚାଳକ ଏଥିରେ ଭାଗ ନେଇଥିଲେ। ସାଇକ୍ଲୋଥନ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଆରମ୍ଭ ହୋଇ ୟୁନିଟ ୧ ଆଦିବାସୀ ପଡିଆଠାରେ ଶେଷ ହୋଇଥିଲା। ହୃତପିଣ୍ଡ ଉପରେ ଆଳସ୍ୟ ଭରା ଜୀବନଶୈଳୀର ପ୍ରଭାବ ଏବଂ ଭାରତରେ ବୃଦ୍ଧି ପାଉଥିବା କରୋନାରି ଅସୁସ୍ଥତା ଉପରେ ସଚେତନତା ସୃଷ୍ଟି ଲାଗି ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୋଲିସ ଡେପୁଟି କମିଶନର ଅନୁପ କୁମାର ସାହୁ, ଓଡ଼ିଆ ସିନେମା ତାରକା ଆକାଶ ଦାସ ନାୟକ, ପୂର୍ବତନ ସାଂସଦ ସିଦ୍ଧାନ୍ତ ମହାପାତ୍ର, ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଆମ୍ରି ଭୁବନେଶ୍ୱର ୟୁନିଟ ମୁଖ୍ୟ ଡକ୍ଟର ଅନୁଜ ତିୱାରୀ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ସାଇକ୍ଲୋଥନ ପ୍ରତି ସମର୍ଥନକୁ ଦେଖି ଅତ୍ୟନ୍ତ ଖୁସି ବୋଲି ଡା. ତିୱାରୀ କହିଛନ୍ତି।

## ସିଣ୍ଡିକେଟ ବ୍ୟାଙ୍କ ପକ୍ଷରୁ ହିନ୍ଦୀ ଦିବସ

**ଭୁବନେଶ୍ୱର,୨୯-୯(ବ୍ୟୁରୋ)**



ସିଣ୍ଡିକେଟ ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟ-୧ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏଥିରେ ଉପଆଞ୍ଚଳିକ ପ୍ରବନ୍ଧକ ମୁରଲୀଧର ବେହେରା ଏବଂ ଏସ୍ ବିଆଇର ମୁଖ୍ୟ ପ୍ରବନ୍ଧକ ଆଲୋକ କୁମାର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। କ୍ଷେତ୍ରୀୟ କାର୍ଯ୍ୟାଳୟ ୨ର କ୍ଷେତ୍ରୀୟ ପ୍ରବନ୍ଧକ ଚନ୍ଦ୍ରକାନ୍ତ ଦାସ ମହାପାତ୍ର, ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପ୍ରବନ୍ଧକ କାହ୍ନୁ ଚରଣ ଟୁଡୁ ପ୍ରମୁଖ ଯୋଗ ଦେଇଥିଲେ। ହିନ୍ଦୀ ଭାଷାର ପ୍ରୟୋଗ ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଇଥିଲା। ରାଜଭାଷା ଅଧିକାରୀ ପୂଜା କୁମାରୀ କାର୍ଯ୍ୟକ୍ରମ ସଂଚାଳନ କରିଥିବା ବେଳେ ମହାପ୍ରବନ୍ଧକ ଭେଙ୍କଟେଶ୍ୱରେଲୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ନାଲ୍‌କୋରେ ନଗର ରାଜଭାଷା ସମିତି ବୈଠକ



**ଭୁବନେଶ୍ୱର,୨୯-୯(ବ୍ୟୁରୋ)**

ନାଲ୍‌କୋ ନିଗମ କାର୍ଯ୍ୟାଳୟଠାରେ ଭୁବନେଶ୍ୱରସ୍ଥିତ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ଲୋକ ଉଦ୍ୟୋଗ)ର ଏକାଦଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଲ୍‌କୋ ସିଏମ୍‌ଡି ତଥା ସମିତି ଅଧ୍ୟକ୍ଷ ତପନ କୁମାର ଚାନ୍ଦ ସଭାପତିତ୍ୱ କରିଥିଲେ। ଏଥିରେ ନାଲ୍‌କୋର ମାର୍କେଟିଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଦାଶିବ ସାମନ୍ତରାୟ, ଇଣ୍ଡିଆନ ଅଏଲର ସିଜିଏମ୍ ଶୁଭଜିତ ଘୋଷ, ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କୋ.ର ଡିଜିଏମ୍ ପି.ପି. ମିଶ୍ର, ଇଏସ୍‌ଆଇସି ଅତିରିକ୍ତ କମିଶନର ଏଲ୍.ଜମୀର, ହିନ୍ଦୁସ୍ତାନ ପେଟ୍ରୋଲିୟମର ଆଞ୍ଚଳିକ ପ୍ରବନ୍ଧକ ସମୀର ପଟ୍ଟନାୟକ, ଆର୍‌ଆଇଏନ୍‌ଏଲ୍ ଏଜିଏମ୍ ଏସ୍.କେ.କେ.ଟପ୍ପୋ, ଏଫ୍‌ସିଆଇ ଏଜିଏମ୍ ଆଶିଷ କୁମାର, ଡିଭିଜନାଲ ମ୍ୟାନେଜର ଏ.କେ. ଆଦି, ରୁରାଲ ଇଲେକ୍ଟ୍ରିଫିକେଶନ କର୍ପୋରେଶନର ମୁଖ୍ୟ ପ୍ରବନ୍ଧକ ବି.କେ. ମହାନ୍ତି, ଏନ୍‌ସିଡିସି ଆଞ୍ଚଳିକ ନିର୍ଦ୍ଦେଶକ ନରେଶ ଗୋପାଳନ ପ୍ରମୁଖ ଯୋଗଦେଇଥିଲେ। ହିନ୍ଦୀର ପ୍ରଚାର ପ୍ରସାର ଦିଗରେ ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଥିଲା। ଡ.ଚାନ୍ଦ ହିନ୍ଦୀ ଇ-ପତ୍ରିକା ଅନନ୍ତର ସପ୍ତମ ସଂସ୍କରଣକୁ ଉନ୍ମୋଚନ କରିଥିଲେ। ସମିତିର ସଦସ୍ୟ ସଚିବ ତଥା ନାଲ୍‌କୋର ବରିଷ୍ଠ ପ୍ରବନ୍ଧକ (ରାଜଭାଷା) ହରିରାମ ପଂସାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟୋକିଓ ମୋଟର ଶୋ'ରେ ହୋଣ୍ଡା ପ୍ରଦର୍ଶନ କରିବ ଅତ୍ୟାଧୁନିକ ପ୍ରଡକ୍ଟ




**ନୂଆଦିଲ୍ଲୀ,୨୯-୯**

ଅକ୍ଟୋବର ୨୩ରୁ ଅନୁଷ୍ଠିତ ହେଉଥିବା ୪୬ ତମ ଟୋକିଓ ମୋଟର ଶୋ' ୨୦୧୯ରେ ହୋଣ୍ଡା ପକ୍ଷରୁ ଏହାର ବିଭିନ୍ନ ବର୍ଗର ମୋଟରସାଇକଲ, ଅଟୋମୋବାଇଲ ଏବଂ ଶକ୍ତି ଉତ୍ପାଦଗୁଡିକୁ ପ୍ରଦର୍ଶନ କରାଯିବ। ସେଠାରେ ହୋଣ୍ଡା ପକ୍ଷରୁ ଏକ ସ୍ୱତନ୍ତ୍ର ବୁଥ୍ ସ୍ଥାପନ କରାଯିବ। ମୋଟର ଶୋ' ପରିଦର୍ଶନକାରୀଙ୍କୁ ଏହା ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବ। ସେଠାରେ ବଡ ଆକର ସ୍କ୍ରିନ୍ ଲାଗିବ ଯେଉଁଥିରେ ବିଭିନ୍ନ ଉତ୍ପାଦର ଛବିକୁ ପ୍ରଦର୍ଶିତ କରାଯିବ। ବୁଥରେ ଇଣ୍ଟଆକ୍ଟିଭ କାର୍ଯ୍ୟକ୍ରମ ରହିବ ଯେଉଁଠାରେ ଲୋକମାନେ ସପରିବାର ପରିବେଶକୁ ଉପଭୋଗ କରିପାରିବେ। ଟୋକିଓ ମୋଟର ସୋ'ରେ କମ୍ପାନି ଏହାର ନୂଆ ସୁପର କବ୍ -ଭିତ୍ତିକ ମୋଟରସାଇକେଲ ସିଟି ୧୨୫ ଓ ସମ୍ପୂର୍ଣ୍ଣ ନୂଆ ଫିଟ୍‌କୁ ପ୍ରଦର୍ଶିତ କରିବ। ସୁପର କବ୍ ସିରିଜକୁ ନଜରରେ ରଖି ସିଟି ୧୨୫ କନ୍‌ସେପ୍ଟ ମଡେଲକୁ ପ୍ରସ୍ତୁତ କରାଯାଇଛି। ଏହା ବ୍ୟତୀତ ଏହି ସୋ'ରେ ହୋଣ୍ଡା ତରଫରୁ ବ୍ୟବସାୟ ବ୍ୟବହାର ଉପଯୋଗୀ ଇଲେକ୍ଟ୍ରିକ ସ୍କୁଟର ବେନଲି-ଇ ଓ ତିନି ଚକିଆ ଇଲେକ୍ଟ୍ରିକ୍ ସ୍କୁଟର ଗାଇରୋ-ଇକୁ ପ୍ରଦର୍ଶିତ କରାଯିବ। ଏହି ଅବସରରେ ସିଆର୍‌ଏଫ୍ ୧୧୦୦ ଏଲ ଆଫ୍ରିକା ଟ୍ୱିନ ଡୁଆଲ୍ କ୍ଲଚ୍ ଟ୍ରାନ୍ସମିସନ, ସିଆରଏଫ ୧୧୦୦ଏଲ ଆଫ୍ରିକା ଆଡ୍‌ଭେଞ୍ଚର ସ୍ପୋର୍ଟସ ଇଏସ୍ ଡୁଆଲ କ୍ଲଚ ଟ୍ରାନ୍ସମିସନ ଏବଂ ଏଡିଭି ୧୫୦ ଆଦିକୁ ପ୍ରଦର୍ଶିତ କରାଯିବ।

# ଆର୍‌ବିଆଇକୁ ୩୦ ହଜାର କୋଟି ମାଗିପାରନ୍ତି ସରକାର

**ନୂଆଦିଲ୍ଲୀ,୨୯-୯**

### ଅନ୍ତରୀଣ ଲାଭାଂଶ




ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସରକାର ରିଜର୍ଭ ବ୍ୟାଙ୍କକୁ ୩୦ ହଜାର କୋଟି ଟଙ୍କାର ଲାଭାଂଶ ମାଗି ପାରନ୍ତି। ୨୦୧୯-୨୦ ଆର୍ଥିକ ବର୍ଷରେ ଧାର୍ଯ୍ୟ ହୋଇଥିବା ୩.୩% ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ଆଧାରରେ ଏହି ପୁଞ୍ଜି ସରକାର କେନ୍ଦ୍ରୀୟ ବ୍ୟାଙ୍କଠାରୁ ଆଶା କରିପାରନ୍ତି ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଯାଇଛି। ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ ଯୋଗୁ ରାଜସ୍ୱ ସଂଗ୍ରହ କମୁଛି। ଏହା ଫଳରେ ସରକାରଙ୍କ ଉପରେ ଚାପ ରହିଛି। ଆବଶ୍ୟକତା ଭିତ୍ତିରେ ସରକାର ରିଜର୍ଭ ବ୍ୟାଙ୍କକୁ ୨୫ରୁ ୩୦ ହଜାର କୋଟି ଟଙ୍କା ଦେବାକୁ ନିବେଦନ କରିପାରନ୍ତି ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। କେତେ ପରିମାଣର ଲାଭାଂଶ ଲୋଡା ପଡ଼ିବ ତାହା ଜାନୁୟାରୀ ମାସରେ ପ୍ରାଥମିକ ପର୍ଯ୍ୟାୟରେ ଆକଳନ କରାଯାଇଥିଲା। ରିଜର୍ଭ ବ୍ୟାଙ୍କର ଲାଭାଂଶ ବାଦ୍ ସରକାର ଧାର୍ଯ୍ୟ ଲକ୍ଷ୍ୟକୁ ହାସଲ କରିବା ଲାଗି ନ୍ୟାଶନାଲ ସ୍ମଲ ସେଭିଂ ଫଣ୍ଡ, ପୁଞ୍ଜି ପ୍ରତ୍ୟାହାର ଉପରେ ନିର୍ଭର କରିବେ। ପୂର୍ବରୁ ମଧ୍ୟ ସରକାର କେନ୍ଦ୍ରୀୟ ବ୍ୟାଙ୍କର ଅନ୍ତରୀଣ ଲାଭାଂଶ ଉପରେ ନିର୍ଭର କରିଛନ୍ତି। ଗତ ଆର୍ଥିକ ବର୍ଷରେ ରିଜର୍ଭ ବ୍ୟାଙ୍କ ସରକାରଙ୍କୁ ଅନ୍ତରୀଣ ଲାଭାଂଶ ଭାବେ ୨୮,୦୦୦ କୋଟି ଟଙ୍କା ଦେଇଥିଲା। ୨୦୧୭-୧୮ରେ ଏହା ୧୦,୦୦୦ କୋଟି ଟଙ୍କା ରହିଥିଲା।

ଗତ ମାସରେ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଗଠିତ କେନ୍ଦ୍ରୀୟ ବ୍ୟାଙ୍କର ବୋର୍ଡ ସରକାରଙ୍କୁ ୧.୭୬ ଲକ୍ଷ କୋଟି ପୁଞ୍ଜି ହସ୍ତାନ୍ତରଣ ନେଇ ମଞ୍ଜୁରୀ ଦେଇଥିଲେ। ୨୦୧୮-୧୯ରେ ରିଜର୍ଭ ବ୍ୟାଙ୍କ ଏହାର ମୋଟ ୧.୨୩ କୋଟି ଟଙ୍କାର ନେଟ୍ ଆୟ ମଧ୍ୟରୁ ଅନ୍ତରୀଣ ଲାଭାଂଶ ଭାବେ ୨୮ ହଜାର କୋଟି ଟଙ୍କା ସରକାରଙ୍କୁ ଦେଇଛି। ଚଳିତ ଆର୍ଥିକ ବର୍ଷ ସରକାର ଲାଭାଂଶ ବାବଦକୁ ୯୫,୪୧୪ କୋଟି ଟଙ୍କା ପାଇଛନ୍ତି। ୯୦ କୋଟି ଟଙ୍କା ପାଇବା ନେଇ ସରକାର ବଜେଟରେ ଆକଳନ କରିଥିଲେ। ଚଳିତ ଆର୍ଥିକ ବର୍ଷ ସରକାରଙ୍କ ମୋଟ ଋଣ ୭.୧୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ। ଏହା ପୂର୍ବ ଆର୍ଥିକ ବର୍ଷରେ ୫.୩୫ ଲକ୍ଷ କୋଟି ଟଙ୍କା ରହିଥିଲା। ଅର୍ଥନୀତିକୁ ତ୍ୱରାନ୍ୱିତ କରିବା ଲାଗି ସରକାର ଘରୋଇ ନିବେଶ ବୃଦ୍ଧିକୁ ବର୍ତ୍ତମାନ ଗୁରୁତ୍ୱ ଦେଇଛନ୍ତି।

### ୪ରେ ଏମ୍‌ପିସି ବୈଠକ

ଅକ୍ଟୋବର ୪ରେ ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟି ବୈଠକ(ଏମ୍‌ପିସି) ଅନୁଷ୍ଠିତ ହେବ। କେନ୍ଦ୍ରୀୟ ବ୍ୟାଙ୍କ ଅର୍ଥନୀତିରେ ସୁଧାର ଲାଗି ଆଉ ୨୫ ବେସିସ ପଏଣ୍ଟ ସୁଧହାର ହ୍ରାସ କରିପାରେ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ଏହି ସମୟରେ ମୁଦ୍ରାସ୍ଫୀତି ୪% ସ୍ତରରେ ରହିବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି।

**ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର**

ପତ୍ର ନଂ. ୧୮୮୧ / ୨୦୧୯ **ବିଜ୍ଞାପନ** ତା. ୨୬।୦୯।୨୦୧୯

ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର, ମୁଖ୍ୟ ବଜାର ପ୍ରାଙ୍ଗଣ ନବରଙ୍ଗପୁରରେ ନୂତନ ଭାବେ ନିର୍ମିତ ହୋଇଥିବା ୯୬ (ଛୟାନବେ) ଗୋଟି ଦୋକାନଗୃହକୁ ଆବଣ୍ଟନ କରିବା ପାଇଁ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଇଚ୍ଛୁକ ଦରଖାସ୍ତକାରୀ www.nabarangpur.nic.in ୱେବ୍‌ସାଇଟ୍‌କୁ ଯାଇ ଆବଣ୍ଟନର ସର୍ତ୍ତାବଳୀ ଓ ଆବେଦନ ଫର୍ମ ତା.୩୦।୦୯।୨୦୧୯ରିଖ ଠାରୁ ତା.୨୯।୧୦।୨୦୧୯ରିଖ ଅପରାହ୍ନ ୫.୩୦ (ପାଞ୍ଚ ଘଣ୍ଟା ତିରିଶ ମିନିଟ୍) ପର୍ଯ୍ୟନ୍ତ ଡାଉନ୍‌ଲୋଡ କରିପାରିବେ ନଚେତ୍ ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର କାର୍ଯ୍ୟାଳୟରୁ ଉପରୋକ୍ତ ସର୍ତ୍ତାବଳୀ ଓ ଆବେଦନ ଫର୍ମ ୫୦୦/- (ପାଞ୍ଚ ଶହ) ଟଙ୍କା ଜମା କରି ତା.୩୦।୦୯।୨୦୧୯ରିଖ ଠାରୁ ତା.୨୯।୧୦।୨୦୧୯ରିଖ ଅପରାହ୍ନ ୫.୩୦ (ପାଞ୍ଚ ଘଣ୍ଟା ତିରିଶ ମିନିଟ୍) ପର୍ଯ୍ୟନ୍ତ ପାଇପାରିବେ। ଆବେଦନକାରୀ ନବରଙ୍ଗପୁର ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ। ଆବେଦନ ଫର୍ମ ସହିତ ଆବଶ୍ୟକ କାଗଜାଦି ସର୍ତ୍ତାବଳୀ ପ୍ରକାରେ ସଂଯୋଗ କରି ତା.୩୦।୦୯।୨୦୧୯ରିଖ ଠାରୁ ତା.୦୬।୧୧।୨୦୧୯ରିଖ ଅପରାହ୍ନ ୫.୩୦ (ପାଞ୍ଚ ଘଣ୍ଟା ତିରିଶ ମିନିଟ୍) ପର୍ଯ୍ୟନ୍ତ କେବଳ ରେଜିଷ୍ଟ୍ରି ଡାକ କିମ୍ବା କ୍ଷିପ୍ର ଡାକ ମାଧ୍ୟମରେ ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରଙ୍କ ଠିକଣାରେ ଗ୍ରହଣ କରାଯିବ। ପ୍ରକାଶଥାଉ କି ଲଫାପା ଉପରେ ''ନିୟନ୍ତ୍ରିତ ବଜାର କମିଟି ନବରଙ୍ଗପୁରର ମୁଖ୍ୟ ବଜାର ପ୍ରାଙ୍ଗଣରେ ନୂତନ ଦୋକାନ ଗୃହ ଆବଣ୍ଟନ ନିମନ୍ତେ ଆବେଦନ ପତ୍ର ତଥା ଆବେଦନ କରିଥିବା ଦୋକାନଗୃହର କ୍ରମିକ ନଂ'' ଲେଖିବା ଅତ୍ୟନ୍ତ ଜରୁରୀ। ଧାର୍ଯ୍ୟ ସମୟ ପରେ ଆସିଥିବା ଦରଖାସ୍ତଗୁଡ଼ିକୁ ଗ୍ରହଣ କରାଯିବ ନାହିଁ। ସମୟସୀମା ମଧ୍ୟରେ ହସ୍ତଗତ ହୋଇଥିବା ଦରଖାସ୍ତ ଫର୍ମଗୁଡ଼ିକୁ ତା.୦୭।୧୧।୨୦୧୯ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରଙ୍କ କାର୍ଯ୍ୟାଳୟରେ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରାଧିକୃତ ବ୍ୟକ୍ତିଙ୍କ ଉପସ୍ଥିତିରେ ଚୟନ କମିଟିଙ୍କ ଦ୍ୱାରା ଚୟନ କରାଯିବ।

**ସ୍ୱା./- ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର**

**MCL Mahanadi Coalfields Limited**
(A Subsidiary of Coal India Limited)
Jagruti Vihar, Burla - 768020, Dist. - Sambalpur, Odisha
Ph. (EPABX) : 0663-2542461 to 469 Website : www.mahanadicoal.in

**GENERAL TENDER NOTICE FOR e-PROCUREMENT**

Mahanadi Coalfields Limited(MCL) is inviting its Tenders having estimated value of ₹2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, coal loading, extraction of coal by Surface Miner, Overburden removal etc.) and GOODS (Procurement of equipments, spares, consumables, medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of MCL (**https://coalindiatenders.nic.in**) as well as on the Central Public Procurement portal of Govt. of India (**http://eprocure.gov.in**). Bids are to be submitted ONLINE on the above e- Procurement portal of MCL by enrolled Bidders. EMD can also be submitted online. Enrollment of Bidders on the e-Procurement portal of MCL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of MCL for enrollment and participation in Tenders. [Contact details: **Tel.-0663-2542264/2542230/2542695** (available during office hours only);email- **hlp-eproc.mcl@nic.in** R- 4941

*Give a missed call on toll free number 1800 200 3004 to get our Apps.*



ଅକ୍ଟୋବର ୨ରୁ ଆରମ୍ଭ ହେବାକୁ ଯାଉଥିବା ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଦକ୍ଷିଣ ଆଫ୍ରିକା ସିନିୟର ଖେଳାଳିମାନେ ନିଜ ଉପରକୁ ଦାୟିତ୍ୱ ନେଇ ଖେଳିବା ଉଚିତ।

**-ଭେର୍ନନ ଫିଲାଣ୍ଡର, ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର**



ଦୋହା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ହାମର ଥ୍ରୋରେ ସ୍ୱର୍ଣ୍ଣ ପଦକ ଜିତିବି ବୋଲି ମୁଁ କେବେ ଭାବିପାରି ନ ଥିଲି। ୭୭.୫୪ ମିଟର ଥ୍ରୋ କଳ୍ପନା ବାହାରେ ଥିଲା।

**-ଡିଆନା ପ୍ରାଇସ, ଆମେରିକା ମହିଳା ହାମର ଥ୍ରୋୟର**

## ସଂକ୍ଷେପରେ

### ଭାରତୀୟ ସମ୍ଭାବ୍ୟ ଜୁନିୟର ମହିଳା ହକି ଦଳ ଘୋଷିତ

ବେଙ୍ଗାଲୁରୁ,୨୯।୯(ପି.ଟି.): ଆଗାମୀ ଅଷ୍ଟ୍ରେଲିଆ ଗସ୍ତକୁ ଦୃଷ୍ଟିରେ ରଖି ହକି ଇଣ୍ଡିଆ ଜୁନିୟର ମହିଳା ପ୍ରଶିକ୍ଷଣ ଶିବିର ପାଇଁ ଏକ ୩୩ ଜଣିଆ ସମ୍ଭାବ୍ୟ ତାଲିକା ଘୋଷଣା କରିଛି। ସ୍ଥାନୀୟ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ରେ ସୋମବାରଠାରୁ ଏହି ଶିବିର ଆରମ୍ଭ ହେବ। ଖେଳାଳିମାନେ କୋଚ୍ ବଲଜିତ୍ ସିଂ ସଇନିଙ୍କୁ ରିପୋର୍ଟ କରିବେ ବୋଲି ହକି ଇଣ୍ଡିଆ ତରଫରୁ କୁହାଯାଇଛି। ଏହି ପ୍ରଶିକ୍ଷଣ ଶିବିର ଅକ୍ଟୋବର ୨୬ ତାରିଖରେ ଶେଷ ହେବ। ଭାରତ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ଡିସେମ୍ବର ୩ ତାରିଖରୁ ଆରମ୍ଭ ହେବାକୁ ଥିବା ଏକ ତ୍ରିରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଆୟୋଜକ ଅଷ୍ଟ୍ରେଲିଆ ସମେତ ଭାରତ ଓ ନ୍ୟୁଜିଲାଣ୍ଡ ଅଂଶଗ୍ରହଣ କରିବେ। **ସମ୍ଭାବ୍ୟ ତାଲିକା:** ଗୋଲକିପର- ରାଶନପ୍ରୀତ କୌର, ଖୁଶବୁ ଓ ଏଫ୍. ରାମେଙ୍ଗାମାୱ୍ଥି। ଡିଫେଣ୍ଡର- ପ୍ରିୟଙ୍କା, ସିମରନ ସିଂ, ମାରିନା ଲାଲରାମଙ୍ଘାକି, ଗଗନଦୀପ କୌର, ଇଶିକା ଚୌଧୁରୀ, ଜୋତିକା କଲସି, ସୁମିତା, ଆକାଶନାଥ ଧେକେଲ, ଉଷା, ପରନିତ କୌର। ମିଡଫିଲ୍ଡସ- ବଲଜୀଦ କୌର, ମାରିଆନ କୁଜୁର, କିରନ ପ୍ରଭଲିନ କୌର, ପ୍ରୀତି, ଅଜମିନା କୁଜୁର, ବେଷ୍ଣବୀ ଫାଲେକେ, କବିତା ବାଗଡି, ବଲଜିନ୍ଦର କୌର, ସୁଷମା କୁମାରୀ। ଫରୱାର୍ଡ୍ସ- ମମତାଜ ଖାଁ, ବିୟୁଟି ଡଙ୍ଗଡଙ୍ଗ, ଗୁରମେଲ କୌର, ଦୀପିକା, ଲାଲରିଣ୍ଡିଙ୍କିଁ, ଜିୱାନ କିଶୋରୀ ଟୋପ୍ପୋ, ରୁତୁଜା ପିସାଲ, ସଙ୍ଗିତା କୁମାରି, ଯୋଗିତା ବୋରା ଓ ଅନୁ।

### ଓଡ଼ିଶା ପୁରୁଷ, ମହିଳା ଚାମ୍ପିୟନ

ଭୁବନେଶ୍ୱର,୨୯।୯(ସ୍ପୋର୍ଟ୍ସ ବ୍ୟୁରୋ): ଓଡ଼ିଶା ଫୁଟ୍‌ବଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ନୟାପଲ୍ଲୀସ୍ଥିତ ମୁମ୍‌ତାଜ ହାଇ ସ୍କୁଲ ପଡ଼ିଆରେ ସିଟି କ୍ଲବ, ନାୟାପଲ୍ଲୀ ଓ ଭୁବନେଶ୍ୱର ଫୁଟବଲ ଟେନିସ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ୩ୟ ନରେନ୍ଦ୍ର ଜେନା ସ୍ମାରକୀ ପୂର୍ବାଞ୍ଚଳ ଫୁଟ୍‌ବଲ ଟେନିସ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଉଭୟ ବିଭାଗରେ ଓଡ଼ିଶା ଚାମ୍ପିୟନ ହୋଇଛି। ପୁରୁଷ ବର୍ଗର ଫାଇନାଲରେ ଛତିଶଗଡ଼କୁ ୨-୦ ସେଟ୍‌ରେ ହରାଇ ଓଡ଼ିଶା ବି' ଚାମ୍ପିୟନ ହୋଇଛି। ଓଡ଼ିଶା ଏ' ଓ ତେଲେଙ୍ଗାନା ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନରେ ରହିଛନ୍ତି। ସେହିଭଳି ମହିଳା ବର୍ଗରେ ଏ' ଓଡ଼ିଶା ଫାଇନାଲରେ ୨-୦ ସେଟ୍‌ରେ ଡି' ଓଡ଼ିଶାକୁ ହରାଇ ଚାମ୍ପିୟନ ହୋଇଛି। ଓଡ଼ିଶା ବି' ୩ୟ ଓ ଓଡ଼ିଶା ସି' ୪ର୍ଥ ସ୍ଥାନ ପାଇଛନ୍ତି। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ କଳାମୋହନ ନାୟକ (ପୁରୁଷ) ଓ ମମତା ବେହେରା (ମହିଳା)ଙ୍କୁ ବିବେଚନା କରାଯାଇଛି।



ଦୋହାରେ ଚାଲିଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ହାମର ଥ୍ରୋରେ ସ୍ୱର୍ଣ୍ଣ ପଦକ ପାଇଥିବା ଆମେରିକାର ଡିଆନା ପ୍ରାଇସ ।

■ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍

# ନୂଆ ତାରକା କୋଲମେନ

ଦୋହା,୨୯।୯ (ଏଏଫ୍‌ପି)

ଏଠାରେ ଚାଲିଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୧୭ତମ ସଂସ୍କରଣରେ ଆମେରିକା ତାରକା ସ୍ପ୍ରିଣ୍ଟର କ୍ରିଷ୍ଟିଆନ କୋଲମେନ ଅତି ସୁନ୍ଦର ଢଙ୍ଗରେ ୧୦୦ମିଟର ଦୌଡରେ ଟାଇଟଲ ହାସଲ କରିଛନ୍ତି। ସ୍ଥାନୀୟ ଖଲିଫା ଇଣ୍ଟର ନ୍ୟାଶନାଲ ଷ୍ଟାଡିୟମରେ ସେ ଏହି ରେସ୍‌ର ମାତ୍ର ୯.୭୬ ସେକେଣ୍ଡ ସମୟ ନେଇ ନିଜ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ବହୁ ପଛରେ ପକାଇ ଚାମ୍ପିୟନ ହୋଇଛନ୍ତି। ଏଥିସହିତ ପ୍ରଥମଥର ପାଇଁ ସେ କ୍ୟାରିୟରର ମେଜର ଆଉଟ୍‌ଡୋର ଟାଇଟଲ ହାସଲ କରିଛନ୍ତି। ଏହି ବିଜୟ ସହ କୋଲମେନ ଆସନ୍ତାବର୍ଷ ଆୟୋଜନ ହେବାକୁ ଥିବା ଟୋକିଓ ଅଲିମ୍ପିକ୍ସରେ ୧୦୦ମି ରେସ୍‌ର ଫେଭରାଇଟ୍ ବିବେଚିତ ହୋଇଛନ୍ତି। ଜାମାଇକା କିମ୍ବଦନ୍ତୀ ଧାବକ ଉସେନ ବୋଲ୍ଟଙ୍କ ଯୁଗ ଶେଷ ହେବା ପରେ ୨୩ ବର୍ଷୀୟ କୋଲମେନ ନୂଆ ଷ୍ଟାର ଧାବକ ଭାବେ ଉଭା ହୋଇଛନ୍ତି।

ତେବେ ଆମେରିକାର କିମ୍ବଦନ୍ତୀ ଧାବକ ମାଇକେଲ ଜନସନ କୋଲମେନଙ୍କ ଏହି ବିଜୟକୁ ଗ୍ରହଣ କିରବାକୁ ରାଜି ନୁହନ୍ତି। ଡ୍ରଗ୍ ଟେଷ୍ଟରେ ସାମିଲ ହୋଇପାରି ନ ପାରି କୋଲମେନ ବିବାଦୀୟ ହୋଇପଡିଥିଲେ। ଏହି କାରଣରୁ ସେ କୋଲମେନଙ୍କ ସଫଳତାକୁ ସେତେଟା ଗୁରୁତ୍ୱ ନ ଦେଇ ମନ୍ତବ୍ୟ ଦେଇଛନ୍ତି। ତେବେ ଜନସନଙ୍କ ମନ୍ତବ୍ୟରେ କୋଲମେନ ଆଦୌ ପ୍ରଭାବିତ ନୁହଁ ବୋଲି କୋଲମେନ କହିଛନ୍ତି। ସେ କ'ଣ କହୁଛନ୍ତି ତାହାକୁ ଆଦୌ ଖାତିର କରେନାହିଁ ବୋଲି କୋଲମେନ କହିଛନ୍ତି। କେତୋଟି ବୈଷୟିକ ତ୍ରୁଟି କାରଣରୁ ତାଙ୍କ ବିରୋଧରେ ମାମଲା ପ୍ରତ୍ୟାହାର ହେବା ପରେ କୋଲମେନ ଦୋହାରେ ଦୌଡ଼ିବାର ସୁଯୋଗ ହାସଲ କରିଥିଲେ। ବୋଲ୍ଟଙ୍କ ଉତ୍ତରାଧିକାରୀ ରୂପେ କୋଲମେନଙ୍କୁ ବିବେଚନା କରାଯାଉଥିବାରୁ ଜନ୍‌ସନ ଏହାକୁ ଗ୍ରହଣ କରିନାହାନ୍ତି। କୌଣସି ପ୍ରକାର ଡୋପିଂ ମାମଲାରେ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ଜଡିତଥିବା ଆଥଲେଟ୍‌ମାନଙ୍କୁ ପ୍ରଶଂସକ ଗ୍ରହଣ କରିବେ ନାହିଁ ବୋଲି ଜନସନ ବିବିସିକୁ ସାକ୍ଷାତକାର ଦେବା ଅବସରରେ କହିଥିଲେ। ତେବେ ପ୍ରଦର୍ଶନ ମାଧ୍ୟମରେ ମୁଁ ନିଜକୁ ପ୍ରମାଣିତ କରିବି ଓ ଜଜ୍ ତଥା ପ୍ରଶଂସକମାନେ ମଧ୍ୟ ପ୍ରଦର୍ଶନ ଭିତ୍ତିରେ ମୋ ପ୍ରତିଭାକୁ ସ୍ୱୀକାର କରିବେ ବୋଲି କୋଲମେନ କହିଛନ୍ତି।



ଦୋହା: ପୁରୁଷ ୧୦୦ ମିଟର ରେସ୍ ଅବସରରେ ଆମେରିକାର କ୍ରିଷ୍ଟିଆନ କୋଲମେନ (ମଝି) ।

# ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ପ୍ରସଙ୍ଗ: ସିଏସି, ଆଇସିଏରୁ ରଙ୍ଗାସ୍ୱାମୀଙ୍କ ଇସ୍ତଫା

ନୂଆଦିଲ୍ଲୀ,୨୯।୯(ପି.ଟି.)

ଭାରତୀୟ ପୂର୍ବତନ ଅଧିନାୟକ ଶାନ୍ତା ରଙ୍ଗାସ୍ୱାମୀ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦରୁ ଇସ୍ତଫା ଦେଇଛନ୍ତି। ସେ କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ସଭ୍ୟ ପଦରୁ ଓ ଇଣ୍ଡିଆ କ୍ରିକେଟର୍ସ ଆସୋସିଏଶନ (ଆଇସିଏ) ନିର୍ଦ୍ଦେଶକ ପଦବୀରୁ ଇସ୍ତଫା ଦେଇଛନ୍ତି। ଭାରତୀୟ ଏଥିକ୍ସ ଅଫିସର ତଥା ଲୋକପାଳ ଡି.କେ. ଜୈନ ତାଙ୍କ ନିକଟକୁ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ପାଇଁ ନୋଟିସ ପଠାଇବା ପରେ ସେ ଏହି ଦୁଇ ପଦରୁ ରବିବାର ଇସ୍ତଫା ଦେଇଛନ୍ତି।

ମୋର ଅନ୍ୟ ଯୋଜନା ରହିଛି, ତେଣୁ ଏହି ନିଷ୍ପତ୍ତି ନେଇଛି । ସିଏସିର ବୈଠକ ବର୍ଷରେ ଥରେ କିମ୍ବା ଦୁଇ ବର୍ଷରେ ଥରେ ବସିଥାଏ। ତେଣୁ କେଉଁ ଆଧାରରେ ମୋ ନିକଟରକୁ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ନେଇ ନୋଟିସ ପଠାଗଲା ତାହା ବୁଝି ପାରୁନାହିଁ ବୋଲି ରଙ୍ଗାସ୍ୱାମୀ କହିଛନ୍ତି। ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ପାଇଁ ବର୍ତ୍ତମାନ କ୍ରିକେଟ ପ୍ରାଶସକ ଭୂମିକାରେ ଜଣେ ପୂର୍ବତନ କ୍ରିକେଟର ଅବତୀର୍ଣ୍ଣ ହେବା କଷ୍ଟକର। ନିର୍ବାଚନ ପୂର୍ବରୁ ଆଇସିଏ ପଦରୁ ଇସ୍ତଫା ଦେଇଥାନ୍ତି। ତେଣୁ ଦୁଇଟି ପଦରୁ ଇସ୍ତାଫା ଦେବା ଏକ ସଂଯୋଗ ମାତ୍ର ବୋଲି ସେ କହିଛନ୍ତି।

ଉଲ୍ଲେଖଥାଉ କି, ରଙ୍ଗାସ୍ୱାମୀ ଦୁଇ ପୂର୍ବତନ କ୍ରିକେଟର କପିଲ ଦେବ ଓ ଅଂଶୁମାନ ଗାଏକ୍ୱାଡଙ୍କ ସମେତ କ୍ରିକେଟ ଉପଦେଷ୍ଟା କମିଟିର ସଦସ୍ୟ ଥିଲେ। ସେ ତାଙ୍କ ଇସ୍ତଫା ପତ୍ର କ୍ରିକେଟ ପ୍ରଶାସକ କମିଟି (ସିଓଏ) ଓ ବିସିସିଆଇ ସିଇଓ ରାହୁଲ ଜୋହରିଙ୍କ ନିକଟକୁ ମେଲ ମାଧ୍ୟମରେ ରବିବାର ପୂର୍ବାହ୍ନରେ ପଠାଇଛନ୍ତି। ପୂର୍ବରୁ ଶନିବାର ଜୈନ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ନେଇ



ଶାନ୍ତା ରଙ୍ଗାସ୍ୱାମୀ।

ସିଏସି ସଭ୍ୟମାନଙ୍କ ନିକଟକୁ ନୋଟିସ୍ ପଠାଇଥିଲେ। ଅକ୍ଟୋବର ୧୦ ସୁଦ୍ଧା ଜବାବ ଦେବାକୁ ଏମାନଙ୍କୁ କୁହାଯାଇଛି। ସିଏସିର ୩ଜଣ ସଦସ୍ୟଙ୍କ ବିରୋଧରେ ମଧ୍ୟ ପ୍ରଦେଶ କ୍ରିକେଟ ଆସୋସିଏଶନ (ଏମ୍‌ପିସିଏ) ଆଜୀବନ ସଦସ୍ୟ ସଞ୍ଜିବ ଗୁପ୍ତା ଅଭିଯୋଗ ଦାଖଲ କରିଥିଲେ। ରଙ୍ଗାସ୍ୱାମୀ, ଗାଏକ୍ୱାଡ ଓ କପିଳ ଦେବ ଗତ ଅଗଷ୍ଟରେ ଭାରତୀୟ ହେଡ୍ କୋଚ୍ ଚୟନ କରିଥିଲେ। ବିସିସିଆଇର ସମ୍ବିଧାନ ଅନୁସାରେ କୌଣସି ବ୍ୟକ୍ତି ଏକାଧିକ ପଦରେ ଏକା ସମୟରେ ରହିପାରିବେ ନାହିଁ। ସିଏସି ସଦସ୍ୟମାନେ କ୍ରିକେଟ ସମ୍ପର୍କିତ ଏକାଧିକ ପଦରେ କାର୍ଯ୍ୟ କରୁଛନ୍ତି ବୋଲି ଗୁପ୍ତା ଅଭିଯୋଗ ଆଣିଛନ୍ତି।

କପିଲ ଦେବ ଜଣେ ଭାଷ୍ୟକାର, ଫ୍ଲଡ ଲାଇଟ୍ କମ୍ପାନୀର ମାଲିକ, ଇଣ୍ଡିଆନ କ୍ରିକେଟର୍ସ ଆସୋସିଏଶନ ସଦସ୍ୟ ହେବା ସହିତ ସିଏସିର ସଦସ୍ୟ ଅଛନ୍ତି। ସେହିପରି ଗାଏକ୍ୱାଡ ଗୋଟିଏ କ୍ରିକେଟ ଏକାଡେମୀ ମାଲିକ ରହିଥିବାବେଳେ ବିସିସିଆଇ ଆଫିଲିଏଶନ କମିଟିର ସଦସ୍ୟ ମଧ୍ୟ ରହିଛନ୍ତି। ସେହିପରି ରଙ୍ଗାସ୍ୱାମୀ ସିଏସି ଓ ଆଇସିଏରେ ଏକାଧିକ ପଦରେ ରହିଛନ୍ତି ବୋଲି ଗୁପ୍ତା ଅଭିଯୋଗ ଆଣିଛନ୍ତି। ସିଏସି ଭାରତୀୟ ମହିଳା ଦଳର କୋଚ୍ ଡବ୍ଲ୍ୟୁଭି ରମଣଙ୍କୁ ଡିସେମ୍ବରରେ ନିଯୁକ୍ତ କରିଥିଲେ। କିନ୍ତୁ ସେତେବେଳେ ଏହା ଏକ ଆଡହକ୍ କମିଟି ଥିଲା। ସେହିପରି ରବି ଶାସ୍ତ୍ରୀଙ୍କୁ ଭାରତୀୟ ହେଡ୍ କୋଚ୍ ରୂପେ ସିଏସି ନିଯୁକ୍ତି ଦେଇଥିଲା। ଶାସ୍ତ୍ରୀ ଭାରତରେ ଆୟୋଜନ ହେବାକୁ ଥିବା ୨୦୨୧ ଟି୨୦ ବିଶ୍ୱକପ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ। ସେ ଚତୁର୍ଥଥର ପାଇଁ ଜାତୀୟ ଦଳ ଲାଗି କାର୍ଯ୍ୟ କରିବାର ସୁଯୋଗ ହାସଲ କରିଛନ୍ତି। ପୂର୍ବରୁ ସେ ୨୦୦୭ ବାଂଲାଦେଶ ଗସ୍ତରେ ଦଳ ସହିତ କ୍ରିକେଟ ମ୍ୟାନେଜର, ୨୦୧୪ରୁ ୨୦୧୬ ପର୍ଯ୍ୟନ୍ତ ଟିମ୍ ଡାଇରେକ୍ଟର ଓ ୨୦୧୭ରୁ ୧୯ ପର୍ଯ୍ୟନ୍ତ ଦଳର ହେଡ୍ କୋଚ୍ ରୂପେ କାର୍ଯ୍ୟ କରିଛନ୍ତି।

# ଭାରତୀୟ ହକି ଦଳର ବିଜୟଧାରା ଜାରି

ଆଣ୍ଟରେପ (ବେଲଜିୟମ),୨୯।୯(ପି.ଟି.)

ବେଲଜିୟମ ଗସ୍ତରେ ଯାଇଥିବା ଭାରତୀୟ ପୁରୁଷ ହକି ଦଳ ବିଜୟଧାରା ଅବ୍ୟାହତ ରଖିଛି। ରବିବାର ଅନୁଷ୍ଠିତ ତୃତୀୟ ମ୍ୟାଚ୍‌ରେ ଭାରତ ୫-୧ ଗୋଲରେ ସ୍ପେନ୍‌କୁ ହରାଇଛି। ଏଥିସହ ସ୍ପେନ୍ ବିପକ୍ଷରେ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଶନିବାର ଭାରତ ସ୍ପେନ୍‌କୁ ୬-୧ ଗୋଲରେ ହରାଇଥିଲା। ବିଶ୍ୱର ୫ ନମ୍ବର ଦଳ ଭାରତ ହରମନପ୍ରୀତ ସିଂଙ୍କ ଡବଲ୍ ଗୋଲ ଜରିଆରେ ଏହି ସହଜ ବିଜୟ ହାସଲ କରିଛି।

ଆରମ୍ଭରୁ ଭାରତ ପ୍ରଭାବୀ ପ୍ରଦର୍ଶନ କରି ନ ଥିଲା। ମ୍ୟାଚର ତୃତୀୟ ମିନିଟ୍‌ରେ ହିଁ ଗୋଲ ବରଣ କରିଥିଲା। ବିଶ୍ୱର ୮ ନମ୍ବର ଦଳ ସ୍ପେନ୍ ତରଫରୁ ଇଗ୍ଲେସିଆସ୍ ଅଲଭାରୋ ପ୍ରଥମ ଗୋଲ ଦେଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ତେବେ ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ପଞ୍ଚମ ମିନିଟ୍‌ରେ ଆକାଶଦୀପ ସିଂ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ସମାନସ୍ତରକୁ ଆଣିଥିଲେ। ଏହାପରେ ଭାରତ ପଛକୁ ଫେରି ଚାହିଁ ନ ଥିଲା। ଏହାପରେ ଦ୍ୱିତୀୟ କ୍ୱାର୍ଟରରେ ଏସ୍‌ଭି ସୁନୀଲ ଏକ ସୁନ୍ଦର ଗୋଲ ଦେଇଥିଲେ ଓ ଭାରତ ପ୍ରଥମାର୍ଦ୍ଧ ସୁଧା ୨-୧ରେ ଅଗ୍ରଣୀ ହୋଇଥିଲା। ତୃତୀୟ କ୍ୱାର୍ଟରରେ ଭାରତ ଦମ୍‌ଦାର ପ୍ରଦର୍ଶନ କରିଥିଲା। ୩୫ତମ ମିନିଟରେ ଫରୱାର୍ଡ ରମନଦୀପ ସିଂ ଭାରତ ପାଇଁ ତୃତୀୟ ଗୋଲ ସ୍କୋର କରିଥିଲେ। ଏହାପରେ ୪୧ତମ ମିନିଟ୍‌ରେ ଡ୍ରାଗ ଫ୍ଲିକର ହରମନପ୍ରୀତ ସିଂ ଏକ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଭାରତକୁ ୪-୧ ଗୋଲରେ ଅଗ୍ରଣୀ କରାଇଥିଲେ। ଅନ୍ତିମ କ୍ୱାର୍ଟରରେ ଭାରତ କୁଇକ୍ ପାସ୍ ଦେଇ ଦ୍ରୁତ ଗତିରେ ଖେଳିଥିଲା। ହରମନପ୍ରୀତ ସିଂ ଦଳ ତରଫରୁ ପଞ୍ଚମ ଗୋଲ ଦେଇଥିଲେ।





ସର୍ବଭାରତୀୟ ଡାକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପୁରସ୍କୃତ କରୁଛନ୍ତି।

# ସୁନ୍ଦର ସ୍ୱାସ୍ଥ୍ୟରେ ଓଡିଶା ସର୍କଲ ରନର୍ସଅପ

**ସର୍ବଭାରତୀୟ ଡାକ ପ୍ରତିଯୋଗିତା**

ବ୍ରହ୍ମପୁର ଅଫିସ,୨୯।୯

ସକାରାତ୍ମକ ଆତ୍ମବିଶ୍ୱାସ ଅସଫଳ କାର୍ଯ୍ୟକୁ ମଧ୍ୟ ସଫଳତାରେ ପରିଣତ କରିଥାଏ । ନିଜ ଭିତରେ ଥିବା ସକାରାତ୍ମକ ବିଶ୍ୱାସ ଜାଗ୍ରତ କରିବା ଆବଶ୍ୟକ। ଯୁବକଙ୍କ ଦକ୍ଷତାର କୌଣସି ନିର୍ଦ୍ଦିଷ୍ଟ ପରିଧି ନାହିଁ। ତେଣୁ ଯୁବବର୍ଗ ନିଜ ପରିଚୟ ପରିବର୍ତ୍ତେ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଡାକ ବିଭାଗର ୩୫ତମ ସର୍ବଭାରତୀୟ ଭାରୋତ୍ତୋଳନ, ଶକ୍ତି ଉତ୍ତୋଳନ ଏବଂ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ରବିବାର ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହା କହିଛନ୍ତି।

ହିଲ୍‌ପାଟଣାସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ୪ ଦିନ ଧରି ଚାଲିଥିବା ଡାକ ବିଭାଗର ୩୫ତମ ସର୍ବଭାରତୀୟ ଭାରୋତ୍ତୋଳନ, ଶକ୍ତି ଉତ୍ତୋଳନ ଏବଂ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରୋତ୍ତୋଳନ ଓ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ସହ ଯୋଡି ହୋଇ ରହିଥିବା ବ୍ରହ୍ମପୁରର ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ବଲପୁର ଜିଲା ଡାକପାଳ ଲଳିତେନ୍ଦୁ ପ୍ରଧାନ, ମୁଖ୍ୟ ଡାକପାଳ ଡ. ସନ୍ତୋଷ କୁମାର କାମିଲା, ବ୍ରହ୍ମପୁର ମଣ୍ଡଳ ମହାଡାକପାଳ କଲୋନେଲ ଜଳେଶ୍ୱର କହଁର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ୧୯୨୧ରେ ଗାନ୍ଧିଜୀଙ୍କ ପ୍ରଥମ ବ୍ରହ୍ମପୁର ଗସ୍ତ ସ୍ମୃତି ଉପଲକ୍ଷେ ସେ ରହିଥିବା ମଧୁମନ୍ଦିର ପ୍ରତିଛବିର ଏକ ଲଫାପାକୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ । ତେବେ ଏହି ପ୍ରତିଯୋଗିତାରେ ଭାରୋତ୍ତଳନରେ ରାଜସ୍ଥାନ ସର୍କଲ ଚାମ୍ପିୟନ ହୋଇଥିବା ବେଳେ ଶ୍ରେଷ୍ଠ ଭାରୋତ୍ତୋଳନକାରୀ ଭାବେ ରାଜସ୍ଥାନର କପିଳଦେବ ରାଠୋର ପୁରସ୍କୃତ ହୋଇଥିଲେ। ଶକ୍ତି ଉତ୍ତୋଳନରେ ତାମିଲନାଡୁ ସର୍କଲ ଚାମ୍ପିୟନ ହୋଇଥିବା ବେଳେ ଶ୍ରେଷ୍ଠ ଶକ୍ତି ଉତ୍ତୋଳନକାରୀ ଭାବେ ମଧ୍ୟପ୍ରଦେଶର ଶୈଳେନ୍ଦ୍ର ସେବାତିଆ ପୁରସ୍କୃତ ହୋଇଥିଲେ। ସେହିପରି ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଓଡିଶା ପୋଷ୍ଟାଲ ସର୍କଲ ରନର୍ସଅପ ହୋଇଥିବା ବେଳେ ଓଡିଶା ସର୍କଲର ବିଶ୍ୱଜିତ ପ୍ରତିହାରୀ ଶ୍ରେଷ୍ଠ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗୀ ଭାବେ ପୁରସ୍କୃତ ହୋଇଛନ୍ତି ।

## ୧୮ ବର୍ଷରୁ କମ୍ ସାଫ ଫୁଟ୍‌ବଲ | ପ୍ରଥମ ଥର ଚାମ୍ପିୟନ ଭାରତ

କାଠମାଣ୍ଡୁ,୨୯।୯

୧୮ ବର୍ଷରୁ କମ୍ ସାଫ ଫୁଟ୍‌ବଲ ଚାମ୍ପିୟନଶିପରେ ଭାରତୀୟ ଦଳ ପ୍ରଥମ ଥର ଚାମ୍ପିୟନ ହୋଇଛି। ରବିବାର ଖେଳାଯାଇଥିବା ଫାଇନାଲରେ ଭାରତୀୟ ଦଳ ୨-୧ ଗୋଲରେ ବାଂଲାଦେଶକୁ ହରାଇ ଦେଇଛି। ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଥିଲେ ଓଡ଼ିଶାର ଟଙ୍କଧର ବାଗ୍। ଟଙ୍କଧର ୧୬ ବର୍ଷରୁ କମ୍ ଭାରତୀୟ ଦଳରେ କୋଚ ଶୁଭେନ୍ଦୁ ପଣ୍ଡାଙ୍କଠାରୁ ପ୍ରଶିକ୍ଷଣ ପ୍ରାପ୍ତ । ୧୬ ବର୍ଷରୁ କମ୍ ଦଳରୁ ୫ ଖେଳାଳି କ୍ୟାମ୍ପକୁ ଏବଂ ସେଥିରୁ ୩ ଖେଳାଳି ୧୮ବର୍ଷରୁ କମ୍ ଦଳରେ ସାମିଲ ହୋଇଥିଲେ। ମ୍ୟାଚ୍ ଆରମ୍ଭରୁ ଭାରତୀୟ ଦଳକୁ ଖାତା ଖୋଲିବା ପାଇଁ ଅପେକ୍ଷା କରିବାକୁ ପଡ଼ି ନ ଥିଲା। ମ୍ୟାଚ୍‌ର ଦ୍ୱିତୀୟ ମିନିଟ୍‌ରେ ଭାରତ ପାଇଁ ବିକ୍ରମ ପ୍ରତାପ ସିଂ ପ୍ରଥମ ଗୋଲ ଦେଇଥିଲେ। ୨୨ତମ ମିନିଟ୍‌ରେ ଭାରତର ଗୁରକିରତ ସିଂ ଓ ବାଂଲାଦେଶର ମହମ୍ମଦ ଫହିଙ୍କୁ ରେଡ୍ କାର୍ଡ ଦିଆଯାଇଥିଲା। ଫଳରେ ଦୁଇ ଦଳକୁ ୧୦ ଲେଖାଏ ଖେଳାଳିଙ୍କ ସହ ଖେଳିବାକୁ ପଡ଼ିଥିଲା। ପ୍ରଥମାର୍ଦ୍ଧ ଶେଷ ହେବାର କିଛି ସମୟ ପୂର୍ବରୁ ବାଂଲାଦେଶ ଅଧିନାୟକ ୟେସିନ (୪୦ତମ ମିନିଟ୍) ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ଏହାପରେ ବାଂଲାଦେଶର ୟସିନ ଦ୍ୱିତୀୟ ୟେଲୋ କାର୍ଡ ପାଇ ପଡ଼ିଆ ଛାଡ଼ିଥିଲେ। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ହେଲେ ମ୍ୟାଚ୍‌ର ଅତିରିକ୍ତ ମିନିଟ୍‌ରେ ରବି ବାହାଦୁର ରାଣା (୯୦+୧ ମିନିଟ୍) ଭାରତ ଲାଗି ବିଜୟ ସୂଚକ ଗୋଲ ଦେଇଥିଲେ। ମ୍ୟାଚ୍ ଜିତିବା ପରେ କୋଚ୍ ଫ୍ଲଏଡ୍ ପିଣ୍ଟୋ କହିଛନ୍ତି, ମ୍ୟାଚ୍‌ଟି ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଥିଲା। ରବିଙ୍କ ଚମତ୍କାର ଗୋଲ ବଳରେ ଆମେ ମ୍ୟାଚ୍ ଜିତିବାକୁ ସକ୍ଷମ ହେଲୁ। ଆମେ ଟୁର୍ନାମେଣ୍ଟରେ କେବଳ ଶ୍ରେଷ୍ଠ ଫୁଟ୍‌ବଲ ଦଳ ନ ଥିଲୁ, ସବୁଠୁ ପ୍ରଭାବି ଦଳ ମଧ୍ୟ ଥିଲୁ। ମୁଁ ଖେଳାଳିଙ୍କ ପାଇଁ ବହୁତ ଖୁସି ବୋଲି କୋଚ୍ ପିଣ୍ଟୋ କହିଛନ୍ତି। ଭାରତର ନିନ୍‌ଥୋଇନଗାମ୍ବା ମିତେଇଙ୍କୁ ମୋଷ୍ଟ ଭାଲ୍ୟୁଏବୁଲ ପ୍ଲେୟର ଅଫ୍ ଟୁର୍ନାମେଣ୍ଟ ବିବେଚିତ କରାଯାଇଛି। ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ) ସଭାପତି ପ୍ରଫୁଲ ପଟେଲ ଚାମ୍ପିୟନ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଦଳ ପ୍ରତ୍ୟେକ ମ୍ୟାଚ୍‌ରେ ଉନ୍ନତ ପ୍ରଦର୍ଶନ କରିଛି। ଗତ ସପ୍ତାହରେ ୧୬ ବର୍ଷରୁ କମ୍ ଭାରତ ଏଏଫ୍‌ସି ଚାମ୍ପିୟନଶିପକୁ ଯୋଗ୍ୟତା ଅର୍ଜନ କରିଥିଲା। ଏବେ ସାଫ ଟୁର୍ନାମେଣ୍ଟ ଜିତିବା ଯୁବ ଭାରତୀୟ ଦଳ ପାଇଁ ଡବଲ ଖୁସି ସଦୃଶ। ଏହି ଭାରତୀୟ ଦଳ ଏବେ ନଭେମ୍ବରରେ ହେବାକୁ ଥିବା ୧୯ ବର୍ଷରୁ କମ୍ ଏଏଫ୍‌ସି ଯୋଗ୍ୟତା ପର୍ଯ୍ୟାୟ ଖେଳିବ।



ଓଡ଼ିଆ ଖେଳାଳି ଟଙ୍କଧର ବାଗ।





ଚାମ୍ପିୟନ ଭାରତୀୟ ଦଳ ଟ୍ରଫି ସହ ।

## ସଂକ୍ଷେପରେ

### ମୋମୋଟାଙ୍କୁ କୋରିଆ ଓପନ୍ ଟାଇଟଲ



ସେଉଲ,୨୯।୯(ଏଏଫ୍‌ପି): ଶୀର୍ଷ ର୍‍ୟାଙ୍କଧାରୀ ଜାପାନର କେଣ୍ଟୋ ମୋମୋଟା ଏଠାରେ ଚାଲିଥିବା କୋରିଆ ଓପନ ବ୍ୟାଡ୍‌ମିଣ୍ଟନ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ବିଶ୍ୱର ଦ୍ୱିତୀୟ ର୍‍ୟାଙ୍କ ଚୋଉ ତିଏନ ଚେନଙ୍କୁ ୧୯-୨୧, ୧୭-୨୧ ଗେମ୍‌ରେ ହରାଇ କ୍ରମାଗତ ୨ୟ ଥର ପାଇଁ ମୋମୋଟା ଏଠାରେ ଚାମ୍ପିୟନ ହୋଇଛନ୍ତି। ଏହା ଜାପନିଜ ଶଟଲରଙ୍କ ଲାଗି ଅନ୍ତର୍ଜାତୀୟ ସ୍ତରରେ ୩୦୦ ତମ ବିଜୟ। ୨୦୧୬ରେ ୱାର୍ଲ୍ଡ ର୍‍ୟାଙ୍କିଙ୍ଗ୍‌ର ଦ୍ୱିତୀୟ ସ୍ଥାନରେ ଥିବାବେଳେ ଆଇନଗତ ସ୍ୱୀକୃତି ପାଇ ନ ଥିବା କାସିନୋକୁ ଯିବାରୁ ଏହି ଚାମ୍ପିୟନଙ୍କୁ ବାସନ୍ଦ କରାଯାଇଥିଲା। ଏଥିସହିତ ରିଓ ଅଲିମ୍ପିକ୍ସରେ ମଧ୍ୟ ତାଙ୍କୁ ଖେଳିବାକୁ ଦିଆଯାଇ ନ ଥିଲା। ସେବେଠାରୁ କଡ଼ା ପରିଶ୍ରମ କରି ବିଶ୍ୱ ମାନ୍ୟତାର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଚାଇନାର ହେ ବିଙ୍ଗଜିଆଓ ୧୮-୨୧, ୨୪-୨୨, ୨୧-୧୭ ଗେମ୍‌ରେ ଥାଇଲାଣ୍ଡ ରାତ୍‌ଚାନୋକ ଇଣ୍ଟାନନଙ୍କୁ ହରାଇ ଥିଲେ।

> “କୌଣସି ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ମୁଁ ଆଶାନୁରୂପ ଖେଳିପାରି ନ ଥାଏ। ଚାଇନା ଓପନର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ ହେଁ ପ୍ରଦର୍ଶନରେ ଖୁସି ନୁହେଁ। –ନାଓମି ଓସାକା, ଜାପାନ ମହିଳା ଟେନିସ ତାରକା



> “ପେଟ୍ରୋ ରନ ଦିଲ୍ଲୀ ହାଫ୍ ମାରାଥନର ଶୁଭାରମ୍ଭ କରି ଫିଟ୍ ଇଣ୍ଡିଆ ଅନ୍ଦୋଳନର ଅଂଶବିଶେଷ ହୋଇପାରିଥିବାରୁ ମୁଁ ଖୁବ୍ ଆନନ୍ଦିତା –ହିମା ଦାସ, ଭାରତୀୟ ସ୍ପ୍ରିଣ୍ଟର



# ହାମିଲଟନ ଜିତିଲେ ରୁଷିଆନ ଗ୍ରାଁ ପ୍ରି

ସୋଚି, ୨୯।୯

ମର୍ସିଡିଜ୍ ଡ୍ରାଇଭର ବ୍ରିଟେନର ଲୁଇସ ହାମିଲ୍‌ଟନ ରବିବାର ଅନୁଷ୍ଠିତ ରୁଷିଆନ ଗ୍ରାଁ ପ୍ରି ଫର୍ମୁଲା ୱାନ୍ ମୋଟର ରେସିଂରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ରୁଷିଆରେ ଏହା ହାମିଲ୍‌ଟନଙ୍କ ୪ର୍ଥ ଏବଂ ଓଭରଅଲ୍ ୮୨ତମ ଗ୍ରାଁ ପ୍ରି ବିଜୟ। ୨ ନମ୍ବର ଗ୍ରିଡ୍‌ରୁ ରେସ୍ ଆରମ୍ଭ କରିଥିବା ହାମିଲଟନଙ୍କୁ ସାଥି ଡ୍ରାଇଭର ଭାଲ୍‌ଟେରୀ ବୋଟ୍ଟାସ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ୨ ନମ୍ବର ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ପୋଲ୍ ପୋଜିଶନ ପାଇଥିବା ଫେରାରୀର ଚାର୍ଲ୍ସ ଲେକ୍‌ରେକ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଫଳରେ ଏହି ୩ ଡ୍ରାଇଭରଙ୍କୁ ଯଥାକ୍ରମେ ୨୬, ୧୮ ଓ ୧୫ ପଏଣ୍ଟ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ, ଆଲେକ୍‌ଜାଣ୍ଡର ଆଲବନ, ମ୍ୟାକ୍‌ଲରେନର କାର୍ଲୋସ ସିଞ୍ଜ ଜୁନିୟର, ରେିଂ ପଏଣ୍ଟର ସର୍ଗିଓ ପେରେଜ, ମ୍ୟାକ୍‌ଲରେନର ଲାନ୍‌ଲୋ ନୋରିସ, ହାସ୍‌ର କେଭିନ ମ୍ୟାଗ୍ନୁସେନ ଓ ରେନଲ୍ଟର ନିକୋ ହକେନବର୍ଗ ଟପ୍-୧୦ ଫିନିଶ୍ କରି ପଏଣ୍ଟ ହାସଲ କରିଛନ୍ତି। ଏହି ରେସ୍ ପରେ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ହାମିଲଟନ ୯ ଗ୍ରାଁ ପ୍ରି ବିଜୟ ସହ ୩୨୨ ପଏଣ୍ଟ ପାଇ ଶୀର୍ଷସ୍ଥାନକୁ ମଜଭୁତ କରିଛନ୍ତି। ଅନ୍ୟତମ ମର୍ସିଡିଜ୍ ଡ୍ରାଇଭର ବୋଟ୍ଟାସ ୨ ବିଜୟ ସହ ୨୪୯, ଫେରାରୀର ଲେକ୍‌ରେକ୍ ୨ ବିଜୟ ସହ ୨୧୫ ଓ ରେଡବୁଲ୍‌ର ମାକ୍ସ ଭର୍ଷ୍ଟାପେନ ୨ ବିଜୟ ସହ ୨୧୨ ପଏଣ୍ଟ ପାଇ ପଛକୁ ପଛ ରହିଛନ୍ତି। କନ୍‌ଷ୍ଟ୍ରକ୍ଟର୍ସ ଷ୍ଟାଣ୍ଡିଂରେ ମର୍ସିଡିଜ୍ ୫୭୧ ପଏଣ୍ଟ ପାଇ ଶୀର୍ଷସ୍ଥାନ ବଜାୟ ରଖିଥିବାବେଳେ ଫେରାରୀ ୪୦୯ ଏବଂ ରେଡ୍‌ବୁଲ୍ ୩୧୧ ପଏଣ୍ଟ ସହିତ ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଛନ୍ତି।



ଟ୍ରଫିକୁ ଚୁମ୍ବନ ଦେଉଛନ୍ତି ଲୁଇସ ହାମିଲଟନ।

# ସିଙ୍ଗଲ୍ସ, ଡବଲ୍ସରେ ପ୍ରମୋଦ ଚାମ୍ପିୟନ



ପଦକ ସହ ପ୍ରମୋଦ ଭଗତ ଓ ମନୋଜ ସରକାର ।

### ଚାଇନା ପାରା ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର, ୨୯।୯ (କ୍ରୀଡ଼ା ପ୍ରତିନିଧି)

ଚାଇନାର ଯୁହାଙ୍ଗ ହାଙ୍ଗ୍‌ଝୋଉଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ବିଭାଗରେ ଚାମ୍ପିୟନ ହୋଇଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ରବିବାର ଅନୁଷ୍ଠିତ ଫାଇନାଲରେ ସେ ଇଂଲଣ୍ଡର ଡାନିଏଲ ବେଥେଲଙ୍କୁ ୧୯-୨୧, ୨୧-୧୩, ୨୧-୧୪ ପଏଣ୍ଟରେ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ସେହିପରି ଭାରତର ମନୋଜ ସରକାରଙ୍କୁ ସାଥିକରି ଖେଳୁଥିବା ପ୍ରମୋଦ ଡବଲ୍ସ ଫାଇନାଲରେ ଅନ୍ୟତମ ଭାରତୀୟ ଯୋଡ଼ି ବିକ୍ରମ ଓ ସୁହାସଙ୍କୁ ୧୮-୨୧, ୨୧-୧୬, ୨୧-୧୫ ପଏଣ୍ଟରେ ହରାଇ ଦେଇଛନ୍ତି। ଆହତ ସମସ୍ୟା ଯୋଗୁ ପ୍ରମୋଦ ନିକଟରେ ଅନୁଷ୍ଠିତ ଥାଇଲାଣ୍ଡ ଓପନ୍‌ର ଫାଇନାଲ ଅଧାରୁ ଓହରିବାକୁ ବାଧ ହୋଇଥିଲେ। ମାତ୍ର ଚାଇନା ଟୁର୍ନାମେଣ୍ଟରେ ସେ ଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣିମ ସଫଳତାକୁ ଫେରିଛନ୍ତି। ଏହାକୁ ମିଶାଇ ପ୍ରମୋଦ ଚଳିତ ବର୍ଷ ସିଙ୍ଗଲ୍ସରେ ୭ମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୨୦୧୯ରେ ତାଙ୍କର ସିଙ୍ଗଲ୍ସ ଓ ଡବଲ୍ସ ପଦକ ସଂଖ୍ୟା ୧୭(୧୧ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ ବ୍ରୋଞ୍ଜ)ରେ ପହଞ୍ଚିଛି। ଏଥିସହ ସେ ୨୦୨୦ ଟୋକିଓ ପାରା ଅଲିମ୍ପିକ୍ସ କ୍ୱାଲିଫାୟର୍ସ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛନ୍ତି। ସେ ମୋଟ ୬୦୯୦ ପଏଣ୍ଟ ପାଇଛନ୍ତି।

# ବିଶ୍ୱ ବିଚ୍ ପେନ୍‌ଚାକ୍ ସିଲାଟ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ୨ ଭାଗନେବେ



ପ୍ରେମ୍ ସିଂ ଥାପା ଓ ଭବାନୀ କୁମାରୀ ସାହୁ ।

ଭୁବନେଶ୍ୱର, ୨୯।୯(କ୍ରୀଡ଼ା ପ୍ରତିନିଧି)

ବିଶ୍ୱ ବିଚ୍ ପେନ୍‌ଚାକ୍ ସିଲାଟ ଚାମ୍ପିୟନଶିପ୍‌ର ପ୍ରଥମ ସଂସ୍କରଣ ଥାଇଲାଣ୍ଡର ଫୁକେଟଠାରେ ଚଳିତ ମାସ ୩୦ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାର ଭବାନୀ କୁମାରୀ ସାହୁ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସେ ଟେଣ୍ଡିଙ୍ଗ(ଫାଇଟ୍) ଇଭେଣ୍ଟରେ ଭାଗନେବେ। ଭବାନୀଙ୍କ କୋଚ୍ ତଥା ଓଡ଼ିଶା ପେନ୍‌ଚାକ ସିଲାଟ ଆସୋସିଏଶନର ସମ୍ପାଦକ ପ୍ରେମ୍ ସିଂ ଥାପା ଅନ୍ତର୍ଜାତୀୟ ରେଫରି ଭାବେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଉଭୟ ଭବାନୀ ଓ ପ୍ରେମ୍ ରବିବାର ଝାରସୁଗୁଡ଼ାରୁ ଥାଇଲାଣ୍ଡ ଅଭିମୁଖେ ଯାତ୍ରା କରିଛନ୍ତି। ଓଡ଼ିଶା ପେନ୍‌ଚାକ ସିଲାଟ ଆସୋସିଏଶନ ପକ୍ଷରୁ ଉଭୟଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# କୋହଲି, ସ୍ମିଥଙ୍କ ରେକର୍ଡ ଭାଙ୍ଗିଲେ ପାରସ

କାଠମାଣ୍ଡୁ ,୨୯।୯

ନେପାଳ କ୍ରିକେଟ ଦଳର ଅଧିନାୟକ ପାରସ ଖାଡ୍‌କା ସ୍ୱତନ୍ତ୍ର ରେକର୍ଡର ଅଧିକାରୀ ହୋଇଛନ୍ତି। ଶନିବାର ସିଙ୍ଗାପୁର ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ ଶତକ ଲଗାଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ଟାର୍ଗେଟର ପିଛା କରୁଥିବାବେଳେ ଶତକ ଲଗାଇବାରେ ଖାଡ୍‌କେ ପ୍ରଥମ ଅଧିନାୟକ। ସେ ୪୯ ତମ ବଲରେ ଶତକ ଲଗାଇଥିଲେ, ଯାହାକି ଏସିଆନ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ୪ର୍ଥ ଦ୍ରୁତତମ। ୫୨ ବଲର ସମ୍ମୁଖୀନ ହୋଇ ୧୦୬ ରନ୍ କରିଥିଲା। ତାଙ୍କ ଇନିଂସରେ ୭ ଚୌକା ଓ ୯ ଛକା ସାମିଲ ଥିଲା। ଏଥିଯୋଗୁ ନେପାଳ ୪ ଓଭର ପୂର୍ବରୁ ୯ ଉଇକେଟ ହାତରେ ରଖି ୧୫୨ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଏଥିପୂର୍ବରୁ ନେଦରଲାଣ୍ଡର ପିଟର ସିଲାରଙ୍କ ୯୬ ରନ୍‌ର ଇନିଂସ ଥିଲା ଅନ୍ତର୍ଜାତୀୟ କ୍ରିକେଟରେ ବିଜୟ ଲକ୍ଷ୍ୟର ପିଛା କରୁଥିବାବେଳେ ଅଧିନାୟକଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଏହି ତାଲିକାରେ ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ (୨୦୧୫, ଇଂଲଣ୍ଡ ବିପକ୍ଷରେ ୯୦) ଓ ୱେଷ୍ଟଇଣ୍ଡିଜର କ୍ରିସ ଗେଲ (୨୦୦୯, ଅଷ୍ଟ୍ରେଲିଆ ବିପକ୍ଷରେ ୮୮) ରହିଛନ୍ତି। ଏଥିରେ ଭାରତୀୟ ଅଧିନାୟକ ବିରାଟ କାହଲିଙ୍କ ୮୨ ରନ୍‌ର ଇନିଂସ ରହିଛି। ୨୦୧୭, ଶ୍ରୀଲଙ୍କା ବିପକ୍ଷରେ ସେ ଏହି ଇନିଂସ ଖେଳିଥିଲେ। ଖାଡ୍‌କା ଟି୨୦ କ୍ରିକେଟରେ ଶତକ ହାସଲ କରିଥିବା ଦେଶର ପ୍ରଥମ କ୍ରିକେଟର। ଏପର୍ଯ୍ୟନ୍ତ ଦୁଇ ଥର ଟପ୍ ୧୦ ମଧ୍ୟରେ ସ୍ଥାନ ପାଇସାରିଛନ୍ତି। ଉଲ୍ଲେଖଥାଉ କି, ସିଙ୍ଗାପୁର ପ୍ରଥମେ ବ୍ୟାଟିଂ କରି ଧାର୍ଯ୍ୟ ୨୦ ଓଭରରେ ୩ ଉଇକେଟ ହରାଇ ୧୫୧ ରନ୍ କରିଥିଲା। ଦଳ ପାଇଁ ଅଧିନାୟକ ଟିମ ଡାଭିଡ ୬୪ ରନ୍‌ର ଇନିଂସ ଖେଳିଥିଲେ।



KOSHAL ANM & GNM TRAINING SCHOOL
Permitted by: Health & Family Welfare Deptt. Govt. of Odisha
Affiliated by: Indian Nursing Council, New Delhi & Odisha Nursing Council, Bhubaneswar
ADMISSION OPEN
A.N.M. Duration 2 Years
Eligibility: +2 in any Stream or its equivalent
Age: 17 to 30 Years
G.N.M. Duration 3 Years
Eligibility: +2 Arts, Science & Commerce
Age: Both Male & Female Students of 17 to 30 years
Clinical Training at: District Head Quarters Hospital, SBP, VIMSAR, Burla
At./Po: Naxapali, Dhanupali, Sambalpur- 768005 (Odisha).
Phone: (0663) 2546997, Mob:8763429502, 9938569414

# ଝାଡ଼ଖଣ୍ଡକୁ ୪୨ରନରେ ହରାଇଲା ଗୋଆ

### ବିଜୟ ହଜାରେ ଟ୍ରଫି

କଟକ ଅଫିସ,୨୯।୯

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଚାଲିଥିବା ବିଜୟ ହଜାରେ ଟ୍ରଫିରେ ରବିବାର ୩ଟି ମ୍ୟାଚ୍ ଖେଳାଯାଇଛି। ଏଲିଟ୍ ଗ୍ରୁପ୍-ଏ ଆଣ୍ଡ ବି'ର ଏକ ମ୍ୟାଚ୍‌ରେ ଶକ୍ତିଶାଳୀ ଝାଡ଼ଖଣ୍ଡ ଦଳକୁ ଗୋଆ ୪୨ ରନ୍‌ରେ ପରାସ୍ତ କରିଛି। ଆଦିତ୍ୟ କୌଶିକଙ୍କ ଶତକୀୟ ଇନିଂସ ଓ ଦର୍ଶନ ମିଶାଲଙ୍କ ୪ ଉଇକେଟ ଗୋଆକୁ ବିଜୟୀ କରାଇବାରେ ସହାୟ ହୋଇଥିଲା।

ବେଙ୍ଗାଲୁରୁର ଜଷ୍ଟ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଝାଡ଼ଖଣ୍ଡ ଅଧିନାୟକ ଈଶାନ କିଶାନ ଟସ୍ ଜିତି ଗୋଆ ଦଳକୁ ବ୍ୟାଟିଂ ନିମନ୍ତ୍ରଣ କରିଥିଲେ। ଅମିତ ବର୍ମାଙ୍କ ନେତୃତ୍ୱାଧୀନ ଗୋଆ ଦଳ ପ୍ରାରମ୍ଭରୁ ବଡ଼ ଭାଗୀଦାରି ସୃଷ୍ଟି କରିପାରି ନ ଥିଲା। ୨୫ ରନ୍‌ରେ ପ୍ରଥମ ଓ ୭୩ ରନ୍‌ରେ ଦଳ ୩ଟି ଉଇକେଟ ହରାଇଥିଲା। ମଧ୍ୟକ୍ରମରେ କ୍ରିଜ୍‌କୁ ଆସିଥିବା ଡାହାଣହାତୀ ବ୍ୟାଟ୍ସମ୍ୟାନ ଆଦିତ୍ୟ କୌଶିକ ବଡ଼ ସଟ୍ ଖେଳିଥିଲେ। ୬୩ ବଲ୍‌ରୁ ଅର୍ଦ୍ଧଶତକ ଓ ୯୯ ବଲରୁ ଶତକ ସଂଗ୍ରହ କରିଥିଲେ। ଏହା ମଧ୍ୟରେ ୧୨ଟି ଚୌକା ଓ ୩ଟି ଛକା ସାମିଲ ଥିଲା। ବ୍ୟକ୍ତିଗତ ୧୧୭ ରନ୍‌ରେ ଆଦିତ୍ୟ ରାହୁଲ ଶୁକ୍ଳାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଗୋଆ ପକ୍ଷରୁ ଉଇକେଟକିପର ଚିଦାମ୍ବରମ ଗୌତମ ୪୦ ରନ୍‌ର ଇନିଂସ ଖେଳିଥିଲେ। ନିର୍ଦ୍ଧାରିତ ୫୦ ଓଭରରେ ଦଳ ୮ ଉଇକେଟ ହରାଇ ମୋଟ ୨୬୬ ରନ୍ କରିଥିଲା। ଝାଡ଼ଖଣ୍ଡ ପକ୍ଷରୁ ରାହୁଲ ଶୁକ୍ଳା ୩୩ ରନ୍ ବିନିମୟରେ ୬ଟି ଉଇକେଟ ଦଖଲ କରିଥିଲେ। ବ୍ୟାଟିଂ ବିଫଳତା ଯୋଗୁ ଝାଡ଼ଖଣ୍ଡକୁ ପରାସ୍ତ ହେବାକୁ ପଡ଼ିଛି। ୬୬ ରନ୍‌ରେ ପ୍ରଥମ ୪ଟି ଉଇକେଟ ହରାଇଥିବା ଝାଡ଼ଖଣ୍ଡ ୨୨୪ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଅଧିନାୟକ ଈଶାନ ସର୍ବାଧିକ ୪୩ ରନ୍ କରିଥିବା ବେଳେ ଅନୁକୂଳ ରାୟ ୪୦, ବିରାଟ ସିଂ ୩୨, ସୌରଭ ତିୱାରୀ ୨୬ ରନ୍ କରିଛନ୍ତି। ଦର୍ଶନ ୩୫ ରନ୍ ବିନିମୟରେ ୪ଟି ଉଇକେଟ ଅକ୍ତିଆର କରିଥିବା ବେଳେ ଲକ୍ଷ୍ୟ ଗର୍ଗ, ହେରାମ୍ବ ପରବଙ୍କୁ ୨ଟି ଲେଖାଏ ଉଇକେଟ ମିଳିଛି। ଏହି ଗ୍ରୁପ୍‌ର ଅଲୁର କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ କେରଳ ୬୨ ରନ୍‌ରେ ହାଇଦ୍ରାବାଦକୁ ପରାସ୍ତ କରିଛି । ଅମ୍ବାତି ରାୟିଡୁଙ୍କ ନେତୃତ୍ୱାଧୀନ ହାଇଦ୍ରାବାଦ ଟସ୍ ଜିତି ରବିନ ଉଥାପାଙ୍କ ନେତୃତ୍ୱାଧୀନ କେରଳ ଦଳକୁ ପ୍ରଥମେ ବ୍ୟାଟିଂ କରିବାର ସୁଯୋଗ ଦେଇଥିଲା। କେରଳ ପକ୍ଷରୁ ସଞ୍ଜୁ ସାମ୍‌ସନ(୩୬ ରନ), ପୁନମ ରାହୁଲ(୩୫ ରନ), ସଚିନ ବେବି(୩୨ ରନ) ଓ ଅଧିନାୟକ ଉଥାପାଙ୍କ (୩୩ ରନ) ଇନିଂସ ବଳରେ ୯ ଉଇକେଟ ହରାଇ ଦଳ ୨୨୭ ରନ୍ କରିଥିଲା। ହାଇଦ୍ରାବାଦର ଅଜୟ ଦେବଗୌଡ଼ ସର୍ବାଧିକ ୩ଟି ଉଇକେଟ ଦଖଲ କରିଥିଲେ। ଜବାବରେ ୧୬୫ ରନ୍‌ରେ ଅଲଆଉଟ ହୋଇଥିଲା ହାଇଦ୍ରାବାଦ। ଦଳର ଓପ୍‌ନର ତନ୍ମୟ ଅଗ୍ରୱାଲ ୬୯ ରନର ଇନିଂସ ଖେଳିଥିବା ବେଳେ ଅନ୍ୟ ସମସ୍ତ ବ୍ୟାଟ୍ସମ୍ୟାନ ବିଫଳ ହୋଇଥିଲେ। କେରଳର ଡାହାଣହାତୀ ମିଡ଼ିୟମ ପେସ ବୋଲର କେ.ଏମ୍. ଅସିଫ ୪ଟି ଉଇକେଟ ଦଖଲ କରିଥିଲେ । ଅଲୁର କ୍ରିକେଟ ଷ୍ଟାଡିୟମ-୨ରେ ଅନୁଷ୍ଠିତ ମ୍ୟାଚ୍‌ରେ ଛତିଶଗଡ଼ ୫୬ ରନ୍‌ରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଛତିଶଗଡ଼ ଆଶୁତୋଷ ସିଂଙ୍କ ୭୫ ରନ୍ ସହାୟତାରେ ୯ ଉଇକେଟ ହରାଇ ୨୬୮ ରନ୍ କରିଥିଲା। ଆନ୍ଧ୍ରପ୍ରଦେଶ ପକ୍ଷରୁ ପୃଥ୍ୱୀରାଜ ୟାରା ୩ଟି ଉଇକେଟ ଅକ୍ତିଆର କରିଥିଲେ। ୨୬୯ ରନ୍‌ର ପିଛାକରି ଆନ୍ଧ୍ରପ୍ରଦେଶ ୨୧୨ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଓପ୍‌ନର ପ୍ରଶାନ୍ତ କୁମାର ସର୍ବାଧିକ ୪୪ ରନ୍ କରିଥିଲେ। ଛତିଶଗଡ଼ ପକ୍ଷରୁ ଶଶାଙ୍କ ସିଂ ୩ଟି ଉଇକେଟ ନେଇଛନ୍ତି। ଅନ୍ୟପକ୍ଷରେ ମଣିପୁର-ଚଣ୍ଡିଗଡ଼, ହରିୟାଣା-ଉତ୍ତରପ୍ରଦେଶ, ବରୋଦା-ପଞ୍ଜାବ, ନାଗାଲାଣ୍ଡ-ମିଜୋରାମ, ମହାରାଷ୍ଟ୍ର-ହିମାଚଳପ୍ରଦେଶ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଛି।

# ହର୍ଷିତ ଚାମ୍ପିୟନ, ଦିବ୍ୟସିଂ ରନର୍ସଅପ୍

ଭୁବନେଶ୍ୱର, ୨୯।୯ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଏବଂ ରବି ନାରାୟଣ ଦାଶ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ରବିବାର ଏଠାରେ ଅନୁଷ୍ଠିତ ସ୍କୁଲ ଓପନ୍ ଚେସ୍‌ରେ ହର୍ଷିତ ରଞ୍ଜନ ସାହୁ ଚାମ୍ପିୟନ ଓ ଦିବ୍ୟସିଂ ରାୟ ରନର୍ସଅପ୍ ହୋଇଛନ୍ତି। ୭ ରାଉଣ୍ଡବିଶିଷ୍ଟ ଟୁର୍ନାମେଣ୍ଟରେ ହର୍ଷିତ ୬.୫ ପଏଣ୍ଟ ପାଇଥିବାବେଳେ ଦିବ୍ୟସିଂ ୫.୫ ପଏଣ୍ଟ ପାଇଛନ୍ତି। ୫.୫ ପଏଣ୍ଟ ପାଇଥିବା ଅନ୍ୟତମ ଖେଳାଳି ସୁମିତ ଓଝା ୩ୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜଳି ମିଶ୍ର, ପ୍ରତୀକ କୁମାର ରାଉତ, ଅଙ୍କୁଶ ସାହୁ, ସନ୍ତୋଷ କୁମାର ଦାଶ, ସିଦ୍ଧାର୍ଥ ମିଶ୍ର, ଶାଶ୍ୱତ ସୌମ୍ୟବ୍ରତ, ତ୍ରିଦେବ ତୀର୍ଥଙ୍କର, ସୁଜିତ କୁମାର ଦାଶ, ନମସ୍ୟା ନଳିନୀ, ପ୍ରଜ୍ଞାଶ୍ରୀ ଦେହୁରୀ, ଆୟୁଷ୍ମାନ ସାମନ୍ତରାୟ ଓ ଅମନ ଅଲ୍ଲୀ ଶୀର୍ଷ ୧୫ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଏହା ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୪ ଜଣ ଲେଖାଏ କୃତୀ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ସାଇ ବୀଣାପାଣି ଜ୍ଞାନମନ୍ଦିରର ସେକ୍ରେଟାରି ଭବାନୀ ଶଙ୍କର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଗେମ୍ସ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ, ତ୍ରିଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେହି ଜିନିଷ ସେହି କାମ, ଏବେ କିନ୍ତୁ ନୂଆ ନାମ
ଯାଦୁ, ପାଣିକଛା ଓ ଗୋଡ଼ଫଟା ପାଇଁ ବିଶେଷ ଫଳପ୍ରଦ
ହାଇପାୱାର
ସ୍କେବିରାଜ୍
ମଲମ ଓ ଲୋଶନ
(ପ୍ରତ୍ୟେକ ଔଷଧ ଦୋକାନରେ ମିଳେ)
SCABIRAJ

ନକଲି ପ୍ରତି ସାବଧାନ!
DIBYA SAI PHARMACY, CUTTACK-11, PH.-6372898038

## ମନେ ପଡ଼ନ୍ତି

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ସୌଦାମିନୀ ପଣ୍ଡା
କଳ୍ପନାଫ୍ଲାଟ, ଭୁବନେଶ୍ୱର-୧୪,
ଆବିର୍ଭାବ: ୨୩।୦୮।୧୯୫୬
ତିରୋଧାନ: ୧୫।୧୦।୨୦୧୫
(ଶୁକ୍ଳପକ୍ଷ ଦ୍ୱିତୀୟା ତିଥି)
ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା, ଆମ୍ଭମାନଙ୍କୁ ଛାଡ଼ିଚାଲିଗଲ କେଉଁ ଅଜଣା ରାଇଜକୁ। ତୁମର ସେହି ହସ, ହସଭରା ମୁହଁ ଏବଂ ସ୍ନେହଭରା କଥା ଆଜି ମଧ୍ୟ ଅଲିଭା ହୋଇ ରହିଅଛି ଆମ୍ଭମାନଙ୍କ ମଧ୍ୟରେ। ସର୍ବଦା କାମନା କରୁଅଛୁ ତୁମର ଅମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ।
ଧ-୧୪୫୨୪

**ହେ ଫଗୁଣ ତୁମେ ଗଲାପରେ ପରେ**



ସ୍ୱର୍ଗତ ଜଗବନ୍ଧୁ ରାଉତ
ପର୍ବତୀୟା, ଶଙ୍କରପୁର, ଢେଙ୍କାନାଳ
ଆସିଥିଲ: ୧୩।୦୯।୧୯୫୩
ଚାଲିଗଲ: ୨୦।୦୯।୨୦୧୯ (ଶୁକ୍ରବାର)
ଜୀବନର ଲମ୍ବା ରାସ୍ତାରେ ଦୀର୍ଘ ୬୬ବର୍ଷ କାଳ ଚାଲିଚାଲି ଶେଷରେ ତୁମେ ଥକି ପଡ଼ିଲ। ସରଳତା ଓ ନିଷ୍କପଟତାର ମୃତୀମନ୍ତ ପ୍ରତିକ ଥିଲ ତୁମେ। ଆଜିର ଏହି ପୂଣ୍ୟ ତିଥିରେ ଆଖିରେ ଲୁହ, ଓ ଛାତିରେ କୋହ ଧରି ପ୍ରଭୁଙ୍କ ପାଖରେ ଏତିକି ଅଳି କରୁଛୁ, ତୁମ ଅମର ଆତ୍ମା ଚିର ଶାନ୍ତି ଲଭୁଁ।
ପୂର୍ଣ୍ଣ ତ୍ରିପାଠୀ
ୟୁନିଟ୍ -୨, ଭୁବନେଶ୍ୱର
ଧ-୬୭୦୮୧

**ଏକାଦଶାହ ଉପଲକ୍ଷେ**



ଏ ବସନ୍ତ କୁମାର ଶତପଥୀ
ଆବିର୍ଭାବ : ୨୩-୦୩-୧୯୫୧
ତିରୋଧାନ : ୨୦-୦୯-୨୦୧୯
PLOT NO.1578, SITANILAYAM, SASANAPADIA, BHUBANESWAR
" ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ନ ଚୈନଂ କ୍ଲେଦୟ ନ୍ତ୍ୟାପୋ, ନ ଶୋଷୟତି ମାରୁତଃ "
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ନିସ୍ୱାର୍ଥପରତା, ତ୍ୟାଗ-ଆମ ସମସ୍ତଙ୍କ ପାଇଁ ଅବିସ୍ମରଣୀୟ, ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ : ଆପଣଙ୍କର ପତ୍ନୀ, ଭାଇ, ଭଉଣୀ, ଝିଅ, ଜ୍ୱାଇଁ, ପୁତୁରା, ଝିଆରୀ, ନାତି, ନାତୁଣୀ, ବନ୍ଧୁ, ପରିବାର ବର୍ଗ ଏବଂ ଭାରତ ବିକାଶ ପରିଷଦର ସମସ୍ତ ସଦସ୍ୟ, ସଦସ୍ୟା ବୃନ୍ଦ
ଧ-୬୮୧୦୬

**ଦ୍ୱାଦଶାହ ଉପଲକ୍ଷେ**



ସ୍ୱର୍ଗତ ମାଧବ ପାଣିଗ୍ରାହୀ
ଆବିର୍ଭାବ: ୧୮।୦୯।୧୯୬୯
ତିରୋଧାନ: ୧୯।୦୯।୨୦୧୯
" ସବୁ ଦୁଃଖ ଯାତନାକୁ ନୀରବରେ ସହି, ଚାଲିଗଲ ଆରପାରେ କିଛି ନ କହି"
ଶୋକସନ୍ତପ୍ତ:
ସ୍ତ୍ରୀ: ମମତା, ପୁତ୍ର: ନିତିଶ, କନ୍ୟା: ପ୍ରିୟଙ୍କା ଓ ପରିବାର ବର୍ଗ।
ଧ-୧୪୫୮୦

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ପଦ୍ମାବତୀ ପଟ୍ଟନାୟକ
ସ୍ୱାମୀ: ସ୍ୱର୍ଗତ କ୍ଷେତ୍ରମୋହନ ପଟ୍ଟନାୟକ
ଶଙ୍ଖପୁର (ବନ୍ତଳା) ଅନୁଗୁଳ
ଆବିର୍ଭାବ: ୩୦।୦୮।୧୯୨୬ (ଜନ୍ମାଷ୍ଟମୀ)
ତିରୋଧାନ:୨୦।୦୯।୨୦୧୯
(ଆଶ୍ୱିନ କୃଷ୍ଣପକ୍ଷ ଗଜଷଷ୍ଠୀ)
ସମସ୍ତଙ୍କ ପ୍ରତି ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଦାନ, ଧର୍ମ ଆଶୀର୍ବାଦ ଓ ଆଦର୍ଶ ଆମମାନଙ୍କର ପ୍ରେରଣାର ଉତ୍ସହେଉ। ଆପଣଙ୍କର ଅମରଆତ୍ମା ଚିରଶାନ୍ତି ଲାଭକରୁ। ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ।
ଧ-୧୪୫୮୩



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ


Hero
କୋଟି କୋଟିଙ୍କର ଉତ୍ସବ
ଅଫର୍
କୋଟି କୋଟିଙ୍କର ଉତ୍ସବ
ବର୍ଷ ବର୍ଷର ଭରସା
ଅନବରତ 18 ବର୍ଷ ଧରି
ଦୁନିଆର ନଂ.1 ଟୁ-ହ୍ୱିଲର କମ୍ପାନୀ
₹5000
ପର୍ଯ୍ୟନ୍ତ ଏକ୍ସଚେଞ୍ଜ* ବେନିଫିଟ୍
₹2000
ପର୍ଯ୍ୟନ୍ତ ଉତ୍ସବ କ୍ୟାସ୍* ବେନିଫିଟ୍
କମ ସୁଧ# ହାର
6.99%
ସବୁକିଛି ସମ୍ମିଳିତ କମ ଡାଉନ# ପେମେଣ୍ଟ
₹3999
ରୁ ଆରମ୍ଭ
₹10000 ମୂଲ୍ୟର PAYTM ବେନିଫିଟ୍**
₹2100 ମୂଲ୍ୟର ଅତିରିକ୍ତ ବେନିଫିଟ୍##
EMI ର ନଗଦ ପୈଠ ଉପଲବ୍ଧ^^
INDIA'S FIRST
5
YEAR
WARRANTY*
*Conditions apply
World leading brands from the House of Hero
Splendor+
Super Splendor
splendor iSmart+
NEW Passion XPRO
Xtreme 200R
HF Deluxe
MAESTRO EDGE 125
Pleasure+
DESTINI 125
XPULSE 200
XTREME 200S
Duet
9 CRORE+ HEROES^
ଅଗଣିତ ସମ୍ପର୍କ
Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. 'Offer starts 29th September 2019 & is for limited period only. *Exchange benefit or Festive Cash benefit is applicable on specific models only & both cannot be clubbed. #Finance scheme is at the sole discretion of the Financier subject to its respective T&Cs. ##Additional benefit of ₹2100/- on Service & GoodLife on paying ₹399/-. **Paytm's offer is subject to their applicable terms & conditions. For more details, please contact your nearest Authorized Hero Outlet. ^As per cumulative dispatch numbers till 15th September 2019. ^^Terms and Conditions apply.
HeroMotoCorpIndia
@HeroMotoCorp
HeroMotoCorpLimited
TheHeroMotoCorp
heromotocorp.com
Authorised Dealers: Bhubaneswar: Rohan Hero - 7799766422; Bharat Hero - 7799766378; DD Hero - 7799566329; Balasore: Neelam Hero - 7799766393; Baripada: Aditya Hero - 7799766370; Bhadrak: Sanjib Hero - 7799766380; Chandikhol: S. K. Hero - 7799766362; Cuttack: JMG Hero - 7799766366, Sunny Hero - 7799766401, Essen Hero - 7799766425; Jagatsinghpur: Trishul Hero - 7799766383; Jajpur Road: Soumik Hero - 7799766410; Jaleswar: Sai Hero - 7799766407; Jatni: Vishal Hero - 7799766398; Keonjhar: Supreme Hero - 7799766360; Nayagarh: Bhagabati Hero - 7799766417; Puri: Sanjib Hero- 8448389695; Behrampur: Lakshmi Hero - 7799766350; Jeypore: Supreme Hero - 7799766340; Phulbani: Narayani Hero - 7799766373; Raygada Ajit Hero - 7799766358; Bargarh: Aakash Hero - 7799766396; Bhawanipatna: Arundhati Hero - 7799766385; Bolangir: Arundhati Hero - 7799766327; Jharsuguda: Vijaylaxmi Hero - 7799766368; Rourkela: Dua Hero -7799766391; Sambalpur: Sri Shyam Hero - 7799766356; Sonepur: Jai Jawan Hero - 7799766419; Sundergarh: Robotech Hero: 8448183659; Angul: Parbati Hero - 7799766342; Dhenkanal: Som Hero - 7799766347; Talcher: Tarini Hero - 7799766374.
JWT.5726.2019ODI



ଜୀବନଟା ଖଣ୍ଡେ ପଥର ଭଳି ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।
- ଭଲଟାୟାର

**ସଂକ୍ଷେପରେ**

## ମା' ଚରଦେଇଙ୍କ ନବରାତ୍ର ପୂଜା ଆରମ୍ଭ

ବିନିକା,୨୯।୯(ଡି.ଏନ୍.ଏ)
ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ଚରଦାର ଆରାଧ୍ୟ ଦେବୀ ମା' ଚରଦେଇ ଦେବୀଙ୍କ ନବରାତ୍ର ପୂଜା ରବିବାର ଆରମ୍ଭ ହୋଇଛି । ଏହି ଅବସରରେ ଅପରାହ୍ନ ସାଢେ ୪ଟାରେ ଗ୍ରାମବାସୀଙ୍କ ପକ୍ଷରୁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ୫ଟାରେ ମା'ଙ୍କର ବେଶଭୂଷଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ପୂଜାକର୍ତ୍ତା ଭାବେ ମନ୍ଦିର ଟ୍ରଷ୍ଟ ସଭାପତି ଅଶୋକ ପୃଷ୍ଟି ଓ ଦେିତାରୀ ଥନାପତି ଦାୟିତ୍ୱ ନିର୍ବାହ କରିଥିଲେ । ପୂଜକଭାବେ ରମେଶ ପୁରୋହିତ ଓ ମୁକୁନ୍ଦ ପୁରୋହିତ କାର୍ଯ୍ୟ କରୁଛନ୍ତି। ପୂଜାରେ ସେବାୟତ ପୂଜାରୀଭାବେ ବୀର ଥନାପତି ଓ ସେବାୟତଭାବେ ସହଦେବ ଥନାପତି, ହିଂମାଶୁ ଥନାପତି, ସନ୍ତୋଷ ଥନାପତି ଦାୟିତ୍ୱ ତୁଲାଇଥିଲେ ।

# ଚିତ୍ରାଙ୍କନ ଦ୍ୱାରା ଶିଶୁ ସୃଜନଶୀଳତାର ପରିପ୍ରକାଶ ହୁଏ

ସୋନପୁର,୨୯।୯(ନି.ପ୍ର.)

ଓଡିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଓ ଜିଲା ଶିଶୁ ସୁରକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ସୋନପୁର ମହାରାଜା ହାଇସ୍କୁଲ ସମ୍ମିଳନୀ କକ୍ଷରେ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପଣ୍ଡା ତାଙ୍କ ବକ୍ତବ୍ୟରେ ଚିତ୍ରାଙ୍କନ ଦ୍ୱାରା ଶିଶୁର ସୃଜନଶୀଳତାର ପରିପ୍ରକାଶ ହୁଏ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ପ୍ରତିଭାବାନ ଶିଶୁମାନେ ଜିଲାସ୍ତରରେ ପୁରସ୍କୃତ ହେବା ସହିତ ଜାତୀୟସ୍ତରରେ ମଧ୍ୟ କୃତ କାର୍ଯ୍ୟ ହେବାର ସୁଯୋଗ ରହିଛି ବୋଲି କହିଥିଲେ। ଜିଲା କିଶୋର ବିଶେଷଜ୍ଞ କମିଟି ସଦସ୍ୟ ନୀଳାମ୍ବର ଶତପଥୀ, ଶିଶୁ ମଙ୍ଗଳ କମିଟି ସଦସ୍ୟ ଦିଲ୍ଲିପ କୁମାର ମୁଖି ଓ ମହାରାଜା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦ୍ମନାଭ କର୍ଣ୍ଣ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ।



ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି ବୃନ୍ଦ।

ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୫୯ ଜଣ ଦିବ୍ୟାଙ୍ଗ ଶିଶୁଙ୍କ ସମେତ ମୋଟ ୧୯୫ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ସବୁଜ ବିଭାଗରେ (ମୋ ଜନ୍ମ ଦିନ ଉତ୍ସବ) ବିଷୟରେ ଚିତ୍ର ଅଙ୍କନ କରି ମଝିପଡା ୟୁପି ସ୍କୁଲର ପୁର ବସ୍ତିଆ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶୁଭଶ୍ରୀ ହୋତା ଦ୍ୱିତୀୟ ଓ କିଡ୍‌ସ ଇଂଲିଶ ମିଡିୟମ ସ୍କୁଲର ମେଟଶମ ମହାକୁର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଧଳା ବିଭାଗରେ(ସ୍ୱଚ୍ଛ ଭାରତ) ବିଷୟରେ ଚିତ୍ର ଆଙ୍କି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସୋନପୁରର ଅପର୍ଣ୍ଣା ଭାରତୀ ପ୍ରଥମ, ରୋହନ ମଲ୍ଲିକ ଦ୍ୱିତୀୟ ହୋଇଥିବା ବେଳେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସୋନପୁରର ସ୍ନେହା ଯାଦବ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ସୋନପୁରର ଏକରାଫ ପାଣିଗ୍ରାହୀ ମିଳିତ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୫ରୁ ୧୦ବର୍ଷ ବୟସର ଦିବ୍ୟାଙ୍ଗ ଶିଶୁ ବିଭାଗରେ ଭିନ୍ନକ୍ଷମ ବିଦ୍ୟାଳୟ ସୋନପରର ଯଶୋବନ୍ତ ସାହୁ, ଅନ୍ଧ ମୂକ ଓ ବଧିର ବିଦ୍ୟାଳୟ ତରଭାର ରୁଦ୍ର ନାରାୟଣ କଲତା ଏବଂ ହେପି ହେଣ୍ଡ ବିଦ୍ୟାଳୟ ସିନ୍ଦୁରପୁରର ଦୀନେଶ ମହାକୁର କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ୧୧ରୁ ୧୯ ବର୍ଷ ବୟସର ଦିବ୍ୟାଙ୍ଗ ବିଭାଗରେ ସୁନା କର୍ମୀ, ଅନିତା ଖେତି ଓ ଆକାଶ ନୁଆଁଇ ମନୋନୀତ ହୋଇଛନ୍ତି। ବିଚାରକ ଭାବେ ସହକାରୀ ଶିକ୍ଷକ ବ୍ରତାନନ୍ଦ ଭୋଇ, ମହାରାଜା ଉଚ୍ଚ ବିଦ୍ୟାଳୟର ସୀମା ମେହେର ଏବଂ ବାବୁପାଲି ସହକାରୀ ଶିକ୍ଷକ ମୋନାଲିସା ପରମାଣିକ ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ବିଜୟ ବିଶ୍ୱାଳ, କେଶବ ଚନ୍ଦ୍ର ମେହେର, ରୁଦ୍ର ପ୍ରସନ୍ନ ମିଶ୍ର, ଥବିର କାଲସାଏ, ସ୍ୱାଗତରାଜ ମିଶ୍ର, ବିଶେଶ୍ୱର ହୋତା, ଶୁଭଶ୍ରୀ ପତି ଓ ଚଉବନ ସେଠୀ ସହଯୋଗ କରିଥିଲେ।

# ବାଦୀ ଦଣ୍ଡନୃତ୍ୟ, କଳାକାର ସମ୍ବର୍ଦ୍ଧିତ

ବିନିକା,୨୯।୯(ଡି.ଏନ୍.ଏ.)
ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଫୁଲମୁଠୀ ଗାଁ ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ଗଣେଷ ପୂଜା କମିଟି ଆୟୋଜନକ୍ରମେ ଦୁଇଦିନ ଧରି ଚାଲିଥିବା ବାଦୀ ଦଣ୍ଡନୃତ୍ୟ କାର୍ଯ୍ୟକ୍ରମ ଶନିବାର ରାତିରେ ସମ୍ପନ୍ନ ହୋଇଯାଇଛି । ଅନୁଷ୍ଠିତ ବାଦୀ ଦଣ୍ଡନୃତ୍ୟରେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ୍ ଆମ୍ବଗହଣା ଏବଂ ଫୁଲମୁଠୀ ଗାଁର ଦଣ୍ଡନୃତ୍ୟ କଳାକାରମାନେ ଅଂଶଗ୍ରହଣ କରି ବାଦୀ ଦଣ୍ଡନୃତ୍ୟ ପରିବେଷଣ କରିଥିଲେ । ଦୁଇଦିନ ଧରି ଫୁଲମୁଠୀ ଗ୍ରାମ ଦଣ୍ଡଶିଳ୍ପୀଙ୍କ ନୃତ୍ୟ, ଗୀତ ଓ ବାଦ୍ୟର ତାଳେ ତାଳେ ଝୁମିଥିଲେ ଦର୍ଶକ। ବିଭିନ୍ନ ପୁରାଣ ଶାସ୍ତ୍ର ଆଧାରିତ ବିଷୟ ବସ୍ତୁକୁ ନେଇ ବିତର୍କ ଉଭୟ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଚାଲିଥିଲା । କାର୍ଯ୍ୟକ୍ରମ ପରିସମାପ୍ତି ପରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଆମ୍ବଗହଣା ଗ୍ରାମର ଉଗ୍ରସେନ ଷାଣ୍ଡଙ୍କୁ ରାଧା ଭୂମିକାରେ ଚିତାକର୍ଷକ ଅଭିନୟ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିଭଳି ଫୁଲମୁଠୀ ଗ୍ରାମର ବୀରେନ୍ଦ୍ର ପଟ୍ଟନାୟକଙ୍କୁ କଷ୍ଣ ଭୂମିକାରେ ଅଭିନୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଚାରକ ଭାବେ ଐତିହାସିକ ସୁଦାମ ନାଏକ ଓ ରାମ ପ୍ରସାଦ ମିଶ୍ର ରହିଥିଲେ । କାର୍ଯ୍ୟକ୍ରମର ସଂଯୋଜନା ଜୟ ମଙ୍ଗଳ ବିଶି କରିଥିଲେ । ବୃନ୍ଦାବନ ଦାଶ , ବିରଞ୍ଚି ପାନଗରିଆ, ସରୋଜ ମିଶ୍ର, ସୁରେଶ ନାଗ୍‌ଙ୍କ ସମେତ ଫୁଲମୁଠୀ ଗଣେଷ ପୂଜା କମିଟି କର୍ମକର୍ତ୍ତାମାନେ ଏଥିରେ ସହଯୋଗ କରିଥିଲେ । ଏହାପରେ ଗଣେଷ ପୂଜା କମିଟି ସଭାପତି ବାବୁଲୁ ବରିହା ଓ ଦିପ୍ତି ରଞ୍ଜନ କର୍ଣ୍ଣ ଦଣ୍ଡନୃତ୍ୟ କଳାକାରମାନଙ୍କୁ ପୁରସ୍କୃତ କରିଥିଲେ । ଶେଷରେ ଜୟ ମଙ୍ଗଳ ବିଶି କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା କରିଥିଲେ ।



ମଞ୍ଚରେ କଳାକାରମାନେ ବାଦୀ ଦଣ୍ଡନୃତ୍ୟ ପରିବେଷଣ କରୁଛନ୍ତି।



ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀ ରବିବାର କାଳୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ।

■ ରଜକ ସମାଜର ଜିଲାସ୍ତରୀୟ ବୈଠକ

# ସମାଜକୁ ସଂସ୍କାରଧର୍ମୀ କରିବାକୁ ଗୁରୁତ୍ୱ

ବିନିକା,୨୯।୯(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କର୍ଡଙ୍ଗରେ ରବିବାର ବିନିକା ଓ ଡୁଙ୍ଗୁରିପାଲି ରଜକ ସମାଜ ଆହ୍ୱାନକ୍ରମେ ରଜକ ସମ୍ପ୍ରଦାୟର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜର ଆଞ୍ଚଳିକ ସଭାପତି ଅବଧାନ ସେଠ୍‌ଙ୍କ ସଭାପତିତ୍ୱ ଓ ସମ୍ପାଦକ ଆଲ୍ଲା ସେଠ୍‌ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଜିଲା ରଜକ ସମାଜ ସଭାପତି ରତ୍ନାକର ସେଠ୍ ଯୋଗଦେଇଥିଲେ। ଜିଲାର ବୀରମହାରାଜପୁର, ଉଲୁଣ୍ଡା, ତରଭା ଓ ସୋନପୁର ବ୍ଲକ୍‌ସ୍ତରୀୟ ରଜକ ସମାଜ ସଂଗଠନକୁ ମଜବୁତ୍ କରିବା ଉପରେ ଜିଲା ସଭାପତି ସେଠ ଗୁରୁତ୍ୱାରୋପ କରିଥିଲେ। ରଜକ ସମାଜରେ ଚାଲିଥିବା ପୁରୁଣା ପ୍ରଥା ମୃତାହ କାର୍ଯ୍ୟରେ ଆମିଷ ଭୋଜନ ଓ ନିଶା ସେବନ ଆଦି ପରମ୍ପରାକୁ ହଟାଇବାକୁ ସେ ପରାମର୍ଶ ଦେଇଥିଲେ । ଜିଲା ଉପସଭାପତି କ୍ଷମାନିଧି ସେଠ୍ ଜିଲା କମିଟି ମାଧ୍ୟମରେ ପ୍ରତ୍ୟେକ ବ୍ଲକ୍ ସଂଗଠନକୁ ସୁଦୃଢ଼ କରିବା ସହିତ ନିଶା ସେବନରୁ ଯୁବ ସମାଜକୁ ଦୂରେଇ ରଖିବାକୁ ପରାମର୍ଶ ଦେଇଥିଲେ। ବିନିକା-ଡୁଙ୍ଗୁରିପାଲି ବ୍ଲକ୍‌କୁ ନେଇ ଗଠିତ ଆଞ୍ଚଳିକ କମିଟି ପ୍ରତ୍ୟେକ ପରିବାରରୁ ମାସିକ ୧୦ଟଙ୍କା ଲେଖାଏଁ ସଂଗଠନର ଆର୍ଥିକ ମାନଦଣ୍ଡକୁ ସଦୃଢ ପାଇଁ ସଂଗ୍ରହ କରାଯିବାକୁ ପ୍ରସ୍ତାବ ଆସିଥିଲା। ସଂଗୃହୀତ ଅର୍ଥରାଶିରେ ରଜକ ସମାଜର ଦୁର୍ବଳ ବର୍ଗୀୟ ପରିବାରମାନଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ମୃତାହ ଓ ବିବାହ କାର୍ଯ୍ୟରେ ନିୟୋଜିତ ହେବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିପାଇଁ ସର୍ବସମ୍ମତିକ୍ରମେ ଉତାନ ସେଠ୍‌ଙ୍କୁ କୋଷାଧ୍ୟକ୍ଷ ମନୋନୀତ କରାଯିବା ସହିତ ସଂଗୃହୀତ ଅର୍ଥରାଶିକୁ ବ୍ୟାଙ୍କରେ ଜମା କରିବାକୁ ବୈଠକରେ ଅନୁମତି ପ୍ରଦାନ କରାଯାଇଥିଲା । ଏହି ବୈଠକରେ ଉଭୟ ବ୍ଲକ୍ ରଜକ ସମାଜର ଦୁଃଖୁ ସେଠ୍, ଆନନ୍ଦ ସେଠ୍, ପଞ୍ଚାନନ ସେଠ୍, ପ୍ରଶାନ୍ତ ସେଠ୍, ଜୟରାମ ସେଠଙ୍କ ସମେତ ରଜକ ସମାଜର ଶତାଧିକ ବ୍ୟକ୍ତି ସାମିଲ ହୋଇଥିଲେ ।



ଜିଲାସ୍ତରୀୟ ବୈଠକରେ ସାମିଲ ରଜକ ସମାଜର ବ୍ୟକ୍ତିମାନେ।

# ଡ. ଭୀମରାଓ କ୍ଲବ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

ସୋନପୁର,୨୯।୯(ନି.ପ୍ର.)
ସୁବର୍ଣ୍ଣପୁର ସହରର ଡ. ଭୀମରାଓ କ୍ଲବ ଆନୁକୂଲ୍ୟରେ ବୃକ୍ଷରୋପଣ ଓ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡ. ଭୀମରାଓ କ୍ଲବର ଚତୁଃପାର୍ଶ୍ୱ ତଥା ବସ୍ତିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଚାରାରୋପଣ କରାଯାଇଥିଲା। କ୍ଲବର ସମସ୍ତ ସଭ୍ୟ ଓ ୨୦ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ କ୍ଲବର ସମ୍ପାଦକ ଜନ୍ମେଜୟ ନାଗଙ୍କ ତତ୍ତ୍ୱାବଧାନରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏସ୍‌ପି ଦେବୀପ୍ରସାଦ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ବ୍ୟାପକ ଚାରାରୋପଣ ସହ ପରିବେଶକୁ ସଫାସୁତୁରା ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର, ଜିଲା ପରିଷଦ ସଭ୍ୟ ପ୍ରବୀଣ କୁମାର ନାଗ, ଯୁବନେତା ରାଜ କୁମାର ସୁନା, ଜିତେନ୍ଦ୍ର କୁମ୍ଭାର, ଶନ୍ତନୁ ବାଗ, କ୍ଲବର ସଭାପତି ରାମଚରଣ ସୁନା ଓ ଉପଦେଷ୍ଟା ଅଚ୍ୟୁତ ଛତ୍ର ମଞ୍ଚାସୀନ ଥିଲେ। କ୍ଲବ ଉପଦେଷ୍ଟା ରାଜେଶ ନାଗ ସଭା ପରିଚାଳନା କରିଥିଲେ। ରାଜୁ ନାଗ, ସୁରଜ ବାଗ, ଶକ୍ତିରଞ୍ଜନ ତାଣ୍ଡି, ପିଣ୍ଟୁ ସୁନା, ବୁଦ୍ଧଦେବ ନାଗ, ବିଜୟ କୁମାର ଲୁହା, ମଣ୍ଟୁ ସୁନା, ଜଗଦୀଶ ହରିପାଲ ଏବଂ କାଳିଆ ବାରିକ୍ ସହଯୋଗ କରିଥିଲେ ।



ଏସ୍‌ପି ଦେବୀପ୍ରସାଦ ଦାଶ ଚାରାରୋପଣ କରୁଛନ୍ତି ।

# ପୁରୁଣା ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା



ନବଦିନାତ୍ମକ ଦୁର୍ଗା ପୂଜା ଉପଲକ୍ଷେ ବାହାରିଥିବା କଳସ ଶୋଭାଯାତ୍ରା।

ବିନିକା,୨୯।୯(ଡି.ଏନ୍.ଏ.)
ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସି ଅନ୍ତର୍ଗତ ପୁରୁଣା ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା କମିଟି ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ପାଳନ ପାଇଁ ଶନିବାର ସନ୍ଧ୍ୟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିନିକା ସହର ତଟବର୍ତ୍ତୀ ମହାନଦୀରୁ ଜଳ ସଂଗ୍ରହ କରି ପୂଜା ମଣ୍ଡପସ୍ଥଳକୁ ଅଣାଯାଇଥିଲା। ପୂଜା କମିଟି ସଭାପତି ସନ୍ତୋଷ ପଣ୍ଡା ଓ ସଦସ୍ୟମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କଳସ ଶୋଭାଯାତ୍ରାରେ ଶଙ୍କରା ମହିଳା ସଂକୀର୍ତ୍ତନ୍ୟ ଦଳ ଏବଂ ଉର୍ଲେର ଘଣ୍ଟପାର୍ଟି କଳାକାରମାନେ ସାମିଲ ହୋଇଥିଲେ । ରବିବାର ପୂଜା ମଣ୍ଡପରେ ମା' ଦୁର୍ଗାଙ୍କର ଶୈଳପୁତ୍ରୀ ଅବତାରର ପୂଜାର୍ଚ୍ଚନା ହୋଇଛି।

# ବନ୍ୟାରେ ଧୋଇଗଲା ରାସ୍ତା: ମରାମତି ଦାବି

ଅମରପାଲି,୨୯।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଘଣ୍ଟପାଲି ଓ ଲୁତୁରପଙ୍କ ମଝିରେ ଥିବା ଘୁଙ୍ଗିନାଳ ପୋଲକୁ ସଂଯୋଗ କରୁଥିବା ରାସ୍ତା ବନ୍ୟାରେ ଧୋଇ ହୋଇଯାଇଛି। ଫଳରେ ଲେକେ ଯାତାୟାତରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ଲକର ମୁର୍ଷୁଣ୍ଡୀ ପଞ୍ଚାୟତର ଘଣ୍ଟପାଲି ଗ୍ରାମର ପୋଲକୁ ପ୍ରାୟ ୧ କି.ମି ଦୂରତା ଅଟେ। ପୋଲର ଅପର ପାଖରେ ଲୁତୁରପଙ୍କ ପଞ୍ଚାୟତକୁ ମଧ୍ୟ ପୋଲଠାରୁ ୧ କି.ମି. ଦୂର। ପୋଲକୁ ସଂଯୋଗ କରୁଥିବା ଉଭୟ ଆପ୍ରୋଚ ରାସ୍ତା ବନ୍ୟାରେ ଧୋଇ ହୋଇଯାଇଛି । ଏପରିକି ଉଭୟ ପାର୍ଶ୍ୱ ରାସ୍ତା କାଦୁଅ ଏବଂ ଖାଲଖମା ହୋଇପଡିଛି। ହେଲେ ରାସ୍ତା ମରାମତି କରାଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତା ଦେଇ ଘଣ୍ଟପାଲି, କର୍ଡାପାଲ, ତେଲିପାଲି ଗ୍ରାମର ଛାତ୍ରୀଛାତ୍ର ଲୁତୁରପଙ୍କ ସ୍କୁଲକୁ ଆସିଥାନ୍ତି। ଏପରି କି ବହଳପଦର, ଲୁତୁରପଙ୍କ, ଦୁର୍ଜନଟେିଳା ପଞ୍ଚାୟତର ରାସ୍ତା ନ ଥିବାରୁ ଯିବା ଆସିବା ହୋଇ ପାରୁନାହିଁ। ଏନେଇ ଲୁତୁରପଙ୍କ ସରପଞ୍ଚ ସୁଜାତା ସାହୁଙ୍କୁ ପଚାରିବାରୁ ଘଟଣା ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି। ରାସ୍ତା ଶୀଘ୍ର ମରାମତି କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷେ ରାସ୍ତା ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

# ଥନାପତିପଡାରେ ନବରାତ୍ର ପୂଜା ଆରମ୍ଭ

ସୋନପୁର,୨୯।୯(ନି.ପ୍ର.)
ସୁବର୍ଣ୍ଣପୁର ସହରର ଥନାପତିପଡା ପୂଜା ମଣ୍ଡପ ସହରର ସବୁଠୁ ପୁରାତନ ପୂଜା ମଣ୍ଡପ । ୭୪ ବର୍ଷ ଧରି ଏଠାରେ ନବରାତ୍ର ପୂଜା ହୋଇଆସୁଛି । ନବରାତ୍ର ପୂଜା ରବିବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ଏକ ବିଶାଳ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶାନ୍ତନୁ ପଣ୍ଡା ଓ ଶୁଭଶ୍ରୀ ପଣ୍ଡା କର୍ତ୍ତା ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂଜକ ବିପିନ ତ୍ରିପାଠୀ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ କରୁଛନ୍ତି। ମା' ଦୁର୍ଗା ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସନ୍ଧମାତା କାତ୍ୟାୟଣି, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧିଦାତ୍ରୀ ଆଦି ବେଶରେ ପୂଜା ପାଇବେ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ସ୍ଥିତରୀକୃତ ହୋଇଛି। ସହରର ଏହା ଏକମାତ୍ର ନବରାତ୍ର ପୂଜା ମଣ୍ଡପ। କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ନିଷ୍ଠାର ସହକାରେ ପୂଜା ହେଉଥିବା ପୂଜା କମିଟିର ସଭାପତି ଚିନ୍ତାମଣି ସେଠୀ ଓ ସମ୍ପାଦକ ଶୋଭାପ୍ରକାଶ ମିଶ୍ର କହିଛନ୍ତି ।



ଥନାପତିପଡାରେ ଅନୁଷ୍ଠିତ ନବରାତ୍ର ପୂଜା ।

# ପଟ୍ଟା ମିଳିବାର ୭ବର୍ଷ ପରେ ଜମି ଚିହ୍ନଟ ହେଲା

ଅମରପାଲି, ୨୯।୯ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ ଅମରପାଲି ଗ୍ରାମରେ ପଟ୍ଟା ପାଇଥିବା ଭୂକକମିହୀନଙ୍କ ଜମି ଚିହ୍ନଟ ୭ବର୍ଷ ପରେ ହୋଇଛି। କେଞ୍ଜିରିଆପାଲି ରାଜସ୍ୱ ନିରୀକ୍ଷକ ଅଧୀନରେ ଥିବା ଅମରପାଲି ଗ୍ରାମର ଭୂମିହୀନମାନେ ଘରଡିହ ପାଇଁ ଆବେଦନ କରିଥିଲେ। ଏ ନେଇ ସରକାର ୨୦୧୨ ମସିହାରେ ସେମାନଙ୍କୁ ପ୍ରତ୍ୟେକ ୧୦୦ ଡିସିମିଲ ଲେଖାଏଁ ଜମି ପ୍ରଦାନ କରିଥିଲେ। ହିତାଧିକାରୀମାନେ ପଟ୍ଟା ପାଇଲା ପରେ ପ୍ରତିବର୍ଷ ସରକାରଙ୍କୁ ରାଜସ୍ୱ ମଧ୍ୟ ଦେଉଥିଲେ। ମାତ୍ର ଜମି ଚିହ୍ନଟ ନ ହେବାରୁ ସେମାନେ ସ୍ଥାନୀୟ ତହସିଲଦାର, ରାଜସ୍ୱ ନିରୀକ୍ଷକଙ୍କୁ ଲିଖିତ ଅଭିଯୋଗ ମଧ୍ୟ କଲେ। ତଥାପି ଜମି ଚିହ୍ନଟ ନ ହେବାରୁ ବିଭିନ୍ନ ସମୟରେ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କୁ ମଧ୍ୟ ଅଭିଯୋଗ କଲେ। ତଥାପି ଜମି ଚିହ୍ନଟ ହୋଇପାରି ନ ଥିଲା। ଶେଷରେ ଗତ ଅଗଷ୍ଟ ୨୭ ତାରିଖରେ ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁଙ୍କ ନେତୃତ୍ୱରେ ପଟ୍ଟା ପାଇଥିବା ଭୂମିହୀନମାନେ ବୀରମହାରାଜପୁର ତହସିଲଦାର ଖଦାଲ ପାତ୍ରଙ୍କୁ ଭେଟି ଜମି ଚିହ୍ନଟ କରିବା ପାଇଁ ଅନୁରୋଧ କରିଥିଲେ। ଏନେଇ ତହସିଲଦାର କେଞ୍ଜିରିଆପାଲି ଆରଆଇ ପ୍ରମୋଦ ମିଶ୍ରଙ୍କୁ ଯଥାଶୀଘ୍ର ଜମି ଚିହ୍ନଟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆରଆଇ ମଧ୍ୟ ତତ୍ପରତା ପ୍ରକାଶ କରି ପଟ୍ଟା ପାଇଥିବା ଅମରପାଲି ଗ୍ରାମର ସରସ୍ୱତୀ ବରର୍ଗି, ମାଳତୀ ଭେସର, ଫୁଲତୁଳି ଭେସର, ବାସନ୍ତି ଗୁରୁ, ଗୁରୁବାରୀ ଗୁରୁ, ସଜନା ସେଠୀ, ଲତା ମାଝୀ, ଦେବକୀ ମାଝୀ, ଅସର୍ପି ମାଝୀ, ଉତ୍ତରା ରଣା, ସୁବାସିନୀ ରାଜହଂସ, ସୁବର୍ଣ୍ଣ ନାଏକ, ଶକୁନ୍ତଳା ଷାଣ୍ଢ, ବେଦମତୀ ଷାଣ୍ଢଙ୍କ ଜମି ଚିହ୍ନଟ କରିଛନ୍ତି । ଜମି ଚିହ୍ନଟ ପରେ ହିତାଧିକାରୀମାନେ ସ୍ଥାନୀୟ ତହସିଲଦାର ଓ ଆରଆଇଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।



ଅମରପାଲିରେ ଭୂମିହୀନଙ୍କୁ ମିଳିଥିବା ଜମିର ଚିହ୍ନଟ କରାଯାଉଛି।

## ସୁବଳୟା ଡିଗ୍ରୀ କଲେଜର ସ୍ୱାଗତ ସମାରୋହ

ଅମରପାଲି,୨୯।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ସୁବଳୟା ଆଞ୍ଚଳିକ ଡ଼ିଗ୍ରୀ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ବଳଦେବ ପୂଜାହାରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମାରୋହରେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଯୁକ୍ତ ୩ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସ୍ୱାଗତ ସମାରୋହରେ କଲେଜ ଅଧ୍ୟାପକ ପଦ୍ମନାଭ ମେହେର, ଶୁଭ୍ରାଂଶୁଶେଖର ପଧାନ, ପୂର୍ଣ୍ଣଚନ୍ଦ୍ର ମେହେର ନୂତନ ଛାତ୍ରୀଛାତ୍ରଙ୍କୁ କଲେଜର ନୀତି, ନିୟମ, ପରୀକ୍ଷା ପ୍ରଣାଳୀ ଏବଂ କଲେଜର ଶୃଙ୍ଖଳା ଉପରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଇଂଲିଶ ବିଭାଗ ଅଧ୍ୟାପକ ସାୟଦ ତସିଫୁର ରହେମାନ ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ବିଭୂତିଭୂଷଣ କୁଦେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ବାପୁଜୀ କ୍ଲବର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅକ୍ଟୋବର ୨ରୁ

ସୋନପୁର,୨୯।୯(ନି.ପ୍ର.)
ସୁବର୍ଣ୍ଣପୁରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ବାପୁଜୀ କ୍ଲବ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିବାକୁ ଯାଉଛି । ଆସନ୍ତା ୨ରୁ ୪ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଆୟୋଜିତ ହେବ । କ୍ଲବର ସୁବର୍ଣ୍ଣ ଜୟନ୍ତୀ ସହିତ ବିଶ୍ୱ ଅହିଂସା ଦିବସ ଓ ଗାନ୍ଧିଜୀଙ୍କ ୧୫୦ ତମ ଜନ୍ମୋତ୍ସବକୁ ମହା ଆଡମ୍ବର ସହିତ ପାଳନ କରାଯିବ ବୋଲି ରବିବାର ଏକ ଖବରଦାତା ସମ୍ମିଳନୀରେ ସଭାପତି ଶିବ ପ୍ରସାଦ ଗୁରୁ ଓ ସମ୍ପାଦକ ସୁବ୍ରତ କୁମାର ମହାନ୍ତି ସୂଚନା ଦେଇଛନ୍ତି । ବୁଧବାର ସନ୍ଧ୍ୟାରେ କ୍ଲବ ପରିସରରେ ନାଟକ ଶୂନ୍ୟ ଆକାଶ ଆମର ଆଖି ମଞ୍ଚସ୍ଥ ହେବ। ଗୁରୁବାର ରାଜ୍ୟସ୍ତରୀୟ ଗ୍ରୁପ୍ ଡ୍ୟାନ୍ସ ଓ ଶୁକ୍ରବାର ସନ୍ଧ୍ୟାରେ ସଙ୍ଗୀତଜ୍ଞ ଆଶୁତୋଷ ମହାନ୍ତିଙ୍କ ଗ୍ରୁପ୍ ସଙ୍ଗୀତ ପରିବେଷଣ କରିବାର କାଯର୍ୟକ୍ରମ ରହିଛି । କ୍ଲବ ପରିସରରେ ଅନୁଷ୍ଠିତ ସମ୍ମିଳନୀରେ ମହୋତ୍ସବ କମିଟିର ଅଧକ୍ଷ ବିକାଶ ଚନ୍ଦ୍ର ମିଶ୍ର, ସାଂସ୍କୃତିକ ସମ୍ପାଦକ ସୋମନାଥ ମିଶ୍ର, ଜିତେନ୍ଦ୍ର କୁମାର ପଟ୍ଟନାୟକ, ଶାସ୍ୱତ କୁମାର ମିଶ୍ର, ଜିତେନ୍ଦ୍ର ସାହୁ, ପ୍ରଦ୍ୟୁମ୍ନ ସାହୁ, ଚିତ୍ତରଞ୍ଜନ ତରାସିଆ, ସତ୍ୟନାରାୟଣ ଦରୱାନ, ସନ୍ତୋଷ ପ୍ରଧାନ ଓ ସୌମ୍ୟରଞ୍ଜନ ମିଶ୍ର ଉପସ୍ଥିତ ଥିଲେ।

## ସଂକ୍ଷେପରେ



### ମାଁ ସମଲେଇଙ୍କ ଶୈଳପୁତ୍ରୀ ବେଶ

ବରଗଡ଼ ଅଫିସ,୨୯।୯: ରବିବାରଠାରୁ ନବଦିନାତ୍ମକ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିବସରେ ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ଦେବୀଙ୍କ ଶୈଳପୁତ୍ରୀ ବେଶ ହୋଇଥିଲା । ଦୁର୍ଗାଙ୍କ ପ୍ରଥମ ସ୍ୱରୂପ ଶୈଳପୁତ୍ରୀ ବେଶରେ ମାଁଙ୍କୁ ପୂଜାର୍ଚ୍ଚନା କରାଯାଇଥିବା ବେଳେ ରବିବାର ମନ୍ଦିର ପରିସରରେ ଭକ୍ତଙ୍କ ଲମ୍ୱାଧାଡି ଦେଖିବାକୁ ମିଳିଥିଲା। ଏହି ଅବସରରେ ମନ୍ଦିର ପରିସରରେ ଭକ୍ତମାନଙ୍କ ଦ୍ୱାରା ମାନସିକ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଥିଲା । ସେହିପରି ବରଗଡ ଶ୍ୟାମାକାଳୀ ମନ୍ଦିର, ନାୟକପଡ଼ା ଗୌରୀ ମଣ୍ଡପ ଏବଂ ହାଟପଦା ଦୁର୍ଗା ମନ୍ଦିରରେ ମଧ ଆଜିଠାରୁ ମାଁ ଦୁର୍ଗାଙ୍କ ନବରାତ୍ର ପୂଜା ଆରମ୍ଭ ହୋଇଛି । ସତୀ ପାର୍ବତୀ ଶୈଳପୁତ୍ରୀଙ୍କୁ ଦର୍ଶନ କଲେ ସର୍ବବାଧା ନିବାରଣ ହୁଏ ବୋଲି ବିଶ୍ୱାସ ରହିଛି । ଏହି ଅବସରରେ ଭକ୍ତମାନଙ୍କ ଦ୍ୱାରା ମାନସିକ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଲା । ପଣ୍ଡିତ ଶିବଶଙ୍କର ଦାଶ, ଚଣ୍ଡିପାଠକ ପଣ୍ଡିତ ଚୂଡ଼ାମଣି ରଥ ପୂଜାର୍ଚ୍ଚନା କରିଥିଲେ। ସୋମବାର ଆଶ୍ୱିନ ଶୁକ୍ଳ ଦ୍ୱିତୀୟା ଅବସରରେ ମାଁ ସମଲେଶ୍ୱରୀ ବ୍ରହ୍ମଚାରିଣୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ ।

### ଏସିଡ ଆକ୍ରମଣ ସଚେତନତା ସଭା

ପଦ୍ମପୁର, ୨୯।୯ (ଡି.ଏନ.ଏ): ପଦ୍ମପୁର ଆଇନ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜେନିଥ୍ ମହାବିଦ୍ୟାଳୟ ପରିସରରେ ଏସିଡ ଆକ୍ରମଣ ପ୍ରସଙ୍ଗରେ ରବିବାର ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଡା. ଅଚ୍ୟୁତାନନ୍ଦ ଦାଶ ଅଧକ୍ଷତା କରିଥିଲେ । ଏଡିଜେ ଏ. ଜେନା ମୁଖ୍ୟଅତିଥି, ଡା. ନରେଶ ପ୍ରଧାନ ମୁଖ୍ୟବକ୍ତା, ସମାଜସେବୀ ନିରୋଜ ଦୋରା, ପରିଚାଳନା କମିଟି ସଦସ୍ୟ ସୁଶାନ୍ତ ରଥ, ଆଡଭୋକେଟ ସନ୍ତୋଷ ଶତପଥି ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଓ କର୍ମଚାରୀ ଯୋଗଦାନ କରିଥିଲେ ।

### ଅନନ୍ତମୁଖି ପାରାୟଣ

ଗାଇସିଲେଟ,୨୯।୯(ଡି.ଏନ.ଏ): ଗାଇସିଲେଟ ନିକଟସ୍ଥ କଲଙ୍ଗାପାଲି ଗ୍ରାମର ସୁଧୀର କୁମାର ଦାଶଙ୍କ ବାସଭବନରେ ଦଶହରା ଶୁକ୍ଳପକ୍ଷ ପ୍ରତିପଦାରେ ମାନସିକ କରିଥିବା ଭାଗବତ ଗ୍ରନ୍ଥ ପଠନ କରା ଯାଇଥିଲା। ସକାଳ ୮ଟାରୁ ବ୍ରାହ୍ମଣମାନଙ୍କ ଦ୍ୱାରା ଗ୍ରନ୍ଥ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କଲଙ୍ଗାପାଲି, ବୁରୋମୁଣ୍ଡା, ଭେଲୁଆପଦର, କୁଦଲା, କନ୍ଦୁମୁଣ୍ଡାର ୧୮ ଜଣ ଭାଗ ନେଇଥିଲେ। ପାରାୟଣ ଶେଷ ହେବା ପରେ ହୋମଯଜ୍ଞ କରାଯାଇଥିଲା। ଯଜ୍ଞରେ ସୁଧୀର କୁମାର ଦାଶ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ସୁଦାମ ଚରଣ ପୁରୋହିତ ପୂଜକ ଦାୟିତ୍ୱ ତୁଲାଇଥିଲେ ।

### ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

ଗାଇସିଲେଟ,୨୯।୯(ଡି.ଏନ.ଏ): ଗାଇସିଲେଟ ସରସ୍ୱତୀ ବିଦ୍ୟା ମନ୍ଦିରରେ ଶନିବାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଶିଶୁଙ୍କ ମା'ମାନେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମୋଟ ୧୦୩ ଜଣ ମା' ଅଂଶ ଗ୍ରହଣ କରିଥିଲେ। ଭଗବତୀ ସାହୁ ମା' ମାନଙ୍କ ସହ ଭାଗ ନେଇଥିଲେ । ଗାଇସିଲେଟ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାତୃ ଶକ୍ତି ଉପରେ ଉଦ୍‌ବୋଧନ ଦେଇଥିଲେ। ସଭାରେ ଅଧ୍ୟାପକ ମନୋଜ କୁମାର ପଣ୍ଡା, ଦେବାଶିଷ ପୁରୋହିତ, ସୁରେଶ୍ୱର ଭୋଇ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଶ୍ୱିନୀ କୁମାର ବାରିକ ଅତିଥି ପରିଚୟ ଓ ବ୍ୟାସଦେବ ପଧାନ ଧନ୍ୟବାଦ ଅର୍ପଣ କରି ଥିଲେ।

■ ଗଭୀର ନଳକୂପ ଯୋଜନା ପ୍ରହସନ

# ବିଦ୍ୟୁତ ସାଜିଛି ବାଧକ

ମନମୁଣ୍ଡା, ୨୯।୯ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଶଗଡା ଗ୍ରାମପଞ୍ଚାୟତରେ ଗଭୀର ନଳକୂପ ଯୋଜନା କାର୍ଯ୍ୟକାରିତାରେ ବିଦ୍ୟୁତ୍ ବାଧକ ସାଜିଛି । ଜଳସେଚନ ସୁବିଧା ପାଇଁ ବାଘନଦୀ ଉପରେ କୋଟି କୋଟି ଟଙ୍କା ବ୍ୟୟରେ ବ୍ୟାରେଜ ନିର୍ମାଣ ହୋଇଛି । ହେଲେ ଅଧେ ପଞ୍ଚାୟତ ସୁବିଧା ପାଇପାରୁଥିବା ବେଳେ ସଦର ମହକୁମା ଶଗଡା ପଞ୍ଚାୟତବାସୀ ଜଳସେଚନରୁ ବଞ୍ଚିତ ହୋଇଛନ୍ତି। ଚିର ମରୁଡି ଅଞ୍ଚଳ ଭାବେ ବିବେଚିତ ଏହି ପଞ୍ଚାୟତର ଚାଷୀ ବର୍ଷା ପାଣି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ରହୁଥିବାରୁ ଚାଷ କାର୍ଯ୍ୟ ଭାବେ ଠିକ୍ ହୋଇ ପାରୁନାହିଁ। ଫଳରେ ପଞ୍ଚାୟତର ଋଗୁଡିକନପା, ଭାଲିଆପଦର, ଖଣ୍ଡିକନପା ଆଦି ଅନେକ ଗ୍ରାମର ଶତାଧିକ ଚାଷୀ ଜମିରେ ଗଭୀର ନଳକୂଅମାନ ଖନନ କରି ଧାନ, ପନିପରିବା ଚାଷ କରି ଆସୁଥିଲେ। ଚଳିତ ବର୍ଷ ବିଳମ୍ବରେ ବର୍ଷା ହେଲା । ହେଲେ ଚାଷର ଠିକଣା ସମୟରେ ତାହା ନ ହେବାରୁ ଜମି ଫାଟି ଆଁ କରିବାକୁ ବସିଲାଣି। ମାଳ ଜମିରେ ଧାନ ଗର୍ଭରୁ ବାହାରୁଛି। ମାତ୍ର ଜମିରେ ପାଣି ନ ଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିରହିଛନ୍ତି । ଏହି ସମୟରେ ଗଭୀର ନଳକୂଅରୁ ଜଳସେଚନ ପାଇଁ ଚାଷୀମାନେ ଆଶା ବାନ୍ଧିଥିଲେ । କିନ୍ତୁ ବିଦ୍ୟୁତ ବିଭ୍ରାଟ ଯୋଗୁ ଚାଷୀମାନେ ଜମିକୁ ପାଣି ମଡାଇ ପାରୁନାହାନ୍ତି। ସେହିପରି ନିମ୍ନମାନର କାମ ଯୋଗୁ ଅନେକ ନଳକୂଅ ମାଟିରେ ପୋତି ହୋଇଯାଇଥିବା ଚାଷୀ ସୁଶାନ୍ତ ଛନ୍ଦ, ହରିହର ଛନ୍ଦ, ସୀତାରାମ ଛନ୍ଦ, ସୁରେଶ ମାଝୀ, କ୍ଷୀରୋଦ୍ର ମାଝୀ, ସପ୍ତ ଛନ୍ଦ, ବିରେନ ମହାକୁଡ, ଚମ୍ପେ ମାଝୀ, କପିଳ ମହାକୁଡ, ମହରଗୁ ଛନ୍ଦ, ସୁନା ଛନ୍ଦ, ଉମାଶଙ୍କର ଛନ୍ଦ, ରତ୍ନା କୁମ୍ଭାର, କଷ୍ଟ ଛନ୍ଦ, ସାନୁର୍ଯ୍ୟ ଛନ୍ଦ, ଦାଶରଥି ସେଠୀ, ଉରେ ମାଝୀ ଅଭିଯୋଗ କରି ଏହାର ପ୍ରତିକାର ପାଇଁ ଦାବି ଜଣାଇଛନ୍ତି । ବାରକୁଥୁଲି, କକଟପଙ୍ଗା-କାଣ୍ଡିନାଳରେ ଏକ ପ୍ରକଳ୍ପ କରାଗଲେ ହଜାର ହଜାର ହେକ୍ଟର ଜମି ଜଳସେଚିତ ହୋଇ ଏହି ସମସ୍ୟା ଦୂର ହୋଇପାରନ୍ତା ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ତେବେ ଏ ସମ୍ପର୍କରେ ମନମୁଣ୍ଡା ବିଦ୍ୟୁତ ବିଭାଗ ଏସଡିଓ ରାଜେଶ କୁମାର ସାହୁଙ୍କୁ ପଚାରିବାରୁ ସେ ବାଉଁଶୁଣୀ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରି ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବେ ବୋଲି କହିଥିଲେ ।



ଜମିରେ ଖୋଳାଯାଇଥିବା ଗଭୀର ନଳକୂଅ (ବାମ)। ଚାଷଜମି ଫାଟି ଆଁ କଲାଣି ।

## ମାରୱାଡ଼ି ସମାଜର ଅଗ୍ରସେନ ଜୟନ୍ତୀ



ମହିଳାପୁରୁଷମାନେ ଝଣ୍ଡା ଧରି ଶୋଭାଯାତ୍ରାରେ ବାହାରିଛନ୍ତି ।

ଭଟଲି,୨୯।୯(ଡି.ଏନ.ଏ)

ବରଗଡ଼ ଜିଲା ଭଟଲି ଶ୍ରୀ ଶ୍ରୀ ଶ୍ୟାମବିହାରୀ ମନ୍ଦିର ଧର୍ମଶାଳା ପରିସରରେ ଭଟଲି ମାରୱାଡ଼ି ସମାଜ ପକ୍ଷରୁ ମହାରାଜା ଅଗ୍ରସେନ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ ଶ୍ୟାମ ବାବାଙ୍କୁ ସମାଜ ପକ୍ଷରୁ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ମାରୱାଡ଼ି ସମାଜର ମହିଳାପୁରୁଷ ମହାରାଜା ଅଗ୍ରସେନଙ୍କ ପ୍ରତିମୂର୍ତ୍ତି ସଜ୍ଜିତ ଏକ ରଥକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇଥିଲେ । ରଥ ଧର୍ମଶାଳାରେ ପହଞ୍ଚିବା ପରେ ମାରୱାଡ଼ି ଯୁବା ମଞ୍ଚ ଭଟଲି ଶାଖା ଏବଂ ମହିଳା ଶାଖା ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ଧର୍ମଶାଳା ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଏହାସହିତ ସମାଜର ଶିଶୁ, ମହିଳା ଏବଂ ପୁରୁଷମାନଙ୍କୁ ନେଇ ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା । ମାରୱାଡ଼ି ଯୁବା ମଞ୍ଚ ସଭାପତି ରୋଷନ ଅଗ୍ରୱାଲ, ସମ୍ପାଦକ ସଞ୍ଜୟ ଅଗ୍ରୱାଲ, ମହିଳା ସମିତି ଅଧକ୍ଷା ମଞ୍ଜୁ ଶର୍ମା, ସମ୍ପାଦିକା ରଞ୍ଜୁ ଅଗ୍ରୱାଲ, ସବିତା ଅଗ୍ରୱାଲ, ଉଷା ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପାଇକମାଳରେ ନବରାତ୍ର ଦୁର୍ଗାପୂଜା ଆରମ୍ଭ

ପାଇକମାଳ, ୨୯।୯ (ଡି.ଏନ.ଏ)

ବରଗଡ଼ ଜିଲା ପାଇକମାଳ ଦୁର୍ଗାମନ୍ଦିର ପରିସରରେ ନବରାତ୍ର ଦୁର୍ଗାପୂଜା ରବିବାର ଆରମ୍ଭ ହୋଇଛି। ମଧାହ୍ନରେ ଭକ୍ତମାନେ ଏକ କଳସ ଶୋଭାଯାତ୍ରାରେ ବାହାରି ୨୫୬ କଳସରେ ଶିବ ମନ୍ଦିର ଘାଟରୁ ପବିତ୍ର ଜଳ ଆଣି ଦୁର୍ଗାମନ୍ଦିର ପୀଠରେ ସ୍ଥାପନ କରିଥିଲେ । ଦୀନବନ୍ଧୁ ଭୋଇ ଓ ତାଙ୍କ ସ୍ତ୍ରୀ କସ୍ତୁରୀ ଭୋଇ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଚଳିତ ବର୍ଷ ଦୁର୍ଗାପୂଜାରେ ସବୁଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ପୂଜା କମିଟି ସଭାପତି ଧବଳେଶ୍ୱର ସାହୁ ଜଣାଇଛନ୍ତି।



ପାଇକମାଳରେ ନବରାତ୍ର ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା ।

## ନବାହ୍ନ ପାରାୟଣ, ନବରାତ୍ର ଦୁର୍ଗାପୂଜା ଆରମ୍ଭ

ଜହ୍ନାପଙ୍କ, ୨୯।୯(ଡି.ଏନ.ଏ.)

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ଛକରେ ରବିବାରଠାରୁ ନବାହ୍ନ ପାରାୟଣ ଓ ନବରାତ୍ର ଦୁର୍ଗାପୂଜା ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଅଞ୍ଚଳର ଶତାଧିକ ମହିଳା ପୁରୁଷ ଶୋଭାଯାତ୍ରାରେ ବାହାରି ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ । ଚଳିତବର୍ଷ ନବାହ୍ନ ପାରାୟଣରେ କୃତ୍ତିବାସ ମିଶ୍ର, ନାରାୟଣ ରଥ ବ୍ୟାସ ଏବଂ ମୃତ୍ୟୁଞ୍ଜୟ ମହାକୁଳ ଓ ତାଙ୍କ ସ୍ତ୍ରୀ ସନ୍ତୋଷିନୀ ମହାକୁଳ କର୍ତ୍ତା କାର୍ଯ୍ୟ କରୁଛନ୍ତି । ସେହିପରି ଦୁର୍ଗାପୂଜାର ସରୋଜ କୁମାର କଲତା ଓ ତାଙ୍କ ସ୍ତ୍ରୀ ରୀତାଞ୍ଜଳି କଲତା କର୍ତ୍ତା, ଆଦିତ୍ୟ ପ୍ରସାଦ ପାଢୀ ପୂଜକ କାର୍ଯ୍ୟ କରୁଛନ୍ତି। ଦଶହରା ପୂଜାରେ ଖୁଣ୍ଟବନ୍ଧ କଳଙ୍ଗ ୱାର୍ଥ ଯୁବ ପରିଷଦର ସଭାପତି ରବୀନ୍ଦ୍ର ପ୍ରଧାନ, ସଞ୍ଜୟ କର୍ଣ୍ଣ, ନିରଜ ମହାକୁଳ, ଶୁକ୍ରୁ ପ୍ରଧାନ, କାମଦେବ ମହାକୁଳ, ମୁରଲୀ ପ୍ରଧାନ, ଅଚ୍ୟୁତ କଲତା ଏବଂ ପୂର୍ବତନ ସରପଞ୍ଚ ଯୋଗେଶ୍ୱର ମହାକୁଳ ପ୍ରମୁଖ ଦାୟିତ୍ୱ ନେଇଛନ୍ତି ।

■ ସୋହେଲା ଶାରଦୀୟ ନବରାତ୍ର ଦୁର୍ଗାପୂଜା ଆରମ୍ଭ

## କଳସ ଶୋଭାଯାତ୍ରାରେ ଶତାଧିକ ମହିଳା

ସୋହେଲା,୨୯।୯(ଡି.ଏନ.ଏ)

ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ୭୬ତମ ଶାରଦୀୟ ନବରାତ୍ର ଦୁର୍ଗାପୂଜା ରବିବାର ଆରମ୍ଭ ହୋଇଛି। ସକାଳେ ପ୍ରଥମେ ବିଲ୍ୱବରଣ ପରେ ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ବାହାରି ପୂର୍ଣ୍ଣୀବନ୍ଧକୁ ଯାଇଥିଲେ। ସେଠାରେ ବିଧି ଅନୁସାରେ ପୂଜାକାର୍ଯ୍ୟ ହୋଇଥିଲା। ପରେ କଳସ ଶୋଭାଯାତ୍ରା ମନ୍ଦିର ଅଭିମୁଖେ ଆସିଥିଲା। ଶୋଭାଯାତ୍ରାରେ ପୂଜା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଦେବତା, ଉପ ସଭାପତି ମହମ୍ମଦ ରଫିକ, ସଦସ୍ୟ ରାମେଶ୍ୱର ସାହୁ, ଭଗବାନ ବାରିକ, ଟଙ୍କଧର ଝାଙ୍କରଙ୍କ ସମେତ ପୂଜା କମିଟିର ସଦସ୍ୟମାନେ ସାମିଲ ହୋଇଥିଲେ। ଶୋଭାଯାତ୍ରା ମନ୍ଦିରରେ ପହଞ୍ଚିବା ପରେ ଉଭୟ ମନ୍ଦିର ଓ ମଣ୍ଡପରେ କଳସ ସ୍ଥାପନ କରି ଚଳିତବର୍ଷର ଶାରଦୀୟ ନବରାତ୍ର ଦୁର୍ଗାପୂଜା ବିଧି ଅନୁସାରେ ଶୁଭାରମ୍ଭ ହୋଇଥିଲା। ପ୍ରମୋଦ ଚନ୍ଦ୍ର ଦେବତା ମନ୍ଦିର ପୂଜା କର୍ତ୍ତା ଓ ଶଶୀକାନ୍ତ ପାଣିଗ୍ରାହୀ ମଣ୍ଡପ ପୂଜାକର୍ତ୍ତା ରହିଛନ୍ତି। ପୂଜକ ଟିକେଶ୍ୱର ମହାପାତ୍ର, ସଦାନନ୍ଦ ଷଡଙ୍ଗୀ, ସରୋଜ ଦେବତା, ଚିତ୍ତ ରଞ୍ଜନ ଗୁରୁ, ହେମାନନ୍ଦ ପଣ୍ଡା ଚଣ୍ଡୀପାଠ ଏବଂ ରବିନାରାୟଣ ଦେବତା, ସୁମନ୍ତ ପାଣିଗ୍ରାହୀ, ନାରାୟଣ ହୋତା, ଦୁର୍ଗାଦେବତା, ପ୍ରିୟକାନ୍ତ ଦେବତା, ମନ୍ଦିର ପୂଜକ ବିନୋଦ ବିହାରି ମହାପାତ୍ର ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି । ମାଁ ଦୁର୍ଗାଙ୍କ ମନ୍ଦିର ଓ ମଣ୍ଡପରେ ଆସନ୍ତା ୮ ତାରିଖ ବିଜୟା ଦଶମୀ ଅପରାହ୍ନରେ ପୂର୍ଣ୍ଣାହୁତି ହେବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି ।



ମହିଳାମାନେ କଳସଗୁଡିକୁ ଶୋଭାଯାତ୍ରାରେ ଆଣୁଛନ୍ତି ।

## ଅଗ୍ରସେନ ଜୟନ୍ତୀରେ ଶୋଭାଯାତ୍ରା

ସୋହେଲା,୨୯।୯(ଡି.ଏନ.ଏ)

ସୋହେଲାସ୍ଥିତ ଅଗ୍ରସେନ ଭବନଠାରେ ରବିବାର ମାରୱାଡି ସମାଜ ପକ୍ଷରୁ ଅଗ୍ରସେନ ମହାରାଜଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଏଥିରେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ପୂର୍ତ୍ତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ବିଶିଟେ ଅତିଥି, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ସମ୍ମାନିତ ଅତିଥି ଏବଂ ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନର ସମ୍ପାଦକ ବିଜୟ କୁମାର କେଡିଆ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହିଳା ମଣ୍ଡଳ ସଭାନେତ୍ରୀ କ୍ରିଷ୍ଣା ଦେବୀ ଅଗ୍ରୱାଲ, ଅଗ୍ରୱାଲ ସଭା ସଭାପତି ସୁରେଶ କୁମାର ଅଗ୍ରୱାଲ, ମାରୱାଡି ଯୁବାମଞ୍ଚ ସଭାପତି ଦୀପକ କୁମାର ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଅତିଥିମାନେ ମହାରାଜ ଅଗ୍ରସେନଙ୍କ ଫଟୋ ଚିତ୍ର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରିଥିଲେ । ଅଗ୍ରୱାଲ ସଭା ସଭାପତି ସୁରେଶ କୁମାର ଅଗ୍ରୱାଲ ସ୍ୱାଗତ ଭାଷଣ, ଅଲୋକ କୁମାର ଅଗ୍ରୱାଲ ଓ ପୂଜା ଅଗ୍ରୱାଲ ସଭା ସଞ୍ଚାଳନ ଏବଂ ମହିଳା ମଣ୍ଡଳ ସମ୍ପାଦିକା ଅଞ୍ଜୁ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସେହିପରି ଅଙ୍ଗଦାନ ଉପରେ ଏକ ନାଟକ ମଧ୍ୟ ମଞ୍ଚସ୍ଥ ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସନ୍ଧ୍ୟାରେ ଏକ ସୁସଜ୍ଜିତ ରଥରେ ଅଗ୍ରସେନ ମହାରାଜଙ୍କ ଫଟୋକୁ ରଖି ସହର ପରିକ୍ରମା କରାଯାଇଥିଲା। ମହାରାଜ ଅଗ୍ରସେନ ଭୂମିକାରେ ଉତ୍ତମ ଅଗ୍ରୱାଲ ଓ ମହାମନ୍ତ୍ରୀ ଭୂମିକାରେ ଅଲୋକ କୁମାର ଅଗ୍ରୱାଲ ଅବତୀର୍ଣ୍ଣ ହୋଇଥିଲେ ।

## ଆଜିଠୁ ସିବିଏସ୍‌ଇ ଇଷ୍ଟଜୋନ୍ ସନ୍ତରଣ ପ୍ରତିଯୋଗିତା

ବରଗଡ଼ ଅଫିସ,୨୯।୯

ବରଗଡ଼ ସଂସ୍କାର ଆନ୍ତଃରାଷ୍ଟ୍ରୀୟ ବିଦ୍ୟାଳୟ ପରିସରରେ ସୋମବାରଠାରୁ ସିବିଏସ୍‌ଇ ଇଷ୍ଟଜୋନ୍ ସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ଆସାମ, ମେଘାଳୟ, ମିଜୋରାମ, ନାଗାଲ୍ୟାଣ୍ଡ, ମଣିପୁର, ଛତିଶଗଡ଼ ଓ ପଶ୍ଚିମବଙ୍ଗ ଆଦି ୧୩ଟି ରାଜ୍ୟର ମୋଟ ୧୦୦ଟିବିଦ୍ୟାଳୟରୁ ୫୦୦ ଛାତ୍ରୀଛାତ୍ର ଏବଂ ୧୭୫ ଜଣ ଅଧାପକ, କୋଚ ଓ ପରିଚାଳକ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି ପ୍ରତିଯୋଗିତା ଆଗାମୀ ୪ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାବେଳେ ଉଦ୍‌ଘାଟନୀ ଉତ୍ସବରେ ଭୁବନେଶ୍ୱରରୁ ସିବିଏସ୍‌ଇର ରିଜିଓନାଲ ଅଫିସର ଥଙ୍ଗକ୍ଲେ ମେଟ ମୁଖ୍ୟଅତିଥି ଏବଂ ସାବିତ୍ରୀ ଦେବୀ ବିଶେଷ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ସମାପନ ଦିବସରେ ଉତ୍ତର ଏସିଆ ଟ୍ରାଇଥିଲନ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ଭାରତୀୟ ମହିଳା କୁମାରୀ ପ୍ରଜ୍ଞା ମୋହନ ଅଂଶଗ୍ରହଣ କରିବେ । ସଂସ୍କାର ବିଦ୍ୟାଳୟର ଅଧ୍ୟକ୍ଷ ସୁମନ ସାଓଡ଼ିଆ, ଉପାଧ୍ୟକ୍ଷ ରୋଶନ ଅଗ୍ରୱାଲ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରନ ସାହୁ ପ୍ରତିଯୋଗିତା ପରିଚାଳନା କରିବେ ।

## ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ କବରାପାଲି ଚାମ୍ପିୟନ

ଗଣ୍ଡତୁରୁମ, ୨୯।୯ (ଡି.ଏନ.ଏ)

ବରଗଡ଼ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ମେହେନାର ଡ. ବି. ଆର. ଆମ୍ବେଦକର କ୍ଲବ ଆନୁକୂଲ୍ୟରେ ରବିବାର ମାଁ ଆଇବୁଢ଼ୀ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ କବରାପାଲି ଦଳ ଚାମ୍ପିୟନ ହୋଇଛି। ରବିବାର କବରାପାଲି ଏବଂ ଅମସ୍ତଲା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମାତ୍ର ନିର୍ଦ୍ଧାରିତ ସମୟରେ କୌଣସି ଦଳ କାହାରିକୁ ଗୋଲ ସ୍କୋର କରିପାରି ନ ଥିଲେ । ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଟାଇବ୍ରେକରରେ ମଧ ଉଭୟ ଦଳ ସମାନ ସ୍ଥିତିରେ ରହିବାରୁ ସଡନ ଡେଥ୍‌ର ସହାୟତା ନିଆ ଯାଇଥିଲା। ଏଥିରେ କବରାପାଲି ଦଳ ୧-୦ ଗୋଲରେ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ଏମ୍‌ଡି ଜାଭେଦ, ସଞ୍ଜୟ କର, ଖବରଦାତା ସୁଦନ ମହାକୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ରଞ୍ଜିତ ଛତ୍ରିଆ, ଶ୍ରୀନିବାସ ରାଓ, ଅଶ୍ୱିନୀ ମେହେର, ଗୌରାଙ୍ଗ ପାଣ୍ଡେ ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ ପିଣ୍ଟୁ କର ଧାରା ବିବରଣୀ ପ୍ରଦାନ କରିଥିଲେ। ଗ୍ରାମର ଗୌନ୍ତିଆ ପ୍ରମୋଦ ଆଚାର୍ଯ୍ୟ ଖେଳକୁ ଉଦଘାଟନ କରିଥିଲେ। କର୍ଡେଲା, କଳାହାଣ୍ଡି, ବରଗଡ, ଧମା, କବରାପାଲି, ଅମସ୍ତଲା, ଝାରସୁଗୁଡା, ସମ୍ବଲପୁର ହିନ୍ଦ କ୍ଲବ ପ୍ରମୁଖ ୮ଟି ଦଳ ଅଂଶଗ୍ରହଣ କରିଥିଲେ ।

# ଫୁଟବଲ ଟୁର୍ନାମେଣ୍ଟ: ଖଲିଆପାଲି ବିଜୟୀ

ବରଗଡ଼ ଅଫିସ,୨୯।୯

ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲିର ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ଚାଲିଥିବା ତ୍ରିରଙ୍ଗା କପ୍ ନକ୍‌ଆଉଟ୍ ଫୁଟବଲ ପ୍ରତିଯୋଗିତାର ରବିବାର ମ୍ୟାଚରେ ଖଲିଆପାଲି ଏକାଦଶ ପ୍ରତିପକ୍ଷ ବରଗାଁ ଏକାଦଶକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଖଲିଆପାଲି ଏକାଦଶ ଏବଂ ବରଗାଁ ଏକାଦଶ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଖଲିଆପାଲି ଏକାଦଶ ୩-୦ ଗୋଲରେ ବିଜୟୀ ହୋଇଥିଲା । ସେହିପରି ଧାଙ୍ଗେର ଏକାଦଶ ଏବଂ ସାହାଜବାହାଲ ଏକାଦଶ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବର୍ଷା ଯୋଗୁ ମ୍ୟାଚ ଅଧାରୁ ବନ୍ଦ କରାଯାଇଥିଲା । ଫଳରେ ଏହି ମ୍ୟାଚଟି ସୋମବାର ଖେଳାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ସମ୍ବଲପୁର ଅତିରିକ୍ତ ତହସିଲଦାର ଆଶିଷ କୁମାର ଭୋଇ ମୁଖ୍ୟଅତିଥି, ସରସରା ରାଜସ୍ୱ ନିରୀକ୍ଷକ ମାନସ ସେଠ୍, କଟାପାଲି ଅତିରିକ୍ତ ରାଜସ୍ୱ ନିରୀକ୍ଷକ ହିମାଂଶୁ ଶେଖର ବିଶି ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ମ୍ୟାନେଜର ସୁଶାନ୍ତ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପଞ୍ଚାନନ ପାତ୍ର, ଶିବାନନ୍ଦ ଦାଶ, ଉମେଶ ପଧାନ ଏବଂ ଅରକ୍ଷିତ ପଧାନ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ ।



ଅତିଥି ଓ ଆୟୋଜକଙ୍କ ଗହଣରେ ଖେଳାଳିମାନେ ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସେଲ୍ଫି କର୍ନର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ନରେଶ



ରାଜୀବ



ସୁବାଷ



ଟିକୁନ୍



ଲିପୁନ୍

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

### ■ ବୌଦ୍ଧରେ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା

# ୨୪୮ ପ୍ରତିଯୋଗୀଙ୍କ ଅଂଶଗ୍ରହଣ

ବୌଦ୍ଧ,୨୯।୯(ସ୍ୱ.ପ୍ର)

ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା ୨୦୧୯ ରବିବାର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ ବୌଦ୍ଧ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାକୁ ଜିଲା ଦୌରା ଜଜ୍ ଅରବିନ୍ଦ କୁମାର ଗୁରୁ ଉଦ୍‌ଘାଟନ କରିଥିଲେ। ବିଚାରପତି ଗୁରୁ ଶିଶୁମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ କଳାର ପରିପ୍ରକାଶ କରିବା ପାଇଁ ଏହାଦ୍ୱାରା ସୁଯୋଗ ସୃଷ୍ଟି ହୋଇଛି ବୋଲି କହିଥିଲେ। ଅତିରିକ୍ତ ଜିଲା ଦୌରାଜଜ୍ ସତ୍ୟନାରାୟଣ ଷଡଙ୍ଗୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ପାଇଁ ଏହା ଏକ ଭଲ ପ୍ରୟାସ ଏବଂ ଶିଶୁମାନେ ପ୍ରତିଯୋଗିତାରେ ଭାଗନେଇ ସେମାନଙ୍କ ଅଂଶ ଗ୍ରହଣ କରିବାର ଅଧିକାରକୁ ସୁନିଶ୍ଚିତ କରିଥିବା କହିଥିଲେ। ରେଜିଷ୍ଟ୍ରାର ପ୍ରୀତିଶ କୁମାର ରାଉତରାୟ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ସାକ୍ଷୀଗୋପାଳ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷା ସୁଜାତା ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ନିୟମାବଳୀ ଓ ଚିତ୍ରାଙ୍କନ ପ୍ରତିଯୋଗିତା ବିଷୟରେ ଆଲୋକପାତ କରିଥିଲେ। ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ୨୪୮ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ଏଠାରୁ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ପରିଦର୍ଶକ ଭାବେ ସର୍ବଶିକ୍ଷା ଅଭିଯାନର ସିଆରସିସି ନିଯୋଜିତ ହୋଇଥିଲେ।



ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ଶିଶୁମାନେ ।

## ବୌଦ୍ଧରେ ଅଗ୍ରସେନ ଜୟନ୍ତୀ ପାଳିତ

ବୌଦ୍ଧ,୨୯।୯(ସ୍ୱ.ପ୍ର)

ମାରୱାଡି ସମାଜର ସଂସ୍ଥାପକ ଅଗ୍ରସେନ ମହାରାଜଙ୍କ ଜୟନ୍ତୀ ମହୋତ୍ସବ ବୌଦ୍ଧରେ ରବିବାର ପାଳିତ ହୋଇଛି । ମାରୱାଡି ଯୁବା ମଞ୍ଚ, ମାରୱାଡି ମହିଳା ସମିତି ଓ ମାରୱାଡି ସୋସାଇଟି ଦ୍ୱାରା ସନ୍ଧ୍ୟାରେ ବୌଦ୍ଧ ରଘୁନାଥ ମନ୍ଦିରରୁ ମହାରାଜ ଅଗ୍ରସେନଙ୍କ ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଉତ୍ସବସ୍ଥଳରେ ପହଞ୍ଚିଥିଲା । ସେଠାରେ ମାରୱାଡି ସୋସାଇଟି ସଭାପତି ଉମାଶଙ୍କର ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ହୋଇଥିଲା । ସଭାରେ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟଅତିଥି, ସମାଜସେବୀ ଗୋବିନ୍ଦ ପ୍ରସାଦ ଅଗ୍ରୱାଲା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମହାରାଜ ଅଗ୍ରସେନଙ୍କ ସିଦ୍ଧାନ୍ତ ଏବଂ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସୁନ୍ଦର ପ୍ରକାଶ, ଯୁବ ମଞ୍ଚ ସଭାପତି କେତନ ଅଗ୍ରୱାଲ, ସମ୍ପାଦକ ରୋହିତ ଅଗ୍ରୱାଲ, ମହିଳା ସମିତି ସଭାନେତ୍ରୀ ଆଶାଦେବୀ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ । ସନ୍ତ କୁମାର ଅଗ୍ରୱାଲା ମଞ୍ଚ ପରିଚାଳନା କରିଥିଲେ । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା ।

## ରାଜ୍ୟ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀଙ୍କୁ ସମ୍ବର୍ଦ୍ଧନା



ପଡ଼ାବାସୀଙ୍କ ପକ୍ଷରୁ ହିତାଂଶୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ବରଗଡ଼ ଅଫିସ,୨୯।୯

ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଓଡ଼ିଶା ଜୁଡିସିଆଲ ଏକାଡେମୀ କଟକରେ ଗତ ୨୮ ତାରିଖରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ବରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ହିତାଂଶୁ ଶେଖର ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରି ହାଇକୋର୍ଟ ବିଚାରପତି ପ୍ରମୋଦ ପଟ୍ଟନାୟକଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି। ସେ ରାଜ୍ୟରେ ଚିତ୍ରଶିଳ୍ପୀ ଭାବେ ପ୍ରଥମ ପୁରସ୍କାର ପାଇଥିବାରୁ ବରଗଡ଼ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବିଧାୟକ ଦେବେଶ ଆଚାର୍ଯ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ବରଗଡ଼ ୱାର୍ଡ଼ ନଂ.୧ ନିଗମାନନ୍ଦ ବିହାର ଠାରେ ରବିବାର ପଡ଼ାବାସୀଙ୍କ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉନ୍ନୟନ କମିଟି ସଭାପତି ବେଣୁଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ପ୍ରହଲ୍ଲାଦ ମହାପାତ୍ର, ସମ୍ପାଦକ ଟିକେଲାଲ ନାଏକ, ପୂଜା କମିଟି ସଭାପତି ସଦାଶିବ ସାହୁ, ସମ୍ପାଦକ ନବୀନ ସାବତ, ସୁରେଶ ବାରିକ, ଶ୍ରୀବତ୍ସ ମିଶ୍ରଙ୍କ ସମେତ ନିଗମାନନ୍ଦ ବିହାରପଡ଼ାର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ଜନସେବା କେନ୍ଦ୍ରରେ ନିଶୁଳ୍କ ସେବା ଦାବି

ଘଣ୍ଟାପଡା, ୨୯।୯ (ଡି.ଏନ.ଏ)

ବୌଦ୍ଧ ଜିଲାରେ ସେପ୍ଟେମ୍ବର ୧ରୁ ନିର୍ବାଚନ ଯାଞ୍ଚ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଜିଲାର ପ୍ରତି ବୁଥରେ ଜଣେ ଲେଖାଏଁ ଶିକ୍ଷକଙ୍କୁ ବିଏଲଓ ଦାୟିତ୍ୱ ଦିଆଯାଇଛି । ସେମାନେ ମାସର ପ୍ରତିରବିବାର ବୁଥରେ ସ୍ୱତନ୍ତ୍ର ଶିବିର ଆୟୋଜନ କରି ବୁଥ ଅଧୀନ ଭୋଟର ତାଲିକା ଯାଞ୍ଚ କରିବା ସହ ସଂଶୋଧନ କରିବେ । ଜିଲା ନିର୍ବାଚନ ଆୟୋଗ ପକ୍ଷରୁ ବିଏଲଓଙ୍କୁ ଯୋଗାଇ ଦେଇଥିବା ଲିଙ୍କ ଜରିଆରେ ନିଜ ମୋବାଇଲ ମାଧ୍ୟମରେ ନିଶୁଳ୍କ ଭୋଟରଙ୍କ ଯାଞ୍ଚ ଓ ସଂଶୋଧନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ମୋବାଇଲରେ ଠିକ ଭାବେ ସାଇଟ ଖୋଲୁ ନ ଥିବାରୁ ବିଏଲଓମାନେ ବହୁତ ହଇରାଣ ହରକତ ହେଉଥିବା ଜଣାଯାଇଛି। ଫଳରେ ଭୋଟରମାନଙ୍କୁ ଜନସେବା କେନ୍ଦ୍ରକୁ ଯାଇ ସଂଶୋଧନ କରିବା ପାଇଁ କହୁଛନ୍ତି । ଅନ୍ୟପକ୍ଷରେ ଭୋଟରମାନେ ଅକ୍ଟୋବର ୧୫ ତାରିଖ ସୁଦ୍ଧା ନିଜର ତଥ୍ୟ ୧୦୦ ପ୍ରତିଶତ ଠିକ କରିପାରିବେ ବୋଲି ନିର୍ବାଚନ ଆୟୋଗ ପକ୍ଷରୁ କହୁଥିବା ବେଳେ ସାଇଟ ସମସ୍ୟା ଯୋଗୁ ଜନସେବା କେନ୍ଦ୍ରରେ ଭୋଟରଙ୍କ ଲମ୍ବାଧାଡି ଲାଗୁଥିବା ଦେଖାଦେଇଛି। ଜନସେବା କେନ୍ଦ୍ରରେ ନିଶୁଳ୍କ ସେବା ଯୋଗାଇ ଦେବାକୁ ଭୋଟରମାନଙ୍କ ପକ୍ଷରୁ ଦାବି ହେଉଛି ।

## ଆଜି କ'ଣ କେଉଁଠି

**ଲୋଇସିଂହା**
■ ଆଚାର୍ଯ୍ୟ ବିକାଶ ଦିବସ, ଲୋଇସିଂହା ଶିଶୁ ମନ୍ଦିର ପରିସର, ସକାଳ ୭ଟା।

**ଦେବଗଡ**
■ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର, ଟାଉନ ହାଇସ୍କୁଲ, ପୂର୍ବାହ୍ନ ୧୦ଟା।

**ବରଗଡ**
■ ସମଲେଶ୍ୱରୀଙ୍କ ବ୍ରହ୍ମଚାରିଣୀ ବେଶ, ସମଲେଶ୍ୱରୀ ମନ୍ଦିର, ସକାଳ ୫ଟା।
■ ତ୍ରିରଙ୍ଗା କପ୍ ଫୁଟବଲ(ମ୍ୟାଚ– ଧାଙ୍ଗେର ବନାମ ସାହାଜବାହାଲ, ବରଡୋଲ ବନାମ ଲୁହୁରାଚଟି) ଖୁଣ୍ଟୁପାଲି ପଡିଆ, ଦିନ ୧ଟା।

**ଅମରପାଲି**
■ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର, ବ୍ଲକ ସଭାଗୃହ ବୀରମହାରାଜପୁର, ପୂର୍ବାହ୍ନ ୧୦ଟା।

**ରାଉରକେଲା**
■ ଯୋଗୀ ଲାହିରୀଙ୍କ ଜନ୍ମ ଉତ୍ସବ, ଜଗଦା କ୍ରିୟାଯୋଗ ଧ୍ୟାନ କେନ୍ଦ୍ର, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
■ ସମଲେଇଙ୍କ ଧବଳମୁଖୀ ଦର୍ଶନ, ସମଲେଇ ମନ୍ଦିର, ସକାଳ ୫ଟାରୁ ଅପରାହ୍ନ ୨ଟା ।
■ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବିରେ ଧାରଣା ଓ ବିକ୍ଷୋଭ, କଚେରି ଛକ, ପୂର୍ବାହ୍ନ ୧୦ଟା।
■ ଭାରତୀୟ ଜୀବନ ବିମା କର୍ମଚାରୀ ସଂଘର ସମ୍ମିଳନୀ ଦ୍ୱିତୀୟ ଦିବସ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ସାଢ଼େ ୧୦ଟା ।
■ ଗୁପ୍ତେଶ୍ୱରୀଙ୍କ ବ୍ରହ୍ମଚାରିଣୀ ବେଶ, ଲମ୍ବଡୁଙ୍ଗୁରୀ ପାହାଡ ଗୁପ୍ତେଶ୍ୱରୀଙ୍କ ପୀଠ, ପୂର୍ବାହ୍ନ ସାଢ଼େ ୧୦ଟା ।
■ ଡା. ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ୨ଟା।
■ ମା' ମଙ୍ଗଳାଙ୍କ ଦଶହରା ପୂଜା ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ବଡବଜାର ରାଧାମାଧବ ମନ୍ଦିର, ସନ୍ଧ୍ୟା ୬ଟା।

**ବଲାଙ୍ଗୀର**
■ କୋସଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୦ଟା।

**ନୂଆପଡ଼ା**
■ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ, ଖରିଆର ରୋଡ ନୋଡ଼ାଲ ହାଇସ୍କୁଲ, ଅପରାହ୍ନ ୩ଟା।
■ ଗୁରୁ ନାନକ ଜୟନ୍ତୀ ସମାରୋହ, ଖରିଆର ରୋଡ ଗୁରୁଦ୍ୱାରା, ସନ୍ଧ୍ୟା ୭ଟା
■ କ୍ରାନ୍ତି ଦିବସ, ସାଲିଆ, ପୂର୍ବାହ୍ନ ୧୦ଟା।

## ସିଆରପିଏଫର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ପଦ୍ମପୁର, ୨୯।୯ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ଜଗଦଲପୁରଠାରେ ଥିବା ଇ–୧୮୯ ସିଆରପିଏଫ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ସ୍ମୃତି ପାଇଁ ରବିବାର ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସିଆରପିଏଫର ସହକାରୀ କମାଣ୍ଡାଣ୍ଟ ରାଜୀବ କୁମାରଙ୍କ ତତ୍ତ୍ୱାବଧାନରେ ଯବାନମାନେ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ଜଗଦଲପୁର ଗ୍ରାମ ପରିକ୍ରମା କରିଥିଲେ। ଛାତ୍ରୀଛାତ୍ର ଓ ଗ୍ରାମବାସୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଗାଁ ସଫେଇ କରିଥିଲେ । ସିଆରପିଏଫ ଏଏସଆଇ ଧୀରେନ ଲୋହା, ଥାନା ଅଧିକାରୀ ଲିଲିମା ଲଳିତା ବାର୍ଲା ଯବାନମାନଙ୍କୁ ଉତ୍ସାହିତ କରିଥିଲେ ।

## ବୌଦ୍ଧରେ ଶନି ଅମାବାସ୍ୟା ଉତ୍ସବ

ବୌଦ୍ଧ,୨୯।୯(ସ୍ୱ.ପ୍ର)

ବୌଦ୍ଧ ରଥସାହିସ୍ଥିତ ଶନି ମନ୍ଦିରରେ ଶନିବାର ଶନି ଅମାବାସ୍ୟା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସକାଳ ଧୂପ ସମ୍ପୂର୍ଣ୍ଣ କରାଯିବା ପରେ ପୂଜା ଆରମ୍ଭ ହୋଇଥିଲା । ସନ୍ଧ୍ୟା ଧୂପ ପରେ କଳସ ସ୍ଥାପନା ଏବଂ ରାହୁ କେତୁ ଓ ଶନିଙ୍କ ସ୍ୱତନ୍ତ୍ର ବେଶ କରାଯାଇ ସ୍ୱତନ୍ତ୍ର ପୂଜା ଓ ଶାନ୍ତି ହୋମ ହୋଇଥିଲା। ପଣ୍ଡିତ ବିଭୁଦତ୍ତ ପଣ୍ଡା ମୁଖ୍ୟପୂଜକ ଓ ଷଷ୍ଠ ପୁରୋହିତ ସହଯୋଗ କରିଥିଲେ। ସନ୍ତୋଷ ପ୍ରଧାନ ଏବଂ ସତ୍ୟଭାମା ପ୍ରଧାନ କର୍ତ୍ତା ଥିଲେ। ସଭାପତି ସଞ୍ଜୀବ କୁମାର ମହାପାତ୍ର, ସମ୍ପାଦକ ବିଜ୍ଞାନ କୁମାର ସାହୁ, ଉପଦେଷ୍ଟା କାହ୍ନୁ ମିଶ୍ର ସହଯୋଗ କରିଥିଲେ ।

## କ୍ରିକେଟ: କୁଡାସିଂହା ବିଜୟୀ

ପଦ୍ମପୁର, ୨୯।୯ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ କୁଡାସିଂହା ଗ୍ରାମ ଖେଳ ପଡିଆଠାରେ ଶିକ୍ଷକ ଏକାଦଶ ଓ କୁଡାସିଂହା ଗ୍ରାମ ଏକାଦଶ ମଧ୍ୟରେ ରବିବାର ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟସ୍ ଜିଣି କୁଡାସିଂହା ଏକାଦଶ ବ୍ୟାଟିଂ କରି ୧୦ ଓଭରରେ ୧୦୦ ରନ କରିଥିଲା। ଜବାବରେ ଶିକ୍ଷକ ଏକାଦଶ ୧୦ ଓଭରରେ ମାତ୍ର ୮୫ ରନ କରି ପରାଜୟ ସ୍ୱୀକାର କରିଥିଲା । ରାଜେଶ ପଟେଲ ଓ ସୁଶାନ୍ତ ନାୟକ ଖେଳ ପରିଚାଳନା କରିଥିବା ବେଳେ ବିକାଶ କୈବର୍ତ୍ତ ସ୍କୋରିଂ କରିଥିଲେ। ଶିକ୍ଷକ ନରେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦାନ କରି ବିଜୟୀ ଦଳ ଓ ମ୍ୟାନ ଅଫ୍ ଦି ମ୍ୟାଚ ଜଗବନ୍ଧୁଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସନାତନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

## କ୍ରୀଡା ପ୍ରତିଯୋଗିତାରେ ୧୦୦ ପ୍ରତିଯୋଗୀ

ଘଣ୍ଟାପଡା, ୨୯।୯ (ଡି.ଏନ.ଏ)

କଣ୍ଟାମାଳ ବ୍ଲକ ଘଣ୍ଟାପଡା ସରସ୍ୱତୀ ବିଦ୍ୟାମନ୍ଦିର ପକ୍ଷରୁ ସଙ୍କୁଳସ୍ତରୀୟ କ୍ରୀଡା ପ୍ରତିଯୋଗିତା ସମଲେଶ୍ୱରୀ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଘଣ୍ଟାପଡା ସରପଞ୍ଚ ଜିତେନ୍ଦ୍ର ପ୍ରସାଦ ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ କ୍ରୀଡାଧ୍ୱଜା ଉତ୍ତୋଳନ କରିଥିଲେ । ଶିଶୁ ବର୍ଗ ଓ ବାଳ ବର୍ଗର ଛାତ୍ରୀଛାତ୍ରଙ୍କୁ ନେଇ ୪ଟି ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ମନମୁଣ୍ଡା, ବିଳାସପୁର, ପଲସାଗୋରା, ଦପଲା, କଣ୍ଟାମାଳ, ଘଣ୍ଟାପଡା, ମସିଣାଗୋରା ପ୍ରମୁଖ ଶିଶୁ ମନ୍ଦିରର ୧୦୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଶ୍ରୀପତି ଦୀପ, ନେପାଳ ଭୋଇ, ସଂଯୁକ୍ତା ବେହେରା, ରଶ୍ମିତା ରଣା, ଅଭିମନ୍ୟୁ ପଧାନ, ରଞ୍ଜନ ବାରିକ ଓ ସୁଶାନ୍ତ ପ୍ରଧାନ ଖେଳ ପରିଚାଳନା କରିଥିଲେ । ପରେ ଘଣ୍ଟାପଡା ଶିଶୁ ମନ୍ଦିରର ପ୍ରଧାନଆଚାର୍ଯ୍ୟ ଶେଷଦେବ ସେଠୀଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ସଭା ହୋଇଥିଲା । ସରପଞ୍ଚ ଜିତେନ୍ଦ୍ର ପ୍ରସାଦ ଦେହୁରୀ ମୁଖ୍ୟଅତିଥି, ପରିଚାଳନା ସମିତି ସଭାପତି ନୀଳାଞ୍ଚଳ ଭୋଇ, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାଥ ରଣା, କଣ୍ଟାମାଳ ସଙ୍କୁଳ ପ୍ରମୁଖ ଅବଧୂତ ସାହୁ, ସଙ୍କୁଳ ସଂଯୋଜକ ଭଗବାନ ମନହିରା, ଖେଳ ଶିକ୍ଷୟିତ୍ରୀ ମନ୍ଦାକିନୀ ବଗର୍ତ୍ତି ଓ ଖବରଦାତା ପ୍ରଭାତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ମସିଣାଗୋରା ଶିଶୁ ମନ୍ଦିରର ପ୍ରଧାନଆଚାର୍ଯ୍ୟ ସୁଶାନ୍ତ ସାହୁ ସଭା ପରିଚାଳନା କରିଥିଲେ । ଶେଷରେ ମିତ୍ରଭାନୁ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁବର୍ଣ୍ଣଦୀପର ରୌପ୍ୟ ଜୟନ୍ତୀ ମହୋତ୍ସବ

ବରଗଡ଼ ଅଫିସ,୨୯।୯

ବରଗଡ଼ର ଶିଶୁ କିଶୋର ପତ୍ରିକା ସୁବର୍ଣ୍ଣଦୀପର ରୌପ୍ୟ ଜୟନ୍ତୀ ଉତ୍ସବ ରବିବାର ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ପାଳିତ ହୋଇଛି। ଏହି ଅବସରରେ ବିଭିନ୍ନ ଜିଲାର ଶିଶୁ ସାହିତ୍ୟିକ, ବୈଜ୍ଞାନିକ, ସମାଜସେବୀ, ଶିକ୍ଷାବିତ, ଶିଶୁପ୍ରତିଭା ଓ ବିଭିନ୍ନ ସାମାଜିକ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାସହ ପତ୍ରିକାର ରୌପ୍ୟ ଜୟନ୍ତୀ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରୀତମ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରଗଡ଼ ଷ୍ଟେଟବ୍ୟାଙ୍କର ମୁଖ୍ୟ ଶାଖା ପରିଚାଳକ ଧନଞ୍ଜୟ ମିଶ୍ର ମୁଖ୍ୟଅତିଥି, ଡ଼. ତପସ୍ୱିନୀ ଗୁରୁ ସମ୍ମାନିତ ଅତିଥି, ପ୍ରାଧ୍ୟାପକ ଶେଷନ ବିଶି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସେବା ପାଇଁ ବିମଳାଦେବୀ ଅନାଥାଶ୍ରମ ଖଲିଆପାଲିର ସୁନୀଲ କୁମାର ଅଗ୍ରୱାଲଙ୍କୁ 'ପ୍ରସନ୍ନ କୁମାର ଦାଶ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ସହ ସମ୍ପାଦକ ଅଧ୍ୟାପକ ନବକୃଷ୍ଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅରବିନ୍ଦ ଗୁପ୍ତା ଅତିଥି ପରିଚୟ ପତ୍ରିକାର ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତି ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ମାନସିକ ଅନଗ୍ରସର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେଘନାଦ ସାହୁ, କଳାଶିକ୍ଷକ ଦୁଃଖୀସେବକ ସାହୁ, ନେପାଳ ଦୁଆନ, ବିଦ୍ୟାଳୟ ସଭାପତି ଡ଼. ଜୟଦେବ ସାହୁ ଓ ସମ୍ପାଦକ ରବିନାରାୟଣ ସାହୁ ସହଯୋଗ କରିଥିଲେ । ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ରୌପ୍ୟ ଜୟନ୍ତୀ ଉତ୍ସବରେ ପତ୍ରିକା ଉନ୍ମୋଚନ କରାଯାଉଛି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବ୍ରାହ୍ମଣ ଚାରି ବର୍ଣ୍ଣରେ ରଜା**
**ବାଳିଆ ମାଛ ଥାଇ ବୋଇଲା**
**ମୁଁ ମାଛଙ୍କ ଭିତରେ ରଜା ।**

ଜ୍ୟୋତିଷ ଶାସ୍ତ୍ରରେ ୧୨ଗୋଟି ରାଶିକୁ ୪ଟି ବର୍ଣ୍ଣ ଯଥା ବିପ୍ର, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ବର୍ଣ୍ଣରେ ବିଭକ୍ତ କରାଯାଇଛି। ତନ୍ମଧ୍ୟରୁ ବିପ୍ର ବର୍ଣ୍ଣକୁ ପ୍ରଥମ ବର୍ଣ୍ଣର ମାନ୍ୟତା ପ୍ରଦାନ କରାଯାଇଛି। ସେହିପରି ବାଳିଆ ମାଛର ଆକାର ଅନ୍ୟ ମାଛ ତୁଳନାରେ ବହୁତ ବଡ଼ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାଇଗଣ ଝଟେଇ**
**ଏଠା କଥା ସେଠେଇ କହେ**
**ନାଲ୍‌ବାଇ ଖେଣ୍ଟେଇ ।**

କେତେକ ମହିଳା କଳିହା ପ୍ରକୃତିର ହୋଇଥାନ୍ତି। ଖେଣ୍ଟେଇ କରି କଥା କହି ଅଯଥା ଦ୍ୱନ୍ଦ୍ୱ ତଥା କଳହ ସୃଷ୍ଟି କରାଇବା ସେମାନଙ୍କ ମନ୍ଦପ୍ରକୃତି ହୋଇଥାଏ। ୟା'କଥା ତା' ଆଗରେ ତା'କଥା ୟା' ଆଗରେ କହି ଅପ୍ରିୟତା ସୃଷ୍ଟି କରୁଥିବା ମହିଳାଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
–ଫ୍ରେଣ୍ଡସ୍ ପବ୍ଲିଶର୍ସ



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।

- ବ୍ୟାସଦେବ



**ସଂକ୍ଷେପରେ**

## ତୁଷୁରା: ଛଅ ଦିନ ହେଲା ପାଇପ ଜଳଯୋଗାଣ ବନ୍ଦ

ଗୁଡ଼ଭେଲା,୨୯।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷୁରା ସହରରେ ଗତ ଛଅଦିନ ହେଲା ପାଇପ ଜଳ ଯୋଗାଣ ବନ୍ଦ ରହିଛି। ଏଥିଯୋଗୁ ଲୋକେ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବେ ପାଣି ଯୋଗାଣ ହେବ ସେ ନେଇ ବିଭାଗୀୟ ଅଧିକାରୀମାନେ ସୂଚନା ଦେଇ ପାରୁ ନାହାନ୍ତି। ବର୍ତ୍ତମାନ ୨ଟି ଟ୍ୟାଙ୍କରରେ ସହରକୁ ଯୋଗାଇ ଦିଆଯାଉଥିବା ଜଳ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ସହରର ବହୁ ପଡାକୁ ଟ୍ୟାଙ୍କର ଯାଇପାରୁ ନ ଥିବାରୁ ଲୋକେ ପ୍ରାୟ ଏକ କିଲୋମିଟର ଦୂରରୁ ପାଣି ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି। ସହରକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ ଯୋଗେ ଜଳଯୋଗାଣ ହୋଇଥାଏ । କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ ସହ ଖାମଖିଆଲି ମନୋଭାବ ଯୋଗୁଁ ଏପରି ସମସ୍ୟା ଲାଗି ରହିଥିବା ମହିଳାମାନେ ଅଭିଯୋଗ କରିଛନ୍ତି । ବଲାଙ୍ଗୀର ଏସଡିଓ ସଞ୍ଜୀବ ପାଢ଼ୀଙ୍କୁ ପଚାରିବାରୁ କାମ ଚାଲିଛି, ଅତି ଶୀଘ୍ର ଜଳ ଯୋଗାଣ କରାଯିବ ବୋଲି କହିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ ଜଳଯୋଗାଣ ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ୧୦ଟି ଟ୍ୟାଙ୍କରରେ ସହରକୁ ଜଳ ଯୋଗାଣ କରିବାକୁ ସାଧାରଣରେ ଦାବି ହେଉଛି।

# ରୁଗୁଡ଼ିପାଲିରେ ହାତୀ ଉପଦ୍ରବ

ଦେଓଗାଁ,୨୯।୯(ଡି.ଏନ.ଏ)



ରୁଗୁଡ଼ିପାଲି ଗ୍ରାମର ଚାଷୀମାନେ ବିଧାୟକ ନରସିଂହ ମିଶ୍ରଙ୍କୁ ଭେଟି ଆଲୋଚନା କରୁଛନ୍ତି।

- ଖାଇଗଲେ ୧୬ଚାଷୀଙ୍କ ଧାନଫସଲ
- ବିଧାୟକଙ୍କୁ ଫେରାଦ ହେଲେ ଚାଷୀ

ବଲାଙ୍ଗୀର ଜିଲା ଦେଓଗାଁବ୍ଲକ ମକୁନ୍ଦପୁର ପଞ୍ଚାୟତ ରୁଗୁଡ଼ିପାଲିରେ କିଛିଦିନ ହେଲା ହାତୀ ଉପଦ୍ରବ ଦେଖାଦେଇଛି। ୧୦ରୁ ୧୨ଟି ହାତୀ ରୁଗୁଡିପାଲି ଗାଁରେ ପଶି ୧୬ଜଣ ଚାଷୀଙ୍କ ଧାନ ଫସଲ ଖାଇ ଦଳିଚକଟି ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ବାରମ୍ବାର ବନ ବିଭାଗକୁ ଅଭିଯୋଗ କରି ନିରାଶ ହେବାପରେ ରବିବାର ମକୁନ୍ଦପୁର ସରପଞ୍ଚ ବାଳକ ପଧାନଙ୍କ ତତ୍ତ୍ୱାବଧାନରେ ରୁଗୁଡିପାଲି ଗାଁର ୧୬ଜଣ ଚାଷୀ ବିଧାୟକ ନରସିଂହ ମିଶ୍ରଙ୍କୁ ଫେରାଦ ହୋଇ ସମସ୍ୟାର ସମାଧାନ ନେଇ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଚାଷୀ ତଥା ୱାର୍ଡସଭ୍ୟ ଆନନ୍ଦ କୁମାର ବେହେରା, ସମାରୁ ସାହୁ, ପଞ୍ଚାକ୍ଷର ଭୋଇ, ଯୁଧିଷ୍ଠିର ପାତ୍ର, ଯତିନ ଭୁଏ, ଜଗ ମାହାକୁର, ଅଧିର କମ୍ପ, ଯତନ ବାରିକ ପ୍ରମୁଖ ଚାଷୀଙ୍କ ଅଭିଯୋଗ ମୁତାବକ, ୧୫ ବର୍ଷ ହେଲା ବାରମ୍ବାର ହାତୀ ଆସି ଫସଲ ତଥା ଅନ୍ୟାନ୍ୟ ଜିନିଷ ନଷ୍ଟ କରୁଛନ୍ତି। ହେଲେ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏପରି କି ହାତୀ ଘଉଡାଇବା ପାଇଁ କୌଣସି ଉପକରଣ ପ୍ରଦାନ କରାଯାଉ ନାହିଁ। ଫଳରେ ଫସଲ ନଷ୍ଟ ହୋଇ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି । ଅଥଚ ହାତୀ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯିବ ବୋଲି ସନ୍ଧ୍ୟା ୭ଟାରୁ ସକାଳ ପର୍ଯ୍ୟନ୍ତ ଅଞ୍ଚଳରେ ବିଦ୍ୟୁତ୍‌କାଟ କରାଯାଉଛି। ଫଳରେ ମକୁନ୍ଦପୁର ଓ କୁଲୁତାପଡ଼ା ପଞ୍ଚାୟତର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଛାତ୍ରୀଛାତ୍ର ମଧ୍ୟ ପାଠ ପଢାରେ ଅସୁବିଧା ଭୋଗୁଛନ୍ତି। କିଛି ଦିନ ହେଲା ୧୦ରୁ ୧୨ଟି ହାତୀ ମଠଖାଇ ଅଞ୍ଚଳର ଚାନ୍ଦନୀ ଡଙ୍ଗରରେ ରହିଥିଲେ । ପରେ ଭୀମ ପାହାଡକୁ ଆସି ଦୁଇଦିନହେଲା ମଠଖାଇ ପାହାଡ଼କୁ ଚାଲିଯାଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି । ବିଧାୟକ ମିଶ୍ର ବନ ବିଭାଗ ଉଚ୍ଚକର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ତୁରନ୍ତ ସମସ୍ୟାର ସମାଧାନ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଜନ୍ମମୃତ୍ୟୁ ପଞ୍ଜୀକରଣ କର୍ମଶାଳା

ଲୋଇସିଂହା,୨୯।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନୁନିଆଁପାଲି ପଞ୍ଚାୟତ ସଭାଗୃହଠାରେ ଜନ୍ମମୃତ୍ୟୁ ପଞ୍ଜୀକରଣ ସମ୍ବନ୍ଧୀୟ ତଥା ପଞ୍ଚାୟତସ୍ତରୀୟ ଗୋଷ୍ଠୀ ସଚେତନତା କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀ ଆଲୋକ ପାଠାଗାର ଓ ଭୁବନେଶ୍ୱର ସିୱାଇଏସଡିର ମିଳିତ ଆନୁକୂଲ୍ୟରେ ଉକ୍ତ କର୍ମଶାଳା ଆୟୋଜିତ ହୋଇଥିଲା। କର୍ମଶାଳାରେ ନୁନିଆଁପାଲି, ଝରଣୀପାଲି ଓ ଭରସୁଜା ପଞ୍ଚାୟତର ବିଭିନ୍ନ ଗ୍ରାମର ଅଙ୍ଗନୱାଡି କର୍ମୀ, ପଞ୍ଚାୟତ ପ୍ରତିନିଧି ଓ ମହିଳାପୁରୁଷ ଯୋଗଦେଇଥିଲେ। କର୍ମଶାଳାରେ ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ ମୁଖ୍ୟ ଅତିଥି, ସରପଞ୍ଚ ସହଦେବ ସାହୁ, ସୁଜିତ ସାହୁ ଏବଂ ସରୋଜ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। କର୍ମଶାଳା ପ୍ରାରମ୍ଭରେ ଗୋବିନ୍ଦ ଚନ୍ଦ୍ର ବିଶି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପିଏପିର ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ଜନ୍ମମୃତ୍ୟୁ ପ୍ରମାଣପତ୍ରର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଜନ୍ମମୃତ୍ୟୁ ପ୍ରମାଣ ପତ୍ର ପାଇବା ପାଇଁ ବର୍ତ୍ତମାନ ସମୟରେ ରହିଥିବା ବ୍ୟବସ୍ଥା ଯୋଗୁ କିପରି ଲୋକେ ହଇରାଣ ହରକତ ହେଉଛନ୍ତି ତାହା ଉପରେ ଆଲୋକପାତ କରିଥିଲେ। ଏହି ସମସ୍ୟାକୁ ଏଡାଇବା ପାଇଁ ସରକାର ପଞ୍ଚାୟତମାନଙ୍କରେ ଉକ୍ତ ପ୍ରମାଣପତ୍ର ନିଃଶୁଳ୍କଭାବେ ପ୍ରଦାନ କରାଗଲେ ଲୋକେ ଉପକୃତ ହୋଇ ପାରିବେ ବୋଲି ମତପ୍ରକାଶ ପାଇଥିଲା।




ଜନ୍ମମୃତ୍ୟୁ ପଞ୍ଜୀକରଣ ତଥା ପଞ୍ଚାୟତସ୍ତରୀୟ ଗୋଷ୍ଠୀ ସଚେତନତା କର୍ମଶାଳାରେ ମଞ୍ଚାସୀନ ଅତିଥି।

# ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ବଦଳି ଦାବି କଲେ ଗ୍ରାମବାସୀ

ଲାଠୋର,୨୯।୯(ଡି.ଏନ୍.ଏ.)

ସରକାର ପ୍ରାଥମିକ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଇ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏପରି କି ବିଦ୍ୟାଳୟଗୁଡ଼ିକରେ ଭିତ୍ତିଭୂମିଠାରୁ ଆରମ୍ଭ କରି ଛାତ୍ରୀଛାତ୍ରମାନଙ୍କୁ ମଧ୍ୟାହ୍ନ ଭୋଜନ, ପୋଷାକ, ପାଠ୍ୟ ପୁସ୍ତକ ମାଗଣାରେ ଯୋଗାଇ ଦେଉଛନ୍ତି। ହେଲେ ବିଭିନ୍ନ କ୍ଷେତ୍ରରେ ବିଦ୍ୟାଳୟ ପାଇଁ ଆସୁଥିବା ଅନୁଦାନ ଅର୍ଥ ଆତ୍ମସାତ ସହ ମନମୁଖି କାର୍ଯ୍ୟ କରାଯାଉଥିବା ଗ୍ରାମବାସୀମାନେ ଅଭିଯୋଗ କରୁଛନ୍ତି। ଏହିପରି ଏକ ଘଟଣା ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନସ୍ଥ ମାଲପଡ଼ା ପଞ୍ଚାୟତ ଅନ୍ତର୍ଗତ ଜଲପାଙ୍କଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏନେଇ ବିଦ୍ୟାଳୟରେ କାର୍ଯ୍ୟରତ ୩ଜଣ ଶିକ୍ଷୟିତ୍ରୀ ଏବଂ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିବାକୁ ଗ୍ରାମବାସୀ ଗତ ୨୩ ତାରିଖରେ ଖପ୍ରାଖୋଲରେ ଅନୁଷ୍ଠିତ ଜିଲାପାଳଙ୍କ ଜନ ଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗ କରିଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିବା ଗ୍ରାମବସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଦାବି ପୂରଣ ନ ହେଲେ ଗ୍ରାମବାସୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଗ୍ରାମବାସୀଙ୍କ କହିବା ମୁତାବକ, ୧୯୬୧ ମେ ୧୨ତାରିଖରେ ଜଲପାଙ୍କଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଥିବା ବେଳେ ବର୍ତ୍ତମାନ ୧୭୭ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏନେଇ ୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିୟୋଜିତ ରହିଛନ୍ତି। ହେଲେ ବିଦ୍ୟାଳୟକୁ ଆସୁଥିବା ବିଭିନ୍ନ ଉନ୍ନୟନ ମୂଳକ ଅନୁଦାନ ରାଶି ଠିକ୍ ଭାବେ ବିନିଯୋଗ ନ କରି ହେରଫେର କରାଯାଉଥିବାରୁ ବିଦ୍ୟାଳୟର ଉନ୍ନତି ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଏପରି କି ବିଦ୍ୟାଳୟରେ ମନମୁଖି କାର୍ଯ୍ୟ ହେଉଥିବା ବେଳେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ମଧ୍ୟ ସୁଚାରୁ ରୁପେ କାର୍ଯ୍ୟ ସମ୍ପାଦନ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ବିଦ୍ୟାଳୟରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନରେ ମଧ ଅନିୟମିତତା ହେଉଥିବା ଗ୍ରାମବାସୀ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏନେଇ ଗ୍ରାମବାସୀ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀମାନଙ୍କୁ ମଧ ଅବଗତ କରାଇଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଶେଷରେ ଗ୍ରାମବାସୀ ବାଧହୋଇ ଜିଲାପାଳଙ୍କ ଜନ ଶୁଣାଣି କାର୍ଯ୍ୟକ୍ରମରେ ଲିଖିତ ଭାବେ ଅଭିଯୋଗ କରି ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ତୁରନ୍ତ ବଦଳି କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଲୋଇସିଂହା ରେଳ ଷ୍ଟେଶନ ପ୍ରବନ୍ଧକ କାର୍ଯ୍ୟାଳୟ ଉଦ୍‌ଘାଟିତ

ଲୋଇସିଂହା, ୨୯।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ରେଳଷ୍ଟେଶନରେ ନବ ନିର୍ମିତ ଷ୍ଟେସନ ପ୍ରବନ୍ଧକ କାର୍ଯ୍ୟାଳୟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏସଇ ସର୍କଲ କୋଲକାତାର ରେଳ ସୁରକ୍ଷା ଅଧ୍ୟକ୍ଷ ଏ.କେ. ରାଏ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସିଏଓ /ବିବିଏସ ବି.କେ. ଗୁପ୍ତା ଏବଂ ଡିଆରଏମ ସମ୍ବଲପୁର ଜୟଦୀପ ଗୁପ୍ତା ସମ୍ମାନିକତ ଅତିଥିଭାବେ ଉପସ୍ଥିତ ଥିଲେ । ଏହି ଅବସରରେ ସେମାନେ ନବନିର୍ମିତ ଷ୍ଟେଶନ ବୁଲି ଦେଖିବା ସହ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁର–ଟିଟିଲାଗଡ଼ ରୁଟର ଦୋହରୀକରଣ ଖଲିଆପାଲିରୁ ଲୋଇସିଂହା ଷ୍ଟେଶନ ମଧ୍ୟରେ ୧୪କିମି ପରୀକ୍ଷାମୂଳକଭାବେ ଟ୍ରେନ ଚଳାଚଳର ଶୁଭାରମ୍ଭ କରିବା ସହ ବିଭିନ୍ନ ଦିଗରେ ଯାଞ୍ଚ କରିଥିଲେ। ଲୋଇସିଂହା ଷ୍ଟେଶନ ପ୍ଲାଟଫର୍ମ ନବନିର୍ମିତ ଛାଉଣିରେ ବର୍ଷା ପାଣି ଗଳିବା ଓ ଜମା ହେବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା ।




ରେଳ ସୁରକ୍ଷା ଅଧିକାରୀମାନେ ଦୋହରୀକରଣ ଲାଇନର ଯାଞ୍ଚ କରୁଛନ୍ତି।

# ଏବିଭିପିର ନଗର ସମ୍ମିଳନୀ

ଲାଠୋର, ୨୯।୯ (ଡି.ଏନ.ଏ)




ଲାଠୋରରେ ଅନୁଷ୍ଠିତ ନଗର ସମ୍ମିଳନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଆନୁକୂଲ୍ୟରେ ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ଗୋବିନ୍ଦ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଲାଠୋର ସରପଞ୍ଚ ପ୍ରବୀଣ କୁମାର ଅଗ୍ରୱାଲ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖପ୍ରାଖୋଲ ହରିଶଙ୍କର କଲେଜର ଇଂଲିଶ ଅଧ୍ୟାପକ ବଳଭଦ୍ର ଦାସ, ବଲାଙ୍ଗୀର ଜିଲା ସଂଯୋଜକ ଶୁଭମ୍ ରୋହିୟା, ସିଆରସିସି କୁଞ୍ଜବିହାରୀ ସରାପ ଉପସ୍ଥିତ ଥିଲେ। ମୁଖ୍ୟବକ୍ତାଭାବେ ବିଭାଗ ସଂଯୋଜକ ଦେବାଶିଷ ଶତପଥୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଖପ୍ରାଖୋଲ, ଘୁନସର, ଲାଠୋର ଏବଂ ମାଲପଡା କଲେଜର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଜ୍ଞାନ, ଚରିତ୍ର ଗଠନ ଏବଂ ଏକତା ଉପରେ ଗୁରୁତ୍ୱାରୋପ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ଅଧକ୍ଷ ଡ.ନାରାୟଣ ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ଶିବ ପ୍ରସାଦ ବାରିକ, ଘନଶ୍ୟାମ ଅଗ୍ରୱାଲ, ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ବେହେରାଙ୍କ ସହ ଅନ୍ୟାନ୍ୟ ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲା ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା।

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ

ଲୋଇସିଂହା,୨୯।୯(ଡି.ଏନ.ଏ.): କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବାଟମାରଣା ପ୍ରତିବାଦରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଫିସ ସମ୍ମୁଖରେ ଭାଜପା ପକ୍ଷରୁ ଧାରଣା ଦିଆଯାଇଥିଲା। ପରେ ଭାଜପା କର୍ମକର୍ତ୍ତା ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସହକାରୀ ଯନ୍ତ୍ରୀ ବିଦ୍ୟାଧର ସାମଲଙ୍କୁ ପ୍ରଦାନ କରିଥିଲେ। ମଣ୍ଡଳ ସଭାପତି ଜ୍ୟୋତିର୍ମୟ ରାଉତ ଏବଂ ଭୂତନାଥ ନାଏକଙ୍କ ନେତୃତ୍ୱରେ ଭାଜପା କର୍ମୀ ବାବାମଠରୁ ଏକ ରାଲିରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପରେ ବରିଷ୍ଠ ନେତା ଭୂତନାଥ ନାଏକଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ କେନ୍ଦ୍ର ଯୋଜନାକୁ ରାଜ୍ୟ ସରକାର ହଡପ କରୁଥିବା କହି ସମାଲୋଚନା କରିଥିଲେ। ରାଜୁ ସାହୁ, ସୁଦୀପକୁମାର ସା, ଉତ୍ତମ କବାଟ, ସରୋଜ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ପୁଷ୍ଟିପୋଷଣ ମାସ ପାଳିତ

ଲୋଇସିଂହା,୨୯।୯(ଡି.ଏନ.ଏ.)

ସରକାରୀସ୍ତରରେ ଅକ୍ଟୋବର ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ପୁଷ୍ଟିକକକପୋଷଣ ମାସ ଭାବେ ପାଳନ କରାଯାଇଥାଏ । ମାସଯାକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ପୁଷ୍ଟିପୋଷଣ ଉପରେ ଜନସାଧାରଣଙ୍କୁ ସଚେତନତା ସୃଷ୍ଟି କରାଯାଉଛି । ଏହି ପରିପ୍ରେକ୍ଷୀରେ ପଲ୍ଲୀ ଆଲୋକ ପାଠାଗାର ନଅଗାଁ(ଖ) ଓ ସିଡବ୍ଲ୍ୟୁଏସ ପକ୍ଷରୁ ଆଗଲପୁର ବ୍ଲକ ଭରସୁଜା ଓ ନୁନିଆଁପାଲି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରେ ଗୋଷ୍ଠୀ ତଥା ବିଦ୍ୟାଳୟମାନଙ୍କୁ ଯାଇ ପୁଷ୍ଟିକର ଖାଦ୍ୟ ଉପରେ ଆଲୋଚନା ଓ ଖାଦ୍ୟ ପ୍ରଦର୍ଶନୀ ମେଳା ଆୟୋଜନ କରାଯାଇଥିଲା । ବିଭିନ୍ନ ପ୍ରକାର ଶାଗ, ଅମୃତ ଭଣ୍ଡା, କଦଳୀ ଏବଂ ଛତୁଆରେ ରହିଥିବା ପୋଷଣ ତତ୍ତ୍ୱ ଉପରେ ସୂଚନା ଦିଆଯାଇଥିଲା। ଏହି ସବୁ ବିଭିନ୍ନ ପ୍ରାଣାଳୀରେ ଖାଦ୍ୟ ପ୍ରସ୍ତୁତ କରି ଖାଇଲେ ଶିଶୁ ଓ ମା'ମାନଙ୍କଠାରେ ରକ୍ତହୀନତା ଓ କୁପୋଷଣ ଦେଖାଯିବ ନାହିଁ । ପିଏପିର ପ୍ରହଲ୍ଲାଦ ପଧାନ ଓ ଗୋବିନ୍ଦଚନ୍ଦ୍ର ବିଶି ଏହି କାର୍ଯ୍ୟକ୍ରମ କରି ଏକ ସୁସ୍ଥ ସମାଜ ଗଠନରେ ସହାୟକ ହେବା ବୋଲି ସଚେତନତା ସୃଷ୍ଟି କରୁଛନ୍ତି।

**ଫଟୋରେ ଖବର**



ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଛକରେ ରବିବାର ସକାଳେ ଏକ କଣ୍ଟେନର ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାପାର୍ଶ୍ୱକୁ ଓଲଟି ପଡିଛି।

## ସୂଚନା ଅଧିକାର ଆଇନ ପ୍ରହସନ

# ତଥ୍ୟ ମାଗିବା ବର୍ଷେ ବିତିଲା, ମିଳିନି ସୂଚନା

ଗୁଡ଼ଭେଲା, ୨୯।୯(ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ ସୂଚନା ଅଧିକାର ଆଇନ ୨୦୦୫ ଅନୁସାରେ ଜଣେ ସାଧାରଣ ଲୋକ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଯେକୌଣସି କାର୍ଯ୍ୟାଳୟରୁ ସୂଚନା ପାଇପାରିବ। ହେଲେ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକରେ ତାହା ପ୍ରହସନ ପାଲଟିଛି। ବ୍ଲକ ଅନ୍ତର୍ଗତ ଦେଉଳଗୁଡି ପଞ୍ଚାୟତ ବାଗବାହାଲି ଗ୍ରାମର ସୁଶାନ୍ତ ସେଠ ଉକ୍ତ ପଞ୍ଚାୟତର ଜଳ ଯୋଗାଣ ଉପରେ ସୂଚନା ମାଗିଥିଲେ । ଇତିମଧ୍ୟରେ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ ତାଙ୍କୁ ବିଭାଗ ପକ୍ଷରୁ ସୂଚନା ମିଳିନାହିଁ। ସୂଚନା ଅଧିକାର କମିଶନକୁ ଏହାର ଅଗ୍ରଗତି କେତେ ହେଉଛି ଏବଂ ସୂଚନା କେବେ ମିଳିବ ସେ ନେଇ ସେଠ ରବିବାର ଏକ ପତ୍ର ଲେଖିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ଦେଉଳଗୁଡି ପଞ୍ଚାୟତରେ ୨୦୧୭–୧୮ ମସିହାରେ ପାନୀୟ ଜଳଯୋଗାଣ ପାଇଁ ଅଟକଳ ଥିଲା ୧୧ ଲକ୍ଷ ୪୭ ହଜାର ୫ଶହ ଟଙ୍କା। ଏହି ଟଙ୍କା କିପରି ଖର୍ଚ୍ଚ ହେଇଛି, କେଉଁ ଗ୍ରାମରେ ଜଳ ଯୋଗାଣ ଚାଲିଛି ଏବଂ କିପରି ପାଣି ଯୋଗାଇ ଦିଆଯାଉଛି ତାହା ଉପରେ ସେ ତଥ୍ୟ ମାଗିଥିଲେ। ଏଥିସହ ଦୈନିକ କେଉଁ ଗ୍ରାମକୁ କେତେ ଜଳ ଯୋଗାଣ ହେଉଛି, ପଞ୍ଚାୟତ ପକ୍ଷରୁ କେତୋଟି ପାଣି ଟ୍ୟାଙ୍କର କିଣା ଯାଇଛି ତାହାର ସବିଶେଷ ବିବରଣୀ ମଧ ମଗା ଯାଇଥିଲା। ଏତଦ୍ ବ୍ୟତିରକେ ପଞ୍ଚାୟତ ପକ୍ଷରୁ କେତୋଟି ସ୍ଥାନରେ ଜଳଛତ୍ର ଖୋଲା ଯାଇଥିଲା ଓ ଏଥିରେ କାହାକୁ ନିଯୋଜିତ କରାଯାଇଥିଲା ଓ ପାଉଣା ବାବଦରେ କେତେ ଟଙ୍କା ଦିଆଯାଇଛି ତାର ସମସ୍ତ ବିଲର କପି ସହ ବ୍ୟାଙ୍କଚେକ କପି ଦେବାକୁ ସୂଚନା ଅଧିକାର ଆଇନରେ ଦେବା ପାଇଁ ସୁଶାନ୍ତ ସେଠ ଅନୁରୋଧ କରିଥିଲେ। ତା. ୨୬।୯।୨୦୧୮ ରିଖରେ ପ୍ରଥମେ ଗୁଡଭେଲା ଲୋକ ସୂଚନା ଅଧିକାରୀଙ୍କୁ ଫର୍ମ–କରେ ଓ ପରେ ତା୨।୧୧।୨୦୧୮ରିଖରେ ଗୁଡଭେଲା ବିଡିଓଙ୍କୁ ଫର୍ମ ଘ,ରେ ପ୍ରଥମ ଅପଲ କରିଥିଲେ। ବିଡିଓ ତା ୨୨।୧୧।୧୮ରିଖରେ ମାମଲାର ଶୁଣାଣି କରି ତଥ୍ୟ ଦେବାକୁ ସୂଚନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ସୂଚନା ନ ମିଳିବାରୁ ଫର୍ମ ଙ,ରେ ସୂଚନା କମିଶନଙ୍କଠାରେ ଅପିଲ କରିଥିଲେ। ହେଲେ ଏବେ ପର୍ଯ୍ୟନ୍ତ ମଗା ଯାଇଥିବା କୌଣସି ପ୍ରଶ୍ନର ସୂଚନା ମିଳି ନଥିବାରୁ ସେ ନେଇ ରବିବାର ସୂଚନା ଅଧିକାର କମିଶନଙ୍କୁ ଲିଖିତ ଜଣାଇ ଥିବା ସେଠ ଗଣମାଧ୍ୟମକୁ କହିଛନ୍ତି ।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ



### ଗୋପାଳପୁର କମ୍ୟୁନିଟି ହଲ୍ ଉଦ୍‌ଘାଟିତ

ଲାଞ୍ଜିଗଡ଼,୨୯।୯(ଡି.ଏନ.ଏ.) କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତ ଗୋପାଳପୁରଠାରେ ରବିବାର ନବନିର୍ମିତ କମ୍ୟୁନିଟି ହଲ୍ ଉଦ୍‌ଘାଟିତ ହୋଇଯାଇଛି । ଆମ ଗାଁ ଆମ ବିକାଶ ଯୋଜନାରେ ନିର୍ମିତ ଆଦର୍ଶ କମ୍ୟୁନିଟି ହଲ୍‌ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରି, ବିଶିଷ୍ଟ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧକ୍ଷ ଇଂ ଫକୀରମୋହନ ମାଝି, ସମ୍ମାନିତ ଅତିଥି ଭାବେ ଗୋବର୍ଦ୍ଧନପୁର ସରପଞ୍ଚ ସୁରେନ୍ଦ୍ର ମାଝି, ସମିତି ସଭ୍ୟ ଚିତ୍ରସେନ ମାଝି, ଗୋବର୍ଦ୍ଧନପୁର ଗ୍ରା.ପ. ବିଜୁ ଯୁବବାହିନୀର ସଭାପତି ତୀର୍ଥ ଗହୀର ପ୍ରମୁଖ ଯୋଗଦେଇଥିଲେ। ବିଜୁ ଯୁବବାହିନୀ ସଦସ୍ୟ ସୁଶୀଲ କୁମାର ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୁଦର୍ଶନ ଗଉଡ଼, ହୃଷିକେଶ ବଗର୍ତ୍ତି, ଲମ୍ବୋଦର ପତି, ଅମିତ କୁମାର ପଧାନ, କିରଣ ମାଝିଙ୍କ ସମେତ ବିଜୁ ଯୁବବାହିନୀ ସମସ୍ତ ସଦସ୍ୟ, ମା' ମାଉଳୀ ଯୁବ ସାଂସ୍କୃତିକ ଅନୁଷ୍ଠାନ ଓ ଗୋପାଳପୁର ଗ୍ରାମବାସୀ ସହଯୋଗ କରିଥିଲେ । ଏହା ପରେ ବିଧାୟକ ଦିଶାରି ମଧୁପୁର ବାଳିକା ଉଚ୍ଚବିଦ୍ୟାଳୟ, ବାଳକ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ସହିତ ରାମଚନ୍ଦ୍ରପୁର ଦୁର୍ଗାମଣ୍ଡପ ଓ ଟେକରତୋଳା ଗାଁ ପରିଦର୍ଶନ କରିବା ସହିତ ଲୋକଙ୍କ ସହ ଆଲୋଚନା କରିଥିଲେ । ଏଥିରେ ବିଧାୟକଙ୍କ ସହ ଦଳୀୟ କର୍ମୀ କୁନା ପରିଡା, ସୁବନ ଭୋଇ, ଶମ୍ଭୁ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଭବାନୀପାଟଣା,୨୯।୯(ଡି.ଏନ.ଏ.) ଭବାନୀପାଟଣା ସଦର ବ୍ଲକ ପକ୍ଷରୁ ବ୍ଲକ କାର୍ଯ୍ରାଳୟ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏବିଡିଓ ଶ୍ରୀଧର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସନ୍ତୋଷୀ ଦାଶ ମୁଖ୍ୟଅତିଥି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ଜିଲା ଭିନ୍ନକ୍ଷମ ଅଧିକାରୀ ଶୁଭାଶିଷ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ ଜିଲା ଭିନ୍ନକ୍ଷମ ସଂଘ ସଭାପତି ହେମନ୍ତ ତାଣ୍ଡି, ସମ୍ପାଦକ ଦୁଲମଣି ପଧାନ ଉପସ୍ଥିତ ଥିଲେ। ଏଥିରେ ୫୫୦ ଜଣରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମଙ୍କୁ ବିଭିନ୍ନ ପରୀକ୍ଷା ଓ ସାମଗ୍ରୀ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଶ୍ମିତା ରାୟ ପରିଚାଳନା କରିଥିଲେ। ପିଏ ନରେନ୍ଦ୍ର ବାଗ, ପିଇଓ ପ୍ରଦୀପ ସାହୁ, ଭୁବନେଶ୍ୱର ନାଏକ, ଆଦିତ୍ୟ ନାରାୟଣ ସାହୁ, ଭବିଷ୍ୟତ ପୁଟେଲ, ସୁଧୀର ନାୟକ, କେଦାର ନାଥ ନାଏକ, ମଳୟ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ୫ ଆନ୍ତଃ ଜିଲା ଡକାୟତ ଗିରଫ

■ ୪୨୧୧ ଟଙ୍କା, ୬ ମୋବାଇଲ, ୩ ବାଇକ ଜବତ

ଖଡିଆଳ,୨୯।୯ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ପୋଲିସ ୫ଜଣ ଆନ୍ତଃଜିଲା ଡକାୟତଙ୍କୁ ଗିରଫ କରିଛି । ଏଥିସହ ସେମାନଙ୍କଠାରୁ ୪୨୧୧ ଟଙ୍କା ସମେତ ୬ଟି ମୋବାଇଲ ଫୋନ ଓ ୩ଟି ମୋଟରସାଇକେଲକୁ ଜବତ କରିଛି। ଗିରଫ ଡକାୟତମାନେ ହେଲେ ଡକାୟତ ଗ୍ରୁପର ମୁଖ୍ୟ ଖଡିଆଳ ନିନାପଡାର ମନୋରଞ୍ଜନ ସରାଫ, ବଲାଙ୍ଗୀର ଜିଲା ତୁରେକେଲା ଅଞ୍ଚଳର ଲୋକନାଥ ଶଗରିଆ ଓ ନିରଞ୍ଜନ ଖୁରା, କୋମନା ଥାନା ଅନ୍ତର୍ଗତ ଚାନ୍ଦୋପଲା ଗାଁର ତ୍ରିଲୋଚନ ଶବର ଓ ବିଘ୍ନରାଜ ଶବର। ଗତ ୨୩ ତାରିଖ ସନ୍ଧ୍ୟା ପ୍ରାୟ ୮ଟାରେ ଖଡିଆଳ ଥାନା ଅନ୍ତର୍ଗତ ଝୋଲପଥର ଗ୍ରାମର କପଡା ବ୍ୟବସାୟୀ କୋଶଳ ମେହେର ଓ ତାଙ୍କ ଦୁଇ ସାଥି ମକରଧ୍ୱଜ ମେହେର ଓ ଦାଶରଥି ତାଣ୍ଡି ଏକ ମୋଟରସାଇକେଲରେ ସାନମହେଶ୍ୱରରୁ ଝୋଲପଥର ଗାଁକୁ ଫେରୁଥିଲେ ।

ବାଟରେ ଏକ ପାହାଡ ନିକଟରେ ଦୁଇଟି ମୋଟରସାଇକେଲରେ ୬ଜଣ ଅଜଣା ବ୍ୟକ୍ତି ଆସି ବଳପୂର୍ବକ ଅଟକାଇ ଥିଲେ । ପରେ ସେମାନେ ଅତର୍କିତ ଭାବେ ଲାଠିରେ ଆକ୍ରମଣ କରି କୋଶଳ ମେହେରଙ୍କଠାରୁ ୧୩ ହଜାର ଟଙ୍କା ସହ ଗୋଟିଏ ମୋବାଇଲ ଫୋନ ଓ ତାଙ୍କ ସାଥି ଦାଶରଥିଙ୍କଠାରୁ ୨୦୪୦ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଡକାୟତଙ୍କ ଆକ୍ରମଣରେ କୋଶଳ ମେହେରଙ୍କ ମୁଣ୍ଡ ଫାଟିଯିବାରୁ ତାଙ୍କ ସାଥି ମକରଧ୍ୱଜ ଖଡିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏ ନେଇ ଖଡିଆଳ ଥାନାରେ ମକରଧ୍ୱଜ ଲିଖିତ ଅଭିଯୋଗ କରିଥିଲେ। ନୂଆପଡା ଏସପିଙ୍କ ନିର୍ଦ୍ଦେଶକ୍ରମେ ଖଡିଆଳ ଥାନା ଏକ ସ୍ୱତନ୍ତ୍ର ପୋଲିସ ଟିମ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି ଘଟଣାରେ ସମ୍ପୃକ୍ତ ୫ଜଣ ଡକାୟତଙ୍କୁ ଖଡିଆଳ ପୋଲିସ ଗିରଫ କରିଛି । ଗତ କିଛି ଦିନ ତଳେ କୋମନା ଥାନା ଅନ୍ତର୍ଗତ ତରବୋଡ ଗାଁର ଏକ ମୋବାଇଲ ଦୋକାନରୁ ଚୋରି ହୋଇଥିବା ଘଟଣାରେ ଖଡିଆଳ ଆଜାଦ ଛକସ୍ଥିତ ଚୌଧରୀ ମୋବାଇଲ ଦୋକାନ ମାଲିକ ନବୀନ ଚୌଧରୀଙ୍କୁ ମଧ ଗିରଫ କରି କୋମନା ପୋଲିସକୁ ହସ୍ତାନ୍ତର କରାଯାଇଥିଲା । ଖଡିଆଳ ଥାନା ଏସଡିପିଓ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ଖଡିଆଳ ଆଇଆଇସି କୌଳାଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ସବଇନ୍ସପେକ୍ଟର ଜିତୁ ମୋହନ ବେଶ୍ରା ତଦନ୍ତ ଭାର ନେଇ ଗିରଫ କରିଥିବା ଖଡିଆଳ ଏସଡିପିଓ ବିରଞ୍ଚିନାରାୟଣ ଦେହୁରୀ କହିଛନ୍ତି ।



ଗିରଫ ଅଭିଯୁକ୍ତମାନଙ୍କୁ ଖବରଦାତା ସମ୍ମିଳନୀରେ ହାଜର କରାଯାଇଛି।

# ବ୍ରାହ୍ମଣ ସମାଜର ନୂଆଁଖାଇ ଭେଟ୍‌ଘାଟ୍

ନୂଆପଡା ଅଫିସ,୨୯।୯

ସ୍ଥାନୀୟ ପୋଲିସ ପଡିଆରେ ଜିଲା ବ୍ରାହ୍ମଣ ସମାଜର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ସଭାପତି ପ୍ରସନ୍ନ କୁମାର ପାଢୀ ସଭାପତିତ୍ୱ କରିଥିବାବେଳେ ଛତିଶଗଡ ବ୍ରାହ୍ମଣ ସମାଜର ସଭାପତି ପୁରନ୍ଦର ମିଶ୍ର ମୁଖ୍ୟଅତିଥି, ଶିକ୍ଷାବିତ ବିରଞ୍ଚି ନାରାୟଣ ପାଣିଗ୍ରାହୀ ମୁଖ୍ୟବକ୍ତା, ପ୍ରଫୁଲ୍ଲ କୁମାର ହୋତା, ଗଙ୍ଗାଧର ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆନୁଷ୍ଠାନିକ ଭାବେ ମା' ସମଲେଇଙ୍କ ପୂଜାର୍ଚ୍ଚନା କରିବା ପରେ ନୂଆଁଖାଇ ହୋଇଥିଲା । ପରେ ସମସ୍ତଙ୍କ ମଧ୍ୟରେ ଭେଟଘାଟ ହୋଇଥିଲା । ଏହି ଅବସରରେ ସମାଜର ସାଂଗଠିକସ୍ଥିତି ଉପରେ ବକ୍ତାମାନେ ଆଲୋକପାତ କରିଥିବା ବେଳେ ନୂଆଁଖାଇ ଏକ ପରମ୍ପରା । ଏହା ସମସ୍ତଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିଥାଏ । ଏହା କୃଷି ଭିତିକ ପରିବାର । ଗତ ବର୍ଷରେ ଜାତି ତରଫରୁ ଏହି ଭେଟଘାଟ କାର୍ଯ୍ୟକ୍ରମ କରାଯାଇଆସୁଛି । ଆଗକୁ ମଧ୍ୟ ଏହା କରାଯିବ । ଏହା ସମସ୍ତଙ୍କ ମିଳନର ପର୍ବ ବୋଲି ବକ୍ତାମାନେ କହିଥିଲେ । କାର୍ଯ୍ୟକ୍ରମ ଶେଷରେ ସହ ଭୋଜ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସହର ସମେତ ଆଖପାଖ ଅଞ୍ଚଳର ସମସ୍ତ ବ୍ରାହ୍ମଣ ପରିବାର ଲୋକ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଶେଷରେ କ୍ଷୀରୋଦ ପଣ୍ଡା ଧନ୍ୟବାଦ ଜ୍ଞାପନ କରଥିଲେ।



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ଇନ୍ଦ୍ରାବତୀ ଡିଗ୍ରୀ କଲେଜରେ ଆଲୋଚନାଚକ୍ର

ଭବାନୀପାଟଣା,୨୯।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣା ଇନ୍ଦ୍ରାବତୀ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଧାରା ୩୭୦କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ମାଧ୍ୟମରେ ସମସ୍ତେ ୩୭୦ ଧାରାର ଉଚ୍ଛେଦକୁ ସ୍ୱାଗତ କରିବା ସହିତ ଜମ୍ମୁକଶ୍ମୀର ଓ ଲଦାଖର ବିକାଶ କାମନା କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ବୈଦ୍ୟନାଥ ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଜୟପାଟଣା ତହସିଲଦାର ଟିକ୍‌ନୁ ପୁଟା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆଇନଜୀବୀ ପ୍ରମୋଦ ପଣ୍ଡା, ଇନ୍ଦ୍ରାବତୀ ଯୁକ୍ତ ଦୁଇ କଲେଜ ଅଧକ୍ଷ ବ୍ୟୋମକେଶ ମହାପାତ୍ର, ସାମାଜିକ କର୍ମୀ ଶେଷଦେବ ବେହେରା, ଜଗମୋହନ ଅଗ୍ରୱାଲ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅଧାପକ ଅଶୋକ କୁମାର ହୋତା, ବିଦାନ ବେହେରା, ସାକେତ୍ କୁମାର ବେହେରା ପ୍ରମୁଖ ଧାରାର ବିଭିନ୍ନ ଦିଗ ଉପରେ ଆଧାରିତ ଲେଖା ପାଠ କରିଥିଲେ। ପ୍ରଶ୍ନ ଉତ୍ତରରେ ଅଧାପକ ମାନସ ମହାପାତ୍ର ଓ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। ଅଧାପକ ମାନସ ପଣ୍ଡା ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରରେ ଅନୁଷ୍ଠାନର ଅଧାପକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ।

## ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ କଳାହାଣ୍ଡି ଶାଖାର ନୂତନ କର୍ମକର୍ତ୍ତା

ଜୁନାଗଡ,୨୯।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ଅପରାହ୍ନରେ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ କଳାହାଣ୍ଡି ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଂଘର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ପରେ ସଂଘକୁ ମଜଭୁତ୍ କରିବା ପାଇଁ ଏକ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ପ୍ରେମଲାଲ ବାଗ ସଭାପତି, ପଦ୍ମଲୋଚନ ଶତପଥୀ କାର୍ଯ୍ୟକାରୀ ସଭାପତି, ଶେଷଦେବ ସାହୁ ଓ ଅନୀତା ବେହେରା ଉପସଭାପତି, ବ୍ରଜ କିଶୋର ମିଶ୍ର ସମ୍ପାଦକ, ସୁର୍ଯ୍ୟ ପ୍ରସାଦ ଠାକୁର ସାଙ୍ଗଠନିକ ସମ୍ପାଦକ, ଜୟପ୍ରକାଶ ଦାସ ଓ ପ୍ରତାପ କୁମାର ରଥ ସହସମ୍ପାଦକ,ଦୀପକ ଶର୍ମା କୋଷାଧକ୍ଷ ଓ ଉପଦେଷ୍ଟା ଭାବେ ଚୁମନ ଦାସ ନାଏକ, ମଙ୍ଗଳୁ ମିଶ୍ର, ମାୟାଧର ବେହେରା ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ। ବୈଠକରେ ମାୟାଧର ବେହେରା ଅଧକ୍ଷତା କରିଥିବାବେଳେ ଚୁମନ ଦାସ ନାଏକ ଆବାହକ ଥିଲେ। ସେହିପରି ସୁର୍ଯ୍ୟ ପ୍ରସାଦ ଠାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜୟ ପ୍ରକାଶ ଦାସ ଧନ୍ୟବାଦ ଦେଇଥିଲେ।

## ସିରମସ୍କା ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଦ୍ୱିତୀୟ ଥର ଜାମିନ୍ ନାମଞ୍ଜୁର

ଭବାନୀପାଟଣା, ୨୯।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସିରମସ୍କା ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟର ଜଣେ ନାବାଳିକା ଆଦିବାସୀ ଛାତ୍ରୀଙ୍କୁ ଉକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧମକ ଚମକ୍ ଦେଇ ବାରମ୍ବାର ଅସାଦଚରଣ କରିବା ମାମଲାରେ ମୁଖ୍ୟ ଅଭିଯୁକ୍ତ ବାଳକୃଷ୍ଣ ମହାପାତ୍ରଙ୍କ ଜାମିନ୍ ଆବେଦନକୁ ପୂର୍ବରୁ ଓଡିଶା ହାଇକୋର୍ଟ ନାମଞ୍ଜୁର କରିଥିଲେ। ଗତ ଶୁକ୍ରବାର ଭବାନୀପାଟଣା ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେସାଲ ଜଜ୍ ଦ୍ୱିତୀଥ ଥର ପାଇଁ ଅଭିଯୁକ୍ତ ମହାପାତ୍ରଙ୍କ ଜାମିନ୍ ନାମଞ୍ଜୁର କରିଛନ୍ତି । ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାପାତ୍ର ୨୦୦୦ରୁ ୨୦୧୮ ଡିସେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ଥୁ.ରାମପୁର ବ୍ଲକ ସିରିମସ୍କା ଉନ୍ନିତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରି ଆସୁଥିଲେ । ମହାପାତ୍ର ଉକ୍ତ ସ୍କୁଲରେ ପଢୁଥିବା ଜଣେ ନିରିହ ଆଦିବାସୀ ଓ ଦଳିତ ନାବାଳିକା ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରଲୋଭନ ଓ ଧମକ ଚମକ ଦେଖାଇ ଅସାଦଚରଣ କରି ଆସୁଥିଲେ । ପ୍ରଧାନ ଶିକ୍ଷକ କପମହାପାତ୍ର ଦ୍ୱାରା ଅସାଦଚରଣ ଶିକାର ହୋଇଥିବା ଉକ୍ତ ବିଦ୍ୟାଳୟରେ ନବମ ଶ୍ରେଣୀ ପଢୁଥିବା ଜଣେ ନାବାଳିକା ଛାତ୍ରୀ ୧୭।୧୨।୨୦୧୮ରେ ଲିଖିତ ଏତଲା ଦେଇଥିଲେ ।

## କୁଲତା ସମାଜର ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍

କୋମନା,୨୯।୯ (ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ମହହୁଲଭଟାରେ କୁଲତା ସମାଜର ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ଶତାଧିକ ମହିଳାଙ୍କ ଦ୍ୱାରା କଳସ ଯାତ୍ରା ସହ ଗ୍ରାମ୍ୟ ପରିକ୍ରମା କରି ଇଷ୍ଟଦେବୀ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ଆୟୋଜକ କମିଟି ସଭାପତି ଟିକେଶ୍ୱର ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପଦ୍ମପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ କେଶରଞ୍ଜନ ପ୍ରଧାନ, ମୁଖ୍ୟବକ୍ତା ଭାବେ ବଲାଙ୍ଗୀର ଜିଲା ଓବିସି ସଙ୍ଗଠକ ଶଙ୍କର ପାତ୍ର ଯୋଗଦେଇ ଶିକ୍ଷାର ବିକାଶ ହେବା ସଙ୍ଗେ ସମସ୍ତଙ୍କ ମଧ୍ୟରେ ଏକତା ରକ୍ଷା ହେଲେ ଜାତିର ବିକାଶ ହେବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଜିଲା ଓବିସି ସମ୍ପାଦକ ପରଦେଶୀ ବିଶ୍ୱାଳ, ଟିଟିଲାଗଡ ମହାବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ପ୍ରଧ୍ୟାପକ ଡକ୍ଟର ଗୋବର୍ଦ୍ଧନ ସାହୁ, ନୂଆପଡା ଜିଲା ସଭାପତି ସରୋଜ କୁମାର ସାହୁ, ରକ୍ତ ଭଣ୍ଡାର ଅଧିକାରୀ ନୂଆପଡା ଡକ୍ଟର ଲଳିତ ମୋହନ ବିଶି, ନୂଆପଡା ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ଡିଆରଡିଏ ଏପିଡି ଏଡମିନ ମଧୁଛନ୍ଦା ସାହୁ, ବ୍ଲକ ସଭାପତି ବଇଶମ୍ପାନ ସାହୁ ଓ କୃଷ୍ଣଚନ୍ଦ୍ର ଖମାରୀ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗାୟତ୍ରୀ ବେହେରା, ରିତା ଭୋଇ ଓ ତନୁଜା ଭୋଇ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ କୁନି କୁନି ଝିଅମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। ଜିଲାସ୍ତରରେ ସମାଜର ବିଭିନ୍ନ କାର୍ଯ୍ୟରେ କୃତୀଲାଭ କରିଥିବା ବ୍ୟକ୍ତିତ୍ୱଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ମଦନ ସୁନ୍ଦର ସାହୁ ଓ ମୁକେଶ କୁମାର ଭୋଇ ମଞ୍ଚ ପରିଚାଳନା କରିଥିବା ବେଳେ କୋମନା ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




ନୂଆଁଖାଇ ଘେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# କର୍ମର ବାର୍ତ୍ତା ନେଇ ବୁଲିବ ୧୦ଟି ଝାକି

■ ୫୫୦ତମ ଗୁରୁନାନକ ଜୟନ୍ତୀ ଉପଲକ୍ଷେ

ନୂଆପଡା ଅଫିସ,୨୯।୯

ଗୁରୁ ନାନକ ହେଉଛନ୍ତି କର୍ମର ପୂଜାରୀ । ସେ କର୍ମ ଉପରେ ବିଶ୍ୱାସ କରନ୍ତି । ଏହାକୁ ଆଧାର କରି ଆମେ ସବୁବେଳେ ତାଙ୍କର ପୂଜା କରିଆସୁଛୁ। ମାନବ ଧର୍ମ ଏକ। ଭିନ୍ନ ଭିନ୍ନ ଧର୍ମ ଭିତରେ ଆମେ ମାନବ ଧର୍ମକୁ ଦେଖିଥାଉ । ଗୁରୁନାନକଙ୍କ ଜନ୍ମର ୫୫୦ ବର୍ଷ ପୂର୍ତ୍ତିରେ ତାଙ୍କର ବାର୍ତ୍ତା ବିଶ୍ୱବ୍ୟାପି ବୁଲୁଛି । ଏହାକୁ ଭିତ୍ତି କରି ତାଙ୍କର ୧୦ଟି ଝାକି ପରିକ୍ରମା କରୁଥିବାବେଳେ ଏହା ନୂଆପଡା ଜିଲା ଖରିଆରରୋଡ ସହରରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି ବୋଲି ଏକ ଖବରଦାତା ସମ୍ମିଳନୀରେ ଖରିଆରରୋଡ ଶିଖ ସମାଜ ତରଫରୁ ସୂଚନା ଦିଆଯାଇଛି । ରବିବାର ପୂର୍ବାହ୍ନ ୧୧ଟାରେ ଆହୂତ ସମ୍ମିଳନୀରେ ସମାଜର ସଭାପତି ଡା. ରଞ୍ଜିତ ସିଂ ଛାବଡା ସୂଚନା ଦେଇ କହିଥିଲେ ଯେ, ଏହି ଝାକି ସମ୍ବଲପୁରରୁ ବାହାରିଥିବା ବେଳେ ସୋମବାର ଖରିଆରରୋଡରେ ଆସି ପହଞ୍ଚିବ । ଏହାକୁ ପଡୋଶୀ ଛତିଶଗଡ ରାଜ୍ୟ ଟେମରୀଠାରେ ସ୍ୱାଗତ କରାଯିବା କାର୍ଯ୍ୟକ୍ରମ ରହିଛି । ଏହି ଝାକି ସବୁ ସହର ପରିକ୍ରମାର କରିବା ପରେ ଗୁରୁଦ୍ୱାରରେ ଧର୍ମସଭା ହେବ। ପରେ ସାମୁହିକ ଭୋଜିର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ସୂଚନା ଦେଇ କହିଥିଲେ ଯେ ସମାଜ କଲ୍ୟାଣ ସକାଶେ ସମାଜ ତରଫରୁ ସବୁବେଳେ ଆମେ ଆଗକୁ ଆସି କାମ କରୁଛୁ । ପ୍ରତି ଦିନ ସକାଳେ ଗୁରୁଦ୍ୱାରରେ ହୀନଜନମାନଙ୍କ ସକାଶେ ଜଳପାନ ବ୍ୟବସ୍ଥା କରିଆସୁଥିବାବେଳେ ଅର୍ମୀୟ କ୍ଷେତ୍ର ପୁରୀରେ ସମାଜ ତରଫରୁ ସେବା କାମ ସବୁ କରାଯାଉ ଥିବା କହିଥିଲେ। ସମ୍ମିଳନୀରେ ପୂର୍ବତନ ସଭାପତି ଗୁରୁବେଜ ସିଂ, ଉପସଭାପତି ଖୁଲୱନ୍ତ ସିଂ, ନରେନ୍ଦର ସିଂ ଛାବଡା, ବଲବୀର ସିଂ ବୈଶ, ଦିଲୀପ ସିଂ ଗାନ୍ଧୀ, ଦଲଜିତ ସିଂ ଗୁରୁଦତା, ବଲଜିତ ସିଂ ଗୁରୁଦତା, ତରବୀନ୍ଦର ସିଂ ଛାବଡା, ସତନାମ ସିଂ ରାଜପାଲ, ରିଶି ଗୁରୁଦତା, ସତବିନ୍ଦର ସିଂ, ସତନାମ ସିଂ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଶିଖ ସମାଜ କର୍ମକର୍ତ୍ତା।

ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ

# ଖେଳ ବିଦ୍ୟାଳୟ ପାଠ୍ୟକ୍ରମର ଅଭିନ୍ନ ଅଙ୍ଗ

ନୂଆପଡା ଅଫିସ, ୨୯।୯

ପ୍ରାଚୀନ ଆଶ୍ରମ ଶିକ୍ଷାପ୍ରଣାଳୀରେ ଶିକ୍ଷା ବ୍ୟବସ୍ଥାରେ କ୍ରୀଡ଼ା ଯୋଡି ହୋଇଯାଇଥିଲା । ଏହା ବର୍ତ୍ତମାନ ମଧ୍ୟ ଚାଲିଛି । ଏହା ଦ୍ୱାରା ଶିକ୍ଷାର୍ଥୀଙ୍କର ଶାରୀରିକ ଏବଂ ମାନସିକସ୍ତରରେ ବିକାଶ ହୋଇଥାଏ । ତେଣୁ ବିଦ୍ୟାଳୟ ପାଠ୍ୟକ୍ରମରେ ଖେଳ ଏକ ଅଭିନ୍ନ ଅଙ୍ଗ ବୋଲି ମତପ୍ରକାଶ ପାଇଛି। ରବିବାର ସ୍ଥାନୀୟ ଖରିଆରରୋଡସ୍ଥିତ ନୋଡାଲ ହାଇସ୍କୁଲରେ ଅନୁଷ୍ଠିତ ଜିଲାସ୍ତରୀୟ କ୍ରିଡା ଉତ୍ସବରେ ଯୋଗଦେଇ ଅତିଥିମାନେ ଏହି ମତ ରଖିଛନ୍ତି । ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ ସଭାପତିତ୍ୱ କରିଥିବାବେଳେ ଜିଲାପାଳ ମଧୁସ୍ମିତା ସାହୁ ମୁଖ୍ୟଅତିଥି, ନୂଆପଡା ବ୍ଲକ ଶିକ୍ଷାଧିକାରୀ ଡ.ରେଶମଲାଲ ନାଏକ, ଜିଲା କ୍ରୀଡ଼ା ନିରୀକ୍ଷକ ମହେଶ କୁମାର ଦଣ୍ଡସେନା, ରାଜାଏଟି ହାଇସ୍କୁଲ ପ୍ରଧାନଶିକ୍ଷକ ନକୁଲ ଶବର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ଜିଲାପାଳ ସାହୁ ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏଥିରେ ଉପସ୍ଥିତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ, ଛାତ୍ରୀଛାତ୍ରମାନଙ୍କୁ ସମ୍ବୋଧିତ କରି ଅତିଥିମାନେ ଶିକ୍ଷାବ୍ୟବସ୍ଥାରେ କ୍ରୀଡ଼ାର ଆବଶ୍ୟକତା ଏବଂ ଉପକାରୀତା ଉପରେ ଆଲୋକପାତ କରିଥିଲେ। ଏହାକୁ ସମସ୍ତେ ମିଶି ଠିକ ଭାବେ ପରିଚାଳନା କରିବାକୁ ଜିଲାପାଳ ପରାମର୍ଶ କରିଥିଲେ । ସୂଚନାଯୋଗ୍ୟ ଯେ, ଏଥିରେ ଜିଲାର ୫ଟି ବ୍ଲକରୁ ମୋଟ ୫୪୦ଜଣ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ କ୍ରୀଡ଼ାରେ ଅଂଶ ଗ୍ରହଣ କରିଥିଲେ। ଏଥିରେ କବାଡି, ଫୁଟବଲ, ଖୋଖୋ, ଟାଏକୋଣ୍ଡୋ ଆଦି ଖେଳ ହୋଇଥିଲା। ଏହାକୁ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡ଼ା ଶିକ୍ଷକମାନେ ପରିଚାଳନା କରିଥିଲେ। ପ୍ରଥମ ଦିନର କ୍ରୀଡ଼ାବିତମାନଙ୍କୁ ଜିଲାପାଳ ପୁରସ୍କୃତ କରିଥିଲେ। ଏହି ଖେଳ ପ୍ରତିଯୋଗିତା ଦୁଇ ଦିନ ଧରି ଚାଲିବ । ଶେଷରେ ଜିଲା ଶିକ୍ଷାଧିକାରୀ ଭୋଇ ଧନ୍ୟବାଦ ଦେଇଥିଲେ।



ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥିବୃନ୍ଦ।




କ୍ରୀଡ଼ାବିତମାନଙ୍କୁ ପୁରସ୍କୃତ କରାଯାଇଛି।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ଦାଦନ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରିଲା

**ବଲାଙ୍ଗୀର ଅଫିସ,୨୯।୯:** ବଲାଙ୍ଗୀର ଜିଲାରେ ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରିଛି। କାମଧନ୍ଦା ଅଭାବରୁ ପରିବାର ପ୍ରତିପୋଷଣ ପାଇଁ ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକ ବହଲପଦର ଗାଁର ଯୁବକ ଶିଶୁପାଳ ମହାକୁଡ଼ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ । ହେଲେ ରବିବାର ମୃତଦେହ ଗାଁକୁ ଫେରିଛି। ସୂଚନାଯୋଗ୍ୟ, ଗତ କିଛିମାସ ତଳେ ପ୍ୟାରୀ ମହାକୁଡ଼ଙ୍କ ଏକମାତ୍ର ପୁଅ ଶିଶୁପାଳ ଦାଦନ ଖଟିବାକୁ ଗୁଜରାଟ ଯାଇଥିଲେ। ଗତ ୨୬ ତାରିଖରେ ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହକୁ ଗାଁକୁ ଆଣିବା ପାଇଁ ଶିଶୁପାଳଙ୍କ ସାଙ୍ଗସାଥୀ ଚାନ୍ଦା ଆଦାୟ କରିଥିଲେ। ପରେ ଆମ୍ବୁଲାନ୍ସରେ ମୃତଦେହ ଗାଁରେ ପହଞ୍ଚିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୁଅକୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି।

### ସ୍ୱଚ୍ଛତା କାର୍ଯ୍ୟକ୍ରମ

**ବେଲପଡ଼ା,୨୯।୯(ଡି.ଏନ.ଏ.):** ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକ ପାଳନ ଅବସରରେ ବେଲପଡ଼ାସ୍ଥିତ ଆସ୍ଥା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ସ୍ୱଚ୍ଛତା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ମାଲିମୁଣ୍ଡା ଗ୍ରାମ ପରିକ୍ରମା କରି ଲୋକଙ୍କୁ ସ୍ୱଚ୍ଛତା ସମ୍ପର୍କରେ ସଚେତନ କରାଇଥିଲେ। ମାଲିମୁଣ୍ଡା ଗ୍ରାମ ଭାଗବତ ଟୁଙ୍ଗୀରେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର କରୁଆଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ଆସ୍ଥା ପବ୍ଲିକ ସ୍କୁଲର ଚେୟାରମେନ ଶଙ୍କର ପ୍ରଶାଦ ଜୈନ, ନଳିନୀ ଜୈନ, ପ୍ରିନ୍ସିପାଲ ବି. ସରକାର, ଗୋକୁଳାନନ୍ଦ ଠାକୁର ପ୍ରମୁଖ ଉପସ୍ଥିତ ରହି ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରା ଏବଂ ସ୍ୱଚ୍ଛତା ସଚେତନତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ବନ୍ୟା କ୍ଷତିଗ୍ରସ୍ତଙ୍କୁ ଟଙ୍କାଟିଏ ସହାୟତା ମିଳିନାହିଁ

**ବଲାଙ୍ଗୀର ଅଫିସ,୨୯।୯**



ବିଧାୟକ ନରସିଂହ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

- କେନ୍ଦ୍ର, ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଲେ ନରସିଂହ
- ବଲାଙ୍ଗୀରରେ ଆଇନଶୃଙ୍ଖଳା ପରିସ୍ଥିତି ସାଂଘାତିକ
- ଫସଲବୀମା, କୃଷିଋଣ ଚଞ୍ଚକତାରେ ସମବାୟ ବ୍ୟାଙ୍କ ଜଡିତ
- ଆଗକୁ ଜୋରଦାର ଆନ୍ଦୋଳନ ହେବ

ଅଗଷ୍ଟ ମାସରେ ବଲାଙ୍ଗୀର ଜିଲାରେ ପ୍ରଳୟଙ୍କରୀ ବନ୍ୟା ହେଲା । ବଲାଙ୍ଗୀର ସହର ସମେତ ବିଭିନ୍ନ ବ୍ଲକ୍‌ର ବହୁ ଗ୍ରାମରେ ଅଭୂତପୂର୍ବ କ୍ଷୟକ୍ଷତି ହେଲା । ରାଜ୍ୟ ରାଜସ୍ୱ ମନ୍ତ୍ରୀ, ସ୍ୱତନ୍ତ୍ର ରିଲିଫ୍ କମିଶନର, କେନ୍ଦ୍ରମନ୍ତ୍ରୀ ଜିଲା ପରିଦର୍ଶନରେ ଆସି ବନ୍ୟା ସମୀକ୍ଷା କରିଥିଲେ। ଜିଲାବାସୀଙ୍କ ପକ୍ଷରୁ ବନ୍ୟା କ୍ଷତିଗ୍ରସ୍ତଙ୍କ ଥଇଥାନ ଏବଂ ଭିତ୍ତିଭୂମି ପୁନଃ ନିର୍ମାଣ ପାଇଁ ସରକାରଙ୍କୁ ୧ ହଜାର କୋଟି ଟଙ୍କାର ସହାୟତା ଦାବି କରାଯାଇଥିଲା। ମନ୍ତ୍ରୀମାନେ ଜିଲାରେ ଅଭୂତପୂର୍ବ କ୍ଷୟକ୍ଷତି ହୋଇଥିବା ସ୍ୱୀକାର କରି କ୍ଷତିଗ୍ରସ୍ତଙ୍କୁ ଯେଭଳି ଅଧିକ ସହାୟତା ଦିଆଯାଇପାରିବ ସେ ଦିଗରେ ପଦକ୍ଷେପ ନେବେ ବୋଲି କହିଥିଲେ। ଇତିମଧ୍ୟରେ ଦେଢ଼ମାସ ସମୟ ଅତିବାହିତ ହୋଇଯାଇଥିଲେ ମଧ୍ୟ ବନ୍ୟା କ୍ଷତିଗ୍ରସ୍ତ ଲୋକ, ଚାଷୀଙ୍କ ପାଇଁ ଟଙ୍କାଟିଏ ସହାୟତା ଆସିନାହିଁ । ରାଜ୍ୟ ଓ କେନ୍ଦ୍ର ସରକାର ଏନେଇ ସମ୍ପୂର୍ଣ୍ଣ ଚୁପ୍ ହୋଇବସି ଯାଇଛନ୍ତି । ଏନେଇ ଜିଲାର ବନ୍ୟା କ୍ଷତିଗ୍ରସ୍ତ ଲୋକଙ୍କ ମଧ୍ୟରେ ଆକ୍ରୋଶ ଓ କ୍ରୋଧ ଦେଖାଦେଲାଣି । ଦଶହରା ସୁଦ୍ଧା ବନ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ଦିଆ ନ ଗଲେ ଜନଆକ୍ରୋଶ ଭୟାବହ ଆନ୍ଦୋଳନର ରୂପ ନେବ ଓ ଏଥିପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଦାୟୀ ରହିବେ ବୋଲି ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ରବିବାର ସ୍ଥାନୀୟ ସର୍କିଟ ହାଉସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଚେତାବନୀ ଶୁଣାଇଛନ୍ତି। ବିଧାୟକ ମିଶ୍ର କହିଥିଲେ, ୧୯୦୫ରେ ଜିଲାରେ ସର୍ବାଧିକ ୨୮୨.୫ ମିଲିମିଟର ବର୍ଷା ରେକର୍ଡ ହୋଇଥିଲା। ୧୯୮୨ରେ ସର୍ବାଧିକ ୩୩୦ ମିଲିମିଟର ବର୍ଷା ହୋଇଥିଲା । ମାତ୍ର ଗତ ଅଗଷ୍ଟ ମାସରେ ୫୫୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ପ୍ରବଳ ବର୍ଷାରେ ପ୍ରଳୟଙ୍କରୀ ବନ୍ୟା ହୋଇଛି, ହଜାର ହଜାର ଏକର ଚାଷଜମିରେ ଫସଲ ନଷ୍ଟ ଓ ବାଲିଚର ହେବା ସହ ଶତାଧିକ ଲୋକଙ୍କ ଧନସମ୍ପତ୍ତି ନଷ୍ଟ ହୋଇଛି। ଘରଦ୍ୱାର ଭାଙ୍ଗିଛି, ରାସ୍ତାଘାଟ ଧୋଇ ହୋଇଯାଇଛି । ଲୋକେ ସହାୟତା ପାଇଁ ଚାତକ ଭଳି ଚାହିଁ ରହିଛନ୍ତି । ମାତ୍ର ଏଯାଏଁ ଟଙ୍କାଟିଏ ବି ସହାୟତା ମିଳିନାହିଁ । ଏପରି କି କ୍ଷୟକ୍ଷତିର ଆକଳନ ହୋଇନାହିଁ । ଲୋକେ ଏହାର ଉଚିତ୍ ଜବାବ ଦେବେ ବୋଲି ସେ କହିଥିଲେ।

ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଉପରେ କହି ବିଧାୟକ ମିଶ୍ର ପୋଲିସ ରାଜ୍ୟ ସରକାରଙ୍କ ହାତବାରିସୀ ସାଜିଛି ବୋଲି କହିଥିଲେ। ସରକାରୀ ଦଳର ଲୋକେ ଅପରାଧ କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଦେଓଗାଁ ଥାନାର କିଛି ମାମଲାକୁ ସେ ଦର୍ଶାଇଥିଲେ। ହରିଜନ, ଆଦିବାସୀଙ୍କ ଉପରେ ଅତ୍ୟାଚାର ବଢ଼ିବାରେ ଲାଗିଛି। ପୋଲିସ ସେମାନଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ସାଲିସ କରିବାକୁ ବାଧ୍ୟ କରୁଛି ବୋଲି ସେ କହିଥିଲେ। ଦୁଇଦିନ ତଳେ ଲକ୍ଷ୍ମୀଯୋର ପୋଲରୁ ଖସିପଡି ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ଘଟଣାର ତଦନ୍ତ କରାଯାଇ ମୃତକଙ୍କ ପରିବାରକୁ ସରକାର ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦିଅନ୍ତୁ ବୋଲି ସେ ଦାବି କରିଥିଲେ । ବଲାଙ୍ଗୀର ସହରରେ ଅବାଧ ନିଶା କାରବାର, ଚୋରି, ଡକାୟତି, ସଟ୍ଟା, ରାଜେନ୍ଦ୍ର କଲେଜ ଅଞ୍ଚଳରେ ଅନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ସହରରେ ଟ୍ରାଫିକ ସମସ୍ୟା ଚରମ ସ୍ଥିତିରେ ପହଞ୍ଚିଛି ବୋଲି ସେ ଅଭିଯୋଗ କରିଥିଲେ। ବଲାଙ୍ଗୀର ସହରବାସୀ ଏବେ ଭୟଭୀତ ଅଛନ୍ତି ବୋଲି ସେ କହିଥିଲେ। ବଲାଙ୍ଗୀରର ଯୁବ ବ୍ୟବସାୟୀ ଦୀପଙ୍କର ପଣ୍ଡାଙ୍କୁ ବିନା ଦୋଷରେ ପାଟଣାଗଡ଼ ପୋଲିସ ମାଡ ମାରିଛି । ଅଭିଯୋଗ ପରେ ଜଣେ ପୋଲିସକୁ ନିଲମ୍ବନ କରାଯାଇ କାମ ସାରିଦିଆଯାଇଛି। ତେବେ ଅଭିଯୁକ୍ତ ବିରୋଧରେ ପୌଜଦାରୀ ମାମଲା ରୁଜୁ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସେ ଦାବି କରିଥିଲେ। ଟଙ୍କପାଣି ଗାଁରେ ପିଡିଏସ୍ ଚାଉଳ ଦୁର୍ନୀତିକୁ ଲୋକେ ଧରିଥିଲେ ବି ପୋଲିସ ଓ ଜିଲା ପ୍ରଶାସନ ରଫାଦଫା କରିବାକୁ ଉଦ୍ୟମ କରିଛନ୍ତି ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ଅସୀମ ପଟ୍ଟନାୟକ, ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ଟାଉନ ସଭାପତି ବୁଲୁ ଦାନୀ ମଞ୍ଚାସୀନ ଥିଲେ।

### ମେଡିକାଲ କଲେଜ ଅଞ୍ଚଳରେ ସେକ୍ସ ର୍ୟାକେଟ୍ ଚାଲିଛି

ବଲାଙ୍ଗୀର ମେଡିକାଲ କଲେଜ ଅଞ୍ଚଳରେ କିଛି ବ୍ୟକ୍ତି ସେକ୍ସ ର୍ୟାକେଟ ଚଲାଉଛନ୍ତି । ଏନେଇ ପୋଲିସ ଚୁପ୍ ହୋଇ ବସି ରହିଛି। ଭୁବନେଶ୍ୱର ଫରେଷ୍ଟ ପାର୍କ ଅଞ୍ଚଳରେ ଯେଉଁ ରୋଗ ଅଛି ତାହା ବଲାଙ୍ଗୀରରେ ବ୍ୟାପିବା ଆରମ୍ଭ କଲାଣି । ଯଥାଶୀଘ୍ର ଏହା ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବଲାଙ୍ଗୀରକୁ ଅପରାଧ ମୁକ୍ତ କରିବାକୁ ବିଧାୟକ ନରସିଂହ ମିଶ୍ର ଦାବି କରିଛନ୍ତି ।

### ବର୍ଷେ ପର୍ଯ୍ୟନ୍ତ ବାଇପାସ୍ ରାସ୍ତା ଟେଣ୍ଡର ହେବନାହିଁ

ବଲାଙ୍ଗୀର ସହର ବାଇପାସ୍ ରାସ୍ତା ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ଆଗାମୀ ଏକବର୍ଷ ମଧ୍ୟରେ ହେବ ନାହିଁ ବୋଲି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧିକାରୀ ରାଜ୍ୟ ପୂର୍ତ୍ତମନ୍ତ୍ରୀଙ୍କ ସମ୍ମୁଖରେ କହିଥିବା ବିଧାୟକ ନରସିଂହ ମିଶ୍ର ରବିବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବଲାଙ୍ଗୀରର ବହୁପ୍ରତୀକ୍ଷିତ ବାଇପାସ୍ ରାସ୍ତାକୁ ନେଇ ଭୁବନେଶ୍ୱରରେ ପୂର୍ତ୍ତମନ୍ତ୍ରୀଙ୍କ ଅଧକ୍ଷତାରେ ହୋଇଥିବା ସ୍ୱତନ୍ତ୍ର ବୈଠକରେ ଏହି ତଥ୍ୟ ଜଣାପଡିଛି ବୋଲି ସେ କହିଥିଲେ। ବଲାଙ୍ଗୀର ବାଇପାସ୍ ରାସ୍ତାକୁ ଜାଣିଶୁଣି ଝୁଲାଇ ରଖାଯାଇଛି ବୋଲି ଅଭିଯୋଗ କରି ଏହା ବିରୋଧରେ ମଧ ଆନ୍ଦୋଳନ କରାଯିବ ବୋଲି ବିଧାୟକ ମିଶ୍ର କହିଥିଲେ।



### ବେଲପଡ଼ାରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

**ବେଲପଡ଼ା,୨୯।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡ଼ା ଡିଆର୍ ମହେର ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାସାୟନିକ ମୌଳିକଙ୍କ ପର୍ଯ୍ୟାୟ ସାରଣୀ ଓ ମାନବ କଲ୍ୟାଣରେ ପ୍ରଭାବ ଶୀର୍ଷକ ବିଷୟ ବସ୍ତୁ ଥିଲା। ଏଥିରେ ୨୨ଟି ହାଇସ୍କୁଲର ଛାତ୍ରୀଛାତ୍ର ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆଲୋଚନାଚକ୍ରରେ ବିଚାରକ ଭାବେ ନବୋଦୟ ବିଦ୍ୟାଳୟ ବଲାଙ୍ଗୀର ବିଜ୍ଞାନ ଶିକ୍ଷକ ପ୍ରେମାନନ୍ଦ ସାହୁ, ଆଶିଷ କୁମାର ମିଶ୍ର ଯୋଗଦେଇ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରି ଛାତ୍ରୀଛାତ୍ରଙ୍କ ମୁଲ୍ୟାଙ୍କନ କରିଥିଲେ । ମୁକେଶ ଶତପଥୀ ବାହାବଲ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଡିଆର୍ ମେହେର ହାଇସ୍କୁଲର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱ ଓ ବେଲପଡ଼ା ବ୍ଲକ ବିଜ୍ଞାନ ତତ୍ତ୍ୱାବଧାରକ କିଶୋର କୁମାର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବେଲପଡ଼ା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚତୁର୍ଭୁଜ ମିର୍ଦ୍ଧା ଯୋଗଦେଇ କୃତୀ ଛାତ୍ରଙ୍କୁ ସମ୍ମାନିତ କରିଥିଲେ। ପ୍ରୋଗ୍ରାମ ମ୍ୟାନେଜର ବାସୁଦେବ ପାଢୀ, କିଶୋର କୁମାର ଦାନୀ, ରଶ୍ମି ରଞ୍ଜନ ମେହେରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

# ୨ ଦିନର ଶିଶୁକନ୍ୟା ବିକ୍ରି ଉଦ୍ୟମ

**ସଇଁତଲା/ବଲାଙ୍ଗୀର ଅଫିସ, ୨୯।୯ (ଡି.ଏନ୍.ଏ.)**



ଫପସି ଗାଁରୁ ଉଦ୍ଧାର ହୋଇଥିବା ଶିଶୁକନ୍ୟା।

- ଶିଶୁକନ୍ୟା ସହ ମା' ଉଦ୍ଧାର
- ସଖୀ ୱାନ୍ ଷ୍ଟଫ୍ ସେଣ୍ଟରକୁ ଅଣାହେଲା

ବଲାଙ୍ଗୀର ଜିଲା ସଇଁତଲା ଥାନା ଫପସି ଡୁଙ୍ଗୁରୀପଡ଼ାଠାରେ ରବିବାର ଏକ ଦୁଇଦିନର ଶିଶୁକନ୍ୟାକୁ ବିକ୍ରି ଉଦ୍ୟମ ହୋଇଥିଲା। ଖବର ପାଇ ଚାଇଲ୍ଡ ଲାଇନ୍ ଓ ସଇଁତଲା ପୋଲିସ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରି ଉକ୍ତ ଶିଶୁକନ୍ୟା ଓ ତାଙ୍କ ମା'କୁ ଉଦ୍ଧାର କରିଛି। ଉଦ୍ଧାର ଶିଶୁକନ୍ୟାକୁ ବଲାଙ୍ଗୀର ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)ରେ ହାଜର କରିବା ପରେ ଉଭୟ ଶିଶୁ ଓ ତାଙ୍କ ମା'ସରୋଜିନୀ ମହାକୁଡଙ୍କୁ ସଖୀ ୱାନ୍ ଷ୍ଟପ ସେଣ୍ଟରକୁ ନିଆଯାଇଛି । ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ନିଜ ଜିଲା ତଥା ନିଜ ନିର୍ବାଚନ ମଣ୍ଡଳୀରେ ଏଭଳି ଶିଶୁବିକ୍ରି ଉଦ୍ୟମ ହୋଇଥିବାରୁ ଘଟଣାଟି ଚର୍ଚ୍ଚାର ବିଷୟ ହେଇଛି । ବଲାଙ୍ଗୀର ସହର ରାଧାରାଣୀପଡ଼ାର ସରୋଜିନୀ ମହାକୁଡ଼ (୩୬) ଦୁଇଦିନ ତଳେ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ଦ୍ୱିତୀୟ ଝିଅ ଜନ୍ମ ହେବା ପରେ ଚିନ୍ତିତ ସରୋଜିନୀ ଏହି ଝିଅକୁ ଅନ୍ୟକୁ ଟେକିଦେବେ ଭାବି ସଇଁତଲା ଫପସି ଡୁଙ୍ଗୁରୀପଡ଼ାର ମଧୁ ମହାନନ୍ଦଙ୍କ ଘରେ ପହଞ୍ଚିଥିଲେ। ଉକ୍ତ ଘରେ ଶିଶୁକନ୍ୟାକୁ ନେବା ପାଇଁ ଟିଟିଲାଗଡ଼ ବ୍ଲକ ଅର୍ନ୍ତଗତ ବାଞ୍ଜିପଦର ପଞ୍ଚାୟତର ଶିଶାକାନୀ ଗାଁର ଘନଶ୍ୟାମ ସୁନା ଏବଂ ତାଙ୍କ ସ୍ତ୍ରୀ ବାଲମତୀ ସୁନା ପ୍ରସ୍ତୁତ ଥିଲେ । ଏ ନେଇ କେହି ପୋଲିସକୁ ଶିଶୁକନ୍ୟା ବିକ୍ରି ଚାଲିଥିବା ଖବର ଦେବା ପରେ ଚାଇଲ୍ଡ ଲାଇନ୍ ଓ ପୋଲିସ ଟିମ୍ ସେଠାରେ ପହଞ୍ଚି ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ । ପରେ ବଲାଙ୍ଗୀର ସିଡବ୍ଲ୍ୟୁସିର ତ୍ରିଲୋଚନ ନାଗ ଓ ଉର୍ବସୀ ପଧାନ ସେଠାରେ ପହଞ୍ଚି ଉଦ୍ଧାର ଶିଶୁକନ୍ୟାକୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ପରେ ବଲାଙ୍ଗୀର ୱାନ୍ ଷ୍ଟପ୍ ସେଣ୍ଟରକୁ ଶିଶୁକନ୍ୟା ଓ ତାଙ୍କ ମାଁଙ୍କୁ ନିଆଯାଇଛି । ଏନେଇ ଟିଟିଲାଗଡ଼ ଏସଡ଼ିପିଓ ସୁରେନ୍ଦ୍ରନାଥ ଶତପଥୀଙ୍କୁ ପଚରାଯିବାରୁ ଶିଶୁ ବିକ୍ରି ଘଟଣାକୁ ଅସ୍ୱୀକାର କରିଥିଲେ। ସରୋଜିନୀ ଓ ଶିଶୁ କନ୍ୟାକୁ ଫପସି ଡୁଙ୍ଗୁରିପଡା ଗାଁରୁ ଉଦ୍ଧାର କରାଯାଇଥିବା ସ୍ୱୀକାର କରିଛନ୍ତି । ଏନେଇ ସିଡବ୍ଲ୍ୟୁସି ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତିଙ୍କୁ ପଚରାଯିବାରୁ ଶିଶୁକନ୍ୟା ବିକ୍ରି ଉଦ୍ୟମ ଚାଲିଥିବା ଖବର ପାଇ ଚାଇଲ୍ଡଲାଇନ୍ ଓ ପୋଲିସ ଟିମ୍ ଫପ୍‌ସି ଗାଁରେ ଚଢ଼ାଉ କରି ଶିଶୁକନ୍ୟା ଓ ତାଙ୍କ ମା'ଙ୍କୁ ଉଦ୍ଧାର କରିଥିବା ସୂଚନା ଦେଇଛନ୍ତି । ତେବେ ବାସ୍ତବରେ ଏହା ଶିଶୁବିକ୍ରି କି ନା ସେ ଉପରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି । ପ୍ରକାଶ ଯେ, ୮ ବର୍ଷତଳେ ସରୋଜିନୀ ଦିଲ୍ଲୀର ସିୟାରାମ ନାମକ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ସିୟାରାମଙ୍କ ସହ ସରୋଜିନୀ ଦିଲ୍ଲୀରେ ରହୁଥିଲେ। ସେଠାରେ ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା । ତେବେ ସିୟାରାମ ସରୋଜିନୀକୁ ମାରପିଟ ଓ ନିର୍ଯ୍ୟାତନା ଦେବାରୁ ଗର୍ଭବତୀ ସରୋଜିନୀ ଦିଲ୍ଲୀରୁ ବଲାଙ୍ଗୀର ଫେରିଆସି ରେଳ ଷ୍ଟେଶନ ନିକଟରେ ରହି ଭିକମାଗି ଚଳୁଥିଲେ। ଦୁଇଦିନ ତଳେ ସରୋଜିନୀ ପୁଣି ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ ।

# କୋସଲେଶ୍ୱରୀ ଶକ୍ତିପୀଠରେ ନବରାତ୍ର ପୂଜା ଆରମ୍ଭ

**ଟିଟିଲାଗଡ଼,୨୯।୯ (ଡି.ଏନ.ଏ.)**



କୋସଲେଶ୍ୱରୀ ଶକ୍ତି ପୀଠରେ ମା'ଙ୍କୁ ପୂଜାର୍ଚ୍ଚନା କରାଯାଉଛି।

ଟିଟିଲାଗଡ଼ ବ୍ଲକ ଲଇତରା କୁମୁଡିପଦରସ୍ଥିତ କୋସଲେଶ୍ୱରୀ ଶକ୍ତି ପୀଠରେ ନବଦିନାତ୍ମକ ମା' ଦୁର୍ଗାଙ୍କ ପୂଜନୋତ୍ସବ ରବିବାର ଆରମ୍ଭ ହୋଇଯାଇଛି। ଏନେଇ ପ୍ରଚଳିତ ପରମ୍ପରା ମୁତାବକ କୁମଡ଼ା ଗ୍ରାମସ୍ଥିତ ବାଉତି ପୀଠରୁ ଘଣ୍ଟ, ଶଙ୍ଖ, ବାଦ୍ୟ ସହ ଦେବୀ ଦିହାରି ଦେହରେ ପ୍ରବେଶ କରି ଶତାଧିକ ଭକ୍ତଙ୍କ ଗହଣରେ ତିନି ଛତ୍ର ସହ ଶନିବାର ମଧ୍ୟରାତ୍ରରେ କୋସଲେଶ୍ୱରୀଙ୍କ ପୀଠରେ ପହଞ୍ଚି ଥିଲେ। ରବିବାର ସକାଳୁ ପରମ୍ପରା ଅନୁଯାୟୀ ପୀଠରେ ନବଦିନାତ୍ମକ ପୂଜା ଆରମ୍ଭ ହୋଇଛି। ଦେବୀଙ୍କୁ ପୀଠରେ ପ୍ରଥମୀରେ ଶୈଳପୁତ୍ରୀ, ଦ୍ୱିତୀୟାରେ ବ୍ରହ୍ମଚାରିଣୀ, ତୃତୀୟାରେ ଚନ୍ଦ୍ରଘଣ୍ଟା, ଚତୁର୍ଥିରେ କୁଷ୍ମାଣ୍ଡ, ପଞ୍ଚମୀରେ ସ୍କନ୍ଦମାତା, ଷଷ୍ଠିରେ କାତ୍ୟାୟନୀ, ସପ୍ତମୀରେ କାଳରାତ୍ରୀ, ଅଷ୍ଟମୀରେ ମହାଗୌରୀ, ନବମୀରେ ସିଦ୍ଧିଦାତ୍ରୀ ରୂପେ ବିଧି ମତେ ପୂଜା କରାଯାଇଥାଏ। ଦଶମୀରେ ତିନି ଛତ୍ର ସହ ଦେବୀ ଟିଟିଲାଗଡ ଘଣ୍ଟାସୁନୀ ମନ୍ଦିରରେ ବିଜେ ହୋଇ ଭେଟ ହେବା ସହ ସେଠାରୁ ବିଭିନ୍ନ ଗ୍ରାମ ଭ୍ରମଣ ସହ ୧୩ କି.ମି ଦୂର କୁମୁଡା ବାଉତିରେ ପହଞ୍ଚି ସେଠାରେ ଛତ୍ର ସମ୍ବରଣ ପରମ୍ପରା ରହିଛି। ଦେବୀଙ୍କ ପୂଜା କାର୍ଯ୍ୟକ୍ରମରେ କୃପା ଜାନୀ, ଧ୍ରୁବଲେଶ୍ୱର ଜାନୀ, ଭୁବନେ ଜାନୀ, ମଚିନ୍ଦ୍ର ମାଝି, ପରମା ମାଝି, ରାଏସିଂ ମାଝି, ନିତ୍ୟା ମାଝି, ବଲରାମ ମାଝି, ଚେର ମାଝିପ୍ରମୁଖ ସାମିଲ ହୋଇଛନ୍ତି। ରବିବାର ପୂର୍ବତନ ଓଡିଶା ସାହିତ୍ୟ ଏକାଡେମୀ ଅଧକ୍ଷ ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦଗାତା, ପ୍ରାଧାପକ ଡ. ଦୋଲଗୋବିନ୍ଦ ବିଶିଙ୍କ ସହ ଅନ୍ୟମାନେ ଦେବୀଙ୍କ ପୂଜା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# କୋସଲି ଭାଷାର ସୁରକ୍ଷା ନେଇ ଆହ୍ୱାନ

**ଟିଟିଲାଗଡ଼,୨୯।୯(ଡି.ଏନ.ଏ.)**



ନୂଆଖାଇ ବସାଉଠା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କୋସଲ ସଂସ୍କୃତି, ପରମ୍ପରା ସହ ଭାଷାର ସୁରକ୍ଷା ଲାଗି କୋସଲାଞ୍ଚଳର ସମସ୍ତ ବୁଦ୍ଧିଜୀବୀ ଆଗେଇ ଆସନ୍ତୁ। କେବଲ ଏକ ସୀମିତ ଅଂଚଳ କୋଷଲ ନୁହେଁ, କୋସଲର ଏକ ବିରାଟ ଭୁଗୋଲ ରହିଛି, ପ୍ରାଚିନ ଗ୍ରନ୍ଥାବଳି, ପୁରାଣରେ କୋସଲର ଐତିହ୍ୟ ସ୍ଥାନିତ ହୋଇଛି। ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରୁ କୋସଲ ଭାଷାକୁ ସ୍ଥାନିତ ପାଇଁ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିବାକୁ ରବିବାର ଟିଟିଲାଗଡ ବ୍ଲକ ଲଇତରା କୁମୁଡିପଦରସ୍ଥିତ କୋସଲେଶ୍ୱରୀ ଗୁଡି ପରିସରରେ କୋଶଲି ଭାଷା ସୁରକ୍ଷା ସମିତି ପକ୍ଷରୁ ଅନୁଷ୍ଠିତ 'ନୂଆଖାଇ ବସାଉଠା' କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଓଡ଼ିଶା ସାହିତ୍ୟ ଏକାଡେମିର ପୂର୍ବତନ ଅଧକ୍ଷ ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା ଆହ୍ୱାନ ଦେଇଥିଲେ। କବି ଭିକାରି ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗବେଷକ ଡ. ଦୋଲଗାବିନ୍ଦ ବିଶି, କୋସଲ ମହାଜୋଟ ସମ୍ପାଦକ ଟିକେଲାଲ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟଠାରୁ ଆରମ୍ଭ କରି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କାର୍ଯ୍ୟାଳୟ ମତଭେଦ ନେଇ ସାକାର ହୋଇପାରୁ ନ ଥିବା ଉଦ୍‌ବେଗ ପ୍ରକାଶ କରିଥିଲେ। ଏନେଇ ସମସ୍ତେ ଏକାଠି ହୋଇ କାମ କରିବାକୁ ସେ କହିଥିଲେ। ସମ୍ପାଦକ ନାଟ୍ୟକାର ନିଲମଣି ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ଗୋବିନ୍ଦ ନାମଦେବ ସଭା ପରିଚାଳନା କରିଥିଲେ। ଅତିଥି ଭାବେ ସମାଜିକ କର୍ମୀ ଶାନ୍ତନୁ ନାୟକ, କବି ସୁଶାନ୍ତ ବାଗ, ରାମଭକ୍ତ ଫରିକାର ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟଙ୍ଗ କବି ପ୍ରଶାନ୍ତ ନାୟକଙ୍କ ଅଧକ୍ଷତାରେ ଦ୍ୱିତୀୟ ପର୍ଯ୍ୟାୟରେ କୋସଲି କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ଆଦିମୁଲ ଶତପଥୀ, ଦ୍ରୁବ ହରପାଲ, ବିନାୟକ ପ୍ରଧାନୀ, ବୃନ୍ଦାବନ ଷଡଙ୍ଗୀ, ଘିନୁ ଆଡୟୁଆଡ, ବାଲକ୍ରିଷ୍ଣ ଦୀପ, ଜ୍ୟୋତି ପ୍ରକାଶ ଗଡତିଆ, ରାଜ ନାଗ, ସତ୍ୟବ୍ରତ ପଣ୍ଡା, ଚିତରଞ୍ଜନ ଚାନ୍ଦ, ସୁଶାନ୍ତ ଯୋଷୀ, ମୋହନ ତାଣ୍ଡି, ସୁଶାନ୍ତ ଦାସ ପ୍ରମୁଖଙ୍କ ସହ କବି ଏବଂ ବୁଦ୍ଧିଜୀବୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାଟ୍‌ବନା

# ଭଂଗା ଘରେ ଆଶ୍‌ରେ ନେଇଛନ୍ ଅସାହା ପରିବାର

**ଲାଠୋର, ୨୯।୯ (ଡି.ଏନ୍.ଏ.)**



ନିଜର ଭଂଗା ଦଦ୍‌ରା ଘର ଆଘେ ଦେବରାଜ ପଣ୍ଡା।

ସରକାର ଗରିବ୍ ଦୁଖି, ବାସହୀନ ପରିବାରମାନକୁ ଏସ୍‌ଇସିସି ତାଲିକା ଅନ୍‌ସାରେ ଘର ଯୁଗେଇ ଦେଉଛନ୍। ହେଲେ ସର୍ଭେରେ ଭୁଲଭଟକା ଲାଗି ଅନେକ୍ ଗରିବ୍ ଦୁଖି, ବାସହୀନ ପରବାର ଇ ତାଲିକାରୁ ବାଦ୍ ପଡ଼ିଛନ୍। ଏନ୍‌ତାଥି ସେମାନେ ଉପେ ଶୂଇନ୍ ହେଇ ଭଂଗା ଦଦ୍‌ରା ପୁରନା ଘରମାନକୁ ଜୀବନ୍‌କେ ପାଏନ୍‌ଛଡ଼େଇ ଆଶ୍‌ରେ ନେଉଛନ୍। ଏନ୍‌ତା ଗୁଟେ ଘଟ୍‌ନା ଦେଖିବାକେ ମିଳିଛେ ଖପ୍ରାଖୋଲ ବ୍ଲକ ମାଲପଡ଼ା ପଁଚେତ୍ ଅଧୀନ ଜଲପାଙ୍କେଲ ଗାଁରେ।

ସୂଚନା ଅନ୍‌ସାରେ ବହୁତ୍ ବଛର ହେଲା ଦେବରାଜ ପଣ୍ଡା(୫୫) କୁଟୁମବସିଆ ଜଲପାଙ୍କେଲ ଗାଁରେ ବାସ୍ କରୁଛନ୍। ପରିବାର କହେଲେ ମାଏକିନା ଯମୁନା, ଦୁଇ ଝିଁ ଆର ଗୁଟେ ପୁଓକେ ନେଇ ତାକର ସଁସାର। ଦେବରାଜ ଆସର ପାସର ଗାଁଗଁଡ଼ାରୁ ଦାନ୍ ମାଗି ଯାହା ପାଉଛନ୍ ସେଥିରେ ତାକର ପରିବାର ଚଲୁଛେ। ଏନ୍‌ତାଥି ଘରେ ସବୁବେଲେ ଅଭାବ ଅନାଟନ ଲାଗି ରହିଛେ। ଯେନ୍‌ଥିରଲାଗି ସେ ତାକର ପୁରନାକାଲିଆ ମାଏଟ୍ ଖପର ଦୁଇ ବଖରା ଘରକେ ମରାମତି କରି ନାଇଁ ପାରବାର। ମରାମତି ଅଭାବୁ ଏହେଦେ ଗୁଟେ ବଖ୍‌ରା ଘର ଭାଂଗି ଯାଇଥିଲାବେଲେ ଆରଗୁଟେ ବଖରାଥି କୁଟୁମବସିଆ ମୁଡ଼ ଗୁଁଜିଛନ୍। ସରକାରୀ ଯୋଜନାରେ ଘରଖଁଡ଼େ ଦେବାକେ ଦେବରାଜ ଅନେକ ଥର ସରକାରୀ ବାବୁମାନକୁ ଗୁହାରି କରି ନିରାଶ ହେଇଛନ୍। ଏନ୍‌ତାଥି କୁଟୁମବସିଆ ଜୀବନ୍‌କେ ପାଏନ୍‌ଛଡ଼େଇ ଗୁଟେ ବଖ୍‌ରା ଘରଥି ମୁଡ଼ ଗୁଁଜିଛନ୍। ହେଲେ ଇ ଅସାହା ଗରିବ୍ ପରିବାର ଯେନ୍ ହିସାବେ ରହୁଛନ୍ କେତେବେଲେ କେନ୍ ପରକାର ଅଘଟନ୍ ଘଟି ଧନଜୀବନ୍‌ର କ୍ଷୟକ୍ଷତି ହେବା କିଛି କହି ନାଇଁ ହେବାର। ଇ ଗରିବ୍ ପରିବାର ଉପରେ ଜିଲା ଆର ବ୍ଲକ ପରଶାସନ ଦ୍ରୁଷ୍ଟି ଦେଇ ସରକାରୀ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।



ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ।

- ରବର୍ଟ ବର୍ଟନ



## ସଂକ୍ଷେପରେ



### ବଜ୍ରପାତରେ ୩ ମଇଁଷି ମୃତ

**ଲାଞ୍ଜିଗଡ଼,୨୯।୯ (ଡି.ଏନ.ଏ.)**- କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ଛତ୍ରପୁର ପଞ୍ଚାୟତର ମହନଗୁଡାଠାରେ ଶନିବାର ବଜ୍ରପାତରେ ୩ ମଇଁଷି ମୃତ ଘଟିଛି । ମହନଗୁଡାର ଗୋରୁ ଓ ମଇଁଷି ବାହରକୁ ଚରିବାକୁ ଯାଇଥିବା ବେଳେ ଅପରାହ୍ନ ୨ଟାରେ ବର୍ଷା ଓ ଘଡଘଡି ହୋଇଥିଲା। ଗୋରୁ ଚରାଳିମାନେ ଗାଈ ଓ ମଇଁଷିକୁ ନିକଟରେ ଥିବା ଆମ୍ବତୋଟାକୁ ନେଇଥିଲେ। ସେହି ସମୟରେ ବଜ୍ରପାତରେ ତିନିଟି ମଇଁଷିର ମୃତ୍ୟୁ ଘଟିଛି। ଗ୍ରାମର ଜଗନ୍ନାଥ ମାଝି, ଅଣି ମାଝି ଓ ବିଦ୍ୟୁତ ବଇଦାରଙ୍କ ଗୋଟିଏ ଲେଖାଏଁ ମଇଁଷି ମୃତ୍ୟୁ ଘଟିଛି । ମଇଁଷିର ମୃତ୍ୟୁ ପରେ ଏହି ୩ ଚାଷୀ ଚାଷ କାର୍ଯ୍ୟ କିପରି ହେବ ଚିନ୍ତାରେ ଭାଙ୍ଗି ପଡିଛନ୍ତି । ଶବ ବ୍ୟବଚ୍ଛେଦ ପରେ ସେମାନଙ୍କ କ୍ଷତି ପୂରଣକୁ ନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ବୋଲି ବ୍ଲକ ଭେଟେନାରୀ ଅଫିସର କେ.କେ.ପଣ୍ଡା କହିଛନ୍ତି ।

### ମା' ବଞ୍ଜାରେନଙ୍କ ମନ୍ଦିର ପ୍ରତିଷ୍ଠା

**ଭବାନୀପାଟଣା,୨୯।୯(ଡି.ଏନ.ଏ.)**- କଳାହାଣ୍ଡି ଜିଲା ଥୁ. କଲମପୁର ରାସ୍ତାରେ ଥିବା ସଙ୍ଗାରୀ ଘାଟି ରାସ୍ତାରେ ନିଘଞ୍ଚ ଜଙ୍ଗଲ ମଧରେ ସ୍ଥାପିତ ହୋଇଥିବା ମା' ବଞ୍ଜାରେନ୍ ଦେବୀଙ୍କ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଯାଇଛି। ଅଷ୍ଟାଦଶ ଶତାବ୍ଦୀରେ ମଧ ପ୍ରଦେଶ ଅଞ୍ଚଳରୁ ବଞ୍ଜାରା ସମ୍ପ୍ରଦାୟ ବ୍ୟବସାୟୀମାନେ ସେତେବେଳେ ସଙ୍ଗାରି ପାହାଡର ଘଞ୍ଚ ଜଙ୍ଗଲ ଦେଇ ଥୁଆମୂଳ ରାମପୁର ପର୍ଯ୍ୟନ୍ତ ବ୍ୟବସାୟର ସମ୍ପର୍କ ରଖିଥିଲେ। ପ୍ରତି କ୍ଷେତ୍ରରେ ହିଂସ୍ର ଜନ୍ତୁ ଓ ଡକାୟତମାନଙ୍କ ଭୟ ଥିବାରୁ ପାହାଡ ମଧରେ ବିଶ୍ୱାସର ସହିତ ମା' ବଞ୍ଜାରେନଙ୍କ ଏକ ବିଗ୍ରହ ସ୍ଥାପନ କରି ପୂଜାର୍ଚ୍ଚାନ କରୁଥିଲେ। ସେହି ମନ୍ଦିରର ତିଆରି ଓ ପ୍ରତିଷ୍ଠା ପାଇଁ ମୁଖିଗୁଡାର ପ୍ରମୋଦ ଦାସ ଓ ଜୟପାଟଣାର ଶଙ୍କର ଜୈନ ଉଦ୍ୟମ କରିଥିବା ଜଣାପଡିଛି। ମାଣିକେଶ୍ୱରୀଙ୍କ ମୁଖ୍ୟ ପୂଜକ ଅକ୍ଷୟ ରାୟଗୁରୁଙ୍କ ତତ୍ତ୍ୱାବଧାନରେ ପ୍ରତିଷ୍ଠା କାର୍ଯ୍ୟରେ ଶରତ ଚନ୍ଦ୍ର ମିଶ୍ର ପୂଜାରେ ସହଯୋଗ କରିଥିଲେ। ସୁଧାଂଶୁ ଶେଖର ସାମଲ ସପତ୍ନିକ କର୍ତ୍ତା ଥିଲେ।

# ଗମନାଗମନ ପାଇଁ ଟ୍ରାକ୍ଟର ହିଁ ଭରସା

■ ଧାର୍ଯ୍ୟ ସମୟ ବିତିଲା, ରାସ୍ତା ନିର୍ମାଣ ଶେଷ ହେଉନି

**ମୋହନଗିରି,୨୯।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ମୋହନଗିରି ଗ୍ରାମପଞ୍ଚାୟତର ପାହାଡ ଉପରେ ରହିଛି ୧୭ଟି ଗାଁ । ଏଠି କେବଳ ଆଦିବାସୀ କୁଇ ସମ୍ପ୍ରଦାୟର ଲୋକେ ବାସ କରନ୍ତି । ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ଏହି ସବୁ ଅଞ୍ଚଳ ଏବେ ବି ଶିକ୍ଷା ସ୍ୱାସ୍ଥ୍ୟ ଓ ଗମନା ଗମନ କ୍ଷେତ୍ରରେ ଅନେକ ପଛରେ ପଡିରହିଛି। ଗାଁକୁ ଯିବା ପାଇଁ ସ୍ଥାୟୀ ରାସ୍ତାଟିଏ ବି ନାହିଁ । ପ୍ରତି ଗାଁରେ ସ୍କୁଲ, ଅଙ୍ଗନବାଡି କେନ୍ଦ୍ର ଅଛି । କିନ୍ତୁ ଏସବୁ ନାମକୁ ମାତ୍ର । ସ୍ଥାନୀୟ ଇଲାକାର ଲୋକେ ଦୈନନ୍ଦିନିଅ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ସମ୍ପୂର୍ଣ୍ଣ ଭାବେ ମୋହନଗିରି କିମ୍ବା କନ୍ଧମାଳ ଜିଲାର ସୁଡ୍ରା ଗାଁ ଉପରେ ନିର୍ଭର କରି ଚଳି ଆସୁଛନ୍ତି । ସରକାରଙ୍କ ଦ୍ୱାରା ପ୍ରଦତ ଖାଉଟି ସାମଗ୍ରୀ ପାଇଁ ଏବେ ବି ଏମାନେ ମୋହନଗିରି ଗ୍ରାମପଞ୍ଚାୟତ ଉପରେ ନିର୍ଭର କରି ଥାନ୍ତି। ବର୍ଷେ ପୂର୍ବରୁ ଏସବୁ ସାମଗ୍ରୀକୁ ୧୦ରୁ ୧୫ କି.ମି. ଘାଟି ରାସ୍ତାରେ ବୋହିକି ନେଉ ଥିଲେ। କିନ୍ତୁ ନୂତନ ରାସ୍ତା ସଂଯୋଗୀକରଣ ଉଦ୍ଦେଶ୍ୟରେ କଳାହାଣ୍ଡି ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ମୋହନଗିରିଠାରୁ ଜାମୁଲି ପର୍ଯ୍ୟନ୍ତ ବର୍ତ୍ତମାନ ପ୍ରଧାନ ମନ୍ତ୍ରୀ ସଡକ ନିର୍ମାଣ କାମ ଆରମ୍ଭ ହୋଇଛି । ଏଥିପାଇଁ ଉଦ୍ଦିଷ୍ଟ ସୂଚନା ଫଳକ ଅନୁସାରେ ଅଟ୍ଟକଳ ପରିମାଣ ୭୩୫.୪୪ ଲକ୍ଷ ଟଙ୍କା ଥିବା ବେଳେ କାର୍ଯ୍ୟ ଆରମ୍ଭ ତା ୮-୫-୨୦୧୭ ଓ କାର୍ଯ୍ୟ ଶେଷ ୭-୮ -୨୦୧୮ ରିଖ ବୋଲି ଉଲ୍ଲେଖ କରାଯାଇଛି । କିନ୍ତୁ ଉଲ୍ଲେଖ ନିର୍ମାଣ ଶେଷ ତାରିଖ ଅତିକ୍ରାନ୍ତ ହୋଇସାରିଥିଲେ ବି ରାସ୍ତା ନିର୍ମାଣ କାର୍ଯ୍ୟ ଅଧାରେ ପଡିରହିଛି। ପୂର୍ବରୁ ଲୋକେ ଚାଲି ଯିବାଆସିବା କରୁଥିବା ବେଳେ ଏବେ ରାସ୍ତା ତିଆରି ପାଇଁ ନମୁନା କରାଯାଇଥିବାରୁ ସେହି କଚ୍ଚା ରାସ୍ତା ଦେଇ ଲୋକେ ଟ୍ରାକ୍ଟରରେ ଯିବାଆସିବା କରୁଥିବା ଦେଖିବାକୁ ମିଳୁଛି। ବିଶେଷ ଭାବେ ଘାଟି ରାସ୍ତା ହୋଇଥିବାରୁ ଅନ୍ୟ କୌଣସି ଯାନବାହନ ଯିବା ସମ୍ଭବ ହୋଇ ପାରୁନାହିଁ । ଲୋକେ ଟ୍ରାକ୍ଟରକୁ ହିଁ ଭରସା କରିଛନ୍ତି । ପ୍ରକାଶ ଥାଉକି ଏହି ରାସ୍ତାରେ ଗତ ଅଗଷ୍ଟ ୨୫ ତାରିଖରେ ଶବ ବାହକ ଗାଡି ଗାଁକୁ ଯାଇ ନ ପାରିବାରୁ ୫ କି.ମି. ପର୍ଯ୍ୟନ୍ତ ଖଟିଆରେ ମୃତଦେହକୁ ବୁହା ଯାଇଥିଲା । ଏହି ଘଟଣାକୁ ନେଇ ସେହି ସମୟରେ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଥିଲା।



ଟ୍ରାକ୍ଟରରେ ଲୋକେ ଖାଉଟି ସାମଗ୍ରୀ ନେଇ ଗାଁକୁ ଯାଉଛନ୍ତି ।

## ଓଡ଼ିଶା ୪ର୍ଥ ଶ୍ରେଣୀ ପଞ୍ଚାୟତ କର୍ମଚାରୀ ସଂଘ ବୈଠକ

**ଜୁନାଗଡ,୨୯।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ସଭାଗୃହଠାରେ ରବିବାର ଓଡିଶା ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ବ୍ଲକ ସଭାପତି ହର ପ୍ରସାଦ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ସମସ୍ତ ପଞ୍ଚାୟତର ପିଅନ, ରାତ୍ରି ଜଗୁଆଳି, ଝାଡୁଦ୍ୱାରାମାନେ ଯୋଗଦେଇଥିଲେ। ବର୍ଷ ବର୍ଷ ଧରି ଏହି କର୍ମଚାରୀମାନେ ୩ ଶହରୁ ୧୫ ଶହ ଟଙ୍କା ମଧରେ ପାରଶ୍ରମିକ ପାଇ ପଞ୍ଚାୟତ କାର୍ଯ୍ୟାଳୟରେ ଶ୍ରମିକ ଭାବେ କାମ କରୁଛନ୍ତି। ପୂର୍ବାହ୍ନ ୧୦ଟାରୁ ୫ଟା ପର୍ଯ୍ୟନ୍ତ ଖଟୁଥିଲେ ମଧ ସରକାରଙ୍କ ସର୍ବନିମ୍ନ ମଜୁରୀ ପାଇବାରୁ ବଞ୍ଚିତ ହୋଇଛନ୍ତି। ବାରମ୍ବାର ଦାବି କରିବା ସତ୍ତ୍ୱେ ରାଜ୍ୟ ସରକାର ୧୨୩/୧୯୬୪ ଓ ୧୨୫/୨୦୧୪ ଆଇନର ଆଳ ଦେଖାଇ ସେମାନଙ୍କୁ ଠକି ଚାଲିଛନ୍ତି। ରାଜ୍ୟ ସରକାର ଜିଆରଏସ୍, ଯୋଗାଣ ସହାୟକ, ଏସିଏମ୍, ଆଶା ଓ ଅଙ୍ଗନୱାଡି କର୍ମୀଙ୍କ କିଛି ଦାବି ମାନିଥିଲେ ମଧ ଏହି କର୍ମଚାରୀଙ୍କ ଦାବିକୁ ଅଣଦେଖା କରୁଥିବା ପ୍ରକାଶ କରିଛନ୍ତି। ଏହାସହ ନିୟମିତ ଦରମା ଓ ସ୍ଥାୟୀ ନିଯୁକ୍ତି ଦାବି ନେଇ ବୈଠକରେ ଆଲୋଚନା ହୋଇଥିଲା । ଯଦି ଏହି ଦାବି ସରକାର ନ ମାନନ୍ତି ତେବେ ଆସନ୍ତା ଅକ୍ଟୋବରରେ ବିଧାନସଭା ଘେରାଉ କରିବୁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଏହି ବୈଠକରେ ଜିଲା କୋଷାଧ୍ୟକ୍ଷ ନବିନ ଥପ୍ପା, ଜିଲା ଆବାହାକ ଲଳିତ ପାରି, ବ୍ଲକ ସାଧାରଣ ସମ୍ପାଦକ ଦେବେନ୍ଦ୍ର ମାଝି, କୋଷାଧ୍ୟକ୍ଷ ଯଦୁମଣି ଗହୀର, ଆବାହକ ମନୋରଞ୍ଜନ ଛତ୍ରିଆ, ପୂର୍ବତନ ବ୍ଲକ ସଭାପତି ମଦନ ମୋହନ ପାଣ୍ଡେ ପ୍ରମୁଖ ଯୋଗଦେଇଥିଲେ।

## ନର୍ଲା ବ୍ଲକ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ, କର୍ମକର୍ତ୍ତା ମନୋନୀତ

**କେସିଙ୍ଗା,୨୯।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକସ୍ଥିତ ସ୍ଥାନୀୟ ପଞ୍ଚାୟତ ସମିତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶିବ ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ନର୍ଲା ବ୍ଲକ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସଭାପତି ଭାବେ ଅର୍ଜୁନ କୁମାର ତାରିଣିଆ, ଉପସଭାପତି ଅର୍ଚ୍ଚନା ଦାସ, ତରୁଣ କୁମାର ସାହୁ, ସମ୍ପାଦକ ମୃତ୍ୟୁଞ୍ଜୟ ବେହେରା, ସହ ସମ୍ପାଦକ ତୁଷାରକାନ୍ତ ସାହୁ, ବିକ୍ରମ ଗଉଡ, ରାଜ୍ୟ କାଉନସିଲର ସଭ୍ୟ ରୂପେ ଦେବପ୍ରସାଦ ପଧାନ, ଜିଲା କାଉନସିଲର ସଭ୍ୟ ଭାବରେ ପ୍ରଫୁଲ୍ଲ ବାରିକ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ । ଜିଲା ସମ୍ପାଦକ ଓଷ୍ଟା ପ୍ରଭାତ କୁମାର ରଥ, କାର୍ଯ୍ୟକାରିଣୀ ସଭ୍ୟ ବିଷ୍ଣୁଚରଣ ଗଉଡ, ସଦର ବ୍ଲକ ସମ୍ପାଦକ ସୁଶିଲ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ନର୍ଲା ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ସେନାପତି ସ୍ୱାଗତ ଅଭିଭାଷଣ ଦେଇଥିଲେ । ବିକ୍ରମ ଗଉଡ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ପୂର୍ବତନ ବ୍ଲକ ସମ୍ପାଦକ ସୁରେଶ କୁମାର ଦାସଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ନର୍ଲା ବ୍ଲକ ବିଭିନ୍ନ ମାଧମିକ ବିଦ୍ୟାଳୟ ଶତାଧିକ ଶିକ୍ଷକ ଶିକ୍ଷକ ଅଂଶ ଗ୍ରହଣ କରିଥିଲେ ।





ନର୍ଲା ବ୍ଲକ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀରେ ମଞ୍ଚାସୀନ ଅତିଥିଗଣ ।

## ଆମ୍ବେଡକର ଭବନ ନିର୍ମାଣ ସକାଶେ ଭୂମି ପୂଜନ

**ଭବାନୀପାଟଣା,୨୯।୯(ଡି.ଏନ.ଏ.)**

ସ୍ଥାନୀୟ ଗୌନ୍ତିଆପଡାଠାରେ ଡ. ବି.ଆର୍ ଆମ୍ବେଡକରଙ୍କ ଭବନ ନିର୍ମାଣ ପାଇଁ ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ଅନୁସୂଚିତ ଜାତି ଅନୁଷ୍ଠାନ ଉପଦେଷ୍ଟ ବିଶ୍ୱମ୍ଭର ବାଗ ଯୋଗଦେଇଥିଲେ। ବାବା ସାହେବଙ୍କ ନୀତି ଆଦର୍ଶରେ ସମାଜକୁ ଶୃଙ୍ଖଳିତ କରି ଭାଇଚାରା ଗଠନ କରାଯିବା ଏବଂ ସମାଜର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିବା ସକାଶେ ଉପସ୍ଥିତ ସଦସମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଲଳିତ ନିଆଲ, ରମାକର କନ୍ଦପାନ, ସରୋଜ ନାଏକ, ରାକେସ ବାଗ, ନିଜୁ ପାଣିଗ୍ରାହୀ, କୌସବ ବିହାରୀ, ଗଙ୍ଗା ବେଶରା, ବୈକୁଣ୍ଠ ଶିଖା ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଅନୁସୂଚିତ ଜାତି କଳାହାଣ୍ଡି ଶାଖା ସଭାପତି ନାଦରାଜ ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

## ଏନ୍‌ଏସ୍‌ଏସ୍ ପ୍ରତିଷ୍ଠା ଦିବସ

**ଭବାନୀପାଟଣା,୨୯।୯(ଡି.ଏନ.ଏ.)**

ସ୍ଥାନୀୟ ସରକାରୀ ମହିଳା କଲେଜ ଓ ଉଚ୍ଚ ମାଧମିକ ସ୍କୁଲ ମିଳିତ ଆନୁକୂଲ୍ୟରେ ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ଅଧ୍ୟକ୍ଷ ତ୍ରିଲୋଚନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅର୍ଥନୀତି ବିଭାଗ ମୁଖ୍ୟ ଡ. ରଜନୀକାନ୍ତ ଜେନା ମୁଖ୍ୟଅତିଥି, ଅଧାପକ ଧୀରେଶ ଚନ୍ଦ୍ର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀମାନଙ୍କ ମଧରେ ନାରୀ ସଶକ୍ତୀକରଣ ଉପରେ ଏକ ଲଘୁ ନାଟକ ମଞ୍ଚସ୍ଥ ହୋଇଥିଲା। ସୁରେଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ । ରାଜକିଶୋର ପଣ୍ଡିତ ସହଯୋଗ କରିଥିଲେ।

## ସମିତି ବୈଠକ ବର୍ଜନ କଲେ ୧୧ ସମିତି ସଭ୍ୟ

**ଭବାନୀପାଟଣା,୨୯।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ପଞ୍ଚାୟତ ସମିତି ବୈଠକକୁ ଗତ ଶନିବାର ୧୧ ଜଣ ସମିତି ସଭ୍ୟାସଭ୍ୟ ବର୍ଜନ କରିଥିଲେ। ବ୍ଲକରେ ଘଟି ଆସୁଥିବା ଅନିୟମିତତାକୁ ତଦନ୍ତ କରା ନ ଯିବା, ବିଜୁ କେବିକେ ଯୋଜନାର ଏକ୍ସନ୍ ପ୍ଲାନ ସମ୍ପର୍କରେ ସମିତି ସଭ୍ୟାସଭ୍ୟଙ୍କ ଅବଗତ କରା ନ ଯିବା, ଡବ୍ଲ୍ୟୁଓଡିରେ ସମିତି ସଭ୍ୟାସଭ୍ୟଙ୍କୁ ଉପେକ୍ଷା କରାଯାଇ ଠିକାଦାରଙ୍କ ମର୍ଜିରେ ଅନୁମୋଦନ ହେବା ଏବଂ ସମିତି ସଭ୍ୟାସଭ୍ୟମାନେ ଦେଇଥିବା ଏକ୍ସନପ୍ଲାନକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ସମିତି ସଭ୍ୟାସଭ୍ୟମାନେ ସେମାନଙ୍କ ଅଧିକାର କ୍ଷୁର୍ଣ୍ଣ କରଯାଉଥିବା ନେଇ ଅସନ୍ତୋଷ ପ୍ରକାଶ କରି ବୈଠକ ବର୍ଜନ କରିଥିଲେ। ଧନଶୁଳୀ ସମିତି ସଭ୍ୟା ମିନତି ବେହେରା, ବାନେର ସମିତି ସଭ୍ୟ ଚନ୍ଦ୍ର ମାଝି, ବଡଟେମରି ସମିତି ସଭ୍ୟା ଲକ୍ଷ୍ମୀ ସୁନାନୀ, ରଣମାଳ ସମିତି ସଭ୍ୟା ସୁପ୍ରିୟା ଦୁର୍ଗା, ସିନ୍ଧିକାଗୁଡା ସମିତି ସଭ୍ୟା ଦେବକୀ ବାଣୁଆ, କୁଚାଗାଁ ସମିତି ସଭ୍ୟ ଇସ୍ମାଇଲ୍ ବାଗ, ବାଣ୍ଡିଗାଁ ସମିତି ସଭ୍ୟା ପ୍ରେମଶିଳା ନାଏକ, ପାଇକକେନ୍ଦୁମୁଣ୍ଡି ସମିତି ସଭ୍ ଶ୍ରୀକାନ୍ତ ସଭ୍ୟ, ଭଇଁରିଗୁଡା ସମିତି ସଭ୍ୟ ଚିନ୍ମୟ ରାଉତ, ଅଁଳାଭଟା ସମିତି ସଭ୍ୟ ଭୁବନେ ନାଏକ ଓ ହୀରାପୁର ସଭ୍ୟ ଭୂଜବଳ ପୂଝାରୀ ପଞ୍ଚାୟତ ସମିତି ବୈଠକ ବର୍ଜନ କରିଥିଲେ। ଏ ସମ୍ପର୍କରେ ସେମାନେ ପିଡି ଡିଆରଡିଏ ଏବଂ କଳାହାଣ୍ଡି ଜିଲାପାଳଙ୍କୁ ଅବଗତ କରାଇଥିବା ଜଣାଯାଇଛି ।



ବୈଠକ ବର୍ଜନ କରିଥିବା ସଭ୍ୟାସଭ୍ୟ ବୃନ୍ଦ ।

**ଜୟପାଟଣା ବ୍ଲକ**

## ଅଗ୍ନିକାଣ୍ଡରେ ଘର ଜଳିଗଲା, ଭିନ୍ନକ୍ଷମ ମହିଳା ଆହତ

**ଭବାନୀପାଟଣା,୨୯।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଧାମନଗୁଡା ଗାଁର ଗୁରୁବାର ରାତିର ଅଗ୍ନିକାଣ୍ଡ ଘଟି ଭିନ୍ନକ୍ଷମ ମହିଳା ନୀଳନ୍ଦ୍ରୀ ରାଉତ (୩୫)ଙ୍କ ଘର ଜଳି ଯାଇଛି। ଏଥିରେ ସେ ନିଜେ ମଧ ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଜୟପାଟଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁବାର ରାତି ସାଢେ ୧୦ଟାରେ ନୀଲେନ୍ଦ୍ରୀ ଘରେ ଶୋଇଥିଲେ। ଏହି ସମୟରେ କାଠ ଚୁଲିକୁ ଘରେ ନିଆଁ ଲାଗି ଯାଇଥିଲା। ପଡିଶା ଲୋକଙ୍କୁ ଉଠାଇବା ପରେ ସେମାନେ ଆସି ନିଆଁକୁ ଆୟତ୍ତ କରିଥିଲେ। ଘରର ଚାଉଳ ସମେତ କିଛି ବ୍ୟବହାର୍ଯ୍ୟ ସାମଗ୍ରୀ ବାହାର କରୁଥିବା ବେଳେ ନୀଲେନ୍ଦ୍ରୀଙ୍କ ଶରୀରର କିଛି ଅଂଶ ପୋଡି ଯାଇଛି। ସେତେବେଳେ ଜୟପାଟଣା ଡାକ୍ତରଖାନାରେ ୧୦୮ ଆମ୍ବୁଲାନ୍ସ ନ ଥିଲା। ରାତି ଗୋଟାଏ ପରେ ଆମ୍ବୁଲାନ୍ସ ଆସି ନୀଲେନ୍ଦ୍ରୀଙ୍କୁ ଡାକ୍ତରଖାନା ଆଣିଥିଲା। ଜୟପାଟଣା ତହସିଲଦାର ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରିଛନ୍ତି। ନୀଲେନ୍ଦ୍ରୀଙ୍କୁ ଚିକିତ୍ସା ସହିତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ଜିଲା ମୁଖ୍ୟ ଡାକ୍ତରଖାନାରୁ ଜଣେ ଦଲାଲ୍ ଗିରଫ

**ଭବାନୀପାଟଣା,୨୯।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମୁଖ୍ୟ ଡାକ୍ତରଖାନାରେ ଥିବା ରକ୍ତଭଣ୍ଡାରରୁ ଜଣେ ଦଲାଲଙ୍କୁ ଟାଉନ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦଲାଲ ଜଣକ ହେଲେ ବିନୋଦ ଭୋରାସାଗର। ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ରକ୍ତ ଆବଶ୍ୟକତା ପଡୁଥିବା ବେଳେ ରକ୍ତ ଭଣ୍ଡାରରେ ସେହି ଗ୍ରୁପର ରକ୍ତ ଉପଲବ୍ଧ ନ ଥିଲେ, ଦଲାଲ ଅର୍ଥ ନେଇ ରକ୍ତଦାତା ଯୋଗାଡ କରିଥାଏ। ବିନୋଦ ଗୁରୁବାର ରାତିରେ ଜଣେ ରୋଗୀଙ୍କୁ ରକ୍ତ ଯୋଗାଇଦେବା ପାଇଁ ରୋଗୀ ସମ୍ପର୍କୀୟଙ୍କ ସହ ଟଙ୍କା ମୂଲଚାଲ କରୁଥିବା ବେଳେ ଟାଉନ ଥାନା ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ଶୁକ୍ରବାର ବିନୋଦଙ୍କୁ ପୋଲିସ କୋର୍ଟ ଚାଲଣ କରିଛି।

### ପାନୀୟଜଳ ଯୋଗାଣ ଦାବିରେ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

## ଗାଁରେ ପହଞ୍ଚିଲେ ପ୍ରଶାସନିକ ଅଧିକାରୀ

■ ଗ୍ରାମବାସୀଙ୍କ ସହ ଆଲୋଚନା
■ କମଳ ନଦୀରୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇ ଦିଆଯିବ

**କୋକସରା,୨୯।୯ (ଡି.ଏନ.ଏ.)**

କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ପୀତବାସପୁର ଗ୍ରାମକୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ଦାବି ନେଇ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଲିଖିତ ଭାବେ ଜଣାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶନିବାର କୋକସରା ବିଡିଓ ବସନ୍ତ କୁମାର ସେଠୀ, ଗ୍ରାମ୍ୟ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଅଜିତ କୁମାର ସେଠୀ, ବ୍ଲକ କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟ ନାଥ ପ୍ରମୁଖ ପୀତବାସପୁର ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ନିକଟସ୍ଥ କମଲ ନଦୀରୁ ପାଇପ୍ ଯୋଗେ ତୁରନ୍ତ ପାନୀୟଜଳ ଯୋଗାଇ ଦେବାକୁ ବିଡିଓ ସେଠୀ ଗ୍ରାମବାସୀଙ୍କୁ କହିଥିଲେ। ଏପରି କି ବର୍ତ୍ତମାନ ଟ୍ୟାଙ୍କର ଯୋଗେ ଗ୍ରାମବାସୀଙ୍କୁ ପାନୀୟଜଳ ଯୋଗାଇ ଦେବାକୁ ବିଡିଓ ସେଠୀ କନିଷ୍ଠ ଯନ୍ତ୍ରୀଙ୍କୁ କହିଥିଲେ। ମିଳିଥିବା ସୂଚନା ମୁତାବକ, ଲଡୁଗାଁ ପଞ୍ଚାୟତ ପୀତବାସପୁର ଗ୍ରାମର ଜନସଂଖ୍ୟା ପ୍ରାୟ ୪ ଶହ। ଗ୍ରାମରେ ୪ଟି ନଳକୂପ ରହିଛି । ହେଲେ ନଳକୂପରେ ଫ୍ଲୋରାଇଡ ପାଣି ବାହାରୁଛି। ଫଳରେ ଫ୍ଲୋରାଇଡ ପାଣି ପିଇ ଗାଁର କେତେକ ଲୋକ କିଡନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟବରଣ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଉକ୍ତ ନଳକୂପଗୁଡିକୁ ବନ୍ଦ କରି ନୂତନ ଗଭୀର ନଳକୂପ କିମ୍ବା କମଲ ନଦୀରୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଥିଲେ। ସୂଚନାଯୋଗ୍ୟ ପୀତବାସପୁର ଗ୍ରାମକୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାନେଇ ଗ୍ରାମବାସୀ ବିଭିନ୍ନ ସମୟରେ ଆନ୍ଦୋଳନ କରିଥିବା ମଧ ଜଣାପଡିଛି।



ପ୍ରଶାସନିକ ଅଧିକାରୀମାନେ ପୀତବାସପୁର ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

### ମଧୁପୁରଠାରେ ବିଶାଳ ଆଦିବାସୀ ସମାବେଶ, ନୂଆଖାଇ ଭେଟ୍

## ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ସାମିଲ ହେଲେ ଆଦିବାସୀ

**ଲାଞ୍ଜିଗଡ଼,୨୯।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତ ମଧୁପୁରଠାରେ ବିଶାଳ ଆଦିବାସୀ ସମାବେଶ ଓ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଦିସ୍କନ୍ଦ ସମାଜ ଚାନ୍ଦାର ପ୍ରଗଣା ଓ କଳାହାଣ୍ଡି ଆଦିବାସୀ ଚେତନା ମଞ୍ଚର ଏହି ବିଶାଳ ସମାବେଶ ଆୟୋଜିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲା ଆଦିବାସୀ ଚେତନା ମଞ୍ଚର ସଭାପତି ପରମାନନ୍ଦ ମାଝି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରି, ସମ୍ମାନିତ ଅତିଥି ଭାବେ ଟିଡିସିସି ଅଧ୍ୟକ୍ଷ ଡମ୍ବରୁଧର ମାଝି, ଓଡିଶା ଆଦିବାସୀ କଲ୍ୟାଣ ମହାସଂଘର ଉପସଭାପତି ଜିତୁ ଜାକାସିକା, ଆଦିବାସୀ କର୍ମଚାରୀ ସମନ୍ୱୟ ସମିତି ସଭାପତି ଡ. ନିରଦ ଚନ୍ଦ୍ର କହଁର, ଆଦିବାସୀ ଚେତନା ମଞ୍ଚର ସମ୍ପାଦକ ଲକ୍ଷ୍ମଣ ଭୋଇ, ଆଦିବାସୀ କଲ୍ୟାଣ ସଂଘ ସମ୍ପାଦକ ଅନନ୍ତ ଶବର, ଆଦିବାସୀ ସଂଘ ଉପଦେଷ୍ଟା ରତୁରାଜ ମାଝି, ଆଦିବାସୀ ଗବେଷକ ମେଦିନୀଧର ଜାନୀ, ଆଦିବାସୀ ସଂଘ ଉପସଭାପତି ପ୍ରକାଶ ମାଝି, ଗଣ୍ଡ ସମାଜରଉପଦେଷ୍ଟା ନିରାକାର ପାତ୍ର, କମଳ ମଇଦାନ ସଭାପତି ଦୁର୍ଯ୍ୟୋଧନ ମାଝି, ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷ ଇଂ. ଫକୀରମୋହନ ମାଝି, ଲାଞ୍ଜିଗଡ଼ରୋଡ଼ ସରପଞ୍ଚ ଟଙ୍କଧର ମାଝି, ଗୋବର୍ଦ୍ଧନପୁର ସରପଞ୍ଚ ସୁରେନ୍ଦ୍ର ମାଝି, କିସ୍ନ କର୍ମକର୍ତ୍ତା ଦୁଷ୍ମନ୍ତ ପ୍ରଧାନ, ଆଦିବାସୀ ନେତ୍ରୀ ଦ୍ରୌପଦୀ ମାଝି, ଡିଓ ଜାକାସିକା, କଳାହାଣ୍ଡି ଭତ୍ରା ସମାଜ ସଭାପତି ନୀଳକଣ୍ଠ ମାଝି ପ୍ରମୁଖ ମଞ୍ଚାସୀନଥିଲେ। ଆଦିବାସୀ ସମାଜ ଆଜି ବି ଉନ୍ନତି କରିପାରି ନାହିଁ । ଏହାର କାରଣ ଅଶିକ୍ଷା, କୁସଂସ୍କାର । ତେବେ ଏସବୁଥିରୁ ମୁକୁଳି ଆଦିବାସୀ ସମାଜକୁ ଆଗକୁ ଅଗ୍ରସର ହେବାକୁ ପଡ଼ିବ । ଏଥିପାଇଁ ଶିକ୍ଷା ଓ ସଚେତନତାର ଆବଶ୍ୟକତା ରହିଛି । ସମାଜର ସମସ୍ତେ ଏ ଦିଗରେ ଯତ୍ନବାନ ହେବା ସହିତ ଏକଜୁଟ୍ ହେବାକୁ ପଡ଼ିବ ବୋଲି ଅତିଥିମାନେ କହିଥିଲେ । ଏହି ଅବସରରେ ଆଦିବାସୀ ଭବନ ନିର୍ମାଣ ପାଇଁ ପ୍ରସ୍ତାବ ଆଗତ ହୋଇଥିବାବେଳେ ବିଧାୟକଙ୍କ ଦ୍ୱାରା ଏହାର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବିରାଜ ମାଝି, କୁଳମଣି ମାଝି ଓ ଗୋବର୍ଦ୍ଧନପୁର ଆଦିବାସୀ ସମାଜର ତତ୍ତ୍ୱାବଧାନରେ ଅନୁଷ୍ଠିତ ସମାବେଶରେ କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳରୁ ଶହଶହ ଆଦିବାସୀ ପୁରୁଷ ଓ ମହିଳା ସାମିଲ ହୋଇଥିଲେ ।





ସମାବେଶରେ ମଞ୍ଚାସୀନ ଅତିଥି ।

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ନରେଶ


ରାଜୀବ


ସୁବାସ


ଟିକୁନ୍


ଲିପୁନ୍

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

### ■ ପେଟ୍‌ପାଟନାର ଚିନ୍ତାରେ ନାବାଳକ୍
# ପାଠ୍‌ପଢ଼ା ଛାଡ଼ି ଛେଲ୍ ଚରଉଛନ୍ ଜୟସିଂ

**ସିନାପାଲି, ୨୯।୯ (ଡି.ଏନ୍.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗଣ୍ଡାବାହାଲି ପଁଚେତ୍ ଗମ୍ଭାରୀଗୁଡ଼ା ଗାଁର ଜୟସିଂ ଭୋଇ(୧୨)। ଯେନ୍ ବଏସେ ସେ ବହିବସ୍ତାନି ଧରି ସାଂଗସାଥିକର ସଂଗେ ପାଠ୍ ପଢ଼ିଯିବାର କଥା, ସେ ବଏସେ ପେଟ୍‌ପାଟନାର ଲାଗି ହାତେ ଛତା, ଖଁଦେ ଟଂଗିଆ ଧରି ଛେଲ୍ ଚରେଇ ଯାଉଛନ୍। ଇଆଡ଼େ ଜୟସିଂ ଛୋଟ୍ ଥିଲାବେଲେ ମା'କେ ହରେଇଛନ୍। ସେ ମା'ର ସେନେହ ମମତା କାଣା ଜାନି ନାଇଁପାରି। ହେଲେ ଏହେଦେ ଜୟସିଂ ନିଜେ ରୋଗ୍ ସଂଗେ ଯୁଝୁଛନ୍। ସୂଚନା ଅନ୍‌ସାରେ ସିନାପାଲି ବ୍ଲକ ଗଣ୍ଡାବାହାଲି ପଁଚେତ୍ ଗମ୍ଭାରୀଗୁଡ଼ା ଗାଁର ନୂରପତି ଭୋଇକଁର ପରିବାର କହେଲେ ୨ ପୁଓ, ୨ ଝି। ମାଏକିନା କୁନ୍ତଲା ଭୋଇ ବନେ ବଛର କେତେ ହେଲା ଆରପାରକେ ଚାଲିଯାଇଛନ୍। ପରିବାରଟା ନିହାତି ଗରିବ୍ ଆର ଆଦିବାସୀ ସମାଜର। ନାଁକେ ଭଟାଟିକ୍‌ରା


ରୋଗ୍‌ରେ ପୀଡ଼ିତ ଜୟସିଂ ଭୋଇ।

କରି ଜମିବାଡ଼ି ଟିକେ ରହିଛେ। ଇତାର ବାହାରେ ରାଶନ କାର୍ଡରେ ପଁଚେତ୍‌ରୁ ଫିମାସ ଚାଉଲ ଦୁରା ପାଉଛନ୍। ହେଲେ ସେଟା ୫ ପରାନୀ କୁଟୁମ୍‌କେ ନିଅଁଟ୍

■ ଛୁଆବେଲୁ ମା'କେ ହରେଇଛନ୍
■ ରୋଗ୍ ସଂଗେ ଯୁଝୁଛନ୍ ଜୟସିଂ
■ ଉଚ ଚିକିଛା ଲାଗି ଟଁକା ଅଭାବ

ହେଉଛେ। ଏନ୍‌ତାଥି ନୂରପତି କୁଲିମଜୁରି କରି ଛୁଆପିଲାକୁ ପାଲୁଛନ୍। ହେଲେ ଘରେ ଅଭାବ୍ ଅନାଟନ ସବୁବେଲେ ଲାଗିରହିଛେ। ଇ ସମିଆରେ ପୁଓ ଜୟସିଂର ବେକେ ଗୁଟେ ଆବୁ ବଢୁଛେ। ନୂରପତି ପୁଓକେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଖଡ଼ିଆଳ, ନୂଆପଡ଼ା ଜିଲା ଡାକ୍ତରଖାନାକେ ନେଇ ଉଷୋକଷା କରିଛନ୍। ହେଲେ ରୋଗ୍ କମ୍‌ବାର ଜାଗାରେ ଦିନୁଦିନ୍‌କେ ବଢ଼ତେଲ ଯାଉଛେ। ଟଁକା ପଏସା ଅଭାବୁ ନୂରପତି ପୁଓର ଉଚ ଚିକିଛା କରେଇ ନାଇଁପାରବାର ବଲି କହିଛନ୍। ଇଆଡ଼େ କୁଟୁମ ପୁଷବାର ସଂଗେ ଦୁଇ ଯୁଆନ୍ ଝିଁକୁ ବିହା କରବାର ଚିନ୍‌ତା ନୂରପତିକୁଁ ଖାଇଯାଉଛେ। ଏନ୍‌ତାଥି ଉପେ ଶୁଇନ୍ ନୂରପତି ପୁଓ ଜୟସିଂର ଉଚ ଚିକିଛା ସଂଗେ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ୩୫ କେ.ଜି. ଚାଉଲ ଯୁଗେଇ ଦେବାକେ ଗଣମାଧ୍ୟମ ଜରିଆରେ ଜିଲା ଆର ଥାନୀଅ ପରଶାସନକେ ଗୁହାରି କରିଛନ୍। ଇ ବାବ୍‌ଦେ ସିନାପାଲି ବିଡିଓ ସୁରେନ୍ଦ୍ର ମେହେରକୁଁ ପଚରାଲାରୁ ଘଟନାର ତଦଁତ୍ କରି ପଦକ୍ଷେପ ନିଆଯିବା ବଲି ସେ କହିଛନ୍। ସେନ୍‌ତା ଘଟନା ବାବ୍‌ଦେ ସିନାପାଲି ଭ୍ରାମ୍ୟମାଣ ଡା.ଭୈରବ ପାଣିଗ୍ରାହୀକୁଁ ପଚରାଲାରୁ ଗାଁକେ ଯାଇ ଜାଣା ହେଇଛେ ଦେଖିଲା ଉତାରୁ ଉଚ ଚିକିଛା ଲାଗି ଉଚ କତୃରପକ୍ଷକୁଁ ଜନାମି ବଲି ସେ କହିଛନ୍।

## ସ୍କୁଲରୁ ଚାଉଳ ଚୋରି ଅଭିଯୋଗ

**ଭବାନୀପାଟଣା,୨୯।୯(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ତଳପଡା ବଙ୍କାପଲା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ପାଇଁ ରହିଥିବା ୨ କୁଇଣ୍ଟାଲ ଚାଉଳ ଚୋରି ହୋଇଯାଇଛି। ଦୁର୍ବୃତ୍ତମାନେ ତାଲା କାଟି ଚୋରି କରିଥିବା ଜଣାପଡିଛି। ଏ ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ ଜାଣିବା ପରେ ନିକଟସ୍ଥ କଲମପୁର ଫାଣ୍ଡି ପୋଲିସଙ୍କୁ ଲିଖିତ ଅଭିଯୋଗ କରିଥିଲେ। ପରେ କଲମପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ବର୍ତ୍ତମାନ ସୁଦ୍ଧା ଚାଉଳ ଚୋରି ଘଟଣାର ପୋଲିସ କୌଣସି ସୂଚନା ପାଇ ନ ଥିବା ଜଣାପଡିଛି। ଏପରି କି ପୂର୍ବରୁ ମଧ ଏହି ସ୍କୁଲରୁ ଚାଉଳ ଚୋରି ହୋଇଥିବା ସ୍ଥାନୀୟ ଲୋକଙ୍କଠୁ ଶୁଣିବାକୁ ମିଳିଛି। ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ କପିଲାସ ନାଏକଙ୍କୁ ପଚାରିବାରୁ ଚାଉଳ ଚୋରି ହେବା ନେଇ ସ୍ଥାନୀୟ ଫାଣ୍ଡରେ ଲିଖିତ ଅଭିଯୋଗ କରିଛୁ, ହେଲେ ଏବେ ସୁଦ୍ଧା ଚୋରି ହେବା ଚାଉଳ ମିଳିନାହିଁ ବୋଲି କହିଥିଲେ।

# ଧରାପଡ଼ିଲେ ଚୋର ଗ୍ୟାଙ୍ଗ, ୪ ଗିରଫ
## ମାଷ୍ଟର ମାଇଣ୍ଡ ଅଟୋ ଡ୍ରାଇଭର ଫେରାର, ଅଟୋ ଜବତ

**ବଲାଙ୍ଗୀର ଅଫିସ,୨୯।୯**

ବଲାଙ୍ଗୀର ଟାଉନ ଥାନା ପୋଲିସ ଶନିବାର ରାତିରେ ପାଟ୍ରୋଲିଂ କରୁଥିବାବେଳେ ଏକ ଚୋର ଗ୍ୟାଙ୍ଗ୍‌ର ୪ ଜଣ ସଦସ୍ୟଙ୍କୁ ଗିରଫ କରିଛି। ତେବେ ଏହି ଗ୍ୟାଙ୍ଗ୍‌ର ମାଷ୍ଟର ମାଇଣ୍ଡ ଜଣେ ଅଟୋ ଡ୍ରାଇଭର ଅଟୋ ଛାଡି ଫେରାର ହୋଇଯାଇଛନ୍ତି। ଉକ୍ତ ଗ୍ୟାଙ୍ଗଠାରୁ ପୋଲିସ ଏକ ଲୁହାରଡ୍ ସହ ଏକ ନମ୍ବରବିହୀନ ଅଟୋ ଜବତ୍ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ସହର ମାଲଗୋଦାମପଡାର ସୁଶାନ୍ତ ଛତ୍ରିଆ (୨୦), ମୁକେଶ ହରିପାଲ (୧୮), ସୁଦ୍‌ପଡାର ଗୋପାଳ ପୁଟେଲ (୨୦) ଓ ହାତୀଶାଳପଡାରେ ରହୁଥିବା ସୋନପୁର ବୀରମହାରାଜପୁର ଥାନା ଅନ୍ତର୍ଗତ ବଙ୍କିଆ ଗାଁର ସୁଶାନ୍ତ ସେଠୀ (୨୦)। ଏହି ଅଭିଯୁକ୍ତମାନେ ଏକାଧିକ ମାମଲାରେ ଜଡିତ ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। କିଛିଦିନ ହେଲା ସହରର ବିଭିନ୍ନ ସ୍ଥାନରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବିଶେଷ କରି ମାଳପଡା, ଉଦୟନଗର, ରେଲୱେ ଷ୍ଟେଶନ୍ ରୋଡ ଅଞ୍ଚଳରେ ଚୋରି ଅଭିଯୋଗ ହୋଇଥିଲା। ମାଳପଡାର ସନ୍ତୋଷ କୁମାର ଦାଶ


ଗିରଫ ୪ ଅଭିଯୁକ୍ତ।

ଗତ ୨୬ ତାରିଖରେ ତାଙ୍କ ଘରେ ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୂପା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ କରିଥିଲେ। ଏହାପୂର୍ବରୁ ଉଦୟନଗରରେ ମଧ ଏକାଧିକ ଚୋରି ଅଭିଯୋଗ ହୋଇଥିଲା। ଏଭଳି ଚୋରି ଘଟଣା ବୃଦ୍ଧି ପାଇବା ପରେ ପୋଲିସ ଟିମ୍ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ ବଢାଇଥିଲା। ଶନିବାର ରାତିରେ ପାଟୋଲିଂ ଚାଲିଥିବାବେଳେ ମାଳପଡା ଅଞ୍ଚଳରେ ଚୋରି ଉଦ୍ୟମ କରୁଥିବା ଏକ ଗ୍ୟାଙ୍ଗ ପୋଲିସ ହାବୁଡରେ ପଡିଥିଲା। ପୋଲିସ ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରି ଥିବାବେଳେ ଅଟୋରିକ୍ସାରେ ଥିବା ମାଷ୍ଟରମାଇଣ୍ଡ ଫେରାର ହୋଇଯାଇଥିଲା। ଏହି ମାଷ୍ଟରମାଇଣ୍ଡଙ୍କୁ ପୋଲିସ ଖୋଜୁଛି। ଅଟୋରିକ୍ସାରେ ବସି ଏହି ଚୋରଗ୍ୟାଙ୍ଗ ରାତିରେ ଏକାଧିକ ଚୋରି କରୁଥିବା ସ୍ୱୀକାର କରିଛନ୍ତି।

# କେସିଙ୍ଗା ବିଡିଓ, କର୍ମଚାରୀଙ୍କ ପକ୍ଷରୁ ସଫେଇ

**କେସିଙ୍ଗା,୨୯।୯ (ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଦୀର୍ଘ ଦିନରୁ ମଇଲା ଆବର୍ଜନା ଭରପୁର ହୋଇପଡ଼ିଥିଲା। ବିଡିଓ ଭୀମସେନ ଶବରଙ୍କ ନେତୃତ୍ୱରେ ବ୍ଲକ ପରିସରକୁ ସଫେଇ କରାଯାଇଛି। ବ୍ଲକର ରାସ୍ତା, ଜେଇଙ୍କ କଲୋନି, କାର୍ଯ୍ୟାଳୟର ଗଳିକନ୍ଦି, ମିଟିଂ ହଲ, ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ରର ପ୍ରତ୍ୟେକ କୋଠରୀ, ସିଡିପିଓ କାର୍ଯ୍ୟାଳୟକୁ ଯିବା ରାସ୍ତାକୁ କେସିଙ୍ଗା ବିଡିଓ ନିଜେ ଝାଡୁ ଧରି ସଫେଇ କରିଥିଲେ। ଏହି ସଫେଇ କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ ଇଞ୍ଜିନିୟର ଭୋଇ, ଆକାଉଣ୍ଟ ଅଫିସର କରୁଣାକର ସାମିନି, ଜିପିଓ, ଏପିଓ, କନିଷ୍ଠଯନ୍ତ୍ରୀ ଦିଲୀପ କୁମାର ପଟେଲ, ଚିତ୍ତରଞ୍ଜନ ଶତପଥୀ, ସାହୁ ଜେଇ ପ୍ରମୁଖ ସାମିଲ ହୋଇଥିଲେ।


କେସିଙ୍ଗା ବିଡିଓ ଏବଂ କର୍ମଚାରୀମାନେ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି।

# ଭାଜପାର ବୁଦ୍ଧିଜୀବୀ ସମ୍ମିଳନୀ


ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେଇଥିବା ଅତିଥି।

**ଭବାନୀପାଟଣା,୨୯।୯(ଡି.ଏନ.ଏ.)**

ଜମ୍ମୁକଶ୍ମୀରରୁ ୩୭୦ ଧାରା ହଟାଇବା ଭାରତ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା। ଏହି ଧାରାକୁ ଉଚ୍ଛେଦ କରି ନୂତନ କଶ୍ମୀର ନିର୍ମାଣ ଆରମ୍ଭ ହୋଇଛି ବୋଲି ଭବାନୀପାଟଣାଠାରେ ଆୟୋଜିତ ଏକ ବୁଦ୍ଧିଜୀବୀ ସମ୍ମିଳନୀରେ ଅତିଥିମାନେ ମତପ୍ରକାଶ କରିଥିଲେ। କଳାହାଣ୍ଡି ଭାଜପା ପକ୍ଷ ଭବାନୀପାଟଣା ସହରସ୍ଥିତ ଏକ ହୋଟେଲର ଆୟୋଜିତ ରାଷ୍ଟ୍ରୀୟ ଏକତା ଅଭିଯାନ ବୁଦ୍ଧିଜୀବୀ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ତଥା ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା, ସମ୍ମାନିତ ଅତିଥି ଭବାନୀପାଟଣା ବିଧାୟକ ତଥା ରାଜ୍ୟ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ ଯୋଗଦେଇଥିଲେ। ଭାନୁ ପ୍ରକାଶ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅକ୍ଷୟ ନନ୍ଦ, ଗୋପବନ୍ଧୁ ବେହେରା, ଆଇନଜୀବୀ ଜଗନ୍ନାଥ ମୁଣ୍ଡ, ଉମା ଶଙ୍କର କର, ସତ୍ୟ ନାରାୟଣ ମହାପାତ୍ର, ଭାରତ ଠାକୁର, ଉମେଶ ପଣ୍ଡା, ସଞ୍ଜୀବ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ଆଜି କ'ଣ କେଉଁଠି

**ଲୋଇସିଂହା**
■ ଆଚାର୍ଯ୍ୟ ବିକାଶ ଦିବସ, ଲୋଇସିଂହା ଶିଶୁ ମନ୍ଦିର ପରିସର, ସକାଳ ୭ଟା।

**ଦେବଗଡ**
■ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର, ଟାଉନ ହାଇସ୍କୁଲ, ପୂର୍ବାହ୍ନ ୧୦ଟା।

**ବରଗଡ**
■ ସମଲେଶ୍ୱରୀଙ୍କ ବ୍ରହ୍ମଚାରିଣୀ ବେଶ, ସମଲେଶ୍ୱରୀ ମନ୍ଦିର, ସକାଳ ୫ଟା।
■ ତ୍ରିରଙ୍ଗା କପ୍ ଫୁଟବଲ(ମ୍ୟାଚ- ଧାଙ୍ଗେର ବନାମ ସାହାଜବାହାଲ, ବରଡୋଲ ବନାମ ଲୁହୁରାଚଟି) ଖୁଣ୍ଟପାଲି ପଡିଆ, ଦିନ ୧ଟା।

**ଅମରପାଲି**
■ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର, ବ୍ଲକ ସଭାଗୃହ ବୀରମହାରାଜପୁର, ପୂର୍ବାହ୍ନ ୧୦ଟା।

**ରାଉରକେଲା**
■ ଯୋଗୀ ଲାହିରୀଙ୍କ ଜନ୍ମ ଉତ୍ସବ, ଜଗଦା କ୍ରିୟାଯୋଗ ଧ୍ୟାନ କେନ୍ଦ୍ର, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
■ ସମଲେଇଙ୍କ ଧବଳମୁଖୀ ଦର୍ଶନ, ସମଲେଇ ମନ୍ଦିର, ସକାଳ ୫ଟାରୁ ଅପରାହ୍ନ ୨ଟା।
■ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବିରେ ଧାରଣା ଓ ବିକ୍ଷୋଭ, କଚେରି ଛକ, ପୂର୍ବାହ୍ନ ୧୦ଟା।
■ ଭାରତୀୟ ଜୀବନ ବିମା କର୍ମଚାରୀ ସଂଘର ସମ୍ମିଳନୀ ଦ୍ୱିତୀୟ ଦିବସ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ସାଢ଼େ ୧୦ଟା।
■ ଗୁପ୍ତେଶ୍ୱରୀଙ୍କ ବ୍ରହ୍ମଚାରିଣୀ ବେଶ, ଲମ୍ବଡୁଙ୍ଗୁରୀ ପାହାଡ ଗୁପ୍ତେଶ୍ୱରୀଙ୍କ ପୀଠ, ପୂର୍ବାହ୍ନ ସାଢ଼େ ୧୦ଟା।
■ ଡା. ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ୨ଟା।
■ ମା' ମଙ୍ଗଳାଙ୍କ ଦଶହରା ପୂଜା ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ବଡବଜାର ରାଧାମାଧବ ମନ୍ଦିର, ସନ୍ଧ୍ୟା ୬ଟା।

**ବଲାଙ୍ଗୀର**
■ କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୦ଟା।

**ନୂଆପଡ଼ା**
■ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ, ଖରିଆର ରୋଡ ନୋଡ଼ାଲ ହାଇସ୍କୁଲ, ଅପରାହ୍ନ ୩ଟା।
■ ଗୁରୁ ନାନକ ଜୟନ୍ତୀ ସମାରୋହ, ଖରିଆର ରୋଡ ଗୁରୁଦ୍ୱାରା, ସନ୍ଧ୍ୟା ୭ଟା।
■ କ୍ରାନ୍ତି ଦିବସ, ସାଲିଆ, ପୂର୍ବାହ୍ନ ୧୦ଟା।

## ସିଆର୍‌ପିଏଫ୍ ଯବାନଙ୍କ ପକ୍ଷରୁ ସଫେଇ

**ଲାଞ୍ଜିଗଡ,୨୯।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ସିକେରକୁପାଠାରେ ଥିବା ସିଆର୍‌ପିଏଫ୍ ୬୪ ବାଟାଲିୟନର ଯବାନମାନଙ୍କ ଦ୍ୱାରା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମାଣ୍ଡର ଇନ୍ସପେକ୍ଟର ଗୁଣନିଧି ପ୍ରଧାନ, ସବ୍‌ଇନ୍ସପେକ୍ଟର ଏନ୍‌ଏମ୍ ପାଣ୍ଡେଙ୍କ ନେତୃତ୍ୱରେ ଯବାନମାନେ ସିକେରକୁପା ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ କ୍ୟାମ୍ପ ନିକଟରେ ଥିବା ଆଦର୍ଶ ଅଙ୍ଗନୱାଡି କେନ୍ଦ୍ରରେ ସଫେଇ କରିବା ସହ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଜନସାଧାରଣଙ୍କ ମଧ୍ୟରେ ସ୍ୱଚ୍ଛତା ଓ ଏହାର ଉପକାରିତା ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବ୍ରାହ୍ମଣ ଚାରି ବର୍ଣ୍ଣରେ ରଜା**
**ବାଳିଆ ମାଛ ଥାଇ ବୋଇଲା**
**ମୁଁ ମାଛଙ୍କ ଭିତରେ ରଜା।**

ଜ୍ୟୋତିଷ ଶାସ୍ତ୍ରରେ ୧୨ଗୋଟି ରାଶିକୁ ୪ଟି ବର୍ଣ୍ଣ ଯଥା ବିପ୍ର, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ବର୍ଣ୍ଣରେ ବିଭକ୍ତ କରାଯାଇଛି। ତନ୍ମଧ୍ୟରୁ ବିପ୍ର ବର୍ଣ୍ଣକୁ ପ୍ରଥମ ବର୍ଣ୍ଣର ମାନ୍ୟତା ପ୍ରଦାନ କରାଯାଇଛି। ସେହିପରି ବାଳିଆ ମାଛର ଆକାର ଅନ୍ୟ ମାଛ ତୁଳନାରେ ବହୁତ ବଡ଼ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାଇଗଣ ଝଟେଇ**
**ଏଠା କଥା ସେଠେଇ କହେ**
**ନାଲ୍‌ବାଈ ଖେଣ୍ଟେଇ।**

କେତେକ ମହିଳା କଳିହା ପ୍ରକୃତିର ହୋଇଥାନ୍ତି। ଖେଣ୍ଟେଇ କରି କଥା କହି ଅଯଥା ଦ୍ୱନ୍ଦ୍ୱ ତଥା କଳହ ସୃଷ୍ଟି କରାଇବା ସେମାନଙ୍କ ମନ୍ଦପ୍ରକୃତି ହୋଇଥାଏ। ଯା'କଥା ତା' ଆଗରେ ତା'କଥା ଯା' ଆଗରେ କହି ଅପ୍ରିୟତା ସୃଷ୍ଟି କରୁଥିବା ମହିଳାଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ



ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ।

- ରବର୍ଟ ବର୍ଟନ



## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କୁ ପେପର ବ୍ୟାଗ୍ ପ୍ରସ୍ତୁତି ପ୍ରଶିକ୍ଷଣ

ବେଲପାହାଡ଼,୨୯।୯ (ଡି.ଏନ୍.ଏ.)- ଝାରସୁଗୁଡ଼ା ଜିଲା ବେଲପାହାଡ଼ ଡ଼ିଗ୍ରୀ କଲେଜରେ ରବିବାର ୟୁଥ୍ ରେଡକ୍ରସର ପ୍ରବେଶିକା ଉତ୍ସବ ଓ ପେପର ବ୍ୟାଗ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଆଶିଷ କୁମାର ଦାଶ, ୟୁଥ ରେଡକ୍ରସ ଜିଲା ସଂଯୋଜକ ସୁରେନ କୁମାର ପ୍ରଧାନ, ସମ୍ପାଦକ ସରୋଜ କୁଅଁର, ରେଡକ୍ରସ ପ୍ରଭାରୀ ଅନୁରାଧା ପ୍ରସାଦ, ଅଧାପକ ବି.ନାହାକ, ଆର.କେ.ନାୟକ ଓ ୫୦ ଜଣ ରେଡକ୍ରସ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ରେଡକ୍ରସ ପ୍ରଭାରୀ ଛାତ୍ରୀଛାତ୍ରଙ୍କୁ ପେପର ବ୍ୟାଗ୍ ପ୍ରସ୍ତୁତି ପ୍ରଣାଳୀ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ର ଶିବିରରେ ୫୦୦ ଖଣ୍ଡ ବ୍ୟାଗ୍ ନିର୍ମାଣ କରିଥିଲେ। ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ରେଡକ୍ରସ ପକ୍ଷରୁ ଏକ ରାଲି ଆୟୋଜିତ ହେବ। ଏଥିରେ ଛାତ୍ରୀଛାତ୍ର ପ୍ଲାଷ୍ଟିକ୍ ବର୍ଜନ କରିବା ସହ ବିକଳ୍ପ ଭାବେ ପେପର ବ୍ୟାଗ୍ ବ୍ୟବହାର କରିବା ପାଇଁ ବ୍ୟବସାୟୀ ତଥା ଜନସାଧାରଣଙ୍କୁ ସଚେତନ କରିବେ।

### ରୁଙ୍ଗଟା ମାଇନ୍ସରେ କାର୍ଯ୍ୟବନ୍ଦ ଆନ୍ଦୋଳନ

# ୪ଘଣ୍ଟା କୋଇଲା ପରିବହନ ବନ୍ଦ

ବ୍ରଜରାଜନଗର, ୨୯।୯ (ଡି.ଏନ୍.ଏ.)

ବ୍ରଜରାଜନଗର ଅଞ୍ଚଳରେ କାର୍ଯ୍ୟ କରୁଥିବା ଭାରତ ସରକାରଙ୍କ ବୃହତ୍ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହାନଦୀ କୋଇଲା କମ୍ପାନୀ କାର୍ଯ୍ୟ କରୁଛି। ହେଲେ ଏମ୍‌ସିଏଲ୍ ଅଧୀନରେ କାର୍ଯ୍ୟରତ ଠିକା କମ୍ପାନୀର ମନମୁଖି ପରିଚାଳନା ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ନିଦ ହଜେଇ ଦେଇଛି। ଖଣି ଅଞ୍ଚଳରେ ପ୍ରତ୍ୟକ ଦିନ କିଛି ନା କିଛି ସମସ୍ୟା ଉପୁଜୁଛି। ରବିବାର ରୁଙ୍ଗଟା ମାଇନ୍ସର ସୁପରଭାଇଜରମାନଙ୍କୁ ଓଡ଼ିଶା ବାହାରକୁ ତୁରନ୍ତ ବଦଳି ନିର୍ଦ୍ଦେଶକୁ ନେଇ ସୁପରଭାଇଜର ଓ ଡ୍ରାଇଭରମାନେ ୪ ଘଣ୍ଟା କୋଇଲା ପରିବହନ ବନ୍ଦ କରିଦେଇଥିଲେ। ହେଲେ ପ୍ରଶାସନକୁ ଆଗୁଆ ନ ଜଣାଇ କାର୍ଯ୍ୟବନ୍ଦ କରିଥିବାରୁ ରାମପୁର ଫାଣ୍ଡି ଅଧିକାରୀ ରବୀନ୍ଦ୍ର ଭଇଁଷା ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ପରିସ୍ଥିତିକୁ ସ୍ୱାଭାବିକ କରାଇଥିଲେ। ହେଲେ ୩୬ ଘଣ୍ଟା ଭିତରେ ସମସ୍ୟାର ସମାଧାନ ନ ହେଲେ ସେମାନେ ପୁନର୍ବାର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଘଟଣାରୁ ଜଣାଯାଏ ରୁଙ୍ଗଟା ମାଇନ୍ସରେ କୋଇଲା ପରିବହନ ପାଇଁ ୨୩ ଜଣ ସୁପରଭାଇଜର ନିଯୁକ୍ତ ଅଛନ୍ତି। କମ୍ପାନୀ ମ୍ୟାନେଜର ଗତ ୨୭ ତାରିଖ ଦିନ ନୋଟିସ ଲେଖି ୨୮ ତାରିଖ ସନ୍ଧ୍ୟାରେ ୧୨ ଜଣଙ୍କୁ ଝାଡ଼ଖଣ୍ଡର ଅନ୍ୟ ଏକ ମାଇନ୍ସକୁ ବଦଳି କରିଛନ୍ତି। ୨୯ ତାରିଖ ଦିନ ସେଠାରେ କାର୍ଯ୍ୟରେ ଯୋଗଦେବାକୁ ନୋଟିସରେ ଲେଖାଯାଇଛି। ଏମାନଙ୍କ କହିବା କଥା ଆମେ ସମସ୍ତେ ବ୍ରଜରାଜନଗର ଅଞ୍ଚଳର। ଯଦି କମ୍ପାନୀ କ୍ଷତିରେ ଚାଲିଛି ତେବେ ଦୈନିକ ହାଜିରି ୩୦ ଦିନ ପରିବର୍ତ୍ତେ ୧୫ଦିନ ଦିଆଯାଉ। କମ୍ ଦରମାରେ ବି ଆମେ ଏଠାରେ ପରିବାର ସହ ରହି ଚଳିପାରିବୁ। ଆଗକୁ କୋଇଲା ଉତ୍ପାଦନ ବଢ଼ିଲେ ପୁଣି ୩୦ ଦିନର ହାଜିରି ଦେବୁ। କମ୍ପାନୀ ସହିତ ନିଜକୁ ଖାପ ଖୁଆଇ ଚଳି ପାରିବୁ। ଆମ କଥା ନ ଶୁଣି କମ୍ପାନୀ କର୍ତ୍ତୃପକ୍ଷ ଆକ୍ରୋଶ ମନୋଭାବ ରଖି ରାଜ୍ୟ ବାହାରକୁ ପଠାଇ ହଇରାଣ କରାଇବାକୁ ଚାହୁଁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏନେଇ ସମଲେଶ୍ୱରୀ ପିଓ ପି.ପି. ଗୁପ୍ତାଙ୍କୁ ପଚାରିବାରୁ ଯଥାଶୀଘ୍ର ସମସ୍ୟାର ସମାଧାନ କରିବେ ବୋଲି ସେ କହିଛନ୍ତି।



ରୁଙ୍ଗଟା ମାଇନ୍ସରେ ସୁପରଭାଇଜର ଓ ଡ୍ରାଇଭରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି।

### ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ

# ଥାନାରେ ଟଙ୍କା ମାଗି ଏଏସ୍‌ଆଇ ନିଲମ୍ବିତ

ଲଖନପୁର, ୨୯।୯ (ଡି.ଏନ.ଏ)

ଝାରସୁଗୁଡ଼ା ଜିଲା ବନହରପାଲି ଥାନାରେ କାର୍ଯ୍ୟରତ ଜଣେ ପୋଲିସ ଅଧିକାରୀ ଏଏସଆଇ ପରକ୍ଷୀତ ସାହୁ ଏକ ଜବତ ଟାଟା ମ୍ୟାଜିକ ଗାଡ଼ିକୁ ଥାନାରୁ ଛାଡିବା ପାଇଁ ଗାଡି ମାଲିକ କପିଳ ଚୌଧୁରୀଙ୍କୁ ଥାନା ଭିତରେ ଟଙ୍କା ମାଗିଥିଲେ। ଏହି ଘଟଣାକୁ ଗାଡ଼ି ମାଲିକ ଚୌଧୁରୀ ଚତୁରତାର ସହ ନିଜ ମୋବାଇଲରେ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଛାଡିଥିଲେ। ଏହା ଭାଇରାଲ ହେବା ପରେ ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି ସରକାରୀ ନିର୍ଦ୍ଦେଶ ୫ଟିକୁ ଆଧାର କରି ସମ୍ପୃକ୍ତ ଏଏସ୍‌ଆଇ ସାହୁଙ୍କୁ ରବିବାର ଚାକିରିରୁ ନିଲମ୍ବିତ କରିଛନ୍ତି। ଏ ଘଟଣା ଅଞ୍ଚଳରେ ଏକ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାନୁସାରେ ଗତ ୧୨ ତାରିଖରେ ଓଡି ୨୩ ଏର୍– ୬୩୩୬ ନମ୍ବର ଟାଟା ମ୍ୟାଜିକ ଗାଡ଼ି ଛଡ଼ାରମା ଗ୍ରାମରୁ ସ୍କ୍ରାପ ବୋଝେଇ କରି ସମ୍ବଲପୁର ଯାଉଥିବା ବେଳେ ବନହରପାଲି ପୋଲିସ ହାତରେ ଧରାପଡିଥିଲା। ଏଥିରେ ବୋଝେଇ ହୋଇଥିବା ୫ କୁଇଣ୍ଟାଲ ସ୍କ୍ରାପକୁ ପୋଲିସ ଜବତ କରିଥିଲା। ପୋଲିସ ଏନେଇ ବନହରପାଲି ଥାନା କେସ୍ (ନଂ. ୧୧୩/୧୯)ରେ ଏକ ମାମଲା ରୁଜୁ କରି ଗାଡି ମାଲିକ ତଥା ଚାଳକ ଚୌଧୁରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗାଡ଼ି ମାଲିକ ଚୌଧୁରୀ ଜେଲରୁ ଜାମିନରେ ଆସିବାପରେ ପୋଲିସ ଜବତ କରିଥିବା ଗାଡିକୁ ମଧ୍ୟ କୋର୍ଟରୁ ରିଲିଜ କରିଥିଲେ। କୋର୍ଟ ଅର୍ଡର ଧରି ଗାଡ଼ି ମାଲିକ ଚୌଧୁରୀ ଥାନାକୁ ଆସିଥିବା ବେଳେ ପୋଲିସ ଅଧିକାରୀ ଜଣଙ୍କ ତାଙ୍କୁ ଟଙ୍କା ମାଗିଥିଲେ।



ନିଲମ୍ବିତ ଏଏସ୍‌ଆଇ ପରକ୍ଷୀତ ସାହୁ।

# କୋଲାବିରାରେ ମହାଳୟା ବଳୀଯାତ୍ରା ସମ୍ପନ୍ନ

କୋଲାବିରା,୨୯।୯ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା କୋଲାବିରାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଅମାବାସ୍ୟା ବଳୀଯାତ୍ରା ପାରମ୍ପରିକ ରୀତିନୀତିରେ ଶୁକ୍ରବାର ଆରମ୍ଭ ହୋଇଛି। ଅମାବାସ୍ୟା ତିଥିରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଅବସରରେ ଶୁକ୍ରବାର ରାତିରେ ସମଲେଇ ଘାଟରେ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା। ଶନିବାର ରାତିରେ ପୂଜା କମିଟି ଓ ଗ୍ରାମବାସୀ ଗାଁ ମୁଖିଆ ବୀରଅମରେନ୍ଦ୍ର ପ୍ରତାପ ସିଂହ, ବରୁଆ ଅଶ୍ୱିନୀ ରାଏ ଏବଂ ପୁରୋହିତ କ୍ଷୀରୋଦ ଚନ୍ଦ୍ର ପୂଝାରୀଙ୍କୁ ନିମନ୍ତ୍ରଣ ପୂର୍ବକ ପାଛୋଟି ଆଣିଥିଲେ। ପରେ ସେବାୟତଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ ଅମାବାସ୍ୟା ବଏଲଯାତ୍ରା ଆରମ୍ଭ କରାଯାଇଥିଲା। ପୂର୍ବରୁ ମନ୍ଦିର ପୂଜକମାନେ ଦେବୀଙ୍କ ସାଜସଜ୍ଜା ଆରମ୍ଭ କରିଥିଲେ। ବଳୀଯାତ୍ର ପୂର୍ବରୁ ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦାଠାରୁ ୯ ଦିନ ବ୍ୟାପୀ ସମଲେଇ ମନ୍ଦିରରେ ଅଖଣ୍ଡଦୀପ ପ୍ରଜ୍ୱଳନ, ସପ୍ତମୀ ତିଥିରେ ପାଟଖଣ୍ଡା ସ୍ଥାପନ ଓ ନିଶାପୂଜା, ଅଷ୍ଟମୀ ତିଥିରେ ଷୋହଳ ଖଣ୍ଡା ସ୍ଥାପନ ହେବ। ଫୁଲୁରି ଓଷା ଦିନ ରାତି ରାୟ କାଲୋ ସଂପ୍ରଦାୟର ଜଣେ ବରୁଆ ଦେହରେ ପୂଜକମାନେ ପୂଜାର୍ଚ୍ଚନା କରି ଦୈବୀଶକ୍ତି ସଂଚାର କରିଥିଲେ। ପରେ ବରୁଆ ଷୋହଳ ଭରଣୀ ବାଦ୍ୟରେ ତାଳେ ତାଳେ ନାଚି ନାଚି ପୀଠରୁ ବାହାରିଥିଲା। ବରୁଆ ଦେହରେ ଦୈବୀଶକ୍ତି ସଂଚାରିତ ହେବାପରେ ବରୁଆକୁ ସମଲେଇଶ୍ୱରୀଙ୍କ ସାକ୍ଷାତ ଅବତାର ବୋଲି ବିବେଚନା କରାଯାଏ। ବରୁଆ ରାତିରେ ପିଠରୁ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମ ପରିକ୍ରମା ସମୟରେ ବରୁଆଙ୍କୁ ଘରେ ଘରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ବରୁଆ ଗ୍ରାମ୍ୟ ପରିକ୍ରମା ପରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ବରୁଆ ଦେହରୁ ଦୈବୀଶକ୍ତି ଅପସାରିତ ହୋଇଥିଲା। ଏହି ବଳୀଯାତ୍ରା ଦେଖିବାକୁ ଆଖପାଖର ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥିଲା।



ଦୈବୀଶକ୍ତି ସଂଚାରିତ ବରୁଆଙ୍କୁ ମନ୍ଦିରରୁ ବାହାର କରାଯାଉଛି।

### ଦୁର୍ଦ୍ଦିନରେ ଛାତ୍ରାବାସର ଅନ୍ତେବାସୀ

# ସରକାରୀ ଚାଉଳ ପାଇବାରୁ ବଞ୍ଚିତ ଛାତ୍ରୀଛାତ୍ର

କୋଲାବିରା,୨୯।୯ (ଡି.ଏନ୍.ଏ.)

ଆଦିବାସୀ ହରିଜନ ଛାତ୍ରୀଛାତ୍ରଙ୍କ ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଆରମ୍ଭ କରାଯାଇଛି। ଏହି କ୍ରମରେ ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ସମାସିଂହା ସ୍ଥିତ କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟ, ଝାରସୁଗୁଡା ବ୍ଲକର ଆଦର୍ଶ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଜମେରା, ଲଖନପୁର ବ୍ଲକର କଣ୍ଡେଇକେଲା ହାଇସ୍କୁଲ, ଉଦୟବେହେରା ହାଇସ୍କୁଲ ପଲସଦା ଓ ପଞ୍ଚାୟତ ହାଇସ୍କୁଲ ସମରବଗାରେ ଛାତ୍ରାବାସ ଆରମ୍ଭ କରାଯାଇଛି। ବିଗତ ବର୍ଷଗୁଡ଼ିକରେ ପ୍ରତ୍ୟେକ ମାସ ନିର୍ଦ୍ଧାରିତ ପରିମାଣର ଚାଉଳ ଛାତ୍ରୀଛାତ୍ରଙ୍କ ସଂଖ୍ୟାନୁଯାୟୀ ପ୍ରଦାନ କରାଯାଉଥିଲା। ହେଲେ ଚଳିତ ବର୍ଷ ଏପ୍ରିଲ ମାସଠାରୁ ଉକ୍ତ ଚାଉଳ ଯୋଗାଣ ବନ୍ଦ ରହିଛି। ଫଳରେ ଅନ୍ତେବାସୀଙ୍କ ସର୍ବନିମ୍ନ ଅଧିକାର ଖାଦ୍ୟ ଗଣ୍ଡେ ପାଇଁ ବାରଦୁଆର ହେବାକୁ ପଡୁଛି। ଏ ସମ୍ପର୍କରେ ବିଭିନ୍ନ ସ୍କୁଲ କର୍ତ୍ତୃପକ୍ଷ ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ମହୋଦୟ ଏ ସମସ୍ୟା ବିଷୟରେ ଜିଲାପାଳଙ୍କୁ ଫୋନ ଜରିଆରେ ଅବଗତ କରିଥିଲେ। ବିଧାୟକଙ୍କ ସୁପାରିସ ଅନୁସାରେ ସମାସିଂହା କ୍ଷୀରୋଦ ଗୌନ୍ତିଆ ବାଳିକା ମହାବିଦ୍ୟାଳୟର ସଭାପତି ଡୁଲାରାମ ସେନାପତି ୫ ତାରିଖ ଜିଲାପାଳଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାପାଳ ସମସ୍ୟା ସମ୍ପର୍କରେ ଅବଗତ ହେଲାପରେ ଜିଲା ଖଣିଜ ପାଣ୍ଠିରୁ ଚାଉଳ ଯୋଗେଇ ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଜିଲାପାଳଙ୍କ ପ୍ରତିଶ୍ରୁତି ମାସାଧିକ କାଳ ବିତିଯାଇଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇପାରି ନାହିଁ। ଏପଟେ ଛାତ୍ରାବାସରେ ରହୁଥିବା ଛାତ୍ରୀଛାତ୍ରଙ୍କୁ ଦିନକୁ ଦୁଇଥର ଭୋଜନ ଓ ଜଳଖିଆ ଦେବାର ବ୍ୟବସ୍ଥା ରହିଛି। ଏନେଇ ଛାତ୍ର ପ୍ରତି ମାସକୁ ୭୫୦ଟଙ୍କା ଓ ୫୦୦ଗ୍ରାମ ଚାଉଳ ପ୍ରଦାନ କରାଯାଉଥିଲା। ହେଲେ ଏପ୍ରିଲ ମାସରୁ ଏହା ବନ୍ଦ ହୋଇଯିବା ଫଳରେ ଛାତ୍ରାବାସ ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷକ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେଇ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଦ୍ୱିତୀୟ ଦିନ ବନ୍ଦ ହେଲା ନିରୁପମା କମ୍ପାନୀ

ବ୍ରଜରାଜନଗର, ୨୯।୯ (ଡି.ଏନ୍.ଏ.)

ସ୍ଥାନୀୟ ଲଜକୁରା ଖଣିରେ ଲଗାତର ଦ୍ୱିତୀୟ ଦିନ ଧରି କାର୍ଯ୍ୟବନ୍ଦ ହୋଇଛି। ପୋଲିସ ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନେଇ ଆଲୋଚନା କରିଛି। ସୋମବାର ଏ ସମସ୍ୟାର ସମାଧାନ ହେବା ଆଶା କରାଯାଉଛି। ସୂଚନାଯୋଗ୍ୟ ଯେ, ନିରୁପମା କନଷ୍ଟ୍ରକସନ୍‌ର ୨ଶହ କର୍ମଚାରୀଙ୍କୁ ଶନିବାର କମ୍ପାନୀ ମ୍ୟାନେଜର ଅନୁଧାନ ମିଶ୍ର କାର୍ଯ୍ୟବନ୍ଦ କରି ଦେଇଥିଲେ। ବିନା ସୂଚନାରେ କାର୍ଯ୍ୟବନ୍ଦ କରାଯାଇଥିବାରୁ କର୍ମଚାରୀମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଥିଲେ। କମ୍ପାନୀ ସୁପରଭାଇଜର ବାବୁଲା ନାଥଙ୍କ କହିବା କଥା ବର୍ତ୍ତମାନ ଦଶହରା ପର୍ବ ଥିବାରୁ କର୍ମଚାରୀଙ୍କୁ ବୋନସ ମିଳିବା କଥା। ପ୍ରତ୍ୟେକ କର୍ମଚାରୀ ମାସକର ଦରମା ସହିତ ବର୍ଷକର ବୋନସ ମିଶାଇ ଅନ୍ୟୂନ ଜଣପିଛା ୪୦ରୁ ୪୫ ହଜାର ଟଙ୍କା ପାଇବା କଥା। କର୍ମଚାରୀମାନଙ୍କୁ ପୂଜା ସମୟରେ ଟଙ୍କା ନ ଦେଇ କମ୍ପାନୀ ମ୍ୟାନେଜର ମିଶ୍ର ଚଞ୍ଚକତା କରି ଏଭଳି ଏକ ନାଟକ ସୃଷ୍ଟି କରିଛନ୍ତି। ମୂଳ କମ୍ପାନୀ ସିକଲ୍ ଟଙ୍କା ଦେଉନାହିଁ କହି କାମ ବନ୍ଦ କଲେ କର୍ମଚାରୀମାନେ ଆଉ ବୋନସ ବାବଦ ପାଇବାକୁ ଥିବା ଅର୍ଥ ମାଗିବେ ନାହିଁ। ଏପଟେ ସ୍ୱଳ୍ପ ଦରମାରେ ପରିବାର ପ୍ରତିପୋଷଣ କରୁଥିବା କର୍ମଚାରୀମାନେ ବୋନସ ଟଙ୍କାରେ ପୂଜା ଖର୍ଚ୍ଚ କରିବେ ବୋଲି ଆଶା ବାନ୍ଧି ବସିଛନ୍ତି। କମ୍ପାନୀ ସହିତ ଆଗାମୀ ୩ ବର୍ଷ କାମ କରିବା ପାଇଁ ଏଗ୍ରିମେଣ୍ଟ ରହିଛି। ତେଣୁ କାର୍ଯ୍ୟବନ୍ଦ କରିପାରିବେ ନାହିଁ। କେବଳ କର୍ମଚାରୀମାନଙ୍କର ଟଙ୍କା ଫାଙ୍କିବାକୁ ମ୍ୟାନେଜର ମିଶ୍ର ଏଭଳି ଏକ ଚାଲ କରିଛନ୍ତି ବୋଲି କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ତରଫରୁ ତୁରନ୍ତ ଘଟଣା ସମ୍ପର୍କରେ ଅନୁଧାନ କରି ନ୍ୟାୟ ପ୍ରଦାନ କରିବା ପାଇଁ ଶ୍ରମିକମାନେ ଦାବି କରିଛନ୍ତି।

### ୩୪ ବର୍ଷରେ ବେଲପାହାଡ଼ ଫାଟକ ଦୁର୍ଗାପୂଜା

# ମୁଖ୍ୟ ଆକର୍ଷଣ ରାମ ମନ୍ଦିର ଆକୃତିର ତୋରଣ

ବେଲପାହାଡ଼,୨୯।୯ (ଡି.ଏନ୍.ଏ.)

ଚଳିତବର୍ଷ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଫାଟକ କମିଟିର ଦୁର୍ଗାପୂଜା ୩୪ ବର୍ଷ ଓ ରାବଣ ପୋଡ଼ି ଉତ୍ସବ ୩୬ ବର୍ଷରେ ପଦାର୍ପଣ କରିବ। ୧୯୮୩ ମସିହାରେ କେତେକ ଉତ୍ସାହୀ ଯୁବକ ସାମାଜିକ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବେଲପାହାଡ଼ ଫାଟକରେ ରାବଣ ପୋଡ଼ି ଉତ୍ସବର ଆୟୋଜନ କରିଥିଲେ। ଏହାର ୨ ବର୍ଷ ପରେ ଅର୍ଥାତ ୧୯୮୫ ମସିହାରେ ସାର୍ବଜନୀନ ଦୁର୍ଗା ପୂଜା ଆରମ୍ଭ ହୋଇଥିଲା। ସେତେବେଳେ ସୀମିତ ବଜେଟରେ ନିରାଡ଼ମ୍ବର ରାବଣ ପୋଡ଼ି ଓ ଦୁର୍ଗା ପୂଜା ଉତ୍ସବର ଆୟୋଜନ ହେଉଥିଲା। ପରବର୍ତ୍ତୀ ସମୟରେ ଦର ବୃଦ୍ଧି ଯୋଗୁ ପୂଜା ବଜେଟ ପ୍ରାୟ ୧୦ ଲକ୍ଷ ଟଙ୍କାକୁ ଟପିଯାଇଛି। ଆସନ୍ତା ଶୁକ୍ରବାର ୪ ତାରିଖରୁ ଷଷ୍ଠୀରୁ ମା' ଦୁର୍ଗାଙ୍କ ପୂଜା ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତି କାର୍ଯ୍ୟ ଜୋରସୋରରେ ଚାଲିଛି । ତୋରଣ ନିର୍ମାଣ ପାଇଁ ବାଉଁଶ ବନ୍ଧେଇ କାର୍ଯ୍ୟ ଦିନରାତି ଚାଲିଛି। ଚଳିତବର୍ଷ ପୂଜା ପାଇଁ ଗଠିତ କମିଟିରେ ଶୈଳେସ ବହିଦାର ସଭାପତି, ପ୍ରଫୁଲ୍ଲ ରଥ ସମ୍ପାଦକ ଓ ବିଜ୍ଞାନ ରଞ୍ଜନ ସ୍ୱାଇଁ କୋଷାଧ୍ୟକ୍ଷ ରହିଛନ୍ତି। ପୂଜାରେ କର୍ତ୍ତା ଦାୟିତ୍ୱ ନିର୍ବାହ କରିବା ପାଇଁ ବରିଷ୍ଠ ସଦସ୍ୟ ପ୍ରଦୀପ ସାହୁ ଓ ତାଙ୍କ ସହଧର୍ମିଣୀଙ୍କୁ ମନୋନୀତ କରାଯାଇଛି। ସେହିପରି ପଣ୍ଡିତ ସନ୍ତୋଷ ପାଣିଗ୍ରାହୀଙ୍କୁ ପୂଜା ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଛି। ନୟାଗଡ଼ ଇଟାମାଟି ଗାଁର ଶିଳ୍ପୀ ସୁବାସ ମହାପାତ୍ର ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରୁଛନ୍ତି। ରାଜସୁନାଗଡ଼ର ସାଜସଜ୍ଜା ଶିଳ୍ପୀ ବିଜୟ କୁମାର ସାହୁ ଓ କଲିକତାର କାରିଗର ମେଢ, ତୋରଣ ନିର୍ମାଣ କରୁଛନ୍ତି। ଏଥର ମା' ଦୁର୍ଗାଙ୍କ ପୂଜା ମଣ୍ଡପ ସମ୍ମୁଖ ଭାଗରେ ଭୁବନେଶ୍ୱରର ରାମ ମନ୍ଦିର ଆକୃତିର ଆକର୍ଷଣୀୟ ତୋରଣ ଶୋଭା ପାଇବ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି।



ନିର୍ମାଣାଧୀନ ତୋରଣ।




## କର୍ମକର୍ତ୍ତା ଯାହା କୁହନ୍ତି



" ଜନସାଧାରଣଙ୍କ ସଦିଚ୍ଛା ଓ ସହଯୋଗରେ ତିନି ଦଶକରୁ ଊର୍ଦ୍ଧ୍ୱ ସମୟ ଧରି ଦୁର୍ଗାପୂଜା ଓ ରାବଣ ପୋଡ଼ି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ଆୟୋଜନ ହୋଇଆସୁଛି। ଏହି ପୂଜାରେ ସବୁ ଧର୍ମ ଓ ସମ୍ପ୍ରଦାୟର ଲୋକଙ୍କ ସହଯୋଗ ମିଳୁଛି। ପୂଜା ପାଇଁ ଧନୀ,ଗରିବ ସମସ୍ତେ ନିଜ ନିଜ ସମ୍ବଳ ଅନୁଯାୟୀ ଆର୍ଥିକ ସହାୟତା ଯୋଗାଇଆସୁଛନ୍ତି। ଏଥର ୫ ଦିନ ଧରି ପୂଜା ସମ୍ପୂର୍ଣ୍ଣ ଶାନ୍ତିଶୃଙ୍ଖଳାର ସହିତ ପାଳନ ହେବ।

- ଶୈଳେସ ବହିଦାର (ସଭାପତି)



" ଚଳିତ ବର୍ଷ ମଣ୍ଡପ, ତୋରଣ ଓ ଆଲୋକ ସାଜସଜ୍ଜା ବାବଦରେ ସାଢ଼େ ୭ ଲକ୍ଷ ଟଙ୍କା ବଜେଟ କରାଯାଇଛି। ପୂଜା, ଭୋଗ, ଭସାଣି ଯାତ୍ରା ଓ ରାବଣ ପୋଡ଼ି ଇତ୍ୟାଦି ଖର୍ଚ୍ଚକୁ ମିଶାଇଲେ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପୂଜାରେ ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି।

-ପ୍ରଫୁଲ୍ଲ ରଥ (ସମ୍ପାଦକ)



" ପୂର୍ବ ବର୍ଷ ପରି ଏଥର କମିଟି ପକ୍ଷରୁ ଲଟେରି ବ୍ୟବସ୍ଥା କରାଯାଇଛି। ପୂଜା ସମୟରେ ଲୋକଙ୍କ ମନୋରଞ୍ଜନ ପାଇଁ ସପ୍ତମୀରୁ ଏକାଦଶୀ ପର୍ଯ୍ୟନ୍ତ ୫ ରାତ୍ର ପାଇଁ ଓଡ଼ିଶାର ଏକ ନାମୀ ଯାତ୍ରା ପାର୍ଟିକୁ ମଞ୍ଚସ୍ଥ କରିବା ପାଇଁ କାର୍ଯ୍ୟକ୍ରମ ଚୂଡ଼ାନ୍ତ କରାଯାଇଛି।

-ବିଜ୍ଞାନ ରଞ୍ଜନ ସ୍ୱାଇଁ (କୋଷାଧ୍ୟକ୍ଷ)



ବରୁଆ ଦେହରେ ଦୈବୀଶକ୍ତି ପ୍ରବେଶ ପରେ ଗ୍ରାମ ପରିକ୍ରମା କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

# ସମଲେଶ୍ୱରୀଙ୍କ ଅମାବାସ୍ୟା ବଳୀଯାତ୍ରା ସମ୍ପନ୍ନ

ଲଇକେରା, ୨୯।୯ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଇକେରାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୀଠରେ ଶନିବାର ରାତିରେ ଅମାବାସ୍ୟା ବଳୀଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମବାସୀ ଓ କମିଟିର କର୍ମକର୍ତ୍ତା ଦୁଲ୍‌ଦୁଲି ବାଜାରେ ମା'ଙ୍କ ବରୁଆ ହେବାକୁଥିବା ନିଳାମ୍ବର ଭୋଇ, ଗାଁ ମୁଖିଆ ଟଙ୍କଧର ନାଏକ, ମନ୍ଦିର ପୂଜକ ଭୁବନେଶ୍ୱର ରାୟ, ବରୁଆଙ୍କ ଧରୁଆ ଡୁଲାରାମ ନେଟୀ, ଗଜେନ୍ଦ୍ର ଧୁରୁଆ, ଖେଳରାମ ମେହେର, ହରିହର ଖର୍ସେଲ, ଗୀନି ବାଦକ ଶୋଭାକର ସାହୁ, ଛତର ଧରକ ରୁଦ୍ର ଧୁରୁଆ, ଚୈତନ୍ୟ ନାଏକ ପ୍ରମୁଖଙ୍କୁ ଏକ ଶୋଭାଯାତ୍ରାରେ ମନ୍ଦିରକୁ ପାଛୋଟି ଆଣିଥିଲେ। ପୀଠରେ ପୂଜକ ବିଜୟ କୁମାର ମିଶ୍ର ପୀଠରେ ତନ୍ତ୍ରପୂଜା କରି ବରୁଆ ଦେହରେ ଦୈବୀଶକ୍ତି ପ୍ରବେଶ କରାଇଥିଲେ। ପରେ ଦୈବୀଶକ୍ତି ପ୍ରବେଶ ପରେ ବରୁଆ ଦୋହଲି ଦୋହଲି ଦୁଲ୍‌ଦୁଲି ବାଜାର ତାଳେ ତାଳେ ନାଚି ନାଚି ଗ୍ରାମ ପରିକ୍ରମା କରିଥିଲେ। ବଳୀଯାତ୍ରା ଦେଖିବା ପାଇଁ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। କମିଟିର ସମ୍ପାଦକ ସୁରେନ୍ଦ୍ର କୁମାର ପଟେଲ, କୋଷାଧ୍ୟକ୍ଷ ଟିକେଶ୍ୱର ସାହୁ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଓ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। ସେହିପରି ଆସନ୍ତା ନବମୀ ତିଥିରେ ପୁଣି ମା'ଙ୍କ ପୀଠରେ ବରୁଆ ବାହାରି ଗ୍ରାମ ପରିକ୍ରମା କରିବେ। ଏହି ପରିପ୍ରେକ୍ଷୀରେ ଶାରଦୀୟ ଦୁର୍ଗାପୂଜା ସହ ରାବଣ ପୋଡି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।



ଯେଉଁ ଲୋକ ଅନ୍ୟର ମଙ୍ଗଳ କରିବା ଇଚ୍ଛା କଲା, ସେ ଜାଣ ନିଜର ମଙ୍ଗଳ ହିଁ କରିଦେଲା।
-କନ୍‌ଫୁସିଅସ



## ସଂକ୍ଷେପରେ

### ବିଦ୍ୟାଳୟ, ଗଣଶିକ୍ଷା ମନ୍ତ୍ରୀଙ୍କ ଗୁରୁକୁଳ ମହାବିଦ୍ୟାଳୟ ପରିଦର୍ଶନ

ସୁନ୍ଦରଗଡ଼, ୨୯।୯ (ଡି.ଏନ୍.ଏ) ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାସ ଶନିବାର ସୁନ୍ଦରଗଡ ଗସ୍ତ ଅବସରରେ ସ୍ଥାନୀୟ ଗୁରୁକୁଳ ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ମହାବିଦ୍ୟାଳୟର ସମ୍ପାଦକ ଗଣେଶଚନ୍ଦ୍ର ନାଏକ ଓ ଛାତ୍ରୀଛାତ୍ର ତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ମନ୍ତ୍ରୀ ଛାତ୍ରୀଛାତ୍ର ଓ ଅଧ୍ୟାପିକା, ଅଧ୍ୟାପକମାନଙ୍କୁ ଶିକ୍ଷାଦାନ ସମ୍ପର୍କରେ ପଚାରି ବୁଝିବା ସହ ଛାତ୍ରୀଛାତ୍ରମାନଙ୍କୁ ଭବିଷ୍ୟତରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀଙ୍କ ସହିତ ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

# ମାଷ୍ଟର ପ୍ଲାନକୁ ଉଲ୍ଲଂଘନ କରି ଜମି ଜବରଦଖଲ

ବଣାଇ, ୨୯।୯(ସ୍ୱ.ପ୍ର.)

ବଣାଇଗଡ଼ ସଦର ମହକୁମାରେ ଥିବା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ବିନା ଅନୁମତିରେ ସରକାରୀ ଜମିରେ ନିର୍ମାଣ କାର୍ଯ୍ୟ ଚଳାଇଥିବାବେଳେ ବଣାଇ ତହସିଲଦାର ସମ୍ପଦ ଦଳେଇ ଏଥିରେ ଚଢାଉକରି ଏହି ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, ବଣାଇଗଡ଼ ସହରକୁ ଦୀର୍ଘ ୩୦ବର୍ଷ ହେବ ମାଷ୍ଟର ପ୍ଲାନ ଅଞ୍ଚଳଭାବେ ଘୋଷିତ କରାଯାଇଛି। ଏହି ଅଞ୍ଚଳରେ କୌଣସି ନିର୍ମାଣ କାର୍ଯ୍ୟ କରାଗଲେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଅନୁମତି ନିଆଯାଇ କାର୍ଯ୍ୟ କରାଯିବା ସହିତ ବହୁ ସରକାରୀ ଜମିକୁ ବିଭାଗ ପକ୍ଷରୁ ସଂରକ୍ଷିତ କରି ରଖାଯାଇଛି। ତେବେ ବଣାଇଗଡ଼ ଗ୍ରାମପଞ୍ଚାୟତ ପକ୍ଷରୁ ନିର୍ବାହୀ ଅଧିକାରୀ ଏବଂ ସରପଞ୍ଚ ତଥା ୱାର୍ଡ ସଭ୍ୟମାନେ ମାସିକ ବୈଠକରେ ବିବରଣୀରେ ଉଲ୍ଲେଖ କରି ସହରସାରା



ବନ୍ଦ କରାଯାଇଥିବା କାମ।

ସରକାରୀ ଜମିରେ ନିର୍ମାଣ କାର୍ଯ୍ୟ କରି ଭଡା ସୂତ୍ରରେ ଲଗାଇଛନ୍ତି। ଏହି ସରକାରୀ ଜମିକୁ ଗ୍ରାମପଞ୍ଚାୟତ ନିଜ ଦଖଲକୁ ନେବା ପୂର୍ବରୁ ଏକ କମିଟି ଦ୍ୱାରା ଏହା ଅନୁମୋଦନ କରାଯିବା କଥା। ଏଥିପାଇଁ କମିଟିରେ ତହସିଲଦାର, ରାଜସ୍ୱ ଅଧିକାରୀ, ପୂର୍ତ୍ତବିଭାଗକୁ ନେଇ ବୈଠକ ପରେ ଏହା ଉପରେ ସୁପାରିଶ କଲେ ପଞ୍ଚାୟତ ସରକାରୀ ଜମି ନିଜ ପକ୍ଷକୁ ନେଇ ପାରନ୍ତା। ମାତ୍ର ଏହାକୁ ଖୋଲାଖୋଲି ଉଲଂଘନ କରି ବେନିୟମ ଭାବେ କୋଟି କୋଟି ଟଙ୍କାର ସରକାରୀ ଜମିକୁ ଗ୍ରାମପଞ୍ଚାୟତ ହାତେଇ ନେଇ ଥିବା ବେଳେ ଏହା ବଣାଇଁ ପାଇଁ କରାଯାଇଥିବା ମାଷ୍ଟର ପ୍ଲାନର ସମ୍ପୂର୍ଣ୍ଣ ଅବହେଳା କରାଯାଇଛି। ଏପରିକି ଆଗାମୀ ଦିନରେ ବଣାଇ ବିଜ୍ଞାପିତ ଅଞ୍ଚଳ (ଏନଏସି) ଭାବେ ଘୋଷଣା ହେବାକୁ ଥିବା ବେଳେ ଏବେଠାରୁ ସରକାରୀ ଜମିର ପଞ୍ଚାୟତ ଦ୍ୱାରା ଜବରଦଖଲ ଯୋଗୁ ବଣାଇଁ ଏନଏସି ମାନ୍ୟତା ପାଇଲେ ସରକାରୀ ଜମିର ଘୋର ଅଭାବ ଦେଖାଯିବ। ଏପରିକି ଏନଏସି ପାଇଁ ଦରକାର ହେଉଥିବା ସରକାରୀ ଜାଗା ମଧ୍ୟ ମିଳିବ ନାହିଁ। ଏଥିପାଇଁ ସୂଚନା ଅଧିକାରୀ ଆଇନ ବଳରେ ବଣାଇଁ ତହସିଲଦାରଙ୍କୁ ମାଗିବା ପରେ ତହସିଲ ଦ୍ୱାରା କାହାକୁ ସରକାରୀ ଜମି ପ୍ରଦାନ କରାଯାଇ ନ ଥିବା ତାଙ୍କର ପତ୍ର ସଂଖ୍ୟା ୧୬୮୧ ତା ୨୪।୭।୨୦୧୯ରେ ପ୍ରଦାନ କରିଛନ୍ତି। ତେବେ ଏହାକୁ ପଞ୍ଚାୟତ କର୍ତ୍ତୃପକ୍ଷ ଉଲ୍ଲଂଘନ କରି ଏବେ ପୁଣି ସରକାରୀ ଜମି ହାତେଇ ନିର୍ମାଣ କାର୍ଯ୍ୟ କରୁଛନ୍ତି। ଏଥିରେ ବଣାଇ ବିଜୁ ପାର୍କ ନିକଟରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରୁଥିବା ବେଳେ ଚତୁର୍ଥ ରାଜ୍ୟ ଅର୍ଥ କମିଶନରେ ୫ଲକ୍ଷ ଟଙ୍କା ଏବଂ ୧୪ତମ କେନ୍ଦ୍ରିୟ ଅର୍ଥ କମିଶନ ପକ୍ଷରୁ ୨ଲକ୍ଷ ୭୬ ହଜାର ୬୧୦ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ବଣାଇର ଜନସାଧାରଣ ତହସିଲଦାରଙ୍କ ଲିଖିତ ଦୃଷ୍ଟି ଆକର୍ଷଣ କରିବା ପରେ ତାଙ୍କ କାର୍ଯ୍ୟାଳୟ ୨୩୫୯ ତା ୨୧।୯।୨୦୧୯ରେ ଏହି ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶନାମା ଦେଇଛନ୍ତି। ଏବେ ଏହି ଦୁଇଟି କାର୍ଯ୍ୟ ବେନିୟମ ଭାବେ ସରକାରୀ ଜମିରେ ହେଉଥିବାରୁ ବନ୍ଦ ରଖାଯାଇଥିବା କୁହାଯାଇଛି। ଏ ବିଷୟରେ ବଣାଇ ବିଡିଓ ସନ୍ତୋଷ ସାହୁଙ୍କୁ ପଚାରିବାରୁ ଏହା ପଞ୍ଚାୟତର ନିଜସ୍ୱ କାମ ହୋଇଥିବା ବେଳେ ତହସିଲଦାର ତଦନ୍ତ କରି ରିପୋଟ ଦେଇଥିବା କହିଛନ୍ତି। ଯାହାକି ତହସିଲଦାର ନିଜର କ୍ଷମତା ବଳରେ ସରଜମିନ ତଦନ୍ତପରେ ଏହି ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

### ମିଳୁନି ହରିଶ୍ଚନ୍ଦ୍ର ଯୋଜନାର ସହାୟତା ରାଶି

ବଣାଇ, ୨୯।୯(ସ୍ୱ.ପ୍ର.)

ବଣାଇ ବ୍ଲକ ଅନ୍ତର୍ଗତ କଷଡା ଗ୍ରାମପଞ୍ଚାୟତରେ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନରେ ସହାୟତା ରାଶି ମିଳୁ ନ ଥିବାରୁ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପଞ୍ଚାୟତରେ ଏହି ଯୋଜନାରେ ମୃତକଙ୍କ ପରିବାରକୁ ଏକ ମାସ ମଧ୍ୟରେ ସହାୟତା ରାଶି ୨ ହଜାର ଟଙ୍କା ଯୋଗାଇ ଦେବାର ସରକାରଙ୍କ ନିୟମ ରହିଛି। ମାତ୍ର ଗତ ପ୍ରାୟ ଦେଢ଼ବର୍ଷ ହେବ ଏହି ସହାୟତା ରାଶି ପାଇଁ ଆବେଦନ କରିଥିବା ମୃତକ ଗଣେଶ୍ୱର କିଷାନଙ୍କ ସ୍ତ୍ରୀ ଧନେଶ୍ୱରୀ, ମୃତକ ମୋତିଲାଲ ପ୍ରଧାନଙ୍କ ସ୍ତ୍ରୀ ରେବତୀଙ୍କୁ ଏହି ରାଶି ପଞ୍ଚାୟତର ଅବହେଳା ଯୋଗୁ ପାଇବାରେ ବଞ୍ଚିତ ରହିଛନ୍ତି। ସେହିପରି ପଞ୍ଚାୟତର ତେଣ୍ଡରା ଗ୍ରାମରେ କେତେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ସେମାନଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶି ମିଳିପାରୁ ନାହିଁ। ନିକଟରେ ବଣାଇଠାରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ସେମାନେ ଦାବିପତ୍ର ଦେଇ ସହାୟତା ରାଶି ଦେବା ପାଇଁ ନିବେଦନ କରିଛନ୍ତି।

# ଭାରତ ସ୍କାଉଟ୍ ଗାଇଡ୍ ଜାତୀୟ ୟୁଥ୍ ଫୋରମ୍ ଉଦ୍‌ଘାଟିତ

ବଡଗାଁ, ୨୯।୯ (ଡି.ଏନ.ଏ)

ବଡଗାଁ ସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିସି) ପରିସରରେ ରବିବାର ଠାରୁ ଭାରତ ସ୍କାଉଟ ଗାଇଡ ଜାତୀୟ ୟୁଥ ଫୋରମ୍ ଆରମ୍ଭ ହୋଇଛି। ତଲସରା ବିଧାୟକ ଭବାନୀଶଙ୍କର ଭୋଇ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ୟୁଥ ଫୋରମରେ ଛତିଶଗଡ, ଝାଡ଼ଖଣ୍ଡ, ରାଜସ୍ଥାନ, ୱେଷ୍ଟର୍ଣ୍ଣ ରେଲୱେ, ନର୍ଥ ରେଲୱେ, ଇଷ୍ଟ ରେଲୱେ, ସାଉଥ ରେଲୱେ, ପଶ୍ଚିମବଙ୍ଗ, ଦିଲ୍ଲୀ,




ଭାରତ ସ୍କାଉଟ ଗାଇଡ ଜାତୀୟ ୟୁଥ ଫୋରମ୍‌ର ଉଦ୍‌ଘାଟନୀରେ ଅତିଥି।

ଉତ୍ତରପ୍ରଦେଶ, କର୍ନାଟକ, ମେଘାଳୟ, ଦାଦରନଗର, ହାବେଲି, ମହାରାଷ୍ଟ୍ର, ବିହାର, କେରଳ, ଓଡିଶା, ପଞ୍ଜାବ, ଉତ୍ତରାଖଣ୍ଡ ଆଦି ରାଜ୍ୟର ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ଏଠାରୁ ୧୦ ଛାତ୍ରୀଛାତ୍ର ଆନ୍ତର୍ଜାତୀୟ କ୍ୟାମ୍ପରେ ଯୋଗଦେବାକୁ ଇଦିଷ୍ଟ ଯିବେ । ଏହି ୟୁଥ ଫୋରମ ୩ ତାରିଖ ଉଦଯାପିତ ହେବ। ଏହି ଜାତୀୟ ୟୁଥ ଫୋରମ ଶିବିରର ନିର୍ଦ୍ଦେଶକ ଅମର ବାହାଦୁର ଛେତ୍ରି, ଫୋରମର ଅଧ୍ୟକ୍ଷ ଏମଡି ଏବ୍ରାର ସରିଫ, ମାଷ୍ଟର ଅଫ୍ ଦି ସେରିମନି ସୋନାକ୍ଷୀ ମଲ୍ଲ, କୋରଟିମ ମେମ୍ବର ମଧୁସୂଦନ ଆଉଲାଙ୍କ ସହିତ ରାହୁଲ, ରୁଙ୍ଗଟା, ବିକାଶ, ଅବିନାଶ ଗଡନାୟକ, ଦୀପକ ଶର୍ମା ପ୍ରମୁଖଙ୍କ ଦ୍ୱାରା ଶିବିର ପରିଚାଳିତ ହେବ । ରବିବାର ଉଦଘାଟନୀ କାର୍ଯ୍ୟକ୍ରମରେ ଆଇଟିସି ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଆଇଟିସି ଅଧ୍ୟକ୍ଷ ଡ. ଅରୁଣ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ମଗନ କେରକେଟା ମେମୋରିଆଲ ହକି ଟୁର୍ନାମେଣ୍ଟ

# କୁବାପଡ଼ା ଚାମ୍ପିୟନ

ବଡ଼ଗାଁ, ୨୯।୯ (ଡି.ଏନ.ଏ)

ବଡଗାଁ ବ୍ଲକ ରୁନଗାଁ ପଞ୍ଚାୟତ ସିଙ୍ଗାରମୁଣ୍ଡା ଗ୍ରାମର ଡ. ମଗନ କେରକେଟା ମେମୋରିଆଲ ୧୯ତମ ହକି ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହି ମେମୋରିଆଲ ହକି ଟୁର୍ନାମେଣ୍ଟ ୨୦ରେ ଆରମ୍ଭ ହୋଇଥିଲା। ଏଥିରେ ମୋଟ ୪୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ନେହେରୁ କ୍ଲବ କୁବାପଡା ଓ ଆମ୍ବାପାନି ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ ହୋଇଥିଲା। ଟ୍ରାଇବ୍ରେକର ଜରିଆରେ ୪-୩ ଗୋଲରେ କୁବାପଡା ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳକୁ ଖାସି ଓ ଟ୍ରଫି, ରନର୍ସଅପ୍ ଆମ୍ବାପାନିକୁ ଖାସି ସହ ଟ୍ରଫି, ତୃତୀୟ ଦଳ ଭାବେ କହୁପାନିଙ୍କୁ ମଧ୍ୟ ଖାସି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଅମ୍ପାୟାର ଭାବେ ସମୀର ବାର୍ଲା ଏବଂ କିଶୋର ଟେଟେ କାର୍ଯ୍ୟଭାର ତୁଲାଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ବିଳାସପୁର ରେଲୱେ ସଫ୍ଟୱେର ଇଞ୍ଜିନିୟର ତଥା ପୂର୍ବତନ ଅନ୍ତର୍ଜାତୀୟ ହକି ଖେଳାଳି ଇଲିଆସ ତିର୍କୀ ଯୋଗଦେଇ କଠିନ ପରିଶ୍ରମ ସହ ଧର୍ଯ୍ୟଧରି ଖେଳିବାକୁ ପରାମର୍ଶ ଦେଇଥିଲେ। ଖେଳ ସହ ପାଠ ନିତାନ୍ତ ଦରକାର ବୋଲି ଖେଳାଳିମାନଙ୍କୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ଅତିରିକ୍ତ ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା, ଫାଦର ସୁଶିଲ କୁଜୁର, ଫଶାନ୍ତିପ୍ରକାଶ ବାଡ଼ା, ଅମ୍ବିତ ଜିଓ ଡୁଙ୍ଗଡୁଙ୍ଗ ପ୍ରମୁଖ ଯୋଗଦେଇ ଖେଳ ସହିତ ପାଠ ଉପରେ ଗୁରୁତ୍ୱ ଦେବା ପାଇଁ ଆହ୍ୱାନ ଦେଇଥିଲେ ।



ଡ. ମଗନ କେରକେଟା ମେମୋରିଆଲ ହକି ଟୁର୍ନାମେଣ୍ଟର ଅତିଥିଙ୍କ ସହ ଖେଳାଳି।

# ଜିଲା ୨୦ ଘର କୈବର୍ତ୍ତ ସମାଜର ବୈଠକ

ବଡଗାଁ, ୨୯।୯ (ଡି.ଏନ.ଏ)

ବଡଗାଁ ସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ରବିବାର ସୁନ୍ଦରଗଡ ଜିଲା ୨୦ ଘର କୈବର୍ତ୍ତ ସମାଜର ବୈଠକ ଅନୁଷ୍ଠିତ ହୋଇଛି । ବଡଗାଁ ବ୍ଲକ କୈବର୍ତ୍ତ ସମାଜର ସଭାନେତ୍ରୀ ପ୍ରଭାସିନୀ ସେଠ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ସଂଘର ଜିଲା ସାଧାରଣ ସମ୍ପାଦକ ଧନଞ୍ଜୟ ନାଏକ ପରିବାର ଜନସଂଖ୍ୟା ସର୍ଭେ ଓ ସଂଘର ରେଜିଷ୍ଟ୍ରେସନ ଉପରେ ଆଲୋଚନା ଉପସ୍ଥାପନ କରିଥିଲେ । ସମସ୍ତ ସମାଜ ଭାଇ ନିଶାମୁକ୍ତ ସମାଜ ଗଠନକରିବାରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ଉପସଭାପତି ଭେଷଜ ବାରିକ, ଜିଲା ସହସମ୍ପାଦକ ସୁରେଶ ସେଠ, ସଭ୍ୟ ପୂର୍ଣ୍ଣଚନ୍ଦ୍ର ନାଏକ, ଦେବେନ୍ଦ୍ର ନାଏକ, ପ୍ରଫୁଲ୍ଲ ନାଏକ, ରୀତା ବଢ଼େଇ, ଦିଲୀପ ବଢ଼େଇ, ଗୋବିନ୍ଦ ସେଠ ମତ ରଖିଥିଲେ। ଜନସଂଖ୍ୟା ସର୍ଭେ କରାଯାଇଥିଲା। ସୁଲୋଚନା ବେହେରା ଧନ୍ୟବାଦ ଦେଇଥିଲେ ।



କୈବର୍ତ୍ତ ସମାଜ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ସଭ୍ୟାସଭ୍ୟ ।

### ମଦମୁକ୍ତ ଓଡିଶା ପାଇଁ ଧାରଣା ୨ରେ

ବଡଗାଁ, ୨୯।୯

(ଡି.ଏନ.ଏ)- ସୁନ୍ଦରଗଡ ଜିଲା ବଡଗାଁ ପୂର୍ତ୍ତ ବିଭାଗ ଡାକବଙ୍ଗଳଠାରେ ରବିବାର ଜରଙ୍ଗଲୋଇ ଗାନ୍ଧୀବାଦୀ ଯୁବକ ସଂଘ ସମ୍ପାଦକ ଧନଞ୍ଜୟ ନାଏକଙ୍କ ସଭାପତିତ୍ୱରେ ନାରୀ ଚେତନ ସଂଘର ସଭ୍ୟା ସଭ୍ୟ, ଏସଏଚଜି ସଭ୍ୟାସଭ୍ୟଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଦିନ ଗାନ୍ଧିବାଦୀ ଯୁବକ ସଂଘ, ନାରୀ ଚେତନା ସଂଘ ଓ ଓଡିଶା ନିଶା ନିବାରଣ ଅଭିଯାନର ମିଳିତ ଆନୁକୂଲ୍ୟରେ ବଡଗାଁରେ ପ୍ରତୀକ ଧାରଣା ଦେବାକୁ ସ୍ଥିର କରାଯାଇଛି ।

# ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର

ରାଜଗାଙ୍ଗପୁର, ୨୯।୯ (ଡି.ଏନ.ଏ)

ସେଣ୍ଟ ଜନ୍ ଆମ୍ବୁଲାନ୍ସ ସଂସ୍ଥାର ସହଭାଗିତାରେ ପ୍ରାଥମିକ ଚିକିତ୍ସା ଏବଂ ସିପିଆର ଉପରେ ଏକ ତିନି ଦିନିଆ ପ୍ରଶିକ୍ଷଣ ଶିବିର ଡାଲମିଆ ସିମେଣ୍ଟ ଦ୍ୱାରା ଆୟୋଜିତ ହୋଇଯାଇଛି। ରାଉରକେଲା ଜୋନ ୩ରେ ଅବସ୍ଥାପିତ ଉପ ନିର୍ଦ୍ଦେଶକ (କାରଖାନା ଏବଂ ବାଷ୍ପୀୟ) ମନୋଜ କୁମାର ମିଶ୍ର ଏହାର ଉଦ୍‌ଘାଟନ କରିଥିଲେ। ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ପୂର୍ବାଞ୍ଚଳ ଉତ୍ପାଦନ ମୁଖ୍ୟ ସୁନୀଲ କୁମାର ଗୁପ୍ତା, ରାଜଗାଙ୍ଗପୁର କାରଖାନା ମୁଖ୍ୟ ଲୋକେଶ କୁମାର ବାହେତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସୁରକ୍ଷା ବିଭାଗର ବିଚିତ୍ର କୁମାର ବଳ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଏଥିରେ ଡାଲମିଆ ସିମେଣ୍ଟର ଅଧିକାରୀଙ୍କ ସମେତ ଆଖପାଖ ଅଞ୍ଚଳର ଅନେକ କମ୍ପାନୀ ଯଥା ଏମଆର ଫେରୋ, ଗିନି ରିଫ୍ରାକଟୋରୀ, ପ୍ରଭୁ ସ୍ପଞ୍ଜ, ସୁରଜ ପ୍ରଡକ୍ଟ, ସ୍କାନ ଷ୍ଟିଲ, ଗିନି ମେଟାଲ ଇଣ୍ଡଷ୍ଟ୍ରି, ଡିଡି ଆଇରନ୍ ଓ ଷ୍ଟିଲ, ରାଧାରମାନ, ଗୌରଭ ଇଣ୍ଡଷ୍ଟ୍ରି, ଏସଏଲଏମ ମେଟାଲିକ୍ସ, ଚନ୍ଦ୍ରା ଇଞ୍ଜିନିୟରିଂ, ସୀତା ସିମେଣ୍ଟ, ଖୁଲାର ଟେକ୍ନିକାଲ ସର୍ଭିସ, ଶ୍ରୀକେମି ଇଣ୍ଡଷ୍ଟ୍ରି, ପାୟଲ ଇଞ୍ଜିନିୟରିଂ, ରାଉରକେଲା ସ୍ପଞ୍ଜ, ଶ୍ରୀରାମ ଷ୍ଟିଲ, ଶ୍ରୀରାମ ସ୍ପଞ୍ଜ, ଶ୍ରୀରାମ ଟିଟି ବୃକ୍ସ, ଅଗ୍ରସେନ ରାଇସ ମିଲ୍ ଇତ୍ୟାଦିର ଅଧିକାରୀମାନେ ଯୋଗ ଦେଇଥିଲେ। ମନୋଜ କୁମାର ମିଶ୍ର ସମସ୍ତଙ୍କୁ ନିଜ ସମ୍ବୋଧନରେ ସୁରକ୍ଷା ନିୟମ, ପ୍ରାଥମିକ ଚିକିତ୍ସାର ପ୍ରଶିକ୍ଷଣ ଏବଂ କାରଖାନା ଦୁର୍ଘଟଣାରୁ କିପରି ବଞ୍ଚିବାକୁ ହେବ ସେ ବିଷୟରେ ଆଲୋକପାତ କରିଥିଲେ। ଗୁପ୍ତା କହିଥିଲେ ପ୍ରାଥମିକ ଚିକିତ୍ସା ବହୁତ ସମୟରେ ଲୋକଙ୍କ ଜୀବନ ବଞ୍ଚାଇବାରେ ସାହାର୍ଯ୍ୟ କରେ। ଏହାର ପ୍ରଶିକ୍ଷଣ ସମସ୍ତଙ୍କୁ ନେବା ଉଚିତ।




ପ୍ରାଥମିକ ଚିକିତ୍ସା ଏବଂ ସିପିଆର ଉପରେ ପ୍ରଶିକ୍ଷଣ ଶିବିର।

### ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା

# ୧୦ ପ୍ରତିଶତ ଲାଭାଂଶ ପ୍ରଦାନ ନିଷ୍ପତ୍ତି

ସୁନ୍ଦରଗଡ଼, ୨୯।୯ (ଡି.ଏନ୍.ଏ)

ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ୬୩ତମ ବାର୍ଷିକ ସାଧାରଣ ସଭା ରବିବାର ସ୍ଥାନୀୟ ବିକାଶ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ୫-ଟି ଆହ୍ୱାନକୁ ଗ୍ରହଣ କରି ଟେକ୍ନୋଲୋଜି, ଟ୍ରାନ୍ସଫରମେସନ୍, ଟିମ ୱାର୍କ, ଟ୍ରାନସଫରେନସି ଓ ଟାଇମ୍ ଲାଇନ୍ ଆଧାରରେ ସୁନ୍ଦରଗଡ ଜିଲାକୁ ଏକ ଆଦର୍ଶ କୃଷି ଜିଲାରେ ପରିଣତ କରାଯିବ ବୋଲି ଏହି ବାର୍ଷିକ ସାଧାରଣ ସଭାରେ ନିଷ୍ପତ୍ତି ନିଆଯାଇଛି। ବ୍ୟାଙ୍କର ପରିଚାଳନା ପରିଷଦର ସଭ୍ୟା, ସଭ୍ୟଙ୍କ ସହ ଜିଲାର ସମସ୍ତ ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ୍)ର କର୍ମଚାରୀ, ଋଣ ସମବାୟ ସମିତି ଓ ଅନ୍ୟାନ୍ୟ ସମବାୟ ସମିତିର ସଭାପତି ତଥା ପ୍ରତିନିଧିଙ୍କ ଉପସ୍ଥିତିରେ ଅଂଶୀଦାର ମାନଙ୍କୁ ସ୍ୱାଗତ ସମ୍ଭାଷଣ ଦେଇ ବ୍ୟାଙ୍କର ସଭାପତି ଭବାନୀ ପ୍ରସାଦ ମାଝୀ ଜୈବିକ କୃଷିପ୍ରଣାଳୀରେ ଚାଷୀଙ୍କ ଆୟବୃଦ୍ଧି ନିମିତ୍ତ କୃଷି ବିଶେଷଜ୍ଞ ତଥା ଏହି କ୍ଷେତ୍ରରେ କାମ କରୁଥିବା ଅଗ୍ରଣୀ ସାମାଜିକ ଅନୁଷ୍ଠାନ (ଏନ୍ ଜିଓ) ମାନଙ୍କ ସାହାଯ୍ୟରେ କୃଷକଙ୍କ ପାଇଁ ପ୍ରୟୋଗଶାଳା ବ୍ୟାଙ୍କ ଆନୁକୂଲ୍ୟରେ କରାଇବା ପାଇଁ ବ୍ୟାଙ୍କ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଥିଲେ। ବ୍ୟାଙ୍କମାନେ ଏବେ ବହୁ କଠିନ ସମୟରେ ଉପନୀତ ହୋଇଥିବା କାରଣରୁ ସରକାରୀ ବ୍ୟାଙ୍କମାନଙ୍କ ପ୍ରତି କେନ୍ଦ୍ର ସରକାର ବିଶେଷ ପ୍ରବନ୍ଧ କରୁଥିବା ବେଳେ ସମବାୟ ବ୍ୟାଙ୍କ ବା ସମିତି ମାନଙ୍କ ପ୍ରତି ରାଜ୍ୟ ସରକାର ମଧ୍ୟ ନିଜ ବଜେଟରେ ଯଥେଷ୍ଟ ଅଂଶ ଧନର ବରାଦ କରିବାକୁ ସଭାପତି ମାଝୀ ଏହି ଅବସରରେ ସରକାରଙ୍କ ଠାରେ ଦାବି କରିଥିଲେ। ବ୍ୟାଙ୍କର କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେଶ ଦାସ ୨୦୧୮-୧୯ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପାଠ କରିବା ସହ ଗତବର୍ଷର ଆର୍ଥିକ ସମୀକ୍ଷା ବିଷୟ ସଭାରେ ଉପସ୍ଥାପନ କରିଥିଲେ। ଏହି ସଭାରେ ବ୍ୟାଙ୍କର ଉପଧାରା ବିଧି ଅନୁସାରେ ୧୦ ପ୍ରତିଶତ ଲାଭାଂଶ ବଣ୍ଟନ କରିବାକୁ ନିଷ୍ପତ୍ତି ନିଆଯିବା ସଙ୍ଗେ ସଙ୍ଗେ ଲ୍ୟାମ୍ପସ ମାନଙ୍କର ଭିତ୍ତିଭୂମିର ବିକାଶ ପାଇଁ ଲ୍ୟାମ୍ପସ ପିଛା ୨.୦୦ ଲକ୍ଷ ଟଙ୍କା ଲେଖାଏଁ ଗତବର୍ଷ ୧୫ଗୋଟି ଲ୍ୟାମ୍ପସକୁ ଅନୁଦାନ ଦିଆଯାଇଥିଲା। ଅବଶିଷ୍ଟ ୨୯ଗୋଟି ଲ୍ୟାମ୍ପସ କୁ ଏହି ସଭାରେ ୫୮ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା । ସଭା ପ୍ରାରମ୍ଭରେ ସଫଳ ମହିଳା ଉଦ୍ୟାନ କୃଷି ଉଦ୍ୟୋଗୀ ତେଲିଯୋରର ହରପ୍ରିୟା ନାଏକଙ୍କୁ ବ୍ୟାଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦୁର୍ଘଟଣା ଜନିତ ବୀମାରାଶି ୧ଲକ୍ଷ ଟଙ୍କା ଲେଖାଏଁ ୬ଜଣ କୃଷକଙ୍କ ଉତ୍ତରାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କ ଜମାକାରୀମାନଙ୍କୁ ସୁବିଧା ନିମିତ୍ତ ବ୍ୟାଙ୍କ ତରଫରୁ ଲ୍ୟାମ୍ପସ କାର୍ଯ୍ୟାଳୟରେ ମାଇକ୍ରୋ ଏଟିଏମ ବ୍ୟବସ୍ଥା କରାଯାଇ ଏହି ସଭାରେ ୧୦ଗୋଟି ମେସିନ୍ ଦିଆଯାଇଥିବା ବେଳେ ଆସନ୍ତା ସପ୍ତାହରେ ଅବଶିଷ୍ଟ ଲ୍ୟାମ୍ପସ ଗୁଡିକରେ ଏହା ଯୋଗାଇ ଦିଆଯିବାର କାର୍ଯ୍ୟକ୍ରମ ରହିଥିବା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ। ଏହି ସଭାରେ ସୁନ୍ଦରଗଡ ଜିଲା କୃଷି ଅଧିକାରୀ ବିଜୟ କୁମାର ପ୍ରଧାନ, ସମବାୟ ସମିତି ସମୂହର ଉପନିବନ୍ଧକ ଜେରମ୍ କେରକେଟା, ନାବାର୍ଡର ଜିଲା ବିକାଶ ପ୍ରବନ୍ଧକ ଶକ୍ତି ପ୍ରସନ୍ନ ମହାପାତ୍ର, ବ୍ୟାଙ୍କର ଉପସଭାନେତ୍ରୀ ସସ୍ମିତା ଯୋଶୀ, ସୁନ୍ଦରଗଡ, ପାନପୋଷ, ବଣାଇ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସର୍ବେଶ୍ୱର ବାଗୁଡାଇ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଦ୍ୟୁମ୍ନ ନନ୍ଦ ସଭା ସଞ୍ଚାଳନ କରିଥିଲେ । ବ୍ୟାଙ୍କର ପରିଚାଳନା ପରିଷଦ ତରଫରୁ ପ୍ରଦୀପ ସିଂ, ପଞ୍ଚା ବାର୍ଲା ଏବଂ କର୍ମଚରୀଙ୍କ ତରଫରୁ ଅକ୍ଷୟ ପଣ୍ଡା, ଅଶୋକ ରାଉତ, ଗୋଲକ ବିହାରୀ ଦେବତା, ବିମଳ ବୋଷ, ଅଶୋକ ପଶାୟତ, ବିଜୟ ପଣ୍ଡା, ଅଜୟ ପଣ୍ଡିତ, ସୁଧୀର ଦେବ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।




କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ସଭାରେ ଉପସ୍ଥିତ ଅଧିକାରୀ, ଅତିଥି।



‘କହୋ ନା ପ୍ୟାର୍ ହୈ’ ଫିଲ୍ମ ପରେ ମୋ ପାଖକୁ ୩୦ ହଜାର ବିବାହ ପ୍ରସ୍ତାବ ଆସିଥିଲା।

-ହୃତିକ ରୋଶନ୍, ବଲିଉଡ୍ ଅଭିନେତା

## ସଂକ୍ଷେପରେ

### ଝାରତରଙ୍ଗ, ଦଲକି ଖାଡିଆ ସମାଜ ବୈଠକ

ରାଉରକେଲା ଅଫିସ/ବେଦବ୍ୟାସ, ୨୯। ୯ (ଡି.ଏନ.ଏ.)

ଲାଠିକଟା ବ୍ଲକ ଝାରତରଙ୍ଗ ଗ୍ରାମରେ ରବିବାର ଅପରାହ୍ନ ସାଢେ ୧୨ଟାରେ ଦଲକି ଖାଡିଆ ସମାଜ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଭିନ୍ନ ସାଂଗଠନିକ ଆଲୋଚନା ସହ ଫୁଟବଲ ପ୍ରତିଯୋଗିତା ନେଇ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। ଏଥିରେ ରାଜେଶ ଖାଡିଆ, ମୋତିଲାଲ ଖାଡିଆ, ମହେନ୍ଦ୍ର ଖାଡିଅ. ସୂର୍ଯ୍ୟ ହଁସଦା, ରମେଶ ଖାଡିଆ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସମାଜିକ ଶୃଙ୍ଖଳା, ଶିକ୍ଷା ଓ ସାଂସ୍କୃତିକ ଭିତ୍ତିଭୂମି ନେଇ ସଂଗଠନ ପକ୍ଷରୁ ଦୃଢ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଥିଲା। ସୁଦର୍ଶନ ଖାଡିଆ, ରତନ ଟପୋ, ରବି ଟପୋ, ବୁଦ୍ଧ ସୋରେଙ୍ଗ ଓ କିରନ ଖାଡିଆ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

# ଧର୍ମେନ୍ଦ୍ରଙ୍କୁ ଭେଟିଲେ ସଚେତନ ନାଗରିକ ମଞ୍ଚ କର୍ମକର୍ତ୍ତା

ରାଉରକେଲା ଅଫିସ, ୨୯।୯

କେନ୍ଦ୍ର ଇସ୍ପାତ ଓ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଉରକେଲା ଗସ୍ତରେ ଆସିଥିବାବେଳେ ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତା ତାଙ୍କ ସହ ସାକ୍ଷାତ କରି ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଛନ୍ତି। କେନ୍ଦ୍ର ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟର ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ମନ୍ତ୍ରୀ ପ୍ରଧାନଙ୍କ ପ୍ରଥମ ରାଉରକେଲା ଗସ୍ତ ପରିପ୍ରେକ୍ଷୀରେ ମଞ୍ଚର ସଭାପତି ଡ. ଭାବଗ୍ରାହୀ ମହାପାତ୍ର, ସାଧାରଣ ସମ୍ପାଦକ ପି.ପି.ରାୟଙ୍କ ସମେତ ଅଭୟ କୁମାର ଦାସ, ଜଟାଧାରୀ ମାଝୀ, ଚିତ୍ତରଞ୍ଜନ ଦାସ, ନିତ୍ୟାନନ୍ଦ ସେନଗୁପ୍ତ, ନିରଞ୍ଜନ ଦାଶ, ବଳରାମ ମହାପାତ୍ର, ରମେଶ ମହାନ୍ତି, ରଞ୍ଜନ ଲେଙ୍କା ପ୍ରମୁଖ ରାଉରକେଲା ହାଉସଠାରେ ମନ୍ତ୍ରୀ ପ୍ରଧାନଙ୍କୁ ସାକ୍ଷାତ କରିଛନ୍ତି। ଏହାସହ ରାଉରକେଲା ତଥା ସୁନ୍ଦରଗଡ଼ ଜିଲାର ବିଭିନ୍ନ ସମସ୍ୟା ସମ୍ବଳିତ ଏକ ସ୍ମାରକପତ୍ର



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବା ଅବସରରେ ସଚେତନ ନାଗରିକ ମଞ୍ଚ କର୍ମକର୍ତ୍ତା।

ପ୍ରଦାନ କରିଛନ୍ତି। ରାଉରକେଲାରେ ଇଏସଆଇ ଡାକ୍ତରଖାନା ସ୍ଥାପନ, ସୁପର ସ୍ପେଶିଆଲିଟି ହସ୍ପିଟାଲ, ମେଡ଼ିକାଲ କଲେଜ ପ୍ରତିଷ୍ଠା କରିବା, ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ତାଳଚେର–ବିମଳାଗଡ଼ ରେଳପଥର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, ବନ୍ଦମୁଣ୍ଡାରେ ଏକ ନୂତନ ରେଳ ଡିଭିଜନ ପ୍ରତିଷ୍ଠା କରିବା, ରାଉରକେଲାରୁ ବ୍ରହ୍ମପୁର ଏବଂ ଭଦ୍ରକକୁ ନୂତନ ଭାବେ ଦୁଇଟି ଇଣ୍ଟରସିଟି ଟ୍ରେନ ଚଳାଚଳର ଆରମ୍ଭ କରିବା, ଖଣ୍ଡାଧାର ଜଳ ପ୍ରପାତର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅକ୍ଷୁର୍ଣ୍ଣ ରଖିବା ସହ ଏହାକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେବା ସହ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ନିମନ୍ତେ ଏଠାରେ ଆବଶ୍ୟକ ଭିତ୍ତିଭୂମିର ଉନ୍ନତି କରିବା, ପଶ୍ଚିମ ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିଥିବା ମହର୍ଷି ବ୍ୟାସଦେବଙ୍କ ସାଧନା ପୀଠ ବେଦବ୍ୟାସର ଉନ୍ନତିକରଣ ତଥା ପର୍ଯ୍ୟଟକମାନଙ୍କ ରହଣୀ, ଗମନାଗମନର ସୁବିଧା ସର୍ବୋପରି ଅଞ୍ଚଳର ବିକାଶ ଲାଗି ପଦକ୍ଷେପ ନେବା, ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଦକ୍ଷିଣ ରାଉରକେଲାର ସାରନଗରୀ ଅଞ୍ଚଳ, ହାତୀବନ୍ଧା ପଞ୍ଚାୟତ ଏବଂ ତତ୍କାଳୀନ ରାଉରକେଲା ଏନଏସି (ଏସଟି) ଅଞ୍ଚଳ ସମେତ ହମିରପୁରକୁ ସାମିଲ କରି ଏକ ବୃହତ୍ତର ରାଉରକେଲା ମହାନଗର ଗଠନ କରିବା, ଦୀର୍ଘଦିନ ଧରି ଦାବି କରାଯାଇ ଆସୁଥିବା ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ସହ ଲେବର କୋର୍ଟ, କେନ୍ଦ୍ରୀୟ ଶ୍ରମ ଟ୍ରିବ୍ୟୁନାଲ ଆଦି ପ୍ରତିଷ୍ଠା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା, ରାଉରକେଲା ବିମାନ ବନ୍ଦରର ଉନ୍ନତିକରଣ ତଥା ଏଠାରୁ ଦେଶର ବିଭିନ୍ନ ବଡ଼ ବଡ଼ ସହରକୁ ବିମାନ ସେବା ଆରମ୍ଭ କରିବା ଆଦି ୧୦ଟି ଦାବି ଉଲ୍ଲେଖ କରାଯାଇଛି।

## ଫର୍ଟିଲାଇଜର ଗାୟତ୍ରୀ ପରିବାର ପୁନର୍ଗଠିତ

ରାଉରକେଲା ଅଫିସ,୨୯। ୯

ଫର୍ଟିଲାଇଜର ଟାଉନସିପ ଶାଖା ଗାୟତ୍ରୀ ପରିବାର ଟ୍ରଷ୍ଟର ପୁନର୍ଗଠିତ ହୋଇଛି। ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ହରିଦ୍ୱାର ମୁଖ୍ୟ ସଞ୍ଚାଳିକା ଶୈଳବାଳା ପାଣ୍ଡ୍ୟାଙ୍କ ଅନୁମୋଦନ କ୍ରମେ ନୂତନ କମିଟି ଘୋଷଣା କରାଯାଇଛି। ଏନେଇ ଗାୟତ୍ରୀ ପ୍ରଜ୍ଞା ପୀଠରେ ଆୟୋଜିତ ବୈଠକରେ ଡଃ ଆରବି ମହାପାତ୍ର ସୂଚନା ପ୍ରଦାନ କରିଥିଲେ। ରାଉରକେଲା ଉପଜୋନ ପ୍ରତିନିଧି ନିତ୍ୟାନନ୍ଦ ଦାସଙ୍କ ସହମତି କ୍ରମେ ଏହି କମିଟି କାର୍ଯ୍ୟକର୍ତ୍ତାଙ୍କ ନାମ ସାର୍ବଜନୀନ କରାଯାଇଛି। ଏଥିରେ ମୁଖ୍ୟ ପ୍ରବନ୍ଧକ ଭାବେ ଡାକ୍ତର ରାହାସବିହାରୀ ମହାପାତ୍ର ରହିଥିବା ବେଳେ ବିଚିତ୍ରାନନ୍ଦ ଦାସ, ଚରଣ କର, ସୁରେନ୍ଦ୍ର ବାରିକ, ସୁକାନ୍ତ ସିଂ, ଶଶୀରେଖା ଦାସ ଓ ରୋଶନ ଗୁପ୍ତା ପ୍ରମୁଖ ସଭ୍ୟ ରହିଛନ୍ତି। ଡାକ୍ତର ମଞ୍ଜୁଶର୍ମା ମହାପାତ୍ର ପୂର୍ବପରି ମହିଳା ମଣ୍ଡଳ ପ୍ରମୁଖ ଭାବେ ଦାୟିତ୍ୱ ନିର୍ବାହ କରିବେ ବୋଲି କୁହାଯାଇଛି। ଏହା ବ୍ୟତୀତ ଏକ ୧୫ ଜଣିଆ କାର୍ଯ୍ୟକର୍ତ୍ତା ପରିଷଦ ଗଠନ କରାଯାଇଛି।

# ଧାମରା ସଂଘ ପକ୍ଷରୁ ଐତିହାସିକ ଇରମ ଦିବସ

ରାଉରକେଲା ଅଫିସ,୨୯। ୯

ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଧାମରା ସଂଘ ପକ୍ଷରୁ ଐତିହାସିକ ଲୁଣିଆ ଓ ଇରମ ଦିବସ ପାଳନ କରାଯାଇଛି। ଏଥିରେ ସଂଘର ଅନ୍ୟତମ ଉପସଭାପତି ମହେନ୍ଦ୍ର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ରାଉରକେଲା ବିଧାୟକ ସାରଦା ନାୟକ, ସମ୍ମାନୀତ ଅତିଥି ରୂପେ ସାମାଜିକ କର୍ମୀ ବୈଲୋଚନ ଜେନା ଓ ମୁଖ୍ୟ ବକ୍ତା ରୂପେ ଅଧ୍ୟାପକ ନିହାରରଂଜନ କର ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସଂଘ ସଂଗଠନ ପକ୍ଷରୁ ଇରମ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସାଧାରଣ ସଂପାଦକ ପ୍ରଶାନ୍ତ ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପରେ ୮୫ବର୍ଷୀୟ ସାମ୍ୟବାଦୀ ସମାଜ ସଂଗଠକ ତଥା ପ୍ରବାସରେ ରହି ଓଡିଆ ଭାଷା ସଂସ୍କୃତି ପାଇଁ ସଂଗ୍ରାମ କରୁଥିବା ବୈଲୋଚନ ଜେନାଙ୍କୁ ମୁଖ୍ୟ ଅତିଥି ଉତ୍ତରୀୟ ପ୍ରଦାନ କରି ସମ୍ମାନୀତ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥି ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ଗାନ୍ଧିଜୀଙ୍କ ଭଦ୍ରକ ଗସ୍ତ ପରେ ମୁକ୍ତିକାମୀ ଜନତାଙ୍କ ମଧ୍ୟରେ ଉନ୍ମାଦନା ସୃଷ୍ଟି ହୋଇଥିଲା। ୨୬ ଗ୍ରାମ ଓ ୫ଟି ପଞ୍ଚାୟତକୁ ନେଇ ଭଦ୍ରକ ଜିଲ୍ଲାର ଇରମଠାରେ ଅସହଯୋଗ ଆନ୍ଦୋଳନ ହୋଇଥିଲା। ୧୯୪୨ ରେ ପ୍ରଜାମେଳି ଉଗ୍ର ରୂପ ଧାରଣ କରିଥିଲା। ସେହି ବର୍ଷ ୨୮ ଡିସେମ୍ବରରେ ଇରମ ମେଳଣ ପଡିଆରେ ପୋଲିସର ବର୍ବରୋଚିତ ଆକ୍ରମଣରେ ୨୯ ଜଣ ସଂଗ୍ରାମୀ ଟଳି ପଡିଥିଲେ। ଏହା ବ୍ରିଟିଶ ପୋଲିସର ଏକ ଅମାନୁଷିକ ଆକ୍ରମଣ ଭାବେ ଆଜି ବି ଲୋକଙ୍କ ମନକୁ ଆନ୍ଦୋଳିତ କରେ। ଆଜି ବି ଇରମରେ ଶହୀଦ ସ୍ମୃତିସ୍ତମ୍ଭ ଏହାର ମୂକସାକ୍ଷୀ ଭାବେ ଦଣ୍ଡାୟମାନ ରହିଛି। ଲୁହ ଲହୁ ଦେଇ ଯେଉଁମାନେ ଆମକୁ ସ୍ୱାଧୀନତାର ସ୍ୱାଦ ଚଖାଇଲେ ସେମାନଙ୍କୁ ଆମେ କେବେ ବି ଭୁଲି ପାରବା ନାହିଁ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଗଠନର ସାଂସ୍କୃତିକ ସଂପାଦକ ଭଗବାନ ରାଉତ ସଂଚାଳନ କରିଥିବା ବେଳେ ସାଧାରଣ ସଂପାଦକ ଅକ୍ଷୟ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ସଂଗଠନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।



ଧାମରା ସଂଘ ପକ୍ଷରୁ ଐତିହାସିକ ଇରମ ଦିବସ ପାଳନ ଅବସରରେ ଅତିଥିମାନେ।

## ବରିଷ୍ଠ ଶ୍ରମିକ ନେତାଙ୍କ ପରଲୋକ

ରାଉରକେଲା ଅଫିସ, ୨୯।୯

ରାଉରକେଲାର ବରିଷ୍ଠ ଶ୍ରମିକ ନେତା ଏସ୍ .ୟୁ .ସି.ଆଇ. (କମ୍ୟୁନିଷ୍ଟ) ସୁନ୍ଦରଗଡ ଜିଲା କମିଟିର ବରିଷ୍ଠ ସଦସ୍ୟ ଶ୍ରମିକ ସଙ୍ଗଠନ ଅଲ ଇଣ୍ଡିଆ ୟୁ.ଟି.ସି. କେନ୍ଦ୍ରୀୟ କାଉନସିଲ ସଦସ୍ୟ ତଥା ରାଉରକେଲା ଇଞ୍ଜିନିୟରିଂ ୱାର୍କର୍ସ ୟୁନିୟନର ସାଧାରଣ ସମ୍ପାଦକ ଗିରିଜାନନ୍ଦ ତ୍ରିପାଠୀଙ୍କ ଗତ ୨୫ ତାରିଖ ଇସ୍ପାତ ଜେନେରାଲ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି । ତାଙ୍କ ମୃତଦେହକୁ ପ୍ରଥମେ ଦଳୀୟ ଓ ଯୁଗ୍ମ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟକୁ ନିଆଯାଇଥିଲା । ସେଠାରେ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଓ ରାଜନୈତିକ ଦଳର କର୍ମୀ ଓ ଆଇନଜୀବୀ ମରଶରୀରରେ ମାଲ୍ୟାର୍ପଣ କରିଥିଲେ। ଶେଷରେ ତାଙ୍କର ମର ଶରୀରକୁ ଶେଷ ଦର୍ଶନ ପାଇଁ ବାସଭବନକୁ ନିଆଯିବା ସହ ବେଦବ୍ୟାସ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଭଣଜା ଶାନ୍ତନୁ ମିଶ୍ର ମୁଖାଗ୍ନି ଦେଇଥିଲେ । ରାଉରକେଲା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ବିରେନ ସେନାପତି, ଶ୍ରମିକ ନେତା ଆଦିକନ୍ଦ ଭୋଳ, ନବୀନ ହୋତା , ନିରଞ୍ଜନ ରାଉତ ପ୍ରମୁଖଙ୍କ ସହ ବହୁ ବରିଷ୍ଠ ବ୍ୟକ୍ତି ଓ ଜନ ସାଧାରଣ ସ୍ୱର୍ଗତ ତ୍ରିପାଠୀଙ୍କ ଶେଷ ଦର୍ଶନ କରିଥିଲେ । ସ୍ୱର୍ଗତ ତ୍ରିପାଠୀଙ୍କ ମୃତ୍ୟୁରେ ସମଗ୍ର ରାଉରକେଲାରେ ଶୋକ ପ୍ରକାଶ ପାଇଛି।

# ରାଉରକେଲା ୱାର୍କର୍ସ ୟୁନିୟନର ବାର୍ଷିକ ସମ୍ମିଳନୀ

ରାଉରକେଲା ଅଫିସ,୨୯। ୯

୨୦ ପ୍ରତିଶତ ବାର୍ଷିକ ବୋନସ, ନୂତନ ମଜୁରି ଚୁକ୍ତିନାମା ଓ ସେଲ ପେନସନ ତୁରନ୍ତ ଲାଗୁ ନେଇ ରାଉରକେଲା ଇସ୍ପାତ କାରଖାନା ଶ୍ରମିକ ସଂଗଠନ ପାଇଁ କାର୍ଯ୍ୟରତ ୱାର୍କର୍ସ ୟୁନିୟନ ପକ୍ଷରୁ ବାର୍ଷିକ ସମ୍ମିଳନୀ ରବିବାର ସେକ୍ଟର –୧୭ ସମାଜ ମଙ୍ଗଳ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ୟୁନିୟନ ସାଧାରଣ ସଂପାଦକ ସତ୍ୟପ୍ରିୟ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ନେତା ଶଙ୍କର ଦାସଗୁପ୍ତ ପତାକା ଉତ୍ତୋଳନ କରିଥିଲେ। ବିଶ୍ୱ ଶ୍ରମିକ ଆନ୍ଦୋଳନରେ ପ୍ରାଣ ବଳି ଦେଇଥିବା ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମିତ ବେଦିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ସଂଗଠନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସମ୍ମିଳନୀରେ ମୁଖ୍ୟ ଚିଠା ପ୍ରସ୍ତାବକୁ ୟୁନିୟନ ଉପସାଧାରଣ ସଂପାଦକ ଅଜିତ ନାୟକ ପାଠ କରିଥିଲେ। ଏହି ଚିଠା ପ୍ରସ୍ତାବ ଉପରେ ଧୋବେଇ ବେହେରା, ବୀରେନ ନାୟକ, ସୁବାଶ ଦଣ୍ଡପାଟ, ଆଲୋକ ବେହେରା, ଶେଖ ଇସଲାମ ଓ ଗଣେଶ ବେହେରା ପ୍ରମୁଖ ଆଲୋଚନା କରିଥିଲେ। ୟୁନିୟନର କାର୍ଯ୍ୟ ସଂପାଦନ ପାଇଁ ସର୍ବ ସମ୍ମତି କ୍ରମେ ଏକ ନୂତନ କମିଟି ଘୋଷଣା କରାଯାଇ ଥିଲା। ଏଥିରେ ଶଙ୍କର ଦାସଗୁପ୍ତ ସଭାପତି ରହିଥିବା ବେଳେ ଅଜୟ ମହାନ୍ତିଙ୍କୁ କାର୍ଯ୍ୟକାରୀ ସଭାପତି, ଶ୍ରୀନିବାସ ସେଠୀ, ଅହିନ୍ଦ୍ର ମହାନ୍ତି, ମୁକୁନ୍ଦ ନାୟକଙ୍କୁ ଉପସଭାପତି ଭାବେ ଚୟନ କରାଯାଇଛି। ସାଧାରଣ ସଂପାଦକ ରୂପେ ସତ୍ୟପ୍ରିୟ ମହାନ୍ତିଙ୍କୁ ସର୍ବସମ୍ମତ ଭାବେ ଚୟନ କରାଯାଇଥିଲା। ସେହିଭଳି ଅଜିତ ନାୟକଙ୍କୁ ସହ ସାଧାରଣ ସଂପାଦକ, ଆଲୋକ ବେହେରାଙ୍କୁ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇ ଥିଲା। ଦିବାକର ପାଣିଗ୍ରାହୀ, ବୀରେନ ନାୟକ, ସୁବାଶ ଦଣ୍ଡପାଟ, ଶେଖ ଇସଲାମ, ଧୋବେଇ ବେହେରା, ଗଣେଶ ବେହେରା ଓ ସୂର୍ଯ୍ୟନାରାୟଣ ପଣ୍ଡାଙ୍କୁ ସଂପାଦକ ଦାୟିତ୍ୱ ପ୍ରଦାନ କରାଯାଇ ଥିଲା। ଏହି ଅବସରରେ ମଞ୍ଚାସୀନ ଅତିଥି ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ଦେଶ ଆଜି ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ଶ୍ରମ ଆଇନ ସଂଶୋଧନ କରି ସରକାର ଲୋକଙ୍କୁ ଧୋକା ଦେଇଛନ୍ତି। ଫିକ୍ସ ଟର୍ମ ଏମ୍ପଲୟମେଣ୍ଟ, ଆର୍ଲି ସେପାରେସନ, ସରକାରୀ ଉଦ୍ୟୋଗର ଘରୋଇକରଣ, ସିଆରଏସ ଭଳି ଶ୍ରମିକ ବିରୋଧୀ ପଦକ୍ଷେପ ନେଇ ଦେଶରେ ଅଶାନ୍ତି ସୃଷ୍ଟି ହୋଇଛି। ସରକାରଙ୍କ ଏଭଳି ଶ୍ରମିକ ବିରୋଧୀ ପଦକ୍ଷେପକୁ ଶଙ୍କର ଦାସଗୁପ୍ତ ତୀବ୍ର ସାମାଲୋଚନା କରିଥିଲେ। ଏଥିରେ ୟୁନିୟନ ପକ୍ଷରୁ ବହୁ ଶ୍ରମିକ ଉପସ୍ଥିତ ଥିଲେ।

# ବାସୁଦେବପୁର ଜନ କଲ୍ୟାଣ ପରିଷଦ ପକ୍ଷରୁ ଇରମ ଦିବସ

ରାଉରକେଲା ଅଫିସ,୨୯। ୯

ବାସୁଦେବପୁର ଜନ କଲ୍ୟାଣ ପରିଷଦ ପକ୍ଷରୁ ଇରମ ଦିବସ ପାଳନ କରାଯାଇଛି। ଛେଣ୍ଡ ହୃଷିକେଶ ରାୟ ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଡାକ୍ତର ରବୀନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ଡଃ ଲଲାଟେନ୍ଦୁ ଆଚାର୍ଯ୍ୟ, ମୁଖ୍ୟ ବକ୍ତା ଡଃ ଉମାକାନ୍ତ ପଣ୍ଡା, ଅନ୍ୟତମ ବକ୍ତା ଭାବେ ପ୍ରଫେସର ଭବେଶ ସାହୁ ଓ ପରିଷଦ ସାଧାରଣ ସଂପାଦକ ଲକ୍ଷ୍ମଣନାଥ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ରାଜକୁମାର ମହାନ୍ତି ଓ ଶରତ ଦାସ ମଞ୍ଚ ପରିଚାଳନା କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ସହ ଶହୀଦଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଥିଲା। ସାଧାରଣ ସଂପାଦକ




ବାସୁଦେବପୁର ଜନ କଲ୍ୟାଣ ପରିଷଦ ପକ୍ଷରୁ ଇରମ ଦିବସ ପାଳନ ଅବସରରେ ଅତିଥି।

ଦାସ ଅତିଥି ପରିଚୟ ପ୍ରଦାନ କରିବା ପରେ ଇରମ ଦିବସ ଉପରେ ମଞ୍ଚାସୀନ ଅତିଥି ଆଲୋକପାତ କରିଥିଲେ। ଆନ୍ଦୋଳନର ପୃଷ୍ଠଭୂମି ଓ ଏହାର ପରିଣତି ଉପରେ ଆଲୋଚନା କରି ସେଦିନର ଲୋମହର୍ଷଣକାରୀ ତଥା ବ୍ରିଟିଶ ପୋଲିସର ବର୍ବରୋଚିତ ଆକ୍ରମଣ କିପରି ଛାତି ଥରାଇ ଦେଇଥିଲା ସେନେଇ ବକ୍ତା ଆଲୋଚନା କରିଥିଲେ। ଏହି ଅବସରରେ ଅଧ୍ୟାପକ କମଳାକାନ୍ତ ଦାସଙ୍କ କବିତା ସଂକଳନ ବିଚିତ୍ରବର୍ଣ୍ଣା ଲୋକାର୍ପିତ ହୋଇଥିଲା। ଶେଷରେ ଉଦୟ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସନାତନ ପତି, ଉପେନ୍ଦ୍ର ଦାସ, ବିଶ୍ୱନାଥ ସାହୁ, ସୁବାଶ ମହାପାତ୍ର, ନିଶାକର ନାୟକ ଓ ବିଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦୦ ଶଯ୍ୟା ବିଶିଷ୍ଟ ହେବ ଇଏସ୍ଆଇସି ମେଡିକାଲ

ରାଉରକେଲା ଅଫିସ, ୨୯।୯

ଇଏସ୍ଆଇସି ମେଡ଼ିକାଲ କମିଶନର ଡ଼. ଆରେ କାଟେରିଆଙ୍କ ଶନିବାର ପୂର୍ବାହ୍ନରେ ରାଉରକେଲା ଗସ୍ତ ଅବସରରେ ହିନ୍ଦ ମଜଦୁର ସଭା ସହବନ୍ଧିତ ସୁନ୍ଦରଗଡ଼ ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭା ଓ ରାଉରକେଲା ମଜଦୁର ସଭାର କାର୍ଯ୍ୟକର୍ତା ଭେଟିଛନ୍ତି। ଇଏସ୍ଆଇସି ମଡ଼େଲ ହସ୍ପିଟାଲ ସମ୍ମିଳନୀ କକ୍ଷରେ ସାକ୍ଷାତ କରି ମଡ଼େଲ ହସ୍ପିଟାଲର ବିଭିନ୍ନ ସମସ୍ୟା ଓ ଏହି ହସ୍ପିଟାଲକୁ ୫୦ ଶଯ୍ୟା ପରିବର୍ତ୍ତେ ୩୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେସାଲିଟି କରିବା ପାଇଁ ସଙ୍ଗଠନ ତରଫରୁ ଦାବି କରାଯାଇଛି । ତେବେ ଡ. କାଟେରିଆ ଏହାକୁ ତୁରନ୍ତ ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପର୍ଯ୍ୟାୟକ୍ରମେ ଏହାକୁ ୨୦୦ ଶଯ୍ୟା କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ସେହିଭଳି ହସ୍ପିଟାଲରେ ରୋଗୀ ସେବାରେ ନିୟୋଜିତ ପାରାମେଡ଼ିକାଲ କର୍ମଚାରୀମାନେ ରୋଗୀ ଓ ଆଗନ୍ତୁକମାନଙ୍କୁ ଉତ୍ତମ ବ୍ୟବହାର କରିବା ଉପରେ ସଙ୍ଗଠନ ଦାବି ଉପସ୍ଥାପନ କରିଛି । ଅଲ୍ଟ୍ରାସାଉଣ୍ଡ ସିଷ୍ଟମ୍ ଓ ଡ଼ିଜିଟାଲ ଏକ୍ସରେ ଏବଂ ରକ୍ତ ନମୁନା ସଂଗ୍ରହ ଡାକ୍ତରଖାନାର ତଳ ମହଲାରେ କରାଯିବାର ଦାବି ଉପସ୍ଥାପନା କରାଯାଇଛି। ସ୍ତ୍ରୀ ଓ ପ୍ରସୂତି ବିଭାଗ, ଚର୍ମ ବିଭାଗରେ ଅଭିଜ୍ଞ ଡାକ୍ତରମାନଙ୍କୁ ତୁରନ୍ତ ନିଯୁକ୍ତି ଦେବା ଏବଂ ଡାକ୍ତରଖାନା ପରିସରରେ ଗାଡ଼ି ଏବଂ ସାଇକେଲ ଷ୍ଟାଣ୍ଡର ବ୍ୟବସ୍ଥା କରିବା ଆଦି ଦାବି ବିଷୟରେ ସଙ୍ଗଠନ ତରଫରୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଜାହାଙ୍ଗିର ଅଲ୍ଲୀ, ଶଶଧର ନାୟକ, ମହେଶ୍ୱର ମହାପାତ୍ର, ଜୁନାଥନ ଟିର୍କି, ସଞ୍ଜୀତ ମୁଖୀ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଉମେଶ ନାୟକ, ଏନ.ସି. ଗୁପ୍ତା ପ୍ରମୁଖ ଦିଗାମ୍ବର ମହାନ୍ତିଙ୍କ ନେତୃତ୍ୱରେ ଡ.କାଟେରିଆଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ।

■ ଇସ୍ପାତମନ୍ତ୍ରୀଙ୍କୁ ପୂର୍ବତନ ବିଧାୟକଙ୍କ ଦାବିପତ୍ର

# ମୁଖ୍ୟ ସହର ସହ ଦକ୍ଷିଣ ରାଉରକେଲାକୁ ଫ୍ଲାଏ ଓଭରରେ ଯୋଡ

ରାଉରକେଲା ଅଫିସ,୨୯।୯

କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୩ ଦିନିଆ ରାଉରକେଲା ଗସ୍ତ ଅବସରରେ ତାଙ୍କୁ ରାଉରକେଲା ହାଉସଠାରେ ଭେଟିଛନ୍ତି ପୂର୍ବତନ ବିଧାୟକ ରବି ଦେହୁରୀ। ତାଙ୍କ ସହ ବରିଷ୍ଠ ନେତା ରାମଚନ୍ଦ୍ର ପଣ୍ଡା, ଅନିରୁଦ୍ଧ ସ୍ୱାଇଁ, ରଂଜିତ ମହାନ୍ତି ଓ ମନୋରଂଜନ ବେହୁରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦେହୁରି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ ଯେ, ଲାଠିକଟା ସମେତ ସମଗ୍ର ଦକ୍ଷିଣ ରାଉରକେଲାର ୨ଲକ୍ଷ ଅଧିବାସୀଙ୍କ ନିମନ୍ତେ ଆରଏସପି କର୍ତ୍ତୃପକ୍ଷ ମୁଖ୍ୟ ସହରକୁ ଯାତାୟତ ନିମନ୍ତେ ଆଜି ପର୍ଯ୍ୟନ୍ତ ଏକ ସ୍ଥାୟୀ ବ୍ୟବସ୍ଥା କର ନାହାନ୍ତି। ଫଳରେ ଷ୍ଟିଲ ଟାଉନସିପ, ସିଭିଲ ଟାଉନସିପ ତଥା ରାଉରକେଲା ମୁଖ୍ୟ ମାର୍କେଟକୁ ଆସିବାରେ ଏମାନେ ହଇରାଣ ହେଉଛନ୍ତି। ଉଚ୍ଚ ଶିକ୍ଷା, ଡାକ୍ତରୀ ଚିକିତ୍ସା, ସରକାରୀ ତଥା ପ୍ରଶାସନିକ କାର୍ଯ୍ୟ, କୋର୍ଟ କଚେରି, ଚାକିରି ଓ ବ୍ୟବସାୟିକ କ୍ଷେତ୍ରକୁ ଯାତାୟତ କରୁଥିବା ଅଞ୍ଚଳବାସୀ ନାକେଦମ ହେଉଛନ୍ତି। ଯେଉଁ ଜରାଜୀର୍ଣ୍ଣ ଅସ୍ଥାୟୀ ରାସ୍ତା ରହିଛି ତାହା ଗ୍ରହଣୀୟ ନୁହେଁ। ଏଣୁ ତର୍କରା ପମ୍ପ ହାଉସ ନିକଟରୁ ହନୁମାନ ବାଟିକା ଯାଏ ଏକ ସ୍ଥାୟୀ ଏବଂ ପ୍ରଶସ୍ତ ରାସ୍ତା ନିର୍ମାଣ ସହ ଏହାକୁ ଆଲୋକିକରଣ କରାଯାଉ। ନତୁବା ଫ୍ଲାଇ ଓଭର ଯୋଗେ ଦକ୍ଷିଣ ରାଉରକେଲାବାସୀଙ୍କୁ ମୁଖ୍ୟ ସହରକୁ ଯାତାୟତ ସୁବିଧା କରାଯାଉ ବୋଲି ଦେହୁରି ମନ୍ତ୍ରୀଙ୍କୁ କହିଛନ୍ତି। ଏହା ଦ୍ୱାରା ୧୪୩ ନଂ ଜାତୀୟ ରାଜପଥ ଉପରୁ ଚାପ କମିବା ସହ ଦୁର୍ଘଟଣାକୁ ନିୟନ୍ତ୍ରିତ କରାଯାଇ ପାରିବ। କର୍ତ୍ତୃପକ୍ଷ ଚାହିଁଲେ ଫ୍ଲାଇଓଭର ସୁବିଧାରେ ଓ ଶିଘ୍ର ନିର୍ମାଣ କରାଯାଇ ପାରିବ। ଏହି ଅବସରରେ ଦେହୁରି ଇସ୍ପାତ ମନ୍ତ୍ରୀ ପ୍ରଧାନଙ୍କ ଧ୍ୟାନ ଆକର୍ଷଣ କରି ଆରଏସ୍ପିରେ ସ୍ଥାନୀୟ ଯୁବକଙ୍କ ନିଯୁକ୍ତି ନେଇ ପଦକ୍ଷେପ ନେବାକୁ ଦାବି କରିଥିଲେ। ପ୍ରତି କାମରେ ରାଜ୍ୟ ବାହାର ଯୁବକଙ୍କୁ ପ୍ରାଧାନ୍ୟ ଦିଆଯିବା ଏକ ଦୁଃଖଦାୟକ ଘଟଣା। ଏହା ଦ୍ୱାରା ଆଦିବାସୀ ବହୁଳ ସୁନ୍ଦରଗଡ ଜିଲାର ଶିକ୍ଷିତ ଯୁବ ଗୋଷ୍ଠି ତଥା ସ୍ଥାନୀୟ ବେକାରଙ୍କୁ ଅଣଦେଖା କରାଯାଉଛି ବୋଲି ଦେହୁରୀ ଅଭିଯୋଗ କରିଛନ୍ତି। ଏ ନେଇ ମନ୍ତ୍ରୀଙ୍କ ହସ୍ତକ୍ଷେପ ଜରୁରି ହୋଇ ପଡିଛି ବୋଲି ଦେହୁରି ବୁଝାଇବା ସହ ଏ ଦିଗରେ ସକାରାତ୍ମକ ପଦକ୍ଷେପ ନିଆଯିବ ବୋଲି ଆଶା ବ୍ୟକ୍ତ କରିଛନ୍ତି।

# ଆର୍‌ଏସ୍‌ପି ପାୟୋନିୟର ଗୁଣବତ୍ତା ମଣ୍ଡଳୀର ଉଲ୍ଲେଖନୀୟ ସଞ୍ଚୟ ହାସଲ

ରାଉରକେଲା ଅଫିସ, ୨୯।୯

ଇଲୋକ୍ଟ୍ରୋନିକସ ଆଣ୍ଡ ଇଲେକ୍ଟ୍ରିକାଲ ବିଭାଗର ପାୟୋନିୟମର ଗୁଣବତ୍ତା ମଣ୍ଡଳୀ ସେମାନଙ୍କର ଦୃଢ ନିଷ୍ଠା ଓ ସୃଜନଶୀଳ ପ୍ରୟାସ ମାଧ୍ୟମରେ କୋଲ୍ଡ ରୋଲିଂ ମିଲର ଅନଲାଇନ ଇଲେକ୍ଟ୍ରୋନିକ୍ସ ନିୟନ୍ତ୍ରିତ ସିମ ୱେଲ୍ଡିଂ ବ୍ୟବସ୍ଥା ନିମନ୍ତେ ସଫଳତା ସହକାରେ ଏକ ନୂତନ ଇଲୋକ୍ଟ୍ରୋନିକସ ସର୍କିଟର ଡିଜାଇନ କରିବା ସହିତ ଏହାର ବିକାଶ ସାଧନ କରିଛନ୍ତି । ଏହି ପ୍ରକଳ୍ପ ବିଭାଗରେ ଦସ୍ତା ପ୍ରଲେପିତ ସିଟ୍ ସେଲ୍ ଜ୍ୟୋତିର ଉତ୍ପାଦନ ଧାରାକୁ ଅନବରତ ରଖିବା ପାଇଁ ସହାୟତା ହୋଇଛି । ଏହି ଅନଲାଇନ ଇଲୋକ୍ଟ୍ରୋନିକସ ନିୟନ୍ତ୍ରିତ ସିମ୍ ୱେଲ୍ଡିଂ ବ୍ୟବସ୍ଥା ୧୯୬୫ରେ ଜର୍ମାନୀରେ ଟେଲର ୱେନଫିଲ୍ଡ କମ୍ପାନୀ ଦ୍ୱାରା ଯୋଗାଇ ଦିଆଯାଇଥିଲା। ଏହାର କାର୍ଯ୍ୟ ପ୍ରଣାଳୀ ଥରୋଟ୍ରନ ଏବଂ ଗ୍ୟାସଭଲ୍ଭ ସର୍କିଟ



ଟ୍ରଫି ସହ ଆର୍‌ଏସ୍‌ପିର ବିଜୟୀ କର୍ମଚାରୀ।

ଉପରେ ଆଧାରିତ ଥିଲା । ଏହି ବ୍ୟବସ୍ଥା ଅତ୍ୟନ୍ତ ପୁରୁଣା ଓ ଲୁପ୍ତ ପ୍ରାୟ ରହିଥିଲା ଏବଂ ଯୋଗାଣ କମ୍ପାନୀ ମଧ୍ୟ ଏହାର ମରାମତି ପାଇଁ ଅକ୍ଷମତା ପ୍ରକାଶ କରି ଥିଲା । ନୂତନ ଉପକରଣ ମଧ୍ୟ ଅତ୍ୟନ୍ତ ବ୍ୟୟ ସାପେକ୍ଷ ଥିଲା । ଏହି ସମସ୍ତ ପ୍ରତିବନ୍ଧକକୁ ଦୃଷ୍ଟିରେ ରଖି ଇ ଆଣ୍ଡ ଇଏସ୍ ବିଭାଗର ସିନିୟର ଟେକ୍ନିସିଆନ ପି.କେ ରାଜ, ଏନ.ବେହେରା, ଏସ.ମିଶ୍ର, ଡି.ପି. ଦାସ ଏବଂ ଏନ.ମାଝୀଙ୍କୁ ନେଇ ଗଠିତ ଉକ୍ତ ଉଦ୍ୟୋଗି ଗୁଣବତ୍ତା ମଣ୍ଡଳୀ ମନ୍ତୋପକରଣ ନବୀକରଣର ଆହ୍ୱାନ ମୂଳକ କାର୍ଯ୍ୟଭାର ଗ୍ରହଣ କରି ଶେଷରେ ସଫଳ ହୋଇଥିଲେ । ଏହି ପ୍ରୟାସର ଫଳ ସ୍ୱରୂପ କମ୍ପାନୀର ଏକକାଳୀନ ୧.୨କୋଟି ଟଙ୍କା ଏବଂ ପୁନଃ ମୌଳିକ ରୂପେ ବାର୍ଷିକ ୬୩ ଲକ୍ଷ ଟଙ୍କା ସଞ୍ଚୟ ସମ୍ଭବପର ହୋଇପାରିଛି । ଏହି ଗୁଣବତ୍ତା ମଣ୍ଡଳୀ କ୍ୟୁସି ଏଫ୍ ଆଇ ଦ୍ୱାରା ନିକଟରେ ଅନୁଷ୍ଠିତ ୨୭ତମ ଚାପ୍ଟର କନଭେନ୍ସନ ଅନ କ୍ୱାଲିଟି କନ ସେପ୍ଟରେ ଏହି ପ୍ରକଳ୍ପ ଉପସ୍ଥାପନ କରି ଟାଟା ଷ୍ଟିଲ ସହିତ ଯୁଗ୍ମ ରୂପେ ସମ୍ମାନଜନକ କେ.କେ. ଦାସ ସ୍ମାରକୀ ଟ୍ରଫି ହାସଲ କରି ଆର୍‌ଏସ୍‌ପିର ଗୌରବ ବଢାଇଛନ୍ତି।